ଷଷ୍ଠସତୀ ଓ ଅନ୍ୟମାନେ

ଗୌରାଙ୍ଗ ଚରଣ ଦାଶ

Digitized by PPRACHIN, SOA

ଷଷ୍ଠସତୀ ଓ ଅନ୍ୟମାନେ

ଗୌରାଙ୍ଗ ଚରଣ ଦାଶ

Digitized by PPRACHIN, SOA

ଷଷ୍ଠସତୀ ଓ ଅନ୍ୟମାନେ

[କଥାକୃତି]

ଲେଖକ :
. ଗୌରାଙ୍ଗ ଚରଣ ଦାଶ

ପ୍ରକାଶକ :

କଲ୍ୟାଣୀନଗର, କଟକ-୧୩

ମୁଦ୍ରଣ :
ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀନଗର, କଟକ-୧୩

ମୂଲ୍ୟ : ଟ. ୧୦୦/-

ପ୍ରଥମ ସଂସ୍କରଣ : ୨୦୧୧

SASTHASATI O ANYAMANE

[a collection of stories]

Author :
Gouranga Charan Das

Publisher :

KAHANI

Kalyani Nagar, Cuttack-13

Printed at **Techno Arts Offset**, Kalyani Nagar, Cuttack-13

Price : Rs. 100/-

First Edition : **2011**

Digitized by PPRACHIN, SOA

ଉତ୍ସର୍ଗ

ସତୀ, ଅର୍ଦ୍ଧସତୀ, ଅସତୀମାନଙ୍କୁ
ସମର୍ପିତ ।

Digitized by PPRACHIN, SOA

Digitized by PPRACHIN, SOA

ଚରିତ୍ରମାନଙ୍କ ସଂପର୍କରେ

ଏହି ବହିର ପୃଷ୍ଠାଗୁଡ଼ିକରେ ମୁଁ ଯେଉଁମାନଙ୍କର ଛବି ଅକ୍ଷରରେ ଆଂକିଛି, ସେମାନଂକୁ କୋଉଠି ନା କୋଉଠି ଆଦୌ ଦେଖିନାହିଁ ବୋଲି କହିଲେ, ଅବଶ୍ୟ ନିଜ ସହ ପ୍ରତାରଣା କରିବି । ଦେଖିଛି କହିଲେ, ନିଜ ସହ ଓ ଅନ୍ୟ ସଂପୃକ୍ତମାନଂକ ସହ ପ୍ରତାରଣା କରିନାହିଁ ବୋଲି ମଧ କହିପାରିବି ନାହିଁ । ସେମାନେ ଏମିତି ଯେ, ଦୁଶନ୍ତି, ମାତ୍ର ଦେଖିହୁଏ ନାହିଁ; ସେମାନଂକ ଅନ୍ତରର କଥା ଶୁଭେ, ବୁଝିଲାବୁଝିଲା ପରି ଲାଗେ, ମାତ୍ର ବୁଝିହୁଏ ନାହିଁ; ସେମାନଂକ ଚେତନା ସହ ମଞ୍ଜିଯାଇହୁଏ, ମାତ୍ର ମୁହୂର୍ତ୍ତକର ଅନୁଭବକୁ ବି ଧରିରଖିହୁଏନାହିଁ । ସବୁବେଳେ ସବୁକିଛି ନୂଆନୂଆ, ଅସ୍ଥିର ଅଥଚ ଚମକପ୍ରଦ । ତେଣୁ ପରିପୂର୍ଣ୍ଣ ରୂପରେ ସେମାନଂକୁ ମୁଁ ଆଂକିପାରିଛି ବୋଲି କୋଉ ସାହସ ଓ ସମ୍ମାନରେ ଘୋଷଣା କରିପାରିବି ?

ଯଦି ମତେ କେହି ପଚାରେ, ସେମାନଂକ ଭିତରେ ଏମିତି କି ବିଶ୍ୱରୂପ ବିଭବ ଅଛି ଯେ, ଯାହା ଅନ୍ୟମାନଂକୁ ସଦା ସମାହିତ କରିରଖିଥାଏ ? ସଂକ୍ଷେପରେ କେବଳ ଏତିକି କହିବି; କିଛିନାହିଁ, ମାତ୍ର ସବୁ ଅଛି । ସେମାନଂକ ପାଖରୁ ଇଚ୍ଛାମୁତାବକ କ'ଣ ସବୁକିଛି ମିଳିଯାଏ ଏବଂ ପ୍ରତିଦାନରେ, ସେମାନଂକ ଭିତରେ ନିଜକୁ କ'ଣ ସମର୍ପଣ କରିଦେଇହୁଏ – ଏହି ପ୍ରଶ୍ନର ଉତ୍ତର ମଧ ସଂଶୟାତ୍ମକ । ବିରୋଧାଭାସ । ଏହା ଏମିତି ଏକ ସଂପର୍କ, ଯାହା ନିଃସର୍ତ୍ତ ଭିତ୍ତିଭୂମି ଉପରେ କ୍ରିୟାଶୀଳ, ତେଣୁ ବିପଦ୍‌ଜନକ ଅଥଚ ପ୍ରୀତିପ୍ରଦ ।

ସେହି ନ୍ୟାୟରେ ମୋର ସ୍ୱୀକାର କରିବାକୁ ଆଦୌ କୁଂଠା ନାହିଁ ଯେ, ସଂକଳନର ପ୍ରତ୍ୟେକ ଶବ୍ଦଚିତ୍ର ବର୍ଣ୍ଣନା, ଘଟଣ, ତର୍କଣା, ରବୀନ୍ଦ୍ରନାଥଂକ କବିତାର ଭାବନାରେ କହିଲେ, ଅର୍ଦ୍ଧେକ କଳ୍ପନା ଆଉ ଅର୍ଦ୍ଧେକ ବାସ୍ତବ ଏବଂ ଏହି ଅଧାଅଧା ଅଭିବ୍ୟକ୍ତି ହିଁ ସବୁକାଳରେ ତୀକ୍ଷ୍ଣ ଅସୀଧାରରେ ବାଟଚାଲିବା ଅଥବା ପବନକୁ ଫାନ୍ଦରେ ବାନ୍ଧିବା ପରି ଅନୁଭବ ।

ଏହି ଆତ୍ମଘାତୀ ଅନୁଭବ ଓ ବିଚାରର ଉଦ୍‌ଭାସନ କାଳରେ ମୁଁ କମ୍ ଅସହାୟତାକୁ ଆତ୍ମସ୍ଥ କରିନି । ଜଣେ ଛଳ ପ୍ରତୀକ ହେବାର ଭାଗ୍ୟକୁ ସ୍ୱୀକାର କରିଛି । ଏହା ମରଣାତ୍ମକ ଯଂତ୍ରଣାର ଭାବରୂପ । ତେଣୁ ମତେ ଯଦି ପଚରାଯାଏ, ଅନୁଭବ ଓ କଳ୍ପନାର ଏଇ କଳାତ୍ମକ ଜୀବନ୍ତମାନଙ୍କର ଚିତ୍ରାୟନ ସେମାନଂକ ଅସ୍ତିତ୍ୱପ୍ରତି ପ୍ରତାରଣା,

Digitized by PPRACHIN, SOA

ବିଶ୍ୱାସଘାତକତା ନୁହେଁ ତ ? ମୁଁ ଅଳ୍ପରେ ଏତିକି କହିବି ଯେ, ଆଉ କାହା ସହିତ ପ୍ରତାରଣା କରିବା ପୂର୍ବରୁ ମୁଁ ନିଜ ସହ ଶଠତା ଆଚରଣ କରିଛି, ଖେଳିଛି । ନିଜ ମୃତ୍ୟୁକୁ ବରଣ କରିଛି । ଅନ୍ୟମାନଂକୁ ମୃତ୍ୟୁଦଣ୍ଡରେ ଅଭିଷିକ୍ତ କରିବାର ବିଡମ୍ୱନାକୁ ଆଦୌ କିଂତୁ ଜ୍ଞାନ କରି ନାହିଁ । ଏହା ନିରୁତା ସ୍ୱାର୍ଥପରତା ବ୍ୟତୀତ ଆଉ କଣ ବା ହୋଇପାରେ !

ମୁଁ ଏଠାରେ କେବଳ ଏତିକି କହିପାରେ, ଗଳ୍ପନାୟକ ଦେବଦାଶ, ନିଜକୁ ନିଜର କରିପାରିନଥିବା ଏକ ବ୍ୟକ୍ତିସତ୍ତା । ତେଣୁ ଅନ୍ୟକୁ / ମାନଂକୁ ନିଜର କରିବା କ'ଣ ତା ପକ୍ଷରେ ସମ୍ଭବ ?

ସେ ଜଣେ ନିର୍ବୋଧଯାତ୍ରୀ । ଯାତ୍ରୀ ନା ନିଜର, ନା ଆଉ କାହା ଇଚ୍ଛା ଓ ସାମ୍ରାଜ୍ୟର । ଆପଣା ବିନାଶ ଇତିହାସର ସ୍ରଷ୍ଟା ଓ ଦ୍ରଷ୍ଟା ।

ତେଣୁ ଏହି ସକଳଂକୁ, ମୋତେ ଆପଣା ଜରାୟୁରେ ବୈକଲ୍ୟ ଓ କୈବଲ୍ୟ ମଂତ୍ରରେ ଉଚ୍ଚାଟିତ କରୁଥିବା ବୋଉଠାରୁ ଆରମ୍ଭକରି ସୁଖଦା, ସୁତପା ଓ ପୋଡ଼ାମୁହାଁମାନଂକୁ ପ୍ରଣାମ ଜଣାଉଛି । ପ୍ରତ୍ୟେକ ସେପାଇଁ ଏକ ଏକ ତୀର୍ଥ - ପବିତ୍ର, ସ୍ୱତଂତ୍ର ଓ ଅମୃତ ।

Digitized by PPRACHIN, SOA

ସୂଚୀପତ୍ର

ଷଷ୍ଠସତୀ	୯
ସୁଖଦା	୨୭
ଦୂତୀ ମାଉସୀ	୩୭
ଜେମିନାନୀ	୪୮
ପାହାଡ଼ଚଢ଼ା	୬୧
ବୋଉ	୭୨
ଛାଡ଼ପତ୍ର	୯୦
ଶୋଷ	୧୦୧
ଅମୁଅପା	୧୦୯
ପୋଡ଼ାମୁହାଁ	୧୨୧

Digitized by PPRACHIN, SOA

Digitized by PPRACHIN, SOA

ଷଷ୍ଠସତୀ

ଥରେ କଥା ପ୍ରସଙ୍ଗରେ ସେ ମୋ ପାଖକୁ ଲେଖିଥିଲେ, "ଦେବ, ତମ ଫୁଙ୍ଗୁଳା ଦେହ ଓ ମନପାଇଁ ସବୁଠାରୁ ଆପଦମୁକ୍ତ ଆୟତନ ତମ ଘର । ଏଇଥିପାଇଁ ତ ଆମେ ଘରକୁ କହୁ ଧରାରେ ସରଗ, ଅପୂର୍ଣ୍ଣ, କଳଙ୍କର କୁଡ଼ିଆ । ତମକୁ ମୋ ରାଣ, ମୋ କଳଙ୍କ କୁଡ଼ିଆକୁ ଆସିବ – ତାକୁ ପୂର୍ଣ୍ଣ କରିବାଲାଗି । ଦେଖ, ଏକା ଏକା ଆସିବନି । ତମ ସଖୀ କଣ୍ଢେଇକୁ ସାଙ୍ଗରେ ଆଣିବ । ଆସିବ ନା ?"

ମୁଁ ଯେ ସତରେ ତାଙ୍କ ଅକଳନ୍ତି ଶ୍ରଦ୍ଧାର ଅନୁବନ୍ଧ – ଏକଥା ସେ ସହଜରେ ପରତେ ଯାଉ ନଥିଲେ । ତାଙ୍କ ଧାରଣାରେ ମୁଁ ଥିଲି - ଜଣେ ସନ୍ନ୍ୟାସୀ, ସଂସାର ବାନ୍ଧିଥିବା ସନ୍ନ୍ୟାସୀ । ସତୀ ନାମକ ଜଣେ ସମର୍ପିତାର ପତି । ପଣ୍ଡିତ, ନୀତିବନ୍ତ, ଗବେଷକ, ସ୍ପଷ୍ଟବାକ୍, ବାଗ୍ମୀ – ଏମିତି ଅନେକ ବିଶେଷ ବିଶେଷଣର ଅଧିକାରୀ । ଯିଏ ନିଜେ ପୂର୍ଣ୍ଣ, ସେ କେବେ କ'ଣ ଆଉ କାହାର ଅପୂର୍ଣ୍ଣତାକୁ ଆପଣେଇ ନେଇପାରେ !

ମାତ୍ର ସେ ଜାଣି ନଥିଲେ– ଅନ୍ୟମାନଙ୍କ ଆଖିରେ ଏମିତି ଏକ ବିଚିତ୍ର ପରିଚୟରେ ବଞ୍ଚୁଥିବା ଦେବଦାଶ ନାମକ ମଣିଷକୁ ଯଦି ତା ନିଜ ପରିଚୟ ବିଷୟରେ କିଛି ନିର୍ମୋହ ଭାବରେ କହିବାକୁ ଅନୁରୋଧ କରାଯାଏ, ସେ ଅନ୍ୟମାନଙ୍କ ଧାରଣାକୁ ତୁଚ୍ଛା ମିଛ ବୋଲି ଘୋଷଣା କରିବ ଏବଂ କହିବ – "ସାଧାରଣ ହୋଇପାରୁ ନଥିବାର ଅସାମର୍ଥ୍ୟ ମୋତେ ଅଚଳ କରି ଦେଇଛି, ଜୀବନ ବିମୁଖ କରିଛି । ମୁଁ ମୁକ୍ତି ଖୋଜୁଛି, ମୁକ୍ତି । ମଣିଷ ହେବାପାଇଁ ସାଧନା କରୁଛି ।" ସେ କହିବ ଏବଂ କହୁ କହୁ କାନ୍ଦି ପକାଇବ ।

ମଣିଷ ହେବାର ମାନସିକତାରେ ନିଜ ଭିତରେ ଧନ୍ଦି ହେଉଥିବା ବେଳେ, ସେ ସମ୍ଭବତଃ ଦେବଦାଶକୁ ପଢ଼ିପାରିଥିଲେ । ତା ଅହଂର ବିମୁକ୍ତୀକରଣପାଇଁ ପ୍ରତିଜ୍ଞା କରିଥିଲେ । ରାଣଖାଇ ଲେଖିଥିଲେ – ତମେ ଆସିବ, ଅପେକ୍ଷା କରିଛି ।"

ଏବଂ ତାଙ୍କ ଆନ୍ତରିକ ରାଣ ଓ ସଂଶୟକୁ ସମ୍ମାନ ଜଣେଇ ମୁଁ ତାଙ୍କ ଘରକୁ ବାହାରି ପଡ଼ିଥିଲି । ହେଲେ ସାଥୀରେ ତାଙ୍କ ସ୍ନେହର ସତୀ କଣ୍ଢେଇକୁ ନେଇ ନ ଥିଲି । ବାହାରିଥିଲି ଏକା ଏକା ।

Digitized by PPRACHIN, SOA

ମୁହଁ ଅନ୍ଧାରରେ ଘରୁ ବାହାରଲା ବେଳେ ସତୀ ଅନେକ ବାଟ ପର୍ଯ୍ୟନ୍ତ ମୋତେ ବଳେଇ ଦେବାକୁ ଆସିଥିଲା - ଆଲୁରୀଙ୍କ ପରି । ସବୁବେଳେ ସେ ଏମିତି ଆସିଥାଏ । ବାହାରେ ପାଦ ରଖିଲା ବେଳେ ନିଜକୁ ଘର ଭିତରେ ଯେ ଲୁଚେଇ ଦେଇ ଆସିବାକୁ ପଡ଼େ, ଏପରି ଦର୍ଶନକୁ ସେ ସ୍ୱୀକାର କରିପାରେନି । ସେ ମୋ ପାଦରେ ପାଦ ମିଳେଇ ଚାଲୁଥାଏ । ଏବଂ ମୁଁ ଫେରି ଯିବାକୁ ବାଧ୍ୟ ନ କଲା ପର୍ଯ୍ୟନ୍ତ ମୋ ଛାଇ ତା ଆଖି ଆଗରୁ ନିଭିଯିବା ପରେ ସେ ନେଉଟେ ତା ବାଟରେ ।

ସବୁଥର ପରି କହିଲି – ଏଥର ଯାଅ, ଫରଚା ହେଲାଣି ।

ସେ ଗୁମ୍‌ଖାଇ କହିଲା – ଯିବି ଯେ, ତମେ କିନ୍ତୁ ଶୀଘ୍ର ଫେରିବ । କଥା ଅଛି ।

କଥା ଅଛି ? କଉନ । – ତା ପାଖକୁ ଟିକିଏ ଲାଗିଆସି ପଚାରିଲି ।

ଚାରି ଆଡ଼କୁ କାତର ଆଖିରେ ଅନିଷାକରି ସେ କହିଲା – ଘର କଥା, ଏଠି ନୁହେଁ । ଫେରିଲେ । ମୁଁ ତମକୁ ଜାଣିଚି ଯେ ।

ତା ବୟସ୍କ ମୁହଁରେ ଚହଟି ଉଠୁଥିବା ଅନୁରାଗର ଆଭା ମତେ ଅନ୍ୟମନସ୍କ କରିଦେଲା । କେବଳ ତାକୁ, ତାକୁ ଇ ଶୁଭିଲା ପରି ସ୍ୱରରେ କହିଲି - "କର କ୍ଷମାରେ" ।

ମାତ୍ର ମୋ କଥା ଶୁଣି ନ ପାରିଥିବା ପରି ସେ ପୁଣି କହିଲା - "ଶୀଘ୍ର ଆସିବ । କେଜାଣି କାଇଁକି ଭଲଲାଗୁନି ।"

ଏବଂ, ଠିଆ ହୋଇ ଯାଇଥିଲା ଅଚଳ ପରି । ସେ କ'ଣ ଜାଣିଥିଲା ଯେ, ମତେ ଆଉ ଜଣେ କିଏ ଅପେକ୍ଷା କରିଛି ସେପାଖରେ ! ଆଖିର ଅପହଞ୍ଚ ଦୂରତାରେ । ଯିଏ କହୁଥିଲା – ଦେବ, ଶୀଘ୍ର ଆସିବ । ସକାଳୁ ସକାଳୁ । ତମକୁ କାଇଁ କେତେ ଦିନରୁ ଆଖିପୂରେଇ ଦେଖିବାକୁ ଇଚ୍ଛା । ମତେ ଦେଖି ତମେ କ'ଣ ଭାବିବ କେଜାଣି ? ଏକଥା ଭାବିଲା ବେଳକୁ ନାଜ ଲାଗୁଛି । ହେଲେ, ଆବେଗକୁ ଲଗାମ ଦେଇହେଉନି । ବିଶ୍ୱାସ କରିପାରୁନି, ତମେ ଆସୁଚ ବୋଲି । ତମେ କହିଲ - ତମ ପାଖରେ ସବୁଥିବ । ଥିବ ଏକ ପରିପୂର୍ଣ୍ଣ ସଂସାର । ସ୍ୱାମୀ, ପୁଅ, ଝିଅ, ଧନ, ଜନ, ଗୋପଲକ୍ଷ୍ମୀ, ପ୍ରତିପତ୍ତି । ଅଥଚ କୋଉଠି କିଛି କ'ଣ ହଜିଯାଇଥିବା ପରି ଅନୁଭବ କରୁଥିବ । ନିଜ ଭିତରେ ଗୁଣୁଗୁଣୁ ହୋଇ ଗରଜୁଥିବ । ଅଭାବପଣର ମଞ୍ଜି କୋଉଠି ଅଛି ଠାବ କରିପାରୁ ନଥିବ । ତାହା କ'ଣ କମ୍ ଯନ୍ତ୍ରଣାଦାୟକ ! ଶୀଘ୍ର ଆସିବ । କେତେ କଥା କହିବାର ଅଛି, ଯାହା ଏଯାବତ୍ କାହାକୁ କହିପାରିନି ! କେତେ କଥା ଦେବି, ଯାହା ଏ ଯାବତ୍ କାହାକୁ ଦେଇନି । ତମେ ସବୁକିଛିକୁ ଗ୍ରହଣ କରିପାରିବ ତ ? କେଜାଣି, କିଏ ଜାଣେ ?

ଜଣେ ପାଖରେ ଠିଆ ହୋଇ କହୁଥିଲା – ଶୀଘ୍ର ଫେରିଆସିବ, ବେଶି ରାତି କରିବନି ।

Digitized by PPRACHIN, SOA

ଅପରିଚିତା ଜଣେ ଦୂରରେ ଠିଆହୋଇ କହୁଥିଲା – ଅପେକ୍ଷା କରିଚି, ଶୀଘ୍ର ଆସିବ, ସକାଳୁ ସକାଳୁ ।

ଦୁଇ ପାଖରେ ଅପେକ୍ଷାର ଦୁଇଟି ନିରାପଦ ଆୟତନ, ଆହ୍ୱାନ । ମଝିରେ ଚଳମାନ ଦେବଦାଶ । କେହି ତାକୁ ଦେଖିପାରୁ ନଥାନ୍ତି, ଶୁଣିପାରୁ ନଥାନ୍ତି । ଅନବରତ ଘାରି ହେଉଥା'ନ୍ତି ଅପେକ୍ଷାର ଯନ୍ତ୍ରଣାରେ ଏବଂ ସେ ସେମାନଙ୍କ ମଝିରେ ଚାଲୁଥାଏ – ଏକା, ଏକା । ଏକା, ଏକା ।

ଚାଲିଲାବେଳେ ଅନେକ ସମୟରେ ମୁଁ ନିଜ ଛାଇକୁ ଚାହେଁ । ନିଜ ଛାଇକୁ ଚିହ୍ନିବାକୁ ଚେଷ୍ଟାକରେ । ଛାଇର ଛଟକ ଭିତରେ ମିଶି ଯିବାକୁ ମନ ଡାକେ । ମାତ୍ର ପାରେନି । ଭାବେ, ଏଠି ସତରେ କେହି ଜଣେ ନିଜକୁ ଦେଖିପାରେ ? ଆପଣା ରୂପ ଓ ଅନୁଭବର ଗଣ୍ଠିରୀ ବୋହି କେବଳ ଚାଲୁଥାଏ ଏବଂ ଚାଲୁଥାଏ ।

କୋଉ ସୁଖର ସନ୍ଧାନରେ ସେ ଚାଲୁଥାଏ କେଜାଣି ?

ଚାଲୁ ଚାଲୁ କୋଉଠି ଟିକିଏ ଅଟକିଯାଏ । ଥକ୍କା ମାରି ଦଣ୍ଡେ ଠିଆହୁଏ । କ୍ଳାନ୍ତି ଧୁଏ । ପୁଣି ଚାଲେ – ନିରାପଦ ଆୟତନଟିଏ ଖୋଜିଖୋଜି ।

ଆୟତନଟି ଆଉ କ'ଣ କି ? ନିଜକୁ ମୁକୁଳା କରିବା, ନିଜ ସହ ମନଭରି ଖେଳିବାର ଏକ ନିରାପଦ ଆଳୟ – ଘର ନା ?

ତାଙ୍କ ଚିଠି ପାଇଲା ପରେ, "ହଁ ତମ କଥା ରଖିବି" - ଏଇ ଅଳ୍ପ କେତୋଟି ଶବ୍ଦରେ ଉତ୍ତର ଲେଖି ପଠେଇଥିଲି । କଥା ମୁତାବକ ଆଜି ବଡ଼ି ଭୋରୁ ଘରୁ ବାହାରି ଆସିଲି । ହେଲେ ଏତେ ଶୀଘ୍ର ତାଙ୍କ ନିରାପଦ ଆୟତନରେ ପହଁଚିବାକୁ ଜମାରୁ ଇଚ୍ଛା ହେଲାନି । ମୁଁ ତ ଆଉ କାହା ଇଚ୍ଛାର ଗୋଲାମ ନୁହେଁ ଯେ, ତାଙ୍କ ଆଙ୍ଗୁଳି ଅଗରେ ଥେଇଥେଇ ନାଚିବି । ବସ୍‌ଷ୍ଟାଣ୍ଡରେ ପହଞ୍ଚି, ଚବିଶ ଘଣ୍ଟା ଖୋଲା ରହୁଥିବା ଚିହ୍ନା ଚା' ଦୋକାନରେ ଆଟାଚି ରଖିଦେଲି । ବନ୍ଧୁମାନଙ୍କ ଘରେ ଦିନ ଦୁଇ ପହର ପର୍ଯ୍ୟନ୍ତ ଗହଳି କରିଥିଲି । ଉପରବେଳା ବସ୍ ଧରି ପ୍ରାୟ ଦୁଇଶହ କିଲୋମିଟର ଦୂରତା ଥିବା ତାଙ୍କ ନିଜ ସହର କମଳପୁର ବାହାରି ପଡ଼ିଥିଲି ।

ଏବଂ, ପହଞ୍ଚିଥିଲି ଉତ୍ତୀର୍ଣ୍ଣ ସଞ୍ଜରେ ।

ତାଙ୍କ ସହର କମଳପୁର ସହିତ ମୋର ସମ୍ପର୍କ ବହୁବର୍ଷର । ଏହାକୁ ସହର କହିବା ନିରାପଦ ନୁହେଁ । କେତୋଟି ଛୋଟ ବଡ଼ ଗାଁର ସମାହାର । ମାତ୍ର ତାଙ୍କ ଘର ଠିକଣାରେ କୌଣସି ଗାଁର ଠିକଣା ଲେଖା ନ ଥିଲା । ଲେଖାଥିଲା – ମୁକ୍ତିନଗର । ରିକ୍ସାରେ ମୁକ୍ତିନଗର ଛକ ପର୍ଯ୍ୟନ୍ତ ଆସିଲି । ତାଙ୍କ ଘର ଖୋଜିଲି ।

ବୟସ୍କା ସନ୍ଧ୍ୟା । କ୍ଳାନ୍ତ ସହର । ବହଳ ଅନ୍ଧାର । ଅନ୍ଧାର ଭିତରେ, ସକାଳ ପହରୁ ଘର ଛାଡ଼ିଥିବା ଏବଂ ଆଉ ଜଣଙ୍କ ଘର ଖୋଜୁଥିବା ଅଭୁକ୍ତ ଦେବଦାଶ । ବହଳ ଅନ୍ଧାର ଜଣେ ଅପରିଚିତକୁ କ'ଣ ଏତେ ସହଜରେ ଗ୍ରହଣ କରିପାରେ ? ମୁଁ ହାରିଯାଉଥିଲି ଏବଂ ଏକ ଅସ୍ୱାଭାବିକ ପୁଲକରେ କ୍ରମଶଃ ତରଳି ଯାଉଥିଲା ମୋର

Digitized by PPRACHIN, SOA

ପ୍ରିୟତମ ସତ୍ତା । ସିଦ୍ଧାନ୍ତ ନେଲି, ଆଜି ରାତିକୁ କୋଉଁ ଲଜିଂରେ ଖର୍ଚ୍ଚକରି କାଲି ସକାଳେ ଘାଟ ଖୋଜିବି । ଲଜିଂ କିନ୍ତୁ ପାଖରେ ନ ଥିଲା । ଥିଲା ପ୍ରାୟ ଦୁଇ କିଲୋମିଟର ଦୂରରେ ଛାଡ଼ିଆସିଥିବା ବସ୍‌ଷ୍ଟାଣ୍ଡ୍ ପାଖ, ବଡ଼ବଜାର ଗଳିରେ ।

ବସ୍‌ଷ୍ଟାଣ୍ଡ ଯିବାପାଇଁ ନଗର ଶେଷଗଳିର ମୋଡ଼ ବୁଲିଲାବେଳେ ଏକ ଘର ସାମ୍ନାରେ ଚହଲୁଥିବା ଛାଇଟିଏ ଆଡ଼କୁ ଟାଣି ହୋଇଗଲି ଆପେ ଆପେ । ସମ୍ଭବତଃ ସେ କାହାକୁ ଅପେକ୍ଷା କରୁଥିଲେ । ମୋ ପରି ପତଙ୍ଗପାଇଁ ସେ ଏକ ଛାଇ ନ ଥିଲା – ଥିଲା ଆଲୋକର ରେଖା । ଏବଂ, ତାହା ଇ ଥିଲା ମୋ ଘର ଖୋଜାର ଶେଷ ପ୍ରୟାସ ।

ମୁଁ ଯୋଉ ଘର ପାଖରେ ପହଞ୍ଚିଲି – ଅନ୍ଧାର ଭିତରେ ସେ ଦିଶୁଥିଲା ଏମିତି – ଏକତାଲା କୋଠା । ନୂଆ ତିଆରି। ଆଗରେ ବତାର ଠିକିରିପକା କମକରା ବାଡ଼ । ବାଡ଼ ଭିତରେ କୁନି କୁନି ଗଛ । ସାମ୍ନରେ ପକ୍‌କା ଚଉରା ଓ ଚଉତରା । ଏବଂ ପାଖରେ –

ବାଉଁଶ ତିଆରି ଫାଟକ ପାଖରେ ମୁଁ ଦଣ୍ଡେ ଠିଆହେଲି । କିଛି କହିବା ପୂର୍ବରୁ ଛାଇଟି ଚାଲିଆସିଥିଲା ମୋ ପାଖକୁ – କୋଉ ଏକ ଚୁମ୍ବକୀୟ ଆବେଗରେ ।

ଅନହୁତି ମୋ ତୁଣ୍ଡରୁ ବାହାରି ଆସିଲା - ଆପଣ ପୂର୍ଣ୍ଣତମା ତ୍ରିପାଠୀ ନା ? ନା ନା, କ୍ଷମା କରିବେ, ଆପଣ ପୂର୍ଣ୍ଣତମା ତ୍ରିପାଠୀଙ୍କୁ ଜାଣିଛନ୍ତି ? ତାଙ୍କ ଘର ଏଇଠି କୋଉଠି । ତାଙ୍କ ସ୍ୱାମୀଙ୍କ ନାଁ ବୋଧହୁଏ ହୃଷୀକେଶ ତ୍ରିପାଠୀ । ପ୍ରାୟ ଘଣ୍ଟେ ଦେଢ଼ ଘଣ୍ଟା ହେଲା ଖୋଜୁଚି, ଏପଟ, ସେପଟ ହେଉଚି । ପାଉନି । ଏଥର ଫେରିଯିବି । ଏଇଟା ମୁକ୍ତିନଗର ନା ? ଆଗରୁ ଯା. ନାଁ କ'ଣ ଥିଲା ମନେପଡୁନି । ଲୋକେ ନାଁ ବଦଳାନ୍ତି କ'ଣପାଇଁ କେଜାଣି ? ଛି । ଛାଡ଼ନ୍ତୁ, ମୋପାଇଁ ଏତିକି କଷ୍ଟକଲେ ଧନ୍ୟହେବି । ମୁଁ ଅନେକ ଦୂରରୁ ଆସିଛି । ଅନୁଗୋଳରୁ । ମୋ ନାଁ ଦେବଦାଶ ।

ଛାଇ ଜଣକ ମୋ କଥାର ଉତ୍ତର ନ ଦେଇ ଧଡ଼ା ଖୋଲିଲେ । ଭିତରକୁ ଗଲି । ସେ ନିଜ ହାତରେ ଧଡ଼ା ବନ୍ଦକଲେ । ସେଇ ଛନ୍ଦରେ ପଶିଗଲେ ଘର ଭିତରକୁ । ଏବଂ, ନିଜ ପ୍ରଶ୍ନର ଉତ୍ତର ପାଇ ନଥିଲେ ମଧ୍ୟ ମୁଁ ତାଙ୍କୁ ଅନୁସରଣ କଲି । ଆମ ସମ୍ପର୍କ ଯେମିତି କୋଉ ଅନନ୍ତ କାଳର – ପରସ୍ପର ସମ୍ମେଳନକୁ ଯାହା ଅପେକ୍ଷା କରିଥିଲୁ ।

ଆଟାଚି ଧରି ଏରୁଣ୍ଡି ବନ୍ଧ ଡେଇଁଯାଉଥିବା ବେଳେ ହଠାତ୍ ଧକ୍‌କାଖାଇଲି ନିଜ ସହିତ । ଏରୁଣ୍ଡିର ପରିକଳ୍ପନା ସମ୍ଭବତଃ ଧକ୍‌କା ଦେବାପାଇଁ । ମାତ୍ର ନା ଫେରି ଆସୁଥିଲି ପଛକୁ, ନା ଯାଇପାରୁଥିଲି ଆଗକୁ । କାହାର ସମ୍ମୋହନ ମୋ ବ୍ୟକ୍ତିତ୍ୱର ସମ୍ଭ୍ରମବୋଧକୁ ଯେପରି ଅବଶ କରିଦେଇଥିଲା ।

ଆରେ ବସନ୍ତୁ । ଠିଆ ହୋଇ ରହିଛନ୍ତି କାହିଁକି ? – ପୋଟିକୋ ତଳେ ପଡ଼ିଥିବା ବେତ ଚଉକି ଆଡ଼କୁ ହାତ ଦେଖାଇ ସେ ଇଙ୍ଗିତଦେଲେ । ତାଙ୍କ ସଶବ୍ଦ ସ୍ୱରରେ

Digitized by PPRACHIN, SOA

ମୋପାଇଁ ଯେପରି ପୂରି ରହିଥିଲା ଅପରାଧବୋଧରୁ ମୁକ୍ତିପାଇବାର ଆନନ୍ଦ । ମୁଁ ଆଟାଚି ରଖି ଚଉକିରେ ବସିପଡ଼ିଲି ।

ସେ କିନ୍ତୁ ଖୁଣ୍ଟକୁ ଆଉଜି ମୋ ସାମ୍ନାରେ ଠିଆହୋଇଥିଲେ, ନିରବରେ ।

ତାଙ୍କର ନିରବତାର ଉତ୍ତାପରେ କ୍ରମଶଃ ତରଳି ଯାଉଥିଲା ମୋ କପଟ ସତ୍ତା ।

ଟିକିଏ ପରେ, କିଛି ନ କହି, ସେ ଘର ଭିତରକୁ ପୁଣି ପଶିଗଲେ । ଏବଂ, କେଜାଣି କାହିଁକି ମୁଁ ଉଠିପଡ଼ିଲି ବସିବା ଜାଗାରୁ ।

ସେ ଘର ଭିତରୁ ଫେରିଲେ । ଏଥର ତାଙ୍କ ହାତରେ ଥିଲା ପାଣି ଗ୍ଲାସ, ଚା କପ, ଏବଂ ପାଦରେ ଥିଲା ପାଉଁଜିର ଗୀତ ।

ଟି ପଏ ଉପରେ ଟ୍ରେ ରଖି କହିଲେ – ଠିଆହୋଇ ରହିଲେ ଯେ । ଚା' ନିଅନ୍ତୁ । ଭାରି କ୍ଳାନ୍ତ ଜଣା ପଡୁଛନ୍ତି ।

ତାଙ୍କ ଆଦେଶ ଟାଳି ଦେବାର ସାମର୍ଥ୍ୟ ମୋର ନଥିଲା । ବାଧ୍ୟ ଶିଶୁ ପରି ଚେୟାର ଉପରେ ବସିପଡ଼ିଲି । ପାଣି ପିଇ ଚା କପ୍ ହାତରେ ଧରିଲି ।

ଚା କପ୍ – ମୋପାଇଁ ପୃଥିବୀର ସର୍ବୋତ୍ତମ ସନ୍ତାପହାରୀ ବିଭବ । କିଛି ଚାଡି ଓଠରେ ଖେଳିଗଲା ପରେ କ୍ରମଶଃ ସହଜ ହୋଇଉଠୁଥିଲା ମୋ ଭିତରର ତୁଚ୍ଛା ଅନ୍ୟମନସ୍କତା ।

ସ୍ୱାଭାବିକ ସ୍ୱରରେ ତାଙ୍କୁ ପଚାରିଲି – ଆପଣ ଶ୍ରୀମତୀ ପୂର୍ଣ୍ଣତମା ତ୍ରିପାଠୀଙ୍କୁ ଜାଣନ୍ତି ତ ? ତାଙ୍କ ଘର ସମ୍ପର୍କରେ କିଛି କହିଲେନି ତ ? ସେ କବିତା ଲେଖନ୍ତି । ବେଳେବେଳେ ଆଲୋଚନା ଓ ଆଭାସ ଗପ । ଗୀତ ଗାଆନ୍ତି । ଚିତ୍ର ବି ଆଙ୍କନ୍ତି । ତାଙ୍କ ସ୍ୱାମୀ ଜଣେ ଅଧ୍ୟାପକ । ପିଏଚ୍.ଡି ପାଇଛନ୍ତି । ପରିବାର କହିଲେ ପୁଅଟିଏ, ଝିଅଟିଏ । ପୁଅ ଏମ୍.ଏ. ପରେ ରିସର୍ଚ୍ଚ କରୁଛି । ଝିଅ ବୋଧହୁଏ ରେଭେନ୍‌ସା କଲେଜରେ ବି.ଏ ପଢୁଛି । ଉଭୟ ଭାରି ବ୍ରିଲିଆଣ୍ଟ। ଆଗରୁ ସେମାନେ ବୋଧହୁଏ କଲେଜପଡ଼ା ନା କୋଉଠି ରହୁଥିଲେ । ଏଠି ଜାଗା କିଣି ଘର କଲା ପରେ, ଏବେ ଆସିଛନ୍ତି । ଭାବୁଛି, ଆପଣ ତାଙ୍କୁ ଜାଣିଛନ୍ତି । ହଁ, ତାଙ୍କ ଘରର ନାଁଟିଏ ବି ଦେଇଛନ୍ତି, ବେଶ୍ ରୋମାଣ୍ଟିକ୍ । କବିଲୋକ ତ ! ଠିକ୍ ମନେପଡୁନି । ତା'ର ମୂଳ ଅକ୍ଷର ବୋଧହୁଏ 'ଆ' ।

ପ୍ରଗଲ୍‌ଭଙ୍କ ପରି ପୂର୍ଣ୍ଣତମାଙ୍କ ପରିଚୟ ଦେଉ ଦେଉ ଚା' କପ ଯେ କେତେବେଳେ ଖାଲି ହେଇଯାଇଛି, ଜାଣିପାରିନି ।

ପାଉଁଜିର ଛମ୍‌ଛମ୍ ଗୀତରେ ମୁଁ ପୁଣି ଫେରିଆସିଲି ନିଜ ପାଖକୁ । ଟି'ପଏ ଉପରୁ ଖାଲି କପ୍ ଓ ଗ୍ଲାସ ଉଠେଇନେଇ ସେ ଘର ଭିତରକୁ ଚାଲିଯାଉଥିଲେ – ମୋତେ ପଛକରି ।

ତାହା ସାଧାରଣ ଚାଲି ନ ଥିଲା । ଏକ ଚମତ୍କାର ଛନ୍ଦୋବଦ୍ଧ କବିତା । ଦେହ ସହିତ ଆଳାପ କରିବାପାଇଁ ମତେ ଯେପରି ଉଚ୍ଚାଟିତ କରୁଥିଲା ।

Digitized by PPRACHIN, SOA

ଦେହ କହିଲେ – ନାଲିଧଡ଼ିଆ ଧଳା ଶାଢ଼ିର ବେଢ଼ଣ ଭିତରେ ବିଜୁଳିର ଲତା । ନିତମ୍ବ ଛୁଆଁ ମୁକୁଳା କେଶ । ପାଦରେ ଝୁମୁକାଲଗା ପାଉଁଜି । ଏବଂ... ।

କ'ଣ ତା'ହେଲେ ତାଙ୍କର ପରିଚୟ ?

ମାତ୍ର କେତେଗୋଟି ଶବ୍ଦ ଓ ଆତିଥ୍ୟରେ ମୋତେ ଏତେ ସମୟ ପର୍ଯ୍ୟନ୍ତ ବଶକରି ରଖିଥିବା ଏଇ ମୁଗ୍ଧା ମନସ୍ୱିନୀ ଜଣକ ପୂର୍ଣ୍ଣତମା ତ୍ରିପାଠୀ ନୁହନ୍ତି ତ ? ଯିଏ ଦେବଦାଶ ନାମକ ଜଣେ ଅପଗଣ୍ଡ ଉପରେ ଥିବା ଆପଣାର ପୁଞ୍ଜିଭୂତ କ୍ରୋଧ ଅଭିମାନକୁ ଏତେ କବିତ୍ୱପୂର୍ଣ୍ଣ ରୀତିରେ ପରିଚର୍ଚ୍ଚା କରୁଛନ୍ତି ?

କିଛି ସମୟ ପରେ ପାଉଁଜିର ରୁଣୁଝୁଣୁ ଗୀତ ମତେ ନିଜ ପାଖକୁ ଫେରେଇ ଦେଲା ଏବଂ ତାହା ପୁଣି ନିରବି ଗଲା ସେଇ ନିର୍ଦ୍ଦିଷ୍ଟ ଭୂମିରେ ।

ସାହସ ବାନ୍ଧି ତାଙ୍କ ମୁହଁକୁ ଚାହିଁଲି ଏବଂ ପଚାରିଲି – ମୋ ପରି ଜଣେ ଅପରିଚିତ ପ୍ରତି ଆପଣଙ୍କର ଏ ଆତିଥ୍ୟ, ସତ କହୁଛି, ଜୀବନରେ ଭୁଲି ପାରିବିନି । ମୋତେ ଋଣୀ କରିଦେଇଛନ୍ତି । ଅଶେଷ ଧନ୍ୟବାଦ । ମତେ ଶ୍ରୀମତୀ ପୂର୍ଣ୍ଣତମାଙ୍କ ଘର ତ ଖୋଜିବାକୁ ପଡ଼ିବ । କେତେ ରାତି ହେଲାଣି । ଉଠେ ତେବେ । ନମସ୍କାର ।

ମୋ ତୁଣ୍ଡର କଥା ଶେଷକରିବାକୁ ନ ଦେଇ କହିଲେ – ଶ୍ରୀମତୀ ତ୍ରିପାଠୀଙ୍କ ଘର ନ ପାଇଲେ, କ'ଣ କରିବେ ?

ଫେରିଯିବାକୁ ବାଧ୍ୟ ହେବି ।

ଏତେ ରାତିରେ ? ଗାଡ଼ି ପାଇବେ ତ ?

କିଛି ତ କରିବାକୁ ପଡ଼ିବ । କଟକ ପର୍ଯ୍ୟନ୍ତ ଟ୍ରକ୍ ଫ୍ରକ୍ ମିଳିଯାଇପାରେ । ଦେଖେ, ଈଶ୍ୱରଙ୍କ ଇଚ୍ଛା ।

ମୁଁ ଉଠି ଠିଆ ହେଉଥିଲି ।

ସେ କହିଲେ – ବିଶେଷ କିଛି ଅସୁବିଧା ନ ମଣିଲେ, ଆପଣ ଏଠି ଆଜି ରାତିରେ ରହିଯାଇ ପାରନ୍ତି ।

ତାଙ୍କ ଅନୁରୋଧରେ ଆନ୍ତରିକତାର ଛନ୍ଦ । ମୋ ହାତ ଧରି କିଏ ଜଣେ ଯେପରି ନିଜ ଭିତରକୁ ନେଇଯାଉଥିଲା, ଜୀବନର ଗୀତ ଶୁଣେଉଥିଲା ।

ଭିତର ହଁ ଭାବ ଗୋପନରଖି ପଚାରିଲି - ଏଠି, ଆପଣଙ୍କ ଘରେ ? କିଛି - ?

ବାକ୍ୟ ପୂରଣ କରି ସେ କହିଲେ - ଆମର କିଛି ସମସ୍ୟା ନାହିଁ । ଆପଣଙ୍କର କିଛି ଅସୁବିଧା ହୋଇପାରେ । ଏତେ ଗହଳଚହଳ ଆପଣଙ୍କୁ ଅସ୍ୱାଭାବିକ ଲାଗିପାରେ ?

ତାଙ୍କ କଥା ଶୁଣି ମୋ ପାଟିରୁ ହଠାତ୍ ବାହାରି ଆସିଲା – "ଗହଳ ଚହଳ ? ଏଠି ତ ଆପଣଙ୍କ ବ୍ୟତୀତ –"

"ଆଉ କାହାକୁ ଦେଖିବାକୁ ପାଉନି" –ବାକ୍ୟ ପୂରଣ କଲେ ସେ । ଏବଂ, ମୋ ପାଖରେ ପଡ଼ିଥିବା ଆଉ ଏକ ଚେୟାରରେ ବସି ପଡୁପଡୁ କହିଲେ – ଏଠି ମୁଁ ଏକା ନୁହେଁ, ମୋ ସ୍ୱାମୀ, ଶାଶୂ, ଶ୍ୱଶୁର, ଝିଅ, ଅତିଥି ସମସ୍ତେ ଆପଣଙ୍କର ଅପରିଚିତ ।

Digitized by PPRACHIN, SOA

ଅସଲ ସହୃଦୟତା କାହାକୁ କୁହନ୍ତି, ଆପଣ ଜାଣନ୍ତି ? ଅପରିଚିତ ସହିତ ସମ୍ପର୍କ ଯୋଡ଼ିବା । ଅପରିଚିତ ହିଁ ପ୍ରକୃତ ଅତିଥି ।

"କିନ୍ତୁ ?"

କିନ୍ତୁ ସହିତ ଆପଣାର ଦୀର୍ଘଶ୍ୱାସକୁ ସେ ମିଶାଇଦେଇ କହିଲେ – "ହଁ, ଏଠି ଆପଣ କାଉ, କୋଇଲି, ବିଲେଇ, କୁକୁର ଛୁଆଟିଏ ବି ଦେଖିବାକୁ ପାଇନାହାନ୍ତି । ତାହା ହିଁ ଆପଣଙ୍କର କିନ୍ତୁ । ପୂରାପୂରି ସନ୍ଦେହ ଜାଲରେ ଫସି ଯାଇଛନ୍ତି ନା ? ଏତେ ବଡ଼ ଘର, ଅନ୍ଧାର ରାତି, ସୁନ୍ଦରୀ ନାରୀ । ସେ ପୁଣି ଆଉ କାହାର ଅପେକ୍ଷାରେ ଏକା ଏକା । ସବୁ କିଛି ରହସ୍ୟମୟ ବୋଧହେବା ଅସ୍ୱାଭାବିକ ନୁହେଁ । ଦେଖିବେ, ଆମ ଦୁଇଜଣଙ୍କୁ ସେମାନେ ଏକୁଟିଆ ରହିବାକୁ ଦେବେନି । ସମସ୍ତେ ଯେଝାଯେଝା ସମୟରେ ଆସି ଏଠି ପହଞ୍ଚିଯିବେ । ଡରିଯିବାର କିଛି କାରଣ ନାହିଁ । ଆପଣ ଥକି ପଡ଼ିଛନ୍ତି । ପୋଷାକ ବଦଳାନ୍ତୁ । ଫ୍ରେସ୍ ଲାଗିବ । ଆଜି ସମ୍ଭବ ନ ହେଲେ, କାଲି ସକାଳେ ପୂର୍ଣ୍ଣତମାଙ୍କୁ ଦେଖାକରି ଚାଲିଯିବେ । ଦେବଦାଶମାନେ କ'ଣ ଖାଲି ହାତ ଓ ମନନେଇ କୋଉଠୁ ଏମିତି ଫେରନ୍ତି ? ଚାଲନ୍ତୁ ।

ସେ ଉଠି ଠିଆହେଲେ ଏବଂ ମୋତେ ବାଟ କଢ଼େଇନେଲେ ଘର ଭିତରକୁ । ତାଙ୍କ ଯାଦୁକରୀ ବ୍ୟକ୍ତିତ୍ୱ ଓ କଥାକହିବାର କଳାତ୍ମକ ଠାଣିରେ ମୋତେ ଗୋଟାପଣେ ଯେପରି ନିଜର କରିନେଇଥିଲେ । ହାତରେ ଆଟାଚି ଧରି ତାଙ୍କୁ ଅନୁସରଣ କଲି । ଆଟାଚିକୁ ସେ ନିଜ ହାତକୁ ନେଲେ ଏବଂ ମୋତେ ଶୋଇବା ଘର ଭିତରେ ବନ୍ଦୀ କରିଦେଇ ଆସିଲେ ପ୍ରଦାକୁ ।

ଭାରି ହାଲିଆ ଲାଗୁଥିଲା । ଆଶ୍ରୟ ମିଳିଯାଇଥିବାରୁ ଅଶେଷ ଧନ୍ୟବାଦ ଦେଲି ଈଶ୍ୱରଙ୍କୁ । ମାତ୍ର ପର ମୁହୂର୍ତ୍ତରେ ଯେମିତି ଅନୁଭବ କଲି – ମାହାମାନ୍ୟ ଈଶ୍ୱର ମତେ ବନ୍ଦୀ କରିଦେଇଛନ୍ତି ଏକ ଲିବେରିନ୍ଥରେ । ତା' ଭିତରେ ନିଜ ରୂପ ଦେଖି ମୁଁ କେବଳ ବାତୁଳଙ୍କ ପରି ଘୂରିବୁଲୁଛି । ହସିହସି ମୋତେ ସେ କହୁଛନ୍ତି - ଦେବ, ଏହା ଲିବେରିନ୍ଥ ନୁହେଁ, ମାଲ୍ୟାଣୀର ମାୟାପୁରୀ । ତୁ, ଏପର୍ଯ୍ୟନ୍ତ ମଣିଷ ଥିଲୁ । ଏବେ ତୋର ମୁକ୍ତିର ସମୟ ଆଖର ହୋଇ ଆସିଲାଣି, ମେଣ୍ଢାରେ ରୂପାନ୍ତର । ଅପେକ୍ଷାକର । ମାତ୍ର ମେଣ୍ଢା ବନିବାର ଭୟ ଓ କ୍ଳାନ୍ତି ତତେ ଯେପରି –

ନିଜ ଭିତରର କଥାଶୁଣି ମନେମନେ ହସି ପକେଇଲି । ନିର୍ବୋଧ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଲି – ମେଷତ୍ୱ ପ୍ରାପ୍ତି ନା ଛେନାଗୁଡ଼ । କହିଲା, ଭୟ ଆଉ କ୍ଳାନ୍ତି । ଧେତ୍ ।

ଧୂଳି ଆଉ ଝାଳ ଗନ୍ଧରେ ଦେହ କେମିତି କେମିତି ଲାଗୁଥିଲା । ମନଭରି ଗାଧୋଇବାକୁ ଇଚ୍ଛାହେଲା । ପାହାନ୍ତାରେ ଯାହା ଗାଧେଇ ଥିଲି, ତା' ପରଠାରୁ ଗୋଡ଼ ବି ଧୋଇନି । ପ୍ୟାଣ୍ଟସାର୍ଟ ଖୋଲି ଗାମୁଛା ବଦଳେଇ ଗାଧୁଆଘର ଭିତରକୁ ଗଲି । ନୂଆ ତିଆରି ଘର । ଚଟାଣ ଓ କାନ୍ଥରେ ଚକ୍ ଚକ୍ ମାର୍ବଲ ପଥର । ଦାମୀ ଆଇନା ।

Digitized by PPRACHIN, SOA

ସାୱାର, ଟ୍ୟାପ୍ । ଜଳାତଙ୍କ ରୋଗରେ ବାତୁଳ ମଲୁ ବି ଗାଧୋଇବା ଲୋଭ ଛାଡ଼ି ପାରିବନି । କିମ୍ଭୂତ ଆବେଗରେ ସାୱାର ଖୋଲିଦେଲି । ମାତ୍ର ତଳକୁ ଯିବା ମାତ୍ରେ ଇ କାହାର ଅନୁଶାସନ ମତେ ଅନ୍ୟମନସ୍କ କରିଦେଲା । କାବଟ ଖୋଲି ଭିତରକୁ ପଶିଆସିଲା ସତୀ । ମତେ ଆକଟକରି କହିଲା – "ହଇଓ, ତମେ କେମିତଆ ମଣିଷ କିଓ, ନୂଆ ଜାଗାର ପାଣି, ତମକୁ ମନାକରିଥିଲି ପରା ବେଶି ଗାଧେଇବାକୁ । ଥଣ୍ଡା ଧରିବ । ସୁଁ ସୁଁ ହବ । ସେତେବେଳକୁ କୁନ୍ଥେଇଲେ ଶୁଣିବିନି । ଯାହା କରୁଚ କର ।"

ତା'ର ଅନୁରାଗ ଓ ଅଧିକାର ମୋର ଆବେଗକୁ ରୋକିପାରିଲା ନାହିଁ । ଫୁଙ୍ଗୁଳା ଦେହରେ ପାଣି ସହିତ ମନପୂରେଇ ଖେଳିଲି । ନିଜକୁ ନିରେଖି ଦେଖିଲି । ପୂର୍ଣ୍ଣତମା ଆସି ହଠାତ୍ ଠିଆ ହୋଇଗଲେ ମୋ ସାମ୍ନାରେ । ମୋ କାନରେ ଯେମିତି କହୁଥିଲେ - ଦେବ, ମଣିଷର ଫୁଙ୍ଗୁଳା ଦେହକୁ ସମ୍ଭାଳିବାପାଇଁ ନିଜ ନିବୁଜ ଘର ଏକ ନିର୍ଭରଯୋଗ୍ୟ ଓ ନିରାପଦ ଆୟତନ – ସତ ନା ?

ମାତ୍ର ପୂର୍ଣ୍ଣତମା-ମନସ୍କତା ଭିତରୁ ମୁଁ ମୁହୂର୍ତ୍ତକରେ ମୁକୁଳି ଆସିଲି ନିଜ ପାଖକୁ । ଏହା ପୂର୍ଣ୍ଣତମାଙ୍କର ନୁହେଁ, ଜଣେ ଦୟାଶୀଳା ଓ ଅପିରଚିତାଙ୍କ ଆୟତନ । ଅତିଥିର ଅଭଦ୍ରାମିକୁ ସେ କ'ଣ ସ୍ୱୀକାର କରିପାରିବେ ? ଛି, କି ଲାଜ କଥା ।

ଲୁଗା ଓ ପଞ୍ଜାବିରେ ଦେହ ଢାଙ୍କି ଏରୁଣ୍ଡି ବାହାରକୁ ଆସିଲି । ସବୁ ଆଡ଼ ଶୂନ୍‌ଶାନ । ଦାଣ୍ଡ କବାଟ ବି ମୁକୁଳା । ପୋର୍ଟିକୋ ତଳକୁ ଆସିଲି । ସେତେବେଳକୁ ବାହାର ଆଲୁଅ ବି ଶୋଇପଡ଼ିଥିଲା । କେତେ ସମୟ ଧରି କ୍ଳାନ୍ତି ଧୋଉଥିଲି କେଜାଣି ?

ପୋର୍ଟିକୋରେ ପଡ଼ିଥିବା ସେଇ ପରିଚିତ ଚଉକିରେ ବସିପଡ଼ିଲି । ପାଖ ଟି'ପଏ ଉପରେ ଆବିଷ୍କାର କଲି ଘୋଡ଼ା ହୋଇଥିବା ଶଂଖ ପ୍ଲେଟ ଓ ଚା କପ । ମନେ ମନେ ତାଙ୍କୁ ଖୋଜିଲି । ଆଉ ସେ କୋଉଠି ଥିଲେ କେଜାଣି - ଅନୁଶାସିକାର ସ୍ୱରରେ କହିଲେ, "ମନଖୁସି କରି ଗାଧୋଇଲେ ନା ? ଥଣ୍ଡା ଧରିବ । ଚା' ବୋଧହୁଏ ଥଣ୍ଡା ହୋଇଯିବଣି । ପୃଥିବୀରେ ସର୍ବୋତ୍ତମ ବିଭବର ପ୍ରଥମେ ସେବା କରନ୍ତୁ । ତା' ପରେ ।"

ଧୀରେ ଧୀରେ ସେ ନିକଟେଇ ଆସିଲେ ଚଉକି ପାଖକୁ । ବସି ପଡ଼ିଲେ । ପ୍ଲେଟର ଢାଙ୍କୁଣି ଖୋଲି ମିଠାଟିଏ ଧରେଇ ଦେଲେ ମୋ ହାତରେ ।

ମାତ୍ର ମିଠା ପାଟିକୁ ଦେଉଦେଉ ମନେପଡ଼ିଗଲା ଆଟାଚି ଭିତରେ ଥିବା ପ୍ୟାକେଟ୍ କଥା । ଉଠି ଠିଆହେଲି ।

ସେ ପଚାରିଲେ – "ଠିଆହେଲେ ଯେ ?"

କହିଲି – "ନା କିଛି ନାଇଁ, ଆଟାଚି ଖୋଜୁଥିଲି ।"

"ଥାଉ, ତାହା ଏ ଘରପାଇଁ ନୁହେଁ । ପୂର୍ଣ୍ଣତମାଙ୍କପାଇଁ । ବସନ୍ତୁ ।"

ତାଙ୍କ କଥାରେ କି ଅଦ୍‌ଭୁତ ଯାଦୁ ଥିଲା କେଜାଣି – ଉତ୍ତର ନ ଦେଇ ବସି ପଡ଼ିଲି ।

Digitized by PPRACHIN, SOA

ତା ପିଉପିଉ ପଚାରିଲି – ଆପଣ ନିଜ ନାଁ ତ ମୋତେ କହିଲେନି ? ମୋର ଜାଣିବା କ'ଣ ଅନାବଶ୍ୟକ ।?

ସେ ହଠାତ୍ କିଛି କହିଲେନି।

କିଛି ସମୟ ପରେ ହସିହସି କହିଲେ – ପୂର୍ଣ୍ଣତମା ନୁହେଁ ନିଶ୍ଚୟ । ଅପୂର୍ଣ୍ଣା । ବିଶ୍ୱାସ ହେଉନି ନା ? ମୋ ଜାତକ ନାଁରେ ମୁଁ କୋଉଠି ପରିଚିତ ନୁହେଁ । ବାପା, ବୋଉ, ସ୍ୱାମୀ ଓ ଅନେକ ପରିଚିତ ମୋତେ ଡାକନ୍ତି – ଉମା ।

ମୁଁ ତ ଜଣେ ହେଲେ କାହାକୁ ଏଠି ଦେଖିପାରୁନି ?

କାହାକୁ ? କାହାକୁ ଆପଣ ଖୋଜୁଛନ୍ତି ? ସ୍ୱାମୀ, ପିଲାଏ, ଶାଶୂ, ଶ୍ୱଶୁର ଓ ଅନ୍ୟମାନଙ୍କୁ ନା ? ବୁଝିଲେ ଦେବବାବୁ, ଏ ଏକ ଅଦ୍ଭୁତ ଘର । ଏଠି କେହି କାହାକୁ ଅପେକ୍ଷା କରନ୍ତିନି । ପ୍ରତ୍ୟେକ ନିଜନିଜ କାମ ଓ ନିଜ ପୃଥିବୀରେ ବଞ୍ଚିଥାନ୍ତି । ସତ କହିଲେ - ଏ ପୃଥିବୀରେ ନିଜ ବ୍ୟତୀତ ଆଉ କାହାକୁ କ'ଣ ନିଜର କରିହୁଏ ? ଏଠି ବଞ୍ଚିଥିବା ମଣିଷମାନେ ଏମିତି ଏକ ସୃଷ୍ଟିଛଡ଼ା ଦର୍ଶନରେ ବିଶ୍ୱାସ କରନ୍ତି ।"

ଏ କଥା କହିଲା ବେଳେ ତାଙ୍କ ଭିତରେ କେହି ଜଣେ କଇଁକଇଁ ହୋଇ କାନ୍ଦୁଥିବାର ମୁଁ ଶୁଣି ପାରୁଥିଲି ।

ହଠାତ୍ ମୋ ପାଟିରୁ ବାହାରି ଆସିଲା – ଘର କହିଲେ ତ ତାହା ବୁଝାଏନି ? ସ୍ନେହ, ପ୍ରେମ, ମମତା, ତ୍ୟାଗ, ସହାନୁଭୂତି, ସହଭାଗୀନତା –

–ଅଧିକାର, ଆତ୍ମୋତ୍ସର୍ଗ ଏବଂ ସେମିତି ଆହୁରି ଅନେକ କିଛି । ମୁଁ ତ ସେସବୁକୁ ମିଛ କହୁନି । ସେଠି ସବୁଥାଏ । ମାତ୍ର ଏତେ କଥା କାହାପାଇଁ ? ନିଜପାଇଁ ନା ? – ମୋତେ କଥା ଶେଷକରିବାକୁ ନ ଦେଇ ସେ କହିଗଲେ ଏତେ କଥା ।

ମୁଁ କହିଲି – ଏତେ ବେଶି ବ୍ୟକ୍ତିକୈନ୍ଦ୍ରିକତା ମଣିଷକୁ ରୋଗିଣା କରିଦିଏ । ଏସବୁ କେବଳ ପାଗଳାମି ।

–ହଁ ମୋତେ ଆପଣ ପାଗଳୀ କହିପାରନ୍ତି । ମୁଁ ମାନିନେଉଛି । ମାତ୍ର ଆପଣ ମୋରି ପ୍ରଶ୍ନ ଏକାନ୍ତରେ ନିଜକୁ ପଚାରିଲେ – ଆପଣ କାହା ପ୍ରେମ ଟିକିଏ ପାଇବା ଆଶାରେ ଏତେ ଦୂର ପାଗଳଙ୍କ ପରି ଧାଇଁଆସିଛନ୍ତି ? ସେ ଜଣକ ପୁଣି ଅପରିଚିତା । ଆପଣଙ୍କ ପତ୍ନୀ, ଯାହାକୁ ଆପଣ ରୂପ ଓ ଗୁଣରେ ଅନୁପମା କହନ୍ତି, ସତୀ ବୋଲି ଦାବି କରନ୍ତି, ଆପଣ ତାଙ୍କ - ସର୍ବସ୍ୱ ଜୀବନ ଯେ ବଞ୍ଚୁଛନ୍ତି – ଏକଥା ଛାତିରେ ହାତ ରଖି କହିପାରିବେ ? କହିଲେ ଦେଖି ?

ତାଙ୍କ ତୁଣ୍ଡରେ ସତୀ ଶବ୍ଦ ମୋତେ ଅନ୍ୟମନସ୍କ କରିଦେଲା । ପୂର୍ଣ୍ଣତମାଙ୍କ ବ୍ୟତୀତ ସତୀ ନାଁ ତ ଆଉ କାହାକୁ ଜଣା ନାହିଁ । ଉମା ନାଁରେ ନିଜ ପରିଚୟ ଦେଉଥିବା ଆଶ୍ରୟଦାତ୍ରୀ ଜଣକ ପୂର୍ଣ୍ଣତମା ନୁହନ୍ତି ତ ? କ'ଣ ଭାବିବେ ମତେ ସେ ?

ମୋ ଭିତରର ବିଚଳନକୁ ସେ ପଢ଼ିପାରିଲେ ସମ୍ଭବତଃ । ହସି ହସି କହଲେ – ଦେଖନ୍ତୁ, ଆପଣଙ୍କ ଶ୍ରୀମତୀଙ୍କ ନାଁ କ'ଣ ମୁଁ ଜାଣିନି । ଯେ କୌଣସି ନାଁରେ ତାଙ୍କୁ

Digitized by PPRACHIN, SOA

ଡକାଯାଇପାରେ – ମୋ ସ୍ୱାମୀ ମତେ ଯେମିତି ଡାକନ୍ତି ? କେତେବେଳେ ଅସତୀ ତ କେବେଳେ ସାବିତ୍ରୀ । କେତେବେଳେ ଅଷ୍ଟସତୀ ତ କେତେବେଳେ – । ଆଉ, ସେ ଶବ୍ଦଗୁଡ଼ିକ ଆପଣ ଅଭିଧାନରେ ପାଇବେନି । ମାତ୍ର ଆପଣଙ୍କପାଇଁ ଏବଂ ତାଙ୍କ ପାଇଁ ସେ ସତୀ ନିଶ୍ଚୟ । ପ୍ରତ୍ୟେକ ନାରୀ ତା ନିଜ ପାଖରେ, ପରିଚିତମାନଙ୍କ ପାଖରେ ସତୀ, ଏବଂ ପ୍ରତ୍ୟେକ ପୁରୁଷ ସତ୍ୟବାନ । ମୁଁ ଯଦି କହିବି – ଆପଣଙ୍କ ଦେହକୁ ପ୍ରାୟ ଲାଗିକରି ବସିଥିବା ଏଇ ରହସମୟୀ ଉମାନାମ୍ନୀ ନାରୀ ଜଣକ ଅସତୀ, ବାରାଙ୍ଗନା । ଆପଣ ତା'ର ଆବଶ୍ୟକତା ଓ ପ୍ରେମକୁ ସ୍ୱୀକାର କରିପାରିବେ ତ ? ତା'ର ଭଲପାଇବା ଯେ ଆତ୍ମକୈନ୍ଦ୍ରିକ ନୁହେଁ –ଏକଥା କହିପାରିବେ ?

ମୋ ପାଖରେ, ନାଁ, ପାଖରେ ନୁହେଁ, ଆତ୍ମାର ସିଂହାସନ ଆବୋରି ବସିଥିବା ଏଇ ଅଳପ ପରିଚିତାଙ୍କ ସ୍ପଷ୍ଟ ବିଚାର, ମୋ ବିଶ୍ୱାସର ମାଟିକୁ ଚହଲେଇଦେଲା । ପୃଥିବୀର କୌଣସି ନାରୀ ଜଣେ ଅପରିଚିତ ଅତିଥିଙ୍କ ଆଗରେ ଏତେ ସହଜ ସ୍ୱରରେ ନିଜକୁ କ'ଣ ବହୁଭୋଗ୍ୟା କହିପାରେ ? ନିଜକୁ ବିଶ୍ୱାସ କରିପାରିଲିନି । ତାଙ୍କ ଭିତରକୁ ଭେଦିବାପାଇଁ କହିଲି – "ହଁ, ମୁଁ ତ ମୋ ପତ୍ନୀକୁ ସତୀ ବୋଲି ବିଶ୍ୱାସ କରେ । ତାକୁ ଖୁବ୍ ଭଲପାଏ । ସେଥିପାଇଁ ତାକୁ ଅନେକ ମାନସିକ ଯନ୍ତ୍ରଣା ବି ଦିଏ । ଏବଂ ତାକୁ ସତୀ ନାଁରେ ଇ ଡାକେ ।"

–ଭାରି ଭଲ କରିଛନ୍ତି । ତାହା କରି ନଥିଲେ ଆପଣ ଅପୂର୍ଣ୍ଣାମାନଙ୍କୁ ପୂର୍ଣ୍ଣତମା କରିବାକୁ ଜମାରୁ ସାହସ କରିପାରି ନଥାନ୍ତେ । କେବଳ ତାଙ୍କରି ପଦାରବିନ୍ଦରେ ଆଠ ପହର ମଥା ପିଟୁଥାନ୍ତେ ଏବଂ କହୁଥାନ୍ତେ – ତ୍ରାହିମାଂ ଦେବୀ, ତ୍ରାହିମାଂ ଜଗଦେଶ୍ୱରୀ, ତ୍ରାହିମାଂ । ସତ ନା ?

ଜଣେ ଅଳପ ପରିଚିତାର ଏପରି ରସିକତାପୂର୍ଣ୍ଣ ବୌଦ୍ଧିକ ମନ୍ତବ୍ୟ ଏହା ପୂର୍ବରୁ କୋଉଠୁ ଶୁଣିବାର ସୌଭାଗ୍ୟ ମୋର ଆସି ନଥିଲା । ନିଜକୁ ଅସତୀ ଘୋଷଣା କରିଥିବା ଏଇ ନାରୀ ଜଣଙ୍କର କ'ଣ ତାହେଲେ ପରିଚୟ ? ତାଙ୍କୁ ଅଧିକ ମୁଖରା କରିବାପାଇଁ ପଚାରିଲି– ଆପଣ କ'ଣ କହିପାରିବେ – ସ୍ୱାମୀ ଆପଣଙ୍କୁ ଭଲ ପାଆନ୍ତି ନାହିଁ ?

ସେ କଥା ଆପଣଙ୍କୁ ମୁଁ କେତେବେଳେ କହିଲି ? ମୁଁ ଛନ୍ଦ ନ ରଖି ସ୍ୱୀକାର କରୁଛି – ସେ ମୋତେ ଭଲ ପା'ନ୍ତି । ଭାରି ଭଲ ପା'ନ୍ତି । ମତେ ହୃଦୟ - ଈଶ୍ୱରୀ ଏବଂ ମୋ ବିନା ତାଙ୍କ ପକ୍ଷରେ ବଞ୍ଚିବା ଅସମ୍ଭବ – ଏ କଥା ବି କହନ୍ତି । ମୁଁ ତାଙ୍କପାଇଁ ଏକ ନିର୍ଭରଯୋଗ୍ୟ ଓ ଆପଦମୁକ୍ତ ଆବଶ୍ୟକତା । ମାତ୍ର ତାଙ୍କ ଚଟୁଳ ଉକ୍ତିରେ ସତ୍ୟର ମାତ୍ରା କେତେ, ସେ ନିଜେ କ'ଣ କହିପାରିବେ ? ଆପଣ କ'ଣ ବିଶ୍ୱାସ କରି ପାରିବେ – ମୁଁ ଯଦି ଏକଥା କୁହେ, ତାଙ୍କପାଇଁ ମୁଁ ଏକ ଗୃହପାଳିତା ଜୀବ ନୁହେଁ, ମୁକ୍ତ - ଜୀବନ ବଞ୍ଚୁଥିବା ସ୍ୱାଧୀନ ବ୍ୟକ୍ତି । ମଣିଷ ନୁହେଁ । ଏବଂ ସେ ? ସେ ମୋତେ ସବୁ ସ୍ୱାଧୀନତା ଦେଇଛନ୍ତି । ସେଥିପାଇଁ ଅନ୍ୟ ଯେ କୌଣସି ପୁରୁଷ ପାଖରେ ସେ ଏକ ବିସ୍ମୟ, ଠିକ୍ ମୋ ନାରୀତ୍ୱ ପରି ।"

Digitized by PPRACHIN, SOA

"ତେବେ ଆପଣ ଉଭୟଙ୍କ ମଧ୍ୟରେ ସଂପର୍କ –"

"ସଂପର୍କ ? ପରସ୍ପରକୁ ଚିହ୍ନିଥିବା ଛଳନାହୀନ ଭଲପାଉଥିବା ଦରଦୀ ବନ୍ଧୁ । ଜୀବନର ଦୀର୍ଘ ପଚିଶ ବର୍ଷ ଗୋଟିଏ ଘର, ଗୋଟିଏ ଖୁଣ୍ଟ, ଗୋଟିଏ ଖଟ ଓ ଗୋଟିଏ ଦଉଡ଼ିରେ ବାନ୍ଧିହୋଇ ବଞ୍ଚିବା ପରେ, ଆପଣ ବଂଧାଜୀବମାନଙ୍କୁ ପରସ୍ପରର ବନ୍ଧୁ ବ୍ୟତୀତ ଆଉ କ'ଣ କହିପାରିବେ ?

"ଆପଣଙ୍କ ପାଖରେ ଭଲ ପାଇବାର ପରିଭାଷା ?"

"ଆପଣମାନଙ୍କର ଭାଷାରେ, ପ୍ରେମ"

ମୋର ଏ ପ୍ରଶ୍ନ ତାଙ୍କୁ କିଛି ସମୟପାଇଁ ଅନ୍ୟମନସ୍କ କରିଦେଲା । ଛେପ ଢୋକି ସେ ପୁଣି କହିଲେ – "ସେ ଦିନମାନଙ୍କରେ ସେ ମୋତେ ପ୍ରେମ କରୁଥିଲେ । ତାଙ୍କୁ ମୁଁ ବି । ଅନେକ ପ୍ରେମୀ-ଯୁଗଳଙ୍କ ପରି ଆମେ ଯାଡ଼େ ସ୍ୟାଡ଼େ ମୁକ୍ତ ଭାବରେ ବୁଲୁଥିଲୁ, ଦେହ-ସୁଖ ଅନୁଭବ କରିଥିଲୁ । ସେ ଅତି ଆଦରରେ ମୋତେ କହୁଥିଲେ – ଉମା, ତମେ ମୋର ସତୀ, ଆକାଶର ଅରୁନ୍ଧତୀ। ତମ ବିନା ମୁଁ ବଞ୍ଚିପାରିବିନି । ଦିନେ ସେ ମୋତେ ଶୀଘ୍ର ହାତଗଣ୍ଠି ପଡ଼ିବା କାମ ଶେଷକରିବାଲାଗି ବାଧ କରିଥିଲେ । ମୁଁ ଏତେ ସହଜରେ ତାଙ୍କ ଭାବପ୍ରବଣତାକୁ ସ୍ୱୀକାର ନ କରି ସମୟ ମାଗିଥିଲି । କାରଣ ପ୍ରତ୍ୟେକ ନାରୀ ତା'ର ଭବିଷ୍ୟତପାଇଁ ଚାହେଁ ଜଣେ ଉପାର୍ଜନକ୍ଷମ, ବ୍ୟବସ୍ଥିତ ପୁରୁଷ । ଏହାର ଅର୍ଥ ନୁହେଁ ଯେ, ମୁଁ ତାଙ୍କୁ ପ୍ରେମକରୁ ନଥିଲି । ସେ କିନ୍ତୁ ମୋ ବ୍ୟତୀତ ମୁହୂର୍ତ୍ତଟିଏ ବି ବଞ୍ଚିପାରିବେ ନାହିଁ କହିଲେ ଏବଂ ଅନେକ ଅପ୍ରୀତିକର ସିଦ୍ଧାନ୍ତ ନେଇଛନ୍ତି କହି ଭୟ ଦେଖାଇଲେ । ମୁଁ ବାଧ ହେଇ ତାଙ୍କ ଆଦେଶ ସ୍ୱୀକାର କଲି ।"

"ପ୍ରେମର ପରିଣତି ବିବାହରେ ନା ?"

ସେ ଏତେ କଥା କହିଯାଉଥିଲା ବେଳେ ଦୂର ଆକାଶର ଅନ୍ଧାର ଭିତରେ କେଉଁଠି ହଜିଯାଇଥିଲା ତାଙ୍କ ରହସ୍ୟମୟ ସତ୍ତା ।

"ଭାରି ଭଲ ହେଲା, ସମସ୍ୟା କୋଉଠି ?" କହିଲି ମୁଁ ।

ମୋ କଥା ଶୁଣି ସେ ଚହଲିଗଲେ ସମ୍ଭବତଃ । ମୋ ଆଡ଼କୁ ମୁହଁବୁଲାଇ କହିଲେ – ସମସ୍ୟା କୋଉଠି, ସେକଥା ଆପଣ ମୋ ଠାରୁ ଅଧିକ ଭଲ ଭାବରେ ଜାଣନ୍ତି । ଏ ପ୍ରଶ୍ନ କ'ଣ ଏ ଯାବତ୍ ନିଜକୁ ପଚାରି ନାହାନ୍ତି ?

"ପଚାରିଛି ବୋଲି ତ କହୁଛି ।"

ସେ ଟାଣ ସ୍ୱରରେ କହିଲେ – ନାଁ, ପଚାରି ନାହାନ୍ତି । ପଚାରିଥିଲେ, ଉତ୍ତର ଏତେ ସହଜ ହେଇ ନଥାନ୍ତା । ଆପଣ ନିଜ ସତ୍ୟବାନପଣକୁ ଏ ଅସତୀ ଉମା ଭିତରକୁ ଆଣନ୍ତୁ । ମୁକ୍ତି - ପ୍ରତ୍ୟାଶୀ ଜଣେ ଅସତୀ ପାଖରେ, ଏମିତି ଭାବରେ, ଆପଣଙ୍କ ପ୍ରିୟତମା ସତୀଦେବୀ ଯଦି ଦେଖନ୍ତି, ସ୍ୱୀକାର କରିପାରିବେ ତ ?

ଯେଉଁଦିନ ମୁଁ ମୋ ପ୍ରେମିକ ସ୍ୱାମୀଙ୍କ ପୌରୁଷର ପତାକା ଆଉ କାହା ଦେହ ଛୁଉଁଥିବାର ଦୃଶ୍ୟ ଦେଖିଲି, ସହଜରେ ଗ୍ରହଣ କରିପାରିଲିନି । ପ୍ରତିବାଦ କଲି, ଘୋର

Digitized by PPRACHIN, SOA

ପ୍ରତିବାଦ । ଚଟାପଟ ଫଳ ବି ପାଇଗଲି । କିଛି ଘୃଣା, କିଛି ତିରସ୍କାର, କିଛି ଆଘାତ ଏବଂ ପରେ ଅବହେଳା । ମୋର ସକଳ ଅନୁନୟ, ପ୍ରେମ ଓ ତାଙ୍କଦ୍ୱାରା ପ୍ରତ୍ୟାଖ୍ୟାତ ହେଲା ପରେ, ମୋର ନାରୀତ୍ୱକୁ ସମ୍ମାନ ଦେବାକୁ ଉଚିତ ମଣିଲି । ଆପଣ ସମ୍ଭବତଃ ଜାଣି ନାହାନ୍ତି ଦେବବାବୁ, ଭଲପାଇବା ଆଉ କିଛି ନୁହେଁ, ଏକ କୋମଳ ଅନୁଭବ । ଜଣେ ନାରୀ ସେଇ ଅନୁଭବକୁ ପାଥେୟକରି ବଞ୍ଚେ । ଏବଂ, ସେହି ଅନୁଭବ, ପୁରୁଷ ଦ୍ୱାରା ବାରମ୍ୱାର ଆହତହେବା ପରେ, ସେ କ'ଣ କରିପାରିବ, ଆପଣ କହିପାରିବେ ? ପ୍ରେମର କୋମଳ ଅନୁଭବପାଇଁ ସେ ବାୟାଣୀ ହୋଇଯିବନି ? ଯେଉଁଠୁ ଯାହାପାଖରୁ ଟିକିଏ, ଏତେ ଟିକିଏ ପାଇବ, ତା' ପାଖରେ ମଥା ଗୁଞ୍ଜିଦବନି ? ସେ ପ୍ରାପ୍ତି ମିଛ ହୋଇପାରେ, ମୁହୂର୍ତ୍ତିକର ବି ହୋଇପାରେ, ପ୍ରତାରଣା ହୋଇପାରେ, ଜୀବନର ସେଇ ବିଶେଷ ମୁହୂର୍ତ୍ତକୁ ଆପଣ କ'ଣ ଅସତ୍ୟ କହିପାରିବେ ?

ମାତ୍ର ଆପଣଙ୍କର ସ୍ୱାମୀ – ?

–"ସ୍ୱୀକାର କରିବାକୁ ବାଧ୍ୟ । କେବଳ ସେ ନୁହନ୍ତି, ସବୁ ସ୍ୱାମୀ ତାହା ହିଁ କରିବେ । ଅସ୍ୱୀକାର ଅଥବା ପ୍ରତିରୋଧ କଲେ, ସମସ୍ୟା ସ୍ୱାମୀମାନଙ୍କର, ଆଉ କାହାର ନୁହେଁ ।" କଥାରେ ତାଙ୍କର ପଲ୍ଲବିତ ହେଉଥିଲା କୋମଳ ଦୃଢ଼ତା ।

ସେ ପୁଣି କହିଲେ – ଦେବବାବୁ, ଆନ୍ତରିକ ସ୍ୱୀକୃତିରେ ଅଲଗା ଆନନ୍ଦ ଥାଏ । ବେଶ୍ ସ୍ୱଚ୍ଛ, ପରିଷ୍କାର । ମୋ ପତିଙ୍କ ସ୍ୱୀକୃତି ଠିକ୍ ସେହି ସ୍ତରର । ତାଙ୍କ ସ୍ୱାଧୀନତା ଓ ମୁକ୍ତି - ପ୍ରତ୍ୟାଶାକୁ ମୁଁ ଯେତେବେଳେ ଅସ୍ୱୀକାର କରିପାରିନି, ମୋତେ ବାନ୍ଧି ରଖିବାପାଇଁ ସେ ଚକ୍ରାନ୍ତ କରିଥିଲେ, ମୋ ବାଟରେ କଣ୍ଟା ପୋତିଥିଲେ, ତାଙ୍କ ପୁରୁଷୋଚିତ ଅହଂକାର ଆହତ ହୋଇ ନଥାନ୍ତା ? ସେ ନିଜ ପରି ମୋ ଆବଶ୍ୟକତା ଓ ଆବେଗକୁ ଅନୁଭବ କରିଛନ୍ତି । ମୋର ଭାବପ୍ରବଣତାକୁ ସମ୍ମାନ ଜଣେଇଛନ୍ତି । ସତୀଦେବୀ ଯଦି ଆପଣଙ୍କ ବ୍ୟକ୍ତିଗତ ଜୀବନର ଆବଶ୍ୟକତା ଓ ସ୍ୱପ୍ନକୁ ଗ୍ରହଣକରନ୍ତି, ଆପଣ ତାଙ୍କ ଦାବି ପ୍ରତି ଆଖି ବୁଜିଦେବାକୁ ସହାସ କରିପାରିବେ କି ? ଅନ୍ୟ ଜଣଙ୍କ ଆବଶ୍ୟକତାକୁ ସମ୍ମାନ ଜଣେଇବା ହିଁ ବନ୍ଧୁତ୍ୱ । ତାହା ହିଁ ମୁକ୍ତିବୋଧ । ଏଥିପାଇଁ ଲୋଡ଼ା କଠୋର ସାଧନା । ପ୍ରଥମେ ପ୍ରଥମେ ଏହା ଅସମ୍ଭବ ବୋଧହୋଇପାରେ; ମାତ୍ର ସବୁକିଛି ସହଜ ଓ ସମ୍ଭବ ।

ଦେବବାବୁ, ଆପଣ ପୁରୁଷମାନେ ଏମିତି ପତ୍ନୀଟିଏ ଆଶା କରିଥାନ୍ତି – ଯିଏ ସବୁବେଳେ ସାରୀ ପରି ଘୋଷୁଥିବେ - ମୁଁ ତୁମକୁ ଭଲପାଏ, ଭାରିଭଲପାଏ । ତୁମେ ମୋର ଇହ ଆଉ ପରକାଳର ଦେବତା, ମୁକ୍ତିଦାତା । ତମ ବିନା ମୁଁ ବଞ୍ଚିପାରିବି ନାହିଁ । ପତି କୁଆଡ଼େ ଗଲେ, ବିଚାରୀ ତାଙ୍କ ଫେରିବା ବାଟକୁ ଚାହିଁ ବସିଥିବ । ଗାଧୁଆ ପରେ ବିଚାରୀ ଲୁଗା କୁଞ୍ଚକରି ହାତକୁ ବଢ଼ାଇ ଦଉଥିବ । ସବୁକିଛିକୁ ପରିଷ୍କାର କରୁଥିବ, ସାଇତି ରଖୁଥିବ । ପାଖରେ ବସି ବଳେଇ ବଳେଇ ଖୁଆଇ ଦଉଥିବ । ଅଇଁଠା ଥାଳିରେ ଖାଉଥିବ । ତମେ ନ ଖାଇଲା ପର୍ଯ୍ୟନ୍ତ ନିଜେ ଖାଇ

Digitized by PPRACHIN, SOA

ନଥିବ । ବାହାରକୁ ଗଲାବେଳେ ଚୁମା ମାଗୁଥିବ । ଗାଡ଼ିଥିଲେ, ଚାବି ହାତକୁ ବଢ଼େଇ ଦେଉଥିବ । ହାତରେ ରୁମାଲ ପାନିଆ ପଇସା ଧରେଇ ଦଉଥିବ । ସାଙ୍ଗରେ ବଜାର ଯିବାକୁ କହୁଥିବ ଅଥବା ତାପାଇଁ ତମେ ଯାହା ଆଣୁଥିବ – କହୁଥିବ, ଭାରି ଭଲ । ଏବଂ, ତମ ପୂର୍ଣ୍ଣ ସଂସାରକୁ ପୂର୍ଣ୍ଣତମ କରିବାପାଇଁ ହଜାର ଯୋଜନାର ଛଇ କାଢୁଥିବ ।

ମୁଁ ପରିହାସ କରି କହିଲି – "ଖାଲି କ'ଣ ଏତିକି, ଆଉ କିଛି ନାଇଁ ?"

ସେ ହସିହସି କହିଲେ – "ଅଛି, ଅନେକ କିଛି ଅଛି । କହିବି, ଶୁଣିବେ ? ତମ ଦେହକୁ ଲାଗି ପୁଷିଟିଏ ପରି ଶୋଇଯାଉଥିବା ବେଳେ କେତେ ଗେହ୍ଲା କରୁଥିବ । କେତେ କ'ଣ ଭାବୁଥିବ । ତାଙ୍କ ପରିଶ୍ରାନ୍ତ ଦେହକୁ ସେ ନିଜ ଭିତରେ ସାଇତି ରଖୁଥିବ । ଦେହରେ ହାତ ବୁଲେଇ ଦଉଥିବ । କ୍ରମଶଃ ଧଳା ପଡ଼ିଆସୁଥିବା ତମ କେଶମାନଙ୍କୁ ଦେଖି କାନ୍ଦି ପକାଉଥିବ । ସେମାନଙ୍କୁ ଗୋଟିଗୋଟି କରି ଓପାଡୁଥିବ ଏବଂ କେବେ ଏ ଅଲାଜୁକ ଧନ୍ଦାରେ ନିଯୁକ୍ତ କରୁଥିବ ତା ପିଲାମାନଙ୍କୁ । ବାଳରେ କଳା ବୋଳିବାକୁ ବାଧ କରୁଥିବ । ତମେ କେବେ ବାରଣ କଲେ, ଆଉ କାହା ହାତରେ ବଜାରରୁ କେତେ କଥା କିଣିଆଣୁଥିବ । ଏବଂ ବେଳେବେଳେ ସେ ତମ ସହ ରଚନା କରୁଥିବା ଯାବତୀୟ ରସିକତାକୁ ନାଁ ନାଁ, ହଁ ହଁ, ହଁ ହଁ, ନାଁ ନାଁ ଧ୍ୱନିରେ ଉଚ୍ଚକିତ କରୁଥିବ । ଏମିତି ଅନେକ ।

ମାତ୍ର ସ୍ୱାମୀମାନଙ୍କ ପାଇଁ ଆପଣାକୁ ପରିପୂର୍ଣ୍ଣ ଭାବରେ ସମ୍ପାଦି ରଖୁଥିବା ନାରୀମାନଙ୍କର ଅହଂ କେଜାଣି କାହିଁକି ପରିତୃପ୍ତିର ଚୂଡ଼ା ଛୁଇଁପାରେନାହିଁ । ସେମାନେ କି ବିଚିତ୍ର ଉପାଦାନରେ ଗଢ଼ା କେଜାଣି, ତଥାପି ଆନନ୍ଦର ଅପେକ୍ଷା ରଖିଥାଆନ୍ତି । ଆଉ ସେତେବେଳେ ସ୍ୱାମୀମାନେ କ'ଣ କରୁଥାନ୍ତି ଜାଣନ୍ତି ? ନୂଆ ନୂଆ ଅନୁଭବରେ ଆପଣା ଜୀବନକୁ ପୂର୍ଣ୍ଣକରିବାପାଇଁ ତୀର୍ଥଙ୍କର ସାଜୁଥାନ୍ତି । ପତ୍ନୀଙ୍କ ପାଖରେ ଏକାନ୍ତ ବିଶ୍ୱସ୍ତ ଗୃହପାଳିତ ବୋଲି ଦାବି କରୁଥା'ନ୍ତି । ବିଚାରୀମାନେ ପୁରୁଷପୁଙ୍ଗବମାନଙ୍କ ଦେହର କ୍ଷତକୁ ଦେଖିଦେଲା ପରେ ପରସ୍ପର ସମ୍ପର୍କକୁ କ'ଣ ପ୍ରେମ କହିପାରିବେ ? ସେମାନଙ୍କୁ ଏବଂ ନିଜନିଜକୁ କ'ଣ କ୍ଷମା ଦେଇପାରିବେ । ପୁରୁଷର 'କର କ୍ଷମାରେ' ଗୀତକୁ ସତମଣିବା କ'ଣ ଆତ୍ମପ୍ରତାରଣା ନୁହେଁ ?

ବିଚାରୀ ନାରୀ ଘର ଭିତରେ ଆଇନା ଦେଖୁଦେଖୁ, ଝରକା ପାଖ କିମ୍ବା ଦୁଆର ମୁହଁରେ ଠିଆହୋଇ ଭାବୁଥିବ – ସେ ଟିକିଏ ଆସନ୍ତେନି ? ଯିଏ ଆସନ୍ତେ ସେ ଆଉ କେହି ନୁହନ୍ତି, ତା'ର ଅପରିଚିତ ଅଥଚ ଏକାନ୍ତ ଭାବରେ ନିଜର । ସେ ଅତିଥି ପାଦଦେଲା ମାତ୍ରକେ ଇ ହନହୂତି ମୁଦି ହୋଇଯିବ ତା ଘରର ସବୁ ଝରକା, କବାଟ, ବାଟ-ଅବାଟ । ନିରନ୍ଧ୍ର ଅନ୍ଧାର ଅପସରି ଯିବ, ଉଜଳିଉଠିବ ଦଶଦିଶ । ଶୂନ୍ୟ ନିରବତାରେ ଲହରି ଉଠୁଥିବ ଅଶ୍ରୁତ ସଂଗୀତ । ଅନାଘ୍ରାତ ସୁବାସରେ ବାସ୍ନାୟିତ ହେଉଥିବ ଚଉପାଶ । ଜୀବନରେ ଅତିଥି ସହିତ ସହବାସର ସୁଖ ମୁହୂର୍ତ୍ତକର

Digitized by PPRACHIN, SOA

ହୋଇପାରେ, ମାତ୍ର ତାହା ଅସତ୍ୟ ନୁହେଁ, ଚିରନ୍ତନ ଅନୁଭବ । ବର୍ତ୍ତମାନର ସତ୍ୟ ହିଁ ତ ଜୀବନ ନା ? ବର୍ତ୍ତମାନ ଆବେଗକୁ ପରିପୂର୍ଣ୍ଣ କରୁଥିବା ଅନୁଭବ, କାଳକାଳର ।

ଅପିରିଚିତର ଆକର୍ଷଣ ଓ ତା ସହିତ ସମ୍ମେଳନକୁ ଆପଣ କ'ଣ ଅନୁବନ୍ଧ ସମ୍ପର୍କ ବୋଲି କହିପାରିବେ ? ତାହା ମୁକ୍ତ, ସମର୍ପିତ ଅଥଚ ଭାରି ଯନ୍ତ୍ରଣାଦାୟକ ?"

ଏକଥା ସେ କହୁଥିଲାବେଳେ ତାଙ୍କ ଭିତରେ ମୁଁ ଅନୁଭବ କରୁଥିଲି– ଆଦ୍ୟା-ଆତ୍ମାର ଅନନ୍ତ-ଜ୍ୱଳନର ତୀବ୍ରତା ।

ସେ ପୁଣି ଉଦାସ ସ୍ୱରରେ କହିଲେ - "ଯନ୍ତ୍ରଣାର କାରଣ କ'ଣ ଜାଣନ୍ତି ଦେବବାବୁ ! ଭଲ ପାଇବା । ଭାରି କଷ୍ଟ ତାର ପରିପାଳନ । ଯିଏ ଭଲପାଇବା ପାଇଚି - ସେ ତ ଭାଗ୍ୟବାନ । ଭାଗ୍ୟବତୀ । ଏହି ପ୍ରାପ୍ତି ତ ପ୍ରେମକୁ ମୂର୍ତ୍ତିମନ୍ତ କରେ, ଜୀବନରେ ପୂର୍ଣ୍ଣତା ଆଣେ । ଜଣେ ଯେତେବେଳେ ଆଉ ଜଣକ ପାଖକୁ ଆକର୍ଷିତ ହୋଇ ଆସେ, ଆପଣା ଅଭାବପଣକୁ ପରିପୂର୍ଣ୍ଣ କରିବାପାଇଁ, ସେ ତ ଯନ୍ତ୍ରଣାର ବେକରେ ବରଣମାଳା ଦେଇ ଆସିଥାଏ । ହସ ହସ ମୁହଁରେ ଅନୁଭବ ଉଭା ହୋଇଥାଏ ଦୁଇଟି ଦେହର ମଝିରେ । ଦୁହିଁଙ୍କି ଏକ ସମୟରେ ଛୁଇଁଛୁଇଁ ଯାଉଥାଏ । ଆକାଶରେ ନିଆଁ, ବରଷା ଅଥବା ବତାସ ପିଟୁଥାଏ । ମାତ୍ର କାହା ଧମକ ତାକୁ ଆତଙ୍କିତ କରୁନଥାଏ । ତା' ପାଖରେ ଅପବାଦର ଦର୍ପ ଓ ଯନ୍ତ୍ରଣାର ଯାଦୁଗରମାନେ ବଡ଼ ଦୟନୀୟ ଭାବରେ ହାରିଯାଉଥାନ୍ତି । ସମର୍ପଣ ପାଖରେ ଅପବାଦୀମାନଙ୍କର ତେଜ କ'ଣ ତାଉ ଦେଖାଇପାରେ ?

କହିଲେ ଦେଖି, ଯେଉଁ ମଣିଷମାନେ କେବଳ ନିଜପାଇଁ ବଞ୍ଚୁଥାନ୍ତି, ଅନ୍ୟର ଆବେଗକୁ ଅମର୍ଯ୍ୟାଦା କରୁଥାନ୍ତି, ସେମାନେ ଆଉ କାହାକୁ ସ୍ୱୀକାର ପାରିବେ କି ? କେହି କ'ଣ ପାରିଛି ? ମୋ ସ୍ୱାମୀଙ୍କ ପରି ଜଗତର ଅଧିକ ସଂଖ୍ୟକ ସ୍ୱାମୀ ସେମିତି ପ୍ରାୟ, ଗୋଟିଏ କାଟର । ଆପଣ କୋଉ କାଟର ମୁଁ ଜାଣିନି । ନିଜକୁ ପଚାରି ପାରନ୍ତି ?!"

ଟିକିଏ ବିରାମ ନେଇ ସେ ପୁଣି କହିଲେ - "ପ୍ରେମ ମଗା ଯାଏନି। ତାହା ଆଉ କାହା ପାଖରେ, ଆଉ କାହା ସହିତ ଭାଗ ବସାଯାଏନି । ତାହା ନିଜ ଅନୁଭବରେ ପରିପୂର୍ଣ୍ଣ ହୋଇଥାଏ । ହଁ, ତାହା ମୁହୂର୍ତ୍ତକର ହୋଇପାରେ । ମାତ୍ର ସେଇ ମୁହୂର୍ତ୍ତକର ଅନୁଭବ ଅନନ୍ୟ, ଅକଳିତ । ଯେଉଁ ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ନିଜ ଇଚ୍ଛାରେ ପରିପୂର୍ଣ୍ଣ ଭାବରେ ବଞ୍ଚିବାକୁ ଚାହେଁ, ସେ କ'ଣ ଆଉ କାହାର ଆଖି ମିଟିକାକୁ ଖାତିର କରିପାରେ ? ଆଉ କାହା ସହିତ ସାଲିସ୍ କରିପାରେ ? ଏପରିକି ମୃତ୍ୟୁର ଡରାଣକୁ ମଧ୍ୟ ସେ ଫୁଟ୍ କରି ଉଡ଼େଇ ଦେଇପାରେ । ମରିବା ଯଦି ଏକମାତ୍ର ସତ୍ୟ, ଆଜି ଏଇ ମୁହୂର୍ତ୍ତକୁ ନିଜ ଇଚ୍ଛାରେ ନ ବଞ୍ଚିବି କାହିଁକି ? ନିଜ ଇଚ୍ଛାର ପରିପୂର୍ତ୍ତିରେ ପୁଲକିତ ନ ହେବି କାହିଁକି ? ପବିତ୍ରତା, ସତୀତ୍ୱ, ତ୍ୟାଗ, ସବୁ ମିଛ, ପ୍ରତାରଣା, ବୋଗସ୍ । ସବୁକିଛି ତଥାକଥିତ ଉପଭୋଗବାଦୀମାନଙ୍କ ସୁଖଖୋରୀ ମାନସିକତାର ଇସ୍ତାହାର । ଫିଲୋସଫି ଅଫ ଏସ୍କେପିଷ୍ଟସ୍ ।"

Digitized by PPRACHIN, SOA

ପ୍ରଥମ ଦେଖାରେ ଜଣେ ଅପରିଚିତ ଆଗରେ ଉମାଦେବୀ ଯାହାସବୁ ଗପି ଯାଉଥିଲେ, ସବୁକିଛି ମତେ କେମିତି କେମିତି ଲାଗୁଥିଲା । ତାଙ୍କର ଏ ଆକ୍ଷେପ ମୋ ପ୍ରତି ଉଦ୍ଦିଷ୍ଟ ନୁହେଁ ତ ? ନିଜର ସତୀପଣକୁ ସାବ୍ୟସ୍ତ କରିବାପାଇଁ ଏହା ହୁଏତ ଚମତ୍କାର ଚାଲ୍ ହୋଇପାରେ । ତାହା ହୋଇ ନଥିଲେ, ଏକ ବୟସ୍କ ସନ୍ଧ୍ୟାରେ, ମୋହିନୀ ବେଶରେ ଆଉ କାହାର ଅପେକ୍ଷାରେ ବିଚଳିତା ହୋଇପଡ଼ିଥିଲେ କାହିଁକି ?

ପତଳା ଅନ୍ଧାରରେ ସେ ମୋର ସନ୍ଦେହକୁ ପଢ଼ିପାରିଲେ କି କ'ଣ – ନିରବତାରେ ଚମକ ଖେଳେଇ କହିଲେ, "ଦେବବାବୁ, ମୁଁ ଜାଣେ, ମୋର ସବୁ କଥା ଆପଣଙ୍କୁ କିମିଆ ପରି ଲାଗୁଥିବ । ଅପରିଚିତାର ଆତିଥ୍ୟ ସବୁ କାଳରେ ଏମିତି । ଜୀବନରେ ଆପଣ ଏମିତି ଜଣେ ପ୍ରଗଲ୍‌ଭା ଅପରିଚିତାର ସଂସ୍ପର୍ଶରେ ଆସି ନଥିବେ ନିଶ୍ଚୟ – ଯିଏ କେବଳ ଗପୁଥିବ । ଆଉ ଆପଣ ଅସୀମ ଧୈର୍ଯ୍ୟର ସହିତ ମୁଣ୍ଡ ଟୁଙ୍ଗାରି ତା କଥାକୁ ହଁ ହଁ କରୁଥିବେ ।

ଦେଖନ୍ତୁ, ଏ ଶ୍ରୀମୁଖରୁ ସମୁଦ୍ରେ ଅଶ୍ଲୀଳ ଗୀତ ଶୁଣେଇଲିଣି । ଆପଣଙ୍କୁ ଆଉ ଅଧିକ ବୋର୍ କରିବିନି । ଖୁଆଇ, ପିଆଇ, ଶୁଆଇ ପକେଇବି । ପୂର୍ଣ୍ଣତମାଙ୍କ ଠିକଣା ମଧ୍ୟ ଯଥା ସମୟରେ ବତେଇଦେବି । ଠକିବିନି । ପୂର୍ଣ୍ଣତମାଙ୍କ ପ୍ରତି ମୋର ଭାରି ଈର୍ଷା । ତାଙ୍କ ଅତିଥିମାନଙ୍କ ସନ୍ଧାନ ପାଇଲା ମାତ୍ରେ, ମୋ କୁଞ୍ଜକୁ ନେଇଆସେ । ସେମାନଙ୍କୁ ଧୋଇଧାଇ ସଫାସୁତୁରା କରି ଛାଡ଼ିଦେଇ ଆସେ ତାଙ୍କ ଆସ୍ଥାନରେ । ମୋ ପରି ଅପରିଚିତାମାନଙ୍କର ଆଦତ୍ ସବୁ କାଳରେ ସେମିତି । କ'ଣ ସତ ନା !"

ଗୁମ୍‌ଖାଇ କହିଲି - "ନା, ନା, ମତେ ସେମିତି ଭାବନ୍ତୁନି । ଆପଣ ମୋ ପାଖରେ ଆଦୌ ଅପରିଚିତା ନୁହନ୍ତି । ଆବେଗ, ଅନୁଭବ ଓ ସମର୍ପଣର ଅଦ୍‌ଭୂତ କବିତା, ପରିଚିତା, ପବିତ୍ରା ।"

ସେ ହସିଦେଇ କହିଲେ - ମୁଁ କବିତା, ସମର୍ପିତା, କି ଅଦ୍ଭୁତ, କିଛି ନୁହେଁ । କାହାକୁ ଆପଣାର ଆଲିଙ୍ଗନରେ ଆଚ୍ଛନ୍ନ କରିପାରୁନଥିବା କାମିନୀ । କେବେ କ'ଣ କବିତା ହୋଇପାରେ ? ବରଂ ଆପଣ ମୋତେ ଝରଣାଟିଏ କହିପାରନ୍ତି । ସେ ପୁଣି ଏମିତି ଏକ ଝରଣା, ଯିଏ ପର୍ବତ ସନ୍ଧିରୁ ଜନମ ନେଇଛି, ମାତ୍ର ନଈଟିଏ ହୋଇପାରିନି । ବାଟରେ ଆସୁଆସୁ କୋଉଠି ନିଜ ପରିଚୟ ହଜେଇଦେଇଛି । ପରବତ ଛାଡ଼ିଛି ଯେ ଛାଡ଼ିଛି, ଆଉ ତା କୋଳକୁ ଫେରିବାର ସମ୍ଭାବନା ନାହିଁ। ସତ କଥା କହିଲେ, ମୁଁ ନିଜ ଭିତରେ କୋଉଠି କେମିତି ସେମିଟି ଯାଇଛି । ସମୁଦ୍ର ମୋ ପାଇଁ ଅପହଞ୍ଚ ସତ୍ୟ । ମୋ ନିଃସଙ୍ଗ ଅସ୍ତିତ୍ୱ ବାରମ୍ବାର ମତେ ଯେମିତି କହୁଛି – ଉମା ଲୋ, ଏମିତି ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଯନ୍ତ୍ରଣାରେ ଛଟପଟ ହେବା ହିଁ ତୋ ପାଇଁ ଏକମାତ୍ର ସତ୍ୟ । ନିଜ ଭିତରର ଖାଁ ଖାଁ ଶୂନ୍ୟତାକୁ ପୂର୍ଣ୍ଣକରିବାପାଇଁ ଜୀବନ ଓ ଅନୁରାଗକୁ ଅନେକଥର, ଅନେକଙ୍କ ପାଖରେ ବାନ୍ଧି ରଖିଛି । କିଛି ପାଇନି । ଧାପେ ବି ବଦଳୁନି । ଭାଗ୍ୟ ଯେମିତି ସତେ ଅନିଷା କରି ଠୋ ଠୋ ହସୁଛି । ଏମିତି

Digitized by PPRACHIN, SOA

ଏକ ବର୍ତ୍ତମାନକୁ ଆପଣେଇ ନେଇଥିବା ଜୀବନକୁ କୋଉ ବିଶେଷ ଅଳଙ୍କାରରେ ଶ୍ରୀମଣ୍ଡିତ କରାଯାଇପାରେ, ଆପଣ କହିପାରିବେ ? ଆପଣ ତ ସ୍ନାତକ ନୁହନ୍ତି, ସ୍ନାତକୋତ୍ତର । ଥରେ ନୁହେଁ, ଅନେକଥର କେତେ ନଈ, କେତେ ଝରଣା, କେତେ ପୋଖରୀ, କେତେ ନା କେତେ ତୁଠରେ ସ୍ନାନ କରିଛନ୍ତି । ତା'ପରେ ପୁଣି ଶାସ୍ତ୍ରୀୟ ରୀତିରେ ଗାଈ ଖୋଜା, ଗବେଷଣା ଧନ୍ଦାରେ ମତ୍ତ ରହନ୍ତି । କୋଉ ଶବ୍ଦରେ ସେ ଅନୁଭବର ସଂଜ୍ଞା ନିରୂପଣ କରିବେ ? ଆପଣଙ୍କ ପ୍ରାଣପ୍ରତିମା, ପ୍ରିୟତମା ଶ୍ରୀମତୀ ସତୀଙ୍କୁ ଏ ସମ୍ପର୍କରେ କେବେ କ'ଣ କିଛି ପଚାରିଛନ୍ତି ?"

କଥା ମଝିରେ ମଝିରେ ତାଙ୍କ ତୁଣ୍ଡରେ ସତୀ ଶବ୍ଦର ଉଚ୍ଚାରଣ ମୋ ଅସ୍ତିତ୍ୱ ପ୍ରତି ମନେହେଲା ଗୋଟିଏ ଗୋଟିଏ ଚ୍ୟାଲେଞ୍ଜ ପରି । ଚମକି ପଡ଼ିଲି । କ'ଣ କରୁଥିବ ଏବେ ସେ ? ମୋରି ଅପେକ୍ଷାରେ ବ୍ୟସ୍ତ ହୋଇ ପଡୁଥିବ ନା ? ସେ କ'ଣ କେବେ କଳ୍ପନା କରିପାରିବ ଯେ – ତାକୁ 'କେବଳ ମୋରି' ଶବ୍ଦରେ ଏତେ ଆଣ୍ଟରେ ପ୍ରବଚନ ଦେଉଥିବା ପ୍ରେମିକ-ପତି ଜଣକ ଏବେ ଆଉ କୋଉ ରହସ୍ୟମୟୀ ନାରୀର–

ମୋତେ ଅଧିକ କିଛି ଭାବିବାର ସୁଯୋଗ ନ ଦେଇ ସେ ପୁଣି କହିଲେ – "ଦେବବାବୁ, ଏଇ ନାରୀ ସତୀ ହୋଇ ପାରିଲାନି । ତେଣୁ ତାକୁ କିଏ ବା କାହିଁକି ନିଜର କରିବ, ନିଜର କହିବ ? ପ୍ରେମିକ ଓ ପତି ଉଭୟଙ୍କୁ ସାଙ୍ଗରେ ଧରି ବାର ଜାଗାରେ ବୁଲିଲି । ଗୋଟିଏ ପଲଙ୍କରେ ଦୁଇ ପାଖରେ ଦୁଇଜଣଙ୍କୁ ଶୁଆଇ ପକାଇ ସେମାନଙ୍କର ପୌରୁଷ ଓ ପ୍ରେମର ପରୀକ୍ଷାକଲି । ସତେ ଯେପରି ବାହାରେ ଲଙ୍ଗଳା ହୋଇ ବୁଲୁଥିବା ଏକ ରୋଗିଣୀ କାଙ୍ଗାଳୁଣୀ – ଯାହାର ଆଉ ରୋଗମୁକ୍ତ ହେବାର ସମ୍ଭାବନା ନାହିଁ । ସେ ପୁଣି ଏମିତି ବିଚିତ୍ର ପାଗଳୀ ଯେ, ଯିଏ ଦିନେ ସଂସାରରୁ ବାହୁଡ଼ି ଯିବାର ଆନନ୍ଦ ମୁହୂର୍ତ୍ତମାନଙ୍କୁ ରଙ୍ଗମୟ କରୁଥାଏ । ନିଜର ଅପ୍ରାପ୍ତି ଓ ଅସହାୟତାକୁ ଅତି ଯତନରେ ପାଳିପୋଷି କୋମଳ ଓ ସୁକୁମାର କରୁଥାଏ । ବରଷାକୁ ଡାକି ଡାକି କହୁଥାଏ – ଆ, ଆ, ଭିଜିବା । ନିଆଁକୁ କହୁଥାଏ – ଆ, ଜଳିବା । ଫୁଲକୁ କହୁଥାଏ, ଆ ଲୋ, ଚୁମାଟିଏ ଦେଇ ଯା । ପବନକୁ କହୁଥାଏ ଆସ, ଆସ ମ, ଏ ବାସଗୁଡ଼ାକୁ ଉଡ଼େଇ ନିଅ, ଦେହରେ ଜଡ଼େଇ ଧର, ସୁବାସ ଲେପିଦେଇ ଯାଅ । ଜହ୍ନକୁ ଅଭିମାନରେ କହୁଥାଏ – ତୋ ଅଲାଜୁକ ରାସ କେତେ ଦେଖିଚିରେ ଘରଭଙ୍ଗା । ଆସିବୁ ? ଆସୁନୁ, ଆ । ଗୁରୁଦ୍ରୋହୀର ଭୟ କାହାକୁ ?

ସତ କହିଲେ, ଏମିତି ଏକ ନିଦା ବାୟାଣୀକୁ ଦାଣ୍ଡ ଧୂଳିରୁ ଉଠେଇନେଇ, କୋଳରେ, ଗହନ ନିଦରେ ଶୁଆଇ ପକାଇବାକୁ ଆପଣ କ'ଣ ଆଗେଇ ଆସିବେ ? ପାରିବେ ? ଏବଂ, ଆପଣଙ୍କୁ କାୟୋମନବାକ୍ୟରେ ଭଲ ପାଉଛନ୍ତି ବୋଲି ଦାବି କରୁଥିବା ସତୀଦେବୀ କ'ଣ ଆପଣଙ୍କର ଏ ଉଦ୍ଧତ ପୌରୁଷକୁ ସ୍ୱୀକାର କରିପାରିବେ ? ଯିଏ ଆଉ ଜଣଙ୍କ ପାଖରେ ଆପଣାକୁ ସମର୍ପଣ କରି ଦେଇଥାଏ, ସେ ତା ପାଖରୁ କେବେ ପ୍ରତାରିତ ହୁଏନି । ଅସତୀର କ'ଣ କେହି ନିଜର ଥା'ନ୍ତି ? ଜୀବନରେ ସେ କ'ଣ କାହାକୁ କିଛି ଦେଇଥାଏ ? ଦେବାର ଅଧିକାର କ'ଣ ତା'ର ଥାଏ ? ସେ ତ ବାରର, ବରର ନୁହେଁ ।

Digitized by PPRACHIN, SOA

ତାଙ୍କ ଭିତରୁ ଜନ୍ମ ନେଉଥିବା ପ୍ରତ୍ୟେକ ଶବ୍ଦରେ ଜୀବନ୍ତ ହୋଇ ଉଠୁଥିଲା ଜୀବନ ଓ ଅନୁଭବ । ମିଛର ଘୋଡ଼ଣୀ ତାଙ୍କ ରୂପକୁ ବିକୃତ କରିଦେଇ ନ ଥିଲା । ଜୀବନ ଖୋଜୁଖୋଜୁ ସଂସାରୀମାନଙ୍କ କଟାଳରେ ସେ ଯେପରି କ୍ଳାନ୍ତ, ଅସ୍ଥିର, ଆହତ । ମୁକ୍ତିପାଇଁ ବ୍ୟାକୁଳ ଏବଂ ମୋ ପରି ଜଣେ ଅନ୍ତରଙ୍ଗ ଶ୍ରୋତା ପାଖରେ ନିଜକୁ ବିମୁକ୍ତ କରୁକରୁ ସେ ପକ୍ଷୀଟିଏ ହେଇ ଉଡ଼ିଯାଉଥିଲେ ଅନାଲୋକିତ ଆକାଶର କାଇଁ କେତେ ଦୂରକୁ । ତାଙ୍କ ପ୍ରାପଞ୍ଚିକ ସତ୍ତା ସାରା ସଂସାରକୁ ପ୍ରୀତିର ତେଜରେ ଆଲୋକିତ କରିବାପାଇଁ ।

ସେଇ ମୁକ୍ତକେଶା, ବିବସ୍ତ୍ରା, ପ୍ରେମପ୍ରମତ୍ତା ଓ ବିଶ୍ୱମୋହିତାଙ୍କ କୋମଳ ପାଦ ତଳେ ନତଜାନୁ ହୋଇ ବସିପଡ଼ିଲା ଦେବଦାଶ ଏବଂ କହିଲା – "ଦେବି, କୋଉ ମହିଷାସୁର କହିଲା ଆପଣଙ୍କୁ ବାରାଙ୍ଗନା ବୋଲି । ଆପଣ ବରାଂଗନା ।"

ମୋ କଥା ଶୁଣି ସେ ହସହସ ମୁହଁରେ କହିଲେ – ତମେ ସତରେ ନିର୍ବୋଧ ଦେବଦାଶ । ଆଜିଯାଏ ମହିଷାସୁରମାନଙ୍କର ପରିଚୟ ପାଇଲ ନାଇଁ ଯେ, ପଚାରୁଚ ? ସେମାନେ, ଯେଉଁମାନେ ସତୀତ୍ୱର ସଂଜ୍ଞା ନିରୂପଣ କରିଥା'ନ୍ତି, ସତୀତ୍ୱ କହିଲେ – ବହୁଭୋଗୀ ପୁରୁଷର ପାଦତଳେ ନାରୀର ସୁଖ ଓ ସ୍ୱପ୍ନର ନିଃସର୍ତ୍ତ ସମର୍ପଣ ବୁଝୁଥା'ନ୍ତି – ସେମାନେ । ଏହା ତ ବିଚାର ନୁହେଁ, ବ୍ୟଭିଚାର ।

ଦେବ, ମୁଁ ତମକୁ କହିଛି ନା, ମଣିଷର ସବୁ ଆଗ୍ରହ, ସବୁ ସ୍ୱପ୍ନ, ସବୁ ପ୍ରତିଷ୍ଠା ଓ ଅହଂକାର ଦିନେ ନା ଦିନେ ମାଟିରେ ମିଶିଯାଏ । ସେଇ ମାଟି - ଅନୁରୂପା ନାରୀର ଜୀବନରେ ଡଙ୍କ ମେଲିଥାଏ କେତେ କୁନି କୁନି ଆବେଗ । ସେ ଭାବୁଥାଏ – କିଏ ଜଣେ ଆସନ୍ତା । ତାକୁ କୋଳେଇ ନିଅନ୍ତା । ଛାତିରେ ମଥା ରଖି ଗହବା ବାଳକୁ ଆଉଁଶି ଦଉଥାନ୍ତା । ଓଠରେ ଓଠ ରଖି କହନ୍ତା - ମୁଁ ତୁମକୁ ଭଲପାଏ । ଭାରି ଭଲପାଏ ଏବଂ ଭଲପାଇବାର ଗୀତ ଶୁଣୁଶୁଣୁ ସେ ନିଦେଇ ଯା'ନ୍ତା । ମାତ୍ର ସେଇ ଭାବ, ସେଇ ବେଶରେ କେହି ଜଣେ ହେଲେ ଆସନ୍ତିନି । ଅନେକ ଆସନ୍ତି ଅତିଥି ପରି – ଚେତନ, ଅବଚେତନରେ । କହୁଥା'ନ୍ତି – ତମେ ଭଲ, ଭାରି ଭଲ । କେତେ ମିଥ୍ୟାବାଦୀ ସେମାନେ ?

ଦେବ, ଏ ଅସତୀ ଜୀବନର ମଧ୍ୟାହ୍ନରେ, ତମେ ନୂତନ ଆବିଷ୍କାର । ବିସ୍ମୟ । ତମକୁ ଦେବାପାଇଁ ମୋ ପାଖରେ କିଛି ନାହିଁ । ଆସିଛ, ଭଲ କରିଛ । ଶ୍ରଦ୍ଧା ନିଅ । ତମ ପାଖରେ ଅଛି ପୁଣ୍ୟବତୀ ସଖୀ କଣ୍ଢେଇ, ସତୀ । ତାକୁ ତମେ ମୁକ୍ତ ହୃଦୟରେ କହନ୍ତନି – "ମୁଁ ତୁମକୁ ଭଲପାଏ, ଭାରି ଭଲପାଏ ।" ଦେଖ, ଏ ଅସତୀ ଆଜି ନିଷ୍ଚୟ ତମକୁ ପୂର୍ଣ୍ଣତମାଙ୍କ ଘରେ ସୁଖରେ ରାତି ବିତେଇବାର ସୁଯୋଗ ଦବ । ତମ ଆଗ୍ରହକୁ ସେ ମାଟି କରିଦେବନି । ସେ ଏମିତି ଭାବମୟୀ ଓ ହୃଦୟବତୀ ଯେ, ଆପଣା ସ୍ୱାମୀ, ପୁଅ ଝିଅ, ଶାଶୂ ଶ୍ୱଶୁର କାହାକୁ ବୋଲି କାହାକୁ ତମ ଘର ଭିତରକୁ ଛାଡ଼ିବନି । ମାତ୍ର ଏତେ କଥା କରିବା ପୂର୍ବରୁ ତମ ପାଖରେ କିଛି ସର୍ତ୍ତ ବାଢ଼ିବ । ତମେ ଗ୍ରହଣ କରିପାରିବ ତ ? ସେ ଭୟଙ୍କର ସର୍ତ୍ତ କ'ଣ ଜାଣିଚ ?

Digitized by PPRACHIN, SOA

"ଆଉ କିଛି ବରଷ ପରେ ତା' ଜୀବନରେ ଭୟଙ୍କର ସମୟ ଆସିବ । ସେ ଏମିତି ଏକ ରୋଗରେ ସଂକ୍ରମିତ ହୋଇପଡ଼ିବ ଯେ, ସେ ରୋଗପାଇଁ ପୃଥିବୀର ଚିକିତ୍ସା ବିଜ୍ଞାନୀମାନେ ଔଷଧ ଉଦ୍‌ଭାବନ କରି ନଥିବେ । ତା' ରୋଗାକ୍ରାନ୍ତ ଦେହରୁ ପୂଜରକ୍ତ ସଡ଼ସଡ଼ ଖଣ୍ଡଖଣ୍ଡ ପଚାମାଂସ ଖସିପଡୁଥିବ । ପୋକମାନେ ସାଲୁବାଲୁ ହେଉଥିବେ । ଗନ୍ଧରେ ନାକ ଫାଟି ପଡୁଥିବ । ତା'ର ଏ ଦୟନୀୟତାକୁ ଦେଖିବାକୁ ଅନେକ ଅତିଥି ହାତରେ କରୁଣାର ସମ୍ଭାରମାନ ଧରିଆସିବେ । ତମେ ବି ଆସିବ । ନ ଆସି ରହିପାରିବନି । ମାତ୍ର ତମକୁ ଅନୁରୋଧ, ଏକା ଏକା ଆସିବନି । ସତୀକୁ ସାଙ୍ଗରେ ଆଣିବ । ଆସିବ, ମୋ ପାଖରେ ବସିବ । ମୋ ନିଶ୍ଚଳ ମଥାକୁ ନେଇ ତମ ପବିତ୍ର କୋଳରେ ରଖିବ । ଗୋଟିଏ ହାତରେ ମୋ ହାତ ଧରିବ । ଆର ହାତରେ ଆଉଁଶି ଦବ ମୋ ମଥାକୁ । ଓଠର ହସ ଓ ଆଖିର ଲୁହରେ ଧୋଇଦବ ମୋ ଅଲାଜୁକୀ ମୁହଁକୁ ଏବଂ କପାଳରେ ଚୁମାଟିଏ ଦବ । ଯାହା ଏ ଯାବତ୍ ମତେ କେହି ଦେଇନି । ଅନେକଙ୍କ ଆଗରେ ଏତିକି, କେବଳ ଏତିକି ମାତ୍ର କ'ଣ କରିପାରିବ ?"

ଆକାଶର ନୀଳ ଅନ୍ଧାର ଭିତରେ ଦାଉ ଦାଉ ଜଳୁଥିବା ତାଙ୍କ ସତୀପଣର ତାତି ଚାଉଁକଲା ମୋ ଚେତନାରେ । ମୁଁ ନିଜ ପାଖକୁ ଫେରିଆସିଲି ।

ସେ ହସିହସି କହୁଥାନ୍ତି – "ମୁଁ ଜାଣେ ଦେବବାବୁ, ଆପଣ ପାରିବେନି । ଆପଣ ଭୀରୁମାନଙ୍କ ଦୀର୍ଘ ତାଲିକାରେ ଆଉଜଣେ । ମୁକ୍ତିର ସ୍ୱାଦ ଅନୁଭବ କରିବାର ସତ୍‌ସାହସ ଆପଣଙ୍କର ନାହିଁ । ସତୀମାନଙ୍କର ଆପଣ ପତି ହୋଇପାରନ୍ତି । ମାତ୍ର ସତୀତ୍ୱର ଜ୍ୱାଳାରେ ପୋଡ଼ିହୋଇଯିବାର ଭୟ ଏପର୍ଯ୍ୟନ୍ତ ଆପଣଙ୍କୁ ଆତଙ୍କିତ କରିରଖିଛି । ଅଥଚ ଆପଣ କାଇଁ କେତେ ଦୂରରୁ ପୂର୍ଣ୍ଣତମାଙ୍କ ସ୍ପର୍ଶ ଟିକିଏ ପାଇବାପାଇଁ ଏଠିକି ଧାଇଁ ଆସିଛନ୍ତି ।"

କାହାର କଅଁଳ ଛୁଆଁରେ ମୁଁ ଚମକି ପଡ଼ିଲି । ଦେହ ଶୀତେଇ ଉଠିଲା । ପାଖକୁ ଚାହିଁଲି । କେହି ନ ଥିଲେ । ନା ସେ, ନା ଚଉକି ।

ମାତ୍ର ଅନୁଭବ କଲି – ମୋ କାନ୍ଧ ଉପରେ ମୁହଁ ରଖି, କାନ ପାଖରେ, କେହି ଜଣେ ଅଶ୍ରୁତ ସ୍ୱରରେ ଯେମିତି କହୁଚି – "ଦେବ, ଏ ଦେବ, ଡରିଗଲ କି ? ଏଠି ଡର କାହାକୁ ? ତମେ ଅଛ, ମୁଁ ଅଛି । ମୁଁ ଅସତୀ । ଜୀବନରେ ଅନ୍ତତଃ ଥରୁଟିଏ ପାଇଁ କୋଉ ଜଣେ ଅସତୀର ଅତିଥି ନ ହେଲେ, ତା ପାଦରେ ନିଜ ପୌରୁଷକୁ ସମର୍ପି ନ ଦେଲେ, କେହି କ'ଣ କେବେ ପୂର୍ଣ୍ଣତମ ବୋଲି ଦାବି କରିପାରିବ ? ଏ ପୂର୍ଣ୍ଣତମାମାନେ ଭାରି ନଖରା ନା ?"

ମୁଁ ଉଠି ଠିଆ ହେଲି । ଅନ୍ଧାର ରାତିରେ ଥିରି ପବନରେ ତାଙ୍କ ମୁକୁଳା କେଶ ଓ ଦିଗମ୍ବରୀ ଦେହର ଆରଣ୍ୟକ ଆହ୍ୱାନରେ ସମାହିତ ହୋଇ ଯାଉଥିଲା ମୋ ସତ୍ୟବାନୀ ସତ୍ତା ।

●●●

Digitized by PPRACHIN, SOA

ସୁଖଦା

।। ଏକ ।।

ସୁଖଦା କିଏ ?

କ'ଣ ବା ତା ସହିତ ମୋର ସଂପର୍କ ?

ସିଏ କ'ଣ ସେଇମାନଙ୍କ ଭିତରୁ ଜଣେ – ଏକ ମାୟାବିନୀ : ଯିଏ ସ୍ୱାର୍ଥ ହାସଲ ପାଇଁ କେତେ ଲଳିତ ରୀତିରେ ରସିକମାନଙ୍କ ଚାରିପାଖରେ ଚପଳ ନୃତ୍ୟ ରଚନା କରୁଥାଏ ?

ଏକ କାମ ଅତୃପ୍ତା ବିଟପୀ : ଅସମର୍ଥ ପୁରୁଷର ବାହୁବନ୍ଧନ ଭିତରେ ଯାହାର ବିଫଳ ଓ ବିକଳ ଚେତନା ସମର୍ଥର ସରାଗ ଖୋଜିଖୋଜି ବାର ତୁଠରେ ପଥର ସାଳୁଥାଏ, ସୁଖ ସାଉଁଟୁଥାଏ ?

ଏକ ପ୍ରତାରିତା, ପ୍ରତିକ୍ରିୟାଶୀଳା : ଆପଣା ବୀଟ ପୁରୁଷଦ୍ୱାରା ଆହତା, ଲାଞ୍ଛିତା ଓ ବିଡ଼ମ୍ବିତା ପ୍ରୀତିରଙ୍କୁଣୀ, ଯିଏ ଆପଣା ତୃଷାର ତାପକୁ ଶୀତଳେଇବାପାଇଁ ପ୍ରତି ମୁହୂର୍ତ୍ତରେ ଖୋଜିବୁଲୁଥାଏ ରାସମୟ ମୁହୂର୍ତ୍ତର ସୁବାସ ?

ନାଁ ଏକ ପ୍ରଣୟଦଗ୍ଧା ମିତଣୀ : ଆପଣାର ନିର୍ଲୋଭ ଅହଙ୍କାର ଓ ପବିତ୍ର ପ୍ରେମର ପ୍ରତିଷ୍ଠାପାଇଁ ଜଗତର ଯେ କୌଣସି ପ୍ରଲୋଭନ ଓ ଅବଲମ୍ବନକୁ ବେଶ୍ ସହଜଭାବରେ ଛି କରିଦେଇପାରେ ?

କିଏ ବା ସିଏ ? କ'ଣ ବା ତାର ପରିଚୟ ମୋ ପାଖରେ ?

।। ଦୁଇ ।।

ସେଦିନ ତା ସହିତ ମୋର ଦେଖା ହୋଇଥିଲା । ଅନେକଦିନ ହେଲାଣି । କୋଉଦିନ ଠିକ୍ ମନେନାହିଁ । ମାତ୍ର ସେଇ ମୁହୂର୍ତ୍ତର ଦେଖା ଭିତରେ ଏମିତି କ'ଣ ଥିଲା କେଜାଣି, ତାର ବର୍ତ୍ତମାନ ଆଜିଯାଏ ମତେ ଆଚ୍ଛନ୍ନ କରିରଖିଛି । ନିଜ ଫଗୁଆ ଭିତରେ ଏତେ ସୁତରରେ ମୋତେ ବନ୍ଦୀ କରି ରଖିଛି ଯେ, ଯୁଆଡ଼େ ଗଲେ ଶୁଭିଯାଉଚି ତା ଅମୂର୍ତ୍ତ ଚେତତାର ଗୀତ । ମାତ୍ର ଯେତେ ଚେଷ୍ଟା କଲେ ବି, ତା'ର ସୂକ୍ଷ୍ମ ଓ ସ୍ପଷ୍ଟ ଚିତ୍ରଟିଏ ଆଙ୍କିବାରେ ସମର୍ଥ ହୋଇପାରୁନି । ତା'ର ଗଭୀରତମ ଭୂମିକୁ

Digitized by PPRACHIN, SOA

ଛୁଇଁବା ଓ ଅନୁଭବିବାଲାଗି ମୋ ଭିତରେ ଦାନାବାନ୍ଧିଥିବା ସକଳ ସପନ ଓ ପ୍ରବଣତା, ସବୁ ଯେମିତି ମିଛ ହୋଇଯାଉଛି । ମୋର ସୁଖ-ଭୋଗୀ ମାନସିକତା ଅସହାୟ ଶବ ପରି ଭାସିବୁଲୁଛି ସୁନୀଳ ଆକାଶରେ । ତା'ର ସୂକ୍ଷ୍ମତା ଦିନୁଦିନ କ୍ରମଶଃ ହୋଇଉଠୁଛି ଅଧିକ ଅସ୍ପଷ୍ଟ ଓ ଧୂମାଭ । ସୁଖଦାମାନଙ୍କର ସୂକ୍ଷ୍ମତା ବୋଧହୁଏ ସବୁକାଳରେ ସେମିତି, ସେମିତି ଧୂମାଭ, ଅସ୍ପଷ୍ଟ ଓ ରହସ୍ୟମୟ ।

ତେଣୁ ତା'ର ବ୍ୟବଚ୍ଛେଦପାଇଁ ସଚେତନ ପ୍ରୟାସ, ନପୁଂସକର ବିକଳ ଅଭିସାର ବ୍ୟତୀତ ଆଉ ବା କ'ଣ ହୋଇପାରେ ? ସେମାନଙ୍କ ଦେହ ଆଉ ଚେତନାକୁ କେହି କ'ଣ କେବେ ରୂପର ଚମକ ଆଉ ସମୟର ସୀମା ଭିତରେ ସବୁକାଳପାଇଁ ବାନ୍ଧିରଖିପାରେ ?

ମୋ ବର୍ଷୁକୀ ଆକାଶରେ କେତେ ଭଙ୍ଗୀରେ ଦୋଳିଖେଳୁଥିବା ସୁଖଦାର ସ୍ଥୂଳ ପରିଚୟକୁ ବର୍ଣ୍ଣମାଳାର କୋଉ ଛନ୍ଦରେ ବା ରୂପଦେବି ? ସୁରସିକ କବିମାନଙ୍କ ଭାଷାରେ କହିବି ସୁନାଗରୀ, ଚତୁରୀ, ପିକବଚନୀ, ସଂଗୀତ - ଅନୁରାଗିଣୀ, ବୀପଂଚିଧାରିଣୀ, ରତିପ୍ରତିମା, କେଳିପ୍ରବୀଣା, ରୂପେ ଅନୁପମା, ରମା-ବନ୍ଦ୍ୟ-ସୁଷମା । ତାପରେ ଚାଟିଯିବି ତାର ତଳିପାରୁ ତାଳୁଯାଏଁ । ତାର କେଶ, କପୋଳ, ନାସା, ଚକ୍ଷୁ, ଭ୍ରୂଲତା, ଅଧର, ଗଣ୍ଡ, ଗ୍ରୀବା, ବକ୍ଷୋଜ, କଟୀ, ନିତମ୍ବ, ପାଦ ଏବଂ କାନ୍ତି, ବଚନ, ଲଳିତ ପଦପାତର ସମସରି ହେବାପାଇଁ ଜଗତଯାକର ଶ୍ରେଷ୍ଠ ଉପମାମାନେ ଅସମର୍ଥ ବୋଲି ସପ୍ରମାଣ ବ୍ୟାଖ୍ୟା କରିବି । ଗୀତରେ ଲେଖିବି - ତମ ଚାରୁ-ପଦପାତରେ କୋରକିତ ହୁଏ କଦମ୍ବ, ତମ ଅଧରର ତରଙ୍ଗରେ ଉଚ୍ଛୁଳିଉଠେ ସମୁଦ୍ରର ଛାତି, ଆଖିର ପଲକପାତରେ ଚୂର୍ଣ୍ଣହୁଏ ବଜ୍ରଘୁଟି - ସଂଗୀତ ମୁଖର ଗତିର ଛଟକରେ ଧ୍ୟାନ ତେଜି ଉଠନ୍ତି ମହଯୋଗୀ, ତନୁର - ସୁବାସର ସନ୍ନ୍ୟାସିନୀ ସାଜନ୍ତି ରତିଦେବୀ। କହିବି - ଜଗତଯାକର ବିଶେଷ ବିଶେଷଣମାନେ ତମ ନିକଟରେ ପରାଜିତ ହେବାର ଦୁଃସହ କଷଣ ସହି ନ ପାରି ଆପଣା ଆପଣାର ସକଳ ଅହଙ୍କାରକୁ ସମର୍ପଣ କରିଛନ୍ତି ତା ପାଖରେ, ବିନା ସର୍ତ୍ତରେ ।

କିମ୍ବା ଘୋଷଣା କରିବି - ତାର ଚେତନା ଗଙ୍ଗାଜଳ ପରି ପବିତ୍ର, ନିର୍ମଳ । ତାର ପ୍ରେମ ଆରାଧିକା ରାଧିକାପରି ଅପ୍ରାକୃତ । ତାରା ପ୍ରେମ ଭୂମିସୁତାପରି ସୁଗଭୀର, ସୁନୀଳ । ସେ ତ୍ୟାଗମୟୀ, ପ୍ରୀତିମୟୀ, ଲାସ୍ୟମୟୀ ।

କୋଉ ଶବ୍ଦ, କୋଉ ରଙ୍ଗ, କୋଉ ଭାବରେ ତାର ଚିତ୍ରଟିଏ ଆଙ୍କିବି ? ସ୍ୱୀକାର କରିବି ତାର କାବ୍ୟ ନାୟିକାତ୍ୱକୁ ?

ମୁଁ ଦେବଦାସ, ନାୟକ ହେବାପାଇଁ ଭାଜନ ନୁହେଁ । ନୁହେଁ ସୁଦର୍ଶନ, ସୁପୁରୁଷ, ସୁରସିକ, ସୁବିଜ୍ଞ । ମୁଁ ଅନାୟକ,କାପୁରୁଷ, ଅବିଜ୍ଞ, ନପୁଂସକ । ଏକ ନପୁଂସକ କୋଉ ଭାଷାରେ ବା ଲେଖିବ ସୁଖଦାମାନଙ୍କର ପରିଚୟ ? କୋଉ ଦୁର୍ଲଭ ବିଭବରେ ପାତ୍ର ପୂର୍ଣ୍ଣକରି ସେମାନଙ୍କର ଦ୍ୱାରସ୍ଥହେବ ?

Digitized by PPRACHIN, SOA

କି କୁକ୍ଷଣରେ ମୁଁ ଜନ୍ମ ହୋଇଥିଲି କେଜାଣି – ସମସ୍ତଙ୍କ ନିକଟରେ ମୋର ପରିଚୟ ଏକ ବିବର୍ଣ୍ଣ ଚିତ୍ରପଟ୍ଟ । ମୋର ଗୋଟିଏ ଦେହ ଅଛି, ଯାହାର ଉଚ୍ଚତା ବେଶ୍ ଆକର୍ଷଣୀୟ, ମାତ୍ର ବାଉଁଶଗଛଟିଏ । ଚାଲିରେ ପୁରୁଷୋଚିତ ମଦମତ୍ତ ଅହଙ୍କାର ନାହିଁ ଢଳ ଢଳ, ଅବଳାୟିତ । ବର୍ଣ୍ଣ ଗୌର ନୁହେଁ, ଶ୍ୟାମଳ । ମଥାରେ କଳା ବାଳ, ଗହଳ । ମାତ୍ର ଅକୁଞ୍ଚିତ । ଦୁଇଟି ସଜଳ ଆଖି, ସୁଗଭୀର । ମାତ୍ର ଚଷମାଯୁକ୍ତ । ଦୁରୋରୋଗ୍ୟ ମାୟୋପିଆ ବ୍ୟାଧିରେ ଆକ୍ରାନ୍ତ । ଚଷମାହୀନ ଆଖିରେ ସମଗ୍ର ଜଗତ ଯେମିତି ଆଲୋକହୀନ, ଘନ ଅଂଧାରର ଆସ୍ତରଣ । କପାଳ ସଂକୀର୍ଣ୍ଣ, ଅପ୍ରଶସ୍ତ । ଅଧର ବଂକା । ମାତ୍ର ଜାମୁକୋଳି ପରି କଳା । କଂଠରେ ବୀଣାର ତାର । ମାତ୍ର କଥାରେ ଘଡ଼ଘଡ଼ିର ଆବାଜ । ସେଠି ବୁଦ୍ଧି, ଯୁକ୍ତିର ଖେଳ । ସେଠି ସ୍ୱପ୍ନ ନାହିଁ, ତାରୁଣ୍ୟ ନାହିଁ, ମାଧୁର୍ଯ୍ୟ ନାହିଁ । କେବଳ ତେଜ ଆଉ ଓଜଃର ଚାତୁର୍ଯ୍ୟ । ଦୁଇଟି ଆକର୍ଷଣୀୟ କାନ ଅଛି, ମାତ୍ର କେଶଯୁକ୍ତ । ପ୍ରଚଣ୍ଡ ପୌରୁଷ ଓ ସ୍ୱାଭିମାନର ସଂକେତ । ଏକ ଛାତି ଅଛି । ତାହା ନିର୍ଲୋମ ଓ ଅପ୍ରଶସ୍ତ । ସ୍ପର୍ଦ୍ଧିତ ଅହଂକାରରେ ସମଗ୍ର ବ୍ୟକ୍ତିତ୍ୱ ଯେମିତି ଆଚ୍ଛାଦିତ, ଭୟଂକର, ହୃଦୟହୀନ, କ୍ରୋଧାୟିତ । କିଏ ବା କାହିଁକି ପରତେ ଯିବ ଯେ, ଏ କଠିନ ଆବରଣ ଭିତରେ କାରୁଣ୍ୟର ଝରଣା ରହିଛି, ପୂରିରହିତ ସମ୍ବେଦନଶୀଳତାର ସଂଗୀତ, ରହିଛି ସପନ ଆଉ ସହୃଦୟତାର ଫୁଲବନ । କୋଉ ସୁକୁମାରୀ, ହୃଦୟବତୀର ଗରଜ ନାଇଁ ଯେ, ଏକ ଅନବନମିତ ଅବଲମ୍ବନ ପାଖରେ ଆପଣାର ଅହଂକୁ ସମର୍ପି ଦବ, ଆଉ ନିଜ ଭତରକୁ ପାଛୋଟି ଆଣିବ ଅସରନ୍ତି ଦୁଃଖଦ ଦରଜକୁ ।

ମୋର ହୃଦୟଟିଏ ଅଛି, ମନରେ ଅଛି ସପନ ଓ କାରୁଣ୍ୟରେ ତାହା ଛଳ ଛଳ, ସଂଗୀତ ମୁଖର । ଅଂଧ ଆଖିରେ ମୁଁ ଜଗତକୁ ଦେଖିପାରେ, ଅନୁଭବ କରିପାରେ, ଗଛପରି ନଇଁଯାଇପାରେ, ଫୁଲପରି ସୁବାସ ବିତରିପାରେ, ସପନର ରାଇଜରେ ପକ୍ଷୀରାଜ ଘୋଡ଼ା ଚଢ଼ି ଉଡ଼ିବୁଲିପାରେ, ହସିପାରେ, କାଂଦିପାରେ, ଗାଇପାରେ, ନାଚିପାରେ, ମରିପାରେ, ବଂଚିପାରେ, ପାଦର ପାଉଁଜି ଅବା ମଥାର ମଣି ହୋଇପାରେ, କିଏ ବା କାଇଁକି ସହଜରେ ଗୋପନ ପରିଚୟକୁ ପରତେଯିବ ଯେ ? କୋଉ ସୁଖଦାର ବା ଗରଜ ନାଇଁ ଯେ, ଗୀତ ପଦିଏ ଶୁଣିବାପାଇଁ, ଝରଣା ପରି ନାଚିବାପାଇଁ, ଏକ ଅଦ୍‌ଭୁତ ଅଚଳର ଚଳମାନତାକୁ ଚହଲେଇ ଦେବାପାଇଁ ଆଟବାଂଧିବ ? ଝରି ଆସିବ ଶିଖରରୁ ଭୂମି ଓ ଭୂମିରୁ ସମୁଦ୍ର ପର୍ଯ୍ୟନ୍ତ ?

ମୋର ଦିନେ ଅଖଣ୍ଡ ବିଶ୍ୱାସ ଥିଲା – ସୁଖଦାମାନେ ସମୁଦ୍ର ଖୋଜି ଆସନ୍ତି । ସେଥିରେ ଇ ସେମାନଙ୍କର ସୁଖ ଓ ସନ୍ତୋଷ । ବାଟସାରା ପାହାଡ଼, ପରବତ, ଶତ୍ରୁମାନଙ୍କର ଆକଟ ଓ କୋଳାହଳ, କେହି ବୋଲି କେହି ସେମାନଙ୍କର ପାଦକୁ ବାନ୍ଧି ରଖିପାରନ୍ତିନି । ଆସିବା ଆଉ ହଜିଯିବା କାଳେ ସେମାନଙ୍କର ଧର୍ମ । ଆଉ ତୃଷାତୁର ସମୁଦ୍ର ବି କାଳେ ଅପେକ୍ଷା ରଖିଥାଏ ସେମାନଙ୍କର । ଅନୁରାଗିଣୀ, କଳାବତୀମାନଙ୍କପାଇଁ ଶ୍ରଦ୍ଧାର ଦୀପ ଜାଳୁଥାଏ ।

Digitized by PPRACHIN, SOA

ସେଦିନମାନଙ୍କରେ ମୋ ଭିତରକୁ ଅନେକ ଆସୁଥିବାର ସଙ୍କେତ ମୁଁ ଅନୁଭବ କରୁଥିଲି । ମୋ ଚାରିପାଖରେ ସେମାନେ ହସୁଥିଲେ, ନାଚୁଥିଲେ, ଗୀତ ଗାଉଥିଲେ, ମୋର ଅହଂକାରକୁ ତରଳେଇବାଲାଗି କେତେ ମାୟା ଭିଆଉଥିଲେ । ମାତ୍ର ମାୟାବିନୀ, କଉତୁକୀମାନେ ଆପଣାଛାଏଁ ଦୂରେଇ ଯାଉଥିଲେ ମୋ ନିକଟରୁ । ଏ ସମୁଦ୍ରର ଜଳ ବୋଧହୁଏ ସେମାନଙ୍କପାଇଁ ବିଷତୁଲ୍ୟ ।

ମାତ୍ର ଦିନେ ସତୀ ନାମ୍ନୀ ସୁଖଦାଟିଏ ବେଶ୍ ବିଚିତ୍ରଭାବରେ, କୋଉ ଅଦୃଶ୍ୟ ବାଟଦେଇ ପଶି ଆସିଥିଲା ମୋ ଭିତରକୁ । ଆମେ କେହି କାହାକୁ ହାତଠାରି ଡାକି ନଥିଲୁ । କେହି କାହା ପାଖରେ ମାୟାର କୁହୁଡ଼ି ରଚି ନ ଥିଲୁ । କେଜାଣି କେମିତି ମିଶିଯାଇଥିଲୁ ନିଜ ନିଜ ଭିତରେ, ଅହେତୁକ ଭାବରେ । ଖେଳ ଭିତରେ ସମାହିତ ହେଉଥିଲୁ । ଆବରଣଗୁଡ଼ିକ ଉଡ଼ିଯାଉଥିଲେ ଆପେ ଆପେ । କୌଣସି ପ୍ରତିବନ୍ଧକ ଆମ ସ୍ୱାଭାବିକ ଜୀବନକୁ ଆକଟ କରିପାରି ନ ଥିଲା ।

ଆଉ ଠିକ୍ ସେତିକିବେଳେ ମୋ ଚାରିପାଖରେ ପ୍ରଚଣ୍ଡବେଗରେ ବହୁଥିଲା ପରିହାସ, ଟିଟିକାରର ଝଡ଼ । ସେ ଘୂର୍ଣ୍ଣରେ ମୁଁ ଉଡ଼ିଯାଉ ନଥିଲି । ବରଂ ବାଂଧି ହୋଇ ପଡୁଥିଲି ମାଟିର ମମତାରେ । ଏବଂ, ରହସ୍ୟମୟୀମାନେ ହାରିଯାଉଥିଲେ ବଡ଼ ଦୟନୀୟ ଭାବରେ ।

ସତୀ ଆସିଲା ମୋ ଘରକୁ । ଘର ଭିତରେ ସ୍ୱୀକୃତି ଓ ଶ୍ରଦ୍ଧାର ପବନ ବହିଲା । ଆମରି ଭିତରୁ ଜଗତକୁ ଆସିଲେ ପବିତ୍ର ଉତ୍ତରାଧିକାରୀମାନେ । ଆମରି ସଂକେତ ସେମାନଙ୍କ ପରିଚୟପତ୍ରରେ ଶୋଭାପାଇଲା । ଏକ ପରିପୂର୍ଣ୍ଣ ସଂସାରର ସ୍ୱପ୍ନର ନାଗଫାଶରେ ଆମେ ନିଜକୁ ଖୋଜିଲୁ ।

ମାତ୍ର ସତୀ କ'ଣ ସତରେ ମତେ ବାନ୍ଧି ରଖିପାରିଲା ନିଜ ଭିତରେ ? ସେ କ'ଣ ସତରେ ଦେବମନସ୍କ ଜୀବନଟିଏ ବଂଚୁଥିଲା ? ଏପରି ଏକ ଜୀବନ ବଞ୍ଚିବାରେ ସେ ବିଶ୍ୱାସ କରୁଥିଲେ, ସୁଖ ଟିକକପାଇଁ ନିଜକୁ ସେ ଅଲଗା କରିନେଇ ନଥାନ୍ତା ? ଚାକିରିର ବୃତ୍ତ ଭିତରେ ସୁସଜ୍ଜିତ କଣ୍ଢେଇଟିଏ ପରି ନିଜକୁ ନଚୋଉ ନ ଥାନ୍ତା ? ସମ୍ଭବତଃ ବଡ଼ ଦୟନୀୟ ଭାବରେ ମାଟିରେ ମିଶିଯାଇଥିଲା ତାର ସପନର ରାଜମହଲ । ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଥିଲା ତା' ସୁଖ ଆଇନାର କାଚ । ଖାସ୍ ସେଇଥିପାଇଁ ନିଜେ ବୋଧହୁଏ ମୋତେ ଛିଗୁଲେଇକରି କହିଥିଲା – "ଏମିତି ବାରବୁଲା ଭେଗାଙ୍କପରି ଜୀବନ ବଂଚିବାରେ ଯଦି ବିଶ୍ୱାସ କରୁଥିଲ, ଘରସଂସାର କରୁଥିଲ କ'ଣ ପାଇଁ । ସକ ସକ ହେଉଥିଲ ଶିଖର ଛୁଇଁବାପାଇଁ ?" ତାହା ହିଁ ଥିଲା ତା'ର ନାରୀତ୍ୱର ସ୍ୱାଭାବିକ ଉଚ୍ଚାରଣ ଏବଂ ମୋର ସ୍ୱାଭିମାନ, ପୌରୁଷ ଓ ଦାରିଦ୍ର୍ୟ ପ୍ରତି ଶକ୍ତ ଆଘାତ, ପରିହାସ ।

ସମ୍ଭବତଃ ତା' ପାଇଁ ମୁଁ ନଥିଲି ଏକ ନିରାପଦ ଅବଲମ୍ବନ । ତା ପାଖରେ ମୋର ଆଖି ନ ଥିଲା, କାନ ନ ଥିଲା, ପାଟି ନ ଥିଲା । ନ ଥିଲା ସ୍ୱପ୍ନ, ଭାବ ପ୍ରବଣତା,

Digitized by PPRACHIN, SOA

ତ୍ୟାଗ, ପ୍ରେମ, ମମତା, ଆସକ୍ତି ! କେବଳ ଥିଲା ଅହଙ୍କାର ଆଉ ଅହଙ୍କାର, କର୍ତ୍ତବ୍ୟ ଆଉ କର୍ତ୍ତବ୍ୟ ! ଆପଣାର କର୍ତ୍ତବ୍ୟ ଓ ଅହଙ୍କାରବୋଧ କେବେ କ'ଣ କୌଣସି ନାରୀକୁ ତୃପ୍ତି ଦେଇପାରେ ? କାହାର ଭବିଷ୍ୟତକୁ କରିପାରେ ଉଜ୍ଜ୍ୱଳତମ, ସୁଖମୟ ।

ବା'ଘର ପରେ ପରେ ମୁଁ ତା ପାଖରୁ ଦୂରରେ ରହୁଥିଲି । କାମ ଭିତରେ ବୁଡ଼ିରହୁଥିଲି ଅନବରତ । କଲେଜ ଯାଉଥିଲି । ପଢ଼ାଉଥିଲି । ପଢୁଥିଲି । ଗବେଷଣା କାମରେ କ୍ୟାମେରା ଆଉ ଟେପ୍ ଧରି ଏଠୁ ସେଠିକୁ ଘୂରି ବୁଲୁଥିଲି ବାରବୁଲା ଛତରାଙ୍କ ପରି । ପଢ଼ିବା, ବୁଲିବା, ଲେଖିବା, ପଢ଼େଇବା ଯେମିତି ମୋର କାମ । ସମୟ ଏବଂ ସୁବିଧା ପାଇଲେ ଛୁଟିଦିନମାନଙ୍କରେ ତା ପାଖକୁ ଯାଉଥିଲି । ଖେଳୁଥିଲି ତା' ସହିତ, ସାଂସାରିକ ଖେଳ ! ଖେଳ ପରେ ନିବିଡ଼ ଆଶ୍ଲେଷରେ କେଡ଼େ ପ୍ରଶାନ୍ତିରେ ସେ ନିଦେଇ ଯାଉଥିଲା । ଏଇ ନିବିଡ଼ ଆଶ୍ଲେଷ, ଗଭୀର ନିଦ ଟିକକ ଯେମିତି ଜୀବନରେ ଏକମାତ୍ର ସୁଖ, ସତ୍ୟ; ଆଉ ସବୁ ମିଛ, ତୁଚ୍ଛା ମିଛ ।

ଆଉ ମୁଁ ? ମୁଁ ବା କ'ଣ କରୁଥିଲି ସେତେବେଳେ ? ନା ଅନୁଭବ କରୁଥିଲି ସତୀର ନିବିଡ଼ ଆଲିଙ୍ଗନର ତାତି, ନା ଗାଇ ପାରୁଥିଲି ଅତୀତର ସମ୍ମୋହିତ ସଙ୍ଗୀତ, ନା ସ୍ୱପ୍ନ ଦେଖୁଥିଲି ଏକ ଚମତ୍କାର ସୁଖଦ ଭବିଷ୍ୟତର ଛାୟାରୂପ । କେବଳ ନିଜକୁ ଇ ଖୋଜୁଥିଲି, ଆଉ ଖୋଜୁଥିଲି । ଖୋଜୁଥିଲି ମୋ ପ୍ରେମର ବିକଳ୍ପକୁ । ଚେଇଁ ରହୁଥିଲି ସାରାରାତି ଏବଂ ଗୋଟିଏ ରାତି ରୂପାନ୍ତରିତ ହେଉଥିଲା ଅୟୁତ ରାତିରେ । ବିକଳ୍ପର ସୁଖ ଆଚ୍ଛନ୍ନକରୁଥିଲା ମୋର ଜାଗତିକ ସତ୍ତାକୁ ।

ମାତ୍ର ତାହା କ'ଣ କେବେ ସମ୍ଭବ ?

କିଏ ବା କାହିଁକି ଖୋଜିବାକୁ ଆସିବ, ଲୋଡ଼ିବାକୁ ଆସିବ ଏକ ପ୍ରତ୍ୟାଖ୍ୟାତ ପୌରୁଷକୁ ? ଆପଣା ପ୍ରେମିକା – ପତ୍ନୀକୁ ତୃପ୍ତକରିବାପାଇଁ ଅସମର୍ଥ, ନିଜ ଭିତରେ ଅହରହ ଜଳୁଥିବା ଏକ ଉତ୍ତପ୍ତ ଅବଶେଷ କେବେ କ'ଣ ଆଉ କାହାକୁ ଆପଣେଇ ପାରେ ? ଆପଣାରମାନଙ୍କ ନିକଟରେ ଯିଏ ଏକ ଅବିକଶିତ ବ୍ୟକ୍ତିତ୍ୱ, ତା'ଠାରୁ କ'ଣ ଏକ ସୁଖକର, ସୁନୀଳ ଭବିଷ୍ୟତ ଆଶା କରାଯାଇପାରେ ?

ଆବେଗବତୀ ସୁଖଦାମାନେ କେବେ କ'ଣ ସ୍ୱପ୍ନ ଦେଖିପାରନ୍ତି ଏକ ଶୁଷ୍କ, ନିଷ୍କରୁଣ ସମୁଦ୍ରର ? କିମ୍ବା ସେମାନଙ୍କର ଶ୍ରଦ୍ଧାଜଳ କ'ଣ କେବେ ପୂର୍ଣ୍ଣ କରିପାରେ ସମୁଦ୍ରର ତୃଷିତ ଜଠର ?

।। ତିନି ।।

ଅନେକ ଦିନ ତଳର କଥା । କୋଉଦିନ ମୋର ମନେ ନାହିଁ । ସେଦିନ କୋଉ ଏକ ସମାହିତ ମୁହୂର୍ତ୍ତରେ ସୁଖଦାର ପାଦଚିହ୍ନ ମୋ ଚେତନାରେ ଲେଖି ହେଇଯାଇଥିଲା । ମନେ ନାହିଁ, କୋଉ ଭୂମିରେ ପାଦଚିହ୍ନର ପ୍ରଥମ ସ୍ପର୍ଶ ପାଇଥିଲି । କୋଉ ଗାଁ, ସହର, ବଣଭୋଜି, ସାହିତ୍ୟ ସଭା, କ୍ଲାସ ରୁମ୍, ଉଦ୍ୟାନ, ନଈକୂଳ, କିଛି ମନେ ନାହିଁ।

Digitized by PPRACHIN, SOA

ମନେ ନାହିଁ, କେଉଁଠି, କେତେବେଳେ ତାଙ୍କ ସହ ଆଳାପ ବିଭୋର ହୋଇଥିଲି । ସାକ୍ଷାତରୁ ଆଳାପ, ପରିଚୟ, ଠିକଣା ଓ ଅନ୍ତରଙ୍ଗତା, ତାପରେ ସେ ଆସିବାକୁ ଆରମ୍ଭ କରିଥିଲେ ମୋ ଘରକୁ । ପ୍ରଥମେ ବନ୍ଧୁ ଏବଂ ବାନ୍ଧବୀମାନଙ୍କ ଗହଣରେ, ଏକ ନିରାପଦ ବଳୟ ଭିତରେ। କେବେ କେବେ କଥା ଦେଇ, କେବେ କେବେ ଅକସ୍ମାତ । ପରେ ପରେ ସେ ନିଜ ପାଖରୁ ଅନ୍ତର କରି ଦେଇଥିଲେ ବନ୍ଧୁ ଓ ବାନ୍ଧବୀମାନଙ୍କୁ । ଆସୁଥିଲେ ଏକା ଏକା, ସନ୍ତର୍ପଣରେ, ସମୟରେ ପୁଣି ଅସମୟରେ ।

ସେଇ ପ୍ରଥମ ଦିନମାନଙ୍କରେ ଏକ ନିରାପଦ ଦୂରତାରେ ସେ ନିଜକୁ ଜଗି ବସୁଥିଲେ । ପ୍ରଶ୍ନଟିଏ ପଚାରିଦେଇ ଛପି ଯାଉଥିଲେ ନିଜ ଭିତରେ । ପ୍ରଗଲ୍‌ଭଙ୍କ ପରି ମୁଁ ତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲି । ଅଧ୍ୟାପକୀ ତୁଣ୍ଡ ଏତେ ସହଜରେ ନିରବି ଯାଉ ନଥିଲା ।

ମାତ୍ର ମୁଁ ପ୍ରଶ୍ନଟିଏ ପଚାରିଦେଲେ - ସେ ଇଷତ ହସୁଥିଲେ, ଆଖିରେ । ଓଠରୁ ଉତ୍ତର ଖୋଜିଖୋଜି ନିରାଶ ହେଉଥିଲି । କେବେ କେବେ 'ଜାଣିନି', କେବେ ଆପଣ କୁହନ୍ତୁ, ବୋଲି ବେଶ୍ ସଂକ୍ଷିପ୍ତ ଉତ୍ତର ଦେଉଥିଲେ । ସମର୍ପଣ କରିଦଉଥିଲେ ନିଜକୁ । ଏବଂ, କ୍ରମଶଃ ତାଙ୍କ ନିବିଡ଼ ଅନ୍ତରଙ୍ଗତା ଛୁଉଁଥିଲା ମୋ ବ୍ୟକ୍ତିକ ଜୀବନ ବୃତ୍ତକୁ । ତାଙ୍କ ବିଚିତ୍ର ପ୍ରଶ୍ନରେ ତରଳି ଯାଉଥିଲା ମୋ ଇସ୍‌ପାତି ଚେତନା, ବରଫ ପରି । ଖୋଲି ଯାଉଥିଲା ବହୁ ପୁଂଜୀଭୁତ ଅସନ୍ତୋଷ ଓ ଅହଙ୍କାରରେ ବର୍ଣ୍ଣିଳ ମୋ ଜୀବନର ବିଚିତ୍ର ପୃଷ୍ଠାଗୁଡ଼ିକ ।

ମୁଁ ତାଙ୍କୁ ଦେଖେଇ ଦେଉଥିଲି ପୂର୍ଣ୍ଣତାରେ ଉଛୁଳି ପଡୁଥିବା ମୋ ଅତୀତ ଓ ବର୍ତ୍ତମାନକୁ । ଏ ଜଗତଜନଙ୍କ ଆଖିରେ କେତେ ସୁଖୀ ମଣିଷଟିଏ ମୁଁ । ସ୍ତ୍ରୀ ସୁଶ୍ରୀ, ସୁଶିକ୍ଷିତା, ଅଧ୍ୟାପିକା । ଦୁଇ ପୁଅ । ଭାଇ, ଭଉଣୀ, ବୋଉ । ଘର । ଆଭିଜାତ୍ୟ । ଏକ ପରିପୂର୍ଣ୍ଣ ସଂସାର । ନା ପଛରେ ବିଶେଷଣ, ଆଗରେ ଉପାଧି । ସବୁରି ତୁଣ୍ଡରେ ମୋର ଗୀତି, ପ୍ରଶସ୍ତି ।

ଏତେ ବିପୁଳ ପ୍ରାପ୍ତି ଭିତରେ ବଂଚୁଥିବା ମଣିଷଟି କେବେ କଣ ଦୁଃଖୀ ହୋଇପାରେ ? ଏ ଦୁଃଖ ଏକ ବୌଦ୍ଧିକ ବିଳାସ ବ୍ୟତୀତ ଆଉ ବା କ'ଣ ହୋଇପାରେ ?

ମୋର ସକଳ ଅସନ୍ତୋଷକୁ ବେଳେ ବେଳେ ସେ ଦୀର୍ଘଶ୍ୱାସରେ ସ୍ୱୀକୃତି ଜଣେଉଥିଲେ । ନିରବ ରହୁଥିଲେ ନିଜ ଭିତରେ । କ୍ରମଶଃ ସତୀ ସହିତ ଯୋଡ଼ି ଦେଇଥିଲେ ନିଜକୁ । ତାକୁ ନାନୀ ବୋଲି ସମ୍ବୋଧନ କରୁଥିଲେ । ପିଲାମାନଙ୍କର ଥିଲେ ଅତିପ୍ରିୟ ସୁଖୀ ମାଉସୀ । ଚକୋଲେଟ୍, ପପିନ୍‌ସରେ ସେମାନଙ୍କ ମାନ ଭାଙ୍ଗୁଥିଲେ । ବେଳେ ବେଳେ ସତୀ ଆଲ୍‌ବମ୍ ପୃଷ୍ଠାଗୁଡ଼ିକୁ ଖୋଲି ବସୁଥିଲା ସୁଖଦା ଆଗରେ । ସୁଖମୟ ସ୍ମୃତି ସହିତ ଆଳାପ ବିଭୋର ହେଉଥିଲା । ହାତ ହଲେଇ ବିଦାୟ ଦଉଥିଲା ସୁଖଦାକୁ ନିଜ ଭିତରୁ । ଆଉ ସୁଖଦା ଅପସରି ଯାଉଥିଲେ ଦିଗ୍‌ବଳୟରେ, ତଳକୁ ମୁହଁକରି ।

Digitized by PPRACHIN, SOA

ଆଉ, ମୋ ଜୀବନରେ ସୁଖଦାର ଏ ପଳାୟନ ଥିଲା ମିଛିମିଛିକା – ଠିକ୍ ସତୀର ବର୍ତ୍ତମାନ ପରି । ସେ ବାରମ୍ବାର ଆସୁଥିଲେ । ଆସୁଥିଲେ ମୋ ଏକୁଟିଆ ଘର ଭିତରକୁ ।

କ'ଣ ପାଇଁ ଆସୁଥିଲେ ବାରମ୍ବାର ?

ଚିମୁଟିବାକୁ ମୋ ନିଃସଙ୍ଗତାକୁ ?

ବିଦାରିବାକୁ ମୋ ଅହଙ୍କାରର ଛାତିକୁ ?

ନା ଶୀତଳେଇବାକୁ ଆପଣା ଅବସାଦର ତାତିକୁ ?

ସତରେ ସେ କ'ଣ ଥିଲେ ନିଃସଙ୍ଗୀ, ପ୍ରବଞ୍ଚିତା, ପ୍ରତାରିତା ? ନା ତାତି - ସଂଚାରିଣୀ ?

ମୁଁ ତାଙ୍କର ଅପେକ୍ଷା ରଖୁଥିଲି । ସେ ଆସୁଥିଲେ । ମୋର ରକ୍ତରେ ବିଚିତ୍ର ପୁଲକ ଲହଡ଼ି ଭାଙ୍ଗୁଥିଲା । ଚେତନା ହେଉଥିଲା ସ୍ୱେଦାକ୍ତ । ମନ ଉଚ୍ଚାଟ ହେଉଥିଲା, ତାଙ୍କ ଜୀବନର ଅପଢ଼ା ପୃଷ୍ଠାଗୁଡ଼ିକ ଆଡ଼େଇବାଲାଗି । ନିଜ ଭିତରେ ନିଜକୁ ଗୋପନ ରଖୁଥିଲି । ଏକ ତୃଷିତାର ଉତ୍ସେଇ ଭିତରେ ନିସ୍ତେଜ ହୋଇଯାଉଥିଲା ମୋ ଅଘୋରୀ ଚେତନା ।

ଏବଂ, ଯୋଉଦିନ ଏକ ଦୁର୍ବଳ ମୁହୂର୍ତ୍ତରେ ସୁଖଦାର ରହସ୍ୟ ଭେଦିବାକୁ ଚେଷ୍ଟା କଲି, ଏକ ଜୀବନ୍ତ ଚିତ୍ରପଟ୍ଟ ପରି ସେ ମୋ ଭିତରେ ଆଉଜି ଯାଇଥିଲେ । ଅନେକ ଦିନରୁ ଯେମିତି ସେଇ ସୁଖଦ ବେଳାକୁ ଅପେକ୍ଷା କରିଥିଲେ । ଆଖିରେ ଥିଲା ଆଖିଏ ସପନ । ଓଠରେ ଥିଲା ଅବ୍ୟକ୍ତ ସୁରର ଗୀତ । ଦେହରେ ଥିଲା ଶତ କଦମ୍ବର ତାତି । ଛାତିରେ ଥିଲା ମଧୁବସନ୍ତର ଭୀତି । ସେଇ ଅଶ୍ଳୁଗୀତି ଓ ଅଦ୍‌ଭୁତ ତାତି ଭିତରେ ଶୀତଳେଇ ଯାଉଥିଲା ମୋର ସକଳ ଅହଂକାର ଓ ଅସନ୍ତୋଷ ।

ମୁଁ ତାଙ୍କୁ ଅପେକ୍ଷା କରୁଥିଲି ।

ସମୟ ନେଇ ସେ ଆସୁଥିଲେ । କବାଟରେ ଶିକୁଳି ପଡୁଥିଲା ।

ନିଶ୍ଚଳ ନଈଟିଏ ପରି ସେ ଶୋଇ ଯାଉଥିଲେ ମୋ ଭିତରେ ଚୁପ୍‌ଚାପ୍ । ପ୍ରଶ୍ନର ବର୍ଷା ଓ ପବନ ଉଡାରି ଦେଉଥିଲା ତାଙ୍କର ଅନ୍ତର୍ବାସ । ବାସକୁ ଭିଡ଼ି ଧରିବାର ସକଳ ପ୍ରୟାସ ତାଙ୍କର ନିଷ୍ଫଳ ହେଉଥିଲା । ନାଇଁ ନାଇଁ ଭିତରେ ରାଜୁତି କରୁଥିଲା ହଁ ହଁ ଭାବ ।

ଗହଳ କେଶର ଅରଣ୍ୟରେ ମୁହଁ ଗୁଞ୍ଜି ପଚାରୁଥିଲି - ସତରେ କଣ ତମେ ମତେ ଭଲପାଅ ସୁଖଦା ? ମୋ କାନରେ ଥରୁଟିଏ ପାଇଁ କହିପାରିବ – "ମୁଁ ତମକୁ ଭଲପାଏ, ଭାରି ଭଲପାଏ" ।

ତାଙ୍କ କଳା ଘୁମର ଆଖିରେ ଡୋଳା ଭଂଗୁଥିଲେ ଧାରା ଶିରାବଣର ମେଘ । ତାଙ୍କ ଚେତନାର ଅଜସ୍ର ଚୁମାରେ ମୁଁ ଭିଜିଯାଉଥିଲି । ମାତ୍ର ସେ ଲାଗୁଥିଲେ ଯେମିତି ଅସରନ୍ତି ଦୁଃଖର ଏକ ଧଳାମେଘ । କଣପାଇଁ ତାଙ୍କ ଭିତରେ ଏତେ ବେଶି ଅସନ୍ତୋଷ, ବିଷାଦବୋଧ ?

Digitized by PPRACHIN, SOA

ତାଙ୍କ ଅଖଣ୍ଡ ନିରବତାକୁ ଗୀତମୁଖର କରିବାପାଇଁ କହୁଥିଲି - ତମେ ଜାଣ ସୁଖଦା, ମୁଁ ଏକ ମଲା ସମୁଦ୍ର । ଏକ ଉଚ୍ଛିଷ୍ଟ, ଭ୍ରଷ୍ଟ ପଳାତକ । ଏକ ଅଶ୍ଳୀଳ ଅବଲମ୍ବନ । ତମପାଇଁ ଏକ ମିଛ ଓ ଭୟଙ୍କର ପ୍ରତିଶ୍ରୁତି । ସବୁ ଜାଣି, ସବୁ ଶୁଣି, କୋଉ ସୁଖରେ ତମେ ହଜି ଯାଉଚ ମୋ ଭିତରେ ? କୋଉ ପ୍ରାପ୍ତିର ଆଶାରେ ତମେ ସ୍ୱପ୍ନ ବିଭୋର ?

ମୋର ସ୍ୱୀକାରୋକ୍ତି ତାଂକୁ ତଥାପି ବାଚାଳ କରିପାରୁ ନଥିଲା । କହୁଥିଲି– ସୁଖଦା, ମୁଁ ଜାଣେ, ଦିନେ ତମେ ଆଉ କାହାର ବୋହୂ ହେବ । ମଥାରେ ସିନ୍ଦୂର, ହାତରେ ଶଙ୍ଖା, ପାଦରେ ପାଉଁଜ, ଆଙ୍ଗୁଳିରେ ମୁଦି ନାଇ ନିଜର ସଧବାତ୍ୱ, ପତ୍ନୀତ୍ୱ ଓ ସତୀତ୍ୱକୁ ସ୍ୱୀକାର କରିବ । ସେତେବେଳେ କେଉଁ ପବିତ୍ର ବିଭବ ଦେଇ ତମେ ତୃପ୍ତ କରିବ ବିଚରା ଈଶ୍ୱରଂକୁ ? ତମେ କ'ଣ ସତରେ କହିପାରିବ, ତମ ସଞ୍ଚିତ ସକଳ ବିଭବ ଅନାଘ୍ରାତ, ଅଚୁମ୍ବିତ ବୋଲି ? ପାରିବ ? ତମ ବିବସ୍ତ୍ର ଚେତନା ଅଭିସମ୍ପାତ ବର୍ଷିଯିବନି ତ ଏ ବାମାଚାରୀ ଦେବ ଦାଶର ମଥା ଉପରେ ? ସ୍ମୃତି କ'ଣ ଘୁଣପୋକ ପରି ଖାଇଯିବନି ତମ ସୁଦୃଶ୍ୟ, ପବିତ୍ର ସଂପଦକୁ ?

ମୋର ପ୍ରତି ପ୍ରଶ୍ନରେ ସେ ଅଧିକରୁ ଅଧିକ ତରଳି ଯାଉଥିଲେ । ଲୁହର ବର୍ଷାରେ ଭିଜି ଯାଉଥିଲା ମୋ ପୌରୁଷ ।

ମୁଁ ପୁଣି କହୁଥିଲି– ସୁଖଦା, ତମପାଇଁ ଏ ବିଚରା ଦେବଦାଶ ଏକ ଭ୍ରମ, ଏକ ପ୍ରହେଳିକା । ତାକୁ କ୍ଷମା କରିବ । ତମ ନିଃସ୍ୱାର୍ଥ ପ୍ରେମରେ ତାର ପାପକୁ ଧୋଇଦେବ, ପବିତ୍ର କରିବ ଏବଂ ତାର ମୃତ୍ୟୁ ସମ୍ବାଦ ପାଇଲା ପରେ ଆଞ୍ଜୁଳାଏ ଫୁଲ ସମର୍ପି ଦବ ନଈ ପାଣିରେ । ସଂସାରର ଆରପାରିରେ ଥାଇ ବି ପାପୀ ଦେବଦାଶ ଗ୍ରହଣକରିବ ତମ ପବିତ୍ର ପ୍ରେମର ସକଳ ଯନ୍ତ୍ରଣାକୁ । ପାରିବ ନା, ସତ କୁହ, ପାରିବ ନା ?

ମୋର ଏ ଶେଷ ପ୍ରଶ୍ନଟି ସମ୍ଭବତଃ ଉପାଡ଼ିଦିଏ ସୁଖଦା ପ୍ରେମର କଳ୍ପବୃକ୍ଷକୁ । ଭଲ ପାଉଥିବା ମଣିଷର ଯେମିତି ମୃତ୍ୟୁ ନାହିଁ । ସେ ଅମର, ନିରୋଗ, ନିର୍ଭୀକ, ପବିତ୍ର, ଗୁଣୀ, ତ୍ୟାଗୀ ଅନେକ କିଛି ।

ପ୍ରଶ୍ନର ପବନରେ ମୋ ଭିତରୁ ସେ ଛିଟିକି ପଡୁଥିଲେ । କୋହ ଆଉ ଲୁହରେ ଓଦା ହୋଇ ଯାଉଥିଲା ମୋର ମୁକ୍ତ ଚେତନା । ତାଙ୍କୁ ପୁଣି ବଡ଼ ଯତନରେ ସାଉଁଟି ଆଣୁଥିଲି ନିଜ ଭିତରକୁ । ସାଇତି ରଖୁଥିଲି ପବିତ୍ର ଫରୁଆ ଭିତରେ । ସଂକ୍ରମି ଯଉଥିଲି ତାଙ୍କ ସଂତ୍ରସ୍ତ ଅବବୋଧରେ । ସୁନାପିଲାଟି ପରି ମୋ ଭିତରେ ଶୋଇ ପଡୁଥିଲେ । ମିଛ ସପନକୁ ସ୍ୱୀକାର କରୁଥିଲେ । ଆଉ ମୁଁ, ଶ୍ରଦ୍ଧାର ଚୁମ୍ବନରେ ନିଭେଇ ଦଉଥିଲି ତାଙ୍କ ଜୀବନର ଅବସାଦ ଓ କ୍ଳାନ୍ତି ।

ଆଉ ସେ ? ମୋର ସକଳ କୁତ୍ସିତ ଆଚରଣକୁ ମିଛ ବୋଲି ଘୋଷଣା କରୁଥିଲେ । ମହୁ ହୋଇ ବରଷି ଯାଉଥିଲେ ମୋ ଉପରେ । ମୋ କପାଳ, ଆଖି, ଅଧର, ଛାତିର ଦୁଃଖକୁ ଅଜସ୍ର ଚୁମାରେ ନିଭେଇ ଦେଉଥିଲେ । ନିରବତାର ଅଶ୍ଳୀଳ ଗୀତରେ ଯେମିତି କହୁଥିଲେ – "ତମେ ସୁନ୍ଦର, ଭାରି ସୁନ୍ଦର । ତମେ ସମର୍ଥ ପୌରୁଷର ପ୍ରତୀକ, ସମର୍ଥ ପୌରୁଷ । ପବିତ୍ର ତମର ପ୍ରେମ, ପବିତ୍ର ।"

Digitized by PPRACHIN, SOA

ମତେ ସବୁ କିଛି ଅଦେୟ ସୁଖ ଦେଇ ସାରିଲା ପରେ କିଛି ବୋଲି କିଛି ମାଗୁ ନଥିଲେ ।

ଏବଂ, ତିନି ଧାତୁର ଖଟରେ ମତେ ଶୁଆଇ ଦେଇ ପାଦ ଟିପିଟିପି ଚାଲିଯାଉଥିଲେ ତାଙ୍କ ବାଟରେ । ଚାହାଣୀରେ କଥା ଦେଇଯାଉଥିଲେ ପୁନରାଗମନର । ଏବଂ, ମୁଁ ତାଙ୍କର ଅପେକ୍ଷା ରଖୁଥିଲି ।

ସୁଖଦାର ଆନ୍ତରିକ ସମର୍ପଣ, ମତେ ସତୀ-ମନସ୍କ କରିଦିଏ । ସତୀର ପ୍ରେମ ସମର୍ପିତ ହୋଇ ନପାରେ, ମାତ୍ର ତାହା ଯେ ପବିତ୍ର, ମୁଁ କ'ଣ ଅସ୍ୱୀକାର କରିପାରିବି ? ପତ୍ନୀର ଅଧିକାର ନେଇ ସେ ମୋଠାରୁ ଯାହା ଦାବି କରେ, ତାହା କ'ଣ ମିଛ ? କେଉଁ ସଂସାରୀ ପତ୍ନୀ ବା ନ ଚାହେଁ ଉଆ ଘର, ଆଭିଜାତ୍ୟ, ଐଶ୍ୱର୍ଯ୍ୟ, ଅହଙ୍କାର ଏବଂ ଆଧିପତ୍ୟ । ସତୀ ଚାହିଁଥିଲା । ମୁଁ ଦେଇଛି କି ? ନାଁ ତ । ଏତେ ଟିକିଏ ନ ଦେଇ ମୁଁ ତାଠାରୁ ବରଂ ଅନେକ କିଛି ଆଦାୟ କରିନେଇଛି । ଭାଙ୍ଗି ଦେଇଛି ତାର ସ୍ୱପ୍ନ । ସବୁ ଦୁଃଖକୁ ଆପଣେଇ ନେଇ ସେ ତ ବଂଚୁଛି ଦେବମନସ୍କ ଜୀବନଟିଏ । ଆଉ ମୁଁ ?

ମୁଁ ଖୋଜୁଛି ସୁଖଦାର ପ୍ରେମ ।

ସୁଖଦାର ପ୍ରେମ କ'ଣ ଅପବିତ୍ର, ପଙ୍କିଳ, ଅପ୍ରଶସ୍ତ, ସ୍ୱାର୍ଥାଚ୍ଛାଦିତ ? ଯେଉଁ ସମର୍ପିତା ମୋ ଠାରୁ ସାମାନ୍ୟତମ ପ୍ରତିଦାନ ଆଶା କରିନି, ଅସରନ୍ତି ଦୁଃଖ ଓ ଅସନ୍ତୋଷର ନିଆଁକୁ ଯିଏ କାଳକାଳପାଇଁ ଆତ୍ମସ୍ଥ କରିବାକୁ ପ୍ରତିଜ୍ଞାବଦ୍ଧ, ତା ପ୍ରେମର ସୁଗଭୀରତାକୁ କେବେ କ'ଣ ସନ୍ଦେହ କରାଯାଇପାରେ ? ତା କ'ଣ କଳନୀୟ ? ଅନ୍ୟ ଆଖିରେ ସେ କାମୁକୀ, ବିଟପୀ, ଦେହଭୋଗୀ ହୋଇପାରେ; ମାତ୍ର ମୋ ଆଖିରେ ତ ସେ ଷଷ୍ଠସତୀ ।

ଷଷ୍ଠସତୀ ସୁଖଦାର ସ୍ମୃତି ପ୍ରତି ମୁହୂର୍ତ୍ତରେ ମତେ ଅନ୍ୟମନସ୍କ କରିଦିଏ । ପ୍ରତି ସାକ୍ଷାତରେ ତାଙ୍କୁ ଅନୁରୋଧ କରେ ଚିଠିଟିଏ ଲେଖିବାପାଇଁ । ଲେଖିବାପାଇଁ ପ୍ରାଣ ପ୍ରାଚୁର୍ଯ୍ୟରେ ଉଚ୍ଛଳ ଏକ ଶାଶ୍ୱତ ରଚନା । ମାତ୍ର ତାଙ୍କ ଚେତନାର ବୈଚିତ୍ର୍ୟ ଚିତ୍ରାୟିତ ହୁଏନି କାଗଜରେ । ନା ସେ ଖୋଲିଦିଅନ୍ତି ତାଙ୍କ ଗଭୀର ଅସନ୍ତୋଷର କାହାଣୀ, ନା ଲେଖିପାରନ୍ତି – "ମୁଁ ତମକୁ ଭଲପାଏ" ବୋଲି । ଚିଠିରେ କେବଳ ଥାଏ – "ମୁଁ ଭଲ ଅଛି, ଖୁବ୍ ଭଲ । ତମେ ଦେହପ୍ରତି ଯତ୍ନ ନେଉଥିବ । ଭାରି ଦୁର୍ବଳ ହୋଇ ପଡୁଚ । ବେଶି ରାତି ଅନିଦ୍ରା ରହି ପଢ଼ାପଢ଼ି କରିବନି । ଦେହ ଆଗ, ଆଉ ସବୁ ପଛ । ଏମିତି ଅନେକ ।"

ସବୁ ନାରୀଙ୍କ ପତ୍ରରେ ବୋଧହୁଏ ଲେଖାଥାଏ ସେଇ ଗୋଟିଏ କଥା । ଦେହ ପ୍ରତି ଯତ୍ନ ନେବାର ତାଗିଦା ଆଉ ରାଣ । ସତରେ କ'ଣ ମତେ ଭଲପାଅ ସୁଖଦା ? ସତରେ କ'ଣ ମତେ ଏତେ ଭଲପାଏ ସତୀ । କାଇଁ ମନେ ପଡ଼େନି ତ, ଅନେକ ଚିଠି ଭିତରେ ସତୀ କି ସୁଖଦା କେହି ଥରୁଟିଏ ପାଇଁ ଲେଖିଛନ୍ତି କି ନା, – "ମୁଁ ତମକୁ ଭଲପାଏ, ଭାରି ଭଲପାଏ" ବୋଲି ।

Digitized by PPRACHIN, SOA

ସତୀ, ସୁଖଦା, ଅନେକ ସମୟରେ ତମମାନଙ୍କୁ ପଚାରିବାକୁ ଇଚ୍ଛା ହୁଏ – ସତରେ କ'ଣ ତମେମାନେ ଆଉ କାହାକୁ ଭଲପାଅନା, କେବଳ ଭଲପାଅ ନିଜକୁ ?

ସୁଖଦା, ସଂସାରରେ ସମସ୍ତେ ଜାଣନ୍ତି – ସତୀର ଇହ ଆଉ ପରକାଳର ମୁଁ ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି । ଆଉ ତମପାଇଁ ମୁଁ ? ତମ ଅକାରଣ ଦୁଃଖର କାରଣ । ତମ ଅନ୍ଧାରିତ ଜୀବନର ଆଲୋକିତ କାରୁଣ୍ୟ । ଏକ ପରିଚୟହୀନ ପ୍ରତାରଣା । ସତ ନା ?

ସୁଖଦା, ତମେ କେତେ ରୂପରେ ମୋ ଭିତରକୁ ଆସ । ମୋ ହୃଦର ରତନ ଖଟୁଲିରେ ଈଶ୍ୱରୀ ସାଜ । ମତେ ସଜେଇ ଦିଅ ତମ ରୁଚିର ରୂପରେ । ମତେ ନିଖୋଜ କରିଦିଅ ତମ ଭିତରେ । ମାତ୍ର ତମ ଭିତରେ କେବେ ପରକୀୟାର ସଂକେତ ମୁଁ ଖୋଜିନି । ଖୋଜିବାର ଦୁଃସାହସ ବି କରିନି । ଦେଖିନି କୁହୁକିନୀ କାମୁକୀର ଅଳାଜୁକୀ ଅଭିସାର, କି ପ୍ରତାରିତା ନାୟିକାର ସର୍ପିଳ ଶୀତ୍କାର ।

ତମେ ତ ମୋପାଇଁ ସେ ଅଶ୍ରୁମୁଖୀ ଆଦ୍ୟା । ମୋର ସକଳ ଅସନ୍ତୋଷ, ଅହଙ୍କାରକୁ ଶୀତଳେଇ ଦେଉଥିବା ବିଚିତ୍ର ପ୍ରୀତିପଦା ।

ଆଉ ତମପାଇଁ ଏ କୁତ୍ସିତ ଦେବଦାଶର ପରିଚୟ କ'ଣ ଜାଣିଚ ନା ?

ସେ ତ ତମ ଜୀବନର ଏକ ଶେଷହୀନ ଅବଶୋଷ, ଏକ ଅବିଶ୍ୱାସ୍ୟ ବିଶ୍ୱାସ । ଏକ ପିଚ୍ଛିଳ ବର୍ତ୍ତମାନ । ଏକ ଭୟଙ୍କର ଦୁଃସ୍ୱପ୍ନ । ସତ ନା ?

ସୁଖଦା, ତମେ କ'ଣ ସତରେ ଏକ ରକ୍ତମାଂସଧାରିଣୀ ମାନବୀ, ନା ଏକ ପବିତ୍ର କାଳ୍ପନିକ କାତ୍ୟାୟନୀ ? କୋଉ ଭାବ ଆଉ ନାମରେ ତମକୁ ସମ୍ବୋଧନ କରିବି ?

ସପନର ପ୍ରୀତିପଦାମାନେ ସବୁକାଳରେ ଅନାମିକା ନା ? ସେମାନଙ୍କୁ, ତମକୁ ସୁଖଦା ନାମରେ ହିଁ ଆପଣେଇ ନିଆଯାଉ ।

ଏବଂ, ଅପେକ୍ଷା କରାଯାଉ ଏକ ନାମ ଓ ଠିକଣାହୀନ ପ୍ରେମପତ୍ରର ।

●●●

Digitized by PPRACHIN, SOA

ଦୂତୀ ମାଉସୀ

"ଶାଳେ କଟକୀ" ଶବ୍ଦ ଶୁଣିଶୁଣି ଅତିମାତ୍ରାରେ ଆତଙ୍କିତ ହୋଇ ପଡ଼ିଥିଲା ମୋ ପରି ଜଣେ କୁକୁର-ଠେଙ୍ଗୁଆ, ଭଡାଘରଟିଏ ମିଳିବା ସହଜ ନଥିଲା ତାଙ୍କୁ ପଚାରିଲି – ମାଉସୀ, ଆପଣଙ୍କର ଘର ଖାଲି ଅଛି କି ? ହଠାତ୍ ତାଙ୍କ ହାତରୁ ଅପରାହ୍ଣର ବାନ୍ଧେଣିଟି ଛିଟିକି ପଡ଼ିଲା ଓଳିମୂଳକୁ । ଏବଂ ତାଙ୍କ ବିଚିତ୍ର ଚାହାଁଣିରେ ଦୁଲୁକିଗଲା ମୋ ଅଖଣ୍ଡ ବିଶ୍ୱାସର ମାଟି ।

ବାନ୍ଧେଣିଟି ଓଳିମୂଳକୁ ନ ଯାଇଁ ଯେମିତି ଆଉଁଶିଦେଲା ମୋର ପିଠି । ଭାବିଲି, ବାପାଙ୍କର ମଧୁର ସଂପର୍କୀୟା ଜ୍ଞାନରେ ତାଙ୍କ ବ୍ୟକ୍ତିତ୍ୱର ଆକଳନ କରିଥିବାରୁ ସେ ଅତିମାତ୍ରାରେ କୋପିତା ହୋଇନାହାନ୍ତି ତ ? କିନ୍ତୁ ହତଭାଗ୍ୟ ବାପା ତ ପ୍ରାୟ ପନ୍ଦର ବର୍ଷ ହେଲାଣି ଆରପାରିରେ ।

ମତେ ସେ ଧମକ ପୂର୍ଣ୍ଣ ସ୍ୱରରେ ପଚାରିଲେ – "କିଏ କହିଲା ଏଠି ଘର ମିଳେ ବୋଲି । ଏ ସାରା ସହର କ'ଣ ଦ୍ରୌପଦୀର ଘର । ଯିଏ ଭଡ଼ାଘର ଖୋଜିବ, ସେଠିକି ଯାଅ । ମିଳିଯିବ । ପାଲା ଲଗେଇଛନ୍ତି ଛତରଖାଇ ଦଲାଲ । ଦଉଚି ଭଲ ରକମ ପାନେ । ଆଜି ଫଇସଲା ହୋଇଯିବ ।"

ମୁଁ କାତର ସ୍ୱରରେ କହିଲି – ନାଇଁ ମାଉସୀ, ମୁଁ ଜାଣିନି । ଶୁଣିଲି, ପଚାରିଦେଲି । ଘର ପାଉନି । କ'ଣ କରିବି କହିଲେ ? ରହିବି ତ ଯେଉଁଠିନା ?

ମୋ କଥା ତାଙ୍କୁ ସାମାନ୍ୟ ବିଚଳିତ କଲା ସମ୍ଭବତଃ । ହୃଦ ଭିତରେ କୋଉଠି ଯେମିତି ଉତୁରିଉଠିଲା ଅକୁଳାଣ ସେନେହ ।

ମୋତେ ସେ ଗହିରେଇ ଚାହିଁଲେ ଏବଂ ତଥାପି ଅବଜ୍ଞାସୂଚକ ସ୍ୱରରେ କହିଲେ –

ସେଭେନ୍ ହନ୍ଡ୍ରେଡ୍ ଫଟି ଫାଇବ୍ ।

ଡୋଣ୍ଟ୍ କେୟାର ଏନିବଡ଼ି । ଏଲୋନ୍ ।

ମନି ସଟ୍ । ନୋ ପ୍ରୋବ୍ଲେମ୍ ।

ମାଇକି । ପିସାବ କର ତାଙ୍କ ପଇସାରେ ।

Digitized by PPRACHIN, SOA

ଡିଉଟିକୁ ଯିବି । ଡିଉଟିରୁ ଫେରିବି ।

କୋଇ ବାତ୍ ନେଇଁ ।

ମୋତେ କଣ ପରି ପାଇଛନ୍ତି କି ?

ମିସେସ୍ ଦ୍ରୌପଦୀ ପ୍ରଧାନ । ଦ୍ରୌପଦୀ । ଦୂତୀ ।

ଆଇ ସି ।

ଡୋଣ୍ଟ କେୟାର, ଡୋଣ୍ଟ କେୟାର ଏନିବଡ଼ି ।

ସେ ତ ଏତେ କଥା କହୁ ନ ଥିଲେ । କାଳିଶୀ ଲାଗିଲା ପରି ଏକ ପ୍ରକାରର ନାଚୁଥିଲେ । ଏବଂ ତାଙ୍କ କଥାରୁ ବିନ୍ଦୁ ବିସର୍ଗ ବୁଝିବାର ଶକ୍ତି ବି ମୋର ନ ଥିଲା । ତାଙ୍କ ସାମ୍ନାରେ ଦୋଷୀଟିଏ ପରି କାକୁସ୍ଥ ହୋଇ ଠିଆହୋଇଥାଏ ।

ସେ ଅଧିକ କିଛି ନ କହି ଘର ଭିତରକୁ ଝଡ଼ ପରି ପଶିଗଲେ । ଚେୟାରଟିଏ ଆଣି ଦୁଆର ମଝିରେ ପକେଇଲେ । ବସିବାକୁ ନିର୍ଦ୍ଦେଶ ଦେଲେ । ନିଜେ କିନ୍ତୁ ସେମିତି ଠିଆହୋଇ ରହିଲେ । ସୁନା ପିଲାଟି ପରି ମୁଁ ବସିପଡ଼ିଲି । ଏକ ନିଃଶ୍ୱାସରେ ସେ ପଚାରିଗଲେ ମୋର ପରିଚୟ, ଠିକଣା ଏବଂ ଆଉରି ଅନେକ କିଛି ।

ଏବଂ, ସାଙ୍ଗେ ସାଙ୍ଗେ ଚାବିଟିଏ ବଢ଼େଇ ଦେଲେ ମୋ ହାତକୁ । କହିଲେ, "ଦେଖ ବାବୁ, ଏଇଟା ଭଡ଼ାଘର ନୁହେଁ । ତମ ଘର । ଏପଟ ସେପଟ ହେଲେ, ପରକଥା ଶୁଣିଲେ, ମୁଁ କାହାରି ନୁହେଁ । ହୁସିଆର । ହଁ ।"

ସେ ଯେମିତି ମୋର ବୋଉର ସାନ ଭଉଣୀ । ଦ୍ରୌପଦୀ ଓରଫ ଦୂତୀ ମାଉସୀ ।

ଏଡ଼େ ବଡ଼ ସୁନାଗଡ଼ ସହରରେ, ତାଙ୍କ ଏକୁଟିଆ ଘର ଭିତରେ ମୁଁ ବାନ୍ଧିହୋଇ ପଡ଼ିଥିଲି ପ୍ରାୟ ଦେଢ଼ ବରଷ କାଳ । ପରେ ସରକାରୀ ଘର ପାଇଯିବାରୁ ତାଙ୍କୁ ଛାଡ଼ିବାକୁ ପଡ଼ିଥିଲା । ସତ କଥା କହିଲେ– ତାଙ୍କ ପାଖରୁ ପଳେଇ ଆସିବାଲାଗି ମୁଁ ବ୍ୟାକୁଳ ହେଉଥିଲି, ମାତ୍ର ତାଙ୍କ ଭିତରେ କି ଅଦ୍ଭୁତ ଶକ୍ତି ଥିଲା କେଜାଣି, ବନ୍ଧନ କାଟି ପାରୁ ନଥିଲି, ଏତେ ସହଜରେ । ଛଅ ବରଷ ପରେ ତାଙ୍କ ସହର ବି ଛାଡ଼ିଲି । ସତ କହିଲେ – ଛାଡ଼ିପାରିନି ତାଙ୍କୁ । ଛାଡ଼ିପାରିବିନି ଜୀବନରେ ।

ଯେତେ ଚେଷ୍ଟାକଲେ ବି, ଜୀବନରେ ଜଣେ ସବୁକିଛିକୁ କ'ଣ ଏତେ ସହଜରେ ନିଜ ଭିତରୁ ଦୂରେଇ ଦେଇପାରେ ! ଛାତି ଭିତରର ନିଆଁ ଚେତନାକୁ ପୋଡୁଥାଏ ଅହରହ । ଦୂରକୁ ଫିଙ୍ଗିଦେଇ ହୁଏ କି ?

ଦୂତୀମାଉସୀ ପାଖରେ ଥିବା ବିଭବତକ ସତରେ ଥିଲା ଦୁର୍ଲ୍ଲଭ । ଜନ୍ମ ହୋଇ ଥିଲେ କଟକ ଜିଲ୍ଲାର କୋଉ ଗୋଟେ ନିପଟ ମଫସଲ ଗାଁରେ । ନୁଣାନଈ କୂଳରେ । ସଂସାର ବି ବାନ୍ଧିଥିଲେ । ମାତ୍ର ବିଧାତା ସୁଖଭୋଗର ସଂକେତକୁ ପୋଛିଦେଇଥିଲା କପାଳରୁ । ଷୋଳ ବରଷ ବୟସରେ ନଈ ପାଣିରେ ଉଜେଇଁଦେଲେ କାଚ ଆଉ ସିଂଦୂର । ବାପ ଘରକୁ ନେଉଟିଆସିଲେ ।

Digitized by PPRACHIN, SOA

ବାପ ଘରେ, ଭାଇ ଭାଉଜଙ୍କ ମେଳରେ ସ୍ୱାଧୀନ ଜୀବନଟିଏ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା । ସେ ବି ବାହାର ଜଗତରେ ପାଦ ଥାପିବାଲାଗି ଉଚ୍ଚାଟ ହେଉଥିଲେ । ସୁଯୋଗ ବି ମିଳିଗଲା । ଗାଁର କିଏ ଜଣେ ଲେଖା ଯୋଖା ଭାଇ ତାଙ୍କୁ ଟାଣି ଆଣିଲା ସହରକୁ । ନୂଆ ଜୀବନଟିଏ ବି ଦେଖେଇଦେଲା । ଗ୍ରାମସେବିକାର ତାଲିମ ପାଇଲେ । ପ୍ରଥମେ ଚାକିରି କଲେ ବାମଣ୍ଡାରେ । ସେଠୁ ସମ୍ବଲପୁର । ପଦ୍ମପୁର । ଫୁଲବାଣୀ । ପୁଣି ସୁନାଗଡ଼ । ସୁନାଗଡ଼ ସହରରେ ଜମି କିଣିଲେ । ଘର ତିଆରିକଲେ । ନିଜ ଘର । ଘର ଭିତରେ ମଣିଷ ରଖିଲେ । ଘର ବାହାରେ ମଣିଷମାନଙ୍କ ସାଙ୍ଗରେ ଘୂରି ବୁଲିଲେ । ଭିତରେ ବାହାରେ କେବଳ ମଣିଷ ଆଉ ମଣିଷ । କେତେ ଜାତିର, କେତେ ରଙ୍ଗର, କେତେ ବେଶ ଆଉ ରୁଚିର । କ'ଣ ବା ପାଇଲେ ସେମାନଙ୍କ ପାଖରୁ ? କ'ଣ ବା ଦେଲେ ସେମାନଙ୍କୁ ? ଏତେ ଦେବା ଆଉ ନେବା ଭିତରେ କୋଉ ଅପୂରୁବ ବିଭବ ବା ସାଇତି ରଖିପାରିଲେ ନିଜ ଶୂନ୍ୟ ସିଂଦୁକରେ ? ଦୀର୍ଘାଙ୍ଗୀ, ବିଦ୍ୟୁତବରଣୀ ଏବଂ ମୁକ୍ତକେଶୀ ସେବିକାର ସିଂଦୁକ ସତରେ କ'ଣ ପ୍ରାପ୍ତିର ପୂର୍ଣ୍ଣତାରେ ଉଚ୍ଛୁଳିଉଠିଲା ?

ମଣିଷକୁ ଆପଣେଇ ନେବାର ଅଦ୍ଭୁତ କଳା ଜଣାଥିଲା ମାଉସୀଙ୍କୁ । ମୋ ପରି ପ୍ରାୟ ସବୁଦିନ ଭୋର ଚାରିଟା ସରିକି ସେ ବିଛଣା ଛାଡୁଥିଲେ । ମୁଁ ମୁହଁହାତ ଧୋଇ ଟେବୁଲ୍ ପାଖକୁ ଯାଉଥିଲି ଏବଂ ସେ ଯାଉଥିଲେ ହନୁମାନଙ୍କ ପଥର ମୂରତି ତଳକୁ । ସେଇ କେବଳ କାଳେ ଥିଲେ ତାଙ୍କ ରକ୍ଷାକର୍ତ୍ତା । ସେଠି ବଡ଼ କରୁଣ ଆଉ ଉତ୍କଣ୍ଠିତ ସ୍ୱରରେ ସେ ପ୍ରାର୍ଥନା କରୁଥିଲେ । କାଉ କା' କଲା ବେଳକୁ ମୋ ପାଖରେ ପହଞ୍ଚି ଯାଉଥିଲା ଚା'କପଟିଏ । ଚା' ତ ନୁହେଁ, ମୋର ସ୍ୱପ୍ନ ଆଉ ଜୀବନ । ସକାଳୁ ସକାଳୁ କେବେ କେବେ ଗରମ ପକୁଡ଼ି, ଉପମା ତ, କେବେ ହାଲୁଆ । ସଞ୍ଜକୁ ପୁଣି ଚା' । ଆଉ କେତେ ତୁଣ୍ଡ ସଳସା ଚିଜର ପରିପୂର୍ଣ୍ଣ ପାତ୍ର । ମୋର ବିନୀତ ବାରଣକୁ ସେ ମାନୁ ନଥିଲେ । ବରଂ ରୋଷ ପ୍ରକାଶୁଥିଲେ । ଗୋଟେ ଅଦ୍‌ଭୁତ ଅସହାୟତା ଯେମିତି କବଳିତ କରୁଥିଲା ମୋର ସମଗ୍ର ଚେତନାକୁ । ତାଙ୍କ ଶରଧାକୁ ଆଘାତ ଦେବାଲାଗି ଇଚ୍ଛା ହେଉନଥିଲା । ସ୍ୱୀକାର କରିବାକୁ ବାଧ୍ୟ ହେଉଥିଲି ।

ତାଙ୍କ ସାଂସାରିକ ଅଭିଜ୍ଞତା ଅନେକ ସମୟରେ ସତୀ ଉପରେ ଅଭିମାନ କରୁଥିଲା । ଅଭିମାନ ନୁହେଁ ତ, କ୍ରୋଧ । କହୁଥିଲେ – "ପୋଡ଼ାମୁହାଁ ଚାକିରି କରି କି ମଜା ପାଉଚି କେଜାଣି । ପୁଅଟା ଏଠି ଏକୁଟିଆ । ସଂସାରର ସୁଖ ତେଜି, ସ୍ୱାମୀଠାରୁ ଦୂରରେ ରହି ଚାକିରି କରିବାର ନିରର୍ଥକତାକୁ ସେ ଛିଗୁଲେଉଥିଲେ । ଛିଗୁଲାପଣ ଭିତରେ ଯେମିତି କଥା କହୁଥିଲା ତାଙ୍କ ସପନ, ଯାହା କେବଳ ଶେଷହୀନ ସଂଗୀତ ପରି ବର୍ତ୍ତମାନକୁ କରୁଣତର କରୁଥିଲା । ବେଳେବେଳେ ବ୍ୟାକୁଳିତ ଚେତନାକୁ ଧୋଇ ଦେଉଥିଲା କାରୁଣ୍ୟର କଳାମେଘରେ । ମୋ ଜ୍ୱରୁଆ ଦେହ ପାଖରେ ବସି ସେ ମଥା ଚିପି ଦେଉଥିଲେ । ଦେହର ତାତିକୁ ପାଣି ପଟିରେ ଶୀତଳେଇ ଦେଉଥିଲେ ।

Digitized by PPRACHIN, SOA

କୋଳରେ ମଥାରଖି ନୁଖୁରା କେଶକୁ ଆଉଁଶି ଦେଉଥିଲେ। ରାତିସାରା ଉଜାଗର ରହୁଥିଲେ । ଜୀବନର ଅଭାବିତ ସୁଖକୁ ସମର୍ପି ଦେଉଥିଲେ ମୋ ହାତରେ । ଏବଂ ପ୍ରତିଦାନରେ ମୁଁ ତାଙ୍କୁ କ'ଣ ବା ଦେଉଥିଲି କି?

ଅଶୀଟି ମାତ୍ର ଟଙ୍କା । ଛଳନାର କେତୋଟି ଅସରପି ।

ମାତ୍ର ଅଶୀ ଟଙ୍କାରେ ଏକ ତରୁଣ ଭଡ଼ାଟିଆକୁ କୋଉ ସୁଖରେ ବା ସେ ଏତେ ବେଶି ଭଲପାଉଥିଲେ ? କୋଉ ଅପୂର୍ବ ବିଭବ ପ୍ରାପ୍ତିର ଆଶାରେ ତାଙ୍କ ଅପୂର୍ଣ୍ଣ ଆଉ ଉତ୍ତପ୍ତ ଛାତି ଉପରେ ସାଇତି ରଖୁଥିଲେ ଦୁର୍ବଳ ମଥାଟିକୁ ? ଅନିଦ୍ରା ରହୁଥିଲେ ସାରା ରାତି । ଛାଇ ପରି ଲାଖିରହୁଥିଲେ ଚାରିକତି ?

ତାଙ୍କ ଆଚରଣରେ ମୁଁ କିନ୍ତୁ ଭାରି ଅସ୍ୱସ୍ତି ଅନୁଭବ କରୁଥିଲି । ବେଳେ ବେଳେ ମନେ ହେଉଥିଲା – କାହାର ଛାତିରେ ଏମିତି ଲାଖିରହିବା କ'ଣ ତାଙ୍କର ଏକ ଅଭ୍ୟାସ ? ମୟାବିନୀର ନାଗଫାଶ ? ଖେଳ ଖେଳେଇବାର ଏକ ବିଚିତ୍ର ଉଚ୍ଛ୍ୱାସ ? ନା, ଗଭୀର ଅତୃପ୍ତି ଜନିତ ଯୋଗାଭ୍ୟାସ । ସବୁକିଛି ରହସ୍ୟମୟ ବୋଧହେଉଥିଲା । ସେଇ କୋଳର ତାତି ବାରମ୍ବାର ମତେ ଅନ୍ୟମନସ୍କ କରି ଦେଉଥିଲା। ନିଜ ସହ ଧକ୍‌କା ଖାଉଥିଲି । ନିଜକୁ ଧିକ୍‌କାର କରୁଥିଲି ଏବଂ ଫେରିଆସୁଥିଲି ନିଜ ଗୁମୁଟି ଭିତରକୁ । ନିଜର ଗୁମୁଟି ନୁହେଁ, ତାଙ୍କ ଭଡ଼ାଘରର ଅନ୍ଧାର ଗୋଲକକୁ ।

ଶୁଣୁଥିଲି - ମାଉସୀଙ୍କ ଦୀର୍ଘଶ୍ୱାସ କାଳେ ବିଶ୍ୱାସର ବିଷଭାଣ୍ଡ । ପ୍ରୀତି ଅନୁରାଗିଣୀ ମାନଙ୍କର ତାହା କାଳେ ବିଶେଷ ଲକ୍ଷଣ । ସେମାନଙ୍କ ଆଖିରେ ଲୋତକର ଝର । କଣ୍ଠରେ ଅନାଶ୍ରିତାର ଆବେଗ ଏବଂ ଅନ୍ତରରେ ଶୋଷିନେବାର ଉଚ୍ଛଳ ତରଙ୍ଗ ।

ଦ୍ରୌପଦୀଙ୍କ ଜୀବନ-ସମୁଦ୍ରର ତରଙ୍ଗରେ କାଳେ ଦୋଳି ଖେଳୁଥିଲେ ଅନେକ ସନ୍ତରଣକାରୀଙ୍କ ସଙ୍କେତ । କିଏ ବା ସେମାନେ ? କ'ଣ ବା ଥିଲା ସେମାନଙ୍କର ଅସଲ ପରିଚୟ ? ଏବଂ, ସେ ଯେମିତି ଥିଲେ ସଂଖ୍ୟାହୀନ ସାମନ୍ତମାନଙ୍କର ସେବିକା ।

ନିଃସଙ୍ଗତା ସମ୍ଭବତଃ ତାଙ୍କୁ ଭୟଙ୍କର ଦାନବ ପରି ଡରେଉଥିଲା । ଏତେ ବଡ଼ ଘରେ ଏକା ଏକା ସମୟ ବିତେଇବା କ'ଣ ସତରେ ସମ୍ଭବ ? ଖରାବେଳେ, ରାତିର ନିଶୁତି ପହରରେ ସେମାନେ ହୁଏତ କେତେ ବେଶରେ ଆସୁଥିଲେ । କେବେ କେବେ ଜାଗ୍ରତରେ ତ, କେବେ କେବେ ସପନରେ । ଜୀବନ ଲୋଭରେ ସେ ଘର ଭିତରୁ ପଦାକୁ ବାହାରି ଆସୁଥିଲେ ଏବଂ ପଦାରୁ ପୁଣି ଲେଉଟି ଯାଉଥିଲେ ଘର ଭିତରକୁ । ରେଡିଓ, ଟି.ଭି. ଲଗାଉଥିଲେ । ଶୁଣାଉଥିଲେ ପୁରୁଣା କଳଗାଉଣା । ଟେପ୍ ରେକର୍ଡରେ । ଘର ଖରକୁ ଥିଲେ । ପାଲଟା ଶାଢ଼ୀ ଖସିପଡୁଥିଲା ତଳକୁ । ଏବଂ, ଠିକ୍ ସେତିକିବେଳେ ଅବିଚାରୀ ପବନ ତାଙ୍କୁ ଜୋର୍‌ରେ କଚାଡ଼ି ଦେଉଥିଲା ଖଟ ଉପରେ । କାତର ହେଉଥିଲେ ତକିଆ ଏବଂ ବିଛଣା ଚଦର । ପୁଣି ଠିଆ ହେଉଥିଲେ ଆଇନା ଆଗରେ । ଗଛ ଆଇନା । ନିଜକୁ ଦେଖୁଥିଲେ । ନାଚୁଥିଲେ । ଗାଉଥିଲେ । ନାଚ ଆଉ ଗୀତର ତାତିରେ ପୋଡ଼ିଯାଉଥିଲା ଦେହ । ଆଖିର ପାଣିରେ ଭିଜିଯାଉଥିଲା

Digitized by PPRACHIN, SOA

ଅବଶିଷ୍ଟ ଆବରଣ । ଚୁଲି ଉପରେ ବିଚରା ହାଣ୍ଡିରେ ଗବଗବ ଫୁଟୁଥିଲା ପାଣି । ହାତରେ ହସୁଥିଲା ନିଦ ବଟିକା ।

ହସୁଥିଲେ ସେ । ହସି ହସି ବେଦମ ହେଉଥିଲେ । ହସୁଥିଲା ସପନ, ଶାଢ଼ୀ, ଗଳଗାଉଣା, ଆଇନା, ପଲଙ୍କ । ଜଗତ ହୋଇଯାଉଥିଲା ରହସ୍ୟମୟ ଏବଂ ସେଇ ରହସ୍ୟମୟ ହସର ନିଆଁ ପାଖକୁ ସମ୍ଭବତଃ ଉଡ଼ି ଆସୁଥିଲେ ଅନ୍ଧାରର ବିବର ଭିତରକୁ କିଛି ରହସ୍ୟମୟ ପୋକ । ଆଲୁଅ ଦେଖି, ଫୁଲର ଗନ୍ଧ ବାରିବାରି ଉଡ଼ିଆସିବା ତ ସେମାନଙ୍କର ଧର୍ମ ।

ସେମାନେ ଆସୁଥିଲେ । କେତେ ବୃତ୍ତି, କେତେ ଜାତି କେତେ ନାଁର । ନିଆଁନଗା ସପନକୁ ଆଉରି ତେଜି ଦେଉଥିଲେ । ତେଲରେ ପୂର୍ଣ୍ଣକରୁଥିଲେ ମାଟି ଦୀପର ଗରଭକୁ । ଛନ୍ଦି ହୋଇପଡୁଥିଲେ ତେଜର ତାତିରେ ଏବଂ କେତେ ମିଠା ମିଠା ପ୍ରତିଶ୍ରୁତିରେ ଉଚ୍ଚକିତ କରୁଥିଲେ ତାଙ୍କ ଜୀବନ-ପାତ୍ରକୁ । ଅଳତାମଖା ପାଦରେ ଗୀତ ବୋଲୁଥିଲା ପାଉଁଜି । ଶାଢ଼ୀରେ ଡେଣା ଝାଡୁଥିଲେ କୋଟି ବିହଙ୍ଗ । ଛାତିରେ ଲହଡ଼ି ଭାଙ୍ଗୁଥିଲା ଖଣ୍ଡକ୍ଷୀର ଏବଂ ପେଟରେ କିଏ ଜଣେ ଭିଡ଼ିମୋଡ଼ି ହୋଇ ଚିତ୍କାର କରୁଥିଲା – କୋଽହମ୍, କୋଽହମ୍ । ଭାରି ଦୁଷ୍ଟ । ଚଗଲା ପଣରେ ଓସ୍ତାଦ୍ ।

କୋଽହମ୍ ନିଜର ପରିଚୟ ଖୋଜୁଥିଲା ଡାକ୍ତରଖାନାର ନଳା ଭିତରେ । ଆନତ ଥନ ହେଉଥିଲା ବିଷଭାଣ୍ଡ । ଯେତେସବୁ ସବୁଜ ସପନ ପଉଷର ପତର ପରି ଉଡ଼ି ବୁଲୁଥିଲେ ଧୂମିଳ ଆକାଶରେ ।

କିଏ ବା ସେଇ ଅଜସ୍ର ପ୍ରତିଶ୍ରୁତିର ନାୟକମାନେ ? କ'ଣ ବା ସେମାନଙ୍କର ପରିଚୟ ? ପୌରପାଳ ଏବଂ ବିଧାୟକ ମଧୁସୂଦନ ସାମନ୍ତରାୟ, ଅଧ୍ୟାପକ ରେବତୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ପ୍ରଧାନ, ବଡ଼ବାବୁ ନାରାୟଣ ରାଜଗୁରୁ, କନିଷ୍ଠ କିରାଣୀ ଜମିଦାର ପ୍ରଧାନ, ନା କାନତରାଟି ଟଙ୍କଧର ସୁବୁଦ୍ଧି ଏବଂ ଆହୁରି ଅନେକ ନାମଧାରୀ ଶିରୀବନ୍ତ ? ବେଳ ଉଣ୍ଡି ସେମାନେ ଆସୁଥିଲେ । ବସୁଥିଲେ ଗଛଡାଳରେ। ଗୀତ ବୋଲୁଥିଲେ । କେହି କେହି ଭଡ଼ାଟିଆ ତ, କେହି କେହି ଉଡ଼ା ।

ଏବଂ, କିଏ ବା ସେଇ ମାଟି ପ୍ରତ୍ୟାଶୀ ଅନାଗତମାନେ ? ପୂର୍ବ ଜନ୍ମରେ ଅନେକ ଆକାଙ୍କ୍ଷିତଙ୍କ ବାଟ ଓଗାଳିଥିବା ବାରନାରୀ, ନା ବୀଟ ପୁରୁଷ, କିଏ ସେମାନେ ?

ଆଉ ଦୂତୀ ମାଉସୀ ? ସିଏ ବା କ'ଣ କରୁଥିଲା ସେତେବେଳେ । ହୁଏତ ନିର୍ବୋଧ କାମନାମାନଙ୍କୁ ବାରମ୍ବାର ମୁକୁଳା କରୁଥିଲା ଆଇନା ଆଗରେ ଏବଂ ସ୍ୱପ୍ନ ଦେଖୁଥିଲା ନିଦ ବଟିକା ଭିତରେ ।

ବାସ, ତାପରେ ଦିନେ ସେ ହନୁମାନଙ୍କ ମୂରତିଟିଏ ଆଣି ଲକ୍ଷ୍ମୀଙ୍କ ଫଟୋ ପାଖରେ ଥାପନା କରିଥିଲେ । ମହାବଳୀ ହନୁମାନ, ଏକ ନିର୍ଭରଯୋଗ୍ୟ ଜଗୁଆଳ । ଘରଗୁଡାକୁ ପୂରାପୂରି ଖାଲିକରିଦେଲେ । ଘରର ନାଁ ରଖିଲେ ହନୁମାନ କୁଟୀର। ଏବଂ କୁଟୀର ସୀମା ନ ମାଡ଼ିବାପାଇଁ ଉଡ଼ା/ଭଡ଼ାଟିଆମାନଙ୍କ ଛାଇକୁ ବାରଣ କରିଦେଲେ । ସାନ

Digitized by PPRACHIN, SOA

ଭଉଣୀର ଯମ ଅଇଁଠା ଛୁଆଟିକୁ ଆଣି ନିଜ ପାଖରେ ରଖି ମଣିଷ କଲେ । ବାତୁଳୀଙ୍କ ପରି ବୁଡ଼ିରହିଲେ ନିଜ କାମରେ - ମଫସଲ ଗାଁର ମଣିଷମାନଙ୍କ ସେବା । ତାଙ୍କ ହନୁମାନଙ୍କର ଭୟରେ ପବନ ବି ସୀମା ଭିତରେ ପଶିପାରିଲାନି ।

କିନ୍ତୁ ମତେ ? ମତେ ବା କ'ଣ ପାଇଁ ଠା' ଟିକିଏ ଦେଇଥିଲେ ସେଇ ନିଷିଦ୍ଧ ଭୂଇଁରେ । ଏକ ବିଡ଼ମ୍ବିତ ଜୀବନପାଇଁ ମୁଁ ତ ଆଦୌ ସୁସ୍ଥ ଅବଲମ୍ବନଟିଏ ନଥିଲି । ତାଙ୍କ ସକଳ ଶ୍ରଦ୍ଧାର ହେତୁ ମୋପାଇଁ ଥିଲା ଘନ ରହସ୍ୟମୟ ।

'ରହସ୍ୟମୟତା' ସତରେ ପୁଲକଦାୟକ ନୁହେଁ କି ?

ରହସ୍ୟକୁ ଭେଦିବାପାଇଁ ମୁଁ ଥିଲି ସଦା ବ୍ୟାକୁଳିତ । ତାର ମୁକୁଳିତ ରୂପ ନ ଦେଖିବା ପର୍ଯ୍ୟନ୍ତ ମୁଁ ଜମାରୁ ଶାନ୍ତିରେ ଶୋଇପାରୁ ନଥିଲି । ମାଉସୀଙ୍କ ଚେତନାର ଲୁହ ଓ ପୁଲକକୁ ଅନୁଭବିବାଲାଗି ଯେମିତି ଅଧିକରୁ ଅଧିକ ବିଷାଦିତ । ମୋ ପଦ୍ମବ୍ୟୂହର ପଟଳ ବିଦୀର୍ଣ୍ଣ କରି ରହସ୍ୟମୟ କାରଣମାନେ ଗର ବିବର ଭିତରେ କେଉଁଠି ଗୋପ୍ୟ ହୋଇଯାଉଥିଲେ ।

ମାତ୍ର ଦିନେ ରାତିରେ ବିଳମ୍ବିତ ପ୍ରହରରେ କାହାର କରୁଣ କାନ୍ଦଣା ମତେ ଟାଣି ଆଣିଥିଲା ବିବର ବାହାରକୁ । କବାଟ ବାହାରେ କାହାର ଅସହାୟ ସ୍ୱର ଯେମିତି ମୋ ବୀରତ୍ୱର ସାହାଯ୍ୟ ଲୋଡୁଥିଲା । କହୁଥିଲା - "ଯେ ଟୋକା ମତେ ମାରି ପକେଇଲାରେ ଦେବୁ, ମାରି ପକେଇଲା । ଗୁଣ୍ଡା ସାଜିଛି । ଯାକୁ କ'ଣ ମଣିଷ କରିଥିଲି ମାରିବା ପାଇଁ । ଧରମ ଅଛି । ଧରମ ଅଛି । ସେ ସବୁ ଦେଖୁଛି । ସବୁ କରୁଛି । ସେଇ ହନୁମାନ । ପବନସୁତ ମୋର ଭରସା । ମତେ ତୁ ମାରିବୁ ନା ।"

ମାତ୍ର ପ୍ରାୟ ପାଞ୍ଚଫୁଟ ନଅ ଇଞ୍ଚ ଉଚ୍ଚତା ଏବଂ କାଉଁରିଆ କାଠିପରି ଗୋଟାଏ ମଣିଷ କେବେ କ'ଣ ପବନସୁତ ହେବାର ସ୍ୱପ୍ନ ଦେଖିପାରେ ?

ମାଉସୀଙ୍କ ପରିଚିତ ସ୍ୱରର କାରୁଣ୍ୟ ମୋ ସୁପ୍ତ ହନୁମାନତ୍ୱକୁ ଚିଆଁଇ ଦେଇଥିଲା । କବାଟ ଖୋଲି ପଦାକୁ ଆସିଲି । ମୋ ଆଗରେ ଠିଆ ହୋଇଥିଲେ ମାଉସୀ ଏବଂ ତାଙ୍କ ଘରର ଦୁଆର ମୁହଁରେ ମୋରି ବୟସର ମଣିଷଟିଏ ଓ ତାଙ୍କୁ ଲାଗି ଆଉଜଣେ ବିବାହିତା ତରୁଣୀ । ସେମାନେ ମାଉସୀଙ୍କ ପାଳିତ ପୁତୁରା ଏବଂ ବୋହୂ ଏ ନାଟକର ଦୃଶ୍ୟର କାରଣ ମୁଁ ସହଜରେ ଅନୁମାନ କରିନେଇଥିଲି ।

ମୁଁ କାହାକୁ କିଛି କହିବା ଆଗରୁ ମାଉସୀ ଘର ଭିତରକୁ ପଶିଗଲେ । ଭିଡ଼ିନେଲେ ମୋତେ ଭିତରକୁ । ଲୁଗା ଟେକିଦେଲେ ଜଙ୍ଘ ଉପରକୁ । ପିଠିରୁ ବି ଉତୁରିଗଲା ବ୍ଲାଉଜର ମିଛ ପରଦା । ଦେଖିଲି, ଜଙ୍ଘ ଆଉ ପିଠିରେ ଅମାନୁଷିକ ଆଘାତର ଲାଲ ଦାଗ । ଆଖିରେ ଲୁହ । ସ୍ୱରରେ ଆବେଗ ।

କହିଲେ – "ଦେଖ, ଦେବୁ ଦେଖ୍ । ଏଇ ମୋ ପୁଅ । ପୁରସ୍କାର ଦେଇଛି । ଆଜି ନୂଆ ନୁହେଁ, ଯେତେବେଳେ ମନ ହେଉଛି, ସେତେବେଳେ । ଏତେ ଟିକିଏ, ପାଞ୍ଚ ବରଷର ହୋଇଥଲା । ଆଣିଥିଲି । ପିହୁଳା ପେଟିଆ । କାଛୁ କୁଣ୍ଡିଆରେ ଭଣ ଭଣ ।

Digitized by PPRACHIN, SOA

ସଫାକଲି । ପାଖରେ ରଖି ପଢ଼େଇଲି । ଏମ୍.ଏ । କେତେ ଲୋକଙ୍କ ଗୋଡ଼ହାତ ଧରି ଚାକରି କରେଇଦେଲି । ବାହାଘର ବି କଲି । ଯେମିତି ଡେଣା ଲାଗିଗଲା, ଫୁର୍‌କିନା ଘର ବାହାରକୁ ଉଡ଼ି ଚାଲିଗଲା । କଉଛି – ଏ ଭିଥ ବାଡ଼ି ମୋ ନାଁରେ କରିଦେ । କୋଳେଇ କାଖେଇ ମଣିଷ କଲି; ବିଧା, ଚଣ୍ଡିଆ, ଗୋଇଠା, ଠେଙ୍ଗା ପାହାର ପୁରସ୍କାର ଦେଲୁ । ଜମି କରିଦେଲେ ତଣ୍ଟିଆ ଦେଇ ଦୁଆର ମୁହଁରୁ ଦାଣ୍ଡକୁ ଠେଲିଦେବୁ । ତତେ କାହିଁକି ଦେବିମ, ବେଇମାନ, ହାରାମି । ମୋର କ'ଣ ଆଉ କେହି ନାହାନ୍ତି, ଆଉ କାହାକୁ ଦେଇଦେବି ବୋଲି ତୋର ଏଡ଼େ ତୋଡ଼ ନା ? ମତେ କହିବୁ ବେଧେଇ, ବାଂଝ୍ । ଦେଖିଚୁ ? କାହାକୁ ଦେଖିଚୁ ? ଦେଖିଚୁ ଏ ପେଟ ଭିତରକୁ ? ଦେଖିଚୁ ଏ ଛାତିକୁ । କ'ଣ ଦେଖିଚୁ ? କ'ଣ ଦେଖିଚୁ ମ । ମାଇପକୁ ପଚାର ସେ କହିବ । ମତେ କହିବାକୁ ତୁ କିଏ ? ଏ କଥା ତୋ ମାଆକୁ କହିବୁ ! କାହିଁକି ଏଠିକି ଆସିଚୁ ? ମାରିବାକୁ । ଇଜ୍ଜତ ନବାକୁ । ନବୁ, ନଉନୁ । ମାରିବୁ, ମାର୍ ।

କୋହ ତାଙ୍କର ବଢ଼ିବାରେ ଲାଗିଲା ।

ଧାରା ଶିରାବଣର ନଈବଢ଼ି ପରି । ଟିକିଏ ଦମ୍ ନେଇ କହିଲେ – "ତତେ ଡାକିବାକୁ ଯାଇଥିଲି । କ'ଣ ହୋଇ ଗଲା ସେଇଠୁ ? ଯିବା କ'ଣ ମନା । କେତେଦିନ ହେଲା ଦେଖି ନଥିଲି । ମନଟା ଭଲ ଲାଗିଲାନି । ଗୋଳେଇ ଘାଣ୍ଟି ହେଲା । ନିଜକୁ ବୁଝେଇ ପାରିଲିନି । ଗଲି । ଜାଣି ଥିଲି କ'ଣ ଏତେ କଥା ହେବ ବୋଲି । ଯିବା ଆଗରୁ ମରି ଗଲିନି କାହିଁକି ? ଗାଡ଼ି ଘୋଡ଼ା ହେଲେ ଉପରେ ଚଢ଼ି ଯାଇଥାନ୍ତା । ମରୁନି ଜମା । ସେଇଥିପାଇଁ ତୁ ବାଡ଼ୋଉଚୁ । ତୁ ଗୋରୁଗାଈଙ୍କ ପରି ବାଡ଼େଇଲେ ମୁଁ ମରିଯିବି ଭାବିଚୁ । ଏ ସମ୍ପତ୍ତି ବାରି ମାଡ଼ିବସିବୁ । ଏଇଠି ଆସି ନାଟକରିବୁ । ଛଦ୍ରମେ ଦେବିନି । ଦେବିନି କହି ଦଉଚି । ସବୁ ପବନସୁତଙ୍କ ନାଁରେ ଲେଖିଦେବି । ନବୁ ନା । ନେଏତ !"

ମୋ ପାଖରୁ ସେ ଧାଇଁଗଲେ ପୁଅ ନିକଟକୁ । ପିଠି ଦେଖେଇ କହିଲେ – "ବାଡ଼େଇବୁ ପରା । ବାଡ଼ା । କିଏ ମନା କରିବାକୁ ଅଛିକି ? ବାଡ଼ା । ମୁଁ ଏଇଠି ବସିଚି । ଯା, ଘର ଭିତରେ କବାଟ କିଳି ହଳକଯାକ ଶୋଇବ ଯା । ସବୁତ ତମରି । ମୁଁ କିଏ କି ? ଭିତରକୁ ଆଉ ଯିବିନି କଉଚି । ଯିବିନି ।"

କେଜାଣି କାହିଁକି ପିଲାଟି ବେଳୁ ମୋର ଦାଣ୍ଡର ପାଟି ଏବଂ ଆଖିର ଲୁହକୁ ଭାରି ଭୟ । ଜମାରୁ ସହି ପାରେନା ।

ଦୀର୍ଘଶ୍ୱାସ ଭିତରେ କହିଲି – "ମାଉସୀ, ଏତେ ରାତିରେ, ପୁଣି ବାହାରେ, ଏସବୁ ଭଲ ନୁହେଁ । ଲୋକେ କ'ଣ କହିବେ । ଭିତରକୁ ଯା'ନ୍ତୁ ।"

ସେ ସେମିତି କୋହମିଶା ସ୍ୱରରେ କହିଲେ - "ଏଇଟା କୋଉ ନୂଆ କଥା କି ? ଲୋକେ କ'ଣ ଜାଣିନାହାନ୍ତି । ଏଡ଼େ ବକଟେ ଟୋକା, ଯୋଉ ଦିନ ଇଚ୍ଛାହେବ, ପିଟି ଦେଇଯିବ । ପିଟାପିଟି କଲେ ଭାରି ମଜାଲାଗେ । ଗାଁରେ ରହି ଗାଈ ଜଗୁଥା'ନ୍ତା ।

Digitized by PPRACHIN, SOA

ଏବେ ବାବୁ ହୋଇଚି । ପରାଭବ ଦେବନି । ମୁଁ ଆଉ ସେ ଘର ଭିତରକୁ ଯିବିନି । କୋବୋଲେଇବ । ବାଡ଼େଇବ । ସେଇ ପଚରା ଶବଦଗୁଡ଼ିକ କହିବ । ସହିପାରିବିନି । ଚାରିଆଡ଼େ ବୁଲିବୁଲି ମୋ ଚରିତ୍ର ବିକିବ । ଛି ।"

ମାଉସୀ ଏତେ କଥା କହିଯାଉଥିଲେ, ଆଉ ଦୁଆର ମୁହଁରେ କାକୁସ୍ଥ ହେଇ ଠିଆ ହୋଇଥିଲେ ସେଇ ଯୁବକ ଜଣକ । ତାଙ୍କୁ କହିଲି – ଆପଣ ତାଙ୍କୁ ଘର ଭିତରକୁ ନେଇ ଯାଉନାହାନ୍ତି କାହିଁକି ? ଏତେ ରାତିରେ, ଭଲ କଥା ନୁହେଁ ।"

ମୋ ଆଡ଼କୁ ଅନାଇ ଖୁଣ୍ଟିଟିଏ ପରି ସେ ଠିଆହୋଇଥିଲେ । କଥାଗୁଡ଼ାକ ଯେମିତି ଏ କାନରେ ପଶି ସେ କାନବାଟେ ବାହାରି ଯାଉଥିଲା ।

କିଛି ବାଟ ନ ପାଇ ମୁଁ ମାଉସୀଙ୍କ ହାତଧରି ଭିଡ଼ିନେଲି ଘର ଭିତରକୁ । ଏବଂ ଆଉ ଏମିତି ନ ହେବାପାଇଁ ଆକଟକଲି ।

ଏତେ ସମୟ ପର୍ଯ୍ୟନ୍ତ ନିରବରେ ଠିଆହୋଇଥିବା ଯୁବକ ଜଣକ କହିଲେ – "ସାର୍ ! ଇଏ ଏମିତି ରେକର୍ଡ ଯେ, ଥରେ ବାଜିବାକୁ ଆରମ୍ଭକଲେ, ଆଉ ବନ୍ଦ ହେବନି । ରାତି ସାରା ହିଁ ଆଉରି ଅନେକ କଥା ଶୁଣିବାକୁ ପଡ଼ିବ । ଏଇ କଥା ଶୁଣେଇବାଲାଗି ସେ ଆମକୁ ଡାକିଆଣିଥିଲା । ଏଠୁ ଯିବା ପୂର୍ବରୁ ମୁଁ ମନା କରିଥିଲି – ଏ ମାଟି ଆଉ ମାଡ଼ିବିନି ବୋଲି । ମୋର ଏ ମାଟି ଦରକାର ନାଇଁ । ଯୋଉ ମାଟିରେ, ଘରେ, ଆମେ ମୁହୂର୍ତ୍ତକପାଇଁ ଶାନ୍ତିରେ ରହିପାରିବା ନାହିଁ, ସିଏ କି ଘର । ମାନୁଚି, ସେ ମତେ ମଣିଷ କରିଛି । ମାତ୍ର ତା ବୋଲି ଯାହା କହିବ, ତାହା କରିବି । ଯାହା କହିବ, ତାହା ସହିଯିବି । ସେ ତ ମୋ ବିଷୟରେ ଏତେ କଥା ଆପଣଙ୍କୁ କହିଦେଇଗଲା । ଆଉ ମୁଁ ଯଦି ତା ଗୁଣଗ୍ରାମ ବିଷୟରେ ତୁଣ୍ଡ ଖୋଲିବି, ଆପଣ ବିଶ୍ୱାସ କରିବେ କି ? ନା, ପାରିବେନି । ସେ ମୋ ମା' ନୁହେଁ, ଆଉ କିଛି । ତାକୁ ଲାଜ ନାହିଁ । ହେଲେ ମୋର ବି ମାନ, ମହତ, ଲାଜ ସରମ ଅଛିନା । ଘର କଥା । ପଦାରେ ପକେଇ ଲାଭ ନାହିଁ ।"

ତାଙ୍କ କଥା ଶୁଣି ମାଉସୀ ଆଖିରୁ ଝରି ଆସୁଥିବା ଲୁହତକ ହଠାତ୍ ଶୁଖିଗଲେ । ଉତ୍‌ଫଣୀ ପରି କହିଲେ – କଉନୁ କ'ଣ କହିବୁ । ବେଧେଇ କହିଲୁ, ରାଣ୍ଡ କହିଲୁ, କହିଲୁ ବାରବୁଲୀ ଛତରୀ । ଆଉ କ'ଣ ବାକୀ ରହିଛି କହ ? ବୁଝିଲୁ, ଚାଲାକି ଦେଖାନା । ଏଠିକି ଆସିଲାବେଳେ ସବୁ ଠିକ୍ ଥିଲା । ମୁଁ ଯେମିତି କହିଦେଇଛି ଭାଇର ଝିଅକୁ ଆଣି ରଖିବି ବୋଲି, ସେଇଠୁ ସବୁ ବିଗିଡ଼ିଗଲା । ଆଉ କିଏ କାଲେ ଭାଗ ନେଇଯିବ । ସହିପାରିଲାନି । ସେଇ ତ ରୋଗର ମଞ୍ଜି ।

ସେ କହିଲେ – "ହଉ ଦେଖିବି, ସେ କେମିତି ତୋ ପାଖରେ ରହିବ । ପିଉସୀ ଝିଆରୀ ଚୁଟି ଧରାଧରି ହୋଇ ଦାଣ୍ଡରେ ଯଦି ସବୁଦିନେ ଗଡ଼ାଗଡ଼ି ନ ହୋଇଛ, ଦେଖିବି । ତୋ ପାଖରେ କେହି ବୋଲି କେହି ରହିପାରିବେନି । ତୁ ସମସ୍ତଙ୍କୁ ଖାଇଯିବୁ ।"

Digitized by PPRACHIN, SOA

ତାଙ୍କ ପାଟିରୁ କଥା ଛଡ଼େଇ ମାଉସୀ କହିଲେ– "ହଁ, ତୋ ସମ୍ପତ୍ତି ଖାଇପିଇ ଯେମିତି ଶେଷ କରିଦେଲି। ହଜାର ହଜାର ଟଙ୍କା ଖରଚକରି ପାଠ ପଢ଼େଇଲି । ବାଛି ବାଛି ଝିଅଟିଏ ଆଣି ବାହାକଲି । ଯାନି ଯଉତୁକରେ ଘର ଭର୍ତ୍ତି କରିଦେଲି । ସବୁ କିଛି ପାଇଲୁ, ଉଡ଼ିଗଲୁ । ମତେ କାହିଁକି ପଚାରିବୁ ? କୋଉ ଦିନ ହାତ ଟେକି ଟଙ୍କାଏ ମସାଏ ଦେଇଚୁ ? ତତେ କିଏ କନିଆଁ ଦେଇଥାନ୍ତା ରେ, ଏତେ ଫୁଟାଣି ଦେଖେଉଚୁ । ଛି ।"

ଯୁବକ ଜଣକ ବି ଛାଡ଼ିବାର ଜନ୍ତୁ ନ ଥିଲେ । ସେ ବି ହୁତୁହୁତୁ ହୋଇ ଜଳିବାକୁ ଆରମ୍ଭକଲେ । କହିଲେ – ହଁ, ଯାନି ଯଉତୁକ ସହିତ ସୁନ୍ଦରୀ ଝିଅଟିଏ ବୋହୂ କରି ଆଣିଲୁ । ଆଉ ଘର ଭିତରେ ଛିଗୁଲେଇଲୁ ତାର ରୂପ, ଗୁଣ, ଚାଲି, ଠାଣି, ମାଣି ସବୁ କିଛିକୁ । ନୁଚେଇ ନୁଚେଇ ତରକାରୀରେ ପକେଇଲୁ ଲଙ୍କା, ହଳଦୀଗୁଣ୍ଡ, ଲୁଣ । ଚାଉଳରେ ମିଶେଇଲୁ ବାଲି । ନୁଚେଇ ପକେଇଲୁ ପାଉଡର, ସ୍ନୋ, ସିଂଦୂର ଡବା । ଆଇନା, ଚୁଡ଼ି ବି ଭାଙ୍ଗିଲୁ । ଭଲ ଶାଢ଼ୀଟିଏ ପିନ୍ଧେଇ ଦେଲୁନି । ସବୁ କଥାରେ ସବୁବେଳେ ଖୁଣ୍ଟିଲୁ । ବୁଢ଼ୀ ଅସୁରୁଣୀ ପରି ଗୋଡ଼ ମୋଡ଼େଇଲୁ ରାତି ଅଧ ପର୍ଯ୍ୟନ୍ତ ।"

ଏ କଥାଗୁଡ଼ାକ ମାଉସୀଙ୍କ ଚେତନାକୁ ସମ୍ଭବତଃ ଘୁଣ ପୋକ ପରି କୋରି ଖାଇଯାଉଥିଲା । ଚିହିଁକି ଉଠି କହିଲେ– ହଇରେ ନିଲୁ, ତୁ ଏ ବୁଢ଼ୀଟା ନାଁରେ ଏତେ ମିଛ କଥା କେମିତି ବକିଯାଉଚୁ । ଏ ଟୁପୁସୀମୁହାଁ ତୋ କାନେକାନେ ଏତେ କଥା କହିଛି । ହାଇରେ ମୋ କପାଳ । ଏଇ କଥା ଶୁଣିବାଲାଗି ମୁଁ ତମକୁ ଡାକି ଆଣିଥିଲି ?

ନିଲୁ ନାମକ ମଣିଷ ଜଣକ ବି ସେତେବେଳକୁ ନିଜ ଆୟତ୍ତରେ ନ ଥିଲେ । କହିଲେ, ବୁଝିଲୁ, ତୋ କପାଳ ଫଟା ନୁହେଁ, ଫଟା ମୋ କପାଳ । ଜନମ କରିଥିଲେ ପୁଅବୋହୂଙ୍କ ଶୋଇବା ଘର କବାଟ ପାଖେ ରାତିରେ କାନଡେରି ବସୁନଥା'ନ୍ତୁ । ଫାଙ୍କ ଦେଇ ଭିତରକୁ ଚାହୁଁ ନଥାନ୍ତୁ। ରାତି ଅଧରେ ତୋ କପାଳ କି ଗୋଡ଼ ବିନ୍ଧୁ ନଥାନ୍ତା । ତୁ ଚିତ୍କାର କରି ଘର ଫଟେଉନଥାନ୍ତୁ ଏବଂ ଏ ଦୁଇଟା ଓଥରା ପ୍ରାଣୀ ତୋତେ ରାତିରାତି ଜଗି ବସୁନଥାନ୍ତେ । ବୁଝିଲେ ସାର୍, ଆଉରି ଅନେକ କଥା । ସେଗୁଡ଼ା କହି ହେବନି । ପାଟି ଗନ୍ଧେଇବ । ଛି । ଇଏ ମତେ କେମିତି ମଣିଷ କରିଛି, ଆପଣ ବିଚାର କରନ୍ତୁ । ଯା ଘରେ ଆଜି ମୋର ଶେଷ ରାତି । ରାତି ପାହିଲେ ଚାଲିଯିବି । ଆଉ କାହାରି ଅସୁବିଧା ହେବନି। ଏମିତି ବଂଚିବା ଅପେକ୍ଷା, ଗାଁରେ ଗାଈ ଚରାଉଥିଲେ ବୋଧହୁଏ ଭଲହୋଇଥାନ୍ତା ।

ସେ ଆଉରି କ'ଣ କହିବାକୁ ଯାଉଥିଲେ ଏବଂ ସେପଟେ ମାଉସୀ ବି ପ୍ରତିବାଦ ଓ ଅଭିଯୋଗର ବାଣ ମାରିବାପାଇଁ ସଜ ହେଉଥିଲେ। ମାତ୍ର ସେମାନଙ୍କ ମଝିରେ ବିଚାରକ ବେଶରେ ଠିଆ ହେବାର ଶକ୍ତି କି ମାନସିକତା ମୋର ନ ଥିଲା । ପାରିବାରିକ ଓ ଦାମ୍ପତ୍ୟ କଳହ ଭିତରେ ପଶିବାକୁ ମୋର ଭାରି ଭୟ ।

Digitized by PPRACHIN, SOA

ବ୍ୟାକୁଳ ହେଉଥିଲି ସେଠୁ ପଳେଇ ଆସିବାପାଇଁ । ଦୁଇପକ୍ଷ ମଝିରେ ଠିଆହୋଇ କହିଲି – "ଦେଖନ୍ତୁ ନିଲୁବାବୁ, ସେ ଆପଣଙ୍କୁ ପାଳିପୋଷି ମଣିଷ କରିଛନ୍ତି । ପାଳନକର୍ତ୍ତ୍ରୀର ବ୍ୟାକୁଳତାକୁ ଆପଣ ଅନୁଭବ କରିବା ଉଚିତ ।" ମାଉସୀଙ୍କୁ କହିଲି – "ପାଳିବା ପୋଷିବା ମାତୃତ୍ୱ ନୁହେଁ; ସ୍ନେହ, ମମତାରେ ବାନ୍ଧି ରଖିବା ହେଉଛି ମାତୃତ୍ୱ । ଏହା ନ କଲେ ଆପଣ ଦୁଃଖ ପାଇବେ । ମୁଁ ଆପଣମାନଙ୍କ ଭିତରେ ପଶିବାକୁ ଚାହୁଁନି । ମାତ୍ର ଏଠୁ ଗଲା ପରେ ଯଦି ପାଟି ଶୁଣେ, କାଲି ସକାଳୁ ଅନ୍ୟତ୍ର ଚାଲିଯିବି ।"

ଆଉରି ଅନେକ କିଛି କହିବାକୁ ଇଚ୍ଛା ହେଉଥିଲେ ବି, ନିଜ ସୀମାକୁ ଜଗି ଶୋଇବା ଘର ଭିତରକୁ ଚାଲିଆସିଲି । ମାତ୍ର ଶୋଇ ପାରି ନଥିଲି ସାରା ରାତି । ଦୂତୀ ମାଉସୀଙ୍କ ଆଚରଣ ମୋ ପାଖରେ ଅଧିକରୁ ଅଧିକ ରହସ୍ୟମୟ ହୋଇଉଠୁଥିଲା । ନିଜକୁ ବି ବିଶ୍ୱାସ କରିପାରୁ ନ ଥିଲି ।

ସେ କ'ଣ ସତରେ ସେମାନଙ୍କ ଶୋଇବା ଘର ଭିତରକୁ କବାଟ ଫାଙ୍କରେ ଅନିଷା କରୁଥିଲେ, କାନ ଡେରୁଥିଲେ । କୋଉ ବିଚିତ୍ର ଦୃଶ୍ୟ ଆଉ ଶବ୍ଦରେ ସମାହିତ ହେଉଥିଲା ତାଙ୍କ ଜ୍ୱାଳମୟୀ ଚେତନା ! କେତେ ବାଟରୁ ବା ଉଡ଼ି ଆସୁଥିଲେ ସେଇ ଅପଦଶା ଦୁଷ୍ଟ କୀଟମାନେ । ତାଙ୍କ ଆବେଶ ଓ ସ୍ୱପ୍ନମାନଙ୍କୁ କୋରି ଖାଇଯାଉଥିଲେ । କୋଉ ଅପହଞ୍ଚ ଦିଗନ୍ତରୁ ଡାକ ଛାଡୁଥିଲେ ଜ୍ୱାଳାମୟୀ କାମନାମାନେ । ଅନ୍ତରର ଆବରଣଗୁଡ଼ିକୁ ଇଚ୍ଛାମତେ ବିବସ୍ତ୍ର କରୁଥିଲେ । କୋଉ ସୁଖ ବା ପାଉଥିଲେ ବୟସ୍କା ଦ୍ରୌପଦୀର ଶୀତଳ ପିଣ୍ଡରୁ । କୋଉ ତାପର ସଂକ୍ରମଣ ବା ସେମାନଙ୍କୁ ଶୂନ୍ୟମନସ୍କ କରୁଥିଲା । ବହୁ-ବେଶୀମାନେ କେବଳ ଆସୁଥିଲେ ଏବଂ ମିଶୁଥିଲେ । ଜଳୁଥିଲେ ଏବଂ ଜଳୋଉଥିଲେ । ସେଇ ନିଆଁରେ ପୋଡ଼ି ଯାଉଥିଲା ସମଗ୍ର ଜଗତ । ପୋଡ଼ି ଯାଉଥିଲା ଅଙ୍ଗବାସ, ଶୃଙ୍ଖଳାର ଲୁହା କବାଟ, ମାତୃତ୍ୱ ଓ ମମତାର ଅମଳିନ ପଣତ ଏବଂ ହୃଦୟର ସୂକ୍ଷ୍ମତମ ସଙ୍ଗୀତ ।

ଦୂତୀ ମାଉସୀଙ୍କ ପରି ସାଧାରଣ ଚରିତ୍ରଟିଏ ସେଇ ଅବିବେକୀ ଉତ୍ତାପର ଦୁର୍ନିର୍ବାରତାକୁ କେବେ କ'ଣ ଅସ୍ୱୀକାର କରିପାରିଥା'ନ୍ତେ ? ଅସ୍ୱୀକୃତି ଯଦି ଅସମ୍ଭବ, ତାଙ୍କ ଚରିତ୍ରକୁ ଅତି କାବ୍ୟାୟନ କରିବାର ଆବଶ୍ୟକତା ବା କେଉଁଠି ?

ଅନେକ ପ୍ରଶ୍ନ ଏବଂ ଉତ୍ତରର ରଣଧନ୍ଦୋଳ ଭିତରେ ସେଦିନ ମୋପାଇଁ ସକାଳ ଆସିଥିଲା ବେଶ୍ କୁଣ୍ଠିତ ଭାବରେ, ସୁନା କିରଣରେ । ସେତେବେଳକୁ ନା ଥିଲେ ସେ, ନା ଥିଲେ ପୁତ୍ର-ବଧୂ ପ୍ରତିମ ନବ ଦମ୍ପତି ।

ପ୍ରାୟ ଗୋଟିଏ ସପ୍ତାହ ବିଶ୍ରାମ ପରେ ମାଉସୀ ଗାଁରୁ ଫେରିଲେ । ଆପଣାର ନିଃସଙ୍ଗତାକୁ ତଡ଼ିବାପାଇଁ ସାଙ୍ଗରେ ଆଣିଥିଲେ ସୁକେଶିନୀ, ସୁହାସିନୀ ନବ ତରୁଣୀଟିଏ– ମାମିନା । ତାଙ୍କୁ ଦେଖିଲେ ମନେ ହେଉଥିଲା, ସେ ଯେମିତି ପ୍ରାୟ ତିରିଶ ବର୍ଷ ଅତୀତର ସେଇ ଦ୍ରୌପଦୀ । ସେ ଘରଟି ତାପାଇଁ ଯେ ନୂଆ ଥିଲା, ତାହା ନୁହେଁ ।

Digitized by PPRACHIN, SOA

ମାତ୍ର ନୂଆ ଥିଲା ମୋର ପରି ଏକ ନିର୍ବୋଧ କୁକୁର-ଠେଙ୍ଗୁଆପାଇଁ ।

ଏବଂ, ତା' ପରେପରେ ବଡ଼ ଆଶ୍ଚର୍ଯ୍ୟ ଜନକ ଭାବରେ ବଦଳିବାକୁ ଆରମ୍ଭ କଲା ରଙ୍ଗମଞ୍ଚର ରୂପ, ରସ, ଶବ୍ଦ, ସ୍ପର୍ଶ, ଗନ୍ଧ ସବୁକିଛି । ବଦଳି ଯାଉଥିଲେ 'ସୂତ୍ର ଧାରିଣୀ' ଏବଂ ପାଟକନାରେ ସୁଶୋଭିତା 'ସଖୀ କଣ୍ଢେଇ' । କଣ୍ଢେଇ ହାତରେ ନାଚିବାକୁ ଆରମ୍ଭ କଲେ ସ୍ୱୟଂ ସୂତ୍ରଧାରିଣୀ ।

ଏବଂ ସେମାନଙ୍କ ଗହଣରେ ମୋ ପରି ଏକ ବିଚରା ଦର୍ଶକ ଦାରୁଭୂତ ମୁରାରି ନ ହୋଇ କ'ଣ ହୋଇପାରିଥାନ୍ତା ଯେ। ଅନୁଭବ କରୁଥିଲି– ମୁଁ ଯେମିତି ପୋଡ଼ି ଯାଉଥିଲି ଜଳନ୍ତା ହାମକୁଣ୍ଡ ମଝିରେ । ଉଚ୍ଚାଟିତ ପକ୍ଷୀମାନେ ଯେମିତି ସମାହିତ ଥିଲେ ସେଇ ଦୁର୍ବୋଧ ସଙ୍ଗୀତର ଅଶ୍ରୁତ ସ୍ୱର ଭିତରେ ।

ସେଭେନ୍ ହନ୍ଡ୍ରେଡ୍ ଫଟି ଫାଇବ
ଡୋଣ୍ଟ କେୟାର ଏନିବଡି । ଏଲୋନ୍ ।
ମନି ସଟ୍ । ନୋ ପ୍ରୋବଲେମ୍ ।
ମାଇକି । ପିସାବ କର ତାଙ୍କ ପଇସାରେ ।
କୋଇ ବାତ୍ ନେଇଁ ।
ମୋତେ କ'ଣ ପରି ପାଇଛନ୍ତି କି ?
ମିସେସ୍ ଦ୍ରୌପଦୀ ପ୍ରଧାନ । ଦ୍ରୌପଦୀ । ଦୂତୀ ।
ଆଇସି ।
ଡୋଣ୍ଟ କେୟାର୍, ଡୋଣ୍ଟ କେୟାର ଏନିବଡ଼ି ।
ମୁଁ ଦ୍ରୌପଦୀ ଏବଂ ଦ୍ରୌପଦୀ ।

ଏ ରହସ୍ୟମୟ ସଂଗୀତ ଭିତରେ ମୁଁ କ୍ରମଶଃ ଅଣନିଃଶ୍ୱାସୀ ହୋଇପଡୁଥିଲି । ମାତ୍ର ଏତେ ମୁକ୍ତ ଓ ପ୍ରୀତିପଦ ଜୀବନର ଅନୁଭବକୁ ଅସ୍ୱୀକାର କରୁଥିବା ଦେବଦାସମାନେ ଭୀରୁ ଓ ନପୁଂସକ ବ୍ୟତୀତ ଆଉ ବା କ'ଣ ହୋଇପାରନ୍ତି । ସେମାନେ କେବଳ ଅହଲ୍ୟା ଓ ଦ୍ରୌପଦୀମାନଙ୍କ ଶାଢ଼ୀର ବନ୍ଦନା ଗାଇଗାଇ ଜୀବନ ବଞ୍ଚୁଥାନ୍ତି । କେଉଁ ସୁଖ ବା ପାଉଥାନ୍ତି ସେପରି ଜୀବନରୁ କେଜାଣି ? କେଉଁ ସୁଖ ?

ବିଚରା ପଂଚୁପାଣ୍ଡବ, କର୍ଣ୍ଣ, କୌରବ, ଇନ୍ଦ୍ର, ସୂର୍ଯ୍ୟ ଅଥବା ଗୌତମମାନଙ୍କୁ ଏ ପୁଲକର ଗୂଢ଼ ରହସ୍ୟ ସଂପର୍କରେ ପଚରା ଯାଇପାରେ । ଏବଂ, ସେମାନଙ୍କ ବିଦେହୀମାନଙ୍କ ତାଲିକାରେ ସାମିଲ କରାଯାଇପାରେ ଅଗ୍ନିସ୍ନାତା ଦୂତୀ ମାଉସୀଙ୍କୁ ।

●●●

Digitized by PPRACHIN, SOA

ଜେମିନାନୀ

ସାନ ଭଉଣୀ ଗାଁରୁ ଚିଠି ଲେଖିଥିଲା - ଜେମିନାନୀ ଗଲା ଗୁରୁବାର ଦିନ ଚାଲିଗଲା । ତାକୁ କିଏ କ'ଣ କହିଲା ଯେ, ଖାଇବା ପିଇବା ଏକଦମ୍ ଛାଡ଼ିଦେଲା । ଯିଏ ଯେତେ ନେହୁରା କଲେ, କାହାରି କଥା ଶୁଣିଲାନି । କାହାକୁ କିଛି କହିଲାନି । ତମେ ତା କାମକୁ ଆସିବ ।

ନାନୀର ବୟସ ହୋଇଯାଇଥିଲା । ତାର ଯିବା ବେଳ ଆସିଗଲା, ଗଲା । କିଏ ଚାଲିଗଲେ ମୁଁ ତା ଉପରେ ଏତେ ଗୁରୁତ୍ୱ ଦିଏନା । ଅନ୍ୟମାନଙ୍କର ଅଶ୍ଳୀଳ ଅଭିନୟ ମତେ ଅନେକ ସମୟରେ ଟିକିଏ ବେଖାପ ଲାଗେ । ଯିବା ଯେତେବେଳେ ସତ୍ୟ, ତାକୁ ସ୍ୱୀକାରା କରିଦେବାରେ ଅସୁବିଧା କୋଉଠି ବୁଝିପାରେନା । ତେବେ ଜେମିନାନୀ ଯେମିତି ଗଲା, ସେ ସେମିତି ଯିବାର ଜନ୍ତୁ ନୁହେଁ। ସାରା ଜଗତରେ ସାଧାରଣରେ ଅନୁପଲବ୍ଧ ବହୁ ଦୁର୍ଲ୍ଲଭ ଉପାଦାନରେ ଗଢ଼ା ତାର ତନୁବଲ୍ଲରୀ । ତେଣୁ ଜଣେ ଯେମିତି ଯିବାର କଥା ସେମିତି ଯେ ଯାଏ, ଏପରି ଏକ ବିଶ୍ୱାସକୁ ଗ୍ରହଣ କରିଦେବା ବ୍ୟତୀତ ମୋ ପାଖରେ ଅନ୍ୟ କୌଣସି ଚାରା ନ ଥିଲା । ମାତ୍ର ମୋର ବିଶ୍ୱାସ ଭିତରେ ବାଂଧି ହୋଇଥିବା ଜଗତର ସ୍ୱରୂପ ଯେ ତାହା ନୁହେଁ - ମୁଁ ଏକ ପ୍ରମାଦ, ମୋପାଇଁ ନାନୀର ବର୍ତ୍ତମାନ ହିଁ ଥିଲା ତାର ଏକ ପ୍ରମାଣ ପତ୍ର, ଏକ ଚେତାବନୀ ।

- ଏକ -

ମୋପାଇଁ ନାନୀ ଥିଲା ବହୁରୂପା । କୁଟିଳା ନୁହେଁ - ଏକ ଜଟିଳ ଗୋଲକ ଧନ୍ଦା । ଚାରିପାଖରୁ ସେ ତାର ସଂପର୍କର ଜାଲରେ ବୁଢ଼ୀଆଣୀ ପରି ମୋତେ ଛଂଦି ପକେଇଥିଲା । ମୋ ବୋଉର ମାମୁଁଙ୍କର ସେ ଥିଲା ନୂଆବୋଉ । ମୋର ଅଜାଂକର ଦୂର ସଂପର୍କୀୟା ଭଉଣୀ ଏବଂ ମୋର ନିଜ ସାନ ମାଉସୀର ନଣଂଦ । ତେଣୁ ଆମ ପାଖରେ ସେ ଥିଲା ପିଉସୀନାନୀ ଏବଂ ଆଈ । ମାତ୍ର ଆମେ ସମସ୍ତେ ତାଙ୍କୁ ନାନୀ ବୋଲି ଡାକୁଥିଲୁ ଏବଂ ତାର ବର କପିଳ ତିଆଡ଼ୀଙ୍କୁ ଡାକୁଥିଲୁ କପିଳାଜା । ଅଜାଂକ ପାଖରେ ନାନୀ କଥା କହି ମଜା କରୁଥିଲୁ । ଆଉ ବିଚାରୀ ନାନୀକୁ ହସେଇ ହସେଇ

Digitized by PPRACHIN, SOA

କନ୍ଦେଇ ପକୋଉଥିଲୁ । ଆମ କଥା ଶୁଣିଲେ ସେ ଖାଲି ବରବର ହୋଇ କ'ଣ ଗୁଡ଼ାଏ ବକିଯାଉଥିଲା ଏବଂ ବେଳ ଉଣ୍ଡି ଆତ୍ମରକ୍ଷା ଆଳରେ ଖସିଯାଉଥିଲା ।

ନାନୀକୁ ନେଇ ମଜା କରିବାର ପୋଥିଏ କାରଣ ଥିଲା । ତାର ରୂପ, ଗୁଣ, ଆଚରଣ, ସବୁଥିରେ ପୂରି ରହିଥିଲା ଅନେକ ବୈଚିତ୍ର୍ୟ । ବିଶେଷତଃ ମଣିଷର ରୂପ ସହିତ ଗୁଣର ଯେ ଏକ ଚମତ୍କାର ସାଂଗୋପାଂଗତା ଥାଏ, ସେ ଥିଲା ଏ ତତ୍ତ୍ୱର ଏକ ଜୀବନ୍ତ ପ୍ରତୀକ ।

ନାନୀର ଦେହର ଉଚ୍ଚତାକୁ ଆମେ ଅବଶ୍ୟ ଫିତା ପକେଇ ମାପିନୁ, ତେବେ ତାକୁ ଆମ ପାଖରେ ଠିଆ କରେଇ ଯେଉଁ ସମ୍ଭାବ୍ୟ ମାପଟି ଗ୍ରହଣକରିଛୁ, ତାହା ମାତ୍ର ଚାରିଫୁଟ ମଧ୍ୟରେ ହିଁ ସୀମିତ । ଉଚ୍ଚତା ଅନୁସାରେ ତାରା ଚଉଡ଼ା ଟିକିଏ ଅଧିକ ଆକର୍ଷଣ । ଏଇ ଚଉଡ଼ାର ମାପ ନେବାପାଇଁ ଆମ ବାଳୁଂଗା ଦଳଟି ଅବଶ୍ୟ ଦିନେ ତାକୁ ଫୁସୁଲା ଫୁସୁଲି କରି ମକରା ନାହାକ ଦରଜୀ ଦୋକାନକୁ ଯିବାପାଇଁ ରାଜି କରେଇ ଦେଇଥିଲୁ । ଆମ ସାଂଗରେ ସେ ଛିଣ୍ଡାଦଣ୍ଡା ସେପଟ ପର୍ଯ୍ୟନ୍ତ ମଧ୍ୟ ଚାଲି ଯାଇଥିଲା । ମାତ୍ର କଥାବାର୍ତ୍ତାରୁ କ'ଣ ଟେରପାଇଲା କେଜାଣି, ଯେତେ ନେହୁରା କଲେ, ଆଉ ପାଦେ ବି ହୁଂକିଲାନି । ଆମ ଛତରାମି ତା ପାଖରେ ସମ୍ଭବତଃ ଧରା ପଡ଼ିଯାଇଥିଲା । ବରବର ହେଇ ଅଧାବାଟରୁ ସେ ଘରକୁ ଫେରିଆସିଲା ।

ତାର ଉଚ୍ଚତା ଓ ମୋଟେଇ ଯାହା ହେଉନା କାହିଁକି, ତାର ରୂପକୁ କାବ୍ୟ ତତ୍ତ୍ୱର ଛାଂଚରେ ଢାଳି ଦେଲେ, ସୁନ୍ଦରୀ ପ୍ରତିଯୋଗିତାରେ ଏକ ଆକର୍ଷଣୀୟ ପୁରସ୍କାର ଲାଭ କରିବାରେ ସେ ଯେ ଏକାନ୍ତ ଯୋଗ୍ୟା, ଏପରି ଏକ ସମ୍ଭାବନାକୁ ମଧ୍ୟ ଫାଂକି ଦିଆଯାଇ ନପାରେ । ତା ଦେହର ରଂଗ କନିଅର ଫୁଲ ପରି, କେତେବେଳେ ଧଳା, କେତେବେଳେ ନାଲି ତ ଆଉ କେତେବେଳେ ହଳଦୀ ଗୁରୁଗୁରୁ । ମଥାରେ କେଶ ଘନ, ନିତମ୍ବଚୁମ୍ବିତ ଓ କୁଂଚିତ । କଟି,କେଶରୀ-ମଧ୍ୟମା । ମୁଖ, ପୂର୍ଣ୍ଣଚନ୍ଦ୍ର ବିନିନ୍ଦିତ । ଚକ୍ଷୁ, ସୁଢ଼ଳ, ଖଂଜରୀଟ ଦୃଶା । କଂଠ, କମ୍ବୁତୁଲ୍ୟ । କପାଳ, ଖଣ୍ଡପରଶୁବତ୍ ଏବଂ ଅଳକା ପଂତି ଶୋଭିତ । ଭ୍ରୂଲତା, କାମ ଶାୟକ । ଅଧର, ପକ୍ୱବିମ୍ବ ଫଳ ନିନ୍ଦିତ, ବକ୍ଷୋଜ-କରୀକୁମ୍ଭ ଅନୁରୂପ । ଜଗତର ସକଳ ରୁଚିକର ଉପମାମାନେ ଯେପରି ନାନୀର ରୂପ ସଂଭାର ପାଖରେ ପରାଜିତ । ତାର ଏ ଅପରୂପା କାନ୍ତି ସହିତ ଆମମାନଙ୍କର ସେପରି କୌଣସି ଆତ୍ମିକ ସଂପର୍କ ଅବଶ୍ୟ ଥିଲା । ବାଳୁତ କାଳରେ ଆମପାଇଁ ତା ଦେହର ସବୁଠାରୁ ଆକର୍ଷଣୀୟ ବିଭବ ଥିଲା ଉଚ୍ଚ କୁଜ ଶୋଭିତ ପଠି । ଯାହାକୁ ଆମପରି ଅଭଦ୍ର ଓ ବଜ୍ଜାତ୍ ନାତି ନାତୁଣୀମାନେ ମୁଖ୍ୟତଃ ସୁଉଚ୍ଚ ସୁସଂଚ କୁଚ ପରି ବେଭାର କରିବାର ସୁଯୋଗ ପାଉଥିଲୁ । ଶାସ୍ତ୍ରୀୟ ଶୈଳୀରେ କହିଲେ, ତା ପର୍ବତୋପବ ପୃଷ୍ଠପୟୋଧର ନିକଟରୁ ପରାଜିତି ଆରୋହୀପରି ଫେରିଆସୁ ଛାତିର ଶିଖର ପାଖକୁ । ସେ ଆମ ପାଖରେ ନିଜକୁ ଖୋଲିଦିଏ । ଢାକିଧରେ କିଛିକାଳ । ଆଳାପ ବିଭୋର ହେଉ । ଖେଳୁ । ହସୁ ଏବଂ ହସୁହସୁ କାଂଦିବାକୁ ଆରମ୍ଭକରୁ । ଆମ ଶୈଶବ

Digitized by PPRACHIN, SOA

ଦୟନୀୟ ଭାବରେ ହାରିଯାଏ । ତା ଚେତନାର ମୁକ୍ତା ପରି ଲୁହ ବିନ୍ଦୁମାନେ ଆମ ତୃଷିତ ପ୍ରାଣକୁ ଫୁଲ ପରି କୋମଳ କରିଦିଅନ୍ତି । ଅବୋଧ ଶିଶୁପରି ଚୁପ୍‌ଚାପ୍ ଆମେ ତା ପବିତ୍ର କୋଳ ଭିତରେ ଶୋଇପଡୁ । ତାର ତତଲା ଲୁହ ଆମ ଅସନ୍ତୋଷ ଓ ଅପ୍ରାପ୍ତିର ଯନ୍ତ୍ରଣାକୁ ଧୋଇଦିଏ । ଆମ କଟାଳ ଶୀତଳେଇ ଯାଏ । ନାନୀ ହୋଇଯାଏ ଏକ ରହସ୍ୟମୟୀ ଦେବୀ-ରୂପା ।

ଆମ ଶୈଶବର ସେଇ ତୃତୀୟ ସ୍ତନଃ ଏବଂ କୈଶୋର ଓ ଯୌବନର ସେଇ ଦୁଷ୍ଟ ଓ ସ୍ୱାର୍ଥପର କୁଜଟି ନାନୀକୁ ଟିକିଏ ନୁଆଁଇଦେଇଥିଲା । ତେଣୁ ବୋଧହୁଏ ତାର ଚାଲି ଲାଗୁଥିଲା ଏକ ସୁନାଲତାର ଗତି ପରି । ତେଣୁ ବୋଧହୁଏ ସେ ଭଳିଭଳି ରଂଗର ଷୋଳହାତୀ ଝୀନ ବସନମାନ ପିନ୍ଧୁଥିଲା । ଆଖିରେ ତାର ଶୋହୁଥିଲା କଜଳର ସରୁଗାର । ପାଦରୁ ତାର ଅଳତାର ଧାର ଲିଭୁ ନ ଥିଲା । ମଥାରେ ଦାଉଦାଉ ହେଇ ଜଳୁଥିଲା ସିଂଦୂର ବିନ୍ଦୁ । ସଦା ପାନଖିଆ ଓଠରୁ ନାଲି ବୋହିପଡୁଥିଲା । ପାଉଁଜର ରୁମୁଝୁମୁ ଗୀତରେ ଜଗତ୍ ଚମକୁ ଥିଲା । ଋତୁ ଏବଂ ସମୟ ସହିତ ତାଳ ଦେଇ ସେ ବଦଳି ଯାଉଥିଲା ସ୍ୱାଭାବିକ ଭାବରେ । ଶାଢ଼ୀର ରଂଗକୁ ମାନିଲା ପରି ଭଳିଭଳି ରଂଗ ଓ ଡିଜାଇନ୍‌ର ବ୍ଲାଉଜମାନ ବି ଆଣୁଥିଲା । ଏବଂ ତା ଜୀବନର ଶେଷ ଶୋଷକୁ ମେଣ୍ଟାଇବା ଲାଗି ମୋର ଆଧୁନିକା ପତ୍ନୀ ସତୀଦେବୀ ଆପଣାର କୌଣସି ବାନ୍ଧବୀ ଦ୍ୱାରା ପ୍ରଦତ୍ତ ଓ ଅବ୍ୟବହୃତ ପ୍ୟାଡ୍ ଯୁକ୍ତ ବ୍ରାଟିକୁ ତାର ଈଷତ୍ ନମ୍ର ବକ୍ଷୋଜରେ ଭିଡ଼ି ଦେଇଥିଲେ । ପ୍ରଥମ ଭିଡ଼ାଟି ଅବଶ୍ୟ ନାନୀକୁ ସାମାନ୍ୟ କଷ୍ଟ ଦେଇଥିଲା । କୁକୁର ପିଲା ପରି କୁଁ କୁଁ ଶବ୍ଦରେ ସେ ତାର କୋମଳ ତାପକୁ ପ୍ରକାଶ କରିଥିଲା । ମାତ୍ର ସଂପତ୍ତି ସାଇତିବାର ମାନସିକତା ତାକୁ ଏମିତି ବାୟାଣୀ କରି ଦେଇଥିଲା ଯେ, ସତୀର ଆଉ କେଇହଳ ଅବ୍ୟବହୃତ ବ୍ରାକୁ ଆପଣାର କରିନେବାପାଇଁ ସେ ଏତେ ଟିକିଏ ବି କୁଂଠିତା ହୋଇନଥିଲା ।

ଏବଂ, ଆମ ରସିକଶେଖର ବେଧୁଆ ଅଜା ତାର ପରିଚର୍ଚ୍ଚାପାଇଁ ମଧ୍ୟ କିଛି କମ୍ ତ୍ୟାଗ କରୁନଥିଲେ । ସମ୍ଭବତଃ ନାନୀର ଏକ ପରିପୂର୍ଣ୍ଣ ଚହଟାରୂପ ଅନୁଭବିବାଲାଗି ତାଙ୍କ ଭିତରେ କୁହୁଳୁ ଥିବା ଅବଶୋଷର ତାହା ଥିଲା ଏକ ଉଗ୍ର ପ୍ରୟାସ । ନାନୀର କଥାରେ, ଆଖିରେ, ଆଂଗୁଳି ଅଗରେ ସେ ଥେଇ ଥେଇ ନାଚୁଥିଲେ । ନାନୀ ବାହାବେଳେ ପିନ୍ଧିଥିବା ପ୍ରାଚୀନ ଓ ମଧ୍ୟଯୁଗୀୟ ଅଳଂକାରମାନେ ବଡ଼ ଦୟନୀୟ ଓ ଅସହାୟ ଭାବରେ ବେଶ ବଦଳାଉଥିଲେ । ଯୁଗରୁଚି ସହିତ ଖାପ ଖୁଆଇ ବଂଚିବା ଲାଗି ସେମାନେ ବାଧ୍ୟ ହେଉଥିଲେ । ତାଂକ ଘର ଗହଣା ଗଢ଼ା ଦୋକାନଟିଏ ହୋଇଯାଇଥିଲା । ନୂଆନୂଆ ଡିଜାଇନମାନଙ୍କୁ ବଡ଼ ଶରଧାରେ ସେ ବେଭାର କରୁଥିଲେ । ପଶ୍ଚୀମାତିହରମାନଙ୍କ ଘରେ ମାହାର୍ଦ୍ଦ ଓ ଗୁଆ ଚଳେଇ ସୂର୍ଯ୍ୟ ସଂପର୍କ ଯୋଡ଼ି ଦେଇଥିଲେ । ମାତ୍ର ସେଇ ଅବକାଶରେ ତାଙ୍କ ଅଂଗ ଶୋଭନରେ ହଳଦୀରଂଗର ଆଭରଣମାନେ କ୍ରମଶଃ ଧଳା ହେଉଥିଲେ ସୁଦ୍ଧା, ନାନୀଙ୍କର ଆବେଗ ଥିଲା ସେମିତି ଅଂଗନା-ମଣ୍ଡନ

Digitized by PPRACHIN, SOA

ଅନୁରୂପା । ଏପିରିକି ଅଜା ଚାଲିଯିବାର ମାତ୍ର ବର୍ଷେ କି ଦେଢ଼ବର୍ଷ ଆଗରୁ ପାଉଁଜିମାନେ ମିନାକରା ବେଶ ଧରିଥିଲେ, ଝୁମୁକା ନାଇ ଗୀତ ବୋଲିବାକୁ ଆରମ୍ଭ କରିଥିଲେ ଏବଂ ନାକରେ ଓହଳେଇଥିଲେ ଫାଶୀ - ଠିକ୍ ମୋ ନବତମ ପତ୍ନୀଙ୍କ ନାକର ଶିକୁଳୀ ଅନୁରୂପ ଶୋଭାପାଉଥିଲା । ଫାଶୀକୁ ବଡ଼ଶୀ କରି କାହାର ମନମୁନ ଚଇତନକୁ ଆକର୍ଷିବାକୁ ସେ ବ୍ୟାକୁଳ ହେଇଥିଲେ କେଜାଣି ? ମାତ୍ର ସେତେବେଳେ ଆମ କନ୍ଦର୍ପ ତୁଲ୍ୟ ଅଜା ପଡ଼ିଗଲେ ବିଛଣାରେ, ରୋଗଶଯ୍ୟାରେ, ମରଣ ସହ ସଂଗ୍ରାମ କରୁଥିଲେ, ସମ୍ଭବତଃ ସପନ ଦେଖୁଥିଲେ ଏକ ନୂଆ ପୃଥିବୀର ।

ନୂଆ ପୃଥିବୀର ସପନ ରୋଗରେ କିଏ ବ୍ୟାକୁଳ ନ ହୁଏ ଯେ ? ସପନର ଏକ ସୁସଜ୍ଜିତ ପାହାଡ଼ ଉପରେ ଠିଆ ହୋଇ ମୋ ପରି ମଣିଷମାନେ ଯଦି ଅଧିକରୁ ଅଧିକ ପାଇବାର ଲୋଭରେ ପାଦଗୁଡ଼ାକୁ ଉପରକୁ ଉଠେଇଦବାପାଇଁ ଉଚ୍ଚାଟ ହୋଇ ପାରନ୍ତି, ହାତକୁ ଲଂବେଇ ଦେଇପାରନ୍ତି ଏକ ଅକଳିତ ଶୂନ୍ୟତା ଆଡ଼କୁ; କପିଳ ଅଜା ଓ ଜେମିନାନୀକୁ ସପନ-ରୋଗୀ ବୋଲି ଦୁଆ ଦେବା ନିହାତି ଅନ୍ୟାୟ ଓ ଅବିବେକିତା ନୁହେଁ ତ ଆଉ କ'ଣ ? ଏ କପଟିଆ ଈଶ୍ୱର ସେମାନଙ୍କ ହାତକୁ କୋଉ ଅପୂରୁବ ବିଭବ, ଅଭୁଲା ସୁଖ ଟେକି ଦେଇଥିଲେ କି ? କିଛି ଖମ୍ବଆଳୁ ଏବଂ ଘୋଡାଡିମ୍ବ ବ୍ୟତୀତ ଏ ଜନ୍ମରେ ସେମାନେ ତ ଆଉ କିଛି ଅଧିକ ବିତ୍ତ ଆପଣାର କରିପାରି ନାହାନ୍ତି । କ'ଣ ବା ଅପରାଧ ଥିଲା ସେମାନଙ୍କର ? ଶିଶୁ ହତ୍ୟା କରିଥିଲେ ? ନା ପାଦପ୍ରହାର କରିଥିଲେ ଆଉ କାହାର ସୁଉଚ୍ଚ କୁଜରେ ? ସେଇଥିପାଇଁ କ'ଣ ଏ ଜନ୍ମରେ ସେମାନଙ୍କର ଏ ଦାରୁଣ ବିପତ୍ତି ।

କପିଳ ଅଜାଙ୍କର କ'ଣ ନ ଥିଲା କି ? ସେ କେବଳ ନୂଆନୂଆ ରୋମାଂଚିତ ସପନ ଦେଖୁ ନ ଥିଲେ । ନିଜେ ଚମତ୍କାର ସପନ ଥିଲେ ଅନନ୍ୟାମାନଙ୍କପାଇଁ । ସେଦିନ ବାହାଘର ଆଗରୁ ଆମଘରକୁ ବିଜେ କରିଥିବା ମୋର ଏକମାତ୍ର ପରିପୂର୍ଣ୍ଣ ଯଉବନା ପତ୍ନୀ ଅଜାଂକର ପ୍ରଥମ ଦର୍ଶନରେ ଚମକି ପଡ଼ିଥିଲେ । ପତନର କରୁଣ ବର୍ତ୍ତମାନରୁ ମୁଁ ତାଙ୍କୁ ବଂଚେଇ ଦେଇଥିଲି । ତାର ଅବଚେତନ ମନ ହଠାତ୍ କହ ଉଠିଲା - ଇସ୍, ଅଜା କ'ଣ ଦିଶୁଛନ୍ତି ମ । ଅବଶ୍ୟ ସେ ଅଧିକ ଆଗେଇ ପାରି ନଥିଲା । ସେଇଠୁ ବାହାରି ସେଇଠି ଅଟକି ଗଲା । ଏକ ଚକିତାହରିଣୀ ପରି । ବୟସ ଥିଲେ, ତାଙ୍କ ସହିତ ଅୟସ କରିବାଲାଗି ସମ୍ଭବତଃ ଆଦୌ କୁଂଠିତା ହୋଇ ନଥାନ୍ତା । ଲଳିତ ରୀତିରେ ଲଟେଇ ଯିବାରେ ତ ସେମାନଙ୍କର ପୂର୍ଣ୍ଣତା ।

ସତରେ ଅଜା ସେମିତି ଥିଲେ । ପ୍ରାୟ ସାଢ଼େ ଛ ଫୁଟିଆ ଡେଂଗା ମଣିଷ । ହଳଦୀ ପରି ତକତକ ଗୋରା । ଆଉଟା ସୁନା । ଏଡ଼େ ବଡ଼ ଲଂଡାଂ ମୁଣ୍ଡ - ହାଣ୍ଡି ପରି । ମଝିରେ ଚୁଟି । କଥା କୁହା ଲଂବ ଆଖି, ଉଚ୍ଚ କପାଳ । ଆଂଠୁ ଛୁଆଁ ହାତ । ଚଉଡ଼ା ଛାତି, ବଳଣା ବଳିଲା ପରି ଦେହ । ଦେହ ଉପରେ ଧଳା ଫିନ୍ ଫିନ୍ ଲୁଗା ଓ ଚଦର । ମଥାରେ ଚଂଦନର ଚିତା, ସିଂଦୂର କଳି । ପାନଖିଆ ପାଟିରେ ବାଳସୂର୍ଯ୍ୟ,

Digitized by PPRACHIN, SOA

କାଂଧରେ ନଅ ସରିଆ ପଇତା । ବଚନରେ ଗୁରୁଗମ୍ଭୀର ନାଦ, ଯେମିତି ବୈଦିକ କାଳର କୋ଼ଉ ଏକ ମଂତ୍ରଦ୍ରଷ୍ଟା ଭାବବିଭୋର ଋଷି – ଯା'ର ସମଗ୍ର ଚେତନାରେ ଏକ ଅଭାବିକ ବ୍ୟକ୍ତିତ୍ୱର ତେଜ ଓ ଝଲକ ।

ଆଉ ତାଙ୍କ ପାଖରେ ଚାରିଫୁଟ କେଇ ଇଂଚ ଉଚ୍ଚତାର କୁଜୀ ଜେମିନାନୀ, ସୁହାସୀ, ଚାରୁକେଶୀ, ଲଳିତ ଲବଙ୍ଗଲତା, କାମ ବିଭଳିତା । କିଏ ବା କାହାର ସପନ ଉପକୂଳରେ ପ୍ରଥମ ଲଂଗର ଭିଡ଼ିଥିଲା ? କପିଳ ଜେମାଂକର, ନା ଜେମା କପିଳଙ୍କର ? କି ବା କାହା ଅଧରରେ ଫୁଟେଇଥିଲା ପ୍ରଥମ ଚୁମ୍ବନର ଫୁଲ ? କିଏ ବା କାହା ଚେତନା ଉପରେ ବୋଳି ଦେଇଥିଲା ଅନୁରାଗର ଉଜ୍ଜ୍ୱଳ ଅବିର ? କିଏ ? କାହାର ?

ଆମେ ସେ ଗପ ଶୁଣିଚୁ । ସେଦିନ, ଗତ ଶତାବ୍ଦୀର ତୃତୀୟ ଦଶକର କୋଉ ଏକ ଶୁଭ ବେଳାରେ ରାଜକୁମାର କପିଳ ବରବେଶରେ ପକ୍ଷୀରାଜ ଘୋଡ଼ାରେ ଚଢ଼ି ଉଡ଼ି ଆସିଥିଲେ ଜେମାଦେଇଙ୍କ ପାଖକୁ । ସାଥିରେ ଥିଲେ ବଂଧୁ, ପ୍ରିୟଜନ । ବାଣ ରୋଶଣିର ଜମକାଣରେ ଗରଦପୁର ଗାଁ ଦାଣ୍ଡ ଉଠୁଥିଲା, ପଡୁଥିଲା । ଆଖ ପାଖ କେତେ ଖଣ୍ଡ ମୌଜାର ମିଣିପେ ମାଇପେ, ପିଲାଛୁଆ ମଧ ବାଉତିଲାଗିଲା ପରି ଉତ୍ସବ ଭିତରେ ହଜିଯାଇଥିଲେ । ବ୍ରାହ୍ମଣ ଘରେ ଦାଣ୍ଡ ବାହା – ଏହା ଥିଲା ସେ କାଳରେ ଏକ ବହୁଚର୍ଚ୍ଚିତ ସମ୍ବାଦ । କନ୍ୟାସୁନା ବାବଦକୁ କପିଳଚଂଦ୍ରଂକ ଅଂଟାରେ ଥିଲା ଦଶକୋଡ଼ି ଟଂକାର ଥଳି, ଟଂକାର ତେଜରେ ଜେମାଂକ ଦିଲଦାରିଆ ବାପାଂକ ଆଖି ଖୋସି ହୋଇଯାଇଥିଲା । ରଖିବାକୁ ଜାଗା ପାଇ ନ ଥିଲେ । ସ୍ୱୟଂବର ପରେ ପାଂଚ ଏକର ମାଟି କିଣି ପକେଇଥିଲେ । ମାତ୍ର କେତୁଟା ଦିନ ଭିତରେ ଘର ପୂରି ଉଠିଲା । ଗରଦପୁର ମୌଜାରେ ତାଂକ ଖଟୁଲି ଉପରେ ପାଟକନା ପଡ଼ିଲା । ଆଉ କୁମାର କପିଳଚଂଦ୍ର ? ଯିଏ ଆପଣର ଖାଲି ଗାଂଜିଆ ଭିତରେ ଜେମାଂକୁ ବଂଦୀ କରି ଆଣିଥିଲେ ? କ'ଣ ଅପୂରବ ବିଭବ ପାଇଲେ ତା ଭିତରୁ ? ସେ ବିଭବ-ବିହାରୀ ହୋଇପାରିଥିଲେ କି ?

ଅଜାଂକୁ ଦେଖିଲେ – ଜଗତ ଯାକର ପ୍ରଶ୍ନ ମନ ଭିତରେ ଠୁଳ ହୋଇଯାଏ । ନିଜ ହୃଦୟ ସିଂହାସନରେ ତାଙ୍କୁ ଅଭିଷିକ୍ତ କରି ପଚାରିବାକୁ ଇଚ୍ଛାହୁଏ । କହିଲ – ଗାଂଜିଆ ଭିତରୁ ଜେମାଙ୍କୁ ଉଦ୍ଧାରକରି ସେଦିନ କି ଅଦ୍‌ଭୁତ କାଣ୍ଡ ଭିଆଇଥିଲ ତମେ ? କେଉଁ ବିଚିତ୍ର ଲୀଳା ରଚିଥିଲ ? ରତ୍ନଦୀପର ସଳିତାକୁ କୋଉ ଦଣ୍ଡରେ ତେଜି ଦେଇଥିଲ ? କୋଉ ସ୍ତବରେ ତମେ ଶ୍ରଦ୍ଧାର ଘୃତାହୂତି ଦେଇଥିଲ ? କୋଉ ଆବେଗର ବର୍ଷାରେ ଶୀତଳେଇ ଦେଇଥିଲ ଶତଯୁଗର ସଂଚିତ ତାପକୁ ? ମୁକୁଳା କରିଥିଲ କୁସୁମିତ ସପନକୁ ? ମନେ ଅଛି ନା ସେଦିନର ସେଇ ଅଭୁଲା ଖେଳର କଥା ? ମନେଅଛି ? କହିପାରିବ ? କହିପାରିବ ଅଜା ?

Digitized by PPRACHIN, SOA

ମାତ୍ର ତାଙ୍କୁ କିଛି ବୋଲି କିଛି ପଚାରି ପାରୁନା । ନିଜ ଭିତରେ ରଇଜଳା ପ୍ରଶ୍ନ ଗୁଡ଼ିକୁ ନୁଚେଇ ରଖୁ । ତାଙ୍କ ଦୀର୍ଘଶ୍ୱାସ ଭିତରୁ ମୁକୁଳିଆସେ ରାଜକୀୟ ମନର ଗହନ ବୃତ୍ତାନ୍ତଗୁଡ଼ିକ । ସ୍ପଷ୍ଟ ଶୁଭେ ତାଙ୍କ ସୁଦୂର ଅତୀତର କରୁଣ ସଂଗୀତର ସୁର, ଚିତ୍ତ ଚହଲି ଉଠେ । ସେସବୁ ଅନେକ କଥା । ଜୀବନ୍ତ କିମ୍ବଦନ୍ତୀ, ଲୌକିକ ପୁରାଣ । ମିଥ୍ । ଆଉରି ଅନେକ କିଛି ।

ଶୁଣୁ – ଅନେକ ଜେମାଙ୍କ ତୀର୍ଥରେ ସେ କାଳେ ଅତିସ୍ନାତ । ବହୁ ଅବଗୁଂଠନବତୀ ମାନିନୀଙ୍କ ସ୍ୱପ୍ନ ନାୟକ । ବହୁ ବିମୂଢ଼ାଂକ ତାପହାରକ । ବହୁ ବିରହିଣୀଂକ କାମତାପ ସୁଖଦାୟକ, କେଳି ପ୍ରବଣ, ଦକ୍ଷିଣ ।

ଭାବେ – କ'ଣ ବା ଭାସିଗଲା ସେଇଠୁ ? କୋଉ ଅଲାଜୁକ, ନୀତିବାଗୀଶମାନଙ୍କର ଖଟ୍ୱାଂଗ ପୁରାଣମାନ ଅଶୁଦ୍ଧ ହୋଇଗଲା ଯେ ? ହଁ ହୋଇଥିବ । ଜେମାଦେଈଙ୍କ ହୃଦୟର କରୁଣ ସଂଗୀତ ଓ ଲୁହ ଅବଶ୍ୟ ସେଦିନ ତତଲା ସମୁଦ୍ର ସୃଜିଥିବ । ସୃଜୁ, କ'ଣ ବା ଭାସିଗଲା ସେଇଠୁ ?

ଜୀବନସାରା ସେ କେବଳ ଅନୁରାଗ ବାଂଟିଲେ, ସାଉଁଟିଲେ । କି ଲାଭ ପାଇଲେ ? କେଉଁ ବିଭବରେ ନିଜ ହୃଦୟର ଅପୂର୍ଣ୍ଣତାକୁ ପରିପୂର୍ଣ୍ଣ କଲେ ? ଆପଣା ଶ୍ରଦ୍ଧାର ଗାଂଜିଆକୁ ରଢ଼ ନିଆଁରେ ପୂର୍ଣ୍ଣକରି ବିକଳ ଭାବରେ ଜାକି ଧରିବାର ଅନୁଭୂତି ବ୍ୟତୀତ, ଆଉ କ'ଣ ସେ ଅଧିକ ପାଇଲେ ଯେ ? କିଏ ବା ତାଙ୍କୁ କ'ଣ ଦେଲା ? ଏ ଦେବା କେଉଁ ଦେବାରେ ଯାଏ ।

ଆଉ ଆମ ଆଲୁରୀ ରାଜଜେମା ଜେମିନାନୀ ? ଏନ୍ତୁଡ଼ିଶାଳରେ ପୁଅଟାକୁ ସେକୁ ସେକୁ ପୋଡ଼ିଦେଲା । ବାସ୍, ସବୁ ସଫା । ତା ଗଛରେ ହୁଏତ ଫୁଲ ଫୁଟୁଥିଲା । ବାସ ଚହଟୁଥିଲା । କପିଳ ବି କପଟୀ ଭ୍ରମର ପରି ତା ଚାରିପାଖରେ ଘେର ଖାଉଥିଲେ । କେତେବେଳେ ସମ୍ଭବତଃ ତୃତୀୟ ସ୍ତନ ସହିତ ଦାରୁଣ ଧକ୍କା ଖାଉଥିଲେ । ଶ୍ରଦ୍ଧାରେ ତାକୁ ସମାର୍ଜନ କରୁଥିଲେ । ଫୁଲର ପାଦମାନେ ଗୀତ ବୋଲୁଥିଲେ । ଓଠରୁ ଝରୁ ଥିଲା ଅମୃତ । ମେଘ ଡମ୍ବରୁ ପାଟରେ ପକ୍ଷୀମାନେ ଲୋଟଣୀ ଭାଂଗୁଥିଲେ । ଆକାଶର ସପନ ରଚୁଥିଲେ । ହୁଏତ ମାଟିକୁ ବି ଓହ୍ଲାଉଥିଲେ । ମାତ୍ର କୋଉ ଅପରାଧରେ ସପନମାନେ କେବଳ ସପନ ହୋଇ ରହିଯାଉଥିଲେ ? ଓ' କରୁ ନଥିଲେ ଥରକ ପାଇଁ । ଫୁଲର ଚଉପାଶରେ ତ ସବୁ କିଛି ସତେଜ ଥିଲା । ମାଟି ଥିଲା ଆର୍ଦ୍ର । କପିଳ ଥିଲେ ଉର୍ଦ୍ଧ୍ୱରେତା । ସ୍ରୋତରେ ଥିଲା ବେଗ ଓ ତରଂଗ । ଏ ସକଳ ସ୍ୱାଭାବିକତା ଭିତରେ କୋଉଠି ତା ହେଲେ ବିଦ୍ରୂପ କରୁଥିଲା ସେଇ ଅଦୃଶ୍ୟ ଅଥଚ ମାରାତ୍ମକ ଛିଦ୍ର ? ପ୍ରତି ମୁହୂର୍ତ୍ତରେ ଯାହା ବିପର୍ଯ୍ୟସ୍ତ କରି ଦେଉଥିଲା ମାଟି, ଗଛ, ଫୁଲ, ପାଣି, ପବନର ସ୍ୱପ୍ନ ଓ ଆବେଗକୁ ।

କ'ଣ ବା ଅକ୍ଷମଣୀୟ ଅପରାଧ କରିଥିଲେ କପିଳ ଓ ଜେମା ? କପିଳ ଯାଜ୍ଞିକ । ଘୂରି ବୁଲୁଥିଲେ ଏ ଗାଁରୁ ସେ ଗାଁ । ଏ ଘରରୁ ସେ ଘର । କୋଉ ଘରେ ବିବାହ,

Digitized by PPRACHIN, SOA

କୋଉଁ ଘରେ ଶ୍ରାଦ୍ଧ । କୋଉଠି ଏକୋଇଶା ତ, କୋଉଠି ଏକାଦଶାହ । କୋଉଠି ପ୍ରତିଷ୍ଠା ତ, କୋଉଠି ଗ୍ରହ ଶାନ୍ତି ହୋମ । ଦିନ ଦିନ ଧରି କୋଉଠି ଅଟକି ଯାଉଥିଲେ । ଅବଶ୍ୟ ଜେମାଦେଈଙ୍କ ପାଖକୁ ଫେରୁଥିଲେ । ତାଙ୍କ ପସରା ପୂର୍ଣ୍ଣ କରୁଥିଲେ । ବାଂକ ଚାହାଣୀରେ ସନାକ୍ତ କରୁଥିଲେ ଦୃଶ୍ୟମାନ ପୃଥିବୀକୁ । ସବୁ ଦର୍ଶନକୁ ଖେଳୋଉଥିଲେ ପରିଚିତ ମାଟି ଉପରେ । ପୁଣି ପରିବ୍ରାଜକ ପରି ବାହାରି ଯାଉଥିଲେ ଅନ୍ୟ ଏକ ଦିଗନ୍ତ ଅଭିମୁଖେ । ନେଉଟିବାର କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନ ଥିଲା । ପରିବ୍ରାଜକର ପୁଣି ବା କି ପ୍ରତିଶ୍ରୁତି ?

ଆଉ ଜେମା ଦେଈ ?

ସେ ବା କ'ଣ କରନ୍ତେ ? ଏ ବିଚରା ପରିବ୍ରାଜକର ଅଘୋରୀ ଚେତନାକୁ କେତେକାଳ ବା ଖେଳେଇପାରୁଥାନ୍ତେ ଆପଣାର ଉଜୁଡ଼ା କୋଳରେ ? କେତେ କାଳ ?

ସେ ଘର ଖରକୁ ଥିଲେ । ଥରେ ନୁହେଁ, ବାରମ୍ବାର । କଂସା ବାସନଗୁଡ଼ିକୁ ମାଜୁଥିଲେ । ହଳଦୀ ଗୁରୁଗୁରୁ । ଚିକ୍‌କଣ । ଚୁଲିରେ ନିଆଁ ଧରୋଉଥିଲେ । ଜାଳ ମୋହୁଁଥିଲେ । ଅଲିଭା ଜାଳ । ହାଣ୍ଡିରେ ପାଣି ଫୁଟୁଥିଲା ଅନନ୍ତ କାଳ । ହାଣ୍ଡି ଅପଖଲା ରହୁଥିଲା । ପ୍ରତୀକ୍ଷାରେ ବିତୁଥିଲା କାଳକାଳ । ଦେହର ଉପଚାରମାନେ ଅତ୍ୟାଚାରିତ ହେଉଥିଲେ ବାରମ୍ବାର । ଘଷରା ଆଭରଣକୁ ବାରମ୍ବାର ଶରଧାରେ ସାଉଁଳିବାଲାଗି ତାଙ୍କର ଯେପରି ଜନମ । ଆଉ ବା କ'ଣ କରନ୍ତେ ? ସଂସାରର ସବୁ ତୁଠ ତ ତାଙ୍କପାଇଁ ଅତୁଠ । କୋଉ ତୁଠରେ ସେ ପବିତ୍ର ସଂକେତଟିଏ ପରି ବସି ରହିଥାନ୍ତେ ? କୋଉ ଜଂଜାଳର କଡ଼େଇରେ ଭାଜି ହେଉଥାନ୍ତେ ? ଭାଜିବା ଓ ଭାଜିହେବା ସବୁତ ତାଙ୍କପାଇଁ ଏକା କଥା ।

ସଂସାର ଭାଣ୍ଡରେ ଏମିତି ଦୟନୀୟ ଭାବେ ଭାଜି ହେଉହେଉ କପିଳ ଅଜାବି ଦିନେ ଆରପାରି ହୋଇଗଲେ । ଜେମିନାନୀ କଂଚା ରହିଗଲା । ସେ କିନ୍ତୁ ସବୁରି ସମକ୍ଷରେ ଅଂଗାର ଉପରେ ଲୁହ ଢାଳିଲାନି । ଲୁହମାନେ ସମ୍ଭବତଃ କୋଉ କାଳରୁ ଶୁଖି ଯାଇଥିଲେ । ଆଉ ଝରିବାର ସମ୍ଭାବନା ନ ଥିଲା ।

ମାତ୍ର ଅଜା ଚାଲିଯିବାର କିଛି ଦିନ ପରେ ଅଦ୍‌ଭୂତ ଭାବରେ ବଦଳି ଯାଇଥିଲା ନାନୀ ଆମର । ତତଲା ଉହ୍ଲେଇ ଭିତରୁ ତାର ବଦଳ ସତ୍ତା ବାହାରି ଆସିଲା । ସେ ପରିବ୍ରାଜିକା ସାଜିଲା । ଏକ ଭିନ୍ନ ମାନସିକତାର ପରିବ୍ରାଜିକା । ଆମେ ଘରୁଆମାନେ ତାଙ୍କର ସେ ନବତନ ରୂପକୁ ମଧ୍ୟ ସ୍ୱୀକାର କରିନେଲୁ । ସ୍ୱୀକାର ନ କରିବା ବ୍ୟତୀତ ଅନ୍ୟ ଚାରା ବି ନ ଥିଲା ।

- ଦୁଇ -

ପରିବ୍ରାଜିକା ଜେମିନାନୀର ଧାପ ଆମ ଘରେ କିନ୍ତୁ ଅସମ୍ଭବ ଭାବରେ ବଢ଼ିଯାଇଥିଲା । ନିଜ ଜନ୍ମିତ ଘରେ ସେ ବେଶି କାଳ ରହିପାରୁ ନଥିଲା । ବିଶେଷତଃ ।

Digitized by PPRACHIN, SOA

ମାଉସୀର ବଡ଼ଯା' ବାଲୁତ ବିଧବା ଓ ବାତ ରୋଗରେ ପୀଡ଼ିତା ଗୋଦରୀ ସଖୀ ମାଉସୀ ସହିତ ତାର ଥିଲା ଅହି ନକୁଳ ସଂପର୍କ । ନାନୀର ପ୍ରତ୍ୟେକ କାମକୁ ସେ ଖଂଗୁସା ପାଉଥିଲା । ତାର ଅସ୍ଥିର ହାତ ଝାଡୁ କିମ୍ବା ପହଁରାଟିଏ ଧରି ବାରଂବାର ଆଉଁସୁଥିଲା ମାଟିକୁ । ଖଟା ଓ ପାଉଁଶର ଅତ୍ୟଧିକ ପରିର୍ଚ୍ଚାରେ କଂସା ଓ ପିତଳ ବାସନଗୁଡ଼ିକ ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ପିଲାମାନଙ୍କର ଜାମା, ପ୍ୟାଣ୍ଟ ଓ ଶାଢ଼ୀମାନେ ସଦା ଓଷେଇତି ପରି ବାଡ଼ି ଗଡ଼ିଆରେ ବୁଡ଼ ମାରୁଥିଲେ । ପାନ ଡାଲାର ଉପାଦାନମାନେ ବିପଦ୍‌ଜନକ ଭାବେ ବିପର୍ଯ୍ୟସ୍ତ ହେଉଥିଲେ । ଏବଂ, କିଛି କାମ ହାତରେ ନ ଥିଲା ବେଳେ ବହୁ ଅସ୍ପଷ୍ଟ, ଅବୋଧ ଶବ୍ଦ ଓ ସୁରରେ ବିହ୍ୱଳିତ ହେଉଥିଲା ପରିବେଶ ଓ ପବନ । ଅସମ୍ଭବ ପରିଚ୍ଛନ୍ନତାରେ ହସି ଉଠୁଥିଲା ଘର ଦୁଆର ।

ଅଥଚ ସେଇ ଅତି ପରିଚ୍ଛନ୍ନତା ଥିଲା ବଡ଼ମାଉସୀର ଅସହିଷ୍ଣୁତା ପ୍ରଧାନ କାରଣ । ତା ଦୃଷ୍ଟିରେ ଏତେ ପରିଚ୍ଛନ୍ନତା କାଳେ ହତଲକ୍ଷ୍ମୀମାନଙ୍କର ନିର୍ଲଜୀ ବିଳାସ । ଦୁଇଜଣ ଯାକ କିଏ କାହାର ସାମାନ୍ୟ ଟିପ୍‌ପଣୀ ଓ ମୁହଁମୋଡ଼ାକୁ ସହିପାରୁ ନଥିଲେ । ଜଣେ ପଦେ କହିଲେ, ଆଉ ଜଣେ ଦଶପଦ ଯୋଡ଼ିଦଉଥିଲା । ତାପରେ ଆରମ୍ଭ ହେଉଥିଲା ଅସଲ ପାଲା । ଦୁଇ ଅସହାୟ ଜେମା ଅଂଟାରେ ଲୁଗାଭିଡ଼ି ଦୁଆରା ମଝିକୁ ଡେଇଁ ପଡୁଥିଲେ । ଘର ବାହାର କଂପୋଉଥିଲେ । ସମରରେ ନାନୀଙ୍କୁ ତ ମାଉସୀ ପାରୁ ନଥିଲା । ପରଘରୀର ତାଉ ବା କେତେ ? ସେ ହାରି ଯାଉଥିଲା ଏବଂ ସକୋଉଥିଲା ଅସମ୍ଭବ ଭାବରେ । ତାପରେ ଫୁଲପକା ବ୍ୟାଗରେ ନିଜ ସଂପତ୍ତିକୁ ଠୁଳକରି ଏକା ନିଃଶ୍ୱାସକେ ଦୌଡ଼ି ଆସୁଥିଲା ଆମ ଘରକୁ । ବୋଉ ଯେମିତି ଥିଲା ତାର ନିପାରିଲା ପଣର ନିର୍ଭରଯୋଗ୍ୟ ଅବଲମ୍ବନ ।

ଆମ ଘରେ ପାଦ ଦଉଣୁ ନ ଦଉଣୁ ନାନୀ ତାର ସଦା ଜୀବନ୍ତ ଓ ସଂଗୀତ ମୁଖର କଳଗାଉଣା ବଜେଇବା ଆରମ୍ଭ କରିଦେଉଥିଲା । କେତେବେଳେ ବୋଉ ପାଖରେ ତ, କେତେବେଳେ ଆମ ଆଗରେ । ତେବେ ଅଧିକ ସମୟ ସେ ଆଳାପ ବିଭୋର ହେଉଥିଲା କାଂଥବାଡ଼, ଝାଡୁ, କୁଲା, କଂସାବାସନ ଓ ପାନଡାଲା ସହିତ । ସେହି ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକ ଶୁଣିଶୁଣି ଆମ ଚେତନା କଇଁଥା ହୋଇଯାଇଥିଲା । ମାତ୍ର ତାହା ତାପାଇଁ ଥିଲା ଚିର ସବୁଜ । ଆମକୁ ସାକ୍ଷୀ ରଖି କହୁଥିଲା – ହଇଲୋ ନିଶା, ହଇରେ ଦେବୁ, ମୁଁ କ'ଣ ସେ ବଇଷମ ଘରେ ମାଗଣା ଖାଉଚି କିରେ । ତାଙ୍କୁ କ'ଣ ନ ଦେଇଚି ତୋ ଅଜା ? ମୋରି ଧନରେ ଜମିଦାର ହେଇଚନ୍ତି ନା । ଆରେ, ଗୋଟିଏ ଯମ ଅଇଂଠା ଭାଇ ଏଇ ବଇଷମକୁ କୋଳେଇ କାଖେଇ ମଣିଷ କରିଛି କିଏ ମ ? କିଏ ଗେହ୍ଲାରେ ବଢ଼ୋଉଚି ଏ ଟୋକାର ପିଲାଝିଲାଂକୁ ? ତାକୁ କଣ ନ ଦେଇଚି ଭଲା ? ଯେ ଗାମୁଛା, କଂସାବାସନ, ଖଣ୍ଡିଏ ନୁଗା ଯାଂକ ଧିଅକରେ

Digitized by PPRACHIN, SOA

କିଣିଛନ୍ତି ? କ'ଣ ଫେରେଇଛନ୍ତି ଆମକୁ ମ ? ଆଉ କାହାକୁ ଦେଇଥିଲେ ମତେ ରାଣୀ କରି ରଖିଥା'ନ୍ତେ । ଯେ ପୋଡ଼ାମୁହାଁ, ଘରବୁଡ଼େଇ ସଖୀ ତା ଗୋଦରୀ ଗୋଡ଼କୁ ମୋ ଆଗରେ କଟାଉଛି । ଫଁ ଫଁ ହଉଚି । ଦିନକୁ ଦି'ଦିନ ରହିଗଲେ, ଯାର ଭାତକଂସା ଯେମିତି ଅଧା ହେଇଯାଉଛି । ମୁଁ କାହାରି ନୁହେଁ ମ । ମୋ ଘର ସଂପତ୍ତି ମୁଁ ଖାଇଲି, ସେଇଟା କିଏ ମୁହଁ ଫୁଲେଇ କହିବାକୁ ?"

ଆମେ ଜାଣୁ – ନାନୀର ଏ ଅଭିଯୋଗ ଅମୂଳକ, ମାଖୁନା ନୁହେଁ । ଏହା ଏକ ମାନସିକ ବିବାଦ । ଅସମାଧିତ । ଉଭୟ ପକ୍ଷରୁ କାହାକୁ କିଛି କହିବା ଅର୍ଥ, ଝଗଡ଼ାକୁ ଅଧିକ ଉସ୍କାଇବା । ତେଣୁ ନାନୀର କଥାକୁ ନ ଶୁଣିଲା ପରି ଆମେ ଶୁଣୁଥିଲୁ । ବୋଉ କଥା ଛଳରେ ତାକୁ କହୁଥିଲା, "ତୁ ଏଇଠି ରହିଯାଉନୁ । ତତେ କିଏ ତଡ଼ି ଦଉଚି କି ? କ'ଣ ଅଭାବ ଅଛି ଏଠି । ଏଟା କ'ଣ ତୋ ଘର ନୁହେଁ । ତୁ କ'ଣ ଏ ଘରପାଇଁ କିଛି କରିନୁ । ଏଇଠି ରହ । ମୋ ପିଲାଙ୍କୁ କଇଲାଣ କର ।"

ସେ କହେ – "ମୁଁ କ'ଣ ମନାକଲି କି ? ଭାଣିଜୀ ଘର କିଏ ? ଝିଅ ଘର କିଏ ? ମାତ୍ର ବଂଧୁ ବାଂଧବ ଘରେ ବେଶି ଦିନ ରହିବା କ'ଣ ଭଲ କଥା ? ତୋର ଅଛି ବୋଲି ଖାଲି ମତେ କ'ଣ ପୋଷିବୁ ? ଦେବୁ, ଉଷା, ନିରୁଂକ ପେଟରୁ କାଟି ମତେ ଖୁଆଇବୁ ? ମୋର କ'ଣ କିଛି ନାହିଁ ? ଯାହାଙ୍କପାଇଁ ସବୁ କଲି, ଯାହାଙ୍କୁ ସବୁ ଦେଲି, ସେମାନେ ମୋ ମୁହଁରେ ମୂତିବେ ? ସେ ଗୋଦରୀ, ଖଣ୍ଡୀ କିଏ ବା ମୋତେ କହିବାପାଇଁ ? ଘଇତା ତ କୋଉଦିନ "ତୁ" କହି ଥିଲା । ସେଇଟା ମତେ କଇବ କୁଜୀ ।"

ଘରକୁ ଯିବାପାଇଁ ସବୁଦିନେ ନାନୀ ତା ବ୍ୟାଗ ସଜାଡୁଥାଏ । ବୋଉ ତାକୁ ରହିବାକୁ ବାଧ୍ୟକରେ । ସଜବେଶ ତାର ମହଳନ ପଡ଼େ । ବେଶ୍ କିଛିଦିନ ରହିଯାଏ । ବାରିରେ ହସୁଥିବା ଶାଗ, ବାଇଗଣ, ଲଂକା, ଭେଣ୍ଡି ପଟାଳି ପାଖରେ ବସେ । ଗଛମାନଙ୍କ ଦେହରୁ ପୋକ ମାରେ । ସେମାନଙ୍କୁ ଆଉଁସେ । ଗେଲକରେ । ଅଂଟି ପୂରେଇ ପରିବା ତୋଳି ଘରକୁ ଆସେ । ଏକ ଲୟରେ ଅପେକ୍ଷା କରିଥାଏ କଦଳୀ, ଲେମ୍ବୁ, ଆମ୍ବ, ପଣସ, ଅମୃତଭଣ୍ଡା ଗଛମାନଙ୍କୁ । ସେମାନଙ୍କ ସହ ନିରବରେ କେତେ କଣ କଥା ହେଉଥାଏ । ଏ ବାରିରୁ ସେ ବାରିକୁ ଘୂରି ବୁଲୁଥାଏ । ସଜଫୁଟା ଫୁଲମାନଙ୍କର ଗରବକୁ ତା ମଥାର ପାଟ କନାରେ ବାଧି ପକୋଉଥାଏ । ବେଳେବେଳେ ବୋଉକୁ କହେ – "ହଇଲୋ ନିଶା, ତୋର କି ଅଭାବ ମ । କେଡ଼େକେଡ଼େ ଲଂବ କଦଳୀ କାଂଦି; ଲଂକା, ଲେମ୍ବୁ ଗଛଗୁଡ଼ାକ ତ ଫଳ ଭାରରେ ଭାଙ୍ଗିପଡୁଛି । କେଡ଼େ କେଡ଼େ ଅମୃତଭଣ୍ଡା ମ । ଜୋଇଁ କ'ଣ କଲିକତାରୁ ମଂଜି ଆଣିଥିଲେ କିଲୋ ? ମତେ ଦିଇଟା ଦବୁ ତ ? ଇଲୋ ତୋ ମାଟି ଆଳୁଗୁଡ଼ାକ ଧାନଉସୁଆଁ ହାଣ୍ଡି ପିରିକା କେମିତି ହଉଚି । କ'ଣ ତା ମୂଳରେ ଦଉଚୁ ମ ? ମତେ ବତେଇ ଦବୁ ତ ? ଗଲା ବେଳକୁ ଦିଇ ଚାରିଟା ବିଣ୍ଡ ଦବୁ ତ ? ସେଠୁ ସେ ପୁଣି ଉଠିଯାଏ ଗାଈ ବଳଦଂକ ପାଖକୁ । ସେମାନଂକୁ ସେ ଆଉଁସେ । ଗେଲକରେ । ଦେହରୁ ଟିଂକ ମାରେ ।

Digitized by PPRACHIN, SOA

ଗଳକଣ୍ଠକୁ ସାଉଁଳେ । ପଶୁମାନେ ଚାରିଗୋଡ଼ ମେଲି ଗଡ଼ିଯାଆନ୍ତି । ବେଳେବେଳେ ତା କାଂଧ ଉପରେ ମୁହଁଟିମାନ ନଦିଂ ଦିଅନ୍ତି, ମା'ଝିଅମାନଙ୍କର ଖେଳ ଚାଲେ । ଆମେ ସେମାନଙ୍କ ନିବିଡ଼ ଭଲପାଇବା ଭିତରେ ଛନ୍ଦି ହୋଇପଡୁ । ଏବଂ, ଓରଉଣ୍ଡି ଆଉଁସି ଦଉ ତାର ତୃତୀୟ ସ୍ତନକୁ । ସେ ଆଖି ଦେଖାଏ । ଗରଗର ହୁଏ । ମନକୁ ମନ କ'ଣ ବକିଯାଉଥାଏ କେଜାଣି ?

ଆମ ଘରର ପରିପୂର୍ଣ୍ଣ ସନ୍ତୋଷର କଥା ସେ କେବଳ ଆମରି ଆଗରେ କହେନା, ଯୋଉଠିକି ଯାଏ, ଗାଉଥାଏ । ସଖୀ ମାଉସୀ କଥା ପଡ଼ିଲେ, ପାଟିରେ ଆଉ ବାଡ଼ବତା ରହେନା । ଚଉଦ ଭୁବନ କଂପାଏ । ରୋଷନିଆଁରେ ଯେମିତି ମୁହୂର୍ତ୍ତକ ଭିତରେ ପୋଡ଼ି ପାଉଁଶ କରିଦେବ ଜଗତରେ ତାର ଏକମାତ୍ର ଶତ୍ରୁର ଅହଂକାରକୁ । ଏଇ ସୁଯୋଗରେ ପରିହାସ ବିଶାରଦମାନେ ନାନୀର ଚେତନାକୁ ଟିକିଏ ଚିମୁଟି ଦିଅନ୍ତି । ସେ ଚିଙ୍ଗଡ଼ି ପରି ଡେଇଁବାକୁ ଆରମ୍ଭ କରେ । ଏବଂ, ଡେଉଁଥାଏ ଚରମ କ୍ଳାନ୍ତିରେ ନିଦେଇ ଯିବା ପର୍ଯ୍ୟନ୍ତ ।

ନାନୀ ସହିତ ଆମର ଶେଷ ଦେଖା ହୋଇଥିଲା ମୋର ବା'ଘର ବେଳେ । ଆମ ଘରେ ସେ ବେଶ୍ କିଛି ଦିନ ରହିଯାଇଥିଲା । ଏବଂ ସେଇ କେତୋଟି ଦିନର ପ୍ରତି ମୁହୂର୍ତ୍ତ ଆମପାଇଁ ଥିଲା ଅବିସ୍ମରଣୀୟ ।

ସେ ମୋ ବା' ଘରକୁ ଆସିବାପାଇଁ ଜମାରୁ ମଂଗୁ ନ ଥିଲା । ତାକୁ ଆଣିବାକୁ ଗଲାବେଳେ ଆଖିରୁ ନୁହ ଝରେଇ କହିଲା – ମୁଁ ଅମଂଗଳୀଟା ଦେବୁର ବା' ଘରକୁ କ'ଣପେଇଁ ଯିବି ? କଳସ ବସେଇବିନି, ଦିଅଁ ମଂଗୁଳେଇବିନି, ହୁଳହୁଳି ପକେଇବିନି, ଧଡ଼ି ଆଉ କାନି ଥିବା ନୁଗା ତ ପିନ୍ଧିବିନି, ପାଦରେ ତ ପୂରା ଅଳତା ନାଇବିନି, ଆଉ ଯିବି କ'ଣପେଇଁ ? ସେମିତି ଯିବାରେ କି ସୁଆଦ ମ ? ଆସବାପାଇଁ ଲୁଗା ପିନ୍ଧୁପିନ୍ଧୁ ସେ ଏକା ନିଃଶ୍ୱାସରେ ଏତକ କହି ଯାଉଥିଲା । ଏବଂ ଘରେ ପହଁଚିଲା ମାତ୍ରେଇ ବୋଉ ଆଗରେ ବସିପଡ଼ି ବଜେଇ ଦେଇଥିଲା ସେଇ ରେକର୍ଡ । ମୁଁ ନମସ୍କାର କରୁକରୁ ମୋ ହାତଧରି ବସେଇଦେଲା ତା ପାଖରେ । କହିଲା – ହଇରେ ତୁ ଯୋଉ ଟୋକୀଟାକୁ ଧରି ଦୁନିଆଯାକ ବୁଲୁଥିଲୁ, ତାକୁ ବାହା ହଉଚୁଟି ? ନା ଆଉ କାଆକୁ ? ଚୁପ୍ ଶଇତାନିଆଁ ତୋ ଭିତରେ ଏତେ ଗୁଣ କୋଉଠି ଥିଲା ମ । ହଉ ରହ ଦେଖୁଚି ।

ତା ପରେ ଆରମ୍ଭ କରିଦେଲା ତା କାମ । ଝାଡ଼ୁ, ଟୋକେଇ, କଂସାବାସନ, ପରିବା, ପନିକି, ପାନଡାଲା ଏବଂ ଗଛବୃଛମାନଙ୍କ ସହ ସଂପର୍କ ।

ବା'ଘରର ବାସୀ ଦିନ ବୋଉ ଆଉ ନାନୀ ଭିତରେ ଘଟିଥିଲା ସେଇ ଅବିଶ୍ୱାସ୍ୟ ଘଟଣା । ଗଡ଼ିଆରେ ମାଛ ପାଛିଆ ଧୋଉଧୋଉ ସେ ମନକୁ ମନ ବୁହେ ଗାରୁଗାରୁ ହେଉଥିଲା । ପାଛିଆଟି ବିଚରା ତା ନାକ ଆଉ ପାଟି ମଝିର ଶୂନ୍ୟତାରେ ଥିଲା ଏକ ଯୋଗସୂତ୍ର । ବୋଉ କେତେ କାଳ ଠିଆହେଇ ନାନୀ ହାତରେ ପାଛିଆର ନାଚ ଦେଖିଲା । ତାର ସମାହିତ ଭାବକୁ ଚହଲେଇ ନ ଦେଇ ନେଉଟି ଆସିଲା ଘରକୁ ।

Digitized by PPRACHIN, SOA

ନାନୀ କାମସାରି ଫେରିଲା ପରେ, କବାଟ କୋଣରେ ତାକୁ ଏକୁଟିଆ ବସେଇ ପତ୍ରରେ ଥୋଇ ଦେଇଥିଲା କେଇ ମୁଣ୍ଡା ରୋହୀମାଛର ଭଜା ।

ଏବଂ, କ୍ରମଶଃ ନାନୀ ଏବଂ ମାଛମୁଣ୍ଡା ଭିତରେ ଥିବା ଦୂରତା ଗୋଟିଏ ବିଂନ୍ଦୁରେ ହଜି ଯାଇଥିଲା । ଏ ପରିଣୟର ଗୋପନ ସୂତ୍ରକୁ ବୋଉ, ନାନୀ ଓ ମୋ ବ୍ୟତୀତ ଆଉ କେହି ଜାଣିବାର ସୁଯୋଗ ପାଇ ନ ଥିଲେ । ବିଧବା ବ୍ରାହ୍ମଣୀର ପତ୍ରରେ ମାଛ ପରଶିଦେବାର ପାପକୁ ବୋଉ ଶ୍ରଦ୍ଧାର ସହ ସ୍ୱୀକାର କରିନେଇଥିଲା ।

ବା'ଘର ପରେ ଯିଏ ଯୁଆଡ଼େ ଚାଲିଗଲେ । ମାତ୍ର ଆମେ ଘର ଛାଡ଼ିବା ପର୍ଯ୍ୟନ୍ତ ନାନୀ ଆମ ଘରେ ରହିଥିଲା । ଘରକୁ ଯିବାଲାଗି ସେ ସବୁ ଦିନେ ସଜ ହେଉଥିଲା, ଆଉ ଆମେ ତାକୁ ବାଂଧି ରଖୁଥିଲୁ । ଆମ ବାଗ ଦେଖି ସେ ହସି ଦେଉଥିଲା, ଆଉ କହୁଥିଲା – "ତମ ହଳକ ଯାକର ଏ ପାପରା ବୁଢ଼ୀଟା ଉପରେ ଯଦି ଏତେ ଶରଧା, ଦିହିଁଙ୍କ ମଝିରେ ଥାପୁଡ଼େଇ ପକେଇଲ ଟିକେ ଦେଖେ, ତମର ମଗଜ କେତେ ? ତା'ତ କରିବନି, ବୁଢ଼ୀଟାକୁ ଖାଲି ପାଂପଳୋଉଥିବ ମଜାକଥା ଶୁଣିବାପାଇଁ ? ପୋଇଲୀ କରି ନଉନ । ଆରେ, ଯେ ପୋଇଲିଗୁଡ଼ାକ ମରଦ ପୁଅଂକୁ ବେଶି ଘାଏଲା କରନ୍ତି ଯେ । ଏ ଟୁପୁସୀ ମୁହିଁ, ଏ ବାରବୁଲା ପାଖରେ କୋଉ ପୋଇଲୀ ଛାଡ଼ିବୁନି ଟି । ମାରିନବ । ଜୀବନସାରା ସକୋଉଥିବୁ । ଏଗୁଡ଼ାଂକୁ ଜମାରୁ ବିଶୁଆସ ନାହିଁ ।"

ନାନୀ ସାରା ଦିନ ସତୀ ଆଉ ମୋ ସାଂଗରେ ଲାଖି ରହୁଥିଲା । ତା ବାକ୍ସ ଖୋଲି ଶାଢ଼ୀ, ବ୍ଲାଉଜ, ବ୍ରା ଓ ଆଉ ଆଉ ଚିଜଗୁଡ଼ିକୁ ନିଜ ଦେହରେ ମାପୁଥିଲା । ଦିନେ ବ୍ରାଟିକୁ ବଡ଼ ଲୋଭିଲା ଆଖିରେ ସାଉଁଳୁ ସାଉଁଳୁ ସତୀ ସେଇଟିକୁ ଭିଡ଼ି ଦେଇଥିଲା ତା ଫୁଲପକା ବ୍ଲାଉଜ ଉପରେ । ପ୍ରସାଧନ ସାମଗ୍ରୀଗୁଡ଼ିକୁ ବାକ୍ସ ଭିତରେ ସୁଂଦର ଭାବରେ ସଜେଇ ରଖିଥିଲା । ବେଳେବେଳେ ସତୀକୁ ଭିଡ଼ି ଆଣୁଥିଲା ନିଜ ପାଖକୁ । ତାର ଗହବା ବାଳ, ମୁହଁ, ଓଠ, ପିଠିରେ ଶ୍ରଦ୍ଧାର ହାତ ବୁଲେଇ ଆଣୁଥିଲା । ଗେଲ କରୁଥିଲା । ତାର ବାରଣ ସତ୍ତ୍ୱେ ପାଦରେ ପିନ୍ଧେଇ ଦଉଥିଲା ପାଉଁଜ, ଅଳତା, ହାତରେ କାଚ ଆଉ ମଥାରେ ଲାଲ ଟିକିଲି । ସୁଯୋଗ ଦେଖି ସତୀ ବି ନାନୀକୁ ଭିଡ଼ି ଆଣୁଥିଲା ନିଜ ପାଖକୁ । ଚତୁରୀ ନାନୀ ସତୀ ଉପରେ କୋପ କରୁଥିଲା ସତ । ମାତ୍ର ତାର ଏଇ ନାଇଁ ନାଇଁ ଭିତରେ ଫୁଟି ଉଠୁଥିଲା ହଁ ହଁ ଭାବର ସଲ୍ଲଜ ଭଂଗୀ ।

ପାଦ ଦୁଇଟିକୁ ବଢ଼େଇ ଦେଇ ସେ କହୁଥିଲା – ଯେ ଟୋକି, ଅଳତାଗାରକୁ ପୂରା କରିବୁନି ଟି ? ଯେ ପାଦରେ କ'ଣ ଝୁମୁକା ଲଗା ପାଉଜି ନାଆନ୍ତି । ନା ଥାଉ ।

ଆଲୋ ହେ, ସେ ବାସନା ତେଲର ଡିପି କାଇଁକି ଖୋଲୁଚୁ ? ପାକଲା ବାଳରେ ସେଗୁଡ଼ା କ'ଣ ହେବ ? ନଡ଼ିଆ ତେଲ ଟିକେ ମାରି ଦେ, ସେ ସୁହଁ, ପାଉଣ୍ଡର ଗୁଡ଼ାକ ଥାଉ, ତୁ ମାରିବୁ । ସେ ଟୋକା ପାଖରେ ବସିବୁ । ସେ ସେଏଁଟେ ଶିଶିଟା

Digitized by PPRACHIN, SOA

ଖୋଲୁଚୁ ଯଦି ଠିପିଟା ଭଲ କି ମାରି ଦେ, ନଇଲେ ଉଠିଯିବ, ଗୁଡ଼ାଏ ଦାମ୍ । ଉପଦେଶଗୁଡ଼ିକୁ ଅଜାଡ଼ି ପକୋଉଥିବ । ଆଉ ସକଳ ଉପଚାରକୁ ସତୀ ବଡ଼ ସରାଗରେ ସାଇତି ଦେଉଥିବ ତା ଦେହରେ ।

ସବୁ କାମ ସରିଗଲା ପରେ ସେ କହିବ – "ହଇଲୋ ପୋଡ଼ାମୁହିଁ, ମତେ ଏତେ ସରି କରିଦେଲୁ କେତେବେଳେ ? ଲୋକେ ଦେଖିଲେ ହସିବେନି । କଇବେ, ଛୋପରୀ, ବେହ୍ୟାଣୀ । ଆଉ କାହାକୁ ମୁହଁ ଦେଖେଇବି ଭଲା ?" ତାପରେ ସେ ଡାକ ପକାଇବ ବୋଉକୁ । ବୋଉ କିନ୍ତୁ ଓ' କରିବନି ।

ସେ କହିବ – "ଦେଖ ଲୋ ନିଶା, ତୋ ବୋହୂ ମତେ କେତେ ସରି କରିଛି । ଦେଏ ପାଣି ବାଲିଟିଏ । ଧୋଇ ହେଇପଡ଼େ ।"

ଠିକ୍ ଏତିକି ବେଳେ ସତୀ ତା ହାତକୁ ବଢ଼େଇଦବ ଆଇନାଟିଏ, କହିବ ନାନୀଲୋ, ଏଇ ଆଇନାରେ ଧୋଇ ହୋଇପଡ଼ ।

ସେ ବଡ଼ କାତର ଆଖିରେ ନିଜକୁ ଅନିଷା କରିବ, ଆଉ କହିବ – "ନିଆଁନଗା ଯମ ତ ହଟହଟା କଲା । ନଇଲେ ଫୁଲପକା ଶାଢ଼ୀ ପିନ୍ଧି ତୋ ବାହା ଘରରେ ଦିଅଁ ମଂଗୁଳେଇଥାନ୍ତି ଲୋ ।"

ଠିକ୍ ଏତିକିବେଳେ ତା ଆଗରେ ଉଭା ହୁଏ ବୋଉ । କୁହେ, "ନାନୀ ଫୁଲପକା ଶାଢ଼ୀ ପିନ୍ଧୁନୁ । ବୁଢ଼ାବୁଢ଼ୀ ପରା ବାଲୁତ ପରାନ୍ତେ । ତତେ କିଏ କାଇଁକି କିଛି କଇବ ବା, ମୁଁ ଅଛି ।"

ବୋଉ ଆଖି ଠାରିଦିଏ ସତୀ ଆଡ଼କୁ । ସତୀ ବି ତା ଦେହରେ ବେଢ଼େଇ ଦିଏ ଫୁଲପକା ଶାଢ଼ୀ ।

ଆଉ ଠିକ୍ ଏତିକି ବେଳେ ତା ଆଗରେ ଆସି ଠିଆ ହେଇଯାଏ ମୋ ସାନ ଭଉଣୀ ଉଷା । କହେ – "ଏ ମଂଥରା କୋଉଠୁ ଆସିଲେ ?"

ହଠାତ୍ ନାନୀ ପାଟିରୁ ବାହାରି ପଡ଼େ – ତୋ ଘଇତା ପାଖରୁ । ଏବଂ, ହସର ସୁଅରେ ଭାସିଯାଏ ନାନୀର ସକଳ ରୋଷ ଓ ଅସନ୍ତୋଷ ।

ବା'ଘରର କିଛିଦିନ ପରେ ଆମେ ଚାଲିଆସିଲୁ ଚାକିରି ଜାଗାକୁ । ଆସିଲା ବେଳକୁ ସେ ଥିଲା ଆମ ଘରେ । ସତୀ ତା ଫୁଲପକା ବ୍ୟାଗରେ ଭରି ଦେଇଥିଲା ଫୁଲପକା ଶାଢ଼ୀ, ଶାୟା, ସ୍ନୋ, ପାଉଡର, ଅଳତା, ଟିକିଲି, ସେଣ୍ଟ୍ । ମାତ୍ର ତାର ନେଉଟାଣି ଦିନ କାଳେ ବ୍ୟାଗ୍ ଭିତରୁ ଆବିଷ୍କୃତ ହୋଇଥିଲା ଟ୍ୟାସିଲ୍, ପ୍ୟାଡ଼୍‌ଯୁକ୍ତ ବ୍ରା, କଲା ଏବଂ ଆଉ କିଛି ।

ତାହା ଥିଲା ଆମ ଘରୁ ତାର ଶେଷ ଯାତ୍ରା । ଗଲାବେଳେ ସେ ଆମପାଇଁ ସାଇତି ଯାଇଥିଲା ଅକଳନୀୟ ପବିତ୍ର ସ୍ନେହ ଓ ଶ୍ରଦ୍ଧା ।

ଏବେ ସେ ଚାଲିଗଲା ।

Digitized by PPRACHIN, SOA

ଶ୍ରଦ୍ଧାର ଅତୁଳନୀୟ ଅକଳନୀୟ ଜୀବନ୍ତ ପ୍ରତିମାଟିଏ । କେବଳ କୁଜଟି ବ୍ୟତୀତ ଆଉ କି ଅପୂରୁବ ବିଭବକୁ ସେ ନିଜର କରିପାରିଲା ଯେ ? କିଏ ବା କ'ଣ ଦେଲା ତାକୁ ?

ପୋଡ଼ାମୁହାଁ ଯମ ଆଉ ଖଚଡ଼ା ଈଶ୍ୱରଂକୁ ବେଳେବେଳେ ପଚାରିବାକୁ ଇଚ୍ଛା ହୁଏ - ମୋ ନନୀ କେମିତି ଅଛି, କ'ଣ କରୁଚି ?

କ'ଣ ଖାଇଚି ? ଏମିତି କେତେ କଥା ।

ମାତ୍ର ତା' କ'ଣ ସମ୍ଭବ ?

ଦୀର୍ଘଶ୍ୱାସରେ ଉତ୍ତର ଆସେ..., ହଁ ଭଲରେ ଅଛି ।

●●●

Digitized by PPRACHIN, SOA

ପାହାଡ଼ଚଢ଼ା

"ଦେବ, ତମ ପାଖରେ ବସିବାକୁ ସତରେ ମତେ ଭାରି ଭୟଲାଗୁଛି । ତରଳି ଯିବାର ଭୟ । ଭାବି ପାରୁନି, ତମ ଭିତରେ ବଂଚୁଥିବା ମଣିଷମାନେ ସବୁକିଛି ହରେଇଦେବା ଭୟ ଆଉ ଯଂତ୍ରଣାରେ, ପ୍ରତି ମୁହୂର୍ତ୍ତରେ କେତେ ଆତଂକିତ ହେଉ ନ ଥିବେ ! ନା, ମୁଁ ପାରୁନି । ଚାଲ ଯିବା । ଉଠ । ଅନେକ ବେଳ ହେଲାଣି ।"

ସେ ମତେ ଉଠିବାକୁ, ଯିବାକୁ କହିଥିଲା । ମାତ୍ର ନିଜେ ଉଠି ପାରିନଥିଲା । ଚାଲି ଗଲେ ସାନ୍ନିଧ୍ୟର ଯଂତ୍ରଣାକୁ ହରେଇଦବାର ଭୟ ସମ୍ଭବତଃ ତାର ସୁନୀଳ ଚେତନାକୁ ଆଚ୍ଛନ୍ନକରି ରଖିଥିଲା । ତା ପ୍ରାଣର ଆନ୍ଦୋଳିତ ରୁଦ୍ଧ ଆବେଗ ଅଧିକ କାଳ ବଂଦିନୀ ପରି ବଂଚିବାକୁ ବି ଚାହୁଁନଥିଲା । ସେମାନେ ପବନ ରୂପରେ ଆସୁଥିଲେ ପଦାକୁ । ପରିବ୍ୟାପ୍ତ ହେଉଥିଲେ ସମଗ୍ର ବିଶ୍ୱରେ । ଏବଂ, ପୁଣି ନେଉଟି ଯାଉଥିଲେ ନିଜ ଘର ଭିତରକୁ । ମୁହୂର୍ତ୍ତ - ଅନୁଗତ ଜୀବନ ସହିତ ଭାବ ଯୋଡୁଥିଲେ ।

ମୁଁ ମୁହଁ ଫେରେଇଲି ସୁତପା ଆଡ଼କୁ । ରହସ୍ୟ କରି ପଚାରିଲି - "ଦେବଦାଶ ମଣଷ ଜଣକ ଭାରି ଭୟଂକର, ରୁକ୍ଷ, ନିର୍ମମ ନା ? ସମସ୍ତେ ତ ପ୍ରାୟ ସେଇକଥା ଇ କହନ୍ତି। ତମର ଭାବନାରେ ନୂତନତା ବା କ'ଣ ଅଛି ? ମୁଁ ଏକ ଡେଂଗା ଗଛ - ଯାହା ଦେହରେ ପତ୍ର କଅଁଳିଲିନି, ଫୁଲ ଫୁଟିନି । କେବଳ ଡାଂଗମୟ ଆଉ ଶ୍ରୀହୀନ । ଯାହା ତଳେ ଛାଇ ଟିକିଏ ଖୋଜିଲେ ମିଳିବନି, ଦୟାର୍ଦ୍ର ସୂର୍ଯ୍ୟ ନିହାତି ଅନ୍ତରଂଗ ଭାବରେ ଯାହାର ଲଂବା ଛାଇ ଉପରେ ରାଜୁତି କରୁଥାନ୍ତି - ସେ ଦୁଃଖର କାରଣ ନ ହୋଇ, ଆଉ କ'ଣ ବା ହୋଇପାରିବ ?"

ଦୂର ଦିଗ୍‌ବଳୟରେ ଭାବ ଯୋଡ଼ିଥିବା ସୁତପାର ଆଖି ଫେରିଆସିଲା ମୋ ଆଡ଼କୁ, ତା ସୁନୀଳ ଆଖିରେ ବର୍ଷୁକୀ ମେଘର ଛାଇ ।

ଆଉ ଏଇ ବର୍ଷୁକୀ ମେଘକୁ ମୋର ଭାରି ଡର ।

ତାକୁ ଚାହିଁବାକୁ ସାହସ ହେଲାନି । ନିଜ ଭିତରକୁ ମୁହଁ ଫେରେଇଲି । ସେ ବି ହଜିଗଲା ନିଜ ଆକାଶ ଭିତରେ । ମୁହୂର୍ତ୍ତକ ମଧ୍ୟରେ ଯେପରି ରୂପାନ୍ତରିତ ହୋଇଗଲା

Digitized by PPRACHIN, SOA

ଏକ ବିଚିତ୍ର ରାଜହଂସୀରେ । ଆକାଶ ଛାତିରେ ଡେଣା ମେଲିଦେଲା କାହିଁ କେତେ ଉପରକୁ । ଏବଂ ତା'ପରେ ? ତାର ଦୃଶ୍ୟମାନ ସତ୍ତା ବିନ୍ଦୁ ରୂପରେ ଘୋଟିଗଲା ସାରା ବ୍ରହ୍ମାଣ୍ଡରେ ।

କରୁଣ ସ୍ୱରରେ ସେ କହିଲା - 'ଦେବ, ମୋ କଥା ତମକୁ ଖୁବ୍ ଆଘାତ ଦେଲା ନା । ଏଇ କେଇପଦ କଥା ତମ ପାଖରେ ଖୋଲିଦେବାପାଇଁ ଅନେକ ଦିନରୁ ଭାବିଆସୁଥିଲି । ସାହସ ହେଉ ନଥିଲା । ଭୟର ଅଂଧାର ଭିତରେ ସନ୍ତୁଳି ହେଉଥିଲି । ହରେଇ ଦବାର ଭୟ । ଆଜି କିନ୍ତୁ ନିଜକୁ ରୋକି ପାରିଲିନି । ଖୋଳପା ଭିତରେ ଆତ୍ମାକୁ କେତେକାଳ ବା ବଂଦୀ କରାଯାଇପାରେ ? ବଂଦୀ କରିବାର ପ୍ରୟାସ କେବଳ ଆପଣା ସହ ପ୍ରତାରଣା ନା ? ମତେ ଭୁଲ୍ ବୁଝିବନି ଦେବ । ସେ ବିଶ୍ୱାସ ମୋର ଅଛି । ଏବେ ଉଠ । ଯିବା ।

ପରିବେଶର ଗରୁତାକୁ ଭାଂଗିବାଲାଗି ମୁଁ କହିଲି - ତମେ କେବଳ ନିଜ କଥା କହିନ, ମୋ କଥା ବି କହିସାରିଚ । ମୁଁ ନିରବରେ ଯାହା କହି ଆସୁଥିଲି, ସେ ସବୁ ତମେ ଶୁଣିପାରୁଥିଲା ପରି ଉତ୍ତର ଦେଇଚ । ମୋହମୁକ୍ତିର ସପନ ଦେଖିଚ । ଏଥିରେ ଭୁଲ୍ ବୁଝିବାର କାରଣ କୋଉଠି ? ତମେ କୁହତ ଦେଖି, କ'ଣ ବା ପରିଚୟ ଆମର ଏଠି । ଏଇ ନିକାଂଚନ ଭୂମିରେ ?

ଆମେ ଜୀବନ ଭୟରେ ଏକ ପରିଚିତ ପୃଥିବୀଠାରୁ ନିରାପଦ ଦୂରତାକୁ ପଳେଇ ଆସିଥିବା ଦୁଇଟି ଭୀରୁ ପୌଢ଼ ଆଉ ପୌଢ଼ା । ଯେଉଁମାନଙ୍କର ଉତ୍ତରାଧିକାରୀମାନେ ଏବେ ଜୀବନ ବଦଳର ଭାବରେ ବିଭୋର, ଛଳଛଳ । କୋଉ ପୁଲକ ଟିକକପାଇଁ ଆମ ଭିତରେ ଏତେ ବ୍ୟାକୁଳତା ?"

ସେ ମୋ ଆଡ଼କୁ ଆଖି ଫେରେଇଲା ଏବଂ ପୁଣି ନେଉଟିଗଲା ସେଇ ଅପହଂଚ ଦିଗ୍‌ବଳୟର ଚୂଡ଼ା ଆଡ଼କୁ । ଆଂଠୁରେ ହାତ ଛଂଦି କହିଲା - "ସତ କଉଚ ନା ! ଉଠ ତେବେ, ସମୟ ଡାକିଲିଣି ।"

ସୁତପାର କଂଠରେ ବାରମ୍ବାର ଉଠିବାର ସ୍ୱର । ମାତ୍ର ସେ ଉଠିପାରୁ ନଥିଲା । ତା କରୁଣ ସତ୍ତାକୁ ଏ ମାଟି ଯେମିତି ବାଂଧି ରଖିଥିଲା ବୈଦିକ ଆବେଗରେ ।

ମୁଁ କହିଲି - ଏ ଭୟଂକର ଚରିତ୍ର ପାଖରେ ଅଧିକ କାଳ ବସିରହିବା ସତରେ ବଡ଼ ବିପଦ୍‌ଜନକ ସୁତପା । ଉଠିବାକୁ ପଡ଼ିବ ତ । ମାତ୍ର ସତ କହିଲ - ବୈଶାଖର ଏ ଚମତ୍କାର ସଂଧ୍ୟା । ସହର ଆଉ ସଂସାରର ଜଂଜାଳଠାରୁ ଅନେକ ଦୂରରେ । ନୀଳ ଆକାଶରେ ପାଟଳୀ ଫୁଲର ଆଭା । ଛୋଟ ହ୍ରଦଟିଏ ପରି ଦିଶୁଥିବା ସୀତା ବଂଧର ନୀଳ ପାଣିରେ ଚୂନା ଚୂନା ଲହଡ଼ି ଉପରେ ରଂଗର ଦୋଳିଖେଳ । ସେ କୂଳରେ ନାଉରୀ ଆଉ ଆରକୂଳରେ କାତହୀନ ହୁଲି ଡଂଗା । ଅବିବେକୀ ଦକ୍ଷିଣା ପବନର ବଂଶୀ ନାଦ । ଏସବୁ କ'ଣ ସତରେ ଭଲ ଲାଗୁନି ।

Digitized by PPRACHIN, SOA

ମୋ' କଥାକୁ ଶେଷ କରିବାର ସୁଯୋଗ ନ ଦେଇ ସେ କହିଲା "ଓଃ ଆଉ ଅଧିକ କିଛି ଶୁଣି ପାରିବିନି ଦେବ । କିଛି କୁହନି ଭଲା । ମରିଯିବି" - ଦୁଇ ଦୁର୍ବଳ ଆଂଠୁ ଉପରେ ମୁହଁ ରଖି କୋଉ ଏକ ଅପ୍ରକାଶ୍ୟ ଆବେଗରେ ଯେମିତି ତରଳି ଯାଉଥିଲା ସୁତପା ।

ପଚାରିଲି, ଭାରି କଷ୍ଟ ଲାଗୁଛି ନା । ମୁଣ୍ଡ ବିନ୍ଧୁଛି । ଉଠ ତେବେ ।

କରୁଣ ସ୍ୱରରେ ସେ କହିଲା - ନା ଠିକ୍ ଅଛି । ଏ ହାତର ଆକର୍ଷଣ ବଡ଼ ଯଂତ୍ରଣାଦାୟକ ଦେବ, ଥାଉ । ତମେ ଜାଣିନ ବୋଧହୁଏ - ଏ ଅପରାହ୍ଣ ଆଉ ସଂଧ୍ୟାର ଦୃଶ୍ୟକୁ ମୁଁ ଜମାରୁ ସହିପାରେନି । ଡର ଲାଗେ । ଅନୁଭବ କରେ - ମୋ ଭିତରୁ ଜୀବନର ସବୁ ଅନୁରାଗ ଓ ମମତାକୁ କୋଉ ଅବିବେକୀ ଯେମିତି ନିର୍ମମ ଭାବରେ ଛଡ଼େଇନେଇ ସାଇତିରଖିଚି ଆକାଶର ସେଇ ଅପହଂଚ ଦୂରତାର ଏବଂ ମତେ ଫିଙ୍ଗିଦେଇଚି ଅଂଧାର ଭିତରକୁ । ମୁଁ ବାରବାର ହାରିଯାଉଚି ନିଜ ପାଖରେ, ଯେତେ ଚେଷ୍ଟାକଲେ ବି ଉଠିପାରୁନି । ଅନେକ ହାତ ଲଂବି ଆସୁଚି ମୋ ଆଡ଼କୁ । ମାତ୍ର ସବୁ ଯେମିତି ମନେହେଉଚି ସ୍ୱାର୍ଥପର, ବିକଳାଂଗ । କାହାକୁ ଛୁଇଁବାର ମାନସିକତା ହରେଇ ବସୁଚି । ମୁଁ ପାରୁନି ଦେବ, ପାରୁନି, ଭାରି କ୍ଳାନ୍ତ ଲାଗୁଚି, ଭାରି କ୍ଳାନ୍ତ ।

ସଂଧ୍ୟା-ଭୀରୁ ସୁତପାକୁ, ମୋର କହିଦେବାକୁ ଇଛା ହେଉଥିଲା - ଏଥିରେ ଏତେ ଭୟ କରିବାର କ'ଣ ବା କାରଣ ଅଛି ସୁତପା । ଦେଖ, ଅନୁଭବ କର - ମୁଁ ତମର କେତେ ପାଖରେ । ତମ ଆଖି, ଓଠ, ହସ, ଲୁହ, ଚେତନା, ସବୁଥିରେ । ଏ ରାଗ ରଂଜିତ ସଂଧ୍ୟାକୁ ସ୍ୱୀକାର କରିନିଅ । ରାତି ଆସିବ ଇ ଆସିବ । କେବେ ଜହ୍ନ ତ କେବେ ଉଆଁଶ । ଏ ଜହ୍ନ ଆଉ ଅଂଧାରର ସିଂହାସନକୁ ଅବୋରି ବସିବ ସକାଳ । ତମେ ଏକ ସକାଳକୁ ଅପେକ୍ଷା କରୁନ କାହିଁକି ? ସୁଖ ଆଉ ଆନନ୍ଦର ସକାଳ । ତମେ କ'ଣ ତାର ଭାବମୟ ରୂପକୁ ଦେଖିନ, ଅଶ୍ରୁତ ସ୍ୱରରେ ସମାହିତ ହୋଇନ ? ସଂଧ୍ୟାକୁ ସ୍ୱୀକାର ନ କଲେ, ସକାଳର ସୁଖରେ ବିଭୋର ହେବା କ'ଣ ସମ୍ଭବ ?

ମାତ୍ର ଭିତରର ସବୁ କଥା ଅନୁକ୍ତ ରହିଗଲା । ସୁତପାପାଇଁ ମୁଁ ଥିଲି ଏକ ସଂଧ୍ୟା । ଏକ ପ୍ରତିଶ୍ରୁତିହୀନ ସକାଳ - ଯାହାର ସାମାଜିକ ପ୍ରତିଷ୍ଠା, ପତ୍ନୀ, ପୁତ୍ର, ପରିପୂର୍ଣ୍ଣ ସଂସାର। ସବୁ କିଛି ଅଛି । ସେ ସୁତପାର ଭଲପାଇବାକୁ ଅବଶ୍ୟ ସ୍ୱୀକାର କରିପାରିବ । ମାତ୍ର ତାକୁ ଗ୍ରହଣ କରିପାରିବ କି ? ସତୀ ନାମକ ସେଇ ନାରୀଟିର ଏକାଂତ-ପ୍ରେମକୁ ସେ କ'ଣ ପ୍ରତ୍ୟାଖ୍ୟାନ କରିପାରିବ ? ଦଶ ଦିଗପାଳଂକୁ ସାକ୍ଷୀରଖି ସେ ତ କହିଚି - ତମେ ମୋର, ତମେ ମୋର ଆଜିପାଇଁ, କାଲିପାଇଁ, ଇହକାଳ ଏବଂ କାଳକାଳପାଇଁ । ପରକାଳ ଉପରେ ତାର ବିଶ୍ୱାସହୀନତାକୁ ମଧ ପାସୋରି ପକେଇଛି । ଯାହାର ଭଲପାଇବାକୁ ସେ ପ୍ରତୀକିତ କରିଛି ବିବାହ ବେଦୀରେ, ସତୀ ନାମକ ଏକ ଚିରପୁଲକ ଦାୟୀ, ପ୍ରାତିପଦ ନାଁରେ । ମାତ୍ର ସୁତପା ? ତାର ବା କ'ଣ ଆବଶ୍ୟକତା ମୋ ପାଖରେ ? ସେ କ'ଣ କେହି ନୁହେଁ ? ପଥଧାରର ଏକ ଅପରିଚିତା ? ତାର ବି

Digitized by PPRACHIN, SOA

ଦେହ ଅଛି - ଏକ କାବ୍ୟିକ ଚିତ୍ରପଟ । ଏକ ମନ ଅଛି - ଫୁଲପୁଟା ମନ । ଆତ୍ମା ଅଛି - ସମର୍ପଣ ଭାବରେ ଉଚ୍ଚାଟିତ । ସେ ତ ଏକ ତୁଚ୍ଛା ଆବଶ୍ୟକତା, ଅଳଂକାର ନୁହେଁ । ସବୁକିଛିର ଊର୍ଦ୍ଧ୍ୱରେ ଅନେକ କିଛି । ତାରା ଐକାନ୍ତିକତାକୁ ସେ କ'ଣ ଅସ୍ୱୀକାର କରି ପାରିବ ? ତାକୁ ହୃଦୟ ଭିତରୁ ଦୂରେଇ ଦେବା କ'ଣ ଆତ୍ମ ପ୍ରତାରଣା ନୁହେଁ ?

ଆଉ ସତୀ ? ସେ ବି ତ ଏକ ପବିତ୍ର ସତ୍ତା । ଦୁଇଟି ଅହଂସମାହିତ ଅଥଚ ପବିତ୍ର ସତ୍ତାକୁ ଏକ ଘଟାଶ୍ରୟୀ କରିବା କ'ଣ ତାପରି ସାଧାରଣ ମଣିଷ ପକ୍ଷରେ ସମ୍ଭବ ?

ଆଜି, ଏବେ ମୋ ପାଖରେ ସତୀ ନାହିଁ । ଦିନେ ରହୁଥିଲା । ସେପଟରେ ଅପେକ୍ଷା କରିଥିବ । ଏବେ ସୁତପା ଅଛି । ଆଉ କେତେ ଘଂଟା ପରେ ସେ ନ ଥିବ । ଦିନେ ହୁଏତ ଉଭୟେ ବସିଥିବେ ମୋର ଦୁଇ ପାଖରେ । ଦୁହେଁ, ଦୁହିଁଙ୍କର ବେଶ୍ ଅନ୍ତରଙ୍ଗ, ସେମାନେ ନିଜ ନିଜର ପରିଚୟ ଜାଣିଥିବେ । ଅଥଚ ଖୋଲି ପାରୁନଥିବେ ନିଜନିଜକୁ, କେଳବ ଜଳୁଥିବେ ଉହା ଭିତରେ । ଆଉ ସେତେବେଳେ କୋଉ ସପନ ଓ ସୁଖରେ ବିଭୋର ହେଉଥିବ ବିଚରା ଦେବଦାଶ ? କୋଉ ତୀର୍ଥକୁ ଯାଉଥିବ ଉଦକପାଇଁ ? ଅନନ୍ତ ଉଷ୍ଣତାରେ ଅଶ୍ରୁମୁଖୀ ଦୁଇଗୋଟି ପିଣ୍ଡକୁ ଶୀତଳେଇବାଲାଗି ଜଗତରେ କ'ଣ ସେପରି ଜଳର ଆକର ରହିଛି ?

ମୋରି ପାଖରେ, ଖୁବ୍ ପାଖରେ, ନା ପାଖରେ ନୁହେଁ - ଭିତରେ ସୁତପା । ତାର ସୁଗଭୀରତା ଭିତରେ ହଜିଯିବାଲାଗି ମନ ଡାକିଲା । ଅନିଷାକଲି । ଚିବୁକ ତାର ଆଂଠୁ ଉପରେ । ଆଖି ମାଟିରେ । କି ସପନରେ ବିଭୋର ଥିଲା କେଜାଣି ! ଭାଂଗିବାକୁ ଇଚ୍ଛା ହେଲାନି । ମୁହଁ ଫେରେଇଲି ସଂଧ୍ୟାର ଆକାଶକୁ ।

ସୁତପାର ଅସନ୍ତୋଷ ଆଉ ଯଂତ୍ରଣାମାନେ ଆକାଶ ଛାତିରେ ଯେମିତି ଅଶ୍ରୁର ସମୁଦ୍ର ସୃଜୁଥିଲେ । ମୋ ପରି ଏକ ସନ୍ତରଣଭୀରୁ ଦେବକୁ କହୁଥିଲେ - "ଦେବ, ତମେ ଜାଣିଚ - ଅଂଧାରକୁ କାଇଁଚି ମୋର ଏତେ ଭୟ ? ମୁଁ ମାଟିକୁ ଛୁଇଁଥିଲି ଏକ କୃଷ୍ଣପକ୍ଷ ସଂଧ୍ୟାରେ । ବୋଉ ପାଖରେ କେହି ବୋଲି କେହି ନ ଥିଲେ । ବାପା ଯାଇଥିଲେ ପାଖ ସହରକୁ । ସେଇ ପାଖରେ ମାମୁଁ ଘର । ହେଲେ ଭିନ୍ନ ଜାତିର ମଣିଷଟିଏ ତାଙ୍କ ଝିଅର ହାତ ଧରିଥିବାରୁ ସବୁ ସଂପର୍କକୁ ସେମାନେ କାଟି ଦେଇଥିଲେ । ଏକ ଶ୍ରାବଣ ସଂଧ୍ୟାରେ ଏକୁଟିଆ ବୋଉ ମୋର କେତେ କଷ୍ଟ ପାଉଥିବ, ଭାବି ପାରୁଚ ?"

ସେମିତି ଏକ ଚମତ୍କାର ସଂଧ୍ୟାରେ ମୁଁ ଖଡ଼ି ଛୁଇଁଥିଲି । ବ୍ରହ୍ମା ବିଷ୍ଣୁ ଲେଖିଥିଲି । ତେଣୁ ବୋଧହୁଏ ବିଦ୍ୟାକୁ ଆୟତ୍ତ କରିବାର ସଂଗ୍ରାମରେ ହାରିଯାଉଥିଲି । ହାଇସ୍କୁଲ୍‌ରେ ମୂର୍ଖତା ରୋଗରୁ ତାଂକ ଗେହ୍ଲୀ ବଡ଼ ଝିଅକୁ ଭଲ କରିବାଲାଗି ସନତ୍ ନାମକ ଯେଉଁ ଶିକ୍ଷକ ଜଣକୁ ବାଛିଥିଲେ, ସେ ବି ପଢ଼ା ଆରମ୍ଭ କରିଥିଲେ ଏକ ବର୍ଷୁକୀ ସଂଧ୍ୟାରେ ଏବଂ ବହି ପାଠଛାଡ଼ି ଜୀବନର ପାଠ ମୁଁ ତାଙ୍କଠାରୁ ଶିଖିଥିଲି ସେମିତି ଏକ ଅଂଧାରୀ

Digitized by PPRACHIN, SOA

ମୁହୂର୍ତ୍ତରେ । ସଂକୀର୍ଣ୍ଣ ସାମାଜିକ ବ୍ୟବସ୍ଥା ଭିତରେ ସେ ଛୋଟ ଜାତିର ମଣିଷ ଥିଲେ ମାତ୍ର ତାଂକ ଭଲପାଇବାକୁ ଅସ୍ୱୀକାର କରିପାରିଲିନି । ସକଳ ପାରିବାରିକ ଓ ସାମାଜିକ ପ୍ରତିରୋଧକୁ ଫାଙ୍କିଦେଲି । ଈଶ୍ୱରଙ୍କୁ ସାକ୍ଷୀରଖି ତାଙ୍କର ଭିତରେ ନିଖୋଜ ହୋଇଗଲି ଏକ ଅଂଧାର ରାତିରେ । ଏବଂ, ଆଉ ଏକ ଭୟଂକର ବତାସୀ ସଂଧ୍ୟାରେ ଏଇ କୋଳରେ ତାଙ୍କୁ ସବୁ ଦିନପାଇଁ ହରେଇ ବସିଲି । କ୍ୟାନ୍‌ସର୍‌ରେ ପୀଡ଼ିତ ତାଙ୍କ ଛିଣ୍ଡା ଧମନୀର ଲାଲ୍ ରକ୍ତରେ ଓଦା ହୋଇଯାଇଥିଲା ମୋ ଧଳାଶାଢ଼ୀ । ଆଜି ବି ସେମିତି ଏକ ସଂଧ୍ୟା । ପାଖରେ ତମେ । ଏକ ସର୍ବଗ୍ରାସୀ ସତ୍ୟ । ଅଥଚ ପ୍ରହେଳିକା । ମରୀଚିକା । କହିଲେ ଦେଖି, ଏକ ପ୍ରହେଳିକାମୟ ସତ୍ୟକୁ ଆପଣା ଭିତରେ ଅନନ୍ତ କାଳପାଇଁ, ଅନନ୍ତ କାଳପାଇଁ ବାଂଧି ରଖିବାର ସ୍ୱପ୍ନ କ'ଣ ପ୍ରବଂଚନା, ପ୍ରତାରଣା ନୁହେଁ ? ସତ କହିଲେ ?

ତମେ ବୋଧହୁଏ ଜାଣିନ ଦେବ । ସବୁ କିଛି ପାଇ ସହଜରେ ହରେଇ ଦେବାର ଭାଗ୍ୟଟିଏ ପାଇଛି ମୁଁ । କ'ଣ ଜୀବନରେ ନ ପାଇଚି ଯେ ? କେତେ ସୁନ୍ଦର ବାପା ବୋଉ । କେତେ ସ୍ନେହୀ । ପିଲାଦିନେ ଥିଲି ଚଗଲୀ । ରାଜକୁମାରୀ । ଅଭାବୀ ମାମୁଁ ଘରୁ ପୋରୁଆଁ ଅଷ୍ଟମୀରେ ନୂଆ ଜାମାପେଣ୍ଟ ଆସୁ ନ ଥିଲା ବୋଲି ବାପା ସାତ ସାତଟା ଜାମା କିଣି ଆଣୁଥିଲେ । ସେଗୁଡ଼ିକ ସେଇଦିନ ହିଁ ପିନ୍ଧୁଥିଲି । ଆଉ ଜୀବନରେ ଏମିତି ବେଳ ଆସିଛି, ସାତସିଆଁ ଫ୍ରକଟ୍‌ଟିଏ ମୋପାଇଁ ସାତ ସପନ ହୋଇଛି । ମାତ୍ର ତିନିଖଣ୍ଡ ଶାଢ଼ୀରେ କଲେଜ ଜୀବନ ବିତେଇଛି । ଆଉ ସନତ୍ ମୋର ଏ ସାତ ଚାଖଣ୍ଡ ଦେହପାଇଁ ଶତ ସହସ୍ର ଚାଖଣ୍ଡ କନା ସଂପାଦି ଦେଇଯାଇଛି । ଏ ଜନମରେ ବି ସେମାନେ ଶେଷ ହେବେନି । ସ୍କୁଲ ଆଉ କଲେଜର ସବୁ ପରୀକ୍ଷାର ଫର୍ମ ପୂରଣ କରିବାପାଇଁ ବୋଉର ଏକମାତ୍ର ସୁନାହାର କାହା ପାଖରେ ବାରମ୍ବାର ବଂଧାପଡ଼ିଛି । ମାସର ପନ୍ଦର ତାରିଖ ପରେ ଅନେକ ରାତିରେ ପେଟରେ ଓଦାକନା ଦେଇ ଶୋଇବାକୁ ପଡ଼ିଛି । ଆଠ ଆଠଟା ପୁଅଝିଅଙ୍କ ତୁଣ୍ଡରେ ଆଧାର ଦେବା ସେମାନଙ୍କ ପକ୍ଷେ ସମ୍ଭବ ହୋଇନି । ଅଥଚ ବେଳ ଆସିଛି, ମୋର ଏ ମିଛ ଦେହ ଛାଇହୋଇଯାଇଛି ମନଲାଖି ଅଳଙ୍କାରମାନଙ୍କରେ । ଛୋଟ ଘର ଭିତରେ ପୂର୍ଣ୍ଣତାର ଢେଉ ଉଠିଛି । ଏତେ ସୁଖ କିନ୍ତୁ ବେଶି ଦିନ ରହିନି ମ । ଜମାରୁ ସାତ ଆଠଟା ବରଷ । କୋଉ ଚତୁର ବାଜିକର ଯେମିତି ତା ଓର ଉଣ୍ଡି ନିଆଁ ଲଗେଇ ଦେଇଛି ମୋ ଫୁଲେଇପଣରେ । ପାଇବାର ସୁଆଦରେ ଫୁଲି ଉଠିଲାବେଳେ ସବୁକିଛି ହରେଇବସିଛି । ହରେଇଦେବାର କାରଣ ଖୋଜିଛି । ହେଲେ କିଛି ପାଇନି । ସେଇ ଭଲପାଉଥିବା ମଣିଷ ଜଣକ ମୋ ପୋଡ଼ା ଜୀବନକୁ ପରିପୂର୍ଣ୍ଣ କରିବାପାଇଁ କ'ଣ ବା ନ କରିଛି ? ମୋ ମୁହଁରେ ଖୋଲା ହସଧାରେ ଦେଖିବାଲାଗି କେତେ ସ୍ୱାଧୀନତା ନ ଦେଇଛି । ଭାବମୟ ଜୀବନ ବଂଚିବାଲାଗି କେତେ ଗଭୀର ବିଶ୍ୱାସ ଭରି ନ ଦେଇଛି ! ଏତେ ସ୍ୱାଧୀନତା, ଏତେ ପ୍ରେମ, ଏତେ ଐଶ୍ୱର୍ଯ୍ୟ ସତରେ ଅସହ୍ୟ ଦେବ ! ସକଳ ଉଲ୍ଲାସ ଆଉ ପ୍ରାପ୍ତିର

Digitized by PPRACHIN, SOA

ଗୋଟିଏ ଭୟଂକର ପରିଣତି ଥାଏ ନା ? ମୋ ଜୀବନରେ ଠିକ୍ ତାହାଇ ଘଟିଛି । ଆଉ ତମେ ? ତମେ ବୋଧହୁଏ ସେଇ ଇତିର ଏକ ଭିନ୍ନ ରୂପ । ମୋ ଜୀବନ ସଂଧ୍ୟାରେ ଆଉ ଏକ ଲୋହିତ ପ୍ରଦୀପ ।

ସୁତପା ଠିକ୍ ଏମିତି କଥା ସବୁ ଭାବୁଥିଲା କି ନା ମୁଁ ଜାଣିନି। ହେଲେ ଭାବୁ ନ ଥିବ କାହିଁକି ଯେ, ଭିତରର ଏଇ ନିଆଁନଗା ଅନୁଭୂତିକୁ କେହି କ'ଣ କେବେ ପାସୋରିପାରେ ? ପାସୋରିବା କ'ଣ ସମ୍ଭବ ?

ଅନେକ ସମୟର ନିରବତାର ପରଦା ଖୋଲି ସେ ମୋ ଆଡ଼କୁ ଅନିଷାକଲା । ଉଦାସ କଂଠରେ କହିଲା - କ'ଣ ଏତେ ଭାବୁଚ ? କାହା କଥା ? ଆଉ । ଉଠ ଯିବା ।

ହଠାତ୍ ମୋ ତୁଣ୍ଡରୁ ବାହାରି ଆସିଲା, କୋଉଠି କି ?

'ସେଇଠିକି' - ଉତ୍ତରଟି ଅନେକ ଆଗରୁ ତା ଭିତରେ କୋଉଠି ଯେମିତି ସାଇତା ହୋଇ ରହିଥିଲା ।

କହିଲି - କାହିଁକି ? ଏଠି ଏମିତି ଆଉ କିଛି ସମୟ ବସାଯାଇପାରେ ।

ତୃଷିତ ସ୍ୱରରେ ସେ କହିଲା - ନା ଦେବ, ଆଉ ପାରିବିନି । ସତ କଉଚି, ଅଧିକ ସମୟ ଏମିତି ବସି ରହିଲେ - ପାଉଁଶ ହୋଇଯିବି ।

କିନ୍ତୁ ସେଠିକି ଯାଇ କ'ଣ ବା କରିବ ?

ଅନେକ କିଛି କରିବାର ଅଛି । ତମେ ବା କ'ଣ ପାଇବ ଏତେ କଥାରୁ । ତାପରେ, ଜାଣି ଲାଭ ବା କ'ଣ ?

ପଚାରିଲି - ତଥାପି ଜାଣିପାରେ କି ?

ତମେ ସବୁ କିଛି ଜାଣିଚ । ଛଳନା ନ କଲେ କ'ଣ ଚଳନ୍ତାନି ?

ସୁତପାର ସ୍ପଷ୍ଟ ଉତ୍ତର ଅନେକ ଦୀର୍ଘଶ୍ୱାସ ସୃଷ୍ଟିକଲା ମୋ ଭିତରେ । ନିରବ ରହିଲି । ମୋ ଭିତରର ଅବ୍ୟକ୍ତ କୋହକୁ ସେ ସମ୍ଭବତଃ ପଢ଼ିପାରିଲା । ଆଂଠୁ ଉପରେ ସେମିତି ମୁହଁରଖି କହିଲା - ଏ ପୃଥିବୀରେ ସମସ୍ତେ ଭାରି ସ୍ୱାର୍ଥପର । କେହି କାହା ସୁଖ ଆଉ ଅଧିକାରରୁ ଏତେଟିକିଏ ଛାଡ଼ିବାକୁ ଚାହାନ୍ତି ନାହିଁ । ସତ ନା ?

ପରିବେଶର ଗମ୍ଭୀରତା ଭାଙ୍ଗିବାକୁ ଯାଇ କହିଲି - ତମେ ୟା ଭିତରେ ଏତେ ବଡ଼ ଦାର୍ଶନିକ ହୋଇଗଲଣି । ଏ ଅଧମ ଏ ରହସ୍ୟ ଆଜିଯାଏ ଜାଣିପାରିଲା ନାହିଁ । କେବେଠାରୁ ?

ସେ ଆଉରି ରହସ୍ୟକରି କହିଲା - ଯେବେଠାରୁ ତମ ସଂସ୍ପର୍ଶରେ ଆସିଲି । ସତ ନା ?

ମୁଁ ତାକୁ ଚାହିଁରହିଲି । ସମାହିତ ଆଖିରେ ।

ହସିହସି ସେ କହିଲା - "ମୋ କଥା ତମକୁ ଭାରି ଆଘାତ ଦଉଚି ନା ? ମୋର ଦୁଃଖ କ'ଣ ଜାଣିଚ ଦେବୁ, ମୁଁ ସମସ୍ତଙ୍କ ପାଖରେ ପ୍ରହେଳିକା ହୋଇ ରହିଗଲି ।

Digitized by PPRACHIN, SOA

ପଢ଼ିଲାବେଳେ କେତେ ଚତୁର ମୋ ଚାରି ପାଖରେ ଚକ୍‌କର ମାରୁଥିଲେ, ମୋ ଶାଢ଼ୀର ରଂଗକୁ ଖାପ ଖୁଆଇ ପୋଷାକ ତିଆରି କରୁଥିଲେ । ଅନେକ ତ କେତେ କବିତା ଲେଖି ପକୋଉଥିଲେ । ସୁତପାପାଇଁ ତପସ୍ୟା କରୁଥିଲେ, ମନେମନେ ଗୋଟାପଣେ ଭଲପାଉଥିଲେ । ଆଉ, ଜାଣି ନଥିଲେ, ମୁଁ ଫସିଯାଇଛି ଆଉ କାହା ପାଖରେ । ସେମାନଙ୍କୁ ଦେଖି ହସୁଥିଲି । ମନେମନେ କହୁଥିଲି, ପାଇଚ ଯେତେବେଳେ ମନଇଚ୍ଛା କବିତା ଲେଖ, କବି ହୋଇଯାଅ । ଆପତ୍ତି ନାହିଁ ।

ଏବଂ ଭଲପାଇ ଯୋଉ ମଣିଷକୁ ନିଜର କଲି - ସେ ତ ମତେ ଅନେକ ଦେଇଥିଲେ । ଭଳି ଭଳି ବେଶ ଆଉ ଐଶ୍ୱର୍ଯ୍ୟରେ ମତେ ଶୋଭାବନ୍ତ କରୁଥିଲେ । ହେଲେ ମୁଁ ତାଙ୍କ ପାଖରୁ ଅଧିକ କିଛି ଖୋଜୁଥିଲି । ଖୋଜୁଥିଲି କଳା, କବିତା, ଜହ୍ନରାତି, ଫୁଲ, ଫଗୁଣ, ବଂଶୀସ୍ୱନ, ଅନେକ । ସେ କିନ୍ତୁ ସେସବୁ କିଛି ବୁଝୁ ନ ଥିଲେ । ଠକମାନଙ୍କର ତରାଜୁରେ ଜୀବନର ସ୍ୱପ୍ନ ଆଉ କଳ୍ପନାମାନଙ୍କୁ ମାପୁଥିଲେ । ଏମିତି ମାପୁ ମାପୁ, ଯାହା କିଛି ସଂପାଦି ଥିଲେ, ସବୁକିଛି ନିଜ ହାତରେ ନେଇ ଚାଲିଗଲେ । ମତେ ଉପହାର ଦେଇଗଲେ ଅସୁମାରୀ ଯଂତ୍ରଣା, ସୁଦୀର୍ଘ ଅଂଧାର ରାତି ।

ଏବେ ସଂସାରକୁ ଫେରିବି । ମିଶିଯିବି ଠକାଠକି ଖେଳରେ । ଅପେକ୍ଷା କରିଥିବେ ନବେ ବରଷର ଶାଶୂ । ସୁନାବୋହୂ ହାତରୁ ନ ଖାଇଲେ ପେଟ ପୂରିବନି । ମୋର ଫେରିବାର ବିଳମ୍ବ ଦେଖି ରାଗିଯିବେ । ମାତ୍ର କେତେଟା ଟଂକା ହାତରେ ଗୁଂଜିଦେଲେ ରାଗ ଖସିଯିବ । ରାତି ସାରା ତାଂକୁ ନିଦ ହବନି । ସକାଳୁ ବଜାରରୁ କ'ଣ ଗୁଡ଼ାଏ ଜିନିଷ କିଣି ଆଉ ବସ୍ତିରେ ବାଂଟିଦେବେ । ତାଙ୍କର ଆନନ୍ଦ । ଅନୁ ଆଉ ସୋନୁ । ଦୁହେଁ ସେମାନଙ୍କ ସୁଖରେ ଖେଳୁଥିବେ । ମୋର ଅପେକ୍ଷା କରିଥିବେ । ଗଲେ, ବାଢ଼ିଦେବି, ଖାଇବେ ଏବଂ ସୁନାପିଲା ପରି ଶୋଇଯିବେ ବିଛଣାରେ । ଜମାରୁ ପଚାରିବେନି, ମା' ତୁ କୁଆଡ଼େ ଯାଇଥିଲୁ ? ଏତେ ଡେରି ହେଲା କାହିଁକି ? ଭାରି ଶୁଖିଲା ଦିଶୁଛୁ । ଖାଇନୁ କି ? ଆ ସାଂଗହୋଇ ଖାଇବା । ସେମାନଙ୍କର ସୁଖ ଦେଖିବା, ଅଂଟି ପୂରଣକରିବା ଯେମିତି ମୋର ଏକମାତ୍ର କର୍ତ୍ତବ୍ୟ ।

ଆଉ ତାପରେ ମୁଁ କ'ଣ କରିବି କୁହତ ?"

ଏପରି ବିଚିତ୍ର ପ୍ରଶ୍ନଟିଏ ମୁଁ ଆଶା କରୁ ନ ଥିଲି ସୁତପା ପାଖରୁ । ଆଶ୍ଚର୍ଯ୍ୟ ଆଖିରେ ତାକୁ କେବଳ ଚାହିଁରହିଲି ।

ହସିହସି କହିଲା - "ମୁଁ ଜାଣେ ଦେବ । ତମେ କହିପାରିବନି ସେ କଥା । ଦୁଧ ଗ୍ଲାସେ ପିଇବି, ତାପରେ ଦୁଇଟା ନିଦ ବଟିକା, ଖଟ ଉପରକୁ ଯିବି । ସେମାନଙ୍କ ମଝିକି । ସେମାନଙ୍କ ଆଖିରେ ଗହମ ନିଦ ଆଉ ସପନ । ଆଉ ମୋ ଆଖିରେ ? ମୋ ଭିତରେ ମାତ୍ର ଦୁଇଟି ବଟିକାର ମଂତ୍ର କାଟୁ କରିବନି । ପୁଣି ଗୋଟାଏ, କେବେ କେବେ ଦୁଇଟା । ଆଉ ତା'ପରେ ? କଳା ଜହ୍ନଟିଏ ଦୋଳିଖେଳିବ ମୋ ଆକାଶରେ । ଏକ ଚମତ୍‌କାର ସକାଳ । କାଉର କା ରାବ, ସୂର୍ଯ୍ୟୋଦୟ, ଥିରି ପବନ - ସେସବୁ

Digitized by PPRACHIN, SOA

ମିଛ, ପୂରା ମିଛ । ସତ କ'ଣ ଜାଣିଚ ନା ? ନା ଥାଉ ସେ କଥା । କହିଲେ - କଷ୍ଟପାଇବ ।

ଏ ସବୁ ନ ଥିବା ସଂସାରରେ ସମସ୍ତେ ଭାରି ସ୍ୱାର୍ଥପର ନା ? ଏଠି କେହି କାହା କଥା ଶୁଣନ୍ତିନି, ବୁଝନ୍ତିନି । କେବଳ ଅଭିନୟ କରୁଥାନ୍ତି । ସଫଳ ଅଭିନେତା ଅଭିନେତ୍ରୀମାନଙ୍କ ପାଖରେ କ'ଣ ବା ମୋର ପରିଚୟ ? ମୁଁ ତ ଏକ ମଲାନଈ । ଜୀବନ ଖୋଜୁଛି । ମୋ ଭିତରେ ଜୀବନର ସଂଗୀତ । ନିଜକୁ ଶୁଣୁଚି । ଅଥଚ ଧରି ରଖି ପାରୁନି । ଚେତନାକୁ ଯେମିତି କିଏ ରୁଂଧିଦଉଚି । ଚାରି ପାଖରେ କିଏ ମୁଣ୍ଡୁଳା କାଟି ଦେଇ କହୁଚି - ଏ ଗାର ଟପି ତୁ ବାହାରକୁ ଯାଇ ପାରିବୁନି । ସେ ଅଧିକାର କି ସ୍ୱାଧୀନତା ତୋର ନାହିଁ । ସଂସାରୀମାନଙ୍କ ସହିତ ସଂଗ୍ରାମକରି ପରାଜିତ ହେବାର ଏକ ନିଶ୍ଚିତ ଭୟ ମତେ ଆତଂକିତକରି ରଖୁଛି । କୋଉ ଜନମରେ କେତେ ଜୀବନ ଆଗରେ ଅଂସଖ୍ୟ ମରୀଚିକା ସୃଷ୍ଟିର କାରଣ ହୋଇଥିଲି ବୋଧହୁଏ । ଆଉ ସେଇ ଅପରାଧରେ ଏ ଜନମରେ ନିଜ ଭିତରେ ମରୀଚିକାମାନ ସୃଷ୍ଟିକରି ଚାଲିଛି । ଆଉ ପୁଣି କାଇଁକି, କୋଉ ସୁଖରେ, ଆଉ କାହା ପାଖରେ ସେଇ ଭୁଲ୍ କରିବି, ଦ୍ରୋହୀ ହେବି ? ତମର ଏକ ପରିପୂର୍ଣ୍ଣ ସଂସାର, ଦେବ । ପାଖରେ ସତୀ ଗୁଣବତୀ, ରୂପବତୀ । ଦୁଇଟି ଉଜ୍ଜ୍ୱଳ ଭବିଷ୍ୟତ । ତମେ ଜାଣିନ ଦେବ। ଏ ନାରୀମାନେ କେତେ ସ୍ୱାର୍ଥପର । ଈର୍ଷାକାତର । ନିଜ ଅଧିକାରର ସାମାନ୍ୟ ହସ୍ତାନ୍ତର ଏମାନେ ସହି ପାରନ୍ତିନି । ପାନରୁ ଟିକିଏ ଚୂନ ଖସିଗଲେ, ସଂସାରକୁ ଚୂନା କରିଦିଅନ୍ତି । ମୁଁ ତ ସେମିତି ନାରୀଟିଏ ନା ? ପୁଣି କାଇଁକି ସେଇ ଭୁଲକରିବି । ମତେ ନିଜ ଭିତରେ ବଂଚିବାକୁ ଦିଅ । ମୋ ନିଦ, ମୋ ଯଂତ୍ରଣା, ମୋ ପ୍ରତାରଣା, ମୋ ଅନୁରାଗ ଓ ସପନ ସବୁ କିଛି ମୋର, କେବଳ ମୋର । ସେଥିରୁ ଆଉ କାହିଁକି କାହାକୁ ଏତେ ଟିକିଏ ଭାଗଦେବି କହୁନ ।"

ସୁତପା ଆଉ କିଛି ଅଧିକ କହିବା ଅବସ୍ଥାରେ ନ ଥିଲା । ଏକା ନିଃଶ୍ୱାସରେ କହି ଯାଇଥିଲା ଏତେ କଥା । ତା ଭିତରର ପୂଂଜୀଭୂତ କୋହ ଯେମିତି ପରିବ୍ୟାପ୍ତ ହୋଇ ଯାଇଥିଲା ସମଗ୍ର ବିଶ୍ୱରେ ଏବଂ ତାରି ଅଦୃଶ୍ୟ ନାଭି ମଣ୍ଡଳରେ ଏକ ଅସହାୟ ବିନ୍ଦୁ ପରି ବଂଚିବାକୁ ଚାହୁଁଥିଲା ବିଚରା ଦେବଦାଶ ।

ତା ଆଖିରେ ଡୋଳା ଭାଂଗୁଥିଲା ଲୁହବିଂନ୍ଦୁ । ଅଳୀକ ଆଶ୍ୱାସନାର ହାତରେ ପୋଛିଦେବାକୁ ସାହସ ହେଲାନି । ଇଚ୍ଛା ହେଉଥିଲା, ତା ମଥାକୁ ଛାତି ଭିତରେ ଧରି ରଖିବାକୁ ଅନନ୍ତ କାଳପାଇଁ । ମାତ୍ର ସେପରି ସୁଯୋଗ ସେ ଦେଲାନି, ବରଂ ଚଷମାଟି ବଢ଼େଇ ଦେଲା ମୋ ହାତକୁ । ଛଳଛଳ ଆବେଗରେ କହିଲା, ଦେବ ତମେ ଭଲ ଭାବରେ ଜାଣିଚ - ମୁଁ ଏକ ପରିତ୍ୟକ୍ତା ମାଟି, ମାତ୍ର ଦେହରେ ବୀଜ ଅଙ୍କୁରିବାର ସକଳ ସ୍ୱପ୍ନ ଆଉ ସମ୍ଭାବନାକୁ କିଏ ଜଣେ ଶୋଷି ଦେଇଛି, ଆପଣା ଚକ୍ରାନ୍ତରେ ସଫଳ ହୋଇଛି । ଜାଣିନି, କହିପାରିବିନି କାହା ପାଖରେ କି ଅପରାଧ କରିଥିଲି ।

Digitized by PPRACHIN, SOA

ଏ ମାଟିରେ ମୋର ଭବିଷ୍ୟତକୁ ସ୍ୱୀକାର କରିବାକୁ ଅଛନ୍ତି ଦୁଇଟି ତରୁଣ ଗଛ । ସେମାନଙ୍କର ଆଖିରେ କେତେ ସୁନୀଳ ସ୍ୱପ୍ନ । ଆଉ ମୋ ଆଖିରେ ? ନିଦ ଟିକିଏ ପାଇଁ କେତେ ପ୍ରତ୍ୟାଶା । ମତେ ଅଧିକାର କରି ନେଇଥିବା ସେଇ ଅତି ସୁଖୀ ମଣିଷକୁ କେତେ ଖୋଜୁଛି । ଜାଣିଛି, ଯେତେ ମଥା ପିଟିଲେ ବି ସେ ଧରାଦେବେନି । ତାପରି ନିର୍ଭରଯୋଗ୍ୟ ଛାତିଟିଏ ପାଇବିନି ମଥା ଥାପିବାପାଇଁ । ଅଥଚ ଅଦୃଶ୍ୟ ଛାଇଟିଏ ପରି ସେ କେତେ ନାଟ ନ ଲଗାଇଛି ମୋ ଭିତରେ, ବାହାରେ, ଚଉପାଶରେ । ନା ଭୁଲି ପାରୁଛି ତାକୁ, ନା ଭୁଲି ପାରୁଛି ନିଜକୁ । ଏକ ରହସ୍ୟମୟ ସତ୍ତାକୁ କୋଳରେ ଧରି କେମିତି ବା ଶୀତଳ କରିବି ଏ ବ୍ୟାକୁଳତାକୁ ? ଏ ଅନନ୍ତ ବ୍ୟାକୁଳତାକୁ ଆତ୍ମସ୍ଥ କରି କେତେକାଳ ବା ଜଳୁଥିବି ନିଜ ଭିତରେ, କେତେ କାଳ ?

ଦେବ, ତମ କଥା ମନେପଡ଼ିଲେ କେଜାଣି କାଇଁକି ଭାରି ଦୁର୍ବଳ ହୋଇଯାଏ । ତମେ କି ମଂତ୍ର ଜାଣିଚ କେଜାଣି, ରୁଦ୍ଧ ଆବେଗ ଆପଣା ଛାଏଁ ତମ ପାଖରେ ଖୋଲି ହୋଇଯାଏ । ଏବେ ତ ତମ ପାଖରେ ମୁଁ । ନା ପାଖରେ ନୁହେଁ, ଭିତରେ । ତମେ ମୁକ୍ତ ଜୀବନର କଥା କୁହନା । ଜୀବନର କଂଟକିତ ବାଟରେ ଲହୁଲୁହାଣ ହୋଇ ତଥାପି ବଂଚିବାର କଳା ଶିଖାଅନା । ମତେ ଦୁର୍ବଳ କରିଦିଅନି । ଜହ୍ନରାତି ଦେଖାଅନି । ଦୀପକ ଶୁଣାଅନି । ଫୁଲରାଣୀ ବେଶରେ ସଜେଇ ଦିଅନି । କବିତା ଲେଖନି । ଅପେକ୍ଷା କରନି । ମୋ ଭଲପାଇବା ଭିତରେ ମୋତେ ବଂଚିବାକୁ ଦିଅ । ନ ହେଲେ, ମୁଁ ମରିଯିବି । ସତରେ ମରିଯିବି । ମୋ ପ୍ରାଣରୁ ସେ ପବିତ୍ର ଆତ୍ମାର ସୁବାସକୁ ପାସୋରି ପାରିବିନି । ନା ପାରିବିନି । ତମେ ମୋ ପୁଣ୍ୟ, ପାପ, ମୋ ସ୍ୱପ୍ନ, ମୋ ଆୟୁଷ ସବୁକିଛି ନିଅ, ତମ ପାଖରୁ ମୋର କିଛି ଲୋଡ଼ା ନାହିଁ । ତମ ପବିତ୍ର ଚେତନାରେ ନିର୍ଭୟରେ ମୋତେ ବଂଚିବାର ସୁଯୋଗ ଦିଅ । ଜଣେ ବଂଧୁ ଭାବରେ । ଆପଣାର ଅନ୍ତରଂଗ ବଂଧୁ । ବତୀଘର ।”

ସୁତପାର ପ୍ରତ୍ୟେକ ପ୍ରାଣବଂତ ଶବ୍ଦ ମୋତେ ଯେମିତି ମୋହାଛନ୍ନ କରି ରଖିଥିଲା । ଅବ୍ୟକ୍ତ ଅପରାଧବୋଧ ବାଡ଼ବାଗ୍ନି ପରି ଜଳିବାକୁ ଲାଗିଲା ମୋ ଭିତରେ । ଭାବି ପାରୁ ନଥିଲି - କ'ଣ ବା ଆବଶ୍ୟକ ଥିଲା ତା ପରି ଏକ ଭାବପ୍ରବଣ ପବିତ୍ର ସତ୍ତା ଭିତରେ ନିଜକୁ ସମର୍ପଣ କରିଦେବାରେ । ପ୍ରତାରଣାପୂର୍ଣ୍ଣ ଜୀବନକୁ ପାଥେୟ କରି କେହି କ'ଣ କେବେ ସୁଖୀ ହୋଇପାରେ ?

ସୁତପାର ମିଠାକଥାଗୁଡ଼ିକ ଶୁଣି ହସଲାଗିଲା । ବିଶ୍ୱାସ କରିପାରୁ ନଥିଲି - ମୁଁ କ'ଣ ସତରେ ଏମିତି ଏକ ମଣିଷ, ଏକ ବହୁରୂପୀ ବ୍ୟକ୍ତିତ୍ୱ । ନିକଟସ୍ଥମାଂନକୁ ତରଳେଇଦେବା ଯାହାର ଧର୍ମ । ଜଣେ ସ୍ପଷ୍ଟବାକ୍, କ୍ଷଣକୋପୀ ଏବଂ ଶିକ୍ଷକ କେବେ କ'ଣ କାହାକୁ ପୁଲକ ଦେଇପାରେ ? ତତେଇପାରେ ? ଅନ୍ୟର ହୃଦୟରେ ସୃଜିପାରେ ଅଦୃଶ୍ୟ ଓ ଛବିଳ ଚିତ୍ରପଟ୍ଟ, ଅଲିଖିତ କବିତା ଅଥବା ଅଶ୍ରୁତ ସଂଗୀତ ? ସେଥିରେ ପୁଣି ଆନ୍ତରିକ ବଂଧୁତା, ନୈର୍ବ୍ୟକ୍ତିକ ପ୍ରେମ । ତାହା ପୁଣି ଏକ ପରିଣତ ବୟସରେ ! ନା ମିଛ କଥା । ତାହା ମିଛ । ଅସମ୍ଭବ ।

Digitized by PPRACHIN, SOA

ସବୁକିଛି ଲାଗୁଥିଲା ମତେ ପ୍ରହେଳିକା ପରି । ନିଜ ପାଖକୁ ଫେରି ଆସିଲି ଏବଂ ସୁତପାକୁ ତା ହାତରେ ଟେକିଦେବାକୁ ଯାଇ କହିଲି – ସୁତପା, ତମକୁ ଥରେ ନୁହେଁ, ଅନେକ ଥର କହିଛି – ଭାବ ପ୍ରବଣତା ଏକ ମହାବ୍ୟାଧି । ଆଉ ଏକଥା ମଧ କହିଛି ସେଇ ଆଦିମ ବ୍ୟାଧିର ଆରୋଗ୍ୟପାଇଁ ଅବ୍ୟର୍ଥ ମହୌଷଧି ପୃଥିବୀର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧ ଅନୁଦ୍‌ଭାବିତ ରହିଯିବ । ଆମେ ପ୍ରତ୍ୟେକ ସେହି ଭୟଙ୍କର ବ୍ୟାଧିରେ ସଂକ୍ରମିତ । ତମେ ଆଉ ମୁଁ । ଦୁଇଟି ଏକକ ବିଂଦୁ । କେହି କାହାକୁ ଡାକିବାକୁ ଯାଇନେ । ଅଥଚ ପରସ୍ପରର ନିକଟତମ ହୋଇଛେ । ଅଥଚ ଆମେ ପରସ୍ପର ଉପରେ କେତେ ମାତ୍ରାରେ ନିର୍ଭରଶୀଳ । ଏଇ ନିର୍ଭରଶୀତଳତାର ଅନ୍ୟ ନାମ ତ ଦୁର୍ବଳତା, ଆପଣାର ସ୍ୱାଧୀନତାକୁ ଅନ୍ୟ ହାତରେ ନିଃସର୍ତ୍ତରେ ସମର୍ପି ଦେବାର ବ୍ୟାକୁଳତା । ତମେ କ'ଣ ଏମିତି ଏକ ଜୀବନକୁ ଭଲପାଅ ? ନା, ଭଲପାଅ ଏକ ମୋହମୁକ୍ତ ଜୀବନ । ଉତ୍ତର ଦେଇପାରିବ ?

ସେ ମୋ କଥାକୁ ସହଜରେ ସମୁଝିପାରିଲା ନାହିଁ ସମ୍ଭବତଃ ।

ଅବୋଧ ଆଖିରେ ମୋତେ ଅନିଷାକଲା ।

ତାକୁ ସହଜ କରିଦେବାକୁ ଯାଇ କହିଲି – ଗୋଟେ ଗପ କହିବି, ଶୁଣିବ । ଭାରି ଛୋଟ ଗପଟିଏ ।

ତା ମୁହଁରେ ସ୍ୱୀକୃତିର ପୁଲକ ।

କହିଲି – "ପୁରୁଷଟିଏ, ନାରୀଟିଏ । ମନେକର ସେମାନଙ୍କ ନାଁ ଦେବ ଆଉ ସୁତପା । ଦୁହେଁ ନିଜନିଜ ଭଲପାଇବା ଭିତରେ ଜୀବନ ବଂଚୁଥିଲେ । ସୁତପା ଭଲପାଇ ହାତଧରିଲା ସନତର । ସଂସାର ବାଂଧିବାର ମାତ୍ର ଆଠ ବରଷ ପରେ ହରେଇଥିଲା ଆପଣାର ଅନ୍ତରଂଗ ପୁରୁଷକୁ । ଅନ୍ୟ ପକ୍ଷରେ ଦେବ ବି କମ୍ ରସିକ ନଥିଲା । ପ୍ରେମକରି ସେ ବି ଉଡ଼େଇ ଆଣିଥିଲା ସତୀ ନାମ୍ନୀ ରମଣୀମଣିକୁ । ତା'ର ବି ଥିଲା ଏକ ପରିପୂର୍ଣ୍ଣ ସଂସାର ।

ଦେବ ଆଉ ସୁତପା ଦୁଇଟି ସ୍ୱତଂତ୍ର ନୀଡ଼ର ବିହାରୀ ଥିଲେ ବି ପରସ୍ପରକୁ ଭଲ ପାଉଥିଲେ । ସମ୍ମିଳନର ବ୍ୟାକୁଳତାରୁ ମୁକ୍ତ ନ ଥିଲେ । ଅଥଚ କେହି ଉଚିତ ମଣୁ ନଥିଲେ ଆପଣା ଆପଣାର ସଂସାର ଆଉ ସ୍ମୃତି ସହିତ ପ୍ରତାରଣା କରିବାଲାଗି । ଅବଚେତନରେ ସେମାନେ ନିଜ ଅସ୍ମିତା ଭୁଲି ଯାଇଥିଲେ । ମାତ୍ର କେହି କାହାକୁ ଛୁଇଁ ନ ଥିଲେ । ନିଜକୁ ନିଜେ ଜଗି ରହୁଥିଲେ ।

ସେଦିନ ଏକ ବର୍ଷୁକୀ ଶ୍ରାବଣ । ସୁତପା ଯାଇଥାଏ ନିଃସଙ୍ଗ ଜୀବନ ବଂଚିବାଲାଗି ପଣକରିଥିବା ଦେବ ଘରକୁ । ସୁତପା ନିହାତି ପ୍ରଗଲ୍‌ଭା । ଥରେ ତୁଣ୍ଡ ଖୋଲିଲେ ନିଜକୁ ସେ ଆଉ ଆୟତ୍ତ କରିପାରେନା । ଦେବ କିନ୍ତୁ ଅଲଗା । ସେ ବେଶି କଥା କୁହେନା । କିନ୍ତୁ ସମଝ୍‌ଦାରା ଶ୍ରୋତା ।

ଅନେକ ସମୟ ଆଳାପ ଭିତରେ ବୁଡ଼ିରହିଲା ପରେ ହଠାତ୍ ଉଭୟଙ୍କର ଇଚ୍ଛା

Digitized by PPRACHIN, SOA

ହେଲା ଚା ପିଇବାକୁ । ସୁଯୋଗ ବଶତଃ ଉଭୟେ ଥିଲେ ଚା'ଖୋର । ରୋଷେଇ ଘରୁ ଷ୍ଟୋଭ୍, ସସ୍‌ପେନ୍, ଚା, ଚିନି, ଅମୁଲ୍, କପ୍ ଓ ଅନ୍ୟ ଉପକରଣମାନ ଆସିଲା ଶୋଇବା ଘରକୁ । ସୁତପା ଷ୍ଟୋଭରେ ନିଆଁ ଧରେଇ ଦିଆସିଲି ବଢ଼େଇଦେଲା ଦେବ ହାତକୁ ।

ମାତ୍ର ଆକସ୍ମିକ ଭାବରେ ସୁତପାର ଶାଢ଼ୀ ଖସିପଡ଼ିଲା ଷ୍ଟୋଭ ଉପରେ । ନିଆଁ ଧରିଲା । ଏବଂ ଠିକ୍ ସେତିକିବେଳେ ସିଗାରେଟ୍‌ରେ ନିଆଁ ଧରୋଉ ଧରୋଉ ତାହା ଆକ୍ରାନ୍ତ କଲା ଦେବର ସାର୍ଟକୁ ।"

ଏତିକି କହି ଦେବ ନିରବ ରହିଲା । ମୁହଁରେ ଭିନ୍ନ ହସର ଜ୍ୟୋତି । ଏବଂ ସୁତପା ? ସେ ବି ଚାହିଁରହିଲା ଦେବ ମୁହଁକୁ ।

ତାପରେ ଘଟିଯାଇଥିବା ଘଟଣାର ସମ୍ଭାବ୍ୟ ଚିତ୍ରଟିଏ ଆଙ୍କିବାଲାଗି କେହି ବୋଧହୁଏ ମାନସିକତାରେ ନ ଥିଲେ ।

ଦେଇ ଗପକୁ ସେଇଠି ଶେଷ କରିଥିଲା । ଦେଖିଲି ଉଭୟେ ଥିଲେ ନିରୁତ୍ତରିତ ଓ ନିରୁଚ୍ଚାରିତ ।

ଆଗରେ ସୁନୀଳ ଆକାଶ । ଖଣ୍ଡିତ ଜହ୍ନ । ମ୍ଳାନ ଜ୍ୟୋତ୍ସ୍ନା । ସୀତାବଂଧ । କାତ ଆଉ ନାଉରୀ ବିହୀନ ହୁଲିଡଂଗା । ଏବଂ ସ୍ୱପ୍ନ କେଉଁ ପାହାଡର କେତେ ଉଚ୍ଚତାକୁ ଚଢ଼ିଯାଇଥିଲା କେଜାଣି ?

●●●

Digitized by PPRACHIN, SOA

ବୋଉ

|| ଏକ ||

ମତେ ଯଦି କିଏ ପଚାରେ – ଦେବ, ତୋ ବୋଉ କେମିତିଆ କହିଲୁ ? ମୁଁ ଚଟ୍‌କିନା ଏମିତି ଉତ୍ତର ଦେବି - ପୃଥିବୀର ନାରୀମାନଙ୍କ ମଧ୍ୟରେ ସେ ଅଧିକ ସୁନ୍ଦରୀ, ଅଧିକ ଗାଲେଈ, କାନ୍ଦୁରୀ, ହସକୁରୀ, ଚୋରଣୀ, କ୍ରୋଧିଣୀ, ମିଛେଇ, ସତେଇ, ଗର୍ବିଣୀ, ସାଧବାଣୀ, ଦରିଦ୍ରାଣୀ, ସାଧାରଣୀ, ଅସାଧାରଣୀ, କାଂପିଣୀ, ଦାନିଣୀ, ସହଣୀ, ଅସହଣୀ, ଚମତ୍‌କାର ଅଭିନୟକାରିଣୀ । ପୃଥିବୀର ଗୁଣବନ୍ତୀମାନଙ୍କର ଯେଉଁ ମୁହୂର୍ତ୍ତରେ ଜନ୍ମ ଓ ମୃତ୍ୟୁ । ସେ ମୁହୂର୍ତ୍ତର ହିଁ ସେଇ ଈଶ୍ୱରୀ ।

ଏବଂ, ଯଦି କିଏ ଅଧିକ ଛତରାମି କରି ପଚାରେ - ଅନ୍ୟମାନଙ୍କ ବୋଉମାନେ କେମିତି ?

ମୁଁ ନିଶ୍ଚିତ ଭାବରେ ଚଟ୍‌କିନା କହିବି - ଅବିକଳ ମୋ ବୋଉପରି । ଯୋଉ ଜନ୍ତୁମାନେ ସବୁ କଥା ଶୁଣୁଥାନ୍ତି, ଜାଣୁଥାନ୍ତି ସବୁ କାମ କରୁଥାନ୍ତି, ଏବଂ, କିଛି ଜାଣିନାହାନ୍ତି, କରିନାହାନ୍ତି ବୋଲି ମରିବା ପର୍ଯ୍ୟନ୍ତ କହୁଥାନ୍ତି, ସେମାନଙ୍କୁ ଆମେ କ'ଣ କହିପାରିବା ? ମହାଜନ୍ତୁ !

ଯିଏ ମୋତେ ଆଜି ପାହାନ୍ତାରେ ତା କୋଳ-ବିଛଣାରେ ଶୁଆଇ ପକେଇଥିଲା, ଜଂଘରେ ମୋ ମୁଣ୍ଡରଖି ବାଳ ସାଉଁଳି ଦେଉଥିଲା - ଏବେ ସେ ଟ୍ୟାକ୍‌ସି ପଛ ସିଟ୍‌ରେ ମୋ ଜଂଘରେ ତା ମୁଣ୍ଡ ରଖି ଶୋଇଛି । ବାଁ ପାଖରେ ବସିଛି ତା ଗେହ୍ଲୀ ବୋହୂ ସତୀ – ତା କୋଳରେ ତା ପେଟ ଓ ଛାତି । ଆଉ ପାଖରେ ବସିଛି - ନରକରୁ ଉଦ୍ଧାର କରିବାକୁ ହଜାରେ ଦେବତାଙ୍କୁ ପୂଜା କରିକରି ଜନମ କରିଥିବା ଏକମାତ୍ର ଝିଅ ଉଷା, ତା କୋଳରେ ତା ଜଂଘ ଓ ଗୋଡ଼ । ସେ ଶୋଇଛି ଆମ ତିନିଜଣଙ୍କ ଉପରେ । ଗାଡ଼ିରେ ଆଗରେ ବସିଛନ୍ତି - ତାକୁ ଆମପରି 'ବୋଉ' ଡାକୁଥିବା ଏବଂ ତାକୁ ପୃଥିବୀରେ ନିଜନିଜର ସବୁଠାରୁ ନିରାପଦ ଆୟତନ ମଣୁଥିବା ଦୁଇ ନାତି ଲିଟୁ ଓ ଟୁଲୁ - ଦିଇଟା ବିଶୁଦ୍ଧ ବାଇଡଙ୍କ ।

ତା କଳା ମୁଚୁମୁଚୁ ଲଂବା ଓ ଗହଳା ବାଳକୁ ସାଉଁଳି ଦେଲି । ନଇଁପଡ଼ି ତା କପାଳରେ ଚୁମାଦେଲି । ଉଷା ଆଉଁଶି ଦେଉଥାଏ ତା ପାଦକୁ । ତା ନାକ ଆଉ

Digitized by PPRACHIN, SOA

ପାଟିରୁ ନିଗିଡ଼ି ପଡୁଥାଏ ପଚରା କଳାପାଣି । ପାଖରେ ଥିବା ସଫା କନାରେ ପୋଛି ଦେଲି । ତାକୁ କଷ୍ଟ ହେଉଥାଏ କି କ'ଣ, ବାରମ୍ବାର ଚହଲି ଯାଉଥାଏ । ଶାନ୍ତିରେ ଶୋଇପାରୁ ନଥାଏ । ତାକୁ ବାରମ୍ବାର ପଚାରୁଥାଏ - ବୋଉ, କାଟୁଛି କି, କିଛି କହୁନୁ କାହିଁକି ? ତା କଥା କୁହା ଶେତା ଆଖି ଦୁଇଟା କେତେବେଳେ ବୁଜି ହୋଇଯାଉଥାଏ ତ, କେତେବେଳେ ବିକଳ ହୋଇ ମତେ ଚାହୁଁଥାଏ । ମୁଁ ତାକୁ ପଚାରୁଥାଏ ସେଇ ଗୋଟିଏ କଥା - ବୋଉ, ବୋଉ, ଏ ବୋଉ, କିଛି କହୁନୁ କାହିଁକି ? ତୁ ତ ଗାଁକୁ ଯିବାକୁ କହିଲୁ । କହିଲୁ ମା' ପାଖରେ ରହିଲେ, ଦିନ କେଇଟାରେ ଭଲହୋଇଯିବୁ । ଆଉ, ଠିକ୍ ହୋଇଗଲା ପରେ ପୁଣି ପଳେଇ ଆସିବୁ ମୋ ପାଖକୁ । କାଟୁଚି ନା ! ହଉ ଶୋଇପଡ଼ ।"

ଯେତେ ଯାହା ପଚାରିଲେ ବି କିଛି ବୋଲି କିଛି କହୁ ନଥାଏ । ମୋ କଥା କ'ଣ କିଛି ଶୁଣି ପାରୁନି ? ଖାଲି ଲୁଲୁଲୁଲୁ କରି ଚାହୁଁଚି । ଏତେ ସୁଂଦର ଆଖିଯୋଡ଼ିକରେ ସେ କଣ କିଛି ଦେଖିପାରୁନି ? କହିବାର ଶକ୍ତି କଣ ସେ ହରେଇ ବସିଛି ? କହି ପାରୁଥିଲେ, ମୋତେ ଏମିତି ଆଖିରେ ଅନେଇରହନ୍ତା କାହିଁକି ? ହାତ ଉଠି ପାରୁଥିଲେ, ମୋତେ ସେ ବରଂ ଆଉଁଶି ଦଉଥାନ୍ତା । କହୁଥାନ୍ତା - "ବାପାରେ ଥାଉ, ତତେ କାଟିବ । ଲେଖିଲେଖି ହାତ ଦିଇଟା ତୋର ଘୋଳେଇ ପଡ଼ିଥିବ । ଧଇଲୁ ଟିକିଏ - ଡେରି ହେଇ ବସିବି । ଶୋଇଶୋଇ ଚିଡ଼ିଲାଗିଲା । ଦେଲୁ ବାପା, ପାଣି ଟିକେ ଦେ, ଅଙ୍ଗୁର କୋଳି ଦିଇଟା ଦେ ।

ମୁଁ ତାକୁ ଅଙ୍ଗୁର ବଢ଼େଇ ଦେଲାମାତ୍ରରେ ସେ ଗୁଂଜି ଦିଅନ୍ତା ମୋ ପାଟିରେ । କହନ୍ତା - ତୁ ଆଗ ଗୋଟାଏ ଖାଇଦେ, ଅଧା ଖାଇଦେ, ପାଗଳାଟା ।"

ସେ କିଛି କହୁ ନଥାଏ । ତଣ୍ଟି ଶୁଖି ଯାଉଛି ବୋଧହୁଏ । ନଇଲେ ଓଠ ଏମିତି ଥରି ଉଠୁଥାନ୍ତା କାହିଁକି ? ପିଲାଙ୍କ ପରି ଆଖିପତାମାନେ ଉଠାପକା ହେଉଥାନ୍ତେ କାହିଁକି ? ସେ ଇଚ୍ଛା ଅନୁସାରେ ଆଉ କିଛି ବାରିପାରୁନି ବୋଧହୁଏ । ଅଙ୍ଗପ୍ରତ୍ୟଙ୍ଗମାନେ ଚଳମାନ ହେଉଛନ୍ତି, ସେମାନଙ୍କ ଇଚ୍ଛା ଅନୁସାରେ ।

ତା ମୁହଁକୁ ଚାହିଁଲି । ସେଠି ଯେମିତି ଘୋଟିରହିଛି ଅନେକ ଆଂନଦ, ସୁଖ ଓ ଯନ୍ତ୍ରଣା । ଏତେ ମଧୁର ସ୍ୱର ପାଇଥିବା ମଣିଷ ଜଣକ ଅନେକ କିଛି କହିବାକୁ ଚାହୁଁଚି, ଅଥଚ କହି ପାରୁନି । ଅଙ୍ଗମାନଙ୍କୁ ଆଉ ଖଟଣି କରିପାରୁନି ।

ମୋ ଆଖିମାନେ ତାକୁ ଚାହିଁ ପାରୁନାହାନ୍ତି । ଗାଡ଼ି କବାଟର କାଚ ଡେଇଁ ସେମାନେ ବାହାରକୁ ଉଡ଼ିଯିବାପାଇଁ ଉଚ୍ଚାଟ ହେଉଚନ୍ତି । ପାରୁ ନାହାନ୍ତି, ଫେରି ଆସୁଚନ୍ତି ତା ମୁହଁ ପାଖକୁ । ଗାଡ଼ିରେ ପାଦଦେବା ମାତ୍ରକେ ସୁଖ ନିଦ୍ରାରେ ସପନ ଦେଖିବା ବରପାଇଥିବା ସତୀକୁ ନିଦରୁ ଉଠେଇ ପାରୁନି ଏବଂ ପାଦ ଚିପିଦେଉଥିବା ଉଷାକୁ ତୁଣ୍ଡ ଖୋଲି କିଛି କହିପାରୁନି । କ'ଣ ବା କହିବ ସେମାନଙ୍କୁ? ଜୀବନକୁ ବୁଝିବାକୁ ଚେଷ୍ଟାକରୁଚି ଏବଂ ବାରମ୍ବାର ପରାଜିତ ହେଉଚି ନିଜ ପାଖରେ ।

Digitized by PPRACHIN, SOA

ପାଣ୍ଡିତ୍ୟ କ'ଣ ମଣିଷକୁ କେବେ ଜଗତ ଓ ଜୀବନ ସଂପର୍କରେ ସର୍ବଶେଷ ଅନୁଭବ ଦେଇପାରେ ? କେଜାଣି, ପଣ୍ଡିତମାନେ କହିବେ ସେ କଥା । ରାଗ ଆସୁଛି ବୋଉ ଉପରେ । ନିଜ ଉପରେ । ହଁ, ତା ଉପରେ ଆଉ ରାଗକରି ଲାଭ କ'ଣ ?

ତାକୁ କ'ଣ ମୁଁ ସତରେ ଚିହ୍ନିପାରିଚି ? ଜାଣି ପାରିଚି? ସେ ତା'ର ସବୁ କିଛି ଦେଇ ମୋତେ ଏ ମାଟିକୁ ଆଣିଛି ! ମୋପାଇଁ ନିଜକୁ ମାଟି କରିଛି । ନିଜ ବିଷୟରେ କେତେ କଥା କହିଛି । ମାତ୍ର ଏକଥା ବି କହିଛି - ବାପା, ନିଜ ଭିତର ସବୁ କଥା ନିଜ ବ୍ୟତୀତ ଆଉ କାହା ପାଖରେ କହିହୁଏନି । ଯୋଉମାନେ କୁହନ୍ତି - ଯାହା କଉଚି ସବୁ ସତ, ସେମାନେ ନିଦା ମିଛୁଆ । ଯୋଉମାନେ କୁହନ୍ତି - ମୁଁ ତା ବିଷୟରେ ସବୁ କିଛି ଜାଣେ, ମୁଁ ଯାହା ଜାଣିଚି ଆଉକେହି ଜାଣି ନାହାନ୍ତି, ସେମାନେ ବି ତୁଚ୍ଛା ଗାଲୁଆ । ସେମାନଙ୍କ କଥାଗୁଡ଼ାକ ଅଧା ସତ, ସତର ଏକ ଭ୍ରମ ।

ତେବେ ସେ ତା ବିଷୟରେ ମୋତେ ଯାହା ସବୁ କହିଛି - ସେଗୁଡ଼ାକ କଣ ମିଛ ? କେବଳ ଗପ । ଆଉ କିଛି ନୁହେଁ ?

ମୁଁ ଲକ୍ଷ୍ୟ କରିଛି - ସେ ନିଜ କଥା କହିଲାବେଳେ ବେଶ୍ ଭାବପ୍ରବଣ ହୋଇଉଠେ । ତା କଥାକୁହା ଆଖି ଦୁଇଟି ଛଳ ଛଳ ହୋଇଯାଏ । ପୁଣି କେତେବେଳେ ହସିଦିଏ, କେତେବେଳେ ରାଗରେ ପାଚି ଲାଲ୍ ପଡ଼ିଯାଏ, ଆଉ କେତେବେଳେ ଦୁଶେ ଭାରି ପ୍ରଶାନ୍ତ, ସମାହିତ । ତା ଜୀବନର କଥା ଲାଗେ - ଯେପରି କୋହ ଓ ଲୁହର ମହାକାବ୍ୟ ।

ବେଳେ ବେଳେ ଅଭିମାନରେ ଥମ ଥମ ଦୁଶେ ତା ମୁହଁ । କହେ - "ବାପାରେ, ପୂର୍ବ ଜନମରେ ମହାପାତକୀ ଥିଲି । କାହାକୁ ସୁଖ ଦେଇ ନ ଥିଲି । ଏ ଜନମରେ ଆସିଲାବେଳେ ଉପରବାଲାପାଖରୁ କାଣିଚାଏ ସୁଖ ବି ମାଗି ଆଣିପାରିନି । ତେଣୁ ଆଉ କାହାପାଖରୁ ସେ ସଂପତ୍ତି ଆଶାକରିବି କାଇଁକି ? ଜୀବନ ତ ସେୟା ନା ? ମୁଁ ତ ଦୁଃଖରେ ନାଇଁ, ଭାରି ସୁଖରେ, ଆନନ୍ଦରେ ଅଛି । ଈଶ୍ୱର ତ ମୋତେ ଅଭାବରେ ରଖିନାହାନ୍ତି । ତେଣୁ କାନ୍ଦିବି କାହିଁକି ? ତେଣୁ ଯାହା ଜୀବନରେ ମିଳୁଛି ସେତିକିକୁ ଆଦରିନେଇ ହସିଦେବାରେ ମଜାନାଇଁ ?"

ସେ ଏତେ କଥା କେବଳ କହେନି । ସତରେ ହସିଦିଏ, ଲୁଗାକାନିରେ ହାତପୋଛି ପକେଇ ନିଜ ଧଂଦାରେ ଲାଗିଯାଏ ।

ମୁଁ ତାକୁ କେବଳ ଅନିଷାକରି ରହିଥାଏ । ତାକୁ ବୁଝିଲାପରି ଲାଗେ । ମାତ୍ର ବୁଝିପାରେନି ।

ମୁଁ ଜାଣିଛି - ସେ ବାହା ହୋଇଥିଲା ଆଠ ବର୍ଷ ବୟସରେ । ଧୂଳି ଖେଳୁଥିଲା । ନଂଗଳା ହୋଇ ବୁଲୁଥିଲା । ମୋ ବାପା, ତା ବାପାଙ୍କୁ ଅଶୀ ଟଙ୍କା ଦେଇ ଆମ ଘରକୁ ଆଣିଲେ । ବେଦୀରେ ବସି ବାହା ହୋଇପଡ଼ିଲେ । ତାଙ୍କ ବୟସ ସେତେବେଳକୁ ଜମାରୁ ତିରିଶ । ଆଜିକୁ ପ୍ରାୟ ସତୁରୀ ବରଷ ତଳେ ଅଶୀ ଟଂକା । ବାପାଙ୍କ ପାଖରୁ

Digitized by PPRACHIN, SOA

ଟଙ୍କା ନେଇ ତା ବାପା ଜମି କିଣିଲେ, ଘର କଲେ । ଆଉ ମୋ ବାପା କନିଆ ପାଇଗଲେ ।

ବୋଉ ତା ନୂଆ ଘରକୁ ଆସି ଦେଖିଲା - ସେଠି ତିନି ଜଣ ନୂଆ ମଣିଷ । ଦିଇଜଣ ମରଦ । ବାପା ଓ ତାଙ୍କ ସାନଭାଇ - ଅବାଡୁଅ । ଆଉ ଜଣେ ଅଳପ ବୟସର ବିଧବା, ସୁନ୍ଦରୀ, ବଡ଼ପାଟିଆଣୀ । ବଡ଼ଘର ଅଛି । ଦୁଆର ଅଛି । ସବୁ ଜଙ୍ଗଲ ହୋଇ ପଡ଼ିଛି । ବିଲ ଅଛି, ବଳଦ ଅଛନ୍ତି, ଚାକର ଅଛନ୍ତି । ଭଲ ଫସଲ ହଉଚି, ତିନିଟା ପେଟକୁ ବୁକୋଉଚି । ଘରେ ସବୁଦିନେ ପରବ । ଓଷାବାର । ସବୁଦିନେ ପଲେପଲେ କୁଣିଆଁ - ତିନିଶହ ଛ'ଷଠୀ ଦିନ । ସେ ଘରର ବୋହୂ ନୁହେଁ, ଚାକରାଣୀ ହୋଇଗଲା । ସବୁ କାମ ହାତରେ କଲା । ବାରିର ଲଂକା, ଶାଗ, ଲେମ୍ବୁ, ଖଡ଼ା, ଆଳୁ, ଅଦାର ସେବା କଲା । ଗୁଆଳେ ଗାଈ ବଳଦଙ୍କର ଯତ୍ନ ନେଲା । ବଡ଼ ଯାଆ ହୋଇଗଲା ରାଣୀ । ଆଉ ସେ ଚାକରାଣୀ । କାମ କରିକରି ଥକି ପଡ଼ିଲେ, ଦିହ ଦୁଃଖେଇଲେ, କେହି ତା ମନ କଥା ବୁଝିଲେନି, ଆହା କଲେନି । ବିଧା, ଗୋଇଠା, ଚଟୁ, ଡଂକା, ଚୁଲି ଉଖୁରିଆ ଆଦି ଉପରକରଣଗୁଡ଼ିକ ତାର ସେବା କଲେ । ତା ଲମ୍ବା ଗହଳ ବାଳ କେରାକ ବଡ଼ ଯାଆକୁ ଏ ସବୁ କାମରେ ଭାରି ସାହାଯ୍ୟ କରୁଥିଲା । ଦିନେ ଦିନେ ତତଲା ନୁହା ଖଡ଼ିକା ବି ତା ଦେହ ସେବାରେ ହେଳା କରୁନଥିଲେ । ଆଖିରୁ ନୁହ ଝରେଇଲେ, ରାତିରେ ଏକୁଟିଆ ଦାଣ୍ଡରେ ଛାଡ଼ି ଦିଆଯାଉଥିଲା । ଏ ସବୁ କିଛି ଥିଲା ତାର ମଧୁର ଶୈଶବର ଭାଗ୍ୟ ।

ବଡ଼ ହେଲା ପରେ ତା ଭାଗ୍ୟରେ ବିଶେଷ କିଛି ପରିବର୍ତ୍ତନ ଆସି ନ ଥିଲା । ବରଂ ମାନସିକ ଯନ୍ତ୍ରଣା ସହିସହି ସେ ମୂକ ପାଲଟି ଯାଇଥିଲା । ତାର ସ୍ୱାମୀ ଥିଲେ ଅଥଚ ପତ୍ନୀ ଉପରେ ଚାଲିଥିବା ଅବିବେକିତା ବିରୋଧରେ ତୁଣ୍ଡ ଖୋଲୁ ନଥିଲେ । କାହାକୁ କଂଣପାଇଁ ଏତେ ଭୟ କରୁଥିଲେ କେଜାଣି ? ବୋଉକୁ ଅନେକ ଥର ବାପାଙ୍କ ନିରବତାର କାରଣ ପଚାରିଛି । ସେ ସବୁଥର ଚୁପ୍ ରହିଛି । ସତ୍ୟକୁ ନୁଚେଇବାକୁ ଚେଷ୍ଟା କରିଛି ।

ତାର ଏକମାତ୍ର ଦିଅର, ଆମମାନଙ୍କର ସାନବାପା ତ ପ୍ରାୟ ଘରେ ରହୁ ନଥିଲେ । କଲିକତାରେ କାମ କରୁଥିଲେ । କାମ କହିଲେ - କୋଉ ବଂଗାଳୀ ଘରେ କେତେବେଳେ ପୁଝାରୀ ତ, ଆଉ କେତେବେଳେ ଠାକୁର ପୂଜା । ବାପା ବି ମଝିରେ ମଝିରେ କଲିକତା ଯାଉଥିଲେ । ପରେ, ଘର କାମର ଚାପରେ ଯିବା ବଂଦକରିଦେଲେ ପୂରାପୂରି । ସାନବାପା କିନ୍ତୁ ବାହା ହୋଇ ନଥିଲେ । ବାହା ନ ହେବାର ବହୁ କାରଣରୁ ଗୋଟିଏ ହେଲା - ବାହାଘର ପୂର୍ବରୁ ତାଙ୍କର ଶାରୀରିକ ଅସୁସ୍ଥତା । କି ରୋଗ ହେଲା କେଜାଣି, ଡାକ୍ତରଖାନାରେ ଅପରେସନ୍ ହେଲେ, ବାହାଘର ଭାଙ୍ଗିଗଲା । ଆଉ ଠିକ୍ ସେଇ ସମୟରେ ମୁଁ ମାଟିକି ଆସିଲି । ସାନବାପା ଭାରି ଖୁସି ହେଲେ । କହିଲେ - ମୁଁ ବାହା ହୋଇଥାନ୍ତି ବଂଶରକ୍ଷାପାଇଁ । ଫଳ ତ ପାଇଗଲି । ଆଉ ଝାମେଲାରେ ପଶିବି କାଇଁକି ? ତାଙ୍କ ଭୀଷ୍ମ ପ୍ରତିଜ୍ଞା ଆଉ ଟଳି ନ ଥିଲା ।

Digitized by PPRACHIN, SOA

କେଜାଣି କାହିଁକି ମୋ ବଡ଼ ବୋଉ ଚାହୁଁ ନଥିଲା ମୁଁ ପୃଥିବୀକୁ ଆସେ ବୋଲି । ଏଥିପାଇଁ ଗୁଣିଆମାନଙ୍କ ପାଖରୁ ଔଷଧ ଆଣୁଥିଲା । ବୋଉକୁ ଖାଇବାକୁ ଦଉଥିଲା । ଦଉ ନ ଥିଲା ତ, ନିଜ ହାତରେ ଖୁଆଇ ଦଉଥିଲା । ସଂଦେହ କରି ସେ ମନାକଲେ, ଧୁମ୍ ପିଟୁଥିଲା । ବାଳଧରି ଘୋଷାରି ଘୋଷାରି ଦାଣ୍ଡରେ ପକେଇ ଦଉଥିଲା । ରାଗିଗଲେ ସେ ନିଜ ଆୟତ୍ତରେ ରହୁ ନଥିଲା । ବାପା, ବୋଉ ଦି ଜଣଙ୍କୁ ପିଟୁଥିଲା । ଗ୍ରାମ୍ୟ-ସଂସ୍କୃତ ଶବ୍ଦମାନଙ୍କରେ ସେମାନଙ୍କର ସ୍ତୁତି କରୁଥିଲା । ରୋଷେଇ ଘରୁ ହାଣ୍ଡି ମାଠିଆ, ବଣା, ଘଡ଼ିମାନଙ୍କୁ ଆଣି ଦୁଆର ମଝିରେ ଢୋ ଢୋ କରି କଚାଡୁଥିଲା । ବେଳେ ବେଳେ ଦାଣ୍ଡକୁ ଫିଙ୍ଗି ଦେଉଥିଲା । ଚାକୁଣ୍ଡାମାଳର କିଆ ଗୋହିରୀରେ ପାହାଡ଼ ପ୍ରମାଣେ ଗଦା ହେଉଥିଲା ଆମ ଘରର ହାଣ୍ଡି, ମାଠିଆ, ପଲମ, ଘୁମ । କୁମ୍ଭାର ଘରେ ବର୍ଷକୁ ପ୍ରାୟ ଅଧଭରଣେ ଧାନ ହାଣ୍ଡି ମାଠିଆ କିଣାରେ ପଶୁଥିଲା । ଘରେ ସମସ୍ତେ ଠିଆ ଉପାସ ରହୁଥିଲେ । ଆଉ ସେ ନିଜେ ତା ଘରେ ସଂପାଦିଥିବା ଚୁଡ଼ା, ଉଖୁଡ଼ା ଖାଇ ଆରାମରେ ଖଟ ଉପରେ ଶୋଇଯାଉଥିଲା ।

ଦିନେ ଦିନେ ରାଗ ତମତମ ହୋଇ ବାପାଙ୍କୁ ଘୋଷାରି ନଉଥିଲା ତା ଶୋଇବା ଘର ଭିତରକୁ । ଭିତରପଟୁ କବାଟ କିଳି ଦଉଥିଲା । ଆଉ ଦିନେ ଦିନେ ବୋଉକୁ ତା ଶୋଇବା ଘରେ ପୂରେଇ ବାହାରପଟୁ ତାଲା ଦେଉଥିଲା । ସମସ୍ତେ ଲଂଘାରେ ଶୋଉଥିଲେ । ବାପାଙ୍କ ସହିତ ତାର କଥା ହେବାର ଦେଖିଲେ, ଖଣ୍ଡ ପ୍ରଳୟ ସୃଷ୍ଟି କରୁଥିଲା । ବକଟେ ଘର ତା ପ୍ରତାପରେ ଉଠ୍‌ପଡ଼୍ ହେଉଥିଲା । ତାର ସବୁ ଦୌରାତ୍ମ୍ୟକୁ ବିନା ପ୍ରତିବାଦରେ ବୋଉ ସ୍ୱୀକାର କରୁଥିଲା ।

ମୁଁ ବେଳେ ବେଳେ ପଚାରିଦିଏ - ବୋଉ, ତୁ ଏତେ ମାଡ଼ଗାଳି ସହି ପ୍ରତିବାଦ କରୁ ନଥିଲୁ କ'ଣ ପାଇଁ ? ଯୋଉଦିନ ତୁ ଠିକ୍ ତାରି ପରି, ତୋ ହାତରେ ବାଡ଼ି ଖଣ୍ଡିଏ ଧରିଥାନ୍ତୁ, ତା ହାତର ବାଡ଼ି ଆପେ ଆପେ ଖସିପଡ଼ିଥାନ୍ତା ।

ମୋ କଥା ଶୁଣି ସେ ହସି ଦେଉଥିଲା । କହୁଥିଲା ଗୁରୁଜନଙ୍କ ଉପରକୁ ହାତ ଉଠାଇବା ମହାପାପ । ଆଉ ତୋ ବଡ଼ବୋଉ, ଦେଖିବାକୁ ଯେମିତି ଦେବୀଟିଏ । ସୋରିଷ ଫୁଲ ପରି ଦେହର ରଂଗ, କଳା ମଚମଚ ଲଂବା ଗହଳା ବାଳ, ଟଣା ଟଣା ଆଖି, ସରୁ ଅଣ୍ଟା । କେଡ଼େ ଛନଛନ ଚାଲି ! ଚାହିଁଦେଲେ, ଆଖି ଖୋସି ହୋଇଯିବ । ଦାଣ୍ଡଗଲା ଲୋକ ନ ଚାହିଁ ରହିପାରିବେନି । ଯେମିତି ସରଗର ପରୀ । ବିଧାତା ତାକୁ ଏତେ କୋଟିକମ କରି କେମିତି ତିଆରି କରିଥିଲା କେଜାଣି ? ତା ରୂପ ଭିତରେ କ୍ରୋଧକୁ ଦେଖିଲେ ମୋର ଦେହ ଥରିଯାଏ, ତୁଣ୍ଡ ଖୋଲି ପାରେନି ।"

ବଡ଼ବୋଉର ରୂପ ବର୍ଣ୍ଣନା କଲାବେଳେ ବୋଉର କବିତ୍ୱକୁ ମୁଁ ତାରିଫ ନ କରି ରହିପାରେନି । ତାକୁ ଚାହିଁ ହସିଦିଏ । ମନେ ମନେ କହେ - ତୁ କ'ଣ କମ୍ କି ? ତମ ଦୁହିଁଙ୍କ ଭିତରେ ଫରକ୍ ଏତିକି ଯେ, ତୋ ରଙ୍ଗ ଜହ୍ନିଫୁଲ କି ଜହ୍ନିମଞ୍ଜି ପରି ଗୋରା ନୁହେଁ । ମଝାମଝି । ସାବନା, ଚିକ୍‌କଣ । ଏତେ ସଫାସୁତୁରା ଯେ ମଳିଟିକିଏ

Digitized by PPRACHIN, SOA

ବି ମିଳିବନି । ବୋଉଲେ, ତୋ ବାଳ କେରାକ, ପିଠିସେବା କରିବାଲାଗି ବଡ଼ବୋଉକୁ ଭାରି ସାହାଯ୍ୟ କରୁଥିବ ।

ମୋ କଥା ଶୁଣି ସେ ହସିଦିଏ । କହେ - ପାଗଳାଟା ।

ତା କଅଁଳ ଦେହ ଆଉ ମନ, ମାଡ଼ ଗାଳି ଖାଇଲେ, ରାଗ କି ଅଭିମାନ୍ କଲାନି । ପ୍ରତିବାଦ କରିବାକୁ ଉଚିତ ମଣିଲାନି । ଆମକୁ ପାଇବାପାଇଁ ଘରର କୁଳଦେବୀ ମା’ କନକଦୁର୍ଗାଙ୍କୁ କେତେ ଡାକିଲା । ତେରମାଣପୁର ହୁକୁମ ପାଖକୁ ଗଲା । ନୃସିଂହଙ୍କ ପାଖରେ ଅଧା ପଡ଼ିଲା । ତା ସହିତ ବାପା ବି ଗଲେ । ସେମାନଙ୍କ ଦୟାରୁ ଆମେମାନେ ପୃଥିବୀକୁ ଆସିଲୁ । ଘର ବଦଳିଗଲା । ବଡ଼ବୋଉ ବି ବଦଳିଗଲା, ବୋଉ ଉପରକୁ ତା ହାତଗଲାନି । ଅଧା ବୟସରେ ଦୁନିଆଯାକର ରୋଗ ମାଡ଼ିବସିଲା - ତା କମକରା ଦେହକୁ । ଗୋଡହାତ କଦଳୀ ଗଣ୍ଡି ପରି ଫୁଲିଗଲା, କଳା ମୁଚୁମୁଚୁ ବାଳ କେରାକ ଝଡ଼ି ପଡ଼ିଲା । ଧଳା ପଡ଼ିଗଲା । ଖାଦ୍ୟ ହଜମ ହେଲାନି । ହାଡ଼ ଥରିଲା । ସବୁ କଥାକୁ ଅସୁଖ ପାଇଲା । ଗରଗର ହେଲା, ବୋଉର ହୋଇଗଲା ସାନ ଝିଅଟିଏ । ଝିଅଟିଏ, ମାତ୍ର ନିକ୍କମା ।

ପଛକଥା ମନେପକେଇ ବେଳେ ବେଳେ ସେ କହେ - ପାଗଳା ତୁ ଜାଣିଚୁ, ତୋ ଜନମବେଳେ ଯେତେ ପାନ ଖରଚ ହୋଇଚି, ବାହାଘରବେଳେ ହୋଇନି । ଏ ବଉଁଶ ଯେ ରହିଯାଇଛି, ଏ କଥା କେହି ବିଶ୍ୱାସ କରୁ ନ ଥିଲେ । ସତ କି ମିଛ ଜାଣିବାକୁ ଆମ ଘରକୁ ଆସୁଥିଲେ । ତୁ ବାଳୁଙ୍ଗା ଜନ୍ମ ହେଲାବେଳେ ମୋତେ କ’ଣ କମ୍ କଷ୍ଟ ଦେଇଛୁ ? ତିନି ଦିନ, ତିନି ରାତି କଷ୍ଟପାଇଛି । ମରି ଯାଇଥାନ୍ତି । ମା’ଙ୍କ ଦୟାରୁ ବଞ୍ଚିଗଲି । ସେତେବେଳକୁ ମତେ କେତେ ବୟସ ଜାଣିଚୁ ? ସତେଇଶ କି ଅଠେଇଶୀ । ତମେ ତିନିଟି ଧାନ ଆଉ ଗୋଟିଏ ଅଗାଡ଼ି, ମା’ର ଦୟାରୁ ଏ ଘରକୁ ଆସିଚ । ତମକୁ ମଣିଷ କରିବାପାଇଁ ପିଠିରେ ଉସୁନା ଧାନ ଗଜା କରିଚି । କହ, ସେ ଦୁଃଖ କ’ଣ ଭୁଲିପାରିବି ? ଏମିତି ଜୀବନ ଯେ କାହାର ଥିବ ଭାବିପାରୁନି !

ଭାବିଥିଲି - ତମେମାନେ ମଣିଷ ହବ । ବଡ଼ ହବ । ଦୁଃଖ ଯିବ । ମା’କୁ, ନୃସିଂହଂକୁ କେତେ ଡାକିଛି । ଯିଏ ତମମାନଙ୍କୁ ଦେଇଚନ୍ତି, ସେମାନଙ୍କ ସେବାରେ ଏତେ ଟିକିଏ ବି ହେଳା କରିନି । ଦି’ବରଷ ଅଢ଼େଇବରଷ ବୟସବେଳେ ତୁ ନୂଆ ଗଡ଼ିଆ ପାଣିରେ ବୁଡ଼ି ଯାଉଥିଲୁ । ସେ ଉଠେଇଲେ । ତୋ ସାନବାପକୁ ଶତ୍ରୁମାନେ ବିଷ ଖୁଆଇ ଦେଇଥିଲେ । ସେ ବଂଚିଲେ । ଘରେ ସେମାନେ ଦିନ ଦି ପହରରେ ନିଆଁ ନଗେଇଦେଲେ । ନିଆଁ ଲିଭିଗଲା । ଆମ ନାଁରେ ମିଛରେ ମର୍ଡର କେସ୍ କଲେ । ସେମାନେ ନିଜେ ଜେଲ୍ ଗଲେ । ଅଧାରୁ ଅଧିକ ସଂପତ୍ତି ଚାଲିଗଲା । ସୁନା, ରୂପା, କଂସା ବାସନ ବିକ୍ରୀ ହୋଇଗଲା ସତ । ମାତ୍ର ଇଜ୍ଜତ ରହିଗଲା । ତମେମାନେ ଆଜି କାହା ଯୋଗୁଁ ବଂଚିଚ ? ମଣିଷ ହୋଇଚ ? ତାଙ୍କରି ସୁଦୟାରୁ । ସେମାନଙ୍କୁ ବିଶ୍ୱାସ କରୁ ନଥିଲେ, ସେମାନଙ୍କ ସେବା କରୁ ନଥିଲେ, ତମେମାନେ

Digitized by PPRACHIN, SOA

ଆଜି କୋଉଠି ଥା'ନ୍ତ ? ଆରେ ବାଇଶି ବରଷ ପର୍ଯ୍ୟନ୍ତ ତୁ ପରା ଡାକ୍ତରୀ ଔଷଧ ଖାଇନୁ । ଯୋଉ ରୋଗ ହେଲେ, ନୃସିଂହ ମହାପୁରୁଙ୍କ ପାଦୁକ ଆଉ ବାବାଙ୍କ ଚେରମୂଳିକା ଔଷଧ । ବଡ଼ ହେଲ, ତାଙ୍କୁ ବିଶ୍ୱାସ କଲନି, ଏବେ ଡାକ୍ତରୀ ଔଷଧ ଖାଉଚ । ଭଲ ହଉଚ ? ଦେହ ଭଲ ହଉଚି ? ସବୁ ବିଶ୍ୱାସରେ ବାପା, ବିଶ୍ୱାସ । ତମେମାନେ କେମିତି ଏତେବାଟ ଆସିଚ, ସେ ଜାଣେ । ମୁଁ କିଏ ? କିଛି ନୁହେଁ ।

ସଖୀ ନାଁରେ ପରିଚିତ ବକଟେ ଝିଅର ଶୈଶବ ଓ ନିଶା ନାଁରେ ପରିଚିତ ରୁଚିବନ୍ତ ବୋଉର ଯୌବନକୁ ମୁଁ ଦେଖିନି । ତା ଅଙ୍ଗନିଭା ଅନୁଭୂତି, ତାରି ମୁହଁରୁ ଶୁଣିଛି । ତା ଭିତରକୁ ଯେତିକି ଯିବାକୁ ଚେଷ୍ଟାକରିଚି, ସବୁ ଲାଗିଛି ସପନ ପରି । ଆମେମାନେ ଏତେବାଟ କେମିତି ଆସିଲୁ, କଳ୍ପନା ବି କରିପାରିନି ।

ମନେପଡ଼େ – ଚାରିଚାରିଟା ବଢ଼ନ୍ତା ପେଟ । ଜମିର ଧାନ କୁଲାଏନି । ଏସନ ବଢ଼ି, ତାପର ସନ ମରୁଡ଼ି ଓ ତାପରେ ବାତ୍ୟା । ପାଗ ଅନୁକୂଳ ହେଲେ କୋଉ ବର୍ଷ ଧାନ ହେଲାତ, ନଇଲେ ନାଇଁ । ପାଞ୍ଚସାତ ଦିନରେ ଭାତ ମୁଠିଏ ପେଟକୁ ମିଳିନି । ମାଣ୍ଡିଆ, କୋଳଥ ଜାଉରେ ଜୀବନ ବଂଚିଯାଏ । ବୁଢ଼ା ବାପା, ଭଂଗା ଅଂଟା । ବାଡ଼ି ଧରି ନଇଁନଇଁ ଚାଲେ । ଲୋକେ କହନ୍ତି ନଇଁ ବୁଢ଼ା । ସବୁ ଦିନେ ବାଡ଼ି ଧରି ଘରଠାରୁ ପ୍ରାୟ ମାଇଲିଏ ଦୂରରେ ଥିବା ଜମିକୁ ଯା'ନ୍ତି । ଜମି ଯେମିତି ତାଙ୍କ ଜୀବନ । ହାତ ସବୁବେଳେ କାମରେ ଲାଗିଥାଏ । ଥକି ପଡ଼େନି । ମଲାଦିନ ବି ସେ ଥକି ଯାଇ ନଥିଲେ । ଔଷଧ ନ ପାଇ ଚାଲିଗଲେ । ସାନବାପା, ବୁଢ଼ା ବୟସରେ କଲିକତା ଗଲେ । ଖରା, ବର୍ଷା, ଶୀତ କାକରରେ ଏ ଦୋକାନରୁ ସେ ଦୋକାନ, ଏ ଘରୁ ସେ ଘର ବୁଲି ଠାକୁରମାନଙ୍କ ଉପରେ ପାଣିଛିଞ୍ଚି ଯାହା ପଠାନ୍ତି, ସେଇଥିରେ ଆମର ପେଟ ଓ ମଥା ପୂରେ । ବାପା ଯିବାର ବରଷେ ନ ପୂରୁଣୁ, ସେ ବି ଚାଲିଗଲେ । ଦୁଇଟି ଆତ୍ମା ପରସ୍ପରକୁ ଛାଡ଼ି ଯେପରି ଏକା ଏକା ରହିପାରିଲେନି । ଆମମାନଙ୍କ ମୁହଁକୁ ଚାହିଁଲେନି । ଲୋକେ କହିଲେ - ସତ୍ୟ ଯୁଗର ଭାଇ, ରହିପାରିବେନି । ବୋଉ କୋଳରେ ଆମେ ଚାରିଟା । ସ୍କୁଲ, କଲେଜ, ଘର, ସବୁ ଆଡ଼େ ତାର ବଢ଼ନ୍ତା ସଂସାର ।

ସେତେବେଳେ ସେ ଆଉ କ'ଣ କରୁଥିଲା ? ଶୋଉ ନଥିଲା । ବସୁ ନ ଥିଲା । ଠାକୁର ଘର, ବିଲ, ବାରି, ଗାଈ, ବାଛୁରୀମାନଙ୍କ ଭିତରେ ଜୀବନ ସଂଚୁଥିଲା । କଂସାରେ ତାର ନା ଥିଲା ପାଣି, ନା ଥିଲା ଭାତ । ଥିଲା ଲୁହ ଆଉ ରକତ ମିଶା ମିଶି ଏକ ବିଚିତ୍ର ଅନୁଭବ, ତାର ଖାଦ୍ୟ ।

ଆମକୁ ପାଖରେ ବସେଇ କହୁଥିଲା – ବାପା, ମୁଁ ତମର କେହି ନୁହେଁ । ତମେ ଯେ ମୋର - ଏକଥା ମୁଁ କହିପାରିବିନି । ତମେ ମୋର ପାଖକୁ କେମିତି ଆସିଚ – ତା ବି ଜାଣିନି । ତମେ ଖାଇ ଜାଣିନ, ଉଡ଼ି ଜାଣିନ । ତମକୁ ଖାଇବାକୁ ଦେବାକୁ

Digitized by PPRACHIN, SOA

ମୋ ଅଣ୍ଟିରେ ଖୁଦ ନାହିଁ । ଆକାଶରେ ଉଡ଼େଇ ଦେଉଚି - ଯାଅ, ଉଡ଼ିଯାଅ, ଯେତେ ଉଚ୍ଚକୁ ପାରୁଚ, ଉଡ଼ିଯାଅ ! ଥକ୍‌କା ଲାଗିଲେ ମାଟିକୁ ଚାହିଁବ, ପୁଣି ଉଠିବ ।

ମାଟି ଉପରେ ତମ ବାପା ବୋଉ ନାମକ ଜୀବମାନେ କିଛି ସାଇତି ରଖିନାହାନ୍ତି । ସୁକୃତ ରଖିଛନ୍ତି । ସେତିକି ମାତ୍ର ସଂପତ୍ତି । ତମକୁ ପୃଥିବୀକୁ ଆଣିଥିବା ମା' ଆଉ ବାପା ତମମାନଙ୍କ ଚାରିପାଖରେ ଅଛନ୍ତି । ସେମାନଙ୍କୁ ଡାକ, ଉଡ଼ିଯାଅ । ଲୋକମାନଙ୍କ ଉପରେ ବିଶ୍ୱାସ ରଖ । ବଂଚିଲେ ମଣିଷ ହେବ । ସମସ୍ତେ ତମମାନଙ୍କ ଆଡ଼କୁ ଅନିଷା କରିବେ ।

ସତକୁ ସତ ଆମେ ଉଡ଼ିଗଲୁ !

ଆମକୁ ଉଡ଼େଇବାପାଇଁ ସଂସାରରେ ଯିଏ ଏମିତି ଜୀବନ ବଂଚୁଥିଲା, କ'ଣ ପାଇଲା ଆମ୍ଭମାନଙ୍କ ପାଖରୁ ? କନ୍ୟାସୁନା ଟଙ୍କାରେ କିଣା ଯାଇଥିବା ଜମି ଓ ଘରକୁ ଅଧିକାରକରିଥିବା ଭାଇମାନେ ତାକୁ ଶୋଷିବାରେ ଲାଗିଲେ । ତାପାଇଁ ବାପଘର କହିଲେ -ବିରାଟ ଶୂନ୍ୟତା ! ଶାଶୂଘର ? ଯାହାକୁ ଶାଶୂର ସମ୍ମାନ ଦେଉଥିଲା - ସେ ତା ପାଖରୁ ଶ୍ରଦ୍ଧା ସ୍ୱରୂପ ପାଇଥିଲେ କିଛି ଈର୍ଷା । ବର - ତା ସକଳ ସପନ ଓ ଭାବପ୍ରବଣତାର ଜହ୍ଲାଦ । ଆଉ ଆମେ ? ତାର ସ୍ୱପ୍ନର ଉତ୍ତରାଧିକାରୀମାନେ ତାକୁ କ'ଣ ବା ଦେଇଛୁ ? ତାର ଅହଂକାରକୁ ଆମେ କ'ଣ ସତରେ ଗ୍ରହଣକରି ପାରିଛୁ ?

ସେ କିନ୍ତୁ ଆମ ସକଳ ଦୌରାତ୍ମ୍ୟକୁ ଭାରି ସହଜରେ ସ୍ୱୀକାର କରିନେଇଛି । ଏତେ ଟିକିଏ ବି ପ୍ରତିବାଦ କରିନି, କଷ୍ଟ ଲାଗିଲେ ବି ତୁଣ୍ଡ ଖୋଲିନି । ଆଖିରୁ ଲୁହ ପୋଛି ହସିହସି କହିଛି - "ମୁଁ ମଲେ ମନେପକେଇବ ଯେ, ବୋଉ କ'ଣ କରୁଥିଲା । ମୁଁ ଆଉ ନଥିବି ।"

ଆମେ ତାକୁ ତ କିଛି କମ୍ ହନ୍ତସନ୍ତ କରିନୁ !

ମୁଁ ବାହାହେବା ଆଗରୁ ଭଲପାଉଥିବା ଝିଅକୁ ଅନେକ ଥର ଘରକୁ ଆଣୁଥିଲି । ବାରଲୋକ ତେରକଥା କହୁଥିଲେ । ସେ ହସିହସି ଜବାବ୍ ଦେଉଥିଲା - ପୁଅ ବାହା ହଉ ବା ନ ହେଉ, ମୋ ବୋହୂ ମୋ ଘରକୁ ଆସିଲା । ଭଲହେଲା । ଏପରି ବୋହୂ ତମେ କେହି କରିପାରିବ ?

ମୁଁ ସେଇ ଝିଅକୁ ବାହା ହେଲି । ମାତ୍ର ମୋ ବିତ୍ତବଶାଳୀ ଶଶୁର ତାଙ୍କ ସୁନାନାକୀ, ସୁକୁମାରୀ ଝିଅକୁ ମୋ ହାତରେ ଛନ୍ଦିଦେବାକୁ ଆଦୌ ଚାହୁଁ ନ ଥିଲେ । ଆମ ଭଙ୍ଗାଘର ଆଡ଼କୁ ଅଙ୍ଗୁଳି ଦେଖାଇ ସେ ହସି ଦେଇଥିଲେ । ବୋଉକୁ ପଚାରିଲେ - ସମୁଦୁଣି ତମର କ'ଣ ଯୌତୁକ ଦରକାର କୁହ ?"

ବୋଉ କହିଲା - "ମୁଁ ଭିକାରୀ ନୁହେଁ । ମୋର ବୋହୂ ନୁହେଁ ଝିଅ ଦରକାର । ତମେ ଯାହା ଇଚ୍ଛା ଦେଇପାର, ନ ଦେଇପାର ।"

ସୁବିଧାବାଦୀ ଶଶୁର କେବଳ ଝିଅଟିଏ ଦେଇଦେଲେ । ବାଟଖର୍ଚ୍ଚ ବାବଦକୁ ତା ଠାରୁ ଟଙ୍କା ବି ଅସୁଲ କରିନେଇଥିଲେ । ଏ ଐତିହାସିକ ବାହାଘରକୁ ସେ ହସିହସି

Digitized by PPRACHIN, SOA

ସ୍ୱୀକାର କରିଥିଲା । ମଝିଆ ପୁଅ ତା ଇଚ୍ଛା ଅନୁସାରେ କନିଆ ବାଛିଲା । ସେ ହଁ କଲା ଏବଂ ବୋହୂ ତା ବାପ ଘରୁ ସଉପ ଖଣ୍ଡେ ବି ଆଣିଲାନି । ଲୋକେ କହିଲେ - ତୋ ମାଟି ଘରକୁ କୋଠା କରିଦବୁ । ସେ ଉତ୍ତର ଦେଉଥିଲା - ତମର ମୋ ଘରକୁ କୋଠା କରିବା ଲୋଡ଼ାନାଇଁ, ନିଜପାଇଁ କେଇଟା କୋଠା କର ।

ସବା ସାନପୁଅର ଧକ୍କାକୁ ବି ସେ ସମ୍ଭାଳି ନେଲା ।

ଆମ ଘରେ ବୋଲହାକ କରୁଥିବା ଗୁଡ଼ିଆ ଘର ଝିଅଟିକୁ ଧରି ସେ ଦିନେ ଫେରାର ହୋଇଗଲା ରାତିଅଧରେ । ସେମାନେ ଗଲାବେଳେ ସେ ସେମାନଙ୍କ ବାଟ ଆଗୁଳି ଠିଆହେଲା । କିଛି ଫଳ ହେଲାନି, ପୁଅର ଶକ୍ତ ତଣ୍ଟିଆରେ ସେ ମୁହଁ ମାଡ଼ି ତଳେ ପଡ଼ିଗଲା । ଏପରି କର୍ମ ନ କରିବାପାଇଁ ସେ ବାରମ୍ବାର ତାକୁ ଆକଟ କରୁଥିଲା । ତାଠାରୁ ମାଡ଼ ବି ଖାଉଥିଲା । କାହା ପାଖରେ ଭିତର କ୍ଷତ ଦେଖାଇ ପାରୁ ନଥିଲା । ଏପରିକି, ମୋ ପାଖରେ ବି ନୁଚେଇ ରଖୁଥିଲା । ମୁଁ ତା ଆଡ଼କୁ ଅଙ୍ଗୁଳି ଦେଖାଇଲାବେଳେ କହୁଥିଲା - ଦଶମାସ ଧରି ଯାହାର ଗୋଇଠା ବିଧା ପେଟ ଭିତରେ ସମାଳିଛି, ସେଗୁଡ଼ାକ ପିଠିରେ କ'ଣ ଏତେ କାଟିବ ? ସେ ମାସ ମାସ ଧରି ଖାଇନି । କେବଳ କାନ୍ଦିଛି । ମା' ପାଖରେ କହିଛି - ମା', ଏ ପାଗଳାଗୁଡ଼ାକୁ ଭଲରେ ରଖ । ଯେମିତି ଅସୁବିଧା ନ ହୁଏ ।

କେହି ତା ଆଖିରେ ଲୁହ ଟୋପିଏ ବି ଦେଖିନାହାନ୍ତି । ବରଂ ନିଂନ୍ଦୁକମାନଙ୍କୁ କହିଛି - ସମସ୍ତେ ମଣିଷ । ଜାତିଫାତି ସବୁ ମିଛ । ସମସ୍ତେ ସେଇ ମା'ର ପୁଅଝିଅ । ପୁଅ ତା ମନଲାଖି ଝିଅ ବାହାହେଲା । କ'ଣ ହେଲା ସେଇଠୁ ? ତମରି ଡରରେ ତ ସେ ଏଠୁ ଚାଲିଗଲା । ଭଲ ହେଇଚି ।

ଘର ଛାଡ଼ିବାର ପ୍ରାୟ ଦେଢ଼ବର୍ଷ ପରେ, ସେଇ ପୁଅ ଉଡ଼େଇ ନେଇଥିବା ଝିଅକୁ କୋଉଠି ଛାଡ଼ିଦେଇ, ଆଉ ଗୋଟିଏ ବୋହୂ ଓ ପୁଅ ଧରି ପହଞ୍ଚିଗଲା ତା ପାଖରେ ଏବଂ କହିଲା - ଏଇ ତୋ ନାତି ଆଉ ବୋହୂ । ବୋଉ ତାକୁ ସେଇ କାଳୀ ନାମକ ଝିଅଟି ବିଷୟରେ ଯେତେ ପଚାରିଲା ସେ ଉତ୍ତରଦେଲା- ମୁଁ ଜାଣିନି ।

ତାର ସରଳ ମନ ପୁଅର କଥାକୁ ସତ ମଣିଲା ।

ଏବଂ ଦ୍ୱିତୀୟ ବୋହୂ ଘରେ ପଶିବାର ପାଞ୍ଚଦିନ ପରେ ପ୍ରଥମ ବୋହୂ ପଶିଆସିଲା ତା ଭିତରକୁ । ତା କୋଳରେ ବି ପ୍ରାୟ ବରଷକର ପୁଅ । କାହାକୁ ଘରେ ରଖିବ ? ସେ ବାଟ ପାଇଲାନି । ଜାତି ଲୋକ, ଗାଁ ଲୋକ, ସାରା ଅଞ୍ଚଳର ଲୋକ ତାରି ମୁଣ୍ଡରେ ଦୋଷ ନଦିଛନ୍ତି । ଦୁଇଟି ନାରୀ ତା ଦୁଇ ପାଖରେ ଠିଆ ହେଇ କଳିକରିଛନ୍ତି । ବୋହୂ କରି ରଖିବା ପାଇଁ ଦାବି କରିଛନ୍ତି । ଦୁଇଟି କୁଲୁକୁଲିଆ ଛୁଆଙ୍କୁ ସେ କାଖେଇଚି, ସେମାନଙ୍କ ଗୁହ ପୋଛିଛି । ସେମାନଙ୍କୁ ଗାଧୋଇ ଦେଇଛି । ଶୁଆଇ ଦେଇଛି । ମା' ପାଖରେ ନେଇ ଗଡ଼େଇଦେଇଛି । କାଳୀକୁ ବୋହୂ କରି ରଖିବାକୁ ପଂଚାୟତ ରାୟଦେଇଛି । ସେ ମାନିନେଇଛି ଏବଂ ଦ୍ୱିତୀୟକୁ ଝିଅ କରି ଯାନିଯଉତୁକ ଦେଇ

Digitized by PPRACHIN, SOA

ସେ ଆସିଥିବା ସହରକୁ ପଠେଇ ଦେଇଛି । ଏତେ ଅସନ୍ତୋଷ ଓ ଯଂତ୍ରଣାକୁ ସେ କେମିତି ହଜମ କରି ଦେଇପାରିଲା, କେଜାଣି ?

ମୁଁ ଛୋଟ ପିଲାଙ୍କ ପରି ତା କୋଳରେ ମୁହଁଗୁଞ୍ଜି କାନ୍ଦିଛି । ସେ ମୋ ମୁଣ୍ଡ ଆଉଁଶି ଦେଇଛି । ଆଖିରୁ ନୁହ ପୋଛିଦେଇ କହିଛି - ବାପା, ସବୁ ମା'ର ଇଚ୍ଛା । ତୁ ବଡ଼ । ତତେ ସହିବାକୁ ପଡ଼ିବ । ଯୋଉ ଗଛ ପବନରେ ଯେତିକି ବେଶି ହଲେ, ସେ ସେତିକି ଆଂଟ ହୁଏ । ଲୋକେ ତାକୁ ହଲେଇ ପାରନ୍ତିନି । ଓପାଡ଼ି ପାରନ୍ତିନି । ଈଶ୍ୱର ଯାହାକୁ ବେଶି ଭଲ ପା'ନ୍ତି, ତାକୁ ସେତିକି କଷ୍ଟ ଦିଅନ୍ତି । ତା' ସହିବା ଶକ୍ତିକୁ ପରୀକ୍ଷା କରନ୍ତି । ପୁଅ ତୋ କୋଳରେ ହଗି ପକେଇଲେ, ତୁ କ'ଣ ତାକୁ ଫୋପାଡ଼ି ଦେବୁ ? ତୁ ବଡ଼, ବାପ ସମାନ । ସେମାନେ ତୋ ପୁଅ । ଏତିକି ମନେ ରଖିବୁ ।

ତାର ସ୍ଥିତପ୍ରଜ୍ଞତାକୁ ମୁଁ ଭେଦିପାରେନି । ଭାବେ, ସେ ଜଣେ ସାର୍ବକାଳିକ ସନ୍ନ୍ୟାସିନୀ । ଯାହାର ସ୍ୱତନ୍ତ୍ର ଜାତି ନାଇଁ, ଧର୍ମ ନାଇଁ ଭାଷା ନାଇଁ । ଏ ଜନ୍ମରେ ଦରିଦ୍ର ବ୍ରାହ୍ମଣୀ ।

ଆମେ ଦିଇ ପୁଅ, ଦିଇ ବୋହୂ ଚାକିରି କଲୁ । ବେଶ୍ ଭଲ ଚାକିରି । ଉପାର୍ଜନକୁ ତା ହାତରେ ଧରେଇ ଦେଲୁ । ସେ ତା ଇଚ୍ଛାରେ ଖର୍ଚ୍ଚକଲା । ଜମି କିଣିଲା । ଦାଣ୍ଡରେ ଷଣ୍ଢ ଭଳିଆ ହଳେ ବଳଦ ବାନ୍ଧିଲା । ପୁରୁଣା ମାଟି ଘର ଭାଙ୍ଗି କୋଠା ତିଆରିକଲା । ସୁନାନାକୀ ଝିଅକୁ ଭଲ ଘର, ଭଲ ବର ହାତରେ ଦେଲା । ସାତ ବରଷର ନାତିକୁ ବ୍ରତକଲା । ତା ମା'ପାଇଁ ସୁନା ରୂପାରେ ଅଳଂକାର ଗଢ଼ିଲା । ଜମାରୁ ଆଠଟା ବରଷ ଭିତରେ ଏତେ କାମ । ଅନ୍ୟମାନେ କାମ କଲାବେଳେ ସେ ହାତ ବାନ୍ଧି ବସିନି । ମାଲିକାଣୀ ପରି ଆଦେଶ କରିନି । ଇଟା ଧୋଇଛି । ବାଲି, ଇଟା, ସିମେଣ୍ଟ ବୋହିଛି । ବିଲକୁ ପାଣି ଜଳଖିଆ ନେଇଯାଇଛି । ବାରିରେ ଶାଗ, ଲଂକା, ସାରୁ, ଆଳୁ, ବାଇଗଣ କେତେ କେତେ ପନିପରିବା ନିଜ ହାତରେ ଲଗେଇଛି । ଗାଈ ବଳଦଙ୍କ ଯତ୍ନ ନେଇଛି । ଜୀବନ କହିଲେ ଯେମିତି କାମ ଆଉ କାମ । କି ଆନନ୍ଦ ପାଏ ସେଥିରୁ କେଜାଣି, ଖଟିବାକୁ ମନାକଲେ, କିଛି କହେନି । କେବଳ ହସି ଦେଇଚି ।

ଚାକିରି ଜାଗାରେ ବୋହୂ ନାତିମାନଙ୍କ ପାଖରେ ରହିବାପାଇଁ ଆମେ ତାକୁ କେତେ ନେହୁରା କରିଛୁ । ସେ ଅବଶ୍ୟ ଆସିଛି । ପକ୍ଷେ କି ମାସେ ରହି ଗାଁକୁ ପଳେଇ ଯାଇଚି । କହିଛି - "ବାପାରେ, ମୋ ମା' ଘରେ କେତେ ହଇରାଣ ହଉଥିବ । ତାକୁ ଏକୁଟିଆ ଛାଡ଼ିଦେଇ ମୁଁ ରହିପାରିବିନି, ସେଇଠି ମରିବି । ଯିଏ ତମମାନଙ୍କୁ ଜନମ ଦେଇଛି, ମଣିଷ କରିଛି ତା କଥା ନ ବୁଝିଲେ, ସେ କ'ଣ ଭାବିବ କହିଲୁ ? ଦୁଆରେ ମୁହଁରୁ କେତେ ଅତିଥି ଅଭ୍ୟାଗତ ଲେଉଟି ଯାଉଥିବେ, କଇଲୁ ? ସେମାନଙ୍କ ନିଶୁଆସ ତ କମ୍ ନୁହେଁ ।"

ଗାଁକୁ ଯେତେ ଯୋଗୀ ଭିକାରି ଆସିଲେ, ପତର ପଡ଼ିବ ତାରି ପାଖରେ । କାହାକୁ ଫେରେଇ ଦବନି । ଅଭାବରେ ଥିଲାବେଳେ ତ ସେମାନଙ୍କ କଥା ବୁଝିଛି । ଏବେ

Digitized by PPRACHIN, SOA

ତ ଧନର ପାହାଡ଼ । କ'ଣ ନାଇଁ । ଗାଁର ଝିଅ ଜୋଇଁ, କୁଣିଆ ମଇତ୍ର ଆସିଲେ ତାରି ପାଖରେ । କାହାର ଲଂକା, ଲେମ୍ବୁ, ଦୁଧ, ଦହି, ଶାଗ ଦରକାର ହେଲେ, ତାରି ପାଖରେ । ମାଗିକରି ନେବେ । ନୁଚେଇକରି ନେବେ ।

ନୁଚେଇ ନେଲାବେଳେ କେହି ଆଖିରେ ପଡ଼ିଲେ, ନିଜେ ନୁଚିଯିବ । କହିବ - ତାର ନାଇଁ ବୋଲି ନେଲା । ଅସଲବେଳେ କହିଦେଲେ - ତା ମୁହଁ ପୋଡ଼ିଯିବନି ? କ'ଣ ଭାବିବ ମୋତେ ! ସମସ୍ତଙ୍କର ଭିତର କଥାଗୁଡ଼ିକ ଶୁଣିବ, କାହାକୁ କିଛି କହିବନି । କହିବ - "ଘରକଥା ଦାଣ୍ଡକୁ ନିଅନି, ନିଜ ଭିତରେ ସମ୍ଭାଳି ନିଅ ।" କେହି ଘରକୁ ଆସିଲେ ପାଖରେ ବସେଇବ, ପାନ ଖଣ୍ଡେ, କି ଚା କପେ ନ ଦେଇ ଛାଡ଼ିବନି ।

ଧୋବା, ଭଣ୍ଡାରୀ, ଯୋଗୀ, କେଳା, କୁମ୍ଭାର, କାଚରା ଓ ଆଉ ଆଉ ଜାତିର ମଣିଷମାନଙ୍କପାଇଁ ଆମ ଘର ଯେପରି କ'ଣ ନାଇଁ କ'ଣ । ଜାତିଫାତି ବାରଣ ନାଇଁ । କହିବ - ଜାତି ଗୋଟାଏ କ'ଣ ? ସମସ୍ତେ ତ ବୁଢ଼ୀର ପୁଅଝିଅ । ଚାକର ଆଉ ହାକିମ ଗୋଟାଏ କ'ଣ ? ସମସ୍ତେ ତ ମଣିଷ । ବଡ଼ଲୋକ ଛୋଟଲୋକ କ'ଣ ? ସମସ୍ତେ ତ ଲୋକ । କେତେ ଆଧୁନିକ ତା'ର ବିଚାର, ମୁଁ ଭାବିପାରେନି । ଆଶ୍ଚର୍ଯ୍ୟ ହୁଏ । ତାକୁ ପାଖରେ ରଖିବାକୁ ଇଚ୍ଛା ହୁଏନି । ବାଧ ବି କରେନି ।

॥ ଦୁଇ ॥

ସେ ମୋ ପାଖକୁ ଆସିବାର ପ୍ରାୟ ନଅମାସ ପୂରି ଗଲାଣି । ସେ ନିଜେ ଆସି ନଥିଲା ତ । ମୁଁ ତାକୁ ଜବରଦସ୍ତ ନେଇ ଆସିଥିଲି । ଆଜି ପୁଣି ଫେରେଇ ନଉଚି ତା ମା' ପାଖକୁ । ଗାଡ଼ିରେ ବସିଲା ବେଳେ ତାକୁ କଥା ଦେଇଚି, ମା' ପାଖରେ କିଛି ଦିନ ରହି ପୁଣି ଦେଇଟି ଆସିବ । ବୁଢ଼ୀ ପାଖରେ ରହିଲେ ସେ ଭଲ ହୋଇଯିବ ।

ଝରକା ବାହାରୁ ମୋ ଆଖି ଫେରିଆସିଲା ତା ଉପରକୁ । ସେଇ କଥାକୁହା ମୁହଁ କଥାକୁହା ଆଖି, କଳା ମୁଚୁମୁଚୁ ଗହବା ଲମ୍ବା ବାଳ । ମାତୃତ୍ୱର ଉଚ୍ଚକିତ ଉଚ୍ଚାରଣ । ଜୁଳୁଜୁଳୁ ମୋତେ ଚାହିଁଛି, କେତେ କଥା କହିଯିବାକୁ ମନ ତାର ଛଟପଟ ହଉଛି । ମାତ୍ର ତୁଣ୍ଡ ଖୋଲିପାରୁନି, କ'ଣ କହିବାକୁ ଚାହୁଁଛି ସେ ?

ସେ କ'ଣ ଜାଣିଚି, ଆଉ ବଂଚିବନି ?

ତାର କ'ଣ ହେଉଚି ଏକଥା ଆମେ କେହି ତାକୁ ଜଣେଇ ନ ଥିଲୁ । ତାର ଦୁଇ ଗେହ୍ଲା ନାତିଙ୍କୁ ମନା କରିଥିଲୁ କିଛି କହିବାପାଇଁ । ସେ ବି କିଛି ଜାଣି ନଥିଲା ପରି ଆମ ସହିତ କଥା ହେଉଥିଲା । ସବୁ ସତ କଥା ଜାଣିକରି କ'ଣ ସେ ଅଭିନୟ କରୁଥିଲା ଆମ ସହିତ ? ସମଗ୍ର ଜୀବନ କେବଳ ଅଭିନୟ କରିକରି ଯିଏ ଜିଇଁଚି, ଜୀବନର ଅସ୍ତକାଳରେ ଅଭ୍ୟାସ ଛାଡ଼ିପାରିବା କ'ଣ ତା ପକ୍ଷରେ ସମ୍ଭବ ?

ପ୍ରାୟ ନ' ଦଶ ମାସ ତଳର କଥା । ସେ ଯାହା ଖାଇଲେ କିଛି ପେଟରେ ରହିଲାନି । ବାନ୍ତି ହେଲା । ଯେତେ ଔଷଧ ଦେଲେ, ଭଲ ହେଲାନି । ତାକୁ ମୋ ପାଖକୁ ଆସିବାକୁ କହିଲେ, ସହଜରେ ଆସିଲାନି । କହିଲା - ମୋ ବୁଢ଼ୀ ପାଖ ଛାଡ଼ି

Digitized by PPRACHIN, SOA

କୁଆଡ଼େ ଯିବିନି । ତା ପାଦୁକ ଖାଇ ଭଲହୋଇଯିବି । ମୋର କିଛି ହବନି, ଯିବି ଯଦି ତାରି କୋଳରେ ଯିବି । ମାତ୍ର ପରିସ୍ଥିତି ତାକୁ ବାଧ୍ୟ କରିଥିଲା ମୋ କଥା ମାନିବାକୁ ।

ସେ ମୋ ସହିତ ଆସିଲା । ଡାକ୍ତର ଦେଖାଇଲି, ଔଷଧ ଦେଲି, କେତେଦିନପାଇଁ ବାନ୍ତି ବନ୍ଦ ହୋଇଗଲା । ମାତ୍ର ଅବସ୍ଥା କ୍ରମଶଃ ଏତେ ଅଣାୟତ୍ତ ହୋଇପଡ଼ିଲା ଯେ ଔଷଧ କାମ କଲାନି, ଡାକ୍ତରଖାନାରେ ପେଟ କଟାହେଲା, ଅପରେସନ । ପାକସ୍ଥଳୀରେ ଘା' । ସେ ଘା' ରୂପାନ୍ତରିତ ହୋଇ ଯାଇଥିଲା କ୍ୟାନ୍ସରରେ। ସମୟ ଏତେ ଗଡ଼ି ଯାଇଥିଲା ଯେ, ଆଉ ଭଲ ହେବାର ସମ୍ଭାବନା ନ ଥିଲା । ତା ପ୍ରିୟତମ ପୃଥିବୀରେ ସେ ଆଉ ଅଧିକ ଦିନ ରହିପାରିବ ନାହିଁ ବୋଲି ଡାକ୍ତର ସଫାସଫା କହିଦେଲେ । ଖାଇବା ପିଇବା, କାମ କରିବାରେ ତାକୁ ପୂରା ସ୍ୱାଧୀନତା ଦେବାପାଇଁ ଆମକୁ ପରାମର୍ଶ ଦେଲେ । ତାକୁ ଯେ କ୍ୟାନ୍ସର ହେଇଚି - ଏ ସତ୍ୟକୁ ମୁଁ ସହଜରେ ଗ୍ରହଣ କରିପାରୁ ନଥିଲି । ପୃଥିବୀର କୌଣସି ପୁଅ କ'ଣ ତାର ପ୍ରିୟତମା ମା' ଜୀବନର କରୁଣତମ ଭବିଷ୍ୟତକୁ ବିଶ୍ୱାସ କରିପାରେ ?

ତାର ଯା' ମନ ହେଉଥିଲା ଖାଉଥିଲା, ମୁଁ ବାରଣ କରୁ ନଥିଲି । ତାର ଭାରି ପ୍ରିୟ ଥିଲା ପାନ । ନ' ପ୍ରକାରର ମସଲା ଯୁକ୍ତ ଗୁଣ୍ଡି - ଜାଇପତର, ଚୁଆ, ଅଳେଇଚ, ଲବଙ୍ଗ, କଳାଜିରା, ଏମିତି କେତେ କ'ଣ ପଡ଼ିଥିବ ସେଥିରେ । କାଚ ବୋତଲରେ ଥିବ । ବୋତଲର ଠିପି ଖୋଲିଦେଲା ମାତ୍ରକେ, ବାସରେ ମହକିଯିବ ଆଖପାଖ । ଏ ତ ସାଧାରଣ ଗୁଣ୍ଡି ନୁହେଁ, ତାର ଆଭିଜାତ୍ୟ । ଖାଲି ପେଟରେ ବି ଖାଉଥିଲା । ମୁଁ ମନାକଲେ କହୁଥିଲା - ଯା' ଯା' ଭାରି ଗୋଟାଏ କ'ଣ ଅଭ୍ୟାସ କରିଚି ଯେ, ଏଇ ମନା କରିବ । ମୁଁ ତମମାନଙ୍କର କ'ଣ ଖାଉଚି କି ? ତମେମାନେ ତ ମୋର ଖାଉଚ । ପୁଅ ବୋହୂ କରି ଚାରି ଚାରିଟା ରୋଜଗାରିଆ, ସାଇଭାଇ ଗଲା ଆଇଲାରେ ମୁଁ କାଆକୁ ମୁଖବାସ ଖଣ୍ଡେ ଦେଇପାରିବିନି । ମୁଁ ଅଲବତ୍ ଖାଇବି, ତମେ କ'ଣ କରିବ ଦେଖିବି । ଆରେ ମତେ ଶାସନ କରିବେ ଏ ମେଂଚଡ଼ଗୁଡ଼ାକ !

ଏମିତି ଜବରଦସ୍ତ କଥା କହିସାରି ଫିକ୍ କରି ହସିଦଉଥିଲା । ପୁଣି ନରମ ଗଳାରେ କହୁଥିଲା - 'ବାପା, ପାଟିଟା ଗନ୍ଧୋଉଚି, ଟିକିଏ ପାଟିରେ ନ ପକେଇଲେ ରହି ହେଉନି । କ'ଣ କରିବି କହିଲୁ ? ମୁଁ ଆଉ କିଛି କହୁ ନଥିଲି ।"

ତା ନାତିମାନେ ତାକୁ କହୁଥିଲେ - ବୋଉ, ତୋ ପାଟି ଗୁହପରି ଗନ୍ଧୋଉଚି । ସେ ହସି ଦେଇ ଉତ୍ତର ଦେଉଥିଲା - "ଏ ପରା ତୋରି ଗୁହ । ତୋ ବାପା ଗୁହ ଭାରି ବଢ଼ିଆ ।"

ପେଟ ଅପରେସନ୍ ପରେ ଡାକ୍ତର ତାକୁ ଗୁଣ୍ଡି ଛାଡ଼ିବାକୁ ବାଧ୍ୟ କରିଥିଲେ । ସେ ସମସ୍ତଙ୍କ ପାଖରେ ହଁ କହିଥିଲା, ମାତ୍ର ସତରେ ଛାଡ଼ିପାରି ନଥିଲା । ତା ବିଛଣାତଳେ ଡିବା ରଖିଥିଲା । ନାତି, ବୋହୂ ହାତରେ ମଗେଇ ଆଣୁଥିଲା । ଖାଇଲାବେଳେ ଲିଟୁ ତାକୁ ଧମକୋଉଥିଲା ମୋତେ କହିଦେବାକୁ । ସେ ତାକୁ ଗେଲ କରୁଥିଲା । ତା

Digitized by PPRACHIN, SOA

ହାତରେ ଧରେଇ ଦଉଥିଲା ମୁଠାଏ ବାରମଜା । ତାର ପ୍ରିୟ । ଆଉ ମୋ ପାଖରେ ଧରା ପଡ଼ିଗଲେ, ତା ଓଠରେ ଖେଳି ଯାଉଥିଲା ପବିତ୍ର ହସ । ଶୈଶବ ଓ ବାର୍ଦ୍ଧକ୍ୟର ନିଖୁଣ ଅଭିନୟ । ମୁଁ ବି ହସି ପକଉଥିଲି ।

ଯାହା ଖାଇଲେ ତା ପେଟରେ ଆଉ କିଛି ରହିଲାନି । ପାଣି ବି ବେଳେ ବେଳେ ବାହାରି ଆସିଲା । କ୍ରମଶଃ ଶୁଖିଆସିଲା ତାର ଚିକ୍‌କଣ ଦେହ । ମୁହଁରୁ ଲିଭି ଆସୁଥିଲା ଚମତ୍‌କାର ହସ । ତଥାପି ସେ ହସୁଥିଲା ।

ତାକୁ ରକ୍ତ ନେବାକୁ କହିଲି । ସେ ଜମା ରାଜି ହେଉ ନଥିଲା । କହିଲା - ମୁଁ କ'ଣ ଡାଆଣୀ ହେଇଚି ? ମୋ ପିଲାମାନଙ୍କ ରକ୍ତ ନେବି ?

ଡାକ୍ତର ବାଧକଲେ । ନେଲା ।

ସାଲାଇନ୍ ନବାକୁ କହିଲି । ପ୍ରଥମେ ବିରୋଧ କଲା । କହିଲା - ବାପାରେ, ଏ ସବୁ ଯମ ଯଂତ୍ରଣା । ମୁଁ ପାପ କରିଚି କି, ଦେହସାରା ଛୁଂଚିରେ ଫୋଡ଼ାହେବ, ନେବି ନି ।

ଡାକ୍ତର ବାଧ କଲେ । ମନା କରିପାରିଲାନି ।

ଦୁଇ ଓଳି ଡାକ୍ତର ଆସୁଥିଲେ । ସାଲାଇନ୍, ଭିଟାମିନ୍ ଦେଉଥିଲେ । ବଂଧୁ ବାଂଧବ, ପିଲାମାନଙ୍କର ଭିଡ଼ ଜମୁଥିଲା ତା ଚାରିପାଖରେ । ସମସ୍ତଙ୍କୁ ସେ ପାଖରେ ବସଉଥିଲା । ସେମାନଙ୍କ ହାତରେ ମିଠା, ମିକ୍‌ସଚର, ବିସ୍କୁଟ, କଦଳୀ ଧରେଇ ଦଉଥିଲା । ପ୍ରାୟ ସମସ୍ତେ ତା କଥା ରଖୁଥିଲେ । ଘଣ୍ଟା ଘଣ୍ଟା ଗପୁଥିଲା । କି ଗପ ସବୁ ? କ'ଣ ସେଥିରେ ଥିଲା କେଜାଣି ? ମୋତେ ଦେଖିଲା ମାତ୍ରେ ଚୁପ୍ ହୋଇଯାଉଥିଲା । ନିଜ ହାତରେ ନିଜର ସବୁ କାମ କରୁଥିଲା । ଦାନ୍ତ ଘଷିବା, ଝାଡ଼ାଯିବା, ଗାଧୋଇବା, ବିଛଣାପତ୍ର ଝାଡ଼ିବା ଏମିତି କେତେ କାମ ବେଳେବେଳେ ଛାଂଚୁଣି ଧରି ଘର ଓଳୋଉଥିଲା, ସତୀର ବାଳ କୁଣ୍ଡେଇ ଦଉଥିଲା ।

ସେ ସାଲାଇନ୍ କି ରକ୍ତ ନେଲା ବେଳେ ମୁଁ ତା ପାଖରେ ଠିଆହେଇପାରୁ ନଥିଲି । ଅନେକ ସମୟରେ ଶିରା ମିଳୁ ନ ଥିଲା । ସରୁ ଛୁଂଚି କ୍ଷତାକ୍ତ କରୁଥିଲା ତାର କୋମଳ ଆତ୍ମାକୁ । ତା ଆଖି ଦୁଇଟି ମୁଦି ହୋଇଯାଉଥିଲା ଆପେ ଆପେ । ଡାକ୍ତରଙ୍କ ଅସହାୟ ଆଖି ଲାଗିଯାଉଥିଲା ମୋ କାକୁସ୍ଥ ଚେତନାରେ । ମୁଁ ତା ପଛରେ ଠିଆ ହୋଇପାରୁ ନଥିଲି । ସବୁଆଡ଼ ଅଂଧାର ଦିଶୁଥିଲା । ଏପଟ ଘରେ, ଖଟ ଉପରେ ଶୋଇପଡୁଥିଲି କିଛି ସମୟ । ନିଜ ଇଚ୍ଛାରେ ନୁହେଁ, ଖାସ୍ ମୋତେ ଖୁସିକରିବାପାଇଁ ଛୁଂଚିର ଅଧିକାରକୁ ସେ ସ୍ୱୀକାର କରୁଥିଲା ଏବଂ ବେଳେବେଳେ ଓର ଉଣ୍ଡି କେତେ ସୂତରରେ ବାହାର କରିଦେଉଥିଲା ଦେହରୁ ।

ମୁଁ ସବୁ ଜାଣୁଥିଲି । ମାତ୍ର କିଛି କହିପାରୁ ନଥିଲି । ତାର କଥାକୁହା ଆଖି ଦୁଇଟି ମତେ ଯେମିତି କରୁଣ ସ୍ୱରରେ କହୁଥିଲା - ବାପାରେ, ଆଉ ପାରୁନି । ବଂଚିବିନି, ଆସିଲୁ ତତେ ଟିକିଏ ଭଲକରି ଦେଖେ, ଆ । ମୁଁ ତା ପାଖକୁ ଟାଣିହୋଇ ଯାଉଥିଲି । ସେ ଗେଲ କରୁଥିଲା ।

Digitized by PPRACHIN, SOA

ସବୁଦିନେ ସଂଜରେ, ପାଗ ଖରାପ ନଥିଲେ, ସେ ପଦାରେ ବସୁଥିଲା । ସତେ ଯେପରି ଘର ଭିତର ତାକୁ ଲାଗୁଥିଲା ଜେଲ୍ ପରି । ମୁଁ, ସତୀ, ନାତିମାନେ ଆସି ତା ପାଖରେ ବସୁଥିଲୁ । ସେ ଦୁନିଆଯାକର କଥା ଗପୁଥିଲା । ଡିଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ । ସାଇଭାଇ ଓ ସଂପର୍କୀୟମାନଙ୍କ କଥା କହି ହସିହସି ଗଡ଼ିଯାଉଥିଲା । ଭାରି ସିରିଅସ୍ ଲାଗୁଥିଲା ସେ । ଏଇ ରୋଗିଣୀ ମଣିଷଟି ଭିତରେ ଏଡ଼େ ହସ କେଉଁଠି ଥିଲା କେଜାଣି, ମୁଁ ଭାବି ପାରୁ ନଥିଲି । ସାରା ଜୀବନର କୋହକୁ ଯେପରି ସେ ଆଉ ବାନ୍ଧିପାରୁନଥିଲା ନିଜ ଭିତରେ । ମୁକ୍ତ ପକ୍ଷୀପରି ସେମାନେ ଡେଣା ମେଲୁଥିଲେ ନୀଳ ଆକାଶରେ ।

ତା ହସ ଭିତରେ କାନ୍ଦି ପକାଉଥିବା ମୋର ଅସହାୟତାକୁ ତାର ଚତୁର ଆଖି, ସୁଦକ୍ଷ ଶିକାରୀ ପରି ଭାରି ସହଜରେ ଧରି ପକାଉଥିଲା । ବଡ଼ ଯତନରେ ତାର ମାତୃତ୍ୱର ଖାଳେଇରେ ମୋତେ ସଂପାଦି ଦଉଥିଲା, କହୁଥିଲା – 'ବାପାରେ, ମୋ ଦେହ ଖରାପ ହେଇଚି ବିଲି ତମେମାନେ ଏତେ ବ୍ୟସ୍ତ ହଉଚ କ'ଣପାଇଁ ? ମତେ ନୁଚେଇ ନୁଚେଇ କାନ୍ଦୁଚ କ'ଣପେଇଁ ? ମୋ ଜାତକରେ ଲେଖା ହେଇଚି – ମରିବି ବାସ୍ତରୀ ବର୍ଷ ପରେ । ଠିକ୍ ତୋ ବାପା ପରି । ଏବେ ବାଷଠୀ । ମାର୍କଦଶା ପଡ଼ିଚି । ଉତୁରି ଆସିଲାଣି । ଆଉ କେଇଟା ଦିନ କଟିଗଲେ ଗଲା । ଯିବାର ଥିଲେ ଯାଇ ସାରନ୍ତିଣି । ଠିକ୍ ଅଛି । ଏବେ ଯଦି ଯିବାର ଥିବ ଯିବି । ଦେହ ଅଛି, ରୋଗ ହେବ । ଦେହତ ରୋଗର ଘର । ମରଣ ବି ହବ । କହିଲୁ କାହା ଦିହରେ ରୋଗ ନାହିଁ ? ଦିହ ପରା ଅଛି ସେମାନଙ୍କପାଇଁ । ସେମାନେ ପୁଣି ବଂଚିବେ ନା ନାଇଁ ? ମୋର ଏ ଦିହଟାପାଇଁ ଖରଚ କରିକରି ତମେ ଭିକାରି ହେଇଯିବ । ମୁଁ କ'ଣ ଜାଣି ପାରୁନି, ତୁ ଦିନକୁ କେତେ ଖରଚ କରୁଚୁ ? କୋଉଠୁ ଆଣୁଚୁ ଏତେ ଟଂକା ? ମତେ ତ କିଛି କଉନୁ । ମୋତେ ପର ଭାବୁଚୁ । ଆଉ ଏଇ ଗୋଟାଏ ଦିହପାଇଁ ତମେ ଚାରିଜଣ କାଂଗାଳ ହୋଇଯିବ । ମୋ ଲିଟୁ, ଟୁଲୁ କରିବେ କ'ଣ ? ଏଥର ମୋତେ ମୋ ମା' ପାଖକୁ ନେଇଚାଲ । ଯାହା ହବାର ଥିବ ହବ । ମରଣକୁ ମୋର ଡର ନାଇଁରେ ବାପା, ତମମାନଙ୍କ କୋଳରେ ଯଦି ମରିଯାଏ ! କହିଲୁ କେତେ ଆନନ୍ଦ, କେତେ ଖୁସି... ତୋ ବାପା ପରି ପୂରା ସରଗକୁ ଚାଲିଯିବି । ଛି, ମୋ ଦେହନାଗି କାନ୍ଦୁଛୁ, ଭାବୁଛୁ ମୁଁ କିଛି ଜାଣିନି । ଏମିତି କେତେ କଥା ।

ସତେ ଯେମିତି ତା ପାଖରେ ଏବେ ବି ମୁଁ ସେମିତି ବକଟେ ପିଲା । ତା କଥାରେ ଅସଲ ଆବଶ୍ୟକତାକୁ ଭୁଲିଯିବି, କହିବି – ତୁ ଏକ ମାତ୍ର ସତ୍ୟ, ଆଉ ସବୁ ମିଥ୍ୟା ।

ପ୍ରାୟ ପାଞ୍ଚ, ଛ'ମାସ ତଳର କଥା । ଡାକ୍ତର କହିଲେ – କ୍ୟାନ୍ସର ରୋଗର ଯଂତ୍ରଣା ଭାରି ତୀବ୍ର । ସମ୍ଭାଳି ହେବନି । ନିଶା ଔଷଧ ଦିଅନ୍ତୁ । ଅଫିମ ସବୁଠାରୁ ଭଲ ପେନ୍‌କିଲର୍ ।

ମୁଁ ଦିନେ ବାଆଁରେଇ ତାକୁ କହିଲି – "ବୋଉଲୋ, ତୁ ଟିକେ ଟିକେ ଅଫିମ ଖାଉନୁ, ଦେହ ଫୁର୍ତ୍ତି ଲାଗିବ ।"

Digitized by PPRACHIN, SOA

ମୋ କଥା ଶୁଣି ସେ ରାଗରେ ପାଚି ଲାଲ୍ ପଡ଼ିଗଲା । କହିଲା – "କ'ଣ କହିଲୁ ଅଫିମ ? ମୁଁ ଅଫିମ ଖାଇବି ? ନିଶାଖୋର ହେଇ ମୋ ପିଲାମାନଙ୍କୁ ଏ ସଂସାରରୁ ଉଚ୍ଛନ୍ନ କରିଦେବି ? ସେଗୁଡ଼ାକ ଔଷଧ ନୁହେଁ, ବିଷ । ତମେ କ'ଣ ଭାବିଚ ମୋ ମା' ପାଖରୁ ମୋତେ ଅଲଗା କରିଦେବ ? ପାରିବନି । ଛି, କି କଥା ।"

ମୋ ମୁଣ୍ଡ ଆଉଁଶିଦେଇ କହିଲା – ପାଗଳା, ସଂସାରରେ ସବୁଠାରୁ ବଡ଼ ନିଶା କ'ଣ ଜାଣିଚୁ ? ବିଶ୍ୱାସ । ନିଶା ନୁହଁ ଔଷଧ । ତୁ ମା' ଉପରେ, ସତ, ନ୍ୟାୟ, ବିବେକ ଉପରେ ବିଶ୍ୱାସ ରଖ, ଦେହକୁ ଦେହକଷ୍ଟ, ମନକଷ୍ଟ ଜମା କାଟୁକରିବନି । ଦେହ କ'ଣ କଷ୍ଟ ପାଏ ? ମନକୁ କାଟେ ନା ? ତୋ ବାପା, ସାନବାପା ମୋତେ ଏତିକି ଶିଖେଇଛନ୍ତି । ତୋ ବୋଉକୁ ତୁ କ'ଣ ପାଇଲୁ କି ?"

ତା କଥାର ଉତ୍ତର ଦେବାପାଇଁ ମୋ ପାଖରେ ଶବ୍ଦ ନ ଥିଲା ।

ଆଉ ଦିନେ ତାକୁ କହିଲି – ତୁ ତ କହୁଥିଲୁ, ଉଷା ତା ବର, ଶାଶୂଙ୍କୁ ସାଂଗରେ ନେଇ ଜଗା ପାଖକୁ ଯିବୁ ବୋଲି । ଚାଲ ଯିବା ।

ମୋ ପ୍ରସ୍ତାବକୁ ସେ ଚଟ୍‌କରି ଗ୍ରହଣ କରିନେଲା । ସମସ୍ତଙ୍କୁ ନେଇ ମୁଁ ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର ବୁଲେଇ ଆଣିଥିଲି । ସେଦିନ ସେ ଆନନ୍ଦବଜାରରେ ତା ଇଚ୍ଛା ମୁତାବକ ମହାପ୍ରସାଦ ଖାଇଥିଲା । ପରମ ଆନନ୍ଦ ଭାବ ଲେଖି ହୋଇଯାଉଥିଲା ତା ମୁହଁରେ । ଆଶ୍ଚର୍ଯ୍ୟର କଥା – ପାଣି ଟୋପାଏ ରହୁ ନ ଥିବା ତା ପେଟରେ ମହାପ୍ରସାଦ ହଜମ ହୋଇଯାଇଥିଲା । କ୍ୟାନସର ହାକିମମାନେ ସତେ ଯେପରି ପବିତ୍ର ହେବାପାଇଁ ମହାପ୍ରସାଦର ଅପେକ୍ଷା କରିଥିଲେ ।

କୋଣାର୍କ ମନ୍ଦିରର ଚକ ଓ ମୂର୍ତ୍ତିମାନଙ୍କ ଦେହରେ ହାତ ବୁଲେଇ ବୁଲେଇ ସେ ମୋତେ ପଚାରୁଥିଲା – "ବାପାରେ, ଦେବତା ନ ହେଲେ ପଥରରେ ଏପରି ଛୁଂଚି କାମ ମଣିଷ କ'ଣ କରିବାରେ ? ଧରମ ଦେବତାଙ୍କ ରଥ ତିଆରି କରିବାକୁ ବିଶ୍ୱକର୍ମା ସରଗରୁ ତାଙ୍କ କାରିଗରମାନଙ୍କୁ ପରା ପଠେଇଥିଲେ । ଧନ୍ୟ କଇବ ସେମାନଙ୍କୁ – ଧରମା, ବିଶୁମହାରଣାକୁ ।"

ଲିଙ୍ଗରାଜଙ୍କ ପାଖରେ ଘିଅଦୀପ ଜାଳି ଆମମାନଙ୍କର ଶତ ପରମାୟୁ କାମନା କରିଥିଲା ଏବଂ ଖୁସି ମନରେ ମୋ ପାଖକୁ ଫେରିଥିଲା ।

ଫେରିବା ପରେ ପରେ ଆରମ୍ଭ ହୋଇଗଲା ଭୟଙ୍କର ବାନ୍ତି । ପେଟରେ ଆଉ କିଛି ବୋଲି କିଛି ରହିଲାନି । ଯେତେ ଚେଷ୍ଟା କଲେ ବି ଯଂତ୍ରଣାକୁ ଆଉ ସେ ହଜମ କରି ପାରିଲାନି । ଡାକ୍ତରମାନେ ଶୁଣେଇଦେଲେ – ଆଉ ବେଶି ଦିନ ନୁହେଁ । ଏଇ ଦିନେ କି ଦୁଇଦିନ । ସେମାନଙ୍କ ଭବିଷ୍ୟତବାଣୀକୁ ମୁଁ ବିଶ୍ୱାସ କରିପାରୁ ନଥିଲି । ତାକୁ କୋଳରେ ପୂରେଇ ଶୋଇପଡୁଥିଲି । ଯେମିତି ତିନିଚାରି ମାସର କଅଁଳା ପିଲା । ସେ ମୋ ଛାତିରେ ମୁଣ୍ଡ ଗୁଂଜିଦଉଥିଲା । ଉଁ ଚୁଁ ହେଉ ନଥିଲା । ଆଉ ମୁଁ ଶୋଇ ପଡ଼ିବା ଅଭିନୟ କଲାମାତ୍ରେ, ଆଉଁଶି ଦଉଥିଲା ମୋ ପିଠି, ହାତ ଓ ମୁଣ୍ଡକୁ – ଏକଲୟରେ କେବେ ଦେଖି ନ ଥିଲା ପରି ଚାହିଁ ରହୁଥିଲା ମୋ ମୁହଁକୁ । ଏବଂ

Digitized by PPRACHIN, SOA

ଏମିତି ଏକ ଚରମ ମୁହୂର୍ତ୍ତକୁ ଅପେକ୍ଷା ରଖିଥିବା ମୋ ଆଖିମାନେ ଖୋଲିଯାଉଥିଲେ । ଚାରୋଟି ଆଖି ପରସ୍ପର ଭିତରେ ମିଶି ଯାଉଥିଲେ, ଓଠମାନେ ଗୀତ ଗାଉଥିଲେ - ମୁକ୍ତିର ଗୀତ, ଚରମ ଆନଂଦର ଗୀତ ।

କହୁଥିଲା - "ହୁଂଡାଟାର ପିଲାଳିଆମି ସେମିତି ରହିଗଲା" ।

ମୋତେ ସେ ଗେଲ କରୁଥିଲା - ଯେମିତି ମୁଁ ଅବୋଧ ଶିଶୁଟିଏ । ତା ବାଁ ହାତ ଲଂବେଇ ଦେଇ ମୋତେ ଶୁଆଇ ପକାଉଥିଲା ପରିପୂର୍ଣ୍ଣ କୋଳରେ ।

ବେଳେ ବେଳେ ମୁଁ ତାକୁ କହି ପକୋଉଥିଲି - "ବୋଉଲୋ, ବୋଉମାନେ ଜମାରୁ ମରନ୍ତେନି କି ? ଭାରି ଭଲହୁଅନ୍ତା ।"

ସେ ହସିହସି କହୁଥିଲା - "ସେମାନେ କ'ଣ ମରନ୍ତି କି ? ଅମର । ପୋଡ଼ାମୁହାଁ ଗୁଡ଼ାକ କଂଟା ଡାଆଣୀ ପରି ପିଲାଗୁଡାଂକୁ ଜଗିରହିଥାନ୍ତି । ଆଉ ସେଇଥିପାଇଁ ତ ପିଲାଗୁଡ଼ାକ ଏତେ କଷ୍ଟ ପାଆନ୍ତି । ସବୁବେଳେ ବୋଉ ବୋଉ ହଉଥାନ୍ତି । ସେଗୁଡ଼ାକ ଭରି ଖରାପ ଜନ୍ତୁ । ପିଲାଙ୍କ ହାତରୁ ମାଡ଼ ଖାଇଲେ ବି ତୁଣ୍ଡ ଖୋଲନ୍ତିନି ପରା ।"

ସତୀ କଲେଜରୁ ଫେରିଲା ପରେ ସେମାନଙ୍କ ମିଳନ ଦୃଶ୍ୟ ମୋତେ ସମାହିତ କରିଦେଉଥିଲା । ବୋଉ ଛୋଟ ପିଲାଙ୍କ ପରି ତାକୁ କୁଣ୍ଢେଇ ଧରି ତା ଗାଲ ଆଉ କପାଳରେ ଚୁମା ଦେଇଯାଉଥିଲା । ତାକୁ ଚୁମା ଜାଳାରେ ନୟାନ୍ତ କଲାପରେ କହୁଥିଲା - ତୁ ମୋର ବୋହୂ ନୁହଁ, ଝିଅ । ମା'ଲୋ, ତୁ ମୋତେ ଝିଅ କରି ମାଟିକୁ ଆଣନ୍ତୁନି । ତୁ ମୋ ପରି ହୋଇଗଲେ, ସେବା କରନ୍ତି । ନ ଆଣିଲେ, ଋଣୀ ରହିଯିବି । ମୋ କଥା ରଖିବୁ ।" ଦିହେଁ ପରସ୍ପର ମୁହଁକୁ ଚାହିଁ ହସି ଦେଉଥିଲେ ।

ସତୀ ଆଉ ବୋଉ ପ୍ରାୟ ଗୋଟିଏ ଖଟରେ ଶୋଉଥିଲେ । ମା' ଝିଅ ପରି । ଅଳାଜୁକୀ ସତୀ ସୁବିଧା ଦେଖି ତା ପରିପୂର୍ଣ୍ଣ ଛାତିରେ ଓଠ ଲଗେଇ ଦେଉଥିଲା । ବେଳେ ବେଳେ ଛାତିର ଦିଇପାଖରେ ଲାଖି ଯାଉଥିଲେ ସତୀ ଆଉ ଲିଟୁ - ତା ଗେହ୍ଲା ବୋହୂ ଓ ନାତି । ସେ ଶାଢ଼ୀ କାନି ବେଢ଼େଇ ଦଉଥିଲା ସେମାନଙ୍କ ମଥା ଉପରେ । ଏବଂ କହୁଥିଲା - ପାଗଳୀ, କିଏ ଦେଖିବ ।

ଆଉ କିଏ ଦେଖୁ କି ନ ଦେଖୁ, ମୋ ଦୁଧରଂକୁଣା ଆଖି କିନ୍ତୁ ନୁଚି ନୁଚି ସବୁ କିଛି ଦେଖୁଥିଲା ଏବଂ ଚିଡ଼ୋଉଥିଲା ବୋଉକୁ ।

ଡାକ୍ତରମାନଙ୍କ ଭବିଷ୍ୟବାଣୀ ମିଛ ପ୍ରମାଣିତ ହେଉଥିଲା । ଆମେ ଅପେକ୍ଷା କରୁଥିଲୁ ତାର ଶେଷ ଦିନ କିନ୍ତୁ ଘୁଂଚିଘୁଂଚି ଯାଉଥିଲା । ହେଇ ଯାଉଚି - କହି, ତଥାପି ଆସୁ ନ ଥିବାର ଯଂତ୍ରଣାରେ ଆମେ ପୁଲକିତ ହେଉଥିଲୁ ।

॥ ତିନି ॥

ଗତ କାଲି ରାତିରେ "ମୋର ଯିବା ସମୟ ଆଖର ହୋଇଗଲା" ବୋଲି ସେ ଚେତାଇଦେଲା । ପ୍ରାୟ ପାହାନ୍ତାରେ ମୁଁ ବୋଉକୁ ଆବିଷ୍କାର କରିଥିଲି ଏକ ଅଲଗା ରୂପରେ ।

ତା ଲଂବା ଗହଳା ବାଳର ଗଂଠି ଖୋଲିଯାଇଥିଲା । ତା ପାଟିରୁ ପଚା ରକ୍ତର ଧାର ଖଟ ତଳେ ଝରଣାର ଭ୍ରମ ସୃଷ୍ଟିକରୁଥିଲା । ସେ ଖଟ ଉପରେ ବସିଥିଲା ଓ ହାତରେ

Digitized by PPRACHIN, SOA

କନା ଧରି ଗଂଠି ପକୋଉଥିଲା ଓ ଖୋଲୁଥିଲା । ବେଳେ ବେଳେ ଶୋଇ ପଡ଼ିଥିବା ସତୀର ମଥାକୁ ଆଉଁସି ଦଉଥିଲା ।

ମୁଁ ସତୀକୁ ନିଦରୁ ଉଠେଇଲି ।

ତା ପାଖରେ ବସି ପଚାରିଲି - ବୋଉ, ଭଲଲାଗୁନି କି ? କ'ଣ ହଉଚି ?

ଥରଥର ସ୍ୱରରେ କହିଲା - ହଁ, କାଇଁ କିଛି ହେଇନି ତ ?

ପୁଣି ପଚାରିଲି - ମା' ପାଖକୁ ଯିବୁ ? ଚାଲ, ତା ପାଖରେ କେତେଦିନ ରହିବୁ । ଦେଖିବା ।

ସେ ହସିଲା । ମଉଳା ଫୁଲର ହସ ।

କହିଲା - "ଚାଲୁନୁ । ତା କଥା ଭାରି ମନେପଡୁଚି ।"

ସକାଳୁ ସକାଳୁ ଡାକ୍ତର ଆସିଲେ । "ଯେ କୌଣସି ସମୟରେ ସ୍ଟ୍ରିଂକ୍ କରିଯାଇପାରେ" ବୋଲି ଭବିଷ୍ୟବାଣୀ ଶୁଣେଇଲେ । କୋରାମିନ ଔଷଧ ପ୍ୟାକେଟ୍ ମୋ ହାତରେ ଧରେଇ ଦେଲେ । ଖୁଆଇବା ତରିକା ମଧ୍ୟ ବତେଇ ଦେଲେ ।

ଗାଡ଼ି ଆସିଲା । ତାକୁ ତାର ପ୍ରିୟ ଧଳା ନୁଗା, ଶାୟା, ବ୍ଲାଉଜ୍ ପିନ୍ଧେଇ ଚଲେଇ ଚଲେଇ ଗାଡ଼ି ପାଖକୁ ଆଣିଲୁ । ସେ ବସିଲା । ଯେମିତି ତାର କିଛି ହେଇନି । ତାର ଚାରି ପାଖରେ ଆଖିରୁ ନୁହ ପୋଛୁଥିବା ମଣିଷମାନଙ୍କୁ ସ୍ପଷ୍ଟ ସ୍ୱରରେ କହିଲା - ତମେସବୁ କାଂନ୍ଦୁଚ କାହିଁକି ? ମୁଁ ପୁଣି ଆସିବି । ଜଣଜଣ କରି ପ୍ରାୟ ସମସ୍ତଙ୍କ ମୁଣ୍ଡକୁ ଆଉଁଶି ଦେଲା । ପିଲାମାନଙ୍କୁ ଗେଲକଲା ।

ଗାଡ଼ି ଛାଡ଼ିଦେଲା ବେଳେ ତା ନିଜରମାନଙ୍କ ଆଖିର ନୁହବିଂଦୁମାନେ ରୂପାନ୍ତରିତ ହୋଇଯାଇଥିଲେ ସଜଫୁଟା ଫୁଲରେ । ଏବଂ, ଅନୁଗୋଳର ସୀମା ଟପିବା ପରେ ପରେ ସେ ଶୋଇପଡ଼ିଲା ଆମ କୋଳରେ ।

ସେଇ ଶୋଇଚି ଯେ ଶୋଇଚି । କେବଳ ଚାହୁଁଚି । କଥା କହୁନି । ଅନ୍ୟ ଦିନ ହୋଇଥିଲେ, ଖାଲି ଚବର ଚବର ହେଉଥାନ୍ତା । ଢୋଲୋଉଥିବା ସତୀକୁ ଦେଖି ହସି ହସି ଗଡ଼ିଯାଇଥାନ୍ତା । ତାକୁ ଚିମୁଟିବାପାଇଁ ଲିଟୁକୁ ଡାକୁଥାନ୍ତା । ସାଇଭାଇର ଲୋକମାନଙ୍କ କଥାକହି ମଜାକରୁଥାନ୍ତା । ସେ ତା ଗାଁ, ତା ଘରକୁ ଯାଉଚି । ଯୋଉ ଘର ସେ ନିଜ ହାତରେ ତିଆରି କରିଚି । ସେଇ ଘର । ଯେମିତିଆ ଘରଟିଏ ତିଆରି କରିବାପାଇଁ ସେ କେତେ ସପନ ଦେଖିଛି - ସେଇ ଘର । ତା ମା'ର ଘର । ଯେଉଁମାନଙ୍କୁ ତିଆରି କରିଥିଲା - ଯେଉଁମାନଙ୍କ ଭିତରୁ ନୂଆ ରୂପରେ ଆସିବାପାଇଁ ସପନ ଦେଖୁଥିଲା, ସେଇମାନଙ୍କ ମେଳରେ ଶୋଇଚି । ମୋ ମୁହଁକୁ ପଲକହୀନ ଆଖିରେ ଚାହିଁରହିଚି । କ'ଣ କହିବାକୁ ଚାହୁଁଚି, ଯାହା ଆଜି ଯାକେ କହି ପାରିନି ?

ସେ କ'ଣ କହିଦବାକୁ ଚାହୁଁଚି - "ଦେବୁରେ, ମୁଁ ସବୁ ଜାଣିଚି । ମୁଁ ଜାଣିଚି - ମୋର କ'ଣ ହେଇଚି ? ମୁଁ ଜାଣିଚି - ଏ ସଂସାରରୁ ମୋର ଯିବା ସମୟ ପାଖେଇ ଆସିଲାଣି । ତୋ ବାପା, ସାନବାପା, ବଡ଼ବୋଉ, ଜେଜେ, ଜେଜୀମା ଏମାନଙ୍କ ଡାକ ମୋତେ ଶୁଭିଲାଣି । ମୁଁ ଜାଣିଚି, ଭଲ କରି ଜାଣିଚି - ତମେ ସମସ୍ତେ ମତେ

Digitized by PPRACHIN, SOA

ମିଛ କଇଚ । ଆଉ ମୁଁ ବି ଜାଣିଜାଣି ମିଛ କଇଚି । ଆଉ କ'ଣ ବା କରିଥାନ୍ତି କଇଲୁ ? ଜୀବନର ସବୁ ସତ କଥା କ'ଣ ଏ ପର୍ଯ୍ୟନ୍ତ କିଏ ଆଉ କାଆ ଆଗରେ କଇଲାଣି । ଏହା କ'ଣ ସମ୍ଭବ ? ମୁଁ ଆଉ କ'ଣ କରିଥାନ୍ତି ?

ବାପାରେ, ଧନ ମୋର, ସତ ଏକ ମହାଭ୍ରମ । ଈଶ୍ୱର, ଭ୍ରମର ଅବତାର । ଆଉ ମା' ? ତା କଥା କହନାରେ, ସୁଉଦୁ ମିଛେଇ, ହୁଂଦରୀ । ମୋତେ ପରା ସେଇ ଏତେ କଥା ଶିଖେଇଚି ।

ମୁଁ ସାଧାରଣ ମଣିଷ । ପୁଣି ମା'ଟିଏ । କହିଲୁ - ମିଛ ନ କହି ଆଉ କ'ଣ କରିଥାନ୍ତି ?

ସଂସାର ତ ପୂରା ମିଛ । ଡାହା ମିଛ । ମିଛକୁ କିଏ ସତ କରିଦିଏ ଜାଣିଚୁ ? ବୋଉ । କେବଳ ତୋରି ବୋଉ ନୁହଁବା, ସଂସାରଯାକର ସବୁ ବୋଉ । ସେଗୁଡ଼ାକ ମଣିଷ ନୁହନ୍ତି - ଜନ୍ତୁ ଜନ୍ତୁ । ବୁଝିଲୁ" ।

ତା'ର ଦୁଇ ହସିଲା ହସିଲା କଥାକୁହା ଆଖିରେ ମିଶିଯାଉଥିଲି ମୁଁ ।

ତା କପାଳରେ ମୋ ଓଠ ଖେଳିଗଲା ।

ଆଖି ପୂରେଇ ଚାହିଁଲି ।

ସେ ମୋତେ ଚାହିଁଥିଲା ଏକ ଲୟରେ । ମୁଦିଲା ଆଖିରେ ।

ତାକୁ କହିବାକୁ ଇଚ୍ଛା ହଉଥିଲା - ତୁ କ'ଣ କଇବାକୁ ଚାହୁଁଚୁ, ମୁଁ ଜାଣିଚି ଲୋ ମିଛେଇ, ସବୁ ଜାଣିଚି ।

ମୁଁ ତୋରି ପୁଅଟି, ତୋରି ପୁଅ । ତୋରି । ନ କହ ।

●●●

Digitized by PPRACHIN, SOA

ଛାଡ଼ପତ୍ର

ଘରେ ପହଞ୍ଚି, ଚା' ପିଇ ଥକ୍କା ହୋଇସାରିଲା ପରେ, ଗତ ଚାରି ପାଞ୍ଚ ଦିନ ଧରି ମୋ ଭିତରେ ଫୁଟୁଥିବା ରହସ୍ୟ ହଠାତ୍ ମୁହଁ ଉପରକୁ ଉତୁରି ଆସିଲା । ନିଆଁ ମୁହଁରେ ଚିଆଁ ନ ଦେଲେ ଯେମିତି ତା'ର ଶାନ୍ତି ନାହିଁ ।

କହିଲି – ହଇଓ, ଗୋଟାଏ ମଜାକଥା ଶୁଣିଲଣି ! ତମ ନାମଧାରିଣୀ ମଇତ୍ରାଣୀ ତାଙ୍କ ବହୁତ ଉପାଧିମଣ୍ଡିତ ପ୍ରିୟତମ କାନ୍ତ ମଧ୍ୟମପାଣ୍ଡବଙ୍କୁ ଛାଡ଼ପତ୍ର ଦେଇଛନ୍ତି । ଯା' ହେଉ, ଅନେକ ଦିନ ପରେ ଆପଣା ସତୀ ନାମର ମହତ୍ତ୍ୱକୁ ପ୍ରତିଷ୍ଠାକଲେ ।

ମୋ କଥାରେ ଏତେ ଟିକିଏ ଗୁରୁତ୍ୱ ନ ଦେଇ ସହଜ ଭାବରେ ସେ କହିଲେ – ମଲା, ଏଇଟା କୋଉ ଅପୂର୍ବ କଥା ଯେ ! ଏ କଥା ଯେ ଦିନେ ନା ଦିନେ ଘଟିବ, କିଏ ନ ଜାଣିଥିଲା କି ? ସେମାନଙ୍କ ନାଟ ତ ଆଉ ଘରର ଚାରିକାନ୍ଥ ଭିତରେ ଛପି ରହି ନ ଥିଲା । ଗଡ଼ଗଡାଉଥିଲା ରାସ୍ତାଘାଟ, କଲେଜ, ୟୁନିଭରସିଟ୍, ସେକ୍ରେଟାରିଏଟ୍, ଆସେମ୍ବ୍ଲି, ସବୁଆଡ଼େ । ଏତେ ଘାଟରେ କୋଳାହଳ କରିବାଠାରୁ, ଭୟଙ୍କର ଅଶାନ୍ତିରୁ ମୁକ୍ତିପାଇଁ ଅଲଗା ହୋଇଯିବାଟା କ'ଣ ଖରାପ କଥା କି ? ଉଭୟେ ତ ବେଶ୍ ଭଲ ପଇସା ରୋଜଗାର କରୁଛନ୍ତି । ତମେ ପିଲାମାନଙ୍କ କଥା କହିପାର । ମଣିଷ ପିଲା । ଯେ କୌଣସି ପରିସ୍ଥିତିରେ ନିଜକୁ ଚଳେଇ ନେଇ ପାରିବେ । ଭଲ ହୋଇଛି ।

ତାଙ୍କୁ ଆଉରି ଟିକିଏ ଚିଡ଼େଇବାକୁ ଯାଇ କହିଲି – ହଁ ଯେତେହେଲେ ଅନ୍ତରଙ୍ଗ ବାନ୍ଧବୀ ତ । ପୁଣି ତମ ନାମଧାରିଣୀ । ଯମ ମୁହଁରୁ ପତିଦେବତାଙ୍କୁ ଝିଙ୍କିଆଣିବା କଳାରେ ନିପୁଣା । ପ୍ରେମ ବଜାରରେ ତମେ ତ ଦିନେ ଥିଲ ସେମାନଙ୍କ ଚହଟପଣର ଚତୁର ସାକ୍ଷୀ । ସତରେ ଅଦ୍ଭୁତ, ଅଭାବିତ ତମମାନଙ୍କର ବିଚାର ।

ମୋ କଥା ଶୁଣି ସତକୁ ସତ ତାଙ୍କ ଡେଣାମାନେ ଖୋଲିବାକୁ ଆରମ୍ଭକଲେ । ଗୋଡ଼ କଚାଡ଼ି, ମୁହଁ ଫୁଲେଇ କହିଲେ, ହଁ, ସବୁ ଦୋଷ ତ ଆମରି । ଆମେ ସତୀମାନେ ଅସତୀ ହୋଇଗଲୁ । ଯମ ଦାଢ଼ରୁ ପୁରୁଷ ପୁଙ୍ଗବମାନଙ୍କୁ ଛଡ଼େଇ ଆଣି

Digitized by PPRACHIN, SOA

ପାରୁନୁ । ଆଉ ତମେ ସତ୍ୟବାନମାନେ ଏତେ ପତ୍ନୀ ଅନୁରକ୍ତ ଯେ, ସେମାନଙ୍କର ମୁହୂର୍ତ୍ତକର ବିଚ୍ଛେଦକୁ ସହିପାରୁନ । ସ୍ମୃତି ଭିତରେ ଜୀବନ ଖୋଜିବାଲାଗି ଆନ ତରୁଣୀମାନଙ୍କ ଭିତରେ ନିଜକୁ ଯୋଡ଼ି ଦଉଚ । ପୁରୁଷପଣକୁ ସାବ୍ୟସ୍ତ କରୁଚ । ମାଜିମୁଜି ହୋଇ କେତେ ତୋଫା ଦିଶୁଚ । ଚିକ୍କଣ, ଚହଟ, ସୁବାସିତ । ଆଉ ଆମେ ଅନ୍ୟ ପୁରୁଷର ରୂପ ଗୁଣର ଟିକିଏ ପ୍ରଶଂସା କରିଦେଲେ – କଳା ଲାଗିଯାଉଚି ଦେହସାରା । ଦଇବ ଯୋଗକୁ ଯମ ପୁରକୁ ଚାଲିଗଲେ – ତମ ତାପ ଏତେ ଅସମ୍ଭାଳ ହେଉଛି ଯେ, ମୁହୂର୍ତ୍ତକ ଭିତରେ ଆନ ଅନୁରାଗିଣୀର ସାନ୍ନିଧ ଲୋଡୁଛ – ସତ ନା ?

ତାଙ୍କ ପୁରୁଷ-ବିରୋଧୀ ଶାଣିତ ଜିଭ ମୋ ପୌରୁଷପ୍ରତି ଥିଲା ପ୍ରଚଣ୍ଡ ଆହ୍ୱାନ । ପ୍ରସଙ୍ଗ ବଦଳେଇ ଏକ ଶାସ୍ତ୍ରୀୟଶୈଳୀରେ କହିଲି – ଭଦ୍ରେ ! ଆର୍ଯ୍ୟପୁତ୍ରି ! ତବ ପ୍ରିୟତମା ମିତଣୀ ସତୀଦେବୀ ପତିପରମେଶ୍ୱରଙ୍କୁ ତ୍ୟାଗପତ୍ର ପ୍ରଦାନ କରିନାହାନ୍ତି ଯେ, ସ୍ୱୟଂ ତୁମେ, ତୁମେ ହିଁ ସିଦ୍ଧାନ୍ତ ଗ୍ରହଣକରି ଅଧୀନ ଦେବଦାସକୁ ଅଶେଷ ଦୟା କରିଛ ।

ମୋ ରାଜକୀୟ ସଂଳାପ ସମ୍ଭବତଃ ତାଙ୍କୁ ସାମାନ୍ୟ ବିଚଳିତ କଲା । ପୁରୁଷ-ବିରୋଧୀ ମାନସିକତାର ତେଜ ମଳିନ ପଡ଼ିଆସିଲା । ପାଖରେ, ପଲଙ୍କ ଉପରେ ବସିପଡ଼ି ପଚାରିଲେ - ଏ ଅସମ୍ଭବ କଥା ତମକୁ କହିଲା କିଏ ? କିଏ ରାଷ୍ଟ୍ରକଲା ? ତୁମେ ନୁହଁ ତ ?

ତାଙ୍କୁ ଆଉରି ଚିଡ଼େଇବାକୁ ଯାଇ ମୁଁ କହିଲି - ଆଜ୍ଞା, ଅସମ୍ଭବ ବୋଲି କାହିଁକି ଭାବୁଛନ୍ତି ଯେ ! ମୁଁ ତ ଜମାରୁ ସତ୍ୟବାନ ନୁହେଁ । ତମ ପରି ନଈଟିଏ ମୋ ପରି ଏକ ଉଦ୍ଧତ, ଅବାଧ ଓ ଅଭଦ୍ରକୁ ଯେ କେତେ ଭାବରେ ସାଧ କରିପାରିଚି, ଏକଥା କ'ଣ ତମେ ଜାଣିନ ? ହଁ ମାନୁଚି – ତମେ ଦାଣ୍ଡକୁ ଯାଇନ। ମାତ୍ର ଅନେକ ଥର ତ ଖଟ ଦୁଇଟି ଅଲଗା ହୋଇଥିବ । ଅନେକ ରାତି ଓ ନିରୋଳା ସମୟରେ ତମ ସନ୍ଦେହ, ଅଭିମାନ ଓ କ୍ରୋଧର ଲୁହ ଦୁଆର, ବାରଣ୍ଡା ଅଥବା ଚଟାଣରେ କ'ଣ ନଈ ସୃଜି ନାହାନ୍ତି ? ବିଭଙ୍ଗ ସ୍ୱପ୍ନର ଜ୍ୱାଳାରେ ତମେ କ'ଣ କାତର ହୋଇନ ? ଏସବୁ କ'ଣ ମିଛ କଥା ?

–ହଉ, ଭଲ ହେଲା । ମୁଁ ସତୀ ନୁହେଁ । ମୁଁ କିଛି ନୁହେଁ । ମୋ ପ୍ରେମ, ସନ୍ଦେହ, ଅଭିମାନ, ଲୁହ, ସବୁକିଛି ମିଛ । ମିଛ ମୋର ଆବେଗ, ଯନ୍ତ୍ରଣା ଓ ଅପେକ୍ଷା । ତମେ ନିରୋଳା ସତ୍ୟବାନ । ସତ କହିଲ, କୋଉ ବାଡ଼ିପଶା ଏ ଚମତ୍କାର ଚୁଗୁଲି କରୁଥିଲା । ମୋ ରାଣ, କୁହ ମ ?

ତାଙ୍କ ଉତ୍କଣ୍ଠାକୁ ଅଧିକ ଘନୀଭୂତ କରିବାକୁ ଯାଇ କହିଲି - ଅୟି ସତୀଶିରୋମଣି, ସେ ରାଣଫାଣ ଥାଉ । ସତ କହିଲ - ଯୋଡ଼ା ଖଟ ଭିତରେ କ'ଣ ଫାଙ୍କ ସୃଷ୍ଟି ହୋଇନି ? ଗୋଟିଏ ରାତି କ'ଣ ପ୍ରଲମ୍ବିତ ହୋଇନି ଅୟୁତ ଯୁଗର ରାତିରେ ? ବିନ୍ଦୁ ବିନ୍ଦୁ ଲୁହମାନେ କ'ଣ ଅନନ୍ତ ସମୁଦ୍ର ସୃଜିନାହାନ୍ତି ? ଅନେକ ଅଭିଯୋଗ କ'ଣ

Digitized by PPRACHIN, SOA

ସୃଜିନି ସୀମାହୀନ ମରୁଭୂମି ? ବାସ୍, ତାହା ଯଦି ସତ, ମିତଣୀ ଭିତରେ ନିଜକୁ ଅନୁଭବିବାରେ ଭୁଲ ବା କେଉଁଠି ?

ମୋ ଶାସ୍ତ୍ରୀୟ କଥା ଶୁଣି ଏଥର ସତରେ ସେ ଡେଇଁବାକୁ ଆରମ୍ଭକଲେ । ଓହୋ, ଭାରି କଥାଟାଏ ଯେ, ନ ଜାଣିଲେ ମୋର ଯେମିତି କ'ଣ ନାଇଁ କ'ଣ ହୋଇ ଯାଉଚି । ନ କହିଲେ ନାଇଁ । ମୁଁ ଯେମିତି ମିଛଟାରେ କାନ୍ଦୁଥିଲି । ମିଛ ମୋର ସନ୍ଦେହ, ଅଭିମାନ, ଭଲପାଇବା, ସବୁକିଛି । ସତ କେବଳ ତମେ ଆଉ ତମର –

'ତମର' ପାଖରେ ଅଟକିଗଲା ତାଙ୍କର ଓଦାଳିଆ ସ୍ୱର । ତାକୁ ପୂରଣ କରିବାପାଇଁ ମୋ ପାଖରେ ଅସଲ ଶବ୍ଦଟିଏ ନ ଥିଲା । ତଥାପି ଖଳବୁଦ୍ଧିରେ କହିଲି – ! "କ୍ରୋଧ ଆଉ କଥା ।"

ମୋ ଶବ୍ଦ ଦୁଇଟି ତାଙ୍କୁ ସମ୍ଭବତଃ ଅଧିକ ନାଚିବାକୁ ସୁଯୋଗ ଦେଲା । କହିଲେ – ତମେ ନିଜ ବିଷୟରେ ଯାହା କହିଲ, ତାହା ସତ କି ମିଛ, ସେ ବିଷୟରେ ନିଜକୁ ଟିକିଏ ପଚାରୁନ ? ମତେ କାହିଁକି କହିବାକୁ ବାଧ କରୁଛ ? ବୁଝିଲି, ତମରି ଏଇ କ୍ରୋଧ କେବଳ ମତେ ନୁହେଁ, ତମକୁ, ତମ ନିଜରମାନଙ୍କୁ ପୋଡ଼ି ସଫାକରିଦବ । ପାଣି ପକେଇବାକୁ ସେତେବେଳେ ମୁଁ କୋଉ ଥିବି ଯେ । ମୁଁ କାଇଁକି ତମକୁ କିଛି କହିବି ? ମୁଁ କାଇଁକି ଫାଟିଯିବି ଗୋଟାପଣେ ? ମୁଁ ମୋ ଭିତରେ ଥାଏ । କାନ୍ଦୁଥାଏ ଜୀବନସାରା । ଆଉ ହସୁଥାଅ ତମେ ।

ଆଖିରେ ତାଙ୍କର ଯେମିତି ଫୁଲି ଉଠୁଥିଲା ଅନେକ ଅଭିଯୋଗ ଓ ଅନୁରାଗର ସମୁଦ୍ର । ଉତ୍ତରକୁ ଅପେକ୍ଷା ନ କରି ସେ ଉଠିଗଲେ ତାଙ୍କ କାମରେ । ଗଲେନି ତ, ବରଂ ପ୍ରଶ୍ନର ଜାଲଟିଏ ଫିଙ୍ଗି ଦେଇଗଲେ ମୋ ଉପରେ । କହୁଥିଲେ – ପୌରୁଷ ଅଛି ତ, ଜାଲ କାଟି ବାହାରି ଆସ । ବାହାର ଅପେକ୍ଷା କରିଛି । ଦେଖିବି, କେତେ ଶକ୍ତି ତମ ଭିତରେ । କେତେ ଶକ୍ତି ।

ଏବଂ, ଜାଲ ଭିତରେ ମୁଁ ଘୂରିବୁଲୁଥିଲି ବାତୁଳଙ୍କ ପରି । ବାଟ ଖୋଜୁଥିଲି । ବାରମ୍ବାର ଗୁଡ଼େଇ ହୋଇଯାଉଥିଲି ତା'ର ସୂତା ଆଉ ଗୋଡ଼ିରେ । କୂଳରେ ଠିଆ ହୋଇ ତାଙ୍କ ଅଦୃଶ୍ୟ ସତ୍ତା ହସୁଥିଲା । ଲୋଭନୀୟ, ଯୋଗୀଜନ ମନଭୁଲା ହସ ।

ବାଡ଼ିଟିଏ ହାତରେ ଧରି ମତେ କୋବଲୋଉଥିଲେ, ଆଉ କହୁଥିଲେ – ହେ ମୋର ପତିଦେବତା, ଇହ ଆଉ ପରକାଳର ପରିତ୍ରାତା ସତ୍ୟବାନ, ଏ ପନ୍ଦର ବରଷର ଯୁକ୍ତଜୀବନ ଭିତରେ କୋଉ ଗୋଟିଏ ମାତ୍ର ପ୍ରତିଶ୍ରୁତି ତମେ ରକ୍ଷାକରିଚ କହିପାରିବ ?

ଉଁହୁଁ, ପନ୍ଦର କାଇଁକି ମ ? ତା'ର ଅନେକ ଆଗରୁ, ଯୋଉଦିନ ଜାଲ ପକେଇ କେତେ ଚତୁର ରୀତିରେ ମତେ ଧରିନେଇଥିଲ... ନିଜ ବେତବୁଣା ଖାଳେଇ ଭିତରେ ପୂରେଇ ନିଜ ଇଚ୍ଛାମତେ ଖେଳୋଉଥିଲ, ଭାରି ମଜା ଲାଗୁଥିଲା ନା ? ବେଳେବେଳେ

Digitized by PPRACHIN, SOA

ଖାଳେଇ ଭିତରୁ ମତେ ବାହାରକୁ ଆଣୁଥିଲ । ଶରଧାର ହାତରେ ଆଉଁଶି ଦଉଥିଲ । କହୁଥିଲ - ତମକୁ ଏମିତି ଆଉ ବନ୍ଦିନୀ କରି ରଖିବିନି । ପାଣି ଭିତରେ ଛାଡ଼ିଦେବି । ନିଜେ ବି ଡେଇଁ ପଡ଼ିବି ପାଣି ଭିତରକୁ । ତମେ ଖେଳିବ ନିଜ ଇଚ୍ଛା ମତେ, କେତେ ଭଙ୍ଗୀରେ, ପୁଲକରେ । ତମକୁ ଧରିବାପାଇଁ ଆଉ ଜମାରୁ ଜାଲ ପକେଇବିନି । ଧୀବରଟିଏ ହୋଇଯିବିନି । ଜାଲଟିଏ ହୋଇଯିବି । ତମେ ଛନ୍ଦି ହୋଇଯାଉଥିବ ଜାଲ ଭିତରେ । ଚିକ୍କଣ ଦେହ ଆଉ ମୁନିଆ ଦାନ୍ତରେ ଜାଲର ସୂତାକୁ ଛୁଉଁଥିବ । ଘଷି ହେଉଥିବ । ବିରାଗରେ ନୁହେଁ, ସରାଗରେ । ରୁଟ୍‌କିନା କାମୁଡ଼ି ଦେଉଥିବ । ଆଉ ମୁଁ ଓଃ କହିବା ପୂର୍ବରୁ, ଜିଭର ଛୁଆଁରେ ଦରଜକୁ ଶୋଷି ନଉଥିବ । ମିଶିଯିବାକୁ କେତେମତେ ଉଚ୍ଛାଟ ହେଉଥିବ ।

କେତେ ଅଲାଜୁକ, ବେହିଆ ହୋଇଯାଉଥିଲ ବା ସେତେବେଳେ ? କୁଆଡ଼େ ଗଲା ସେସବୁ ଦିନ କେଜାଣି ? କେମିତି ଭୁଲିଗଲ ଏତେ କଥା ସହଜରେ । ଭୁଲିଯିବା ଯେମିତି ତମର ଧରମ । ଉଁହୁଁ, ତମ କଥା କଉନିମ । ତମର ନୁହେଁ, ତମପରି ପୁରୁଷପୁଙ୍ଗବମାନଙ୍କର । ଏବଂ, ଭୁଲି ନପାରି ଭିତରେ ଭିତରେ କାନ୍ଦିବା, ଝୁରିହେବା, କେବଳ ମୋରି, ନାଁ ମୋରି କାଇଁକି, ମୋ ପରି ଅବଳାମାନଙ୍କର କରମ ଆଉ ଧରମ ।

ମନେ ପଡୁଚିନା ସେଦିନ କଥାସବୁ । ହାତଗଣ୍ଠି ପଡ଼ିବାର ଅନେକ ଦିନ ଆଗର କଥା । ନା, ସବୁକିଛି ପାସୋରି ପକେଇଲଣି ? ମନ ଭଲ ନ ଲାଗିଲେ ଏକମୁହାଁ ହୋଇ ଧାଇଁ ଆସୁଥିଲ ମୋ ପାଖକୁ । ଗେହ୍ଲେଇହୋଇ କହୁଥିଲ - କେଜାଣି କାଇଁକି କିଛି ଭଲ ଲାଗୁନି । କୁଆଡ଼େ ଯାଇ ଟିକିଏ ବୁଲି ଆସିଲେ ହ'ନ୍ତାନି ?

ପଚାରୁଥିଲି - ଭଲ ନ ଲାଗିବାର କାରଣ ଜାଣିପାରେ କି ? ବୁଲି ଆସିଲେ କ'ଣ ସବୁ ଅବସାଦ ତୁଟିଯାଏ ?

ତା'ପରେ ତମେ ମତେ ଚାହୁଁଥିଲ । ଉତ୍ତରରେ ପରିପୂର୍ଣ୍ଣ ଚାହାଣି । କିଛି ବୋଲି କିଛି ତୁଣ୍ଡରେ ଧରୁ ନଥିଲ । ଆଖିର ଜାଲରେ ମତେ ଏମିତି ବାନ୍ଧି ରଖୁଥିଲ ଯେ, ନୀରବରେ ନିଜକୁ ଯେମିତି କହି ପକେଉଥିଲି - ମତେ ବି ଭଲ ଲାଗୁନି ମ । ଚାଲ କୁଆଡ଼େ ଟିକିଏ ବୁଲିଆସିବା । ମନେମନେ ପରା ତମକୁ କେତେକରି ଖୋଜୁଥିଲି । ଭାବିଥିଲି ତମ ପାଖକୁ ଯିବାପାଇଁ ।

ମୋ ଭିତରେ ପବନ ଖୋଜୁଥିବା ଉତ୍ସୁକ କଳିକାଟି ମୁକୁଳିତ ହେଉଥିଲା ଆପେ ଆପେ । ତମ ସାଙ୍ଗରେ ବାହାରି ପଡୁଥିଲି । ଆଉ ତମେ ମତେ କୁଆଡ଼େ ନାଇଁ କୁଆଡ଼େ ନେଇଯାଉଥିଲ । କୋଉଦିନ ଧବଳେଶ୍ୱରର ନିଃସଙ୍ଗ ଡାକବଙ୍ଗଳା, ବାରବାଟିର କଥାକୁହା ସ୍ତୂପ, ଶୋଭାର ପସରା ନନ୍ଦନକାନନ । ବେଶି ଦୂର ଯାଇ ନ ହେଲେ

Digitized by PPRACHIN, SOA

ପ୍ଲାଟଫର୍ମର ଶେଷ ସିମେଣ୍ଟ ବେଞ୍ଚ୍ । ମୋ ସାଙ୍ଗରେ କେତେ ଛଟରାମି କରୁ ନ ଥିଲ ? ଲାଜ, ଭୟ, ମାନ, ସମ୍ମାନ ସବୁକିଛିକୁ ପୋଛି ଦେଇଥିଲ ଚେତନାରୁ । କେତେ ସପନ ଦେଖୋଉଥିଲ । କେତେ ପ୍ରତିଶ୍ରୁତି ଦେଉଥିଲ । ନଈର ଗୀତ ଶୁଣୁଥିଲ । ପାଦରେ ପାଣି ଚବଚବ କରୁଥିଲ । ମୋ ପାଦରେ ପିନ୍ଧେଇ ଦଉଥିଲ ଝୁମୁକାଲଗା ପାଉଁଜ । ଗଭାରେ ଖୋଷି ଦଉଥିଲ ସଜଫୁଲ । ଛି । ହ୍ରଦ କୂଳରେ ବସି ହଜି ଯାଉଥିଲ, ମିଳନ-ପ୍ରମତ୍ତ, ଯୁଗଳବନ୍ଦୀ ସାରସ ଦମ୍ପତ୍ତିଙ୍କ ଭିତରେ । ସେଠୁ ପୁଣି ଉଠି ଯାଉଥିଲ କୋଉ ଗଛ ଛାଇକୁ, ଲତା କୁଞ୍ଜକୁ । ଗଛକୁ ଆଉଜି ବସୁଥିଲ । ଚତୁର ଚୋର ପରି ଚୁମା ଖାଉଥିଲ ଦେହର ମୁକୁଳା ଚଉହଦିରେ । ସ୍ୱପ୍ନ ଦେଖୋଉଥିଲ ପରିପୂର୍ଣ୍ଣ ଭବିଷ୍ୟତର । କହୁଥିଲ ସତୀ, ଏବେ ଭଲ ଲାଗୁନିମ । ସେଇଦିନ ଭଲ ଲାଗିବ, ଯୋଉଦିନ ସବୁଜ ଲନ୍ ଉପରେ ତମ ପବିତ୍ର ଚେତନାକୁ ଖୋଲିଦେବେ ଆମର ଭବିଷ୍ୟତମାନେ । ଭାରି ଭଲ ଲାଗିବ ନା ? କେବେ ଆସିବ ସେଦିନ ? କେବେ ?

ବାରମ୍ୱାର ସେଇ ପୁରୁଣା ପ୍ରଶ୍ନରେ ମୋତେ ଆକ୍ରାନ୍ତ କରୁଥିବ । ଚାହୁଁଥିବ । ହସୁଥିବ । ପ୍ରଶ୍ନର ଜାଲ ବୁଣୁଥିବ । ଉତ୍ତର ଆଶା କରୁଥିବ । ଆଉ ମୁଁ ତୁଣ୍ଡ ନ ଖୋଲି ନିରବ ରହି ଯାଉଥିବି ନିଜ ଭିତରେ । ସେ କଥାସବୁ କେବେ କ'ଣ ଏତେ ସହଜରେ କହିହୁଏ ? କହିଦେଲେ ତ ସବୁକିଛି ମରିଯାଏ । କଥା ସରିଯାଏ । ସତ ନା ?

ମୁଁ ପ୍ରତିଶ୍ରୁତିକୁ ନିଜ ଭିତରେ ସାଇତି ରଖୁଥିଲି ଅତି ଯତନରେ । କହି ନ ଥିଲି । ଆକାର ଦେଇଥିଲି । ତମର ଉତ୍ତରାଧିକାରୀମାନଙ୍କୁ ମାଟି ଉପରକୁ ଆଣିଥିଲି । ମାତ୍ର ତମେ ଯେ ତମ ପ୍ରତିଶ୍ରୁତି ପାଳନ କରିଛ ଓ ଏ କଥା କ'ଣ ଛାତିରେ ହାତରଖି କହିପାରିବ ? ପ୍ରାୟ ସବୁ ମାସରେ ସେଇ ପରିଚିତ କଟକ ସହରକୁ ଯାଉଚ । କହିଲ - ଥରୁଟିଏପାଇଁ କ'ଣ ସାଙ୍ଗରେ ନେଇଚ ? ପ୍ଲାଟଫର୍ମରେ ସେଇ ଶେଷ ସିମେଣ୍ଟ ବେଞ୍ଚ, ବାରବାଟିର କଥାକୁହା ସ୍ତୂପ, ଧବଳେଶ୍ୱର ପଠାର ସେଇ ଅପେକ୍ଷାରତ ଡାକବଙ୍ଗଳା, ଗଡ଼ଗଡ଼ିଆ ଘାଟର ବଉଳଗଛର ଛାଇ, ମହାନଦୀର ଖୋଲା ଛାତିରେ ଛୋଟ ଡଙ୍ଗାର କୋମଳ କୋଳ, ନନ୍ଦନକାନନର ସବୁଜ ଲନ୍, ଗହଳ କୁଂଜ ଭିତରେ ସ୍ମୃତିକୁ ଖୋଜିବାପାଇଁ କ'ଣ ମାତ୍ର ଥରୁଟିଏ ସୁଯୋଗ ଦେଇଚ ? ସବୁ ଦିନେ ସେମାନଙ୍କ ନିବିଡ଼ ଭଲ ପାଇବାର ସୁର ମୋ କାନରେ କେତେକଥା କହିଯାଏ । ଆଉ ମାତ୍ର କେଇଟି ବରଷ ପରେ ତୁମ ଉତ୍ତରାଧିକାରୀମାନେ ସେମାନଙ୍କ ଖୋଲା କୋଳକୁ ଆପଣାଛାଏଁ ଟାଣି ହୋଇଯିବେ । ତମେ କିନ୍ତୁ ଯାଇପାରିବନି । ନାଁ ପାରିବନି । ତମ ସ୍ୱପ୍ନ, ତମ ପ୍ରତିଶ୍ରୁତି, ତମ ଭାବପ୍ରବଣତା - ଏସବୁର କିଛି ଅର୍ଥ ନାହିଁ । ତମ ପାଖରେ ଅର୍ଥମୟ କେବଳ ତମର କର୍ତ୍ତବ୍ୟ । ଭାବପ୍ରବଣତା ନୁହେଁ । କୁଆଡ଼େ

Digitized by PPRACHIN, SOA

ହଜିଗଲା ସେଦିନ ? କେଉଁ ଅସୁରୁଣୀର ସିନ୍ଦୁକ ଭିତରେ ନିଖୋଜ ହୋଇଗଲ ତମେ ? ଆଜି କ'ଣ ସେଦିନମାନଙ୍କର କଥା ଏତେ ଟିକିଏ ବି ମନେ ପଡ଼େନି ? ଯେତେବେଳେ ପାଖକୁ ଆସ, ଥଳିଭରି ଆଣିଥାଅ ଖାଲି ଅଭିଯୋଗ ଆଉ ଅଭିଯୋଗ । ଆଉ ଇଏ ପୁଣି କାଳେ ଜୀବନ । ସାଧାରଣ ଜୀବନ ନୁହେଁ, ଜଗତଜନଙ୍କ ଆଖିରେ ଆଦର୍ଶ, ସୁଖ ଓ କର୍ତ୍ତବ୍ୟରେ ପରିପୂର୍ଣ୍ଣ । ପ୍ରାପ୍ତିର ପୁଲକରେ ସଙ୍ଗୀତମୟ ।"

ହଁ, ସତୀର ନିରବତାକୁ ମୁଁ ସହଜରେ ପଢ଼ିପାରୁଥିଲି ଏବଂ କହୁଥିଲି – ମୁଁ ପାହାଡ଼ ଚଢ଼େଇଛି – ଅନେକ ପାହାଡ଼ । ସମୁଦ୍ରରେ ଲହଡ଼ି ଭଙ୍ଗେଇଛି – ଅନେକଥର । ନଈରେ ପହଁରେଇଛି – ବାରମ୍ବାର । ଚିତ୍ରମୟ ସ୍ୱପ୍ନମାନଙ୍କରେ ବିଭୋର କରିଛି । ଆପଣା ଶକ୍ତ ଜାଲ ଭିତରେ, ସହସ୍ର ଗଣ୍ଠିର ଗାଲିରେ ଛନ୍ଦି ପକେଇଛି ଏବଂ ସବୁ କିଛି ଲୁଟିନେଲା ପରେ ଗୋଟି ଗୋଟି କରି ଭାଙ୍ଗି ପକେଇଛି ତା'ର ସବୁଜ ସ୍ୱପ୍ନମାନଙ୍କୁ । ତା'ର ଅଭିଯୋଗ – କିଛି ବୋଲି କିଛି ଦେଇନି ତାକୁ । କେବଳ ଝୁଣି ଆସୁଛି ଆଉ ଆସୁଛି । ମୁଁ କେବଳ କ୍ରୋଧ ପ୍ରକାଶିପାରେ । ବିରକ୍ତ ହୋଇପାରେ । କାଟିପାରେ, ଭାଙ୍ଗିପାରେ, ବିଦାରିପାରେ। ଆଉ କିଛି ବୋଲି କିଛି କରିପାରିବାର ମୋର ଅଧିକାର ନାହିଁ । ନାହିଁ ପୁଲକ ଦେବାର ସାମର୍ଥ୍ୟ । ରୁକ୍ଷତା, ନିଷ୍କରୁଣତା ଓ ଅବିବେକିତାର ମୁଁ ଏକ ଚଳମାନ ପ୍ରତୀକ । ନିର୍ମମ, ଭୟଙ୍କର, ଅନୁଦାର ।

ପରମୁହୂର୍ତ୍ତରେ ମୁଁ ପଚାରୁଥିଲି ନିଜକୁ "ମୁଁ ବା କ'ଣ ପାଇଚି କାହାଠାରୁ ? ମୋର କ'ଣ ସ୍ୱପ୍ନ ଦେଖିବାର ଅଧିକାର ନାହିଁ ? ଆଖି ନାହିଁ, କାନ ନାହିଁ, ହାତ ନାହିଁ, ଗୋଡ଼ ନାହିଁ, ମନ ନାହିଁ । ନା, କିଛି ବୋଲି କିଛି ନାହିଁ । କେବଳ ଯନ୍ତ୍ରଟିଏ, ଯନ୍ତ୍ର ।"

କେତେ ସମୟ ନିଜ ଭିତରେ ଏମିତି ବୁଡ଼ି ରହିଛି ଜାଣିନି । କାହାର କୋମଳ ଛୁଆଁରେ ନିଜ ପାଖକୁ ଫେରିଆସିଲି । ମୋର ଏଇ ବୁଡ଼ାଭାବ ସହିତ ଜଗତରେ ସତୀଠାରୁ ଆଉ କିଏ ଅଧିକ ପରିଚିତ ଯେ । ନିଜ ପ୍ରେମମୟ ଆକାଶ ଛାତିରେ ସେ କେତେକାଳ ଉଡ଼ି ବୁଲୁଥିଲା କେଜାଣି ? ସମ୍ଭବତଃ ଆଉ ପାରିଲାନି । କ୍ଳାନ୍ତ ମନନେଇ ଉଡ଼ି ଆସିଲା ମୋ ଗଛର ଗହଳ ଡାଳକୁ । ପଚାରିଲା – କଉନ, କିଏ କଉଥିଲା ଡିଭୋର୍ସ କରିବା କଥା ।

ହସି ହସି ଗମ୍ଭୀର ସ୍ୱରରେ କହିଲି – କ'ଣ ପଚାରିବ ? କାହାକୁ, କେତେ ଜଣକୁ ପଚାରିବ ? ପ୍ରମାଣ ଲୋଡ଼ିବ ନା କ'ଣ? ଯଦି ସତ ହୁଏ ?

ଛେନାଗୁଡ଼ ହେଇଚି । ପଚାରିଲାବେଳକୁ ବେଶି ଛୋପରେଇ ହଉଚନ୍ତି ।

କହିଲି – ନା, କିଛି ନୁହେଁ, ସେମିତି, ଜୋକ୍ କରୁଥିଲି ।

– ତମେ ତ ଜାଣ, ମତେ ଜୋକ୍‌ଫୋକ୍ ଭଲଲାଗେନି ।

Digitized by PPRACHIN, SOA

ନ କହିଲେ ନା–

ତାଙ୍କ ତୁଣ୍ଡରୁ କଥା ଛଡ଼େଇ ନେଇ କହିଲି - ଖରାପ ହେଇଯିବ ନା କ'ଣ ? ତମେ ତ ଜାଣିଚ, ନିଆଁ ନ ଥାଇ ଧୂଆଁ ନ ଥାଏ । ସତ ନା ?

ହଠାତ୍ ସେ କହିଲେ - ନା, ମିଛ ।

ମୁଁ କହିଲି – ତମେ ତ କୁହ, ମୁଁ କାଳେ ରୁକ୍ଷ, ଭୟଙ୍କର । ଖାସ୍ ତମେ ବୋଲି ମତେ ଭଲପାଉଥିଲ । ଆଉ ଅନ୍ୟମାନେ ? ମୋ ଛାଇ ପଡ଼ିଲେ କିଏ କୁଆଡ଼େ ବାଟଭାଙ୍ଗି ଚାଲି ଯାଉଥିଲେ । ମୁଁ କ'ଣ ସତରେ ଏତେ ଭୟଙ୍କର, କୁତ୍ସିତ, ଅମଣିଷ ?

ମୋ କଥା ସମ୍ଭବତଃ ତାଙ୍କୁ ବେଶ୍ ଆଘାତ ଦେଲା । ଲୁହ ଛଳଛଳ ଆଖିରେ କହିଲେ - "କିଏ କହିଲା ସେ କଥା ? ମିଛ । ସୁଉଦୁ ମିଛ ।"

ମୁଁ ପୁଣି କପଟ କଣ୍ଠରେ କହିଲି - ନା'ମ, ଏକଦମ୍ ସତକଥା । ଏତେ ଟିକିଏ ବି ମିଛ ନାଇଁ । ମୋତେ ଦେଖିଲେ ଝିଅବୋହୂ ତ ଦୂରର କଥା, ପୁଅମାନେ ବି କାଳେ ଆଡ଼ ହୋଇଯା'ନ୍ତି । ଭରସି କଥା କହିପାରନ୍ତିନି । ଅନେକ ବନ୍ଧୁଙ୍କ ମୁହଁରୁ ମୁଁ ସେଇକଥା ଶୁଣିଛି । ମୋ ମୁହଁ ଯେମିତି କ୍ରୋଧର ଏକ ତତଲା ପିଣ୍ଡ । ସେମାନଙ୍କର ଏ ଅଭିଯୋଗ ମିଛ ନୁହେଁ ତ ? ଅଭିଯୋଗ ତ କହି.ହବନି । ବରଂ ମୋ ଆଚରଣକୁ ସଂଶୋଧନ କରିବାପାଇଁ ଏକ ଚେତାବନୀ ।

ଟିକିଏ ଭାରି କଣ୍ଠରେ ସେ କହିଲେ – ତମେ ତ ସବୁବେଳେ ଖାଲି ରାଗିଲାପରି କଥା କହିବ, ଡର ମାଡ଼ିବନି । କଅଁଳ ଆଉ ମିଠା କଥା ଯେମିତି ତୁମ ତୁଣ୍ଡରେ ନାହିଁ ।

ତାଙ୍କ ତୁଣ୍ଡରୁ କଥା ଛଡ଼େଇ କହିଲି - ଏମିତି ଜଣେ ଦୁର୍ମୁଖକୁ ଯେ ଆନନାରୀ ପ୍ରେମ କରିପାରିବ, ଏ କଥା କ'ଣ ତମେ ବିଶ୍ୱାସ କରିପାରୁଚ ? ବିଶ୍ୱାସ କରିପାରୁଚ ଏ ବୟସରେ ?

ମୋ କଥା ଶୁଣି ସତୀ ସତରେ ଏଥର ହସିଲା । କହିଲା - ତମ ବୟସ ତ ଦିନକୁ ଦିନ କମିକମି ଯାଉଚି । ମାର୍କେଟ ପୂରା ଜମି ଆସିଲାଣି । ବୁଢ଼ା ହେଲ କୋଉକାଳେ ?

ରହସ୍ୟ କରି କହିଲି - ତମେ କେମିତି ଏ ଅତି ଗୂଢ଼ ତଥ୍ୟର ସନ୍ଧାନ ପାଇଲ ?

ସେ କହିଲା – ପାଇଚି, ଅସଲ ଜାଗାରୁ ପାଇଚି ମ । ବୁଝିଲ - ତମକୁ ମୁଁ ଯେମିତି ଜାଣିଚି ନା, ଜଗତରେ ଆଉ କେହି ସେମିତି ଜାଣିନାହାନ୍ତି । ତମ ପରି ଜବର ବୁଡ଼ାଳୀକୁ ଜାଣିବାପାଇଁ କେତେ ସମୟ ଦରକାର ବା ? ପୁଅପିଲାଙ୍କୁ ତତଲା ବୟସରେ ବିଧା, ଚାପୁଡ଼ା, ଖୁନ୍ଦା ମାରୁଥିବା ଗୋଟାଏ ଉଦଣ୍ଡୀ ଟୋକୀକୁ ଯୋଉ ମଣିଷ ଜଣକ ବଶ କରିପାରିଲା, ତା' ଭିତରର ସୁରସିକପଣକୁ ତା' ବ୍ୟତୀତ ଆଉ ଅଧିକ କିଏ ଜାଣିପାରିବ ଯେ !

Digitized by PPRACHIN, SOA

ପ୍ରାୟ ସତର ବର୍ଷରୁ ଅଧିକ କାଳ ସମ୍ପର୍କ ଭିତରେ ସତୀ ତୁଣ୍ଡରୁ ଏପରି ବିଚିତ୍ର କବିତା ଆଗରୁ କେବେ ଶୁଣି ନ ଥିଲି । ବାରମ୍ବାର ମୋର ରୁକ୍ଷତାକୁ ପ୍ରଚାର କରୁଥିବା ଏଇ ନାରୀଟି ମୋ ପାଖରେ କ୍ରମଶଃ ଅଧିକରୁ ଅଧିକ ରହସ୍ୟମୟୀ ହୋଇ ପଡୁଥିଲା ।

ତାକୁ ଅଧିକ ତେଜିଦବାକୁ ଯାଇ କହିଲି - ବାଃ, କି ଚମତ୍କାର ପ୍ରେମପଞ୍ଚକା । କୋଉ ଗୁମୁଟି ଭିତରେ ନୁଚି ରହିଥିଲା ଆଜିଯାକେ ?

ପ୍ରଗଲ୍ଭା ନଈଟିଏ ପରି ସେ କହିଲା - ତମେ ଜାଣିନ ବାବୁ, ତମେ ମୋ'ଠାରୁ ଦୂରେଇ ରହିଲେ ଯେତିକି ବ୍ୟାକୁଳ ହୁଏ, ତା'ଠାରୁ ଅଧିକ ଭୟଲାଗେ ପାଖେଇ ଆସିଲେ । ପାଖରେ ଥିଲାବେଳେ ଜମାରୁ ଛାଡ଼ିବାକୁ ମନ କହେନି । ଅନୁଭବ କରେ, ସତେ ଯେପରି ଅନେକ କଳା - ବିଳାସୁଣୀ ନାଗୁଣୀ ମୋ ପାଖରୁ ତମକୁ ଛଡ଼େଇ ନେବାପାଇଁ ଯାବତୀୟ ଚକ୍ରାନ୍ତ କରୁଛନ୍ତି । ତମ ଭିତରେ ଉଚ୍ଚାଟ ହୁଏ । ଇଚ୍ଛାହୁଏ - ତମସହ ରାତି ରାତି ଗପ କରିବାକୁ । ଜହ୍ନରାତିରେ, ଖୋଲା ଆକାଶ ତଳେ, ଦେହରେ ଦେହ ଲଗେଇ ଘୂରି ବୁଲିବାକୁ । କୋଳରେ ମଥା ରଖି ଚେତନାର ସୁଗଭୀରତାକୁ ଛୁଇଁବାକୁ । ତମ ସ୍ୱପ୍ନର ବର୍ଷାରେ ମନଭରି ଭିଜିବାକୁ । ଆଉ ତମେ ? କିଛି ବୋଲି କିଛି ବୁଝିପାରନି । ନିଜ କାମ ଭିତରେ ବୁଡ଼ିରୁହ । ଏତେ ପାଖରେ ଥାଇ ଅନୁଭବ କରେ - ତମ ଭିତରେ ଯେମିତି ମୁଁ ନାଇଁ । କାନ୍ଦି ବୁଲୁଚି ତମ ବିଶ୍ୱାସର କୋଉ ଏକ ଅପହଞ୍ଚ ଦୂରତାରେ । ନିଜକୁ ଅନେକ ଖୋଜେ । କାହାକୁ କିଛି କହିପାରେନା । ସେ କଥା କ'ଣ ନିଜ ବ୍ୟତୀତ ଆଉ କାହା ପାଖରେ କୁହା ଯାଇପାରେ ? ପ୍ରତି ମୁହୂର୍ତ୍ତରେ ପରାଜୟର ଜ୍ୱାଳାରେ ପୋଡ଼ି ମରୁଥାଏ । ଦୂର ଅତୀତର ପ୍ରତିଶ୍ରୁତିକୁ ଗୁଣିହୁଏ ଏବଂ କାନ୍ଦେ ।

ସତୀର ପ୍ରତିଟି ଶବ୍ଦ ମତେ ଲାଗୁଥିଲା ନୂଆ ନୂଆ । କାଇଁ, ଏତେ ଦିନର ସମ୍ପର୍କ ଭିତରେ ସେ ତ କେବେ ଆପଣାକୁ ଏତେ ଅନ୍ତରଙ୍ଗ ଭାବରେ ଖୋଲି ଦେଇ ନ ଥିଲା । କ'ଣପାଇଁ ନିଜକୁ, ନିଜ ଭାବ ପ୍ରବଣତାର ଫରୁଆ ଭିତରେ ଏତେ କାଳ ବନ୍ଦୀକରି ରଖିଥିଲା ?

ତାକୁ ଅନିଷାକଲି । ମୁହଁରେ ଖେଳୁଥିଲା ଲୁହ ଆଉ ଆନନ୍ଦର ମିଶ୍ରରାଗ ।

ଆବେଗକୁ ନିଜ ଭିତରେ ଚାପିରଖି ପୁଣି କହିଲି - "ବାଃ, ସତୀଦ୍ୱର କି ଚମତ୍କାର କବିତା । ଆଉ ଦିଇପଦ ହେଉ ।"

ମୋ କଥା ଯେମିତି ଅବିର ବୋଳିଦେଲା ତା' ଶ୍ୟାମଳ ମୁହଁରେ । କହିଲା - "ବୁଝିଲ ବାବୁ, ତମ ବ୍ୟତୀତ ଅନ୍ୟ କେହି ମତେ ଲାଗନ୍ତିନି ପୁରୁଷ ପରି । ପୌରୁଷହୀନତାର ବ୍ୟାଧିରେ ସମସ୍ତେ ଯେମିତି ସଂକ୍ରମିତ । ମୋ' ପରି ଉଦଣ୍ଡୀକୁ ଯିଏ ବଶ କରିପାରେ -"

Digitized by PPRACHIN, SOA

ତାଙ୍କ ତୁଣ୍ଡରୁ କଥା ଛଡ଼େଇ କହିଲି – ସେ ତ ଏ ଜଗତରେ ଏକମାତ୍ର ପୁରୁଷ । ଆଉ, ତେଣୁ ବୋଧହୁଏ ତମେ ଚାହଁ, ଆନ ନାରୀ ସଂସର୍ଗରୁ ତାକୁ ମୁକ୍ତ ରଖିବାକୁ । ତେଣୁ ବୋଧହୁଏ ଚକ୍ରାନ୍ତ କରୁଥାଅ ଆପଣା ରୁକ୍ଷତାବୋଧ ଭିତରେ ସେ ସେମିତି ପଡ଼ି ରହିଥାଉ ସାରା ଜୀବନ – ଗୋଟିଏ ଭୟଙ୍କର ମରୁଭୂମି ପରି । ଏତେ ନିଷ୍କରୁଣ ଯେ, ବିଚରା ଖର୍ଜୁର ଗଛଟିଏ ବି ନ ବଞ୍ଚୁ ତା ଚେତନାର ତତଲା ଭୂମିରେ । ଆଉ ଜଳାଶୟ ? ତା'ର ଅସ୍ତିତ୍ୱ ତ ସାତ ସପନ ।

ସତୀ ମୋ ଚିରନ୍ତନ ଅସନ୍ତୋଷ ଓ ଅଭାବବୋଧକୁ ସମୁଝିପାରିଲା ସମ୍ଭବତଃ । ସାମାନ୍ୟ ଆଉଁଶିଦେଇ କହିଲା - ନା ମ, ତମେ କାଇଁକି ମରୁଭୂମି ହେବ ? ତମେ କିନ୍ତୁ ଜମାରୁ ସମତଳ ଭୂମି ନୁହଁ । ଅଚଳଟିଏ । ଯାହାର ଅନ୍ତର କେବଳ ଝରଣାମୟ । କେତେ ଜାତିର ଝରଣା । ଶୀତଳ, ଉଷ୍ଣ, ସ୍ଥିର ପୁଣି ବେଗବାନ ।

ଆଉ ତମେ ? ଅଚଳ ଚାରିପାଖରେ ଘେରି ରହିଥିବା ଏକ ଚିରତୃଷିତା ହ୍ରଦ । ଯିଏ ଝରଣା ନିକଟକୁ ଟାଣିହୋଇ ଆସୁଥିବା ତୃଷିତାମାନଙ୍କୁ ନିଜ ପାଖରେ ବାନ୍ଧି ରଖେ । ବାଟ ଓଗାଳେ । ଆଗରେ ଥିବା ଭୟଙ୍କର ବିପଦମାନଙ୍କର କାଳ୍ପନିକ ଚିତ୍ରମାନ ଆଙ୍କିବାରେ ଲାଗେ । ଆପଣା ପ୍ରେମର ସାମାନ୍ୟତମ କିନ୍ତୁକୁ ସହିପାରେନା । ଆଉ କାହା ସାଙ୍ଗରେ ଗପିବା, ଚାଲିବା, ଖାଇବା, ପିଇବାକୁ ଆଡ଼ ଆଖିରେ ଦେଖୁଥାଏ । ଗୋଟାଏ ମଣିଷର ବିସ୍ତାରିତ ହୃଦୟ ଓ ହାତକୁ ଛୋଟ କରିଦେବାର ସକଳ ନୀଚ ଚକ୍ରାନ୍ତ କରୁଥାଏ । ସନ୍ଦେହର ଧୂମ୍ର କୁଣ୍ଡଳୀ ଭିତରେ ଆଖି ମଳୁଥାଏ । ହରେଇବାର ଭୟରେ ବିଳାପ କରୁଥାଏ ।"

ଏବଂ, ତା'ପରେ ମୋ' ପାଟିରୁ କଥା ଛଡ଼େଇ ନେଇ ସେ କହିଲେ - ତା'ପରେ ଛେନାଗୁଡ଼ ।

ତମେ ସପନ ବିକୁନ । ମୁଁ କ'ଣ ମନା କଲିକି ?

ତମେ ଚିରତୃଷିତାମାନଙ୍କୁ କୋଳାଗ୍ରତ କରୁନ । ସେମାନଙ୍କ ଅଳତାମଖା ପାଦର ପାଉଁଜ ହେଉନ । ମୁଁ କ'ଣ କଣ୍ଟା ହେଇଚି ? ସେମାନଙ୍କ ଦେହ ଆଉ ଚେତନାକୁ ନେଇ କବିତା ଲେଖୁନ, ଚିତ୍ର ଆଙ୍କୁନ, ମୁଁ କ'ଣ ବାରଣ କଲିକି ? ଝରଣାର ଗୀତ ସରିଯାଏନା ମ । ମୋ ଅଚଳ ମୋପାଇଁ ବଡ଼ । ଭାରି ବଡ଼ । ସେ ମୋର । ମୋର । ଗୋଟାପଣେ ମୋର । ଅନ୍ୟମାନେ ସେଠି ଅତିଥି ।"

ଚତୁରୀ ସତୀ ଆଖିରେ ଜଗତକୁ ଜୟ କରିବାର ଆସ୍ପର୍ଦ୍ଧା ।

ପ୍ରସଙ୍ଗ ବଦଳେଇ କହିଲି - "ଅଚଳର ଦୁଃଖ କ'ଣ ଜାଣିଚ ? ସମସ୍ତେ ତାକୁ ସେଇ ନାଁରେ ଡାକନ୍ତି । ରୂପରେ ଭୁଲି ସମସ୍ତେ ତା' ପାଖକୁ ଆସନ୍ତି । ଗଛ, ଲତା ଆଉ ଗୁମ୍ଫାମାନଙ୍କ ଉହାଡ଼ରେ କେତେ ନିଆଁନଗା ଖେଳମାନ ଖେଳନ୍ତି । କେତେ

Digitized by PPRACHIN, SOA

ସମୟ ରହନ୍ତିକି ? ସଞ୍ଜ ଆଗରୁ ଫେରିଆସନ୍ତି ନିଜନିଜ ନିରାପଦ ବଳୟ ଭିତରକୁ । ତା'ର ରୂପ, ଶବ୍ଦ ଯେମିତି ରାକ୍ଷସପରି ସେମାନଙ୍କୁ ମାରି ଗୋଡ଼ାଏ । ଆଉ ଫେରି ଆସିଲାବେଳେ, ତା' ପାଖରେ ଫିଙ୍ଗିଦେଇ ଆସନ୍ତି ଅସଂଖ୍ୟ ପାଦଚିହ୍ନ, ଆବର୍ଜନା, ଅଇଁଠା, ଶୁଖିଲା ଓ ଛିଣ୍ଡାପତ୍ର ଏବଂ ଦୁର୍ଗନ୍ଧ । ଅନୁଭୂତିମାନଙ୍କୁ ସମ୍ପାଦି ରଖିଥାନ୍ତି ନିଜ ନିଜ ଭିତରେ । ମନେ ରଖିଥାଆନ୍ତି ତାକୁ । ଆଉ ଏତେ ସହଜରେ ଫେରନ୍ତିନି । ଫେରିବାର ସାହସ ସମ୍ଭବତଃ ନ ଥାଏ ସେମାନଙ୍କର । ଆଉ ବିଚରା ଅଚଳ ?"

ସେ ସତରେ ଅଚଳ ନୁହେଁ ମ । ଦୁଶୁଥାଏ ସେମିତି । ସେ ବି ଚଳେ । ପାଦ ବଢ଼ାଏ । ଅଭିମାନର ଧୂଳିମଳି ଦେହରୁ ଖସାଏ । ଏବଂ ତା'ର ଚଳମାନତା ସମସ୍ତଙ୍କୁ କରେ ଆତଙ୍କିତ, ଶୋକାକୁଳ । ଆଉ ତା'ପରେ

ତା'ପରେ ଆରମ୍ଭ ହୁଏ ଛାଡ଼ପତ୍ର, ଡିଭୋର୍ସର ପର୍ବ ।

ତା' ପୂର୍ବରୁ ଅଲଗା ହୁଏ ଖଟ । ବିଛଣା । ଚଟାଣରେ ସପ ପଡ଼େ । ପିଣ୍ଡା ତଳେ ନୁହ ଝରେ । ପ୍ରେମପତ୍ର ଚିରାହୁଏ । କପ୍, ପ୍ଲେଟ୍, ଗ୍ଲାସ୍, ରେଡିଓ, ଓ୍ୱାଚ୍, ଆଇନା, ଥାଳି, ଗିନାମାନେ ଚଟାଣ ଉପରେ ମୁଣ୍ଡକୋଡ଼ନ୍ତି । ତ୍ରାହି ତ୍ରାହି ଡାକନ୍ତି । ଚିତ୍କାର କରନ୍ତି । ଆଟାଚିକୁ ହାତରେ ଧରି କିମ୍ବା ଖାଲି ହାତରେ ଅଚଳ ଚାଲିବାକୁ ଆରମ୍ଭ କରେ । ମଦମତ୍ତ ଚାଲି । ଫାଟକ ଟପେ । ଆସେ ରାସ୍ତା ଉପରକୁ । ବସ୍‌ଷ୍ଟାଣ୍ଡରେ ପାଦ ଥୁଏ । ସମ୍ପର୍କ ଯୋଡ଼େ ବସ୍, ଟ୍ରକ୍, ଟ୍ରେକର ସହିତ । ତା ପରେ ?

ତା'ପରେ ଲମ୍ବା ରାସ୍ତା । ଗୋଲାମିକରା ସହର । କଲେଜ, କ୍ଲାସରୁମ୍ । ଲାଇବ୍ରେରୀ । ଚା' ଦୋକାନ । ଭଡ଼ାଘର । କେବେ କେବେ କୋଉ ନୂଆ ଅଥବା ପରିଚିତ ସହର । ନଈ, ଝରଣା, ସମୁଦ୍ରକୂଳ, ଫସଲକ୍ଷେତ, ଗଛଛାଇ, ଖୋଲା ଆକାଶ ଏବଂ ଆଉ କୁଆଡ଼େ ।

ଆଉ କେଉଁଆଡ଼େ ? କେଉଁ ଖୁଆଡ଼କୁ ?

ସେଇ ମିଛମିଛ ସ୍ୱପ୍ନ ଏବଂ ପ୍ରତିଶ୍ରୁତିପୂର୍ଣ୍ଣ ଜୀବନ ଆଡ଼େ ? ରୁକ୍ଷ, ଧୂସର, ନିର୍ଜୀବ, ଛାୟାହୀନ ଏବଂ ତା'ପରେ ଛାଡ଼ପତ୍ର । କାହାକୁ ବା ଏ ଛାଡ଼ପତ୍ର ? କାହାକୁ ?

ସତୀ ମୋର ସ୍ୱଗତୋକ୍ତିକୁ ବୁଝିପାରିଲା ନାହିଁ ସମ୍ଭବତଃ । ମୋ ପାଖକୁ ଲାଗିଆସି କହିଲା - "ନାଁ ବାବୁ, ତମେ ରୁକ୍ଷ ନୁହଁ । ପତ୍ରହୀନ ନୁହଁ । ସୁନ୍ଦର, ଭାରି ସୁନ୍ଦର । କଳାବନ୍ତ ପୁରୁଷ - ସାକ୍ଷାତ୍ କୃଷ୍ଣଚନ୍ଦ୍ର । ଚରିତ୍ରବାନ - ଶ୍ରୀରାମଚନ୍ଦ୍ର । ଆଉ ମୁଁ ପୋଡ଼ାମୁହାଁ ଏକ ମରୁନଦୀ । ଅଥବା ମାଙ୍କଡ଼ା ପଥର । ହେଲା । ପିଲାମାନେ ଖେଳସାରି ଆସିଯିବେ । କୁହନା, କିଏ କହିଲା ସେ କଥା । ପଚାରିବି ଟିକିଏ ।"

ସତୀର କଥା ଶୁଣି ମତେ ସତରେ ହସ ଲାଗିଲା । କଥାକୁ ନିଜ ଭିତରେ ଗୋପନ ରଖି କହିଲି - ମିଛ କଥା ।

Digitized by PPRACHIN, SOA

ସେ କିନ୍ତୁ ମୋ ସ୍ୱୀକାରୋକ୍ତିକୁ ବିଶ୍ୱାସ କରିପାରୁ ନଥିଲା । ଉଠି ଠିଆହେଲା ଏବଂ କହିଲା - ହଉ ନ କୁହ, ମୁଁ ଏବେ ତମର କିଏ କି ?

ଏବଂ, ଅଭିମାନର ଅବିର ଉଡ଼େଇଦେଇ ଚାଲିଗଲା ମୋ ଚେତନାରେ ।

ମୁଁ କେମିତି ତୁଣ୍ଡ ଖୋଲି କହି ପାରିଥା'ନ୍ତି ଯେ, ଏତେ ମର୍ମଦାହୀ ମିଛକଥା ମୁଁ ସତରେ ଶୁଣିଛି ଅନେକଙ୍କ ମୁହଁରୁ ଏବଂ କେବଳ ମୋ ସହର ନୁହେଁ, ଅନ୍ୟ ସହରରେ ମୋତେ ମନେ ପକୋଉଥିବା ବନ୍ଧୁମାନଙ୍କ ପତ୍ରରୁ । ତାଙ୍କ ଅନ୍ତରଙ୍ଗ ବାନ୍ଧବୀ ଏଠି ଉପଲକ୍ଷ୍ୟ ମାତ୍ର ।

ମାତ୍ର ମୁଁ କ'ଣ ସତରେ ଛାତିରେ ହାତରଖି, ନିଜ ପାଖରେ ରାଣଖାଇ, ଖୋଲାମନରେ କହିପାରିବି କି ଏତେ ଚମତ୍କାର ସାଂସାରିକ ଖେଳ ଭିତେର ଗୋଟାପଣେ ବୁଡ଼ି ରହିଥିବା ମୋ' ପରି ମଣିଷଟିଏ ସପନରେ ଆଉ କାହାର ପାଦରେ ପାଉଁଜ, ଆଖିରେ କଜଳ, କଟିରେ ମେଖଳା, ହୃଦୟରେ ପଦକ, ଗଭାରେ ଫୁଲ, ଚିବୁକ ଓ ଜାନୁରେ ତିଳଚିହ୍ନ ଅଥବା ଅଧରରେ କବିତା ହୋଇପାରିନି ବୋଲି ? କହିପାରିବି କି ?

ମୋ ଭିତରେ ହସୁଥିବା ଅହଙ୍କାରୀ ଅଚଳ ଏଥର ସତକୁ ସତ ଚାଲିବାକୁ ଆରମ୍ଭ କଲା । ଏବଂ, ଚାଲିଲା ।

ସେ କେଉଁଆଡ଼େ ଚାଲୁଥିଲା କିଏ ଜାଣେ ?

କୋଉ ନଈର କୂଳକୁ ?

ନା ଥାଉ । କହିବିନି ।

●●●

Digitized by PPRACHIN, SOA

ଶୋଷ

ସେମାନେ ଅନେକ ଦିନରୁ ସେଇ ଚିର ଅତୃପ୍ତ ଶୋଷର ନିଆଁରେ କୁହୁଳୁ ଥିଲେ । ତାତି ସଂକ୍ରମଣପାଇଁ ଉଚ୍ଚାଟ ହେଉଥିଲେ । ଏବଂ, ସେମାନଙ୍କର ବିଭଳିତ ମୁହୂର୍ତ୍ତର ସଂକେତ ପାଇଲା ମାତ୍ରକେ ସେ ଚିତ୍କାର କରିଉଠୁଥିଲା – ଅନୁଭବୀ ପରି । ତା ଆଖିର ନିଆଁ ଓ ଗମ୍ଭୀର ସ୍ୱରର ସଂକେତରେ ଶୀତଳେଇ ଯାଉଥିଲା ସେମାନଙ୍କର ରୋମାଂଚିତ ବର୍ତ୍ତମାନ । ତଥାପି ମହାସୁଖ ପ୍ରାପ୍ତିର ନିଶାରେ ସେମାନେ ଯେତିକି ଅଧିକରୁ ଅଧିକ ଭାବରେ ପରସ୍ପର ଭିତରେ ହଜିଯିବାପାଇଁ ବ୍ୟାକୁଳ ହେଉଥିଲେ, ତା'ର ଦର୍ପିତ ଅହଂକାର ବଡ଼ ବିପଦ୍‌ଜନକ ରୀତିରେ ସେମାନଙ୍କ ବିରୋଧରେ ବିଦ୍ରୋହ ଘୋଷଣାକରୁଥିଲା ।

ଅଶ୍ଲୀଳ ଅହଂକାରରେ ଉତୁରି ପଡୁଥିଲା ଅବରୁଦ୍ଧ ପରିବେଶ । ରାସ୍‌କେଲ୍, ଇଡିଅଟ ପରି କେତୋଟି ବହୁ ବିଜ୍ଞାପିତ ଶବ୍ଦ ବେଶ୍ ସ୍ୱାଭାବିକ ଭଂଗୀରେ ତାଂକ ତୁଣ୍ଡରୁ ବାହାରି ଆସିଲା। ପଲଂକ ଉପରୁ ସେ ତଳକୁ କୁଦି ପଡ଼ିଲେ। ତକିଆ ତଳୁ ରାଇଫଲ୍ ବାହାର କରି ସବ୍ୟସାଚୀ ପରି ତା କାନରେ ମଂତ୍ର ଫୁଂକୁ ଫୁଂକୁ, ଆକ୍ଷି ପିଛୁଳାକେ ସେଇଟି ତାଙ୍କ ହାତରୁ ଉଭେଇଗଲା । ଅତି ଆପଣାର କଂଠଟି ଅଭିଯୋଗ ଓ ଆଦେଶ ଭରା ସ୍ୱରରେ କହିଲା – 'ହେଏ, ଏ କ'ଣ କରୁଛ ? ସେ ଇଡିଅଟକୁ ଏମିତି ଶାସ୍ତି ଦେଇ ବା କିଂ ଲାଭପାଇବ ? ସେ ଘରେ ଡ଼ାଡି ମାମି ଶୁଣିଲେ କ'ଣ ଭାବିବେ ? ମୁଁ ତାକୁ ବାହାରେ ବାଂଧି ଦେଇ ଆସୁଚି, ରୁହ । ସେଇଠି ଗର୍ଜନ କରୁଥିବ ।"

ସେ ନିଜକୁ ସଜାଡ଼ି ନେଲେ । ଖୋଳଟି ଭିତରେ ନିଜର ଉତ୍ତାପକୁ ସାଇତିରଖିବା ପାଇଁ ପ୍ରୟାସକଲେ । ପଲଂକ ତଳକୁ ଆସିଲେ । ଲୀଳାୟିତ ଭଂଗୀରେ ଠିଆହେଲେ । ମୁହଁ ବୁଲେଇଲେ । ଆଖି ଆଗର ଆଇନା ଭିତରେ ଲହଡ଼ି ଭାଂଗିଲା ତାଙ୍କ ପରିପୂର୍ଣ୍ଣ ଦେହର ସମୁଦ୍ର । ସମାହିତ ଭାବରେ ଲହଡ଼ି ଭିତରେ ସେ ଦୋଳି ଖେଳିଲେ । ଆଖି ଚହଲି ଗଲା ପଲଂକ ଉପରକୁ । ଦେହ ବଢ଼େଇଦେଲେ ତାତିର ସଂକ୍ରମଣପାଇଁ । ମାତ୍ର ପୁଣି ସେଇ 'ଗାଉଁ' ଶବ୍ଦର ଅଳାଜୁକ ଅହଂକାରରେ ସେ ଶୀତଳେଇ ଗଲେ, ଅସ୍ୱାଭାବିକ ଭାବରେ । ପଲଂକ ଉପରେ ଖେଳେଇ ହେଇ ପଡ଼ିଥିବା ସଂକୀର୍ଣ୍ଣ ଓ ଅଶ୍ଲୀଳ ଖୋଳଗୁଡ଼ିକୁ ଫିଙ୍ଗିଦେଲେ କାଂଥ ଉପରକୁ । ମ୍ୟାକ୍‌ସିକୁ ଦେହରେ ଗଳେଇଦେଇ

Digitized by PPRACHIN, SOA

ତା ପାଖକୁ ଗଲେ । ଲୁହା ଝଂଜିରକୁ ହାତରେ ଧରିଲେ । ମାତ୍ର ସେ ନିହାତି ଅନୁଗତ ପରି ତାଙ୍କ ଦେହରେ ଗୁଡ଼େଇ ହୋଇଗଲା । ଉତ୍ତାପଟିକିଏ ପାଇବାପାଇଁ ତା ଭିତରେ ଯେମିତି ଅଭାବିତ ବ୍ୟାକୁଳତା । ତାଙ୍କ କୋଟିକମକରା ପାଦର ମୃଦୁ ଆଘାତରେ ସେ ଛିଟିକି ପଡ଼ିଲା ଟିକିଏ ଦୂରକୁ, ଏବଂ ନିମିଷକ ମଧରେ ପୁଣି ବେଢ଼ିଗଲା ତାଙ୍କ ଗୋଡ଼ରେ - ମେଖଳା ପରି ।

"ଇଡିଅଟ୍ କୋଉଠିକାର, ଚାଲ୍" - କହି ତାକୁ ହାତରେ ଧରି ସେ କବାଟ ଖୋଲିଲେ ବାହାରକୁ ଘୋଷାରିନେଲେ । କଂକ୍ରିଟ୍ ଖୁଣ୍ଟରେ ଝଂଜିରକୁ ଛଂଦିଦେଲେ । ମାତ୍ର ତା ଠାରୁ ଦୂରେଇ ଆସିବାପାଇଁ ସେ ଯେତିକି ଚେଷ୍ଟା କରୁଥିଲେ, ସେ ସେତିକି ନିବିଡ଼ ଭାବରେ ଭିଡ଼ି ଧରୁଥିଲା ତାଂକ ଅଂଟାକୁ - ଅଭିଜ୍ଞ ମଣିଷ ପରି ।

ପ୍ରଚଣ୍ଡ ଘୃଣାରେ ସେ ଏଥର ତାକୁ ଜୋରରେ ଛାଟିଦେଲେ । ଏପରି ବ୍ୟବହାର ପାଇବ ବୋଲି ସେ ହୁଏତ କଳ୍ପନା କରିପାରି ନଥିଲା । ପୁଣି ଶକ୍ତି ସଂଚୟ କରି ତାଙ୍କ ଉପରକୁ କୁଦିପଡ଼ିଲା, ବେଳକୁ ଭୟଂକର ଶବ୍ଦ କରି କବାଟଟି ତାର ଅପ୍ରତିହତ ରାଜତ୍ୱ ଘୋଷଣା କରିସାରିଥିଲା ଉତ୍ତେଜିତ ଓ ବିମୂଢ଼ ଯୋଦ୍ଧାମାନଙ୍କ ମଝିରେ ।

ସେ ଘର ଭିତରକୁ ଆସିଲେ । ବହୁଦିନର ଆକାଂକ୍ଷିତ ଖେଳର କୋଳରେ ବିଭୋର ହେବାପାଇଁ ଚେଇଁଉଠିଲେ। ମାତ୍ର ଖେଳର ପଲ୍ଲବିତ ଉତ୍ତେଜନା ଓ ନିଷ୍କପ କୋଳାହଳ ଯେମିତି ବରଫ ପିଣ୍ଡ ପରି ଶୀତଳେଇ ଯାଉଥିଲା ଅସାଡ଼ ପରିବେଶ ଭିତରେ । ଘର ବାହାରେ ଭୋ ଭୋ, ହାଉଁ ହାଉଁ ଶବ୍ଦର ବିକଟ ଓ ଭୟଂକର ଆହ୍ୱାନ ସମସ୍ତ ପରିବେଶରେ ସମ୍ମିଳନର ଉତ୍ତାପନକୁ ଯେମିତି ଆକଟକରି ରଖିଥିଲା । ଚଉଦିଗରେ ସଶସ୍ତ୍ର ବିପ୍ଳବର ଆବାଜ ଶୁଭୁଥିଲା ।

ଆର ଘରୁ ମିସେସ୍ ସୁବର୍ଣ୍ଣ ବଡ଼ ବ୍ୟସ୍ତ ଓ ବିବ୍ରତ ସ୍ୱରରେ ପଚାରିଲେ - କ'ଣ ହେଲା ମା ଡାଫ୍‌ନି ? ରାଜେଶ୍ କ'ଣପାଇଁ ଏମିତି ଚିତ୍‌କାର କରୁଛି ?

ଉତ୍ତେଜିତ ଓ ଘୃଣା ବ୍ୟଂଜିତ କଂଠରେ ସେ କହିଲେ - "ମୁଁ କିଛି ଜାଣନି ମାମି, ସେ ଇଡିଅଟ୍‌ଟା କାହିଁକି ସେମିତି ହଉଚି, ମୁଁ କେମିତି ଜାଣିବି ? ଘର ଭିତରେ, ବାହାରେ ସବୁଆଡ଼େ ଖାଲି ଗଁ ଗଁ । ଚିତ୍କାର । ରାସ୍‌କେଲ୍ କୋଉଠିକାର ।"

ଏକମାତ୍ର ଅଲିଅଳୀ ଝିଅର ଅଭିଯୋଗ ଶୁଣିବାପାଇଁ ସୁବର୍ଣ୍ଣ ଦଂପତିଙ୍କର ଧୈର୍ଯ୍ୟ ନଥିଲା । ପ୍ରାୟ ଅଧଘଂଟାଏରୁ ଅଧିକ କାଳ ଧରି ଘର ଭିତରେ ଓ ବାହାରେ ଚାଲିଥିବା ସଂଘର୍ଷ ଓ ଚିତ୍‌କାରର କିଛି ହେତୁ ଜାଣିପାରିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା । ଦୀର୍ଘ ଆଠମାସ ପରେ ଆଲବର୍ଟ ଘରକୁ ଫେରିଛି । ସେମାନଙ୍କପାଇଁ କେଡ଼େ ଆନନ୍ଦ ଓ ଖୁସିର ଦିନ । ମାତ୍ର କେତୁଟା ଦିନ ପରେ ପୁଣି ସେ ଫେରିଯିବ ତା ଜାଗାକୁ । ସମୁଦ୍ର ବାଟରେ ଏ ଦେଶରୁ ସେ ଦେଶକୁ ଘୂରି ବୁଲିବ । ପିଲାଟା ଘରେ ପଶୁପଶୁ ରାଜେଶର ଅସହଯୋଗ ଓ ଚିତ୍‌କାର କ'ଣପେଇଁ ? ଆଗରୁ ସେମାନେ ସେଇ କୋଠାରୀ ଭିତରେ ହିଁ ରହୁଥିଲେ । ରାଜେଶ୍ କ'ଣ ଆଲବର୍ଟକୁ ଗ୍ରହଣ କରିବାକୁ କୁଂଠିତ ?

Digitized by PPRACHIN, SOA

ମିସେସ୍ ସୁବର୍ଣ୍ଣ ସଂଶୟର ପରଦା ଆଡ଼େଇ ଠିଆହେଲେ । ରାକେଶର ଚିତ୍କାର, ଗୋଟାଏ ଭୟଂକର ଅହଂକାରୀ ଓ ପ୍ରତିକ୍ରିୟାଶୀଳ ପୁରୁଷର ଆହ୍ୱାନ ପରି ତାଂକୁ ବୋଧ ହେଲା । ତାର ଦର୍ପିତ ପୌରୁଷର ପ୍ରତିବାଦରେ କେବଳ ସେମାନେ ନୁହନ୍ତି, ଏ ଅଂଚଳର ପ୍ରତ୍ୟେକ ଚରିତ୍ର ଯେମିତି ଅଶାନ୍ତି ଓ ଅସନ୍ତୋଷର ନିଆଁରେ ଜଳି ଯାଉଛନ୍ତି । ସେ ଅନୁଭବ କଲେ, ଆଉ ଟିକକ ପରେ ଏ ବସ୍ତିର ଅସହିଷ୍ଣୁ ପ୍ରତିବେଶୀମାନେ ଅଭିଯୋଗ ଓ ପ୍ରତିବାଦର ପତାକା ଧରି ତାଂକ ପାଖରେ ହୁଂକାର ଛାଡ଼ିବେ । ପ୍ରତିକାର ଦାବିକରିବେ । ତାଙ୍କ ଅଲାଜୁକପଣିଆ ଛିଗୁଲେଇବେ । ସେମାନଙ୍କ ପ୍ରଶ୍ନବାଣର ମୁକାବିଲା କରିବାର ସାହସ ତାଙ୍କର ନଥିବ ।

ରାକେଶ ସହିତ ସାଲିସ କରିବାର ଅଭିସନ୍ଧି ନେଇ ସେ କବାଟ ଖୋଲି ପଦାକୁ ଗଲେ ।

କବାଟ ପାଖରେ ଠିଆହେଇ ଆଦେଶ ଦେଲା ସ୍ୱରରେ ସେ କହିଲେ – ରାକେଶ୍, ଚୁପ୍ ରହ। ଚୁପ୍ । ଚିତ୍କାର ବଂଦ କର । ଚୁପ୍ ।

ସେ ତା ପାଖକୁ ଗଲେ । ଅନୁଗତଟିଏ ପରି ବିଚରା ତାଙ୍କ ଗୋଡ଼ ଚାରି ପାଖରେ ଛଂଦି ହୋଇଗଲା । ପାଦ ଉପରେ ପେଟେଇ ପଡ଼ି ଯେମିତି କରୁଣା କଣା ଟିକିଏପାଇଁ ଅଳିକରୁଥିଲା । ସେ ତାକୁ ଆଉଁଶି ଦେଲେ । ଆଉ ପାଟି ନକରିବାପାଇଁ ଆକଟକଲେ । ଏବଂ ତା ପାଖରୁ ଟିକିଏ ଦୂରେଇ ଆସିବା ମାତ୍ରକେ, ସେ ପୁଣି ଆରମ୍ଭ କରିଦେଲା ତାର ଅଭିଯୋଗଭରା ଚିତ୍କାର ।

ତା ଚିତ୍କାର ଶୁଣି ସେଇଠି ସେ ନିମିଷେ ଠିଆହେଲେ । ଭାବିଲେ, ବାହାରେ ରହିବାରେ ଅନଭ୍ୟସ୍ତ ଏଇ ସ୍ନେହକାଙ୍ଗାଳ ଜୀବନଟି ସମ୍ଭବତଃ ଘର ଭିତରର ଉଷ୍ଣତାକୁ ହିଁ ଆଶାକରୁଛି । ଦୁଇତିନି ମାସର ଛୁଆଟିଏ ହୋଇଥିଲାବେଳେ ସେ ଏ ଘରକୁ ଆସିଲା । ଆଖି ଫିଟି ନ ଥିଲା । ଏବେ ଦୁଇ ବରଷର ଭେଣ୍ଡାଟିଏ ହୋଇଗଲାଣି । ଛୋଟ ହୋଇଥିଲା ବେଳେ ସବୁବେଳେ ଏ ଘର, ସେ ଘର ହଉଥିଲା । ତା ଇଚ୍ଛା ଅନୁସାରେ ଯୋଉ ଘରେ ନାଇଁ ସେ ଘରେ ଶୋଇପଡୁଥିଲା । ଏବେ ପ୍ରାୟ ବରଷେ ହେଲା ରହୁଛି ଡାଫ୍‌ନି ପାଖରେ । ବଡ଼ ସ୍ନେହ ରଂକୁଣାଟାଏ । ଡାଫନି ଆଉ ସେ ତ ମୁହୂର୍ତ୍ତେ ମାତ୍ର ଛଡ଼ାଛଡ଼ି ହେଇ ରହିପାରନ୍ତିନି । ନିହାତି ଦରକାର ନ ପଡ଼ିଲେ, ତା ବେକରେ ଝଂଜିର ତ ପ୍ରାୟ ଲାଗେନି । ଏବେ ପୁଣି ସେ ବଂଧନ ଭିତରେ। ବାହାରେ । ଏକୁଟିଆ। ସିଏ ବି ତ ଜୀବଟିଏ । ତେଣୁ ଅଭିଯୋଗ ଓ ପ୍ରତିକ୍ରିୟା ପ୍ରକାଶ କରିବାରେ ତାର ଅପରାଧ ବା କୋଉଠି ?

ବାତ୍ସଲ୍ୟ ଭାବ୍‌ରେ ତାଙ୍କ ହୃଦୟ ତରଳିଗଲା । ତା ବେକରୁ ସେ ବଳୟ ଉଭାରି ଦେଲେ । ତାଙ୍କ କୋଠରୀ ଭିତରକୁ ଆଣିଲେ, କବାଟ ବଂଦକଲେ । ତାକୁ ଆଉଁଶି ଦେଲେ । ନିଜେ ପଲଂକ ଉପରକୁ ଆସିଲେ, ବିଚରା ରାକେଶ୍ କ୍ଳାନ୍ତ ପରାଜିତ ସୈନିକଟିଏ ପରି ସେଇଠି ଘାଲେଇ ପଡ଼ିଲା ।

Digitized by PPRACHIN, SOA

ମାତ୍ର କିଛି ସମୟ ପରେ ସେ ପୁଣି ଠିଆହେଲା । ଟାଂକୁରି ଉଠିଲା ତାର କେଶରଗୁଡ଼ିକ । ସେ ଯେପରି ଏକାନ୍ତରେ ନିଦେଇ ଯିବାକୁ ପ୍ରସ୍ତୁତ ନୁହେଁ । ବିଚିତ୍ର ଆଖିରେ ପୌଢ଼ ସୁକର୍ଣ୍ଣ ଦଂପତିଙ୍କ ଆଡ଼କୁ ଅନିଷାକଲା ଏବଂ ହୁଂକାର କରି କୁଦି ପଡ଼ିଲା ଦୁଇ କୋଠରୀ ମଝିରେ ନିର୍ବୋଧ ବୈଦ୍ୟ ପରି ଠିଆ ହୋଇଥିବା କବାଟ ଆଡ଼କୁ। ଠିଆହୋଇ ଦୁଇ ପାଦରେ ପରାକ୍ରମଶାଳୀ ଦୈତ୍ୟର ଛାତିକୁ ବିଦାରି ପକେଇଲା । ତାର ଉତ୍ତେଜିତ ଅଥଚ ନିଷ୍ଫଳ ପୌରୁଷର କୋହ ଓ ଅଭିମାନ ଯେମିତି ପ୍ରଳୟ ସର୍ଜନାକରିବାପାଇଁ ବିଭଳିତ ।

ଅବସର ପ୍ରାପ୍ତ ବ୍ରିଗେଡିଅର ମିଷ୍ଟର ସୁକର୍ଣ୍ଣଙ୍କ ଆଖିକୁ ରାଜେଶର ବିକଳ ପୌରୁଷର ସଂକେତ ନିହାତି ଅଶ୍ଳୀଳ ବୋଧହେଲା । ସେ ପୁଲକିତ ହେଲେ । ତାଙ୍କ କେଶର ଗୁଡ଼ାକ ବି ଚେଇଁଉଠିଲା । ସେ ସ୍ଥବିର, ଅସମର୍ଥ ନୁହନ୍ତି । ଶାଳପ୍ରାଂଶୁ । ପାଂଶୁଳଗ୍ରସ୍ତ ହୋଇଯାଇଥିଲେ ବି ତାହା ଏବେ ମଧ୍ୟ ସତେଜ, ରାଗ ଓ ଅନୁରାଗରେ ପ୍ରାଣବଂତ । ପାନ-ପ୍ରମତ୍ତତା ଭିତରେ ସେ ଅଧିକରୁ ଅଧିକ ଉନ୍ମତ୍ତ ହୋଇଉଠିଲେ । ଉପନହତ୍ତ୍ୱକୁ ଅସ୍ୱୀକାର କଲେ । ଅନୁରାଗବତୀର ଦେହ ଭିତରେ ହଜିଯିବାପାଇଁ ଉନ୍ମୁଖ ହୋଇ ଉଠିଲେ ଏବଂ କ୍ରମଶଃ ତରଳିଯିବାରେ ଲାଗିଲା ତାଙ୍କ ଅସାମର୍ଥ୍ୟର ଅଭିମାନ । ଆଉ ଠିକ୍ ଏମିତି ଏକ ବିଭଳିତ ମୁହୂର୍ତ୍ତରେ ହିଁ ରାଜେଶର ଦର୍ପାନ୍ଧ କ୍ରୋଧ ତାଙ୍କ ନିର୍ବୀର୍ଯ୍ୟ ଅହଂକାରକୁ ସଚେତନ କରିଦେଲା । ବିଛଣା ଉପରେ ତାଙ୍କ ପକ୍ଷାଘାତଗ୍ରସ୍ତ ଦେହ ବିପଦ୍‌ଜନକ ଭାବେ ଚହଲିଉଠିଲା । କ୍ରୋଧ ଓ ଘୃଣାରେ ରିଭଲ୍‌ଭରଟି ଝିଂକି ଆଣିଲେ ବିଛଣା ତଳୁ ଏବଂ ସବ୍ୟସାଚୀ ପରି ତା କାନରେ ମଂତ୍ର ଫୁଂକୁ ଫୁଂକୁ ସେଇଟି ତାଂକ ହାତରୁ ଉଭେଇଗଲା ।

ସେ ଭୟଂକର ଭାବରେ ଥରିବାରେ ଲାଗିଲେ । ମୁହୂର୍ତ୍ତକ ଭିତରେ ଇତର ଜୀବଟାର ସକଳ ଅହଂକାରକୁ ଉଚିତ ଶିକ୍ଷାଦେବାପାଇଁ ସେ ଯେମିତି ପ୍ରତିଜ୍ଞାବଦ୍ଧ । ଜୀବନରେ ସେ ଏମିତି ଅନେକ ପଶୁଂକୁ ଶିକ୍ଷା ଦେଇଛନ୍ତି । ନିଜର କାମନା ଓ ଅଧିକାରକୁ ସାବ୍ୟସ୍ତ କରିଛନ୍ତି । ଏଇଟାକୁ ଶିକ୍ଷା ଦେବାପାଇଁ ବା କେତେ ସମୟ ଲାଗିବ ।

ତାଂକୁ ପ୍ରବୋଧନା ଦେଇ ମିସେସ୍ ସୁକର୍ଣ୍ଣ କହିଲେ – “ଛି, ସେ ପଶୁଟା ଦେହରେ ହାତ ଦେଇ କ’ଣ ପାଇବ ? ଥାଉ । ଆସ । ଆସନା ।”

ମିସେସ୍‌ଙ୍କ ଆକଟରେ ତାଙ୍କ ପୌରୁଷ ଘାଏଲା ବାଘ ପରି ଗର୍ଜନ କରିଉଠିଲା । ମାତ୍ର ତାଙ୍କ ତୂଣୀର ଥିଲା ଶରଶୂନ୍ୟ । ସେ କ୍ରମଶଃ ରୂପାନ୍ତରିତ ହୋଇଯାଉଥିଲେ ଗଳିତ ନଖଦନ୍ତ ପଶୁରେ । ମାତ୍ର ତାଙ୍କ ଆହତ ପୌରୁଷକୁ ପରିହାସ କରି ରାଜେଶ ପୁଣିଥରେ କୁଦାମାରିଲା କବାଟ ଉପରକୁ ଏବଂ ସେପଟରୁ ଡାଫ୍‌ନିର କର୍କଶ ସ୍ୱର ଚିତ୍‌କାର କରିଉଠିଲା – “ମାମି, ସେ ଇଡିଅଟ୍‌ଟାର ମୁହଁଗୋଡ଼ ବାଂଧି ପଦାକୁ ଫିଂଗି ଦେଏତ । ବାଷ୍ଟାର୍ଡ୍‌ଟା ପଦାରେ ପଡ଼ିଥାଉ । ରାସ୍‌କେଲ୍ ଡାଡିଙ୍କୁ ବି ଶୁଆଇ ଦେବନି ।”

“ନା ମା’ ତୁ ଶୋଇପଡ଼ । ରାତି ଅନେକ ହେଲାଣି । ସେ ଆପେ ଆପେ ଚୁପ୍ ହୋଇଯିବ ଯେ । –କହିଲେ ମିସେସ୍ ସୁବର୍ଣ୍ଣ ।”

Digitized by PPRACHIN, SOA

ମାତ୍ର ଦୁଇଟି ଯାକ କୋଠରୀ ଭିତରେ କେହି ବୋଲି କେହି ହଜିଯାଇ ପାରୁନଥିଲେ ନିଜନିଜ ସୁଖର ବୃତ୍ତ ଭିତରେ । ସକଳ ବିଭବ ସେମାନଂକ ହାତ ମୁଠାରୁ କିଏ ଯେମିତି ଛଡ଼େଇ ନେଇଥିଲା । ସ୍ୱପ୍ନ ଓ ଆବେଗ ରୂପାନ୍ତରିତ ହୋଇଯାଉଥିଲା ଶୀତଳ ପିଣ୍ଡରେ । ଏପିରିକି ଉଗ୍ର ଆଧୁନିକତାର ପ୍ରତୀକ ଡାଫ୍‌ନୀ ମଧ ସଂକୁଚିତ ହୋଇଯାଉଥିଲା ନିଜ ଭିତରେ । ରାଜେଶ ଭିତରେ ଜଳୁଥିବା ବିଳପିତ ପୌରୁଷ ତାର ନାରୀତ୍ୱକୁ ଯେମିତି ଅସହାୟ ଭାବରେ ବିଦାରି ପକାଉଥିଲା । ଜଗତର ସମସ୍ତ ପୁରୁଷ ଯେମିତି ଏକାକାର ହୋଇଯାଉଥିଲେ ରାଜେଶ ଭିତରେ । ରାଜେଶମୟ ପୃଥିବୀରେ ତାଙ୍କର ଜାଗତିକ ସତ୍ତା କ୍ରମଶଃ ଏକ ଅଣୁ ଓ ପରମାଣୁରେ ଯେମିତି ପରିଣତ ହୋଇଯାଉଥିଲା । ଏବଂ, ତାଙ୍କ ପାରମାଣବିକ ସତ୍ତା ଆତ୍ମରକ୍ଷାପାଇଁ ସମଗ୍ର ବିଶ୍ୱ ପରିକ୍ରମଣ କରୁଥିଲା । ଚିତ୍‌କାର କରୁଥିଲା ଆଶ୍ରୟ ଟିକିଏପାଇଁ । ମାତ୍ର ଜଗତରେ ଅନ୍ୟ ଏକ ସମର୍ଥ ପୁରୁଷର ସଂକେତ ସେ ପାଇପାରୁ ନଥିଲେ, ଚିତ୍‌କାର କରୁଥିଲେ ମୁକ୍ତିପାଇଁ ।

"ରାଜେଶ୍, ବ୍ଲଡି, ବ୍ରୁଟ୍, ଗେଟ୍ ଆଉଟ୍, ଆଇ ସେ ଗେଟ୍ ଆଉଟ୍" ଶବ୍ଦରେ ଚହଲିଗଲା ସମଗ୍ର ପରିବେଶ । ଏ ଶବ୍ଦ ବୋମାର ବିସ୍ଫୋରଣରେ ତେଜ ନଥିଲା । ବରଂ ଥିଲା ପ୍ରଳାପର ଆକୁଳ ଆର୍ତ୍ତନାଦ ।

ଆର ଘରୁ ମିସେସ୍ ସୁବର୍ଣ୍ଣ ପାଟିକରି ଉଠିଲେ - "ଡାଫ୍‌ନି, କାଇଁକି ସେମିତି ପାଟି କରୁଚୁ ମା । ଶୋଇପଡ଼ କହିଲି ପରା । ରାତି ପାହୁ, ଯାହା କରିବୁ ।"

ଏବଂ, ପଲଂକ ଉପରେ ଆଲ୍‌ବର୍ଟର ଭାବପ୍ରବଣ ଆଲିଗଂନରେ ଡାଫ୍‌ନି ଫେରି ଆସୁଥିଲା ନିଜ ଭିତରକୁ ।

ମାତ୍ର ମାମିର ସାନ୍ତ୍ୱନା ଓ ଆଲବର୍ଟର ନିବିଡ଼ ଆଲିଗଂନ ଡାଫ୍‌ନୀର କରୁଣ ବର୍ତ୍ତମାନକୁ ଶୀତଳେଇ ଦବାପାଇଁ ଯଥେଷ୍ଟ ନ ଥିଲା । କ୍ଷୁଧିତ ଓ ପ୍ରତିଶୋଧପରାୟଣ ରାଜେଶ ଯେମିତି ଲଂଫ ଦେଉଥିଲା, ତାଙ୍କ ଉପରକୁ - ସେଦିନ ପରି ।

ସେଦିନମାନଙ୍କରେ ତାଙ୍କ ନିକଟକୁ ଅନେକ ଆସୁଥିଲେ । ତାଙ୍କ ନିକଟକୁ ନୁହେଁ, ବରଂ ଆଧୁନିକତାର ହୋମକୁଣ୍ଡ ଭିତରକୁ । ସେ ଜଳୁଥିଲେ । ରୂପ, ଶିକ୍ଷା, ଅର୍ଥ, ପ୍ରତିପତ୍ତି ସବୁ ଯେମିତି ଠୂଳୀଭୂତ ହୋଇଥିଲା ସେଇ କୁଣ୍ଡ ଭିତରେ । ଅନେକ ହୋତାମାନଙ୍କ ଭିତରୁ ରାଜେଶକୁ ହିଁ ସେ ପୁରୋଧା ଭାବରେ ଗ୍ରହଣ କରିନେଇଥିଲେ । ତା ସମିଧ ଓ ଆହୂତିକୁ ବିନା ସର୍ତ୍ତରେ ସେ ସ୍ୱୀକୃତି ଦେଇଥିଲେ । ପରିପୂର୍ଣ୍ଣ ଭାବରେ ସେମାନେ ଜୀବନକୁ ଉପଭୋଗ କରିଥିଲେ । ମାତ୍ର ଯୋଉଦିନ ରାଜେଶର ମୂଢ଼ ସ୍ୱାଭିମାନ ତାଙ୍କ ଉପରେ ଅସଲ ଅଧିକାର ସାବ୍ୟସ୍ତ କରିବାକୁ ପ୍ରୟାସ କରିଥଲା, ତାଙ୍କ ଜୀବନର ଗତି ବେଗରେ ସୁଦୃଢ଼ ଓ ନିରାପଦ ବଂଧଟିଏ ବାଂଧିବାର ସ୍ୱପ୍ନ ଦେଖିଥିଲା, ଠିକ୍ ସେଇଦିନ ହିଁ ତାର ବିମୂଢ଼ ସତ୍ତା ଉପରେ ପାଦଥୋଇ ସେ କୁଦି ପଡ଼ିଥିଲେ ଆଗକୁ । ଘର ଭିତରେ ଯାବତୀୟ ଅଶ୍ରାବ୍ୟ ଶବ୍ଦରେ ବିଚରାର କାକୁସ୍ଥ ଚେତନାକୁ ପରିମଣ୍ଡନ କରିଥିଲେ । ଏବଂ ବିଚରା ରାଜେଶର ଅସହାୟ ସ୍ୱପ୍ନ, ଉତ୍‌ଫଣୀର ଆଘାତରେ ଛିଟିକି ପଡ଼ିଥିଲା ରାସ୍ତା ଉପରକୁ । ସେ ଅଦରକାରୀ ।

Digitized by PPRACHIN, SOA

ଏ ଘଟଣାର କିଛି ଦିନ ପରେ ମାୟାବିନୀ ଡାଫ୍‌ନି ଆଲବର୍ଟ ନାମକ ସ୍ୱପ୍ନ ପ୍ରବଣ ମଣିଷଟିକୁ ଟାଣି ଆଣିଥିଲା ନିଜ ବେଦୀ ଉପରକୁ । ତାକୁ ଇଚ୍ଛା ମତେ ଖେଳେଇଥିଲା । ଆଧୁନିକତାର ତରଂଗରେ ନଚେଇଥିଲା । ଏବଂ ବିଚରାର ବିମୂଢ଼ ଜୀବନକୁ ବଂଦି କରି ନେଇଥିଲା ନିଜର ବହୁଭୁଜୀ ଭୋଗ ମଣ୍ଡପର ନାଭିକେନ୍ଦ୍ରରେ । ଆଲ୍‌ବର୍ଟ ଆଖି ଖୋଲିବାର ବି ସୁଯୋଗ ପାଇ ନ ଥିଲା । ଅଂଧାର ଭିତେର ସେ କେବଳ ନିଜକୁଇ ଖୋଜୁଥିଲା । ଇଚ୍ଛାମତୀର ଆଲିଂଗନ ଭିତରେ ତାର ବ୍ୟକ୍ତିତ୍ୱ ଜୀବନ ଖୋଜୁଥିଲା । ଡାଫ୍‌ନୀର ସକଳ ଇଲାକାର ଅଧିଶ୍ୱର ହେବାର ସୌଭାଗ୍ୟ ସେ ପାଇଥିଲା, ଆକସ୍ମିକ ଭାବରେ । ଡାଡି ମାମି ମଧ୍ୟ ତାକୁ ଗ୍ରହଣ କରି ନେଇଥିଲେ ଏବଂ ରାଜେଶର ପ୍ରତାରିତ ସତ୍ତା ରୂପାନ୍ତରିତ ହୋଇଯାଇଥିଲା ଏକ ଶ୍ୱାନରେ । ସେ ଦିନ, ପ୍ରାୟ ବର୍ଷକ ତଳେ ସୁକର୍ଣ୍ଣ ଦଂପତି ଶ୍ୱାନଶିଶୁଟିଏ ପ୍ରଦର୍ଶନୀରୁ କିଣି ଆଣିଥିଲେ । ମୂର୍ଖ ଓ ଅହଂକାରୀ ପ୍ରେମିକ ଏବଂ ଡାଫନୀର ଇଚ୍ଛା ଅନୁସାରେ ହିଁ ଛୁଆଟାର ନାଁ ରହିଥିଲା 'ରାଜେଶ' ।

ମାତ୍ର ସତରେ କ'ଣ ରାଜେଶର ଏପରି ଏକ ଅଭାବିତ ପରିବର୍ତ୍ତନ ସମ୍ଭବ ହୋଇଥିଲା ? ସେ ଦିନଗୁଡ଼ିକରେ ସେ, ରାଜେଶ ଓ ଆଲ୍‌ବର୍ଟ ତିନିହେଁ ତ ଗୋଟିଏ କୋଠରୀରେ ହିଁ ରହୁଥିଲେ । ଗୋଟିଏ ଗାଡ଼ିରେ ତିନିହେଁ ସହର, ଜଂଗଲ ଓ ସମୁଦ୍ରକୂଳ ପରିକ୍ରମା କରୁଥିଲେ । ସେମାନେ କେତେ ଯତ୍ନରେ ବିଚରା ରାଜେଶର ନିର୍ବୋଧ ଜୀବନକୁ ବି ଖେଳେଉଥିଲେ ଏବଂ କିଛିମାସ ପରେ ଆଲ୍‌ବର୍ଟ ନାଭିରେ ଉଚ୍ଚ ପଦବୀରେ ନିଯୁକ୍ତି ପାଇ ଦୂର ଦୂରାନ୍ତରକୁ ଚାଲି ଗଲାପରେ, ଘର ଭିତରେ ଏକା ରହିଗଲେ ଡାଫନୀ ଓ ରାଜେଶ । ଆଲ୍‌ବର୍ଟ ଗଲା । ତା ବାପାଂକ ପରି ଉଡ଼ିବୁଲିଲା ସମୁଦ୍ରର ଏ କୂଳରୁ ସେ କୂଳ । ଆଉ ସେ ? ସେ ବି ଜୀବନ ଦେଖିଲେ ରାଜେଶ ଭିତରେ ।

ନୂଆ ରାଜେଶର ସକଳ ଅଳି ଓ ଅଭିମାନକୁ ସେ ସ୍ୱୀକୃତି ଦେଲେ । ତାକୁ ଆଂଗୁଠି ଅଗରେ ନଚେଇଲେ । କୋଳେଇଲେ । ଗାଧେଇଦେଲେ । ବେଶ କରିଦେଲେ । ମାଂସ ଭାତରେ ତାର ଭୋକ ମାରିଲେ । ଗାଡ଼ିରେ ବସେଇ ସହର, ଜଂଗଲ, ସମୁଦ୍ରକୂଳକୁ ବୁଲେଇ ନେଲେ । ତା ହାଉ ଗର୍ଜନ ଶୁଣି ପୁଲକିତ ହେଲେ । ସହରରେ ଆୟୋଜିତ ଶ୍ୱାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାରର ଅଧିକାରିଣୀ ହେଲେ । ସମ୍ବାଦ ପତ୍ରରେ ତା ସହିତ ତାଙ୍କ ଗର୍ବିତ ଓ ଅଭିଜାତ ରୂପ ପ୍ରକାଶିତ ହେଲା । ସମାଜର କେତେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କର ସେ ପ୍ରଶଂସାର ପାତ୍ରୀ ହେଲେ । ତାକୁ ସେ ଆବେଗରେ କୋଳେଇ ନେଲେ । ସେ ବି ତାଙ୍କ କୋଳରୁ ତାତି ଖୋଜିଲା । ତାଙ୍କ ପଲ୍ଲବିତ ପାଦକୁ ଗେଲ କଲା । ଚାଉଁ ଲେଗେଇ ଦେଲା । ତଳିପାରେ ଲାଳର ହିଲ୍ଲୋଳ ସୃଷ୍ଟିକଲା । ସେ ଆଉରି ପୁଲକିତ ହେଲେ । ତଳିପାରୁ ସେ ଆସିଲା ଉପରକୁ । ଆଉରି ଉପରକୁ । ତାଙ୍କ ଆଖି ମୁଦି ହୋଇ ଆସିଲା । ଚେତନା କାଲୁଆ ମାରିଗଲା । ସେ ଉଠି ଚାଲିଲା ଉପରକୁ ଉପରକୁ, ସୁବାସିତ ଗଭୀରତାକୁ ଏବଂ ସେଇ ଭୟଂକର ଜୀବଟାର ବିପଦ୍‌ଜନକ ଜିଭ ବେଶ ନିଃସଙ୍କୋଚରେ ଚାଟି ଚାଲିଲା ତାଙ୍କ

Digitized by PPRACHIN, SOA

ତଳିପାରୁ ତାଳୁଯାଏ – ସମଗ୍ର ସତ୍ତାକୁ । ଇଚ୍ଛା କରିବି ସେ ତାକୁ ବାରଣ କରିପାରିଲେନି । ଆକଟ କରିପାରିଲେନି । ଠେଲିଦେଇ ପାରିଲେନି ଖଟ ତଳକୁ । ହାତ ଗୋଡ଼ ବାନ୍ଧି ଫିଙ୍ଗିଦେଇ ପାରିଲେନି ରାସ୍ତା ଉପରକୁ । ଟିକିଏ ମାତ୍ର ବିଷୟରେ ତାର ଦୁଃସାହସର ଜିଭକୁ ଅସାଡ଼ ଦେଇପାରିଲେନି । ଦାନ୍ତକୁ ଭାଙ୍ଗି ଦେଇପାରିଲେନି । ବରଂ, କୋଳେଇ ନେଲେ । ତାକୁ ବି ଉତ୍ତେଜିତ କଲେ । ନିରାବରଣତାର ସ୍ୱାଦ ଚଖେଇଲେ । ରୋମାଂଚିତ ହେଲେ । ଟିକିଏ ତାତି ଓ ପୁଲକପାଇଁ ଘୃଣିତ ଜୀବର ସକଳ ଅସ୍ୱାଭାବିକ ଅଭିସାର ତାଙ୍କ ଜୀବନର ଆବଶ୍ୟକତାରେ ଯେମିତି ପରିଣତ ହେଇଗଲା । ସେ ବଡ଼ ଦୟନୀୟ ଭାବରେ ତା ପାଖରେ ବାହୁ ଟେକିଦେଲେ । ରାଜେଶ ଜିତିଗଲା । ନିଜର ଅଧିକାର, ସ୍ୱାଭିମାନ, ପୌରୁଷକୁ ସେ ଅପରାଜିତ ବୋଲି ଉଦ୍‌ଘୋଷଣା କଲା ।

ବିଚରା ଆଲ୍‌ବର୍ଟ ? ତାର ତ୍ୟାଗ, ପ୍ରେମ, ସହୃଦୟତା, ପୌରୁଷ ? ତାର ଆଲିଂଗନ, ଆବେଗ, ବେପଥୁ, ଅଭିସାର ? ସେ ସମସ୍ତ କ'ଣ ମିଥ୍ୟା, ମୂଲ୍ୟହୀନ ? ରାଜେଶର ଦର୍ପିତ ଅହଂକାରରେ ସେ କ'ଣ ପରାଜିତ ?

କୋଠରୀ ଆରପଟରୁ ଘାଏଲା ରାଜେଶର ଚିତ୍‌କାର, ଡାଫ୍‌ନି ଭିତରେ ଝଡ଼ ସୃଷ୍ଟି କଲା । ଉତ୍ତେଜନା ଓ କ୍ରୋଧରେ ତାଙ୍କ ଅହଂ ବୃକ୍ଷଟି ଭୟଂକର ଭାବରେ ଦୋହଲିବାରେ ଲାଗିଲା । ଝଡ଼ ଆଉ ଭୂମିକଂପର ଅଟ୍ଟହାସ୍ୟରେ ଯେପିରି ଉଦ୍‌ବେଳିତ ସମଗ୍ର ପୃଥିବୀ । ବିଚରା ଆଲ୍‌ବର୍ଟର ଶକ୍ତ ଆଲିଙ୍ଗନକୁ ସେ ଫିଙ୍ଗିଦେଲେ ଦୂରକୁ । ଉତ୍‌ଫଣୀ ପରି ଡେଇଁପଡ଼ିଲେ ପଲଂକ ଉପରୁ । ନିଜର ସଂକୀର୍ଣ୍ଣ ଆବରଣକୁ ପାଦରେ ଫୋପାଡ଼ି ଦେଲେ ପଂଲକ ତଳକୁ । ମ୍ୟାକ୍‌ସି ଭିତରେ ନିଜକୁ ସଜାଡ଼ି ନେଲେ । ଚିତ୍‌କାର କରି କହିଲେ, 'ମାମି, ତୁ ରହ ତ, ମୁଁ ସେ ବ୍ରୁଟ୍‌ଟାକୁ ସଜାଡ଼ି ଦଉଚି । ବାଷ୍ଟାର୍ଡର ମୁହଁ ବଢ଼ିଯାଇଚି । ତାକୁ ଜବତ ନ କଲେ ମୁକ୍ତି ନାଇଁ ।"

ଡାଫ୍‌ନିର ଏ ସଂହାରିଣୀ ମୂର୍ତ୍ତି ଦେଖି ଚମକିପଡ଼ିଲେ ଆଲ୍‌ବର୍ଟ । ସେ କିଛି ବୋଲି କିଛି ଭାବିବା ଅବସ୍ଥାରେ ହିଁ ନଥିଲା । ସାମାନ୍ୟ ଶ୍ୱାନଟିଏ ଜୀବନ ସହ ଯେ ଏତେ ଚମତ୍କାର ଅସହଯୋଗ କରିପାରେ, ଏହା ସେ ପ୍ରଥମ ଥରପାଇଁ ଅନୁଭବ କଲେ । କାର ଭିତରେ ତାରି ସହିତ ସେ ଘରକୁ ଆସିଥିଲେ । ତାର ବଢ଼ନ୍ତା ଦେହ ଦେଖି ଖୁସି ହୋଇଥିଲେ । ଶ୍ରଦ୍ଧାରେ ତାକୁ ଆଉଁଶି ଦେଇଥିଲେ । ସେମାନେ ତିନିହେଁ ହିଁ ଘର ଭିତରେ ପ୍ରବେଶ କରିଥିଲେ। ଆଜି ସକାଳେ ତାକୁ ପାଛୋଟି ଆଣିବା ପାଇଁ ସେ ଏରୋଡ୍ରମ ଯାଇଥିଲା । ମାତ୍ର ରାତିରେ ସେ ଦୁହିଁଙ୍କ ନିର୍ଜ୍ଜନତାକୁ ଦେଖିଲା ପରେ ହିଁ ପ୍ରତିକ୍ରିୟା ପ୍ରକାଶ କରିଥିଲା ବିଚରା ରାଜେଶ । ତାପରେ ତା ଅହଂକାରକୁ ବାନ୍ଧି ଦିଆଯାଇଥିଲା ବାରଣ୍ଡାର ଖୁଣ୍ଟରେ। ସେମାନଙ୍କୁ ଶଂଖୁଳିବାପାଇଁ ବନ୍ଧୁମାନେ ଆସିଥିଲେ । ସେ ମଧ୍ୟ ଆପଣା ଭାଷାରେ ସେମାନଙ୍କୁ ସ୍ୱାଗତ କରୁଥିଲା । ପୁଣି ନିରବି ଯାଉଥିଲା ସ୍ୱାଭାବିକ ରୀତିରେ । ଏବଂ ଶୋଇବା ଘର ଭିତରେ ହିଁ ସେ ବଦଳି ଯାଇଥିଲା ବଡ଼ ଅଦ୍‌ଭୁତ ଭାବରେ । ଟିକିଏ ମାତ୍ର ସ୍ନେହପାଇଁ କ'ଣ ତା ଭିତରେ ଏତେ ଭୟଂକର ପ୍ରତିକ୍ରିୟା । ସେ ତ ତାକୁ ହତାଦର କରିନାହାନ୍ତି । କଥା କହିଚନ୍ତି,

Digitized by PPRACHIN, SOA

ଆଉଁଶି ଦେଇଚନ୍ତି, ଗେଲ କରିଚନ୍ତି । ସେତିକି କ'ଣ ପଶୁଟାଏପାଇଁ ଯଥେଷ୍ଟ ନୁହେଁ ? ତା ଭିତରେ କୁହୁଳୁଥିବା ପ୍ରତିଶୋଧ ପରାୟଣତାର ନିଆଁକୁ ଠାବକରିବାପାଇଁ ସେ ଅସମର୍ଥ । ମାତ୍ର କିଛି ସମୟ ପୂର୍ବରୁ ଅଲାଜୁକଙ୍କ ପରି ଅସ୍ତ୍ର ଉଠେଇ ଥିଲେ ତା ବିରୋଧରେ ।

ଆଲ୍‌ବର୍ଟ ନିଜ ଭିତରକୁ ଫେରିଲେ । ଦୟା ଓ କରୁଣାରେ ତାଙ୍କ ହୃଦୟ ଯେମିତି ଛଳଛଳ ହେଇଉଠିଲା । ସେ ବଦଳି ଗଲେ । ଉତ୍ତେଜନା ତରଳିଗଲା କାରୁଣ୍ୟର କଅଁଳ ନିଆଁରେ ।

ମାତ୍ର ଡାଫନୀର ଆଚରଣ ତାଂକୁ ଅଧିକ ଆଶ୍ଚର୍ଯ୍ୟ କରୁଥିଲା ।

ସେ ନିଜକୁ ସଜାଡ଼ି ନେଲେ । ଆଉ ଦେଖିଲେ ପରିଶ୍ରାନ୍ତା ଓ କ୍ଷୁଧିତା ଡାଫ୍‌ନି ବିଛଣା ଭିତରେ ଶୀତଳେଇ ଯାଇଥିବା ରିଭଲ୍‌ଭରଟିକୁ ଝାଂପି ନଉଚି ବିଜୁଳୀ ପରି । ଆଲ୍‌ବର୍ଟଙ୍କ ଆଖି ଆଗରେ ଭାସିଉଠିଲା ସେଇ କରୁଣ ଦୃଶ୍ୟଟି, ଯେଉଁ ଦୃଶ୍ୟକୁ ସେ ପରିକଳ୍ପନା କରିଥିଲେ ସେଇ ଅଶ୍ଳୀଳ ମୁହୂର୍ତ୍ତରେ । ଅସ୍ୱାଭାବିକ ଅବସ୍ଥାରେ । ମାତ୍ର ଡାଫ୍‌ନି ହାତରୁ ଯମଦୂତଟିକୁ ଜବତ କରିବାର ଶକ୍ତି ଓ ସାମର୍ଥ୍ୟ ତାଙ୍କର ଯେପରି ଲୋପ ପାଇଯାଇଥିଲା ।

ଉତ୍ତାଳ ସମୁଦ୍ର ଭିତରେ ଜୀବନ ସହ ସାଲିସ୍ କରିପାରୁ ନଥିବା ରକ୍ତ ପିପାସୁ ଯୋଦ୍ଧାଟିଏ ଯେମିତି ରୂପାନ୍ତରିତ ହୋଇ ଯାଇଥିଲା ବିମୂଢ଼ ଦାର୍ଶନିକରେ ।

ଡାଫ୍‌ନୀର ସମଗ୍ର ସତ୍ତା ଜଳି ଯାଉଥିଲା ଭୟଂକର କ୍ରୋଧ ଓ ଉତ୍ତେଜନାରେ । ସେ ନିଆଁ ପାଖରେ ରାଜେଶ ଯେମିତି କିଛି ନୁହେଁ । କିଛି ନୁହେଁ ଆଲ୍‌ବର୍ଟ । ଆଖିର ପଲକ ପାତରେ, ମୁହୂର୍ତ୍ତକ ଭିତରେ ଶକ୍ତିର କ୍ରୋଧରେ ଯେମିତି ପାଉଁଶ ହୋଇଯିବେ ଜଗତର ସକଳ କ୍ଷୁଧିତ ପୌରୁଷ ।

ଡାଫ୍‌ନୀର ନିର୍ଦ୍ଦେଶରେ, ଦୁଇ କୋଠରୀ ମଝିରେ ଅବିଚଳିତ ଅଥଚ ଆଜ୍ଞାଧୀନ ଦାନବ ପରି ଠିଆହୋଇଥିବା କବାଟ ଅସ୍ୱାଭାବିକ ଶବ୍ଦକରି ଆଡ଼େଇ ହେଇଗଲା ଏବଂ କ୍ଷୁଧିତା ଡାଫନୀ ହାତରୁ ଛିଟିକି ପଡ଼ିଲା ବିଚରା ମାରଣାସ୍ତ୍ରଟି ।

ବ୍ରିଗେଡିଅର ସାହେବଙ୍କ ଭୟଶୂନ୍ୟ ପରିବେଶ ମୁହୂର୍ତ୍ତକ ଭିତରେ ପରିପୂର୍ଣ୍ଣ ହୋଇଗଲା କ୍ଷୁଧା, ଅହଂକାର, ପ୍ରତିକ୍ରିୟା ଓ ପ୍ରତିଶୋଧପରାୟଣ ଏବଂ କାରୁଣ୍ୟର ଅସ୍ୱାଭାବିକ କୋଳାହଳରେ । ରକ୍ତାକ୍ତ କୋଳାହଳ । ରକ୍ତାକ୍ତ ଆଲବର୍ଟ ।

ଶୋଷ ପାଖରେ କେଡ଼େ ଅସହାୟ ଏ ମଣିଷ ?

●●●

Digitized by PPRACHIN, SOA

ଅମୁଅପା

ତାଙ୍କ ବିଷୟରେ କଲମକୁ ପ୍ରଗଲ୍‌ଭ କରିବା ପୂର୍ବରୁ ପ୍ରଥମରୁ କହିରଖିବାକୁ ଉଚିତ ମଣୁଚି ଯେ, ସେ ଏକ ଜୀବନ୍ତ ମିଥ୍‌ । ମୋ ଭିତରେ ତାଙ୍କ ଅସ୍ତିତ୍ୱ ଯେତିକି ଆନ୍ତରିକ ଭାବେ ମୁକୁଳିତ ହେଉଛି, କ୍ରମଶଃ ବଡ଼ ବିପଦ୍‌ଜନକ ଭାବରେ ଛଂଦି ହୋଇପଡୁଛି ତାଙ୍କ ଭିତରେ । ତାଙ୍କୁ ଏକ ଖୋଲା ମନରେ ସ୍ୱୀକାର କରିନେଲେ, ଭିତରର ଆକାଶ ଦିଶୁଛି ବେଶ୍ ନିର୍ମେଘ, ସୁନୀଳ । ମାତ୍ର ଛୁରୀଟିଏ ହାତରେ ଧରି, ସଂଶୟୀ ମନନେଇ ତାଙ୍କ ପାଖରେ ଉଭାହେଲେ, ଦୟନୀୟ ଭାବରେ ହାରିଯାଉଛି । ନିଜ ଭିତରେ କେବଳ ଘାରି ହେଉଛି କୁମ୍ଭାଗୁଆ ପରି ।

ତାଙ୍କ ବିଷୟରେ ବାର ଲୋକ ତେର କଥା କହନ୍ତି । ଲୋକଙ୍କ ପାଖରେ ସେ କାଳେ ଭଳିଭଳି ବେଶରେ ବିଭଳିତା । ସେ ଯାହାପାଇଁ ଯେମିତି ହୁଅନ୍ତୁ । ମୋର ବା କ'ଣ ଭାସିଗଲା ସେଉଠୁ ? ଅନ୍ୟମାନଙ୍କପାଇଁ ମିସ୍ ଅମୃତା ତ୍ରିପାଠୀ । ହେଲେ, ମୋପାଇଁ ତ ଅମୁଅପା ।

ଅମୁଅପା ଦେଖିବାକୁ ସତରେ ସୁନ୍ଦରୀ । ଏକଥା ମୁଁ କହେନା, ଯିଏ ଦେଖେ, ସିଏ କହେ । ତାଙ୍କ ଉପରୁ ଏତେ ସହଜରେ ଆଖି ଫେରେଇ ପାରେନା । ସତେ ଯେମିତି ମନସ୍ୱିନୀ । ଆକର୍ଷଣୀୟ ଉଚ୍ଚତା, ଗୋରା ତକ୍‌ତକ୍ ଦିହ, ଗହବା ଲଂବା କୁଂଚିତ କେଶ, କମ୍ବୁକଂଠ, ସରୁ ଲାଲ୍‌ଟୁକୁଟୁକୁ ଓଠ, କାବ୍ୟିକ ଆଖି, କୃଶକଟି, ବେହରଣ ପୁଣି ଧଳାଲୁଗା । ସଂଗୀତ, ନୃତ୍ୟ ନିପୁଣା । ବିଦ୍ୟାଦାତ୍ରୀ, ବରଦାୟିନୀ, ପ୍ରତିଭା ଅନୁରକ୍ତା, ନିର୍ଭୀକା, ଏମିତି କେତେ କ'ଣ । ତାଙ୍କରି ସାନ୍ନିଧ ଟିକିଏପାଇଁ ଅନ୍ୟମାନଙ୍କ ମଧ୍ୟରେ କେତେ ବ୍ୟାକୁଳତା, ପ୍ରତିଯୋଗିତା, ସାଧନା, ଅନେକ କିଛି । ଏ ଅନେକ କିଛି ଆଦୌ ଅସ୍ୱାଭାବିକ କି ବିସ୍ମୟକର ନୁହେଁ । ଜାଗୃତିର, ସପନର । ସେ ସତ ହୁଅନ୍ତୁ ବା ମିଛ ହୁଅନ୍ତୁ, କୃଷ୍ଣା ହୁଅନ୍ତୁ ବା ଗୌରୀ ହୁଅନ୍ତୁ, ସତୀ ହୁଅନ୍ତୁ ବା ବାରନାରୀ ହୁଅନ୍ତୁ, ହୁଅନ୍ତୁ ବିଦୂଷୀ ଅଥବା ମହାମୂର୍ଖା । ଯାହାପାଇଁ ଯାହା ହୁଅନ୍ତୁ, ମୋର ବା ସେଥିରେ ଯାଏ କେତେ, ଆସେ କେତେ ? ମୋ ପାଖରେ ତାଙ୍କର ତ ଗୋଟିଏ ବୋଲି ପରିଚୟ, କେବଳ ଗୋଟିଏ ।

ସେଦିନ ସେଇ ପ୍ରଥମ ସାକ୍ଷାତର ଦିନରେ ସେ କୋଉ ବେଶରେ ମୋ ଆଗରେ ଉଭା ହୋଇଥିଲେ, ମନେ ନାହିଁ । ମୁଁ ତାଙ୍କୁ ଚକିତ ଆଖିରେ ଚାହିଁରହିଥିଲି । ମୋ

Digitized by PPRACHIN, SOA

ପାଖରୁ ଏକ ଅପହଂଚ ଦୂରତାରେ ସୁବାସିତ ଥୋପଟିଏ ପରି ସେ ଝୁଲୁଥିଲେ । ଏବଂ ମୋ ପରି ନିର୍ବୋଧ ଅରସିକଟିଏ, ଯାହା ଅଲାଜୁକ ପରି ଘୂରି ବୁଲୁଥିଲା ତାଙ୍କ ଚଉପାଶରେ । କ'ଣପାଇଁ ବେଂଗଳାର ବଳଦ ସାଜିଥିଲି, ଡାହାଣିଆ ପରି ଚକ୍କର ଖାଉଥିଲି କେଜାଣି ? ଏବେ ସେ କଥା ମନେ ପଡ଼ିଲେ ହସଲାଗେ । ମନେ ମନେ କହେ, ତୁ ମଲୁନିରେ ପୋଡ଼ାମୁହାଁ ନିର୍ବୋଧ ଦେବଦାଶ ।

କିଏ କ'ଣ ନିଜକୁ ନିର୍ବୋଧ ଅଲାଜୁକ ବୋଲି କୁହେ କି ? ନା, ଜମା ନୁହଁ । ମୁଁ କାହିଁକି ମତେ ସେମିତି କହିବି କି ? ଏ କଥା ମତେ ଅନ୍ୟମାନେ କହନ୍ତି । ମତେ ବେଶ୍ ଥଟ୍ଟା କରନ୍ତି । କହନ୍ତି 'ଶଳା ଚାହିଁଆ, ଦେହ-ଜଗୁଆଳୀ ବନିଆ, କଚୁ ଖାଇବୁ, କଚୁ ।' ଚରିତ୍ର ଛେଚିହେଉଥିବା ଭାଡୁଆମାନେ କଚୁବିଳସୀ । ସରଳବଣୀ ସେମାନଙ୍କପାଇଁ ଅଖାଦ୍ୟ, ଅରୁଚିକର ।

ତାପରେ ଅମୁଅପାକୈନ୍ଦ୍ରିକ ଯାବତୀୟ ଅଶ୍ଳୀଳ ଭାଣ୍ଡାମିର ବୀଜାଣୁ ବୋମା ପରି ମୋ ଉପରେ ଅଜାଡ଼ି ହୋଇପଡ଼େ । ସେ କାଳେ ଅତିବାହିତା, ଅତିଲୋପିତା, ଅତିତାପିତା, ଅତିଲାଳିତା, ଅତିକୋଳିତା, ଅତିଶାୟିତା, ଅତିଚାଳିତା, ଅତିଶୋଷିତା; ଅସୁମାରୀ ଅତି ଅତିର ଏକ ଚଳମାନ ଚଂଦ୍ରକଳା, ଚତୁରୀବାଳା; ଦେହରେ ତାର କେତେ କ୍ଷୟ, କେତେ ବୃଦ୍ଧି, କେତେ ସଂକେତ, କତେ ସଂପୃକ୍ତି ପୁଣି କେତେ ନିବୃତ୍ତି । ସେ କୁହୁକିନୀ, ମାୟାବିନୀ ।

ଯେଉଁମାନେ ଏତେ ବିଶେଷ ବିଶେଷ ବିଶେଷଣରେ ଅପାକୁ ମୋର ସୁଶୋଭିତା କରନ୍ତି, ସେମାନଙ୍କ ପ୍ରତି ମୋର ଭାରି ଦୟାହୁଏ । ନିଜକୁ ଚତୁର ବୋଲି ଦେଖେଇ ହେଉଥିବା କେତେ ନିଦା ନିର୍ବୋଧ ସେମାନେ ? ଯେଉଁ ତରୁଣୀର କୂଳ ଛୁଇଁବାପାଇଁ ତମମାନଙ୍କ ଭିତରେ ଏତେ ତାତିଲା ଶବ୍ଦର ଲହଡ଼ି, ଯାହାକୁ ଦେଖିବାପାଇଁ ତମ ଭିତରେ ଏତେ ବ୍ୟାକୁଳତା, ଯାହା ସହ ଆଳାପ ବିଭୋର ହେବାପାଇଁ ଏତେ ଅଲାଜୁକ ଆତୁରତା, ତାକୁ ବାରମ୍ବାର ବିବସ୍ତ୍ର କରି କି ସୁଖପାଅ ତମେମାନେ ? ବାହାରକୁ କେତେ ଭଦ୍ର, ସୁପୁରୁଷ, ଚରିତ୍ରବନ୍ତ, ନୀତିବାନ ବୋଲି ଦେଖେଇ ହେଉଥାଅ । ମାତ୍ର ଆଉ କାହା ଚେତନାରେ ଆପଣା ମୋହରଟିଏ ମାରିଦେବାପାଇଁ ଚତୁର ରୀତିରେ ଲିଭେଇ ପକେଉଥାଅ ଗାରଗୁଡ଼ାକ । ଆଉ କିଏ ଚୋରପଣକୁ ଦେଖିଦେବ ବୋଲି ନୁଚେଇ ପକେଉ ଥାଏ ଚିତ୍ରଗୁଡ଼ାକ । ଆଉ କିଏ କଥା, କି ଗୀତ ପଦିଏ ଶୁଣିଦେବ ବୋଲି ବୁଜି ଦେଇଥାଅ ଗବାକ୍ଷଗୁଡ଼ାକ । କୋଉ ନିକାଂଚନ କୁଂଜରେ ସ୍ୱପ୍ନ ବିଭୋର ହେବାପାଇଁ ନିରାପଦ ଯୋଜନାମାନ ତିଆରୁଥାଅ । ଉଚ୍ଚାଟ ହେଉଥାଅ ତାତି ସଂଚରଣପାଇଁ ।

କାହାପାଇଁ ତମ ଭିତରେ ଏତେ କଥା, ଏତେ ଗୀତ, ଏତେ ନାଟ, ଏତେ ଅବର୍ଜିଆ ଛତରାମି ? ସେଇ ଜଳନ୍ତା ଅମୁଅପାପାଇଁ ନା ? ସତେ ଯେମିତି ସେ ଅମୃତର ସମୁଦ୍ର ।

Digitized by PPRACHIN, SOA

ଏଥିରୁ କି ସୁଖ ପାଅ କେଜାଣି ?

ତମ କଥା ଆଉ ଆଚରଣ ମନେପଡ଼ିଲେ, ସତରେ ଆଶ୍ଚର୍ଯ୍ୟ ଲାଗେ । କ'ଣପାଇଁ ତମମାନେ ଏକାନ୍ତ ବ୍ୟକ୍ତିକ ଓ ଗୋପନ ସୁଖମାନଙ୍କୁ ଏତେ ବୀବସ୍ତ ରୂପରେ ଅଜାଡ଼ି ଦିଅ ହାଟ ବଜାରରେ ? କ'ଣପାଇଁ ? କୋଉ କାଳ୍ପନିକ ସୁଖରେ ବିଭୋର ହୁଅ ତମେମାନେ ? ଆତ୍ମକୈନ୍ଦ୍ରିକ ଜୀବନ ପ୍ରତି ତମମାନଙ୍କର ଏହା ଅସହିଷ୍ଣୁତାର ରୋଷ ନିଆଁ ନୁହେଁ ତ ? କେଜାଣି ?

ଭାବେ, ଏମିତି ହବା ତ ସତ କଥା । ହଉ ଥାଉ । ନହବ ବା କେମିତି ? ତାଙ୍କ ସାମାନ୍ୟ ସାନ୍ନିଧ ଲଭିବାପାଇଁ କିଏ ଅବା ବ୍ୟାକୁଳ ନୁହେଁ ଯେ ? ତମେ ହେଲ, ଭଲ ହେଲା । କ'ଣ ବା ଅଶୁଦ୍ଧ ହୋଇଗଲା ସେଇଠୁ ? ତାହାଇ ତ ମହାଭାରତ ନା ।

ତେବେ ସେ ମହାଭାରତରେ ମୋର ବା ପରିଚୟ କ'ଣ ? ଏମିତି ଏକ ବିଚିତ୍ର ପ୍ରଶ୍ନ ମୋତେ ବାୟାକରେ । ଅପା ଓ ମୋ ଭିତରେ ଗଢ଼ିଉଠିଥିବା ସଂପର୍କର କାରଣ ଖୋଜେ । ଏବଂ, ଖୋଜିବାକୁ ଆରମ୍ଭକଲା ମାତ୍ରେଇ ଖୋଲିଯିବାକୁ ଉଚ୍ଚାଟହୁଅନ୍ତି ଅନୁଭୂତିର ପୃଷ୍ଠାଗୁଡ଼ିକ । ସବୁ କିଛି ଦୁଶେ ଅସ୍ପଷ୍ଟ ଓ ରହସ୍ୟମୟ ।

କିଏ ଅସ୍ପଷ୍ଟ ? କିଏ ରହସ୍ୟମୟ ?

ମୋର ଦୁଇଟି ଗଭୀର ଆଖି, ଉଦାସ ନା ତିର୍ଯ୍ୟକ୍ ?

ତାହା ବି ବୁଝିପାରେନା । ଛଂଦି ହେଇପଡ଼େ ଗୋଲକ ଧଂଦାରେ । ରହସ୍ୟର ଗବାକ୍ଷଖୋଲା ପ୍ରୟାସ ଚହଲିଯାଏ ଆପେଆପେ । ଅସ୍ପଷ୍ଟତା ଘନୀଭୂତ ହୁଏ କ୍ରମଶଃ । ଅଧିକରୁ ଅଧିକ ।

ମାତ୍ର ଆଶ୍ଚର୍ଯ୍ୟ ଲାଗେ –'ମୋ ପରି ଗୋଟାଏ ନିହାତି 'ବଣଭାଲୁ' ଠାରୁ କୋଉ ସୁଖ, ସପନ ଓ ଆନନ୍ଦ ପାଇବାପାଇଁ ସେ ଚହଲିଯାଇଥିଲେ ? ଯା ଠାରୁ ମୋର କ'ଣ ସତରେ ଆଉ କିଛି ଅଧିକ ପରିଚୟ ଥିଲା ? କେଜାଣି ?

ସେ ବୋଧହୁଏ କୌଣସି ନିର୍ଭରଯୋଗ୍ୟ ସୂତ୍ରରୁ ମୋ ବିଷୟରେ ଅନେକ କିଛି ସମ୍ବାଦ ସଂଗ୍ରହ କରିଥିଲେ । ମୁଁ କାଳେ କଣ ନାଇଁ କ'ଣ ? ଏକ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି । ବାସ୍, ତାପରେ ଆରମ୍ଭ ହୋଇଯାଇଥିଲା ଅସଲ ନାଟ । ସେ ମୋ – ମନସ୍କ ହୋଇ ପଡ଼ିଥିଲେ ଏବଂ ମୋତେ ଧରିବାପାଇଁ ପବନରେ ଜାଲ ମେଲି ଦେଇଥିଲେ ।

ତାଂକ ଜାଲ ହଠାତ୍ ଦିନେ ମୋତେ ଠାବ କରିଥିଲା ମୋର ଜନୈକ ଦୂର ସଂପର୍କୀୟ ଭାଇଙ୍କ ଘର ଭିତରୁ । ମୋ ବିଷୟରେ କଥିତ କେତେକେ ଲୋକକଥା ଅବଶ୍ୟ ସତ୍ୟ ଥିବାର ସେ ପ୍ରମାଣ ପାଇଥିଲେ । ମାତ୍ର ଯେଉଁ ନୂତନ ଘୋଷଣାପତ୍ର ତାଙ୍କୁ ଚକିତ ଓ ବିମର୍ଷ କରିଥିଲା, ତାହା ଥିଲା – "ଦେବଦାଶ ବିବାହିତ" ।

ପରେ ପରେ ହୁଏତ ମୋ – କୈନ୍ଦ୍ରିକ ଜିଜ୍ଞାସୁ ଭାବ ଭଟ୍ଟା ପଡ଼ିଯାଇଥିଲା ତାଙ୍କ ଭିତରେ । ଏବଂ ତାହା ହେବାଇ ସ୍ୱାଭାବିକ । ସେ ଦିନମାନଙ୍କରେ ଅମୁଅପା ମୋ ପାଖରେ ଥିଲେ ଏକ ଅଦେଖା ସପନ ।

Digitized by PPRACHIN, SOA

ମାତ୍ର ହଠାତ୍ ଦିନେ ଆକସ୍ମିକ ଭାବରେ ମୋ ଭିତରର ଦେବଦାଶୀୟ ନିଃସଂଗତାକୁ ପାର୍ଥଭାଇ ଚହଲେଇ ଦେଇଥିଲେ । ସେ ଥିଲେ ଅମୁଅପାଙ୍କର ସହକର୍ମୀ ଓ ସତୀର୍ଥ । ଯେଉଁ ପ୍ରଶ୍ନବାଣରେ ସେ ମୋତେ ଆକ୍ରାନ୍ତ କରିଥିଲେ, ତାହା ଥିଲା ବେଶ୍ ଶାଣିତ ଅଥଚ କରୁଣ । ଜଣେ ନିର୍ଦ୍ଦୟ ଅନୁଶାସକର ସ୍ୱରରେ ମତେ ସେ ପଚାରିଲେ –

ତୁ ଅମୁଦେବୀଙ୍କୁ ଜାଣୁ ?

ସ୍ୱାଭାବିକ ସ୍ୱରରେ ମୁଁ ଉତ୍ତର ଦେଲି – "କୋଉ ଅମୁଦେବୀ ?

ନା' ତ ? କାହିଁ କ'ଣ ହେଲା ?"

– ସେ ତ ତତେ ଭଲ ଭାବରେ ଜାଣନ୍ତି । ମୋ ଠାରୁ ଅଧିକ ।

– ତାଙ୍କର ମନହେଲା, ଜାଣିଲେ । ଜାଣନ୍ତୁ, ଭଲହେଲା ।

– ଭଲ ନୁହେଁ ବୋଲି ତ ତତେ କହିବାକୁ ଆସିଛି ।

– ମୋର ସ୍ପଷ୍ଟ ଉତ୍ତର ପାର୍ଥଭାଇଙ୍କି ବୋଧହୁଏ ଚହଲେଇ ଦେଇଥିଲା । ସେ ଜଣା ପଡୁଥିଲେ ବେଶ୍ ଗମ୍ଭୀର ଓ ଭାରାକ୍ରାନ୍ତ ।

ମୁଁ ଟିକିଏ ହସିଦେଇ କହିଲି – କ'ଣ ହୋଇଚି ଖୋଲିକହୁନ ଭାଇ । ଏତେ ସିରିଅସ୍ ହୋଇପଡୁଚ କ'ଣ ପେଇଁ ?

"ତତେ କହି ଲାଭ କ'ଣ ? ତୁ ତ କୌଣସି କଥାକୁ ସେତିକି ଗୁରୁତ୍ୱର ସହିତ ବିଚାର କରୁନାନା । ଆଉ କ'ଣ କହିବି ? ତୋ ଇଚ୍ଛା, ଯାହା କରୁଚୁ କର । ହୁସିଆର ଥିବୁ । ଅସୁବିଧା ଯେମିତି ନ ହୁଏ ।"

ନରମ ଗଳାରେ କହିଲି – ମୁଁ ଏଥିକୁ କ'ଣ କରିବି କହୁନ ।

"କହିଲି ତ ହୁସିଆର୍‌ରେ ଥିବୁ, ଆଉ କ'ଣ କରିବୁ । ଯା ଭିତରେ ସେ କେବେ ତୋ ପାଖକୁ ଆସିପାରନ୍ତି ।"

ପୁଣି ପଚାରିଲି – କିଏ ସେ ? କେହି ତ ମତେ ଅପେକ୍ଷା କରିବାକୁ କହି ନାହାନ୍ତି । ଆସିଲେ ଆସିବେ । ମୁଁ କ'ଣ କରିବି ?

ହଁ, ସେ ଆସିବେ, ଅମୃତା ତ୍ରିପାଠୀ, ଆସିବେ ଖାସ୍ ତତେ ଦେଖାକରିବାଲାଗି । ହେଲା ।

ସେ ସତକୁ ସତ ଦିନେ ଆସିଲେ । ଏକାଏକା, ମୋ ଏକୁଟିଆ ଘର ଭିତରେ । ଆକସ୍ମିକ ଭାବରେ ।

ମୁଁ କିଛି କହିବା ପୂର୍ବରୁ ସେ ଡ୍ରଇଂ ରୁମ୍‌ର ସୋଫା ଉପରେ ବସିପଡ଼ିଲେ ଏବଂ ନିଜ ଆଡୁ ନିଜର ପରିଚୟ ଦେଲେ ।

ମୁଁ ତାଙ୍କୁ ଶୋଇବା ଘର ଭିତରକୁ ଆସିବାକୁ ଅନୁରୋଧ କଲି । ସେ ନିଃସଂକୋଚରେ ମୋତେ ଅନୁସରଣ କଲେ ଏବଂ ବସିବାକୁ ଅନୁରୋଧ କରିବା ଆଗରୁ ବସିପଡ଼ିଲେ ବିଛଣା ଉପରେ ।

Digitized by PPRACHIN, SOA

ପ୍ରଥମ ଦେଖାରେ ଜଣେ ଅପରିଚିତା ଯେ ଏତେ ମେଲାଖୋଲା ହୋଇପାରେ, ଏ କଥା ମୁଁ ସହଜରେ ବିଶ୍ୱାସ କରିପାରୁ ନଥିଲି । ସବୁ କିଛି ମତେ ଜଣାପଡୁଥିଲା ଅସ୍ୱାଭାବିକ ଓ ରହସ୍ୟମୟ ।

ସେମିତି ଠିଆହୋଇ କହିଲି - ଆପଣ ଟିକିଏ ବସନ୍ତୁ, ଚା' କରିଆଣେ, କଥାହବା ।

ସେ ହଠାତ୍ ଉଠିପଡ଼ି କହିଲେ - ଯେ କି କଥା, ଚା' କରିବା ଆମ କାମ, ଆପଣ ବସନ୍ତୁ, ମୁଁ କରିଆଣୁଚି । ମୋର ବି ନିହାତି ଦରକାର ।

ମୁଁ ହସିଲି । କହିଲି - ଆପଣ ନୂଆ ଲୋକ, କୋଉଠି କିଛି ପାଇବେନି । ପରେ କେବେ ଆସିଲେ କରିବେ । ସେତେବେଳକୁ ମୁଁ ଆଦୌ ଆପତ୍ତି କରିବିନି । ଆଜି ମୋ ପାଳି ।

ସେ କିନ୍ତୁ ମୋ ଅନୁରୋଧ ଶୁଣିବା ମାନସିକତାରେ ନ ଥିଲେ । କହିଲେ - "ମୁଁ ଦେଖିନି ଯେତେବେଳେ, ଦେଖେଇ ଦିଅନ୍ତୁ, ଦିନେ ହେଲେ ତ ଆପଣଙ୍କୁ ଦେଖେଇବାକୁ ପଡ଼ିବନା ? ଆପଣ ଭଲ ଚା କରିପାରନ୍ତି ବୋଲି ମୁଁ ଶୁଣିଛି । ପରେ କେବେ ଆସିଲେ, ଆପ୍ୟାୟନ କରିବେ ।

ଆଜି ନୁହେଁ । ଆଜି ମୋ ପାଳି । ଚାଲନ୍ତୁ ।"

ମୋ ପଛେ ପଛେ ସେ ରୋଷେଇ ଘରକୁ ଗଲେ । ହିଟର ପାଖରେ ଚା' ତିଆରି ଉପକରଣ । ସବୁ ଗୋଟିଗୋଟି ଦେଖେଇଦେଲି । ଫେରିଆସିଲି ପୂର୍ବ ଜାଗାକୁ ।

ମାତ୍ର ତାଙ୍କ ବ୍ୟବହାର ମୋତେ ଏତେ ମାତ୍ରାରେ ଆସକ୍ତ କରିଥିଲା ଯେ, ମୁଁ ହଜେଇ ଦେଇଥିଲି ମୋର ଠିକଣା । କେବଳ ଭାସି ବୁଲୁଥିଲି ଶୂନ୍ୟତାର ସମୁଦ୍ରରେ । ନା ପାଉଥିଲି କୂଳ, କି ଥଳ ।

ସେ ଚା' କରି ଆଣିଲେ । ମୋ ହାତକୁ କପ୍‌ଟିଏ ବଢ଼େଇ ଦେଇ ବସିପଡ଼ିଲେ, ଆଗରୁ ଯୋଉଠି ବସିଥିଲେ, ଠିକ୍ ସେଇଠି ।

ଓଠରେ କପ୍ ଦେଉଦେଉ ପଚାରିଲେ - ଶୁଣିଛି, ଆପଣ ଚା'ରେ ଇ ବଂଚିଛନ୍ତି ।

ମୁଁ ହସିଲି । ପଚାରିଲି - ଏ ବିଶେଷ ସମ୍ବାଦ ଆପଣ କେମିତି ଜାଣିଲେ ?

ସଂକ୍ଷେପରେ ସେ କହିଲେ - ଏମିତି । ଆଉ କିଛି ଅଭ୍ୟାସ ନାଇଁ ନା ।

ତାଙ୍କ କଥା ଶୁଣି ମୁଁ ସଂପୂର୍ଣ୍ଣ ଭାବରେ ଚହଲିଗଲି ।

ହାତରେ ନହକା ପାଚିଲା ବେତ ଧରି, ରୋଷ କଷାୟିତ ନେତ୍ରରେ ପାର୍ଥଭାଇ ଆସି ଠିଆ ହୋଇଗଲେ ମୋ ସାମ୍ନାରେ । ତାଙ୍କ 'ଅଭ୍ୟାସ' ଶବ୍ଦକୁ ଗୁଣିହେବାରେ ଲାଗିଲି । ଭାଇଙ୍କ ସଙ୍କେତ ମୁତାବକ, ସତରେ କଣ ସେ ବହୁ ଅଭ୍ୟାସ – ବିଶାରଦା, ଖେଳାଲୋଳା - ଖଂଜନାକ୍ଷୀ, ଚତୁରୀ ନାୟିକା ? ପ୍ରଥମ ସାକ୍ଷାତରେ କୌଣସି ନାରୀ ଶୋଇବା ଘର ବିଛଣା ଉପରେ ଯେ ଅଧିକାର ସାବ୍ୟସ୍ତ କରିପାରେ । ଏହା ଥିଲା ମୋର କଳ୍ପନାନୀତ ।

Digitized by PPRACHIN, SOA

ମୋର ନିରବତାକୁ ଦେଖି ସେ ଏଥର ତାଙ୍କ ଆତ୍ମ କଥା ଆରମ୍ଭକଲେ । କହିଲେ - ମୋର ମଧ୍ୟ ଚା' ପିଇବାର ଭାରି ନିଶା । ସମୟ ଅସମୟ ନ ଥାଏ । ସେଇ ନିଶା ଭିତରେ ଇ ବଂଚିଛି । ଡାକ୍ତର ଅବଶ୍ୟ ବାରଣ କରିଛନ୍ତି । ଆପଣ କହିଲେ - ସବୁ ବାରଣ ଓ ଆକଟକୁ କ'ଣ ଗ୍ରହଣ କରାଯାଇପାରେ ?

ନା, ସେ କଥା କିଏ କହିଲା । ବି.ଏ. ପଢ଼ିବା ପର୍ଯ୍ୟନ୍ତ ମୁଁ ଏକ ସୌଖୀନ ଚା' ପିଆଳୀ ଥିଲି । ପରେ ଅବଶ୍ୟ ବାପା, ସାନବାପାଙ୍କପାଇଁ ଚା ହାଣ୍ଡି ଚୁଲିରୁ ଓହ୍ଲାଉ ନ ଥିଲା । ଏବଂ, ସେଥିପାଇଁ ମୁଁ ତାଙ୍କ ଉପରେ ଗରଗର ହେଉଥିଲି । ଏମ୍.ଏ. ପଢୁଥିଲା ବେଳେ ଚା' ପ୍ରୀତି ବେଶ୍ ଗଭୀର ହୋଇଯାଇଥିଲା ଏବଂ ଏ ସୁଗଭୀର ସଂପର୍କ ସ୍ଥାପନର ସଖା ଥିଲେ କବି ମନମୋହନ ଦାଶ । ଅଇଁଠା ଗ୍ଲାସ ସହ ଭାବ ଯୋଡ଼ିବାଲାଗି ଯେତେବେଳେ ନାଇଁ ସେତେବେଳେ ମତେ ଭିଡ଼ି ନେଉଥିଲେ କଲେଜ ଛକ କିମ୍ବା କ୍ୟାଣ୍ଟିନ୍‌କୁ । ଘରୁ ଆଈ (ମନ ମୋହନଙ୍କ ବୋଉ, ଯାହାକୁ ମୁଁ ଆଈ ବୋଲି ଡାକେ, ଯିଏ ମତେ ଅତ୍ୟଧିକ ସ୍ନେହ କରୁଥିଲେ, ଏବେ ବିଚାରୀ ସ୍ୱର୍ଗରେ, ଚା' ଏବଂ ଅଫିମ ଥିଲା କାଳେ ଶୀଘ୍ର ସ୍ୱର୍ଗବାସର କାରଣ) ଅଦା ଓ ଗୁଜୁରାତି ପକେଇ ବେଶ୍ ଚମତ୍କାର ଚା' ତିଆରି କରି ଥର୍ମୋସ୍‌ରେ ଘରୁ ପଠାଉଥିଲେ । ମନମୋହନ ଚା' ସହିତ ସିଗାରେଟ୍ ଓଠରେ ଧରୋଉଥିଲେ । ଦି ଶଉତୁଣୀ ଗୋଟାଏ ଘାଟରେ ବିହରିବାକୁ ସୁଖ ପା'ନ୍ତି ବୋଧହୁଏ । ମୁଁ ଅବଶ୍ୟ ସିଗାରେଟ୍‌କୁ ଆପଣେଇ ନେଇପାରିଲିନି । ମାତ୍ର ଚା' ସହିତ ଆସକ୍ତ ହୋଇପଡ଼ିଲି । ଯାହା ଅସଲ ଦୁଃଖର କାରଣ । ଆଉ ସେଇ ଦୁଃଖ ତ ସୁଖପ୍ରଦ, ଆନନ୍ଦ ଦାୟକ । ସତ ନା ?"

ତାଙ୍କୁ ଗହୀରେଇ ଅନିଷା କଲି– କୋଉ ଦୂରନ୍ତ ସ୍ୱପ୍ନରେ ସେ ଯେମିତି ସମାହିତ । କି ସ୍ୱପ୍ନ କେଜାଣି ? ପ୍ରସଙ୍ଗ ବଦଳାଇ ପଚାରିଲି, "ଏବେ କୁହନ୍ତୁ, ଆପଣ କେମିତି ଆସିଲେ ? ସୌଜନ୍ୟ ଦୃଷ୍ଟିରୁ ଏ ପର୍ଯ୍ୟନ୍ତ ଏତିକି ବି ପଚାରି ପାରିନି ।"

ମୋ କଥା ତାଙ୍କୁ ଚହଲେଇ ଦେଲା ବୋଧହୁଏ । ଖାଲି କପ୍‌ଟିକୁ ତଳେ ଥୋଇ ଦେଇ କହିଲେ - "ନା, ସେମିତି କିଛି କାରଣ ନାଇଁ । ଅନେକ ଦିନ ହେଲା ଆସିବି ଆସିବି ବୋଲି ଭାବୁଥିଲି । ପାରୁ ନ ଥିଲି । ଆପଣ ଆଜି ଅଛନ୍ତି ବୋଲି ଜାଣି ଚାଲି ଆସିଲି । ଆସିବାରେ ବା କ'ଣ କାରଣ ଅଛି ? ମୁଁ ତ ଅକାରଣୀଟାଏ । ଆପଣଂକୁ ଜାଣିଛି । କେଜାଣି କାହିଁକି ଖୁବ୍ ଭଲ ଲାଗନ୍ତି ଆପଣ । ଦେଖା ତ ହୋଇ ନଥିଲା । ଭାବିଲି - ସମୟ ମିଳିଛି, ବୁଲି ଆସେ । ଆସିଥିଲି ଆପଣଙ୍କ ଛାତ୍ର ସୁରେନ୍ଦ୍ର ସାଙ୍ଗରେ । ସେ ମୋର ବି ଛାତ୍ର । ସେ ଆସିଲେ - ଚାଲିଯିବି । ଏଇ ଆସୁଥିବ ବୋଧହୁଏ ।"

ଜଣେ ଅପରିଚିତା ତରୁଣୀ ମୁହଁରୁ ଆପଣା ପ୍ରଶସ୍ତି ଶୁଣି ମୋ କେଶରଗୁଡ଼ିକ ଟଣକିବାକୁ ଆରମ୍ଭକଲେ । ହଠାତ୍ ତୁଣ୍ଡରୁ ବାହାରି ପଡ଼ିଲା - "ମୁଁ ଭଲ ଲାଗେ ? ଯେ ତ ବଡ଼ ବିଚିତ୍ର କଥା । ମୁଁ ତ ଆଦୌ ସେମିତି ଜନ୍ତୁ ନୁହେଁ । ସତ କହୁଛି - ଜମା ନୁହେଁ ।"

Digitized by PPRACHIN, SOA

ଆଚ୍ଛା କଥା, ଏଠି ଜନ୍ତୁ ଅଜନ୍ତୁର ପ୍ରଶ୍ନ ନାହିଁ । ଭଲ ଲାଗିବାରେ କ'ଣ ସେମିତି କିଛି ଧରାବନ୍ଧା ତରିକା ଥାଏ ? ଅନେକ ଅପରିଚିତ ପଥଚାରୀଙ୍କୁ କେଜାଣି କାଇଁକି ଦେଖିଦେଲେ ଭଲଲାଗେ । ସମମାନସିକତାର ଏହା ଲକ୍ଷଣ ବୋଧହୁଏ । ଏବଂ, ଆପଣଙ୍କୁ ଯିଏ ଭଲଲାଗେ, ଆପଣ ତାଙ୍କୁ ଭଲ ଲାଗିବେ, ଏହା ସତ ନୁହେଁ କି ? ଛାଡ଼ନ୍ତୁ ସେ କଥା । ଏ ଦର୍ଶନ ଫର୍ଶନ ମତେ ଭଲଲାଗେନା । ଖାଲି ଯୁକ୍ତି, ପ୍ରତିଯୁକ୍ତି ବୁଦ୍ଧିର ଖେଳ, ବାଜେକଥା । ନିହାତି ବୋର୍‌ଡମ୍ । ଚିହ୍ନିଲେଣି ଯେତେବେଳେ, ଆମ ଘରଆଡ଼େ କେତେବେଳେ ଆସନ୍ତୁ ।"

ତାପରେ ତାଙ୍କ ସହର ଓ ସେ ରହୁଥିବା ଭଡ଼ାଘରଟିର ଏକ ସୂକ୍ଷ୍ମ ଚିତ୍ର ସେ ଆଙ୍କିଦେଲେ ମୋ ସାମ୍ନାରେ । ଶେଷରେ କହିଲେ – "ମତେ ଖୋଜି ପାଇବାରେ ଏତେ ଟିକିଏ ବି ଅସୁବିଧା ହେବନି । ମୁଁ ପ୍ରାୟ ଘରେ ଥାଏ, ନଚେତ ଥାଏ କଲେଜରେ । ତାପରେ ସୁନାପାଲି ଏଡ଼େ ଟିକିଏ ଜାଗା । ଯାହାକୁ ପଚାରିଲେ – ମୋ ଠିକଣା ବତେଇ ଦେବେ । ଏବେ କହନ୍ତୁ – କେବେ ଆସୁଛନ୍ତି ? ଆପଣଙ୍କୁ ଅପେକ୍ଷା କରିଥିବି ।

କହିଲି – ଏମିତି, ଯେ କୌଣସି ଦିନ, ଆକସ୍ମିକ ଭାବରେ ।

ଠିକ୍ ଆପଣଙ୍କ ପରି ।

ମୋ କଥା ଶୁଣି ସେ ହସିଲେ, ଚମତ୍କାର ହସ । କହିଲେ – କ'ଣ ପ୍ରଥମ ଦେଖାରେ ରିଭେଂଜ୍‌ଫୁଲ୍ ହୋଇପଡ଼ିଲେଣି ।

ଏଥର ମୁଁ ବି ହସିଲି । ଉଭୟଂକ ମୁହଁରେ ହସର ବନ୍ୟା ।

ତାଙ୍କ କଥା ଅନୁସାରେ ଯଥା ସମୟରେ, ଆମ ଉଭୟଙ୍କର ପ୍ରିୟଛାତ୍ର ସୁରେନ୍ଦ୍ର ଆମ ଘରେ ଆସି ପହଞ୍ଚି ଯାଇଥିଲା । ସେମାନେ ଚାଲିଗଲେ, ଯେମିତି ଆସିଥିଲେ ସେମିତି । ମାତ୍ର ତାଙ୍କ ଅଳ୍ପ ସମୟର ରହଣି ଦୋହଲେଇ ଦେଇଥିଲା ମୋ ହୃଦ ବୃକ୍ଷକୁ । ସେଦିନ ମୋର ବ୍ୟକ୍ତିକ ଜୀବନ ବଳୟ ଭିତରେ ପ୍ରବେଶ କରିବାଲାଗି ସେ ଏତେ ଟିକିଏ ବି ଆଗ୍ରହ ପ୍ରକାଶ କରି ନ ଥିଲେ । ଖାଲି ଏତିକି କହିଥିଲେ – "ମତେ ଭଲ ଲାଗନ୍ତି, ଚାଲି ଆସିଲି" । ଆସିଲେ ତ ଆସିଲେ, ମାତ୍ର କୁଂଚିକାଠି କରି ମତେ ବାଂଧିନେଲେ ତାଙ୍କ ହସ ଶୋଭିତ ଚପଳ କାନିରେ । କୋଉଠି ଖୋସିଦେଲେ କେଜାଣି, ଏ ଯାବତ୍ ଖୋଜିଲା ପରି ଖୋଜୁଚି, ପାଉନି । କ'ଣ ସେ ଭଲପାଇବା କେଜାଣି ?

ତା ପରେ ଆମେ ପରସ୍ପରକୁ ଭେଟିଛୁ ଅନେକ ଜାଗାରେ । କୋଉ ସେମିନାର, କବିତା ପାଠୋତ୍ସବ, ସାହିତ୍ୟ ସଭା, ଗଂଗାଧର କି ରାଧାନାଥଂକ ଶ୍ରାଦ୍ଧ ବା ଜୟନ୍ତୀ, ପ୍ରବଚନ ସଭା, ନାଟକୋତ୍ସବ, ଖେଳ ପଡ଼ିଆ, ବସଷ୍ଟାଣ୍ଡ, ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର, ଚଳନ୍ତା ବସ, ଏମିତି ଅନେକ ଜାଗାରେ । କେତେବେଳେ ଏକୁଟିଆ ତ,

Digitized by PPRACHIN, SOA

କେତେବେଳେ ଆଉ କାହା ସାଂଗରେ । ସବୁଠି ତାଙ୍କ ଉଚ୍ଚକିତ ଭାବ, ଅଭିଜାତ ବ୍ୟକ୍ତିତ୍ୱର ଠାଣି, ପରାଜିତ ହେବା ଯେମିତି ତାଙ୍କପାଇଁ ଏକ ଆଭିଧାନିକ ପ୍ରତ୍ୟୟ ।

କ'ଣପାଇଁ ତାଙ୍କ ଭିତରେ ଏତେ ଉଚ୍ଚକିତ ଓ ନିର୍ଭୀକ ଭାବର ସଂଗୀତ କେଜାଣି ? ଜଗତଜନଙ୍କ ଟିଟିକାରକୁ ବେଖାତିର କରି କେହି କ'ଣ ଏତେ ଆତ୍ମ-ଅନୁଗତ ହୋଇପାରେ ? ଅପନିଂଦାର ନାଗରା ବଜେଇବାକୁ କେହି କ'ଣ ଶତ୍ରୁମାନଙ୍କୁ ନିମନ୍ତ୍ରଣ କରିପାରେ ?

ଦିନରେ, ସେମାନେ, ସେଇ ମାଙ୍କଡ଼ମାନେ, ତାଙ୍କ ଚାରିପାଖରେ କିଳିକିଳା ନାଦ କରନ୍ତି, ହୁଂକାର କରନ୍ତି, ଗଛ ଦୋହଲାନ୍ତି, ଦାନ୍ତ ଦେଖାନ୍ତି, ଅଶ୍ଳୀଳ ଶବ୍ଦମାନଙ୍କର ଢେଲା ଫିଙ୍ଗନ୍ତି । କୋଉ ଚାଳ କି ଗଛ ଉପରୁ । ରାତିରେ ଚତୁର ଭୂତମାନେ ନାଟ କରନ୍ତି ତାଙ୍କ ଘର ଚାରିପାଖରେ । କେତେବେଳେ ବିଚିତ୍ର ନାଦର ତୋଫାନ ଶୁଭେ । ପିଣ୍ଡା, ଦୁଆର, ଚାଳ ଉପରେ ନଦି ହୋଇପଡ଼େ ଟେକା, ପଥର, ଛିଣ୍ଡା ଚପଲ, ପଚରା ପରିବା, ଅଣ୍ଡା ଆଉ ଗୁହଲୁଣ୍ଡା । ଝରକା କବାଟରେ ପିଟିହୁଅନ୍ତି ଉଦ୍ଧତ ପାଦ ଆଉ ହାତ । ବିଲୁଆମାନଙ୍କ ହୁକେ ହୋ ନାଦରେ ଫାଟିପଡ଼େ ଦିଗ ବିଦିଗ । ତାଙ୍କର ଖାତିର ନ ଥାଏ ନା ଶ୍ୱାନ, ଶୃଗାଳ, ମର୍କଟ କି ଭୂତମାନଙ୍କର କୋଳାହଳ କି କାଳରଡ଼ିକୁ । ନିଜ ବାଟରେ ସେ ଚାଲୁଥାନ୍ତି ସେଇ ଦମ୍ଭ ଓ ସ୍ୱାଭିମାନରେ । କି ପୁଲକ ପା'ନ୍ତି ସେ ଚାଲିରୁ କେଜାଣି ? ଟିକିଏ ଆଡ଼ ହେଇଯିବାକୁ କ'ଣପାଇଁ ତାଙ୍କ ମନ କହେନି ?

ମତେ କିନ୍ତୁ କୋଉଠି, କେତେବେଳେ ଦେଖିଲେ ସେ ଆଡ଼ ହୋଇଯାଇ ନାହାନ୍ତି । ସମସ୍ତଙ୍କୁ ପଛକରି ଧାଇଁ ଆସିଛନ୍ତି ମୋ ପାଖକୁ । ମୋରି ପାଖରେ, ମୋରି ଚେତନାର ଚଉଦୋଳ ଉପରେ ଝୁଲି ପଡ଼ିଛନ୍ତି । ପ୍ରକାର ପ୍ରକାର ରଂଗର ଦୀପ ଜାଳିଛନ୍ତି । ତେଜ ବିକାଶିଛନ୍ତି, ହସିଛନ୍ତି, ତାତିଛନ୍ତି, ତୋଷିଛନ୍ତି । ଅନ୍ୟମାନଙ୍କ ଆଖିର କପଟ ଛଟକକୁ ନୟନ ବାଣରେ ପୋଡ଼ି ଦେଇଛନ୍ତି । ଶତ ସଂଖ୍ୟକ ଧାରୁଆ ତୁଣ୍ଡକୁ ପରିହାସ କରିଛନ୍ତି । ମୋ ସାଂଗରେ ଘୂରି ବୁଲିଛନ୍ତି, ବସ୍, ଟ୍ରେନ୍, ଜନଗହଳି ପୁଣି ନିକାଂଚନ ଜଙ୍ଗଲୀ ରାସ୍ତାରେ । ଗବେଷଣା କାମରେ କୋଉ ଦୂର ଗାଁର ସାଧାରଣ ମଣିଷମାନଙ୍କ ସହ ଆଳାପ ବିଭୋର ହୋଇଛନ୍ତି । କେବେ କେବେ ଜଂଗଲୀ, ନା ଅଜଣା ଫୁଲ ପେଂଥାଏ ମଥାରେ ଖୋସି ଫୁଲମତୀ ସାଜିଛନ୍ତି । ଜହ୍ନରାତିରେ ଟ୍ରେନ୍ ଭିତରୁ ଚିଲିକାର ବିଚିତ୍ର ଛାତି ଆଡ଼କୁ ହାତ ବଢ଼େଇ ଉଦ୍ଧତ ପାହାଡ଼ମାନଙ୍କୁ ଚିହ୍ନେଇ ଦେଇଛନ୍ତି । ପାଣି ଭିତରେ ଜହ୍ନର ସମାହିତ ଅଭିସାର, ଛାଇ ଆଲୁଅର ଲୁଚକାଳି ଖେଳର ଦୃଶ୍ୟ ଭିତରେ ମତେ ହଜେଇ ଦେଇଛନ୍ତି । ମାୟାବିନୀ ପରି ସପନରେ ମତେ ଉଡ଼େଇ ନେଇଛନ୍ତି କୋଉ ଅପହଂଚ ରାଇଜକୁ । ତାଙ୍କ ବିଭଳିତ ଚେତନାର କୋଉ ରୋମାଂଚିତ ସ୍ମୃତିର ବର୍ଷାରେ ମୁଁ ଭିଜିଯାଇଛି । କ୍ରମଶଃ ନିଖୋଜ ହୋଇଯାଇଛି । ଖୋଜିଛି ନିଜକୁ, ତାଙ୍କୁ, ସ୍ମୃତି ଓ ବିସ୍ମୃତିକୁ । ସେ ଆଉରି ନିକଟେଇ ଆସିଛନ୍ତି ମୋ ଭିତରକୁ । କେତେ

Digitized by PPRACHIN, SOA

ସିକ୍ତ, ପରିଚ୍ଛନ୍ନ, ହସନ୍ତ । ମାତ୍ର ମୁହୂର୍ତ୍ତକ ଭିତରେ ପ୍ରଶାନ୍ତ ବିସ୍ମୃତି ଅଟକି ଯାଇଛି ଗୋଟାଏ ବିନ୍ଦୁରେ । କଳାହସର ଢେଉ ଉଠିଛି ଜୋସ୍ନାର ସମୁଦ୍ରରେ । ଆକାଶରେ ଘୋଟିଯାଇଛି କଳା କଳା ଡୋଳାଭଂଗା ମେଘର ରୋଷଣୀ । କୋହମାନେ ଲୁହ ହୋଇ ଝରିପଡ଼ିଛନ୍ତି ଛାତି ଉପରେ । ମୁଗ୍‌ଧ ଚିଲିକାର ସକଳ ପୁଲକ ନିମିଷକରେ ଚହଲିଉଠିଛି ବିଡ଼ମ୍ବିତ ଭାଗ୍ୟର ବର୍ଚ୍ଛାମାଡ଼ରେ ।

କେବେ କେବେ ହାତ ବଢ଼େଇ ସେ ଚିହ୍ନେଇ ଦେଇଛନ୍ତି ଖୋଲା ଆକାଶକୁ – ତା ସୁନୀଳ ଦେହରେ ଖେଳୁଥିବା କଳାଧଳା ମେଘଖଣ୍ଡମାନଙ୍କୁ । କେତେ ରୂପ, କେତେ ଛଟକ । ନାଲି ସୁରୂଜର ପବିତ୍ର ହସରେ ଓଠ ଧୋଇଛନ୍ତି । ପୁଣି ଛିଗୁଲେଇଛନ୍ତି ତାର ନିଷ୍କରୁଣତାକୁ । ମଥାରେ ଦେଇଛନ୍ତି ଓଢ଼ଣା । ଚିହ୍ନେଇ ଦେଇଛନ୍ତି ନଈର ଛାତିକୁ । ଆନତ ଫୁଲେଇ ଲତାର ଲୀଳା ବିଳାସକୁ । ଅଳସ ଭଂଗୀରେ ଲୀଳା ରଚିଛନ୍ତି ସଭିଂକ ମଝିରେ – ସତେ ଯେପରି ମୁଁ କାହାକୁ ଦେଖିନି, ଚିହ୍ନିନି, ଅନୁଭବିନି ଏ ଯାବତ । ସେମାନଙ୍କ ପାଖରେ ଯେମିତି ଅପରିଚିତ ଅତିଥି ।

ମତେ କେବଳ ସେ ଖୋଲା ପୃଥିବୀର ପାତ୍ରରେ ଆଉଟି ନାହାନ୍ତି, ଆକର୍ଷି ନେଇଛନ୍ତି ତାଙ୍କ ଶୋଇବା ଘର ଭିତରକୁ । ତାଙ୍କୁ ଭେଟିଛି ଡହ ଡହ ଖରାବେଳେ, ବର୍ଷୁକୀ ସଂଜରେ, ଶୀତ ସକାଳ ଆଉ ରକ୍ତିମ ଗୋଧୂଳିରେ । କେତେବେଳେ ବିଷଣ୍ଣ ତ କେତେବେଳେ ସଜ, ପରିଚ୍ଛନ୍ନ । କେତେବେଳେ ମୁକ୍ତ କେଶା ତ, କେତେବେଳେ ମଲ୍ଲୀ, ମାଧବୀ, କରବୀ ରଜନୀଗଂଧାରେ ମଂଜୁଳଗଭା । କେତେବେଳେ ଅଳତାମଖା ପାଦରେ ଝମ୍‌ଝମ୍ ପାଉଁଜିର ଗୀତ ତ, କେତେବେଳେ ସନ୍ନ୍ୟାସିନୀର କ୍ଳାନ୍ତ ଶରତ । ଦେହରେ କେତେବେଳେ ଗ୍ରାମ୍ୟ କିଶୋରୀର ସହଜ ବେହରଣ, କେତେବେଳେ ନବବଧୂ ପରି ଷୋଳହାତୀ ପାଟର ବେଢ଼ଣ । କେତେ ବେଶ, କେତେ ବାଗ, କେତେ କେତେ ନୂତନତାର ଅପୂର୍ବ ଛଟକ ।

କେତେବେଳେ ପାଖରେ ବସେଇ ପେଟଭରି ଖୁଆଇଛନ୍ତି, ବୋଉପରି । ଚା' ଆଉ କଫିର ଝଡ଼ରେ ଚହଲେଇ ଦେଇଛନ୍ତି ଆହତ ଚେତନାକୁ । ପୁଣି କେତେବେଳେ ଅଭିଜ୍ଞ ଚିକିତ୍ସିକା ପରି ତେଲ ଅଉ ନିକୋଟିନର ବିଷବନ୍ୟାରେ ଭାସି ନ ଯିବାପାଇଁ ବାରଣ କରିଛନ୍ତି । ଏବଂ, କେତେବେଳେ ଖାଲି ପାଟି ଓ ପେଟରେ କେବଳ ଭାଷଣ ଶୁଣି ଶୁଣି ଡ୍ରଇଂରୁମ୍‌ରୁ ନେଉଟି ଯିବାକୁ ପଡ଼ିଛି ।

କେବେ ଭୁବନେଶ୍ୱର ଆସିଲେ, ଛକ ଉପରେ ଠିଆହୋଇ ହାତ ବଢ଼େଇ ଦେଇଛନ୍ତି, ପ୍ରାଚୀ ହୋଟେଲ ଆଡ଼କୁ । କହିଛନ୍ତି – ଦେବ, ଏଇ ଛକ ଉପରେ ପାଦ ଦେଲେ, ଭିତରକୁ ନ ଯାଇ ରହିପାରେନା । କିଛି ସମୟ ବସିବାକୁ ଭଲଲାଗେ, ଭଲଲାଗେ ବସିବସି କଫି ପିଇବାକୁ । ଆମେ ଭିତରକୁ ଯାଉ । କଫି କପ୍‌ରେ ଜୀବନ ଦେଖୁ । ପୁଣି ଅନୁରୂପ ସଂଳାପର ପୁନରାବୃତ୍ତି ଘଟେ ପ୍ଲାଟଫର୍ମରେ । କହନ୍ତି – ଦେବ ପ୍ଲାଟଫର୍ମର ଚା'ରେ ଗୋଟିଏ ସ୍ୱତଂତ୍ର ସ୍ୱାଦ ଅଛି ନା ?

Digitized by PPRACHIN, SOA

ରହଣିଆ କପ୍‌ରେ ଓଠ ନ ମାରି ମୁଁ ଘରକୁ ଫେରେନା, ଏଇ ଚା’ ଟିକକପାଇଁ ମୋର ପ୍ରବଳ ଦୁର୍ବଳତା ।

ତାଙ୍କ ଯୁକ୍ତି, ଆଚରଣ ପାଖରେ କାକୁସ୍ଥ ବାମନଟିଏ ପରି ମୁଁ ଠିଆହୁଏ । ଏବଂ, ମୋ ଚାରିପାଖରେ ଆତଯାତ ଜଗତଯାକର ସବୁ କାଳର ମଣିଷ ଯେମିତି ବାମନାୟିତ ହେବାକୁ ଆରମ୍ଭକରନ୍ତି - ଠିକ୍ ମୋରି ପରି ।

କ’ଣ ତା ହେଲେ ଅମ୍ମୁ ଅପାଙ୍କର ପ୍ରକୃତ ପରିଚୟ ?

ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଢାଂଚାରେ କ’ଣ ଏକଥା କହିବାକୁ ପଡ଼ିବ ଯେ, ଦର୍ଶକମାନଙ୍କ ଚିତ୍ତରେ ଚାଂଚଲ୍ୟ ସୃଷ୍ଟିକରୁଥିବା ଏକ ବିଚିତ୍ର ନାୟିକା । ଯାହାର ପ୍ରକୃତ ନା ଅମୃତ ତ୍ରିପାଠୀ । କୁଳୀନ ବ୍ରାହ୍ମଣ ବଂଶର ଦୟନୀୟ ଦାୟାଦ । ଯାହାର ଅପମାର୍ଗୀ ବାପା ଅଧା ବୟସରୁ ଚାଲିଯାଇଥିଲେ । ମିଛ ଆଭିଜାତ୍ୟର ନକଲି ଭୂତାଣୁ ମାନଙ୍କୁ ରଖିଦେଇ ଯାଇଥିଲେ କନ୍ୟାର ରକ୍ତରେ । ସେ ସାନରୁ ବଡ଼ ହେଲା । ବୟସର ପାହାଚରେ କେତେ ଭଂଗୀରେ ନାଚିଲା । ଚେତିଲା, ଚିହାଁଇଲା । ଗଛ ଡାଳରେ ଲୋଟଣୀ ଭାଙ୍ଗିଲା । ଆକାଶରେ ଉଡ଼ିଲା । ଏକା ଏକା ପବନରେ ଖେଳିଲାନି ତ, ଅନେକଙ୍କୁ ଉଡ଼େଇନେଲା, ଶୂନ୍ୟତାର ରଂଗମଂଚକୁ । ସେଇଠି ରଚିଲା କେତେ ଜାତିର ଖେଳ । ହୋଟେଲ, ପାର୍କ, ଡାକ୍ତରଖାନା, କବିସମ୍ମିଳନୀ, ନାଚମଣ୍ଡପ, ପତ୍ରପତ୍ରିକା, ବଜାର । ଯୋଉଠି ନାଇଁ ସେଠି । ସବୁଆଡ଼େ ଥୋଇଲା ଆପଣାର ସୁଶୋଭିତ ପସରାକୁ । ସମୟ ଆଉ ପୃଥିବୀ ଯେମିତି କେତେ ଅସହାୟ ଭାବରେ ବଂଦୀ ତାଙ୍କ ହାତ ମୁଠାରେ । ବଂଦୀ ତରୁଣତର, ସମବୟସ୍କ, ପ୍ରୌଢ଼, ବୃଦ୍ଧ, ବିଶିଷ୍ଟ, ଅଶିଷ୍ଟ, ସାଧାରଣ, ସରଳ, ସୁକୁମାର, କୁତ୍ସିତ, ସଭିଏଁ । ସେ ଯେପରି ନୁହଁନ୍ତି ଏକ ସାଧାରଣ ମୃଗୀ ବା ମୃଗୋତ୍ତମା । ଏକ ସନାତନ, ମାୟାବିନୀ ଉନ୍ମତ୍ତୋତ୍ତମା ।

ତାପରେ ବଦଳିଗଲା ନାଚମଣ୍ଡପର ଦୃଶ୍ୟପଟ୍ଟ । ଅନେକଙ୍କର ଯିବା ଆଉ ଆସିବା ଭିତରେ, ଜଣେ କେହି ସବୁକାଳପାଇଁ ଅଟକି ଯିବାର ସାମାନ୍ୟ ସମ୍ଭାବନା ନ ଥିଲା ତାଙ୍କ ବଖରାରେ । ପ୍ରତ୍ୟେକ ଯେମିତି ଥିଲେ ଜଣେ ଜଣେ ରାଜ ଅତିଥି । ବିଶିଷ୍ଟ । ମା’ ବିଛଣା ଧରିଲେ । ଭାଇଭାଉଜ ବି ଆଡ଼ ହେଇଗଲେ । ସ୍ୱାର୍ଥର ତରାଜୁରେ ଶ୍ରଦ୍ଧାକୁ ତଉଲିଲେ । ଆଉ ଯୋଉ ସୁରସିକମାନେ ରସ ଚାଖୁଥିଲେ ? କୁଆଡ଼େ ଗଲେ ସେମାନେ ? ସେମାନଙ୍କର ପ୍ରତିଶ୍ରୁତି ଗୁଡ଼ିକ ଥିଲା ମିଛ, କ୍ଷଣିକ ପ୍ରତାରଣାର ବିଷରେ ସୁନୀଳ ଏବଂ ବାୟବୀୟ ।

ସବୁ ପ୍ରତିଶ୍ରୁତି କ’ଣ ତେବେ ପାଣିର ଗାର ? ସବୁ ସମ୍ଭାବନା କ’ଣ ତେବେ ପ୍ରତାରଣା ? ସବୁ ରୂପ, କୁରୂପ । ସବୁ ବିଦ୍ୟା, ଅବିଦ୍ୟା । ସବୁ ଗୀତ, ଅଗୀତ । ସବୁ ଛଂଦ, ଅଛଂଦ । ସବୁ ବେଶ, ଅବେଶ । ସବୁ ମୋହ, ଅମୋହ । ସବୁ କଥା, ଅକଥା । ସବୁ ସ୍ୱପ୍ନ, ବିଧ୍ୱସ୍ତ । ସବୁ ବାସ୍ତବତା, ନିଷ୍କରୁଣ ? ମିଛ କଣ ଆକାଶ, ମାଟି, ପାଣି, ପବନ, ଜହ୍ନରାତି, ଫୁଲ, ଫଗୁଣ, ବର୍ଷା, ଶୀତ, ବସନ୍ତ, ଗ୍ରୀଷ୍ମ ? ମିଛ କ’ଣ ଶ୍ରଦ୍ଧା, ପ୍ରେମ, ତ୍ୟାଗ ।

Digitized by PPRACHIN, SOA

ମମତା, ସମାହିତ ଭାବର ଆବେଶ ? ମିଛ କଣ ଶେଷ ନିଃଶ୍ୱାସ, ଉତ୍ତାପ ଓ ଚା କପ୍ ? ମିଛ କଣ ବିବସନ ଓ ବସ୍ତ୍ରାୟନ ? କ'ଣ ତା ହେଲେ ସତ ?

ତାହା କଣ ସତ, ଯାହା ଲାଗେ ମିଛମିଛ ।

ତାହା କଣ ମିଛ, ଯାହା ଲାଗେ ସତସତ ।

ସତ କ'ଣ ଶତ ତୁଣ୍ଡର ଫୁଲଫୁଟା କଥା ?

ଏଠି କ'ଣ ହସିବା ମନା, ନାଚିବା ମନା । ମନା-ଗାଇବା, ଖେଳିବା, ଆଉ ସପନ ଦେଖିବା ? ଜହ୍ନର ସମୁଦ୍ରରେ ଲୁଗା ହଜେଇବା ? ଫୁଲପକା ବିଛଣାରେ ଅତର ଛିଂଚିବା ? ପବନର ଡେଣାମେଲି ମହୁ ଖୋଜିଯିବା ? ତତଲା ଚା' କପ୍‌ରେ ସ୍ମୃତି ସହ ସୁଖଦୁଃଖ ହେବା, ଅଥବା ଦାନବୀୟ ମେଘନାଦ ପାଚେରୀ ଭାଂଗିବା ?

କ'ଣ ତା ହେଲେ ସତ ଏଠି ?

ଅମୁଅପାଙ୍କୁ ପାଖରେ ପାଇଲେ ଏମିତି ଅନେକ ପ୍ରଶ୍ନ ଲହଡ଼ିଭାଂଗେ ମୋ ଭିତରେ । ଡରଲାଗେ, କାଳେ କିଏ ଦେଖିଦବ ଆମ ଯୋଡ଼ା ରୂପ । ତାଙ୍କଠାରୁ ଯେତିକି ଯେତିକି ଦୂରେଇ ଯାଏ, ସେତିକି ଉଚ୍ଚାଟହୁଏ ତାଙ୍କ ଭିତରେ ହଜିଯିବାଲାଗି । ବାତୁଳହୁଏ ମୋ ଭିତରର ଶାନ୍ତ ପବନ । ଉଚ୍ଚାଟିତ, ବିଭଳିତ ।

ତାଙ୍କୁ ଦେଖିଚି ବହୁ ବେଶରେ । ଅନୁଭବିଛି ବହୁ ଭାବରେ । ମାତ୍ର ନେଉଟିଛି ଅନେକ ବିଷଣ୍ଣ ଅନୁଭୂତିକୁ ପୁଞ୍ଜାକରି ।

କିଏ ବା ସେ ? କ'ଣ ବା ତାଙ୍କର ପରିଚୟ ?

ସେ ଅଧ୍ୟାପିକା, ଲେଖିକା, ନିର୍ଦ୍ଦେଶିକା, ଅଭିନୟ - ପ୍ରବୀଣା, ସଂଗୀତ-ମୁଖରା, ତାଡି ସଂକ୍ରମିଣୀ, ମାୟାବିନୀ, ବଂଧୁବତ୍ସଳା, ପ୍ରୀତିରଂକୁଣୀ – ଅମୃତା ତ୍ରିପାଠୀ । ମୋର ଅମୁଅପା । ସାଧାରଣ ଧାରଣାରେ ଅଘରୀ, ଅଘୋରୀ, ବାରନାରୀ ? ଯିଏ ଆପଣାର ଏକାନ୍ତ ବ୍ୟକ୍ତିକ, ଜୀବନ୍ତ, ଅକ୍ଷରମାନଙ୍କୁ ରେଜେଷ୍ଟ୍ରି ଡାକ ଯୋଗେ ପଠାନ୍ତି ମୋ ପାଖକୁ । କାଳେ ନିଖୋଜ ହୋଇଯିବ । ବାର ହାତରେ ବିବସ୍ତ୍ର ହେବ ସେ ଅମୂଲ୍ୟନିଧି । ସେଇ ଅଶ୍ରୁସଜଳ ଅନୁଭୂତିମାନେ ଯେମିତି ମୋର ଏକାନ୍ତ ନିଜର, ଅତି ଆପଣାର ।

ଆଉ କ'ଣ ବା ମୋର ପରିଚୟ ତାଙ୍କ ପାଖରେ ? ଏକ ନିରାପଦ, ସହୃଦୟ ବ୍ୟକ୍ତିତ୍ୱ ଦେବଦାଶ । ଯାହାର ସମଗ୍ର ଜୀବନ କେବଳ ପୂର୍ଣ୍ଣତାରେ ଛଳଛଳ । ଯାହା ଚାରିପାଖରେ ଘେରି ରହିଛନ୍ତି ପତ୍ନୀ, ପୁତ୍ର, ସୋଦର, ବଂଧୁ, ପରିଜନ; ଯାହା ଭିତରେ ପୂରି ରହିଛି ପ୍ରଜ୍ଞା ଓ ପ୍ରୀତିର ପ୍ରବଣତା; ଯିଏ ପ୍ରତ୍ୟେକ ଚିଠିରେ ନିଜର ଶ୍ରଦ୍ଧାକୁ କେତେ ଆନ୍ତରିକ ଭାବରେ ନିଗାଡ଼ି ଦେଇଥାଏ । ଯାହାର ପ୍ରତ୍ୟେକ ଶବ୍ଦରେ ଭରି ରହିଥାଏ ବିଶ୍ୱାସ ଓ ପ୍ରତ୍ୟୟର ସୁବାସ । ଯିଏ ଆପଣାର ପବିତ୍ର ଅହଂକାରରେ ଭୂମିଶାୟୀ କରୁଥାଏ ଦେହଭୋଗୀ ବ୍ୟାଧମାନଙ୍କର ମିଛ ଔଦ୍ଧତ୍ୟ । କଣ ବା ମୁଁ ଦେଇଛି ତାଙ୍କୁ ? କ'ଣ ବା ପାଇଛି ତାଙ୍କଠାରୁ ? କିଛି ଅପବାଦ, ଅପନିନ୍ଦା ବ୍ୟତୀତ ଆଉ କିଛି ଅଧିକ ନୁହେଁ ତ ?

Digitized by PPRACHIN, SOA

ଦେବଦାଶ କ'ଣ ସତରେ ସୁପୁରୁଷ ? ପ୍ରଚଣ୍ଡ ସାମର୍ଥ୍ୟରେ କ'ଣ ଉଚ୍ଛକିତ ତାର ସମଗ୍ର ବ୍ୟକ୍ତିତ୍ୱ ?

କିଏ ଜାଣେ ? ହୋଇଥିବ ବୋଧହୁଏ ? ହୋଇ ନଥିଲେ, ତୁଚ୍ଛା ମିଛ ଅପବାଦକୁ ଜଉମୁଦ ଦିଆ ଲଫାପା ଭିତରେ ଏକାନ୍ତ ଗୋପନୀୟ ବିଭବ ପରି, ଏତେ ଆନ୍ତରିକ ଭାବରେ ସାଇତି ରଖିଥାନ୍ତି କ'ଣପାଇଁ ? ଏତେ ତୁଚ୍ଛା ମିଛ ଭିତରେ, ସତରେ କ'ଣ କୋଉଠି ସତ ଥାଏ ?

କେଜାଣି ? ଥିଲେ ସେ ହୁଏତ ଜାଣିଥିବେ ।

ସେ କିନ୍ତୁ ମୋର ସତରେ ଅମୁଅପା । ହସ ଆଉ ଲୁହ, ପ୍ରାପ୍ତି ଆଉ ଅପ୍ରାପ୍ତି, ଘୃଣା ଆଉ କ୍ଷମାର ନଈକୂଳରେ, ମାୟାର ଧଳାଶାଢ଼ୀ ପିନ୍ଧି, ଓଦାସରସର ଦେହରେ ଆକାଶକୁ ଚାହିଁରହିଥିବା ଏକ ସମାହିତ ସନ୍ନ୍ୟାସିନୀ । ଜଗତର ବିମଳ ପୁରୁଷାକାରକୁ ଆଲିଂଗି ଦେବାର ଏକ ପ୍ରାଣବଂତ ଆବେଗ ।

ଆଉ ମୁଁ ? କଣ ବା ମୋର ପରିଚୟ ?

ଅକୁତୋଭୟ, ଦୃଢ଼ ପ୍ରତିଜ୍ଞ ଭୀଷ୍ମ ? ପ୍ରତିକ୍ରିୟାଶୀଳ ବିଦ୍ରୋହୀ ଶିଖଣ୍ଡୀ ? ନା ସମୟର ପଦ୍ମପତ୍ର ଉପରେ ନାଚୁଥିବା ଏକ ଜାରଜ, ନପୁଂସକ ଦେବଦାଶ୍ ? ନା ଆଉ କିଛି ।

କ'ଣ ବା ମୋର ପରିଚୟ ?

ପରିଚୟ ଅମୁଅପାଂକର ?

ଛି, କଣ ବା ମିଳୁଛି ଏତେ କଥାରୁ ? ଥାଉ ।

ସବୁଠାରୁ ଭଲ ହବ, ଆମେ ଯିଏ ଯୋଉଠି ଅଛେ, ସେଇଠି ଅଟକି ଯିବା । ନିଜକୁ ଖୋଜିବା । ଏବଂ, ସମାହିତ ହୋଇଯିବା ନିଜନିଜ ସ୍ୱପ୍ନ ଭିତରେ ।

ଭାବିଲି - ଅମୁଅପା ପାଖକୁ ଏଇ ମର୍ମରେ ଚିଠିଟିଏ ଲେଖିବି ପୋଷ୍ଟକାର୍ଡରେ ।

ଏବଂ, ପଠେଇ ଦେବି ତାଂକ ଠିକଣାରେ ।

ଇତି ତଳକୁ ଲେଖି ଦେବି - ତମର, ଅମୃତା ତ୍ରିପାଠୀ ।

●●●

Digitized by PPRACHIN, SOA

ପୋଡ଼ାମୁହାଁ

॥ ଏକ ॥

ଆଷାଢ଼ର ଅପେକ୍ଷାରେ ଅସ୍ଥିର ଜ୍ୟେଷ୍ଠର ଏକ ଉଷ୍ଣ ଅପରାହ୍ଣ । ମୋପାଇଁ ସରି ଆସୁଥିବା ସଂସାରରେ, ମୋରି ଶ୍ରଦ୍ଧାରେ ସଜୀବ ବଗିଚାର ପ୍ରୌଢ଼ ଓ ତରୁଣ ଗଛମାନଙ୍କର କଣ୍ଠରୁ ଜୀବନର ଅମରତ୍ୱର ଗୀତ ଶୁଣୁ ଶୁଣୁ ହଠାତ୍ ଅଟକି ଗଲି ମୋ ପ୍ରିୟତମ ତରୁଣ ଅଶୋକ ଗଛ ପାଖରେ । ତା ହରିତ ଦେହର ବେକ ପାଖରେ ଝୁଲୁଝୁଲୁ କରି ଅନିଷା କରିଥିଲା ଶୁଖିଲା ଡାଂଗଟିଏ । ମୋତେ ଯେପିର ପରିହାସ କରି କହୁଥିଲା - ରେ ମୂଢ଼, ତମମାନଙ୍କର ସଚେତନ ଆଖିମାନଙ୍କର ସଂକ୍ରମଣ ସତ୍ତ୍ୱେ, ଆମେମାନେ ତଥାପି କେଉଁଠି, କେମିତି ରହିଯାଇଥାଉ, ମୋତେ ଦେଖ୍, ଭଲକରି ଦେଖ୍ ।

ଏକ ସାମାନ୍ୟ ଡାଙ୍ଗର ଔଦ୍ଧତ୍ୟ ମୋତେ କିଛିକାଳପାଇଁ ଅନ୍ୟମନସ୍କ କରିଦେଲା । ମୁଁ ତା ଓଠରେ ଓଠ ମିଳେଇ ହସିଦେଲି । ମାତ୍ର ମୋର ଅଭିଜ୍ଞ ହାତ, ଆମ ଉଭୟଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ଅତିକ୍ରମ କରିଯାଇଥିଲା ବିଜୁଳି ବେଗରେ । ପାଦର ଦୁଇବୁଢ଼ା ଆଙ୍ଗୁଠିରେ କେନ୍ଦ୍ରୀଭୂତ ହେଇଯାଇଥିଲା ମୋର ସକଳ ସାମର୍ଥ୍ୟ ।

ମୋର ଅହଂକାର ତା'ର ଔଦ୍ଧତ୍ୟକୁ ଆହତକରିବା ଆଗରୁ, କାହାର ସମର୍ପିତ ଭାବସୂତ୍ର ଭିତରେ ଛଂଦି ହୋଇଗଲା ।

ତଳକୁ ଚାହିଁଲି । ପାଦ ପାଖ ମାଟି ଉପରେ ଆଠେଇଁ ପଡ଼ି ଓଢ଼ଣା ଢଂକା ମଥା ଭିତରୁ କେହି ଜଣେ ତାର କୋମଳ ହାତରେ ଭିଡ଼ିଧରିଛି ମୋର ଆଙ୍ଗୁଠି ଦୁଇଟିକୁ । ଯେମିତି ହସିହସି କହୁଚି - ତମେ ଏକା ପାରିବନି, ହାରିଯିବ । ମୁଁ ଅଛି । ଆମେ ଅଛୁ । ଏ କଥା ଭୁଲିଯାଉଚ କେମିତି ଯେ ?

ଏଥର ସେ ଉଠି ଠିଆହେଲା ।

ତା'ର ଏ ଭକ୍ତି ବିଭୋର ଭାବକୁ ଦେଖି, ଆଧୁନିକ କାଳର ଗଛମାନେ କଣ ଭାବିଥିବେ କେଜାଣି ! ମୁଁ କିଂତୁ ବିଶ୍ୱାସ କରିପାରୁ ନଥିଲି ନିଜ ଆଖି ଓ ବର୍ତ୍ତମାନକୁ ।

ହଠାତ୍ ମୋ ତୁଣ୍ଡରୁ ବାହାରି ଆସିଲା - ଆଲୋକ ପୋଡ଼ାମୁହାଁ ତୁ ! ତାପରେ ମୁଁ ତାକୁ କ'ଣ କହିଥିଲି ମନେ ନାହିଁ । ମାତ୍ର କିଛି ସମୟପରେ ମୋ ଛାତିରେ, ଅପରାହ୍ଣର କାରୁଣ୍ୟ ବର୍ଷୁକି ମେଘରେ ରୂପାନ୍ତରିତ ହୋଇଯାଇଥିଲା ।

Digitized by PPRACHIN, SOA

ଗଛଲତାମାନେ ଆମ ଅନୁଭବକୁ ବୁଝିପାରିଲେ କି କ'ଣ, ସେମାନେ ବି ସଂଗୀତମୁଖର ହୋଇ ଉଠିଲେ - ସ୍ୱାଗତ କଲେ ନବାଗତାଂକୁ । ଏବଂ, ସେତେବେଳକୁ ସତୀ ପହଂଚି ଯାଇଥିଲା ଆମ ପାଖରେ ।

ସତୀକୁ ସେଇ ମଧ୍ୟଯୁଗୀୟ ରୀତିରେ ନମସ୍କାର କରି ସେ ତା ପାଖରେ ଠିଆ ହେଲା । କହିଲା - ଦେଖତ ଖୁଡ଼ି, କକେଇ ଆଜି ବି ମୋତ ପୋଡ଼ାମୁହାଁ ବୋଲି ଡାକୁଛନ୍ତି । ଟିକିଏ ବଦଳି ନାହାନ୍ତି । ଆଉ ତମେ ବି ।

ତୁ କୋଉ ବଦଳିଛୁ କି ? –ଆନଂଦଭରା ମୁହଁରେ କହିଲା ସତୀ । ସତୀ କଥାରେ ସମ୍ଭବତଃ ଦୁଲୁକି ଗଲା ତା' ପାଦ ତଳର ମାଟି । ଭାରିଭାରି ଜଣାପଡ଼ିଲା ତା' କଣ୍ଠସ୍ୱର । କହିଲା - ମୁଁ କୋଉ କାଳରୁ ମରିଯାଇଚି ଖୁଡ଼ୀ, ଅବଦଳ ରହିଲି କେମିତି ?

ତାକୁ ଆଉ ଅଧିକ କିଛି କହିବାର ସୁଯୋଗ ନ ଦେଇ ସତୀ ତାଂକୁ ଘର ଆଡ଼କୁ ଡାକିନେଲା । ମତେ ବି ଡାକିଲେନି ସାଂଗରେ ଯିବାକୁ । ଯେମିତି କହିଦେଇଗଲେ, ତମେ ବସିଥାଅ ସେଇଠି - ତମର ସେଇ ଗେହ୍ଲା 'ଅଶୋକ' ପାଖରେ ଥାଅ ।

॥ ଦୁଇ ॥

କେତକୀ ସହ ମୋର ଦେଖା ପ୍ରାୟ ତିରିଶ ବର୍ଷ ପରେ । ତେଣୁ ଆମ "ଆନନ୍ଦ ଆଶ୍ରମ"ରେ ତାର ଏ ଆକସ୍ମିକ ବର୍ତ୍ତମାନ ମୋତେ ରହସ୍ୟମୟ ମନେହେଲା । ମୁଁ ଗାଁ ଛାଡ଼ି ଚାକିରି କରି ଯିବାର ପ୍ରାୟ ତିନିବର୍ଷ ପରେ ସେ ଘର ଛାଡ଼ିଥିଲା – ଅଠର, ଉଣେଇଶ ବର୍ଷ ବୟସରେ । ଘର, ଗାଁକୁ ସେଇ ଛି କରିଦେଲା ଯେ, ଦେଲା । ଆଉ ନେଉଟିଲାନି । ଠିକ୍ ତାରି ପରି ମୁଁ ବି ଘରଛଡ଼ା ହେଇଗଲି, ତା ଯିବାର ଆଠ ନଅବର୍ଷ ପରେ । ଆଉ ଦୁଆରମୁହଁ ମାଡ଼ିନି । ଆମ ପରି ଦୁଇ ଅଘରୀଂକର ଏ ମିଳନକୁ ଦୈବଯୋଗ ବ୍ୟତୀତ ଆଉ କ'ଣ ବା କୁହାଯାଇପାରେ ? କୁମାରୀ କେତକୀ ପଣ୍ଡାରୁ ଶ୍ରୀମତୀ କେତକୀ ମିଶ୍ର, ଶ୍ରୀମତୀ କେତକୀ ମିଶ୍ରରୁ ପୋଡ଼ାମୁହାଁ କେତୀ ଏବଂ କେତକୀ ବାଈରେ ତାର ନାମାନ୍ତରକରଣର ଇତିହାସ ସତରେ ଥିଲା ରୋମାଂଚକର ।

ସେକାଳରେ ଆମ ମଫସଲ ଅଂଚଳରେ ଅନେକ କିମ୍ବଦନ୍ତୀର ସେ ଥିଲା ଅଧିଶ୍ୱରୀ । ମାତ୍ର କ୍ରମଶଃ କେତେକ ତାକୁ ଭୁଲିଯିବାକୁ ଆରମ୍ଭ କରିଥିଲେ । ପ୍ରଥମେ ଭୁବନେଶ୍ୱରର ମାଳୀସାହି ଏବଂ ପରେ କଲିକତାର ସୋନାଗାଛିର ମାଲ୍ୟାଣୀମଣିକୁ ମନେ ପକାଇବାର ଆବଶ୍ୟକତା ସମ୍ଭବତଃ ସେମାନେ ଅନୁଭବ କରିନଥିଲେ । ଅବଶ୍ୟ ବହୁ ସମୟରେ ତା'କଥା ଆମକୁ ଅନ୍ୟମନସ୍କ କରିଦେଉଥିଲା । ସେ ଆମ ଭିତରକୁ ଆସୁଥିଲା । କରୁଣାର ପାତ୍ରୀ ହେଉଥିଲା । ଅନୁଭବର ଫଗୁଆ ଖୋଲି ଦେଉଥିଲା । ମାତ୍ର ଦିନେ ସତକୁ ସତ ସେ ଯେ ଆମ ପାଖକୁ ଚାଲିଆସିବ - ଏ କଥା କଳ୍ପନାରେ ବି ଧରା ଦେଇ ନଥିଲା ।

Digitized by PPRACHIN, SOA

କେତକୀର ଘର, ଆମ ପାଖ ଗାଁ ନୂଆଗାଁରେ । ପାଖ ତ ନୁହେଁ ଲଗାଲଗି । ଗୋଟିଏ ବଡ଼ ଗାଁର ଏ ସାହି ସେ ସାହି ପରି । ବୟସରେ ମଧ୍ୟ ସେ ଆମଠାରୁ ଏତେ ବେଶି ସାନ ନ ଥିଲା । –ଏଇ ସାତ ଆଠ ବର୍ଷ । ସେ ଆଉ ସତୀ ଆମ ଗାଁକୁ ବୋହୂ ହୋଇ ଆସିଥିଲେ, ସେଇ ବର୍ଷର ସେଇ ମାସରେ । ତିଥି ଯାହା ଥିଲା ଏପାଖ ସେପାଖ । ଏ ଦୁଇ ବାହାଘରର ଇତିହାସରେ ଥିଲା ପ୍ରାୟ ଏକାପରି । କେତକୀର ବାହାଘର ଏତେ ମାତ୍ରାରେ ସ୍ୱତନ୍ତ୍ର ଥିଲା ଯେ, ଆମ ଅଂଚଳରେ ତାହା କିମ୍ବଦନ୍ତୀରେ ରୂପାନ୍ତରିତ ହୋଇଯାଇଥିଲା ।

ଆମ ଘରକୁ ବୋହୂ ହୋଇ ଆସିଲାବେଳକୁ କେତକୀ ବୟସ ଥିଲା ପଂଦର କି ଷୋହଳ ଏବଂ ତାର ସ୍ୱାମୀ, ମୋର ପୁତୁରା, ତା'ଠାରୁ ଥିଲା ବୟସରେ ପ୍ରାୟ ଦେଢ଼ବର୍ଷ ବଡ଼ । ସେମାନଙ୍କ ହାତ ଗଂଠି ପଡ଼ିବାର ଢେର ଆଗରୁ କେତକୀର ବର ତା'ଙ୍କ ଘରେ ଏକ ପ୍ରକାରର ପୋଷାଜୀବ ପରି ରହିଯାଇଥିଲା । ମୋର ନନା ଆଉ ନୂଆବୋଉ ଏକଥା ଯେ ଜାଣିନଥିଲେ ତାହା ନୁହେଁ; ପ୍ରଥମେ ପ୍ରଥମେ ସବୁ ବାପା ବୋଉଂକ ପରି ସେମାନେ ହୁଏତ ପୁଅକୁ ଆକଟ କରିଥିବେ । ମାତ୍ର କିଛି ଫଳ ଫଳିବାର ସମ୍ଭାବନା ନ ଦେଖି, କଥା ଅଧିକ ନ ବଢ଼ାଇବାକୁ ବାଧ୍ୟ ହୋଇଥିବେ । ମେଂଚଡ଼ ଟୋକା ଖଣ୍ଡକ ପାଖରେ ନାନା ନୂଆଉଂକର ଅସହାୟତାର କାରଣ ଥିଲା ବହୁବିଧ । ନନା ଚାକିରି କରି ପେଟ ପୋଷିବାର ନିଶାରେ ପିଲାଟିବେଳୁ ଘର ଛାଡ଼ିଥିଲେ । ଆଶ୍ରୟ ନେଇଥିଲେ ଗାଁ ପାଖରୁ ପ୍ରାୟ ଦଶ, ବାର କିଲୋମିଟର ଦୂରରେ ଥିବା ତୁଳସୀପୁର ନାମକ ସୁପ୍ରାଚୀନ ସହରର ଜନୈକ ଓକିଲବାବୁଙ୍କ ଘରେ । ତାଂକରି ଘରେ ରହିଗଲେ ଯେ ଗଲେ, ବୋଲକରାରୁ ରୋଷେୟା ନନା ଏବଂ ପରେ ପରେ ଘରର ଅନ୍ୟତମ ସଦସ୍ୟ । ସେଇ ଓକିଲ ବାବୁ ହିଁ ବର ପିତା ହୋଇ ତାଂକୁ ବାହା କରେଇଥିଲେ ଏବଂ ତାଂକୁ ବଡ଼ପୁଅର ଅଧିକାର ବି ଦେଇଥିଲେ । ସେଇଥିପାଇଁ ନନା ଓ ନୂଆଉ ଗାଁକୁ ବେଶି ଆସିପାରୁ ନଥିଲେ । ସମସ୍ୟାମୁକ୍ତ ଜୀବନ ବଂଚୁଥିଲେ । ସମୟକ୍ରମେ ଓକିଲ ବାବୁଂକ ପ୍ରଦତ୍ତ ଜମି ଉପରେ ଛୋଟ ଘରଟିଏ ତିଆରି କରିବାରେ ସମର୍ଥ ହୋଇଥିଲେ ।

ମାତ୍ର ଆପାତତଃ ସମସ୍ୟାମୁକ୍ତ ନନାଙ୍କପାଇଁ ବଡ଼ ସମସ୍ୟା ଥିଲା – ଅପୁତ୍ରିକ ହେବାର ସମ୍ଭାବନା । ପୁଅଟିଏ ପାଇବାପାଇଁ ଦୁଇପ୍ରାଣୀ ଜଗତଯାଗର ଦେବଦେବୀଙ୍କୁ ଗୁହାରିକଲେ ଏବଂ ପରିଣତ ବୟସରେ ନୂଆଉ ସ୍ୱ-ଉଦରରୁ ପୃଥିବୀକୁ ଆଣିଥିଲେ ଆପଣାର ଭବିଷ୍ୟତକୁ । ଅତି ଶ୍ରଦ୍ଧାରେ ତା ନାଁ ଦେଇଥିଲେ ପରୀକ୍ଷିତ । ପରୀକ୍ଷିତକୁ ଭିନ୍ନ ପ୍ରକାର ମଣିଷ କରି ତିଆରିବା ଉଦ୍ଦେଶ୍ୟରେ ସେମାନେ ତାକୁ ଗାଁକୁ ନେଇ ଆସିଥିଲେ । ଗାଁ ଇସ୍କୁଲରେ ତାକୁ ପାଠ ପଢ଼େଇଲେ । ସହରରେ ବଢ଼ିଥିବା ନନା ନା କାରଣରୁ ଗାଁକୁ ବାରମ୍ବାର ଆସି ପାରୁନଥିଲେ । ଏବଂ ଦିହ ମିହନ୍ତ କରିବାର

Digitized by PPRACHIN, SOA

ସାମର୍ଥ୍ୟ ନ ଥିବାରୁ ଗାଁକୁ ଆସିଲେ ବି ବେଶିଦିନ ରହିପାରୁନଥିଲେ । ଫଳତଃ ନୂଆଉକୁ ହିଁ ତାଙ୍କ ପାଖକୁ ଯିବାକୁ ପଡୁଥିଲା । ଦିନେ ଦୁଇଦିନ ଯାଉଚି ବୋଲି କହି ସେ ସପ୍ତାହେ, ପକ୍ଷେ, ଏପରିକି ମାସ ମାସ ବି ରହିଯାଉଥିଲେ । ପ୍ରାୟ ତିରିଶ ଜଣ ସଦସ୍ୟ ବିଶିଷ୍ଟ ବଡ଼ ପରିବାରଟିଏ ତାଂକୁ ବିଦେଶରେ ରହିବାରେ ସାହାଯ୍ୟ କରୁଥିଲା । କୌଣସି ମତେ ମାଟ୍ରିକ୍ ଖଣ୍ଡକ ଡେଇଁଗଲାପରେ ପୁଅକୁ ସହରକୁ ନେଇ ଯିବାର ସ୍ୱପ୍ନରେ ହିଁ ସେ କାଳ କାଟୁଥିଲେ । ବାପା ବୋଉଂକର ଅନୁପସ୍ଥିତି ଏବଂ ପ୍ରାୟ ଦେଢ଼ କୋଡ଼ି ସଦସ୍ୟ ବିଶିଷ୍ଟ ପରିବାରର ସମସ୍ୟା ପରୀକ୍ଷିତର ଚଞ୍ଚଳ ମନପାଇଁ ଅନେକ ସମସ୍ୟା ଯେ ସୃଷ୍ଟି କରୁଥିବ, ସମ୍ଭବତଃ ନନା ଓ ନୂଆଉ ତାହା ଅନୁଭବ କରିପାରୁ ନଥିଲେ ।

ସାପ ନବୁଝୁଣ୍ଡ ଚକର ବଢ଼ିବା ନ୍ୟାୟରେ, ଅଳ୍ପବୟସରୁ ପରୀକ୍ଷିତ ପୋଖତ ମଣିଷରେ ରୂପାନ୍ତରିତ ହୋଇଯାଇଥିଲା । ଘରେ କିଛି କାମଦାମ କରୁନଥିଲା । କାହାରି କଥା ମାନୁନଥିଲା । ବହିବସ୍ତାନୀ ଧରି ଇସ୍କୁଲ ଯାଉଚି କହି, ଆଉ କୁଆଡ଼େ ଚାଲିଯାଉଥିଲା । ଦିନେ ଦିନେ ଘରକୁ ବି ଫେରୁନଥିଲା । ବେଳେବେଳେ ଆସୁଥିଲା ଏବଂ କଅଣ ଦିଇଟା ଖାଇଦେଇ ଚାଲିଯାଉଥିଲା ଆଉ କୁଆଡ଼େ - ବାବନା ଭୂତଂକପରି । ନୂଆଉ ଗାଁକୁ ଆସିଲେ ପରୀକ୍ଷିତ ନାଁରେ ଆସୁଥିବା ଯାବତୀୟ ଅଭିଯୋଗକୁ ସେ ଶତ୍ରୁମାନଙ୍କ ଅସହିଷ୍ଣୁତା ଓ ଅବିଚାରିତା ବୋଲି କହି ଟାଳି ଦେଉଥିଲେ । ପରିବାରର ଆୟରେ ତାର ବି ଏକ ହିସ୍‌ସା ଅଛି, ସେ କିଛି କାମ ନ କରି ବି ବସିଶୋଇ ଯାହା ପାଇବ, ତାହା ତାପାଇଁ ଯଥେଷ୍ଟ ବୋଲି ଦାବି କରୁଥିଲେ । ପରୀକ୍ଷିତ ବାପାବୋଉଙ୍କର ଅକଳନ୍ତି ସ୍ନେହର ସୁଯୋଗକୁ ହିଁ କାର୍ଯ୍ୟକାରୀ କରିଥିଲା । ଗାଁରେ ସେ ଡ୍ରାମା କରୁଥିଲା । ଡ୍ରାମାରେ ହିରୋଭୂମିକାରେ ଓହ୍ଲାଉଥିଲା । ଗୀତ ବି ଗାଉଥିଲା । କିଏ କୋଉ କାମ କରିବାକୁ କହିଲେ, ଆଗ୍ରହର ସହିତ କରୁଥିଲା । ଏପରିକି ଅନେକ ଅସାଧ ପରି ବୋଧ ହେଉଥିବା କାର୍ଯ୍ୟକୁ ସାଧିବାରେ ସେ ସମର୍ଥ ହେଉଥିଲା । ଦିନ ସାରା ତାସ୍ ଖେଳିଲେ, ମାଛ ମାରିଲେ, କୋଉ ଦୂର ଗାଁକୁ ନାଟ ଦେଖିବାକୁ ଗଲେ, କେହି ଅଭିଯୋଗ କରୁ ନଥିଲେ । ସମସ୍ତେ ନୂଆଉ ଆଗରେ ତାର ରୂପ ଓ ଗୁଣର ପ୍ରଶଂସା କରୁଥିଲେ । ନୂଆଉ ବି ପୁଅର ପ୍ରଶଂସା ଶୁଣି ଗର୍ବରେ ଫାଟିପଡୁଥିଲେ । ଇଚ୍ଛାମତେ ଉଡୁ ଉଡୁ ନୂଆଗାଁ ପଣ୍ଡାସାହିର ବହୁଚର୍ଚ୍ଚିତ ହରିପଣ୍ଡାଙ୍କ ଅଠାକାଠିରେ ପରୀକ୍ଷିତର ଲାଖିଯାଇଥିବା ସମ୍ବାଦ ଶୁଣି ସେ ହସିହସି କହି ପକାଇଥିଲେ - "ହଉ ଭଲ ହେଲା ।" ଗାଁରେ କୁନି ନୂଆଉଂକୁ ସବୁଠାରୁ ବେଶି ଭଲ ପାଉଥିବା ମୁଁ, ଯିଏ ନନାଂକ ସହିତ ନୂଆଉଙ୍କର ଚାଲିଯିବାର ଦୃଶ୍ୟକୁ ସହିନପାରି କାନ୍ଦି କାନ୍ଦି ଦାଣ୍ଡ ଫଟାଉଥିଲା, ପରୀକ୍ଷିତର ବୁଲା ଷଣ୍ଢପଣ ସଂପର୍କରେ ପଦେ କଟୁ ଟିପ୍‌ପଣୀ ଦେଇ ଦେବାରୁ, ତାକୁ ସହିନପାରି କାନ୍ଦ କାନ୍ଦ ହୋଇ ସେ କହିପକେଇଲେ – "ଦେବରେ,

Digitized by PPRACHIN, SOA

ଶେଷକୁ ତୋ ମୁହଁରୁ ମୋତେ ଏ କଥା ଶୁଣିବାର ଥିଲା ! ଛାଡ଼ ମୋ ଭାଗ୍ୟର ଦୋଷ, କାହାକୁ କହିବି ?" ତା'ପରେ ମୋତେ କଡ଼ା ଭାଷାରେ ସେ କହିଲେ - ହଁ, ପରି ତା ଶାଶୁଘରେ ରହୁଚି ଭଲ ହେଲା, ତୁ ତ ବାହା ନ ହେଉଣୁ ବୋହୂକୁ ଆଣି ଘରେ ପୂରୋଉଥିଲୁ - ଏକଥା କେମିତି ଭୁଲିଯାଉଛୁ ଯେ ?"

ବାହାଘର ଆଗରୁ ମୋର ପତ୍ନୀ ସତୀ ଆମ ଘରକୁ ଥରେ ଦିଇଥର ଆସିଥିବାର ଉଦାହରଣ ଦେଇ ସେ ମୋତେ ଆହତ କରିବେ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ତେଣୁ ପରୀକ୍ଷିତ ସଂପର୍କରେ ତାଙ୍କୁ ଅଧିକ କିଛି ନ କହି ନିରବ ରହିବାକୁ ଉଚିତ ମଣିଥିଲି ।

ମୋ ବାହାଘରର ପ୍ରାୟ ଦୁଇ ତିନି ସପ୍ତାହ ପରେ କେତକୀ ବୋହୂ ହୋଇ ଆମ ସାହିକୁ ଆସିଥିଲା । ଏତେ କମ୍ ବୟସରେ ଏବଂ ଘୋର ବର୍ଷା କାଳରେ, ପୁଣି ଅତିଥିରେ ବାହାଘର କରିବାର କୌଣସି ଆବଶ୍ୟକତା ନ ଥିଲେ ସୁଦ୍ଧା, ନାନା କାରଣରୁ ସେମାନେ ଏହାକୁ ସ୍ୱୀକାର କରିଥିଲେ ଏବଂ ଦୀର୍ଘକାଳ ଧରି ଓକିଲଙ୍କ ଘରେ ରହିଆସିଥିବା ନାନା, ପ୍ରତିବାଦ କରିବାର ସକଳ ସାମର୍ଥ୍ୟ ହରାଇଥିଲେ ।

ମାତ୍ର ସତର ଅଠର ବର୍ଷର ପୁଅକୁ ପନ୍ଦର ଷୋହଳ ବର୍ଷର ଝିଅ ସହ ବାହା କରିବା, ପୁଣି ଏ ଅସମୟରେ ଅନୁଚିତ କଥା ବୋଲି ମୁଁ ଦ୍ୱିତୀୟ ଥର ଅଭିଯୋଗ କରିବାରୁ, ନୂଆଉ ମୋତେ ସେଇ ପୁରୁଣା ବାଣ ମାରି, ହସି ହସି କହିଥିଲେ - "ଧନମଣି, ତତେ ତ ବାଇଶ, ଆଉ ତୋ ଘରଣୀ ସତୀକୁ କେତେ କି ? କାଇଁକି ବିକଳ ହଉଥିଲ ଚଉହାତୀ ହବା ପେଇଁମ ? ଆମେ କ'ଣ ଜାଣିନୁ ନା କ'ଣ ମ ! ନୁଚିଚି ନା ଗୋଡ଼ ଦିଇଟା ଦୁଶୁଚି !"

ପରୀକ୍ଷିତ ସହ କେକତୀର ଶୁଭ ପରିଣୟକୁ ପରିବାରରେ କେହି ଜଣେ ବି ଗ୍ରହଣ କରିପାରିନଥିଲେ । ଏହା କାରଣ ଥିଲା ଜାତିଗତ ଓ ଆଚାରଗତ । ସେମାନେ ଥିଲେ ପଣ୍ଡା ବ୍ରାହ୍ମଣ, ମାସ୍ତାନିଆ । ନୀଚବର୍ଣ୍ଣୀମାନଙ୍କ ଘରେ ଶୁଦ୍ଧକାମ କରୁଥିଲେ । ଅଖାଧୁଆ ପଣ୍ଡା ବୋଲି ଆମ ଅଂଚଳରେ ସେମାଙ୍କର ବିଶେଷ ପରିଚିତି ଥିଲା । ତେବେ ଏ ଜାତିଗତ ସମସ୍ୟା ଠାରୁ ଅଧିକ ଉତ୍କଟ ଥିଲା କେତକୀର ପାରିବାରିକ ଖୁଂଟ । ତେତକୀର ଜଣେ ବଡ଼ବୋଉ ଥିଲେ । ସେ ବିଧବା ହୋଇଯାଇଥିଲେ ମାତ୍ର କୋଡ଼ିଏ ବର୍ଷ ବୟସରୁ - ବାହାଘରର ପ୍ରାୟ ପାଂଚ ଛ ବର୍ଷ ପରେ । ତାଙ୍କ ସ୍ୱାମୀ କଲିକତାରେ ଚାକିରି କରିଥିଲେ । ସେଠି କୋଉ ବଂଗାଳୁଣୀ ରଖିଥିଲେ । ବାହାଘରର ବର୍ଷେ ଦୁଇବର୍ଷ ପର୍ଯ୍ୟନ୍ତ ଗାଁକୁ ଥରେ ଅଧେ ଆସୁଥିଲେ । ଅଳ୍ପ କେଇଦିନ ରହି ଫେରିଯାଉଥିଲେ । ଏବଂ, ପାଚଂ ଛ' ବର୍ଷ ପରେ ସନ୍ଦେହଜନକ ଭାବରେ ସେ ସେପାରିକି ଚାଲିଯାଇଥିଲେ । ବୟସ ଓ ରୂପର ତେଜରେ ଦପ ଦପ ହୋଇ ଜଳୁଥିଲେ ସୁଦ୍ଧା ସେ ଏରୁଣ୍ଡିବନ୍ଧ ହେଇଁ ବାହାରକୁ ଯାଇପାରିନଥିଲେ । ଏକମାତ୍ର ଦିଅର

Digitized by PPRACHIN, SOA

ମଧୁସୂଦନଂକ ସହିତ ଶାଶୂଘରେ ରହିଯାଇଥିଲେ । ମାତ୍ର ଏମିତି ରହିବା ହିଁ ତାଂକ ପାଇଁ କାଳହେଲା । ଲୋକେ ସେମାନଙ୍କ ସଂପର୍କକୁ ନେଇ ବହୁ ଆଗରୁ ସୃଷ୍ଟି ହୋଇଥିବା ଗୁଜବକୁ ବହୁଗୁଣିତ କରିଦେଲେ ଏବଂ ମଧୁସୂଦନ ଅବିବାହିତ ରହିବାର କାରଣ ସଂପର୍କରେ ଗୂଢ଼ ପ୍ରଶ୍ନମାନ ପଚାରିଥିଲେ ପରସ୍ପରକୁ । ନିଂଦୁକମାନଙ୍କ ତୁଣ୍ଡରେ ବିଣ୍ଡା ଦେବାଲାଗି ସେ ନିଜେ, ପାଖ ଗାଁ ଗୋବିନ୍ଦପୁରର ବଉଳ ନାମକ ଅତି ସୁଂଦରୀ ଝିଅଟିକୁ ଆଣାର ଯା' କରି ଆଣିଲେ ଏବଂ ଦିଅରଂକୁ କଲିକତାର ସେଇ ଚଟକଳରେ ସ୍ୱାମୀଙ୍କ ଜାଗାରେ ଚାକରି କରାଇଦେଲେ ।

କଲିକତାରେ ରହିଗଲା ପରେ ମଧୁସୂଦନ ସଂକ୍ରମିତ ହୋଇଥିଲେ ବଡ଼ଭାଇଙ୍କ ରୋଗରେ । ସେକାଳରେ କଲିକତିଆମାନଙ୍କର ସମ୍ଭବତଃ ତାହା ଥିଲା ଏକ ପ୍ରକାରର ବିଳାସ ଓ ଆବଶ୍ୟକତା । ଜନୈକା ବଂଗାଳୁଣୀଙ୍କ ପ୍ରେମରେ ପଡ଼ି, ପରେ ତାକୁ ପତ୍ନୀର ମର୍ଯ୍ୟାଦା ଦେଇଥିଲେ ମଧୁସୂଦନ । ତେଣୁ ଏକ ତ୍ରିଭୁଜର କେନ୍ଦ୍ରବିଂଦୁ ପରି ଜୀବନ ବଂଚୁଥିବା ମଧୁସୂଦନ ବର୍ଷେ ଛ'ମାସରେ ଥରେ ଅଧେ ଗାଁକୁ ଆସୁଥିଲେ । ଆସିଲାବେଳେ ବେଶ୍ ସଫା ସୁତୁରା, ଗୋରା ଦିଶୁଥିଲେ । କଲିକତି ଧୋତି, ଗାମୁଛା ଓ ପଂଜାବି ପିନ୍ଧି ଗାଁରେ ଗମାତ୍ କରୁଥିଲେ । ଦେହର ରଂଗ କଳା ପଡ଼ିବା ଆଗରୁ ଫୁର୍‌କିନା ବିଦେଶକୁ ଉଡ଼ିଯାଉଥିଲେ । ମାତ୍ର କେତେଦିନର ରହଣି ଭିତରେ ଘରଣୀକୁ ସମର୍ପି ଦେଇଯାଉଥିଲେ ଆପଣାର ପ୍ରଚଣ୍ଡ ପୌରୁଷ । କେତକୀ, ସେବତୀ, ମଧୁମତୀ ନାମ୍ନୀ ତିନୋଟି ହୃଦୟ ବିଦାରକ କନ୍ୟାରତ୍ନ, ବେଦପତି ନାମକ ବଂଶରକ୍ଷକ, ତାଂକରି ଔରସର ଥିଲେ ଫଳଶ୍ରୁତି ! ଏବଂ, ସେମାନଙ୍କର ପ୍ରକୃତ ପାଳନକାରିଣୀ ଥିଲେ - ତାଂକ ନୂଆଉ । ବେଳେବେଳେ, ଯେତେବେଳେ ଇଚ୍ଛା ସେତେବେଳେ, ଛମାସର ଛୁଆଂକୁ ବଡ଼ଯା'ର ଜିମା ଦେଇ କେତୀବୋଉ କଲିକତା ଚାଲିଯାଉଥିଲେ । ମାସ ମାସ ରହିଯାଉଥିଲେ । ମାସ, ବର୍ଷ ଧରୁଥିଲା । ପିଲାମାନଂକୁ ଦେଖିଯିବାପାଇଁ କେତୀବାପା ଗାଁକୁ ଆସୁଥିଲେ । କେତେବେଳେ ସେ କୁଆଡ଼େ ଯାଉଥିଲେ, ତାହାର ଠିକଣା ମିଳୁନ ଥିଲା । ପିଲାମାନଙ୍କର ଅସଲ ବୋଉ ହୋଇଥିଲେ ବଡ଼ବୋଉ । ଘରେ କେହି ମରଦ ନ ଥିବାରୁ, ବୋଲହାକ, ବଜାର ସଉଦା କରିଦେବାଲାଗି କେତୀର ବଡ଼ବୋଉଙ୍କୁ ଅନେକ ସମୟରେ ପର ଉପରେ ନିର୍ଭର କରିବାକୁ ପଡୁଥିଲା । ଏବଂ ଏଇ ପରନିର୍ଭରଶୀଳତା ହିଁ ପଦାକୁ ପାଦ ବଢ଼ୋଉନଥିବା ତାଂକ ପରି ବିଧବାର ଅପନିଂଦାର କାରଣ ହେଉଥିଲା । ଏଇ ପରମାନେ ହିଁ, ତାଙ୍କ ଧବଳଦେହୀ ପରରେ ଅନେକ ରସିକ ଚଂଚୁ ଗୁଂଜିବାର ମଜା ପାଇଛନ୍ତି ବୋଲି ବଜାରରେ ବାଜା ବଜାଉଥିଲେ । ପରିବାରର ଆବଶ୍ୟକତା ମେଂଟାଇବାଲାଗି ଅଳପ ବୟସରୁ କେତୀ ଓ ସେବତୀ ପଦକୁ ପାଦ ବଢ଼େଇଥିଲେ। ଠିକ୍ ଏମିତି ଏକ ସନ୍ତୁଳିତ ଅବସ୍ଥାରେ ପରୀକ୍ଷିତ ତାଂକ ମେଲାଘର ଭିତରକୁ ପଶି ଯାଉଥିଲା ଏବଂ ସେଇ ପଶିଗଲା ଯେ ଆଉ ବାହାରି ପାରିଲାନି ।

Digitized by PPRACHIN, SOA

ସମ୍ଭବତଃ ତା ବାହାରିବାର ବାଟଗୁଡ଼ାକୁ ଚଉପାଶରୁ ରୋଧି ଦିଆଯାଇଥିଲା । ସେ ବାହାରିବାର ସକଳ ଚେଷ୍ଟା କଲାମାତ୍ରେଇ ମଥା ଢୋ କିନା ବାଜୁଥିଲା ମହାଶୂନ୍ୟରେ । କେତକୀର ଘର ତାପାଇଁ ସ୍କୁଲ, ଖେଳପଡ଼ିଆ, ଚାଷଜମି, ହାଟବଜାର, ରଂଗମଂଚ ଓ ଗାଁ ଛକରେ ରୂପାନ୍ତରିତ ହୋଇଯାଉଥିଲା । ଘରର ଅନୁମତି ନେଇ ଘଡ଼ିଏ ଦିଇ ଘଡ଼ି ପାଇଁ ସେ ଆସୁଥିଲା "ମୁଁ ଅଛି, ଜମେଇ କରି ଅଛି, ମୋତେ ଦେଖ, ଭଲ କରି ଦେଖ" ବୋଲି ଘୋଷଣା କରୁଥିଲା । ଦାମୀ ଜାମାପ୍ୟାଣ୍ଟ ପିନ୍ଧୁଥିଲା । କଳା କଳା ନୂଆ ନିଶ ହଳକୁ ବିଧିମତେ ସମାର୍ଜନ କରୁଥିଲା । ନୂଆ ହମ୍ବର ସାଇକେଲ୍‌କୁ ରକେଟ୍ ଜ୍ଞାନକରି ଗାଁ ଦାଣ୍ଡରେ ସାଏଁ ସାଏଁ ଉଡ଼ିଯାଉଥିଲା । ଏବଂ ତା ଦର୍ପର ଚରମ ପରିଣତି ଥିଲା କୁମାରୀ କେତକୀ ପଣ୍ଡାକୁ କେତକୀ ମିଶ୍ରରେ ରୂପାନ୍ତରିତ କରିବା । ଏମିତି ସେମିତି ଲାଂଗୁଡ଼ ଜକା କୁଣ୍ଡାଂକ ପରି ନୁହେଁ, ଅନେକ ପ୍ରତିବାଦୀଂକ ଗହଣରେ ଏକ ପ୍ରଗତିଶୀଳ, ଅସାଧାରଣ ହିରୋପରି । ପଣ୍ଡାପରିବାର ସଂପର୍କିତ ସକଳ କାହାଣୀ ମନଗଢ଼ା, ଅଲଣା, ଉଦ୍ଦେଶ୍ୟ - ପ୍ରଣୋଦିତ କହି ଫୁ କରିଦେଇଥିଲା ।

ମାଟ୍ରିକ୍ ପରୀକ୍ଷାକୁ ପ୍ରତ୍ୟାଖ୍ୟାନ କରି ଯେଉଁ କେତକୀକୁ ପରୀକ୍ଷିତ ଅତି ପ୍ରବଳ ପରାକ୍ରମ ସହିତ ଗ୍ରହଣ କରିଥିଲା - ସେ କେବଳ ନାଁକୁ ମାତ୍ର କେତକୀ ନ ଥିଲା । ରୂପ ଓ ଗୁଣ, ଉଭୟରେ ସେ ଥିଲା କେତକୀ ପରି । କେତକୀକୁ ଦେଖିଲାପରେ ରାଜପୁତ୍ର ପରି ସୁଦର୍ଶନ ପରୀକ୍ଷିତର ସୌନ୍ଦର୍ଯ୍ୟବୋଧ ଓ ରୁଚିକୁ ମୁଁ ସତରେ ଶତମୁଖରେ ତାରିଫ୍ କରିଥିଲି । ତାର ଦେହର ରଂଗ ଅବଶ୍ୟ ଶ୍ୟାମଳ ଥିଲା । ମାତ୍ର ସେ ଶ୍ୟାମଳତା ଭିତରେ ଥିଲା ଅଦ୍‌ଭୁତ ଓ ଅଭାବିତ ଶୀତଳତା । ନଖଠାରୁ ଶିଖ ପର୍ଯ୍ୟନ୍ତ କୌଣସି ଅଂଗକୁ କାହାରି ବାରିବାର ନ ଥିଲା । କୁନି ଆୟତ ଆଖି ଦୁଇଟି ଥିଲା କଥାକୁହା । ଚିକ୍‌କଣ କଳା ଗହଳ ବାଳ ଥିଲା ନିତମ୍ବଛୁଆଁ । ଲାଜ ଲାଜ ଚାଲିରେ ଲେଖିହେଇଯାଉଥିଲା ପୃଥିବୀର ଏଯାବତ୍ ଅଲିଖିତ ଛନ୍ଦ ଗୀତିକା । ଭାବସାମ୍ୟ ଅଥବା ଅନ୍ୟ କୌଣସି ଆକର୍ଷଣ ଓ ଆବଶ୍ୟକତା ବଶତଃ ହେଉ, କେତୀ ସତୀ ପାଖକୁ ବରାବର ଆସୁଥିଲା । ନନା ନୂଆଉଂକର ତ ଆମ ଘର ଥିଲା ଏକ ପ୍ରକାରର ଆଡ୍‌ଡା ଜାଗା । ଶାଶୂ ଶଶୁରଂକ ଆଦର୍ଶକୁ ବୋହୂ ଆପଣେଇ ନେଇଥିଲା । ବାହାଘରର ଆଠ ନଅ ମାସ ପରେ ସତୀ ଆଉ ମୁଁ ଚାକିରି ଜାଗାକୁ ଚାଲିଯିବାରୁ କେତୀ ଆମ ଘରର ସଦସ୍ୟ ହୋଇଯାଇଥିଲା ।

ବାହାଘରର ପ୍ରାୟ ସାତ ଆଠ ପରେ କେତୀ ନନା ନୂଆଉଂକୁ ଉପହାର ଦେଇଥିଲା ପୁଅଟିଏ : ପରୀକ୍ଷିତର ଉତ୍ତରାଧିକାରୀ । ଉତ୍ତରାଧିକାରୀକୁ ପାଇବାଲାଗି ଯୋଉ ନନା ନୂଆଉ ତେତିଶକୋଟି ଦେବୀଦେବଂକୁ ହଲାପଟା କରିଥିଲେ, ପୁଅ ଏତେ କମ୍ ବୟସରୁ ତାହା ପାଇପାରିଥିବାରୁ, ପରିବାରରେ କେତୀର ମର୍ଯ୍ୟାଦା ଓ ପ୍ରତିପତ୍ତି ଯଥେଷ୍ଟ ବଢ଼ିଯାଇଥିଲା । ନବଜାତକର ସେମାନେ ନାଁ ରଖିଥିଲେ ଜନ୍ମେଜୟ । ସେ କେତୀର

Digitized by PPRACHIN, SOA

ନୁହେଁ, ନନା ନୂଆଙ୍କର ଗଂଠିଧନ ହୋଇଯାଇଥିଲା । ଜନ୍ମେଜୟ ଆସିବାର ପାୟ ବର୍ଷଟିଏ ନ ପୂରୁଣୁ କେତକୀ ପୁଣି ପୃଥିବୀକୁ ଆଣିଥିଲା କନ୍ୟାରତ୍ନଟିଏ । ଏବଂ, ଏହି ଉପହାରଟି ସମ୍ଭବତଃ କାରଣ ହୋଇଥିଲା ତା ଦାରୁଣ ବିପର୍ଯ୍ୟୟର । ମାତ୍ର ଗୋଟିଏ ବର୍ଷ ମଣିଷର ଭବିଷ୍ୟତକୁ ଯେ ଏତେ କରୁଣତର କରିପାରେ, କେତକୀର ଜୀବନରୁ ହିଁ ମୁଁ ତାହା ଅନୁଭବ କରିଥିଲି ।

ଖରାଦିନ ଛୁଟିରେ ହିଁ ଘଟିଯାଇଥିଲା କେତୀ ଜୀବନର ସେଇ ଅଭାବିତ ଘଟଣାଗୁଡ଼ିକ । ଛୁଟି ପରେ ଆମେ ଦୁହେଁ ଚାକିରି ଜାଗାକୁ ଫେରି ଆସିଥିଲୁ । ଘରୁ ପାଦ କାଢ଼ିଲାବେଳେ କେତୀ ଭୂଇଁରେ ମଥା ନୁଆଁଇ ଆମକୁ ନମସ୍କାର କରିଥିଲା । ଲୁଗା କାନିରେ ଆଖିର ଲୁହକୁ ଲୁଚେଇବାକୁ ଚେଷ୍ଟାକରୁଥିଲା । ସମ୍ଭବତଃ, ଆମେ ଆଖିର ଆରପାରିକୁ ଚାଲିଯିବା ପର୍ଯ୍ୟନ୍ତ, ବୋଉ ଓ ସାନଭଉଣୀ ଉଷା ପାଖରେ ଠିଆ ହୋଇ ଆଷାଢ଼ ମାସର ଆକାଶକୁ ଆଚ୍ଛନ୍ନକରି ରଖିଥିବା କଳାହାଣ୍ଡିଆ ମେଘର ଅଭିମାନକୁ ପରଖୁଥିଲା । ବାସ୍, ତା ହିଁ ତା ସହିତ ଆମର ଥିଲା ଶେଷ ଦେଖା । ସେଇ ଦିନଠାରୁ ପ୍ରାୟ ତିରିଶ ବର୍ଷ ପରେ ଆଜି ସେ ଆମ ପାଖରେ । ଏବେ ମଧ ମୁଁ ବିଶ୍ୱାସ କରିପାରେନି, ଦୀର୍ଘ ତିରିଶ ବର୍ଷ ତଳର ଦେଢ଼ମାସିଆ ଖରାଛୁଟିର ଇତିହାସକୁ । କେତକୀ ପଣ୍ଡା ନାମ୍ନୀ ମାତ୍ର ସତର ବର୍ଷ ବୟସର ଚୁଲ୍‌ବୁଲ୍ ଝିଅଟିଏ ଦୁଇ ବରଷର ବୋହୂପଣ କରି ପୋଡ଼ାମୁହାଁ କେତୀରେ ରୂପାନ୍ତରିତ ହେବାର ଚମତ୍କାର ଇତିହାସକୁ କେହି କଣ କେବେ ଭୁଲିଯାଇପାରେ ?

ସେଇ ସନ ଛୁଟି କଟେଇବାଲାଗି ଘରେ ଆସି ପାଦ ରଖିଚୁ କି ନାଇଁ, ଆମ ପହଂଚିବା ଖବର ପାଇ ନୂଆଉ ଦଉଡ଼ି ଦଉଡ଼ି ଆସି ଲୁଗାକାନିରେ ହାତ ପୋଛୁପୋଛୁ କହିଲା – "ବୁଝିଲୁ ଦେବ, ସେଦିନ ମୁଁ ଅପଯଶୀ ତୋ କଥା ନ ମାନି ବଡ଼ ଭୁଲ୍ କରିଚି । ସେ ପୋଡ଼ାମୁହାଁ ଆମ ସମସ୍ତଙ୍କୁ ଖାଇଲା ।" କ୍ରୋଧ ଆଉ ଅସନ୍ତୋଷରେ ଫାଟି ପଡୁଥାଏ ତା ମୁହଁ ।

କିଛି ବୁଝି ନ ପାରି ମୁଁ ପଚାରିଲି – "କୋଉ ପୋଡ଼ାମୁହାଁ ଆମ ବି.ବି.ସି (ତାଂକୁ ରହସ୍ୟ କରି ବେଳେ ବେଳେ ଏଇ ଉପାଧିରେ ଇ ସମ୍ବୋଧନ କରିଥାଏ)ଙ୍କୁ ଏତେ କଷ୍ଟଦେଲା ଏ ଅଧୀନ ଜାଣିପାରେ କି ?"

ସେ ଛିଗୁଲେଇ କରିକହିଲା – ଆଉ କିଏ କାଇଁକି ହବ ମ ! ତମ ସୁଂଦରୀ ବୋହୂରାଣୀ, ଶ୍ରୀମତୀ କେତକୀ, କେତୀ, ପୋଡ଼ାମୁହାଁ । ତାକୁ ପରା ଆଉ ଦିଇ ଆଖିରେ ଚାହିଁ ହଉନି ।

ପରିହାସ କରି କହିଲି – କାଇଁକି, ଚଷମାଦେଇ ଦେଖୁନୁ । ନନା ମନାକଲେ କି ?

Digitized by PPRACHIN, SOA

ସେ ଚିଡ଼ିଉଠି କହିଲେ - "ଚୁପ୍ ବେ ଟୋକା, ନ ଶୁଣି ବକ୍‌ବକ୍ ହେଉଚି । ନନାଂକୁ କାହିଁକି କହିବି, ତୁ ତ ରୋଜଗାରିଆ, ଦଉନୁ ? ବାହାଘର ଆଗରୁ ଦଉଥିଲୁ ତ ! ଶୁଣ ଆଗ । କେତକୀକୁ ସେଇ ଝିଅ ହବା ପରଠାରୁ ଖାଲି ଡାଆଣୀ ଗ୍ରାସୁଚି । ତା'ର ତ ଡାଆଣିଆ ଧିଅ । ଏଣେ ଛୁଆଟାକୁ ଡାଆଣୀ ଖାଇଯିବାରୁ ପୋଡ଼ାମୁହାଁ ଖାଲି ଉତୁରୁଚି । ଆଉ ସେ ବଜ୍ଜାତ ଡାଆଣୀର ଏତେ ଦାଉ ଯେ, ତେତେ ବଡ଼ ବଡ଼ ଗୁଣିଆ ଆସିଲେ, ସମସ୍ତଙ୍କୁ ଗାଣ୍ଡିତଳେ ଗଳେଇ ଛାଡ଼ିଦଉଚି, କଣ କରିବି ? କେତେ କାମ । ଯାଏଁ, ପରେ ଆସିବି ।" କାନିରେ ହାତପୋଛି ସେ ଚାଲିଗଲେ ଆମ ପାଖରୁ, ଯେମିତି ଆସିଥିଲେ, ସେମିତି ।

କେତକୀ, ପୋଡ଼ାମୁହାଁ କେତୀ, ତା ଝିଅକୁ ଡାଆଣୀ ଖାଇଯାଇଛି, ତାକୁ ଡାଆଣୀ ଗ୍ରାସିଛି - ଏତେ କଥାର ଗୂଢ଼ତାକୁ ମୁଁ ବୁଝିପାରୁ ନଥିଲି । ମାତ୍ର ସେ ଯେ ଖୁବ୍ ଅସୁସ୍ଥ ହୋଇପଡ଼ିଛି, - ଏ କଥା ମୁଁ ଅବିଶ୍ୱାସ କରିନଥିଲି । ସେ ଭଲ ଥିଲେ, ଆମ ଆସିବା କଥା ଶୁଣି ନିଶ୍ଚିତ ଭାବରେ ଦୋଉଡ଼ି ଆସିଥାନ୍ତା । ନୂଆଉଂକ ପାଖରୁ ତା ଦେହ ବିଷୟରେ ଶୁଣିବା ମାତ୍ରେ ଇ ସତୀ ଲୁଗା ନ ବଦଳେଇ ତାକୁ ଦେଖିବାକୁ ଚାଲିଗଲା । କଛି ସମୟ ପରେ ଫେରିଆସି, ବିଚାରୀ ଯେ ଅଶୁଭ ଶକ୍ତିଦ୍ୱାରା ସଂକ୍ରମିତ - ଏ କଥା ନିର୍ଧାର୍ଯ୍ୟ ଭାବରେ ମୋତେ ଶୁଣେଇଥିଲା । ତା କଥାଶୁଣି ମୁଁ ଠୋ ଠୋ ହୋଇ ହସିପକାଇଥିଲି । ଏବଂ ଭୂତପ୍ରେତ, ଡାଆଣୀ, ଚିରୁଗୁଣୀଂକ ଉପରେ ଆଦୌ ବିଶ୍ୱାସ କରୁନଥିବା ମୋ ପରି ସୃଷ୍ଟଛଡ଼ାର ହସକୁ ଠୋକରଦେଇ ବୋଉ କହିଲା - ହଉ ବାପା, ଆମ କଥା ତ ହସରେ ଉଡ଼େଇ ଦଉଚୁ । ସଂଜ ପର୍ଯ୍ୟନ୍ତ ଅପେକ୍ଷା କର । ସବୁ ନିଜ ଆଖିରେ ଦେଖିବୁ ।

ଆମକୁ କିଂତୁ ସଂଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ି ନ ଥିଲା । ଧୋଇ ଧାଇ ହୋଇ ଆମେ ଖାଇ ବସିଥାଉ । ବୋଉ ପାଖରେ ବସି ବିଂଚି ଦଉଦଉ କହିଲା — କେଡ଼େ ସୁନ୍ଦରୀ ଝିଅଟା, କ'ଣ ହେଲାଣି । ଦେଖିଲେ ତୁ ଚିହ୍ନିପାରିବୁନି । ତାଠେଇଁ ଡାଆଣିଆ କଳା ଅଛି ବୋଲି ପ୍ରଥମରୁ ହିଁ ଜଣାପଡୁଥିଲା । ତା ଦେହର ରଂଗ, ପାଦ, ଆଖି, ବାଳ, ଅଂଟା, ଚାଲି ତ କହିଦେଉଥିଲା । ତାକୁ ଦେଖି ଦେଲାମାତ୍ରେ ମୁଁ କୁନିକୁ ଏ କଥା କହିଥିଲି । ବାହାଘର ଆଗରୁ ତାର ଏମିତି ହଉଥିଲା କି ନାଇଁ ମୁଁ ଜାଣିନି। ହଉଥିବ । ସେମାନେ ନୁଚେଇଥିବେ । ଅନେକଂକର ବାହାଘର ପରେ ଏ ରୋଗ ଚାଲିଯାଏ । ବିଚାରୀର ଗଲାନି । ଅଧିକ ହେଲା । ଭାଗ୍ୟ ! ଆଉ ଏଗୁଡ଼ାକ ବି ସେମିତି । ସେତେବେଳେ ହମହମ ହେଇ ଏଡ଼େ ବକଟେ ପୁଅକୁ ଟିକି ଝିଅଟା ସାଂଗରେ ଛଂଦିଦେଲେ । ଘରେ ଆଉ ଯତ୍ନ ନେଲେନି । ତା ଆଡ଼କୁ ଆଡ଼ ଆଖିରେ ବି ଅନିଷା କଲେନି । ଏବେ କଉଚନ୍ତି - ପୋଡ଼ାମୁହାଁ ମରିଯା'ନ୍ତା କି, କୋଉଆଡ଼େ ପଳେଇଯାନ୍ତା କି, ତରିଯାନ୍ତେ ।

Digitized by PPRACHIN, SOA

ବୋଉ ପାଟିରୁ କଥା ଶେଷହେଇଚି କି ନାଇଁ, ଲଂଘା ଖୁଂଟ ଆଡୁଆଳରୁ କେତୋଟି ଅନ୍ତରଂଗ ତାଚ୍ଛଲ୍ୟଭରା ଶବ୍ଦ ମୋତେ ଆଶ୍ଚର୍ଯ୍ୟ କରିଦେଲା ।

ସେ କହୁଥାଏ - ଯିବ କୁଆଡ଼େ ବା ? ସମସ୍ତଂକ ଗୁମର କଥା ଜାଣିଚି, ପଦାରେ ପକେଇଦେବି । ସମସ୍ତଂକ ମୁଣ୍ଡ ଗୋଟିଗୋଟି ମୋଡ଼ି ରଡ଼ରଡ଼କରି ଖାଇବି । ତାପରେ ଯାଇଁ ଯୋଉ କଥା । ଏ ପୋଡ଼ାମୁହାଁ ବୁଢ଼ୀକି ଦେଖ, ନାଜ ନାଇଁ । ପୁଅବୋହୂଂକୁ ଗୋଟାଏ ଥାଳିରେ ବସି ଖୁଆଉଚି । ବିଂଚି ଦଉଚି । ରୋଜଗାରିଆ ପୁଅବୋହୂତ । ହଇଲୋ ହେ ବୁଢ଼ୀ, ମତେ ଦବୁ, ଦଉନୁ । ମୁଁ କଣ ତତେ ଦୁଶୁନି । କଇବ କଣ ନା, ସତୀ ମୋର ବୋହୂ ନୁହଁ, ଝିଅ । ରହ ରହ ତୋ ବେଳକାଳ ଆସୁଚି ଯେ । ମୋଡ଼ାହବୁ। ମତେ ଭୋକ ଲାଗୁଚି । ଖାଇବି । ଦେ ।

ବୋଉ ତା କଥା ଶୁଣି ହସିଦେଲା । କଅଁଳେଇ ପଚାରିଲା - "ହଉ, କଣ ଖାଇବୁ କଉନୁ ? ଆ, କକେଇ ଖୁଡ଼ୀଙ୍କ ପାଖରେ ବସି ଖାଇବୁ ।"

ବୋଉର କଥା ଶୁଣି ଖୁଂଟକୁ ଧରି ବସିପଡ଼ିଲା । ଗାଲରେ ହାତଦେଇ ଏକଲୟରେ ଚାହିଁ ରହିଲା ଆମ ଆଡ଼କୁ । ତାକୁ ଅନିଷାକଲି । ହରିଣୀ ପରି ଦୁଇଟି କବିତ୍ୱପୂର୍ଣ୍ଣ ଆଖିରେ ଡୋଳା ଭାଂଗୁଥିଲା ଲାଲ ମେଘ । ସତେ ଯେପରି ସେଥିରେ ପୂରିରହିଚି ଅନନ୍ତ କାଳର ପୁଂଜୀଭୂତ ଅସନ୍ତୋଷ ଓ ପ୍ରତିବାଦର ରକ୍ତ ।

ତାକୁ ଅଧିକ ସମୟ ଚାହିଁ ରହିବାର ସାହସ ମୋ ଭିତରେ ନଥିଲା ।

ବୋଉ ତାକୁ ପୁଣି କହିଲା - "ମା', ଆ । କ'ଣ ଖାଇବୁ କଉନୁ ?"

କିଛି ସମୟ ଗୁମ୍‌ମାରି ବସିରହିଲା ପରେ କହିଲା - "ପଣସ, ଆମ୍ବ ଦେ୍ଏ ।" ତାର ଏ ସ୍ୱର୍ଦ୍ଧିତ ଆହ୍ୱାନଥିଲା ।

ଦୁଆର ପିଣ୍ଡା ଉପରେ ଥୁଆହୋଇ ତାର ଦୁଃସାହସିକତାକୁ ଟାପରା କରୁଥିବା ଆମ ବାରିର ଆକର୍ଷଣୀୟ ଆମ୍ବ ଓ ଖଜା ପଣସ ।

ସେସବୁ ପରା ବୁଢ଼ୀପାଇଁ ଅଛି । ସଂଜରେ ଭୋଗ ଲାଗିଲାପରେ ଖାଇବୁ । ସବୁଯାକ ତତେ ଇ ଦେବି । -କହିଲାବୋଉ।

ମୁଁ ବୁଢ଼ୀଫୁଢ଼ୀ କିଛି ଜାଣିନି । ମତେ ଆଗ ଦେ। ଦବୁନିତ କଇଲୁ କାଇଁକି ? ବୁଢ଼ୀ, ଭାରି ଚାଲାକୀ ଦେଖଉଚି । ମୁଁ ଯାକୁ ଯେମିତି ଜାଣିନି ।

ମୁଁ ବୋଉକୁ ପଚାରିଲି - ବୋଉ, ତୁ ତାକୁ ଆମ ବୁଢ଼ୀ ପାଖକୁ ନେଇଥିଲୁ ନା ! ତା ଧଣ୍ଡା ଦେଇଚୁ ?

ବୁଢ଼ୀ ଆଉ ଧଣ୍ଡା ଶବ୍ଦ ତା କାନରେ ପଡ଼ିଲା କ୍ଷଣି ସେ ଉଠି ଠିଆହେଲା । ହାଇ ମାରି କହିଲା - ହଉଲୋ ମିଛେଇ ବୁଢ଼ୀ, ଏ ଫଳ ତୋ ପୁଅବୋହୂ, ବୁଢ଼ୀକୁ ଦେ । ସେମାନେ ଖା'ନ୍ତୁ, ହଗିହ'ନ୍ତୁ । ମୋର ମୁଁ ଯାଉଚି । ତେଣେ କେତେ କାମ । ପଣସ ଆଉ ଆମ୍ବଟାଏ ତ ମୂର୍ଚ୍ଛିପାରୁନି । କଇଲା କଣ ନା, ଖାଇବୁ ଆସୁନୁ ।

Digitized by PPRACHIN, SOA

କାହାର ଅଭିଯୋଗ ଆଉ ଅଭିମାନକୁ ସହିପାରେନି ବୋଉ । କହିଲା – ଠିକ୍ ଅଛି, କକେଇ ଖାଇସାରୁ । ମା' ପାଖରେ ତାଳି ମାରିଦବ । ତୁ ଖାଇବୁ ।

ବୋଉ କଥା ଶୁଣି ସେ କଣ ଭାବିଲା କେଜାଣି ? ସେଇ ପାରିଆ ପାଖରେ ଠିଆହେଇ ରହିଲା ଏବଂ ବୋଉ ଆମ୍ବ ପଣସ ଧରି ଠାକୁର ଘରକୁ ବାହାରିବା ମାତ୍ରେଇ ସେଗୁଡ଼ିକୁ ହାତରୁ ଚିଲପରି ଝାଂପିନେଇ କହିଲା – ଦେଖ୍ ବୁଢ଼ି, ଆଗକୁ ପାଦ ବଢ଼ାନା । ତୋ ଯିବା ବଂଦ । ଏଇଠି ସବୁ ସଫା କରିଦେବି ।

ବଡ଼ କରୁଣ ଆଖିରେ ବୋଉ ଚାହିଁରହିଲା ମୋ ମୁହଁକୁ ।

ବୋଉକୁ ବୋଧଦେଇ କହିଲି – ବୋଉ ସେ ପିଲାଲୋକ, ଦେ ତାକୁ । ପରେ ବୁଢ଼ୀ କଥା ।

ବୋଉ ପୁଣି କହିଲା – ହଉ ମା, ତୁ ଖା, ମୁଁ ବସି ଛଡ଼େଇ ଦେଉଚି ।

ସେ ପ୍ରତିବାଦ କରି କହିଲା – କାଇଁ, ମତେ କଣ ଛଡ଼େଇ ଖାଇଆସିବନି । ତୁ ଏମିତି ପାରିଲାର ଝୁଅ ? ଟେଁ ଟେଇଁକି ଦେଖ ।

ଆଲୋ ତୁ କଣ ସବୁ ଖାଇପାରିବୁ ?

– ସନ୍ଦିଗ୍ଧ ସ୍ୱରରେ ପଚାରିଲା ବୋଉ ।

ଦୃଢ଼ତାର ସହିତ ସେ ଉତ୍ତରଦେଲା ମୋର କଣ ପେଟ ନାଇଁ?

ହଉ ନେ ଖା – କହି ବୋଉ ତା ପାଖରେ ବସିପଡ଼ିଲା ।

ଏବଂ, ଆମରି ଆଗରେ ଚକା ପକେଇ ବସିପଡ଼ିଲା କେତକୀ । ଏଡ଼େବଡ଼ ଖଜା ପଣସ ଆଉ ପାଂଚ ଛଟା ଆମ୍ବକୁ ମାତ୍ର କେତୋଟି ମିନିଟ୍ ଭିତରେ ସଫା କରିଦେଲା । ହାକୁଡ଼ି ମାରିଲା । କାଇଁ କେତେ ଯୁଗରୁ ଯେମିତି କିଛି ଖାଇନଥିଲା । କାନିରେ ହାତ ପୋଛିଲା। ଠିଆହେଲା । କହିଲା – ଏ ବୁଢ଼ୀ, ଏ ଚୋପାଫୋପା ନେଇ ବାହାରେ ଫୋପାଡ଼ି ଦେ । ମୁଁ ଚାଲିଲି, ବେଳ ହେଲାଣି । ତେଣେ ମୋର କେତେ କାମ ।"

ଏଡ଼େ ବକଟେ ମଣିଷ । ଏତେ ବଡ଼ ପଣସ ଓ ଏତେଗୁଡ଼ାଏ ଆମ୍ବ ଯେ ଏତେ ଶୀଘ୍ର ସଫା କରିଦେଇପାରେ – ମୁଁ ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲି । ମୋର ମନକୁ ବୋଉ ପଢ଼ିପାରିଲା କି କଣ – କହିଲା ନିଜ ଆଖିରେ ଦେଖିଲୁତ ! ମୋ କଥା ବିଶ୍ୱାସ କରୁନଥିଲୁ । ସେ କ'ଣ ଖାଇଲା ? ତା ଭିତରେ ନାଟକରୁଥିବା ସେଇ ଛତରା ଆଉ ଛତରୀଗୁଡ଼ାକ ଖାଇଗଲେ । ତୁ କହିବୁ କଣ ନା, ସେମାନେ ନାହାନ୍ତି । ମିଛ ।

ଆମେ ଖାଇସାରିଲା ବେଳକୁ ଛାଇ ନେଉଟାଣି ।

ହାତଧୋଇ ଆମ୍ବମାଳକୁ ଚାଲିଗଲି । ଖାଲି ଆମ୍ବ ନୁହେଁ; ସପୁରୀ, ପଣସ, ନଡ଼ିଆ ଗଛମାନଙ୍କର ଘର । ମୋର ଚରାଭୂଇଁ । ଘରେ ପହଁଚିଲା ମାତ୍ରେ ମୋ ପାଦମାନେ ଯେପରି ସେମାନଙ୍କ ସହ ଟିକିଏ କଥାହେଇ ଆସିବାଲାଗି ଟାଣିହେଇଯାନ୍ତି । ଘଡ଼ିଏ ପହରେ ସେମାନଙ୍କ କଥା ଶୁଣି ଘରକୁ ଫେରେ । ଗୋଡ଼ ଧୁଏ । ଚା' ପିଇସାରି,

Digitized by PPRACHIN, SOA

ଭଲପାଗ ହୋଇଥିଲେ ସପଟିଏ କାଖରେ ଜାକି ପୁଣି ସେମାନଙ୍କ ପାଖକୁ ଯାଏ ଶୋଇଯାଏ ସେମାନଙ୍କ ଛାଇର କୋଳରେ । ମୋ ପଛେ ଯା'ନ୍ତି ବୋଉ, ଉଷା । ଏବେ ସତୀ । ଥିରି ପବନର ଆଉଁସା ଓ ସେମାନଙ୍କ ଗୁଣୁଗୁଣୁ ଗୀତର ଲଳିତ ସ୍ୱରରେ ମୁଦି ହୋଇଯାଏ ଆଖିପତା । ସେଦିନ କିଂତୁ ସବୁ କିଛି ଅସ୍ୱାଭାବିକ ଲାଗୁଥାଏ । ପୃଥିବୀ ବୋଧହେଉଥାଏ କେତୀମୟ ।

କିଛି ସମୟ ପରେ ବୋଉ ଆସି ପାଖରେ ବସିଲା । ଆଉଁସି ଦେଲା ମୋର କ୍ଳାନ୍ତ ଦେହକୁ, ସବୁଦିନ ପରି । ମୁଁ ଯେପରି ପୁଅ ନୁହେଁ, ବାପା ।

ପଚାରିଲି - ଆଚ୍ଛା ବୋଉ, କେତୀକୁ କେତେଦିନ ହେଲା ଡାଆଣୀ ଗ୍ରାସିଚି ?

ଦୀର୍ଘଶ୍ୱାସ ପକେଇ ସେ କହିଲା - ଏଇ ପନ୍ଦର କି କୋଡ଼ିଏ ଦିନ ହବ । ଦୁଇମାସର ଉତିଆଣୀ ଛୁଆଟା ଶୂନ୍ୟେ ଶୂନ୍ୟେ ଚାଲିଯିବା ପରେପରେ, ପ୍ରାୟ ହପ୍ତାଏ ପର୍ଯ୍ୟନ୍ତ ସେ ଗୁମ୍‌ମାରି ରହୁଥିଲା । କାହାକୁ କିଛି କଉନଥିଲା । ସେ ପୋଡ଼ାମୁହିଁ ଗୁଡ଼ାକ ଭିତେର ଭିତେରେ ତାକୁ ଗ୍ରାସିବାକୁ ଆରମ୍ଭ କରିଦେଇଥିଲେ । ଏମାନେ କେହି ଜାଣିପାରିଲେ ନାହିଁ । ଏବେ ତ କାଇଁରେ କେତେ ଉତ୍ପାତ କରୁଛି । ଚାରିଚାରିଟା ଗୁଣିଆ ଆସି ଗଲେଣି । ସମସ୍ତଙ୍କୁ ମାରି ଗୋଡ଼ାଉଚି । ଥରେ ଆସି, ପକେଇ ଯାଉଚନ୍ତି । କୋଉ ଠାକୁର ଠାକୁରାଣୀଂକ ପାଖକୁ ନିଅନ୍ତେ ଭଲା । ତା ବି କରୁନାହାନ୍ତି । ଭାରି ଅଣହେଳା କରୁଛନ୍ତି ଝିଅଟା ପ୍ରତି ।

ପରିଆ କଣ କିଛି କରୁନି ?

"ତୁ ତା କଥା କହନା ବାପା । ସେ କଣ ଘରକୁ ଆସୁଚି ? ସବୁବେଳେ ଶଶୁର ଘରେ ।"

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି - ଶଶୁରଘରେ ?

ମୋର ଏ ପ୍ରଶ୍ନ ଶୁଣି ବୋଉ ଟିକିଏ ଗୁମ୍ ଖାଇଗଲା । ତା ମୁହଁକୁ ଚାହିଁଲି । ତା ମୁହଁସାରା ନେସି ହେଇଯାଇଥିଲା ବହଳ ଅଂଧାର ।

ଛେପଢୋକି କହିଲା - ତୁ କଣ ତାଂକ ଘର କଥା ଜାଣିନୁ ? ପାଂଚଭାଇରେ ଯାଂକ ଭାଗ ପଡ଼ିଚି ଗୋଟାଏ ବଖରା । ଆଗରୁ କେହି ରହୁ ନ ଥିଲେ । ଅସୁବିଧା ନ ଥିଲା । ଏବେ ତ ଚାକିରି ପରେ ସମସ୍ତେ ଆସିଗଲେଣି । ଗୋଟାଏ ବଖରରେ ଶାଶୂ ଶଶୁର, ପୁଅ, ବୋହୂ, ନାତି । ରହିବେ କେମିତି ? ପୁଅ ହେଲାପରେ କୁନି ପ୍ରାୟ ଏଇଠି । ଅର୍ଜୁନ ତୁଳସୀପୁରରୁ ଆସିଲେ ସେମାନେ ନାତିକୁ ନେଇ ସେଇ ଘର ଭିତରେ । ବୋହୂଟା ଲଂଘାରେ । ଲଂଘା ତା ଶୋଇବାଘର । କୁନି ଏମିତି ଫୁଲେଇ ଯେ, ପୁଅକୁ କେତୀ ହାତକୁ ଦବନି । ତାକୁ କୋଳରେ ପୂରେଇ ଶୁଆଇବ । ଉଠିଲେ, କାଖେଇ ବୁଲିବ । ଏ ଘର, ସେ ଘର ହଉଥିବ । କ୍ଷୀର ଖାଇଲାବେଳେ ଯାହା ବୋଉ ପାଖରେ । ସେ ଛୁଆଟା କଣ ଆଉ କେତୀ ପାଖକୁ ଯାଉଚି କି ? ବୋହୂର ଭଲଭଲ

Digitized by PPRACHIN, SOA

ଶାଢ଼ୀ ଶାଶୂ ପିନ୍ଧୁଚି । କଲିକତାରୁ ବାପା ଯୋଉ ତେଲ, ପାଉଡର, ସୁହଁ, ଅତର ଆଉ କଣ ସବୁ ଆଣିବ – ତାକୁ ବି ବୋଲିହବ ଶାଶୂ । ଇଏ ତ ଶାଶୂ ନୁହଁ, ନୂଆବୋହୂ । ଏଇ ଯୋଉ ଝିଅଟା ମରିଗଲା – ସେଇ ପେଟରେ ଥିଲାବେଳେ ଆରମ୍ଭ ହୋଇଗଲା ଘୋର ନାଟ । ଶାଶୂ ସବୁବେଳେ ଖାଲି ତା' ଉପରେ ଗରଗର ହେଲା । ଡାକ୍ତରଖାନା ଯିବାକୁ କହିଲା । ବୋହୂଟା ମଂଗିଲାନି । ଆଉ ଯେମିତି ଝିଅଟାଏ ଜନମ ହେଇଚି, – ତା ପାଖ ତ ମାଡ଼ିଲାନି, ଯେମିତି କୋଉ ଜନମର ଶତ୍ରୁ । ଝିଅଟା କେଡ଼େ ସୁନ୍ଦର ହେଇଥିଲା ମ ! ଦେବୀ ପରି । କେଡ଼େ ସୁଂଦର ବାଳ, ଆଖି, ଓଠ, କପାଳ, ପାଦ । କମ୍ ହସ ! କମ୍ ଖେଳ ! ଦିଇ ମାସର ଛୁଆଟା, ଆଠ ଦଶମାସର ଛୁଆର ରଂଗ ଢଂଗ । ଯିବ ବୋଲି ସେମିତି ହଉଥିଲା କି କଣ କେଜାଣି ? କଅଁଳ ଛୁଆଟାକୁ ନା ବାପା, ନା ଜେଜୀମା, ନା ଜେଜେବାପା – କେହି ଆଡ଼ ଆଖିରେ ଚାହିଁଲେନି । ଦିଇଦିନ ଆଗରୁ ତାକୁ କଣ ଜର ହେଉଥିଲା । ଓଷଦପାଇଁ କେହି ଡାକ୍ତରଖାନା ଗଲେନି । କିଏ ଯିବ ? ମୁଁ ବୁଢ଼ୀର ପାଦୁକ, ଧଣ୍ଡା ଦେଇଥିଲି । ଟିକିଏ ଭଲ ଆଡ଼କୁ ଆସୁଥିଲା । ହେଲେ ରହିଲାନି । ଗଲା । ତା'ପରଠାରୁ ତ କେତୀର ଏ ଅବସ୍ଥା ।

ମୁଁ ପୁଣି ସେଇ ପୁରୁଣା ପ୍ରଶ୍ନ ପଚାରିଲି – ଏ ଟୋକା ତା ହେଲେ କରୁଚି କ'ଣ ?

"କ'ଣ ଆଉ କରିବ ? ବୁଲୁଚି । ଦିନସାରା ତାସ ଖେଳ । ରାତିରେ ନାଟ । ମମଲତି । ନାଟରେ କାଳେ ହିରୋ ହଉଚି ।"

ହସି ହସି ବୋଉକୁ କହିଲି – ବୋଉଲୋ, ଏ ହିରୋ ପୁଣି କ'ଣ ? ଟିକିଏ ମୁହଁ ବୁଲେଇ ଦେଇ ସେ କହିଲା – ଏଇବା, ତମ ଯାତରାରେ ଆଜି କାଲି କଣ ହିରୋ, ହିରୋଇନ୍ ସବୁ ହଉନାହାନ୍ତି ? ଏବେ କମଳପୁରରେ ପାଟପୁର ଦଳ ନାଟ କରୁଚି । ଶୁଣିଚି ସେଇଥିରେ ସେ ଯିବ । ପୁଅ ନାଟକରୁଚି ବୋଲି ଫୁଲେଇ ମା'ର କମ୍ ରଂଗ, କମ୍ ଢଂଗ ।

ହଉ ନାଟକରୁ । ଭଲ କଥା । ଘରକୁ କଣପାଇଁ ଆସୁନି ?

ହଁ, କେତେବେଳେ କେମିତି ଆସୁଚି । ସକାଳ, ଖରାବେଳ, ରାତିଅଧ, କିଛି ଠିକ୍ ଠିକଣା ନାଇଁ । ସବୁବେଳେ ତ ସେଇ ଶଶୁର ଘରେ ।"

"ସ୍ତ୍ରୀର ଅବସ୍ଥା ଏମିତି । ଶଶୁର ଘରେ କରୁଚି କ'ଣ ?"

"କ'ଣ ଆଉ କରିବ ? ରହିଚି । ଯେତେବେଳେ ଆସୁଚି, କେତୀ ଚଢ଼ୋଉଚି ଗାଳି । ମାରି ଗୋଡ଼ୋଉଚି । ଆଜି ଦେଖିବୁ ରହ । ଏମିତି ମରଦ ଯେ, ସ୍ତ୍ରୀକୁ ଦେଖି ନୁରୁଚି । ତା ଆଗକୁ ଯାଉନି । ଛି !"

ଆଚ୍ଛା, ବାପ ଘରୁ କଣ କେହି ଦେଖିବାକୁ ଆସୁନାହାନ୍ତି ? ନେଇଯାଉନାହାନ୍ତି ତାଂକ ଘରକୁ ।

Digitized by PPRACHIN, SOA

କିଏ ଆଉ ଆସିବ ଯେ ! ଘରେ କିଏ କି ? ବଡ଼ବୋଉ – ସାନଶଳା। ଆସୁଚନ୍ତି ନ ଆସିଲାପରି। ଦେଖୁଦେଇ ଚାଲିଯାଉଚନ୍ତି । ସେମାନେ ବା କଣ କରିପାରିବେ ? ତା ତଳ ଭଉଣୀ – ସେଇ ସେବତୀ, ଥରେ ଆସିଥିଲା । ଏ କେତୀ ଯେମିତି ତାକୁ ଦେଖିଚି, ବକିଗଲା ତ । ଏମିତି ଅକଥାସବୁ କହିଲା ଯେ, କାନରେ କି ପାଟିରେ ପଶିବନି । ଛି, ଝିଅଟା କାନ୍ଦି କାନ୍ଦି ପଳେଇଲା । କାହାକୁ ମୁହଁ ଦେଖାଇ ପାରିଲାନି । ଆଉ ଜୀବନରେ ବି ଆସିବନି ।

ଠିକ୍ ଅଛି, ତାକୁ ଡାକ୍ତରଖାନା ନଉନାହାନ୍ତି କାହିଁକି ?

ବୋଉ ବିରକ୍ତ ହେଇ କହିଲା – ହୁଣ୍ଡାଟା, ତୁ ବୁଝୁନୁ । ତାକୁ ଡାକ୍ତରଖାନା କ'ଣ ପାଇଁ ନେବେ ? ରୋଗ ହେଇଚି ନା କ'ଣ ? ଆଜି ରାତିରେ ନାଟ ଦେଖିବୁ ରହ । ଗୋଟାଏ ନୁହଁ, ହଳ ହଳ ହେଇ ଚାରି ପାଂଚଟା ତାକୁ ଗ୍ରାସିଲେଣି । ପଲଟାଯାକ ଆସୁଚନ୍ତି ଖରାବେଳକୁ ଯେ, ଯାଉଚନ୍ତି ରାତି ପାହାନ୍ତା ପହର । ଝିଅଟାର ରକତ ମାଉଁସ ଖାଇଲେଣି । ଆଉ ବଂଚିବନି । ଦେଖିବୁ ରହ ।

।। ତିନି ।।

ରାତି ପ୍ରାୟ ଆଠଟା ନଅଟା ବେଳକୁ ଘର ଭିତରେ କେତୀର ଅସଲ ନାଟ ଆରମ୍ଭ ହୋଇ ଯାଇଥିଲା । ସାଇଯାକର ମଣିଷ ଦୁଆର ଓ ଲଂଘାରେ ଜମା ହୋଇଯାଇଥିଲେ । ଦୁଆର ମଝିରେ ବସିଥିଲେ ଗୁଣିଆ । ଭୂତ ଭୂତୁଣୀ ଛଡ଼ା – ବିଧି ବିଧାନର ଆୟୋଜନରେ ସେ ବ୍ୟସ୍ତ ଥିଲେ । ତାଂକ ପଛରେ ଠିଆ ହୋଇଥିଲା ପରୀକ୍ଷିତ ଓ ଟିକିଏ ଛାଡ଼ି ବସିଥିଲେ ନୂଆଉ । ଦୁଆରପିଣ୍ଡାରେ କାଂଥକୁ ଆଉଜି ବସିଥିଲା କେତୀ । ଗୁଣିଆଂକ ଆଡ଼କୁ ଚାହିଁରହିଥିଲା ଏକ ଲୟରେ । ତା ମୁହଁରେ ଫୁଟିଉଠୁଥିଲା ରହସ୍ୟମୟ ହସ । ପୂଜାର ଆୟୋଜନ କରିସାରି ମଂତୁରା ବେତ ହାତରେ ଧରି କେତକୀ ଆଡ଼କୁ ଲକ୍ଷ୍ୟ କରି ସେ କହିଲା – ମା' "ମୋ ପାଖକୁ, ଏଇଠିକି ଟିକେ ଆ'ତ ।"

ଦେଖ୍ ମା, ଏଇଠିକି ଆ । ବସ । ମୁଁ ଯାହା କଉଚି, କର । ଭଲରେ ଭଲରେ ଚାଲିଯା । ମୁଁ କିଛି କରିବିନି । ତୁ କିଏ ମୁଁ ଭଲକରି ଜାଣିଚି । ମୋ ହାତରୁ କେହି ବର୍ତ୍ତିଯାଇପାରିନାହାନ୍ତି । ତୁ କିବା ମାତର । ଆ । ଆ କଉଚି ।

କେତୀ ଟିକେ ହସିଦେଇ କହିଲା – ଯା, ଯା । ତୋ ପରି କେତେ ବୃଷଭ ଦେଖିଛି । କଣ କରୁଚୁ କର ।

ସେ ଉଠି ଠିଆହେଲା । ଦିଇ ହାତ ଉପରକୁ ଟେକି ଭିଡ଼ିମୋଡ଼ି ହେଲା । ଗୁଣିଆ ଆଗରେ ଚକାପକେଇ ବସିପଡ଼ିଲା, ସୁନା ଝିଅଟି ପରି ।

କଟମଟ କରି ଅନିଷା କଲା ପରୀକ୍ଷିତ ଆଡ଼କୁ । ପରୀକ୍ଷିତର ପୌରୁଷ ପ୍ରତି ଏ ଚାହାଣି ଥିଲା ଏକ ଅସହ୍ୟ ଆହ୍ୱାନ ।

ସେ କହିଲା – ରହ, ତତେ ଦଉଚି, ଚାଉଁଚୁ କ'ଣ ?

Digitized by PPRACHIN, SOA

ତାର ଉତ୍ତରରେ କି ରହସ୍ୟ ନୁଚି ରହିଥିଲା କେଜାଣି, ଚିହିଁକି ଉଠିଲା କେତୀ । ଧଡ଼ାସ କିନା ଠିଆହୋଇପଡ଼ିଲା । ଅଂଟାରେ ଲୁଗା କାନି ଭିଡ଼ିଦେଇ କହିଲା – କ'ଣ କରିବୁ ? କଣ ଦବୁ ? ଦେଲୁ । ଯୋଗଣିଖିଆ ତୋ ପୁରୁଷପଣ ଜାଣିନି ? ଯା ଯା ଶ୍ୱଶୁରଘରେ କୁଉା ହବୁ ଯା । ସେଇଠି ଆଉ କାହାକୁ ଧରି ଶୋଇବୁ । ଖାଇବୁ । ମରଦ ହେବୁ । ମାଇକିନାକୁ ପୋଷିପାରୁନୁ, ଛି ? ଥୁ । ନଣ୍ଡାଏ ଛେପ କେତୀ ମୁହଁରୁ ପିଚିକି ହେଇ ପଡ଼ିଲା ମାଟି ଉପରେ । ପରୀକ୍ଷିତର ପୌରୁଷ କେତୀର ଏ ଆହ୍ୱାନକୁ ସହି ପାରିଲାନି । ବିଜୁଳି ବେଗରେ ଧାଇଁଗଲା କେତୀ ପାଖକୁ । ତା ଲଂବା ଓ ଗହଳା ବାଳକୁ ଦୈତ୍ୟପରି ହାତରେ ମୁଠାଇ ଧରିଲା । ଶକ୍ତ ହାତ ଉଠିଯାଇଥିଲା ତା' କଅଁଳ ଗାଲ ପାଖକୁ ।

ମୁଁ ତାକୁ ପେଲିଦେଇ କହିଲି – ଯା ଯା, ତୋ କାମ ତୁ କର । ପୌରୁଷ ଦେଖାନା । ତତେ କଣ ମଣିଷ ଦୁଶୁନାହାନ୍ତି ?

ଅସ୍ୱାଭାବିକ ନିରବତା ଛାଇ ଯାଇଥିଲା ପରିବେଶରେ । କୁନିନୂଆଉ ପ୍ରତିବାଦସୂଚକ ସ୍ୱରରେ କହିଲା – ତୁ ଜାଣିନୁ ଦେବ, ତାକୁ ଡାଆଣୀଫାଆଣୀ କିଛି ଲାଗିନି । ସିଆଣୀ । ନିଜେ ତ ଡାଆଣୀ । ତା ପାଖକୁ ଡାଆଣୀ କାଇଁକି ଆସିବ ମ ? ବରକୁ ଖାଇଲା । ଝିଅକୁ ଖାଇଲା । ଘରେ ତ କାଆକୁ ରଖେଇ ଦଉ ନ ଥିଲା । ବଦମାସ, ମାଡ଼ରେ ସାବାଡ଼୍ ହେବ ।

କେତୀ ଆଉରି ଚଢ଼ାଗଳାରେ କହିଲା – ରହ, ତତେ ଖାଇବି, ତୋ ବଂଶକୁ ଖାଇବି । ଖାଇ ସଫାକରିବି । ତାପରେ ଯାଇଁ ଯିବି । ମତେ କଣ ବିଲି ଭାବିଚ କି ? ମାରିବ । ମାର । କେତେ ତ ମାରିଚ । ସହିଚି । ଆଉ କେତେ ମାରିବ ! ତତେ କଣ ମୁଁ ଜାଣିନି ? କମ୍ ଖଣ୍ଡେ । ରସିକମଣି । ଫୁଲେଇରାଣୀ । ଏ ବୁଢ଼ୀ ବଅସରେ ଏ ବେଶ । ନାଜ ଘର ମାଡ଼ିନି ଲୋ ମା' । ଦେଖ ତାକୁ । – କେତୀର କଥାଗୁଡ଼ାକ ସତରେ ଥିଲେ ଅଶାଳୀନ, ଅସ୍ୱାଭାବିକ ଓ ଅସତ୍ୟ ।

କେତୀର ଦେଢ଼ସୁର ଗୋପାଳ, ଯିଏ ମୋରି ଅନୁରୋଧରେ ତା ପାଖକୁ ଆସିଥିଲା, କହିଲା – "ବୁଝିଲ ଦେବକା, ତାର କିଛି ହେଇନି । ଏସବୁ ପେଖନା, ଚାଲିଯିବ ।"

କେତୀ ପୁଣି ରାଗରେ ଫାଟିପଡ଼ି ଯବାବ ଦେଲା – "ପେଖନା ତମ ବୁନିଆଦିର ଗୁଣ । ଭାବିଚ, ତମକୁ ମୁଁ ଜାଣିନି ? ନିଜର ସମ୍ମାନ ଜଗ । ନଇଲେ ତମ ପେଟରୁ ଗୁହ ବାହାର କରିଦେବି । ଏମିତି ଗଂଧେଇବ ଯେ, ଏଠି କେହି ବିଲି କେହି ରହିପାରିବେନି । ହିଁ ।

ବଡ଼ ନୂଆଉ ପୁଅର ଅପମାନକୁ ସହିପାରିଲାନି । କହିଲା – ଗୋପାଳ, ତୁ ଗଲୁ ବାପା ଏଠୁ । ଏଇଟା ସୁଉଦୁ ଛୋପରୀଟା । ଛତରୀ । କାହାରି ଇଜ୍ଜତ ରଖିବନି । ଚାଲ ।

Digitized by PPRACHIN, SOA

କେତୀ ମୁହଁ ମୋଡ଼ିଦେଇ କହିଲା - ମଲା ମୋର, ତମକୁ କିଏ ଡାକିଥିଲା ନା କ'ଣ ମ ! ଗାଁଟା ଯାକର ଘରକୁ ତ ଭାଂଗିଲ । ସମତଂକ ଘରର ଗୁହ ନଂଡାଗୁଡ଼ାକୁ ନେଇ ତ ଘରେ ପୂରେଇଲ । ଜମି କଲ । କୋଠା କଲ। ସବୁ ଖାଇଗଲ । ଆଉ କେତେ ଖାଇବ । ମ ?

ନୂଆଉ ରାଗରେ ଫାଟିପଡ଼ି କହିଲା - କୋଉଠୁ ଏ ପୋଡ଼ାମୁହାଁଟା ଆସିଚି କେଜାଣି ? ଗାଁର, ସାଇଭାଇର ନାଁ ପକେଇଲା । ଛି । ଅଲାଜୁକୀଟା ।

କେତୀ ଆଉରି କ'ଣ କହିବାକୁ ଖଲବଲ ହେଉଥିଲା । ସତେ ଯେମିତି ସବୁ ମଣିଷଂକ ଗୁମର କଥାଗୁଡ଼ାକ ତାକୁ ଜଣା । ତାକୁ ଡାଆଣୀ କି ଭୂତଫୁତ କିଛି ଲାଗି ନାହାନ୍ତି । ଘରେ ନାଟ ଲାଗିଛି ।

କଥାକୁ ଆଉ ବଢ଼ିବାକୁ ନ ଦେଇ କହିଲି - ଠିକ୍ ଅଛି, ତାର ଯାହା କହିବା କଥା କହୁ । କହିକହି ଆପେଆପେ ଚୁପ୍ ହୋଇଯିବ ।

କଣ କଇଲ ? ଚୁପ୍ ହୋଇଯିବି ? ମୁଁ କାଇଁକି ଚୁପ୍ ହେବି ? ମତେ ଚୁପ୍ କରିବାକୁ କିଏ ଅଛିମ ଖଣ୍ଡମଣ୍ଡଳରେ ? କହିଲା କେତୀ ।

କୁନିନୂଆଉ ମୋ ହାତଧରି ଘୋଷାରି ନେଇ କହିଲା - ଦେବ, ଥାଉ । ସେ ବାରବୁଲୀ ଛତରୀ, ବେଭିଚାରିଣୀ ସାଂଗରେ କଥା ହନା, ଇଜ୍ଜତ ଯିବ ।

ନୂଆଉ ମୁହଁରୁ କେତୀ ଏ କଥାଗୁଡ଼ାକ ଶୁଣି ଫଁ କରିଉଠିଲା । ଯେମିତି ପାହାରଖିଆ ଅଂଟାଭଂଗା ଗୋଖୁରିଣୀ । ଅଂଟାରେ ଲୁଗାକାନି ଭିଡ଼ିଦେଇ କହିଲା - କଣ କହିଲ, ଆଉ ଥରେ କହିଲ ? ମୁଁ ଛତରୀ, ଦୋଚାରୁଣୀ, ମାନେ ବେଧେଇ । ତମେ ଭଲ । ସତୀ । ବୁଝିଲ, ମୋର ଗୋଟାଏ । ସେଇଟା ତମ ବଜାରୀ ପୁଅ । ମୋ ଦେବ କକେଇଙ୍କର ବି ଗୋଟାଏ । ଏଇଖିଣା ତାଂକ ଆଗରେ ତୁ ଭଲେଇ ହଉଚୁ । ତାଂକୁ କଣ କଉଥିଲୁ ମୁଁ ଜାଣିନି ବୋଲି ଭାବିଚୁନା ? ବୁଝିଲୁ, ଗାଁ ଦାଣ୍ଡରେ ଗଲାବେଳେ ତଳକୁ ମୁହଁପୋତି ଯାନ୍ତି । କା ମୁହଁକୁ ଚାହାନ୍ତିନି ? ଜଣକୁ ଭଲ ପାଇଲେ, ବାହାହେଲେ ତାଂକୁ । କଣ କଉଥିଲ କହିବି ? ଆରେ ନିଜେ ବାରବୁଲୀ । ମତେ କହିବେ ତୁ -। ନାଜନାଇଁ ତମ ମୁହଁକୁ । ବୋହୂକୁ ଏ କଥା କଉଚ ?

ମୁଁ ଏଥର ଚଢ଼ାଗଳାରେ କହିଲି - କେତି, ଚୁପ୍ ହବୁନା ଦେଖିବୁ ? ଦେଖେଇ ହଉଚି । ଗୋଟାଏ ଚାପୁଡ଼ାରେ ଭୂତଫୁତ ଛାଡ଼ି ପଳେଇଯିବେ । ଦେଖିବୁ ?

ଟିକିଏ ଆଗରୁ ମୋର ପ୍ରଶଂସା କରୁଥିବା କେତି ମୋ ଉପରକୁ ଫଁ କଲା । ମୋ ଆଡ଼କୁ କେଇ ପାଦ ଆଗେଇ ଆସି କହିଲା - "ମାରିବ, ମାରୁନ ରସିକ ପ୍ରବର । ମାର । ମୁଁ ତ ନିଦା ମାଡ଼େଇ ।"

ଠାସ୍, ଢୁଲ୍ ।

କେତୀ ତୁଣ୍ଡରୁ ଏଇ କେଇପଦ କଥା ଶେଷ ନ ହେଉରୁ ସମସ୍ତଂକ କାନକୁ ଏଇ ଦୁଇଟି ମାତ୍ର ଶବ୍ଦ ଆଶ୍ଚର୍ଯ୍ୟ କରିଦେଇଥିଲା। ମାଟି ଉପରେ ଶୋଇଯାଇଥିଲା କେତୀର

Digitized by PPRACHIN, SOA

ଅସାଡ଼ ଦେହ । ଏମିତି ଏକ ଘଟଣା ଏତେ ଆକସ୍ମିକ ଭାବରେ ଘଟିଯିବ ବୋଲି କେହି କଳ୍ପନା ବି କରିନଥିଲେ ।

ସେତେବେଳକୁ ସମସ୍ତେ ଘେରି ଯାଇଥିଲେ ବିଚାରୀକୁ । ବାହାର ପବନ ଟିକେବି ତା ପାଖକୁ ଛାଡୁନଥିଲେ । ସମସ୍ତଂକୁ ଆଡ଼େଇ ଦେଇ ମୁଁ ତା ପାଖକୁ ଆସିଲି । ପାଖରେ ବସି ମଥାକୁ ନେଇ କୋଳରେ ରଖିଲି । ଟିକେ ଆଗରୁ ଦପଦପ ହୋଇ ଜଳୁଥିବା ତା ଆଖି ଯୋଡ଼ିକ ପଲକହୀନ ଭାବରେ ଚାହିଁ ରହିଥାଏ କୋଉ ଦୂରନ୍ତ ଭବିଷ୍ୟତକୁ । ଦାନ୍ତ ଜାବ ପଡ଼ିଯାଇଥାଏ । ପାଖରେ ଥୁଆହେଇଥିବା ଗୁଣିଆଂକ ଢାଳରୁ ପାଣି ଆଣି ତା ମଥାରେ ଦେଲି । ଚାମୁଚରେ ତା ଦାନ୍ତର ଜାବ ଖୋଲିବାକୁ ଚେଷ୍ଟାକଲି । ଅଦା ଛେଚି ତା ପାଟିରେ ଗୁଂଜିଲି । ବିଂଚିଦବାକୁ ବୋଉକୁ କହିଲି।

ଏଇ ସୁଯୋଗରେ ମହାମାନ୍ୟ ଗୁଣିଆ ବି ଆରମ୍ଭ କରିଦେଇଥିଲେ ତାଂକର ପୂଜାପାଠ । ପ୍ରାୟ ଅଧଘଂଟାଏ ପରେ ବିଚାରୀ ଆଖି ଖୋଲିଲା । ମୋ କୋଳରୁ ଉଠି ବସିଲା । ଲୁଗାକାନିରେ ମୁହଁ ପୋଛିଲା । ହାତ ଦୁଇଟିକୁ ଉପରକୁ ଟେକି ଭିଡ଼ିମୋଡ଼ି ହେଲା । ସତେ ଯେପରି ଅନେକ ସମୟ ଧରି ଶୋଇପଡ଼ିଥିଲା ଗହମ ନିଦରେ । ଏବଂ, କହିଲା – ଆଉ ପାରିବିନି । ଯିବି ।”

ତା ତୁଣ୍ଡରୁ ଯିବା କଥା ଶୁଣି ଗୁଣିଆ ଟିକିଏ ହସିଲେ । କହିଲେ – ଏଥର ମହାତ୍ମାଣୀ ଯିବନା ? କଣ ନେଇକରି ଯିବେ କୁହନ୍ତୁ ? ପାଣି ଗରା, କୁଲା ନା ଛାଞ୍ଚୁଣି ।

କିଛି ନାଇଁ । – ତା ସ୍ୱରରେ ଅବ୍ୟକ୍ତ ଆବେଗର କୋହ ।

ତା ଚାରିପାଖରେ ଥୁଆ ହୋଇଥିଲା ଛାଂଚୁଣି, କୁଲା ଓ ପାଣି ଭର୍ତ୍ତି ଗରା । ଦାନ୍ତରେ ଗରାର ଫନ୍ଦକୁ ଧରି ସେ ଉଠି ଠିଆହେଲା । ଆସ୍ତେ ଆସ୍ତେ ଚାଲିବାକୁ ଆରମ୍ଭ କଲା । ଭାରି ସହଜ ଓ ଧୀର ଥିଲା ତାର ଚାଲି । ଏବଂ, ବାରିଆଡ଼ ତେଂତୁଳି ଗଛ ମୂଳରେ ଗଛକାଟିଲା ପରି ପଡ଼ିଗଲା । ତାକୁ ଗ୍ରାସିଥିବା ଭୂତ ଓ ଭୂତୁଣୀମାନେ ବାଟ ନ ପାଇ ବୋପାଲୋ ମାଆଲୋ ହେଇ ପଳେଇଗଲେ ଯେଝା ସୁଖରେ । ଏବଂ ଗୁଣିଆ ମହାରାଜ ଘରର ଚାରିପାଖରେ ଚାରୋଟି ମଂତୁରା କଂଟା ବାଡ଼େଇ ସେମାନଂକ ଆସିବାର ବାଟ ବଂଦ କରିଦେଇଥିଲେ । ସେମାନେ ଆଉ ଏ ଗାଁକୁ ଆସି ପାରିବେ ନାଇଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ମୁହଁରେ ତାଂକର ଖେଳିବୁଲୁଥିଲା ଆଶ୍ୱସ୍ତି ଓ ବିଜିତର ହସ ।

ମୁଁ ଶୁଣିଥିଲି ଭୂତୁଣୀ, ଭୂତମାନେ ଘଟ ଛାଡ଼ି ଗଲାବେଳେ ଏମିତି ପଦାର୍ଥମାନ ନିଜ ସାଥିରେ ନେଇଯା'ନ୍ତି । ମାତ୍ର ଦେଖି ନ ଥିଲି ନିଜ ଆଖିରେ । ଏଡ଼େ ବକଟେ ଦୁର୍ବଳିଆ ଝିଅ, ପାଣିଭର୍ତ୍ତି ଗରାଟିକୁ ଏତେ ସହଜରେ ଯେ ଦାନ୍ତରେ ବୋହି ନେଇପାରେ – ବିଶ୍ୱାସ କରିପାରୁ ନଥିଲି ନିଜ ଆଖିକୁ ।

Digitized by PPRACHIN, SOA

ସେଦିନ ରାତିରେ ମୁଁ ଶୋଇ ପାରିନଥିଲି । ପ୍ରାୟ ଅଠର ଘଂଟାର ବସ୍‌ଯାତ୍ରା, ରାତିଅଧ ପର୍ଯ୍ୟନ୍ତ କେତୀ-ନାଟକ ଦେଖାର କ୍ଳାନ୍ତି ତଥାପି ମତେ ଅକ୍ଳାନ୍ତ କରି ଦେଇଥିଲା । ସବୁକିଛି ମନେହେଉଥିଲା ସପନ ପରି ।

ମନେ ମନେ ଭାବୁଥିଲି - ବିଚାରୀ ଭଲ ହେଇଯା'ନ୍ତା କି ?

ମୋର ଆନ୍ତରିକ ଅନୁରୋଧକୁ ଭୂତ, ଭୂତୁଣୀ କି ମହାମାନ୍ୟ ଈଶ୍ୱର କେହି ଶୁଣିବାକୁ ଯେପରି ପ୍ରସ୍ତୁତ ନ ଥିଲେ । ବରଂ, ଭୂତେଶ୍ୱର ଏବଂ ତାଙ୍କ ଈଶ୍ୱରୀମାନେ ଅଧିକ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ କେତୀ ବିରୋଧରେ । ତା ପରଦିନ ସକାଳୁ ସକାଳୁ ସେମାନେ ମିଳିତ ଭାବରେ ସବାର ହୋଇଥିଲେ ତା' ଉପରେ । ସେମାନଙ୍କ ତାପରୁ ଆପଣାକୁ ରକ୍ଷାକରିବାପାଇଁ ଅବଶ୍ୟ କେତୀ କେତେକ ପଦକ୍ଷେପ ନେଇଥିଲା । ଗୁଣିଆ ମହାରାଜାଂକ ମଂତୁରା କଟୁରୀ ହାତରେ ଧରି ନୂଆ ଗାଡ଼ିଆକୁ ଗାଧୋଇବାକୁ ଯାଇଥିଲା । ତା ସହିତ ଯାଇଥିଲା କବିତା । ମାତ୍ର କଟୁରୀ କୂଳରେ ରଖି ଗାଧୋଉଥିବା ବେଳେ, ସୁଯୋଗର ଅପେକ୍ଷାରେ ଥିବା ଭୂତ ଓ ଭୂତୁଣୀମାନେ ତାକୁ ଗ୍ରାସିଯାଇଥିଲେ । ପୂରିଲା ଗଡ଼ିଆର ମଝିରେ ସେ ମନ ଭରି ପହଁରୁଥିଲା । କୂଳକୁ ଆସୁ ନଥିଲା । କିଛି ଉପାୟ ନ ପାଇ କବିତା ଆସି ଖବର ଦେଇଥିଲା ଘରେ । ଏବଂ, ସାଇଯାକର ଲୋକେ ଉଠିଯାଇଥିଲେ ଗାଡ଼ିଆକୂଳକୁ । ଭୂତୁଣୀମାନେ ଗଡ଼ିଆ ଭିତରେ ତାକୁ ଯଦି ଖେଳେଇ ଖେଳେଇ ବୁଡ଼େଇ ମାରିଦିଅନ୍ତି !! ଅନୁରୂପ ଆଶଂକା ମଧ ମତେ ଆଂତକିତ କରିଥିଲା । ଗଡ଼ିଆକୂଳକୁ ଯିବାକୁ ମୁଁ ବାହାରିଥିଲି । ମାତ୍ର ପାରିଲିନି । ସଂକୋଚବୋଧ ମୋ ପାଦର ଶିକୁଳି ହୋଇ ବେଢ଼ିଯାଇଥିଲା । ମୋ ଆଖି ଆଗରେ ନାଚି ଉଠୁଥିଲା ଏକ ପୂର୍ଣ୍ଣ ଯୌବନା, ଜଳକେଳି ପ୍ରମତ୍ତା ନାରୀର ଛବି । ମାତ୍ର ମୋର ଆଶଂକା ଅମୂଳକ ବୋଲି କିଛି ସମୟ ପରେ ପ୍ରମାଣିତ ହୋଇଥିଲା । ପୋଖରୀରୁ ଉଠି ହାତରେ କଟୁରୀ ଧରି କେତୀ ଯାଇଥିଲା ପ୍ରାୟ ଡାକେ ବାଟ ଦୂରରେ ଥିବା ବାଘୁଆ ଦଣ୍ଡାକୁ, ସେଇ ଓଦାଲୁଗା ଜଡ଼ସଡ଼ ଦେହରେ । କିଆବୁଦା ଭିତରୁ ସେ କଣ ସବୁ ବିଚିତ୍ର ପଦାର୍ଥ ସଂଗ୍ରହ କରିଥିଲା । ସେଠୁ ଫେରି ପୁଣି ଖୋଜିଯାଇଥିଲା ଆମ ଗାଁକୁ ଲାଗି ରହିଥିବା ଚାକୁଣ୍ଡାମାଳର କିଆବୁଦାଗୁଡ଼ିକୁ । କୋଉ ହୁଙ୍କା ସନ୍ଧିରୁ ସଂଗ୍ରହ କରିଥିଲା କେଇକେରା ଅଡୁଆ ବାଳ, କଳା କନା, ସିନ୍ଦୂର ଓ ମଉଳା ମଂଦାର ଫୁଲ । ସଂଗୃହୀତ ସଂପତ୍ତିସବୁକୁ ଆଣି ଭାଗବତ ଘରର ଦୁଆରମୁହଁରେ ଥୋଇଦେଇଥିଲା । ଏବଂ ପ୍ରମାଣ କରିଦେବାକୁ ଚାହିଁଥିଲା ଯେ, ସେ ନିର୍ଦ୍ଦୋଷ । ତାକୁ ଜୀବନରେ ଶେଷ କରିଦେବାଲାଗି ଏହା ଥିଲା କେତେକ ଅସହିଷ୍ଣୁଙ୍କ ଚକ୍ରାନ୍ତ ।

ମୋତେ କିନ୍ତୁ ସବୁକିଛି ଜଣା ପଡୁଥିଲା ରହସ୍ୟମୟ । ପରୀକ୍ଷିତ, କେତକୀ, ନନା, ନୂଆଉ, ଡାଆଣୀ, ଭୂତ, ଭୂତୁଣୀ କି ଗୁଣିଆ, ସମସ୍ତଂକୁ ବୁଝିବାକୁ ଚେଷ୍ଟାକରି ହାରିଯାଉଥିଲି । ନିସ୍ପୃହତା ଓ ଅସହାୟତାବୋଧ ମତେ ଯେମିତି କାବୁ କରି ନେଇଥିଲା ।

Digitized by PPRACHIN, SOA

ସେଦିନ ବି ସେମାନେ କେତୀକୁ ଗ୍ରାସ କରିଥିଲେ । ଗୁଣିଆ ବି ଆସିଥିଲା - ମହାଗୁଣିଆ । ଏ ମାହାଗୁଣିଆର ଖାସ୍ ବ୍ୟବସ୍ଥା କରିଥିଲା ପରୀକ୍ଷିତ । ବ୍ରହ୍ମରାକ୍ଷସ ଓ ପଠାଣଭୂତଂକ ପରି ଶଇତାନମାନଂକୁ ବଶୀଭୂତ କରିବା ପରି ଅଭାବିତ ଶକ୍ତିଥିଲା ତାଂକର । ସେ ଗେରୁଆ ରଂଗର ଲୁଗା ପିନ୍ଧିଥିଲେ । ବେକରେ ପକେଇଥିଲେ ରୁଦ୍ରାକ୍ଷ ଓ ବାଘନଖର ମାଳା । ହାତରେ ଥିଲା ଚୁମୁଟା, ବେତ ଓ ଖପୁରୀ । ଆଖି ଦୁଶୁଥିଲା ମଂଦାରଫୁଲ ପରି ଲାଲ ଲାଲ । ସାହିରୁ ସେ ସମସ୍ତଙ୍କୁ ବାହାର କରିଦେଇ, କେବଳ ପରୀକ୍ଷିତ ସହିତ କେତୀକୁ ଧରି ତାଂକ ଶୋଇବାଘର ଭିତରକୁ ଯାଇଥିଲେ ଏବଂ ଫେରିଆସିଥିଲେ ପ୍ରାୟ ଘଂଟାଏ କି ଦେଢ଼ ଘଂଟା ପରେ । ସାଧକ ଓ ପରୀକ୍ଷିତ କେତୀକୁ କି ମଂତ୍ରରେ ବାନ୍ଧି ଦେଇଥିଲେ କେଜାଣି - ସେମାନେ ବାହାରକୁ ଆସିଲାପରେ, ସେ କେତୀକୁ ପଚାରିଥିଲେ - ତୁ ଏଥର କଣ ନେବାପାଇଁ ଚାହୁଁଚୁ - ପ୍ରକାଶ କର ଏବଂ ନେଇଯା । ଅସ୍ୱାଭାବିକ ଭାବେ ପରିଶ୍ରାନ୍ତ ଓ ଉଦାସ ଦୁଶୁଥିବା କେତୀ ଛୋଟ ପିଲାଙ୍କ ପରି କଇଁ କଇଁ ହେଇ କାଂଦି କାଂଦି କହିଥିଲା - ମତେ ମୋ ଜନ୍ମେଜୟକୁ ଦେଇ ଦିଅ । ଏଘରୁ, ସାଇରୁ ସବୁଦିନପାଇଁ ଚାଲିଯିବି, ଆଉ ଜୀବନରେ ଫେରିବିନି । ତମ ସମସ୍ତଂକ ପାଦ ଧରୁଚି ।

ବଡ଼ କରୁଣ ଭାବରେ ସେ ଚାହୁଁଥିଲା ପରୀକ୍ଷିତକୁ । କିଛି କହି ପାରୁନଥିଲା ।

ମାତ୍ର ତାର ଏ ପ୍ରସ୍ତାବକୁ ସଗର୍ବରେ ପ୍ରତ୍ୟାଖ୍ୟାନ କରିଥିଲେ ନୂଆଉ ଓ ନନା । ଶେଷକୁ ନୂଆଉ ତା ହାତରେ ଧରେଇ ଦେଇଥିଲେ ସାବିତ୍ରୀ ବ୍ରତରେ ପୂଜାପାଉଥିବା କଣ୍ଢେଇ ଏବଂ ବେକରେ ତଂଟିଆ ମାରି ଘରୁ ବାହାର କରିଦେଇଥିଲେ ତାକୁ । ଅବିଚାରର ପ୍ରତିବାଦ କରିବାପାଇଁ ସକଳ ସାମର୍ଥ୍ୟ ହରେଇଥିବା କେତୀ ଦାଣ୍ଡ ଦୁଆରମୁହଁରେ ଅଜାଡ଼ି ହୋଇ ପଡ଼ିଥିଲା - ଯେମିତି ଟୋକେଇଏ ମାଟି - ଧର୍ଷିତା, ମୂର୍ଚ୍ଛିତା । ବୋଉ, ସତୀ ଓ ଅନ୍ୟମାନେ ବେଶ୍ କିଛିଦିନ ଧରି ଦୁଆରମୁହଁରେ ଚାଲୁଥିବା ଏକ ରୋମାଂଚକର ନାଟକର ଶେଷଦୃଶ୍ୟର କରୁଣ ପରିଣତିକୁ ଅନୁଭବ କରୁଥିଲେ ସୁଦ୍ଧା କେଜାଣି କାହିଁକି ନିର୍ବାକ୍ ହୋଇଯାଇଥିଲେ ।

ଏବଂ ଆଶ୍ଚର୍ଯ୍ୟର କଥା - ତା' ପରଦିନ କେତକୀ ଏବଂ ତାକୁ ବାରମ୍ବାର ସଂକ୍ରମଣ କରୁଥିବା ଭୂତ ଓ ଭୂତୁଣୀମାନେ ଆମ ସାହିରୁ କେଉଁଆଡ଼େ ଅଦୃଶ୍ୟ ହୋଇଯାଇଥିଲେ ।

ଖରାଦିନ ଛୁଟି ପରେ ଚାକିରି ଜାଗାକୁ ଫେରି ଆସିଥିଲି । ଯେଉଁ କେତୋଟି ଦିନ ରହିଥିଲି, ସେଇ ଦିନମାନଂକରେ କେତକୀ ଅଦୃଶ୍ୟ ହୋଇଯିବା ସଂପର୍କରେ ଶଗଡ଼େ ଶଗେଡ଼ ଚିଉଚିଆଁ କାହାଣୀ ଆମ ଅଂଚଳର ପରିବେଶକୁ ଏକ ପ୍ରକାରର ଉଷ୍ଣ କରି ରଖିଥିଲା । ନନା, କୁନି ନୂଆଉ, ପରୀକ୍ଷିତ, ତ୍ରାଂତିକ ମହାରାଜ ସମସ୍ତେ ସନ୍ଦେହର ଜାଲ ଭିତରେ ଆପଣା ଆପଣାର ଅସହାୟବୋଧକୁ ସାବ୍ୟସ୍ତ କରୁଥିଲେ । ଲୁହ ଲହୁରେ ବିଚାରୀକୁ କେତେ କରି ଖୋଜୁଥିଲେ । ଆହା - ଆହା, ଚୁ - ଚୁ ଶବ୍ଦରେ

Digitized by PPRACHIN, SOA

ମହାଦାମ୍ଭିକମାନଙ୍କର ହୃଦୟକୁ ବି ଓଦା କରିଦେଉଥିଲେ । ମାତ୍ର ସେମାନଙ୍କ ଆହା ଆହା ନାଦ ଭିତରେ ଯେପରି ପ୍ରତିଧ୍ୱନିତ ହେଉଥିଲା - ଶାନ୍ତି, ଶାନ୍ତି, ଶାନ୍ତି । ପୋଡ଼ାମୁହାଁ ଆପେ ତ ପୋଡ଼ିଗଲା ଏବଂ ପୋଡ଼ିହେବାର ଆତଂକରୁ ମଧ୍ୟ ମୁକ୍ତକରିଥିଲା ଅନ୍ୟମାନଂକୁ ।

ସେଇ କେତକୀ, ଆଜି ପୁଣି ମୋ ପାଖରେ । କ'ଣ ପାଇବାର ଆଶା ନେଇ ଆସିଚି ମୋ ପାଖକୁ ? ଏଇ ବର୍ଷଗୁଡ଼ିକ ଭିତରେ କିଛି କମ୍ କ୍ଷତ ସୃଷ୍ଟି ହୋଇନି ତ ଆମମାନଙ୍କ ଜୀବନରେ !

ହଁ, ଅଦୃଶ୍ୟ ହୋଇଗଲା ପରେ ସେ ଯେ ପୁଣି ଗାଁକୁ ଫେରି ନଥିଲା ଏକଥା ନୁହେଁ, ଫେରିଥିଲା । କିଂତୁ ଭିନ୍ନ ବେଶରେ । ସେ କେତକୀ ପଣ୍ଡା, କେତକୀ ମିଶ୍ର କି ପୋଡ଼ାମୁହାଁ କେତୀ - କାହାପରି ଦୁଶୁନଥିଲା । ଦିଶୁଥିଲା ବେଶ୍ ଆଧୁନିକା ଓ ପ୍ରଗତିଶୀଳା । ମୁକ୍ତିର ତେଜରେ ଦୀପ୍ତିମୟୀ ଆଦ୍ୟା । ଅପୂର୍ବା ।

ସେ ଦାବି କରିଥିଲା - "ମୋ ଜିତୁକୁ ମୋତେ ଫେରେଇ ଦିଅ ।"

ମାତ୍ର ତା ଦାବିକୁ କେହି ସ୍ୱୀକାର କରି ନଥିଲେ । ଏପରିକି ମାତ୍ର ଦେଢ଼ ବର୍ଷର ଜିତୁ ବି । ଜିତୁ ଉପରେ ଅଧିକାରକୁ କେନ୍ଦ୍ର କରି ନୂଆଉ ଓ ତା ମଧରେ ଗାଁ ଦାଣ୍ଡରେ ଅସାମ୍ବିଧାନିକ ଶବ୍ଦମାନଙ୍କର ଧୂମାଳ ସୃଷ୍ଟି ହୋଇଥିଲା । ଦୁଇ ଅପରାଜେୟ ଶକ୍ତିମୟୀଂକ ତେଜରେ ଆତଙ୍କିତ ହୋଇଉଠିଥିଲେ ଅନ୍ୟମାନେ । ମାତ୍ର ପରୀକ୍ଷିତ କୋଉଠି ଥିଲା କେଜାଣି, ହଠାତ୍ ଦୁଇଜଣଙ୍କ ମଝିରେ ବୀର-ବିକ୍ରମରେ ଠିଆ ହୋଇଯାଇଥିଲା । କେତୀର ଲଂବା ଓ ଗହଳ କେଶକୁ ଭିଡ଼ିଧରି ତା ପିଠରେ ନିଜର ପ୍ରଚଣ୍ଡ ପୌରୁଷକୁ ପ୍ରମାଣିତ କରିଥିଲା । ହେଲେ ଏତେ ସହଜରେ କେତକୀ ସ୍ୱୀକାର କରିପାରି ନ ଥିଲା ପରୀକ୍ଷିତର ଟାଣପଣକୁ । ନିଜର ସମସ୍ତ ଶକ୍ତି ଖଟେଇ, ବାୟାଣୀ ପରି ଦୁଇ ହାତରେ ମୁଠେଇ ଧରିଲା ପରୀକ୍ଷିତର ଜୀବିନାଡ଼ୀକୁ । ଏବଂ, ଏତେ ଶକ୍ତିଶାଳୀ ପୁରୁଷଟି ଶକ୍ତିର ତୋଡ଼ ସମ୍ଭାଳି ନ ପାରି ଗଛ କାଟିଲା ପରି ଅଚେତ ହୋଇ ପଡ଼ିଗଲା ଦାଣ୍ଡ ମଝିରେ । କିଛି ସମୟ ପରେ ଅବଶ୍ୟ ଚେତାପାଇ ସେ ପୁଣି ମାଡ଼ି ଆସୁଥିଲା କେତୀ ପାଖକୁ, ତାକୁ ଜୀବନରେ ଶେଷ କରିଦେବାପାଇଁ ।

ଦାଣ୍ଡମଝିରେ ଚାଲିଥିବା ଏ ମହାନାଟକର ପ୍ରତ୍ୟେକ ମୁହୂର୍ତ୍ତକୁ ପୂର୍ଣ୍ଣପ୍ରାଣରେ ଉପଭୋଗ କରୁଥିବା ଦେଖଣାହରୀମାନଙ୍କ ମଧ୍ୟରୁ କେତେଜଣ ଏକ ଭୟଂକର ଭବିଷ୍ୟତର ସମ୍ଭାବନାରେ ଆତଙ୍କିତ ହୋଇ ତାକୁ ଆୟତ୍ତ କରିଥିଲେ । ସେତେବେଳକୁ ଘାଏଲା ଅଥବା ବିଜିତା ବାଘୁଣୀ ପରି ଭାଗବତ ଘର ପିଣ୍ଡା ଉପରେ ବସି ଫଁ ଫଁ ହେଉଥାଏ କେତକୀ । ମାତ୍ର ତାର ଏ ଫଁ ଫଁ ଭାବ ବେଶି ସମୟ ରହିପାରିନଥିଲା । କିଛି ସମୟ ପରେ ତା'ର ଆତ୍ମବିଶ୍ୱାସ ପାଖରେ ବଡ଼ ଦୟନୀୟ ଭାବରେ ସେ ହାରିଯାଇଥିଲା । - ଯାହା ସେ ସ୍ୱପ୍ନରେ ବି କଳ୍ପନା କରିନଥିଲା ।

Digitized by PPRACHIN, SOA

ଚତୁରୀ କୁନୀ ନୂଆଉ ଚମତ୍କାର ଖେଳଟିଏ ଖେଳିଥିଲା ସେତେବେଳେ । ଜନ୍ମେଜୟ ଓରଫ ଜିତୁକୁ କାଖେଇ ଆଣି ସେ ଠାକୁର ଦାଣ୍ଡ ମଝିରେ ଠିଆ କରେଇଦେଲା । ପୁଅକୁ ଦେଖି, ବୋବକଦେବାପାଇଁ ଧାଇଁ ଆସୁଥିଲା କେତକୀ । ନୂଆଉ ତାକୁ ସେ ସୁଯୋଗ ଦେଲାନି । କହିଲା - ଦାରି, ସେଇଠି ଠିଆହେଇଥା', ଫଇସଲା ହେବା ପର୍ଯ୍ୟନ୍ତ । ତାପରେ ଭାଗବତଙ୍କୁ ସାକ୍ଷୀରଖି ଘୋଷଣା କରିଥିଲା - "ମୁଁ ଏଇଠି ବୃନ୍ଦାବତୀଙ୍କ ପାଖରେ ବସିଚି - ଜିତୁ ଯଦି ତୋ ପୁଅ, ଡାକ, ତୋ ପାଖକୁ ଗଲେ, ନେଇଯା'। ଯଦି ନ ଯାଏ - ଯା' ଚାଲିଯା' । ଆଉ ଏ ଗାଁ ଦାଣ୍ଡ କି ଘର ଦୁଆର ମୁହଁ ମାଡ଼ିବୁନି ।

ଉଭୟଙ୍କପାଇଁ ଏ ଘୋଷଣା ଥିଲା ଏକ ଭୟଂକର ଚାଲେଂଜ । ଗୋଟିଏ ପାଖରେ କୁନୀନୂଆଉ - ଜେଜିମା । ଆଉ ଗୋଟିଏ ପାଖରେ କେତକୀ- ବୋଉ । ମଝିରେ ପ୍ରାୟ ଦେଢ଼ ବର୍ଷ ବୟସର ଜିତୁ । କେହି ସାହସ କରି ତାକୁ ଜିତୁ ଜିତୁ ବୋଲି ଡାକି ନ ଥିଲେ । ମାତ୍ର ସମସ୍ତଙ୍କୁ ଚକିତକରି ଜିତୁ ଧୀରେ ଧୀରେ ଚାଲି ଆସିଥିଲା ନୂଆଉଙ୍କ ପାଖକୁ ।

ତାକୁ କାଖରେ ଧରି ଅସଂଖ୍ୟ ଚୁମାରେ ବିବ୍ରତ କରି ପକେଇଥିଲେ ନୂଆଉ । ଦୋଉଡ଼ି ଦୋଉଡ଼ି ଚାଲି ଯାଇଥିଲେ ଘର ଭିତରକୁ । ଏବଂ, ବିଚରା ଜିତୁ, ତାଂକ କାଂଧରେ ମୁଣ୍ଡ ରଖି ହସହସ ମୁହଁରେ ଅନିଷା କରୁଥିଲା କେତକୀକୁ । ତା'ପରେ ଦେଖଣାହାରୀମାନେ ଜଣ ଜଣ ହେଇ ଘରକୁ ଫେରିଯାଇଥିଲେ । ଠାକୁରଘର କାଂଥକୁ ଆଉଜି ହେଇ ବସିଥିଲା କେବଳ କେତକୀ । କେତେବେଳେ ସେ ଉଠି ଚାଲିଯାଇଥିଲା - କେହି ତାକୁ ଦେଖିନଥିଲେ ।

ପ୍ରାୟ ଦଶମାସ ପେଟରେ ଧରି, ଅନେକ ଯଂତ୍ରଣାକୁ ଶ୍ରଦ୍ଧାର ସହ ସ୍ୱୀକାର କରି, ପୃଥିବୀକୁ ଆଣିଥିବା ଭବିଷ୍ୟତର ଏ ପ୍ରତ୍ୟାଖ୍ୟାତ ଦିନଟି ସମ୍ଭବତଃ କେତୀ ଜୀବନରେ ଥିଲା କରୁଣତମ । ସେ ଝଡ଼ପରି ଆସିଥିଲା, ଝଡ଼ ସୃଷ୍ଟିକରି ଚାଲିଗଲା । ହେଲେ ଭଗବାନଙ୍କ ପାଖରେ କରିଥିବା ଶପଥକୁ ରଖିପାରି ନଥିଲା । ବେଳେ ବେଳେ ଗାଁକୁ ଆସୁଥିଲା । ଆସୁଥିଲା ରକ୍ତର ପ୍ରତୀକକୁ ଟିକିଏ ଦେଖିବାପାଇଁ । ମାତ୍ର ତାକୁ ଦେଖି ସମସ୍ତେ ମୁହଁମୋଡ଼ି ଦେଉଥିଲେ । ସମସ୍ତଙ୍କ ମୁହଁ ପୋଡ଼ିଥିବା ପୋଡ଼ାମୁହାଁର ମୁହଁକୁ କୋଉ ଅଲାଜୁକୀ ବା କାହିଁକି ସ୍ୱୀକାର କରିବ ? ନୁଚି ନୁଚି ଆମ ଘରକୁ ଆସୁଥିଲା । ବୋଉ ପାଖରେ ନିଜକୁ ଖୋଲିଦଉଥିଲା । କିଛି ଲୁହ ଓ କୋହରେ ବୋଉର ମାତୃତ୍ୱକୁ ଆର୍ଦ୍ର କରି ଫେରିଯାଉଥିଲା ବାଟରେ । ସଫଳ ହୋଇପାରୁନଥିଲା ।

କିଛିଦିନପରେ ନୂଆଉ ଜିତୁକୁ ତୁଳସୀପୁର ନେଇଯାଇଥିଲା। ଏକଥା ଜାଣିଲାପରେ ବିଚାରୀ ତୁଳସୀପୁର ଯାଇଥିଲା ମଝିରେ ମଝିରେ। ରାସ୍ତା ଉପରେ, ଘର କାନ୍ଥକଣରେ ନୁଚି ଠିଆ ହୋଇ ରହୁଥିଲା, ଜିତୁକୁ ଟିକିଏ ଦେଖିବାପାଇଁ।

Digitized by PPRACHIN, SOA

ମାତ୍ର ହାରି ଯାଇଥିଲା ନିଜ ଭିତରେ, ଅତି ଦୟନୀୟ ଭାବରେ ।

କେଉଁଠି ରହୁଥିଲା ସେ ? କେମିତି ଚଳୁଥିଲା, କ'ଣ କରୁଥିଲା - ତାହା ଅନେକଙ୍କପାଇଁ ଥିଲା ଗହନ ପ୍ରଶ୍ନ । ସେମାନେ କେତେ କେତେ କଥା କହୁଥିଲେ ତା' ବିଷୟରେ । ଏପରିକି ନିଜ ନିଜ ଆଖିରେ ତାକୁ ଦେଖିଥିବାର ପ୍ରମାଣ ମଧ୍ୟ ଦେଉଥିଲେ । ସେ କେତେବେଳେ କୋଉ ସୂତାକଳର ରେଜା, କେଉଁ ଅଫିସରଙ୍କ ଘରୋଇ ଚାକରାଣୀ, କେଉଁ ଅଫିସର ପିଅନ ତ, କେଉଁ ନାଚପାର୍ଟିର ହିରୋଇନ୍ ବେଶରେ ଉଭା ହେଉଥିଲା । ନାଚ, ଗୀତ, ଅଭିନୟ ଓ ରୂପ - ସବୁଥିରେ ସେ କାଳେ ଥିଲା ସ୍ୱତନ୍ତ୍ର । ମାତ୍ର ଅଧିକାଂଶ ବିଶ୍ୱାସ କରୁଥିଲେ - ତା'ର "ରାତିର ରାଣୀ"ର ରୂପାନ୍ତରକୁ । ଏତେ ସୁନ୍ଦରୀ ଓ ଚତୁରୀ ଡାଆଣୀ କେବେ କ'ଣ ନିଜକୁ ସଂସାରରେ ଅବିକ୍ଷତ ରଖିପାରେ ? ଏପରିକି ପରୀକ୍ଷିତ ଓ ଘରର ଅନ୍ୟମାନେ ତାର ପାଗଳାମିକୁ 'ଦାରିପଣ' ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଆତ୍ମବିଶ୍ୱାସର ସହ ଘୋଷଣା କରୁଥିଲେ । ତାକୁ କଟକ, ଭୁବନେଶ୍ୱର ରାସ୍ତାରେ କୋଉ ବାବୁମାନଙ୍କ ଗାଡ଼ି ପଛରେ ବସିଥିବାର ଦେଖୁଥିଲେ ଏବଂ ସେ ସେମାନଙ୍କୁ ଅଟକେଇ ପୁଅ ଓ ଘର କଥା ପଚାରୁଥଲା ବୋଲି କହୁଥିଲେ । କେତେକଙ୍କ ପକେଟରୁ ମିଳୁଥିବା ତାର ଚିଠିର ଠିକଣାରେ ଲେଖାଥିଲା - ଶ୍ରୀମତୀ କେତକୀ ଦେବୀ, ୩୯-ଚୌରଙ୍ଗ ଲେନ୍, ହାଡ଼କଟା ଗଳି, ବୋହୂବଜାର, କଲିକତା; ମାଲିସାହି, ହୋଟେଲ ପ୍ରିନ୍ସେସ୍, ଭୁବନେଶ୍ୱର ଏବଂ ଆଉରି କେତେ ଯାଗାରା ନାଆଁ । ସେ ଆଉ କତେକୀ ମିଶ୍ର କି ପୋଡ଼ାମୁହାଁ କେତୀ ନ ଥିଲା । କେତକୀ ଦେବୀ ରୂପରେ ସେ ସମର୍ଥ ପରୀକ୍ଷିତମାନଙ୍କ ପୌରୁଷକୁ ଆପଣାର ଅଦ୍ଭୁତ ଶକ୍ତିର ତେଜରେ ପରୀକ୍ଷା କରୁଥିଲା ଏବଂ ସଗର୍ବେ ଘୋଷଣା କରୁଥିଲା ସେମାନଙ୍କ କ୍ଳୁଗ୍ଣତାକୁ ।

ସେଇ କେତୋଟି ବର୍ଷରେ ନନାଂକ ପାରିବାରିକ ଜୀବନରେ ମଧ୍ୟ କମ୍ ପରିବର୍ତ୍ତନ ଘଟି ନଥିଲା । ନୀତିନିଷ୍ଠ ପରୀକ୍ଷିତ କେତୀର ସାନଭଉଣୀ ସେବତୀର ସେବାକୁ ସମ୍ମାନ ଦେଇଥିଲା । ସତକଥା କହିଲେ - କେତୀ ଗାଁ ଛାଡ଼ିବାର ମାତ୍ର କେତେ ମାସ ପରେ ନନା ନୂଆଉ ପୁଅର ରାଜକୀୟ ପୌରୁଷକୁ ଅସ୍ୱୀକର କରିବାକୁ ଉଚିତ ମଣି ନଥିଲେ । ସେମାନେ ଆଉ ଗାଁରେ ନ ରହି ତୁଳସୀପୁର ଚାଲି ଆସିଥିଲେ । ଏବଂ ଦ୍ୱିତୀୟ ବୋହୂ ସେବୀକୁ ସାଥିରେ ନେଇ ଆସିଥିଲେ ।

ପରୀକ୍ଷିତଙ୍କ ଜୀବନ ଓ ଆଚରଣ ଥିଲା ବେଶ୍ ପୌରୁଷଦୀପ୍ତ । ନିଜର ରାଜକୀୟତାକୁ ପ୍ରମାଣକରିବା ଉଦ୍ଦେଶରେ ସେ ଇଚ୍ଛାମତେ ଆପଣା ପୃଥିବୀଟେ ବୁଲା ବୃଷଭ କରି ଘୂରି ବୁଲିଥିଲେ । କୋଉ ଯାତ୍ରାଦଳରେ ଆଜି ହିରୋ ତ, କାଲି ମାନେଜର । ଆଜି କୋଉ ଦୋକାନରେ ଦଣ୍ଡିଦାର, ତ କାଲି ମାଲିକ । ଆଜି କୋଉ ରାଜନୀତିକ ଦଳର କର୍ମୀ ତ, କାଲି ପଦାଧିକାରୀ । ମଝିରେ ମଝିରେ ବର୍ଷେ ଛ'ମାସରେ ଦାଢ଼ି, ବାଳ ବଢ଼େଇ,

Digitized by PPRACHIN, SOA

ଖଣ୍ଡିଆ ଖାବରା ହେଇ ଘରକୁ ଫେରୁଥିଲା । ଭଲ ହୋଇଯିବା ପରେ ଉତ୍ଥାନ ହୋଇଯାଉଥିଲା କୋଉ ଛଟକରେ । ମାତ୍ର ସେଇ ଅଳପ କେଇ ଦିନର ରହଣି ଭିତରେ ସେବୀକୁ ନିଜର ପ୍ରଚଣ୍ଡ ପୌରୁଷର ତେଜରେ ପରିପୂର୍ଣ୍ଣ କରିଦେଇପାରିଥିଲା । ଫଳତଃ ମାତ୍ର ଛ'ବର୍ଷ ମଧ୍ୟରେ ଶ୍ରୀମତୀ ସେବତୀ ଚାରିଗୋଟି କନ୍ୟାରତ୍ନଂକୁ ପୃଥିବୀକୁ ଆଣିବାରେ ସମର୍ଥ ହୋଇଥିଲେ । ଝିଅ ଜନମ କରୁଥିବାରୁ ବିଚାରୀ ସେବତୀ, ନୂଆବୋଉ ଓ ପରୀକ୍ଷିତର ଦୌରାତ୍ମ୍ୟର ଯେ ଶିକାର ହେଉନଥିଲା – ଏ କଥା ନୁହେଁ । ମାତ୍ର ବିଚାରୀ ସମର୍ପିତା ପରି ସେମାନଙ୍କର ସକଳ ତାପକୁ ମଥାପାତି ସ୍ୱୀକାର କରୁଥିଲା । ଭବିଷ୍ୟତର ଏ ଦର୍ପରେ ଅତିଷ୍ଠ ହୋଇ ପଡ଼ିଲେ ନନା ନୂଆଉ । ଗାଁର ଜମି ଓ ବ୍ୟାଙ୍କରେ ସଞ୍ଚିତ ଟଂକା ସବୁକିଛି ଶେଷ ହୋଇଯାଇଥିଲା । ପ୍ରଥମେ ନନା ଓ ତାଙ୍କ ପରେ ପରେ ନୂଆଉ ପୃଥିବୀରେ ସେମାନଙ୍କ ରହଣି ଶେଷ କରିଥିଲେ । ଏବଂ, ନନା ଚାକିରି କରୁଥିବା ଓକିଲ ବାବୁଙ୍କ ପୁଅର ସୁଦୟାରୁ ସ୍ଥାନୀୟ ପୌରପାଳିକାରେ ଶ୍ରୀଯୁକ୍ତ ପରୀକ୍ଷିତ ପିଅନ ଚାକିରୀଟିଏ କରିପାରିଥିଲେ ।

ପରୀକ୍ଷିତ ବେଳେବେଳେ ମୋ ଆଗରେ ଠିଆ ହେଇଯାଏ । କେତେ ବୟସ ହେବ ତାକୁ ? ବୋଧହୁଏ ପଚାଶ ଟପିବଣି । ଝିଅ ପୁଅକୁ ବାହା କରି ଶ୍ୱଶୁର ହେବଣି, ନାତି ନାତୁଣୀ ଦେଖିବଣି । ସେଇ ଘର ଛାଡ଼ିବା ପରଠାରୁ ତା ସହିତ ଆଉ ଦେଖା ବି ହେଉନି । ମଝିରେ ନାନା କାମରେ କେତେଥର ତୁଳସୀପୁର ଯେ ନ ଯାଇଛି ଏ କଥା ନୁହେଁ । ତୁଳସୀପୁରରେ ପାଦ ଦେଲାମାତ୍ରେ ତା କଥା ମନେପଡ଼େ । ତା ଘରେ ମୁହଁମାରି ଆସିବାକୁ ଭାରି ଇଚ୍ଛାହୁଏ । ଯାଇପାରେନି । କେମିତି ଦିଶୁଥିବ ଏବେ ସେ ? ସେଇ ରାଜା ପରୀକ୍ଷିତ, ହିରୋ ପରି ! କେମିତି ?....

॥ ଚାରି ॥

ସେଇ ଅଶୋକ ଗଛମୂଳରେ ବସି କାହା ସହିତ କେତେ ସମୟ କଥା ହେଉଥିଲି ଜାଣିନି । ମୋ ଅନ୍ତରର ଅସ୍ପଷ୍ଟ କଥା ଶୁଣିଶୁଣି ସେମାନେ କ୍ଳାନ୍ତ ହୋଇ ସମ୍ଭବତଃ ଶୋଇପଡ଼ିଥିଲେ ସେତେବେଳକୁ ।

ସତୀର ଡାକରେ ନିଜ ପାଖକୁ ଫେରିଲି ।

ସେ ତାର ସ୍ୱାଭାବିକ ଶୈଳୀରେ କହୁଥାଏ – ହଇ ହେ, ଶୁଭୁଚି, ସେତିକିବେଳୁ ବସିଚ, ଆମେ ତମକୁ ତେଣେ ଚାହିଁଚୁ । କେତୀ କ'ଣ କଉଚିପା ।

ମୁଁ ପଚାରିଲି – କେତୀ ! କ'ଣ କହୁଛି ?

କଉଚି – ଆମ ଦୁହିଁଙ୍କୁ କାଲି ତୁଳସୀପୁର ଯିବାକୁ ପଡ଼ିବ ।

ମୁଁ ଭାବୁଚି – ତମେ ଯିବା ଉଚିତ । ମୁଁ ଯାଇଁ କ'ଣ କରିବି ?

ଭାବିଲି – ଏ ପୁଣି କି କଥା ! ତୁଳସୀପୁର, କେତେବାଟ, ପୁଣି ମତେ ଯିବାକୁ ହେବ ! ହାଇମାରି ପଚାରିଲି – କ'ଣ ପାଇଁ ?

Digitized by PPRACHIN, SOA

ସତୀ କହିଲା - ମୁଁ ଜାଣିନି । ତମକୁ ଯେମିତି ହେଲେ ଯିବାକୁ ହବ । ବୋହୂଟା ତମରି ଭରସାରେ ଆସିଚି। ତମେ ତା ଆଶାକୁ ଭାଂଗିଦବା ଉଚିତ ହବନି ।

ସତୀ ପଛରେ ଠିଆ ହେଇଥିଲା କେତୀ । କହିଲା - ମୋର ଜିତୁ କଥା ମନେପଡୁଚି କକା । ସେ ମୋତେ ଭାରି ଖୋଜୁଚି । ତମେ ଟିକେ ଦେଖା କରେଇ ଦିଅନ୍ତନି ତାକୁ ? ସେ ମୋତେ ବୋଉବୋଲି ଡାକିଦେଲେ, ତମେ ପଳେଇ ଆସିବ । ବେଶି ଦିନ ଅଟକେଇବିନି ।

କେତୀ ଆଉ କ'ଣ କହୁଥିଲା ଶୁଭିଲାନି । ସମଗ୍ର ପରିବେଶକୁ ସମାହିତ କରି ରଖିଥିଲା କେବଳ କିଛି କୋହ ଓ ଆବେଗ ।

ଏବଂ ଜୀବନରେ ନାରୀମାନଙ୍କ କାନ୍ଦକୁ ସବୁଠାରୁ ବେଶି ଭୟ କରୁଥିବା ମୋ' ପରି ଜଣେ ମହାବୀରର ତୁଣ୍ଡରୁ ତତ୍‌କ୍ଷଣାତ୍ ବାହାରି ଆସିଲା - ଠିକ୍ ଅଛି, ଯିବା । ମାତ୍ର ତୁ ତ ଏକା ଯାଇପାରନ୍ତୁ । ତା ସହ କଥା ହୋଇପାରନ୍ତୁ । ସେ ତୋ ପୁଅ । କେମିତି ଅଛି ସେ ? କ'ଣ କରୁଚି ଆଜିକାଲି ?

ମରଣ ନିଶ୍ଚିତ ବୋଲି ଜାଣି, ତଥାପି ଔଷଧ ଖାଇ ବଂଚିବାର ଆଶା ଓ ଆନନ୍ଦରେ ହସି ଦେଉଥିବା କର୍କଟ ରୋଗୀଟିଏ ପରି, ଆଖିର ଲୁହ ପୋଛି କେତୀ ସ୍ୱାଭାବିକ ସ୍ୱରରେ କହିଲା - ଏଇ ତିରିଶ ବତିଶ ବର୍ଷ ଭିତରେ ମୁଁ ତାକୁ କୋଳକୁ ଆଣିବାକୁ, ନା ଟିକିଏ ଦେଖିବାକୁ ଅନେକ ଚେଷ୍ଟାକରିଚି । ପାଖରୁ ବି ଦେଖିଚି । ହେଲେ ଡାକିପାରିନି ।

ପଚାରିଲି - କାଇଁକି, ଅସୁବିଧା କ'ଣ ହେଲା ?

– ସେ ଏତେ ବକଟେ ଥିଲାବେଳେ ତୁଳସୀପୁର ଯାଉଥିଲି । ମୋତେ ବଜାରର ରାସ୍ତା ଉପରେ ଦେଖିଲାମାତ୍ରେ ହିଁ ସେମାନେ ତାକୁ ଘର ଭିତରେ ରଖୁଥିଲେ । କେତେ ସମୟ ଆଉ ବଜାରଟା ଉପରେ ଠିଆ ହୋଇ ରହନ୍ତି ? ଫେରୁଥିଲି । ଗାଁକୁ ଯାଉଥିଲି । ବୋଉ ଆଉ ସେବତୀ ଝାଡୁରେ ମୋ ଦେହରୁ କଷ୍ଟ ଝାଡ଼ି ଦେଉଥିଲେ । ଆଉ କେମିତି ଯା'ନ୍ତି ଯେ ! ଜିତୁ ଇସ୍କୁଲରେ ପଢ଼ିଲା ବେଳେ ତାକୁ ଦେଖିବାକୁ ଯାଇଚି । ଇସ୍କୁଲ ଫାଟକ ପାଖରେ ଠିଆହେଇ ତାକୁ ଚିହ୍ନିଚି, ଦେଖିଚି । ଥରେ ଅଧେ ତା ବାପା ଆଖିରେ ଧରାପଡ଼ି ଛେଚାଖାଇଚି । ମାତ୍ର ତାକୁ - "ଜିତୁରେ ! ମୁଁ ତୋ ବୋଉ" ବୋଲି କହିପାରିନି । ସେ ଯଦି ମୋତେ ବୋଉ ନ ଡାକେ ? ଘରେ ଯଦି ଯାଇ ମୋ କଥା କହିଦିଏ ? ତାର କ୍ଷତି ହବ ବୋଲି ଚୁପ୍ ରହିଚି । କକା, ତାକୁ କେତେ ବର୍ଷ ହେଲା ଦେଖିନି । କେତେଥର ତୁଳସୀପୁର ଯାଇ ଫେରିଲିଣି । ପାଉନି । ସେ ତ ଆଉ ମଣିଷ ହେଇ ନାଇଁ । ପାଇବି କେମିତି ?

କ'ଣ ହେଇଚି ତାର ? ଭଲ ଅଛି ତ ? - ପଚାରିଲି ।

ସେ ଆଉ କିଛି କହିପାରିଲାନି । ସାନପିଲା ପରି ଭୋ ଭୋ ହେଇକାନ୍ଦିଲା । ମୁଁ ପଚାରିଲି - କଣ ହେଇଚି କଉନୁ ?

Digitized by PPRACHIN, SOA

ଭାରିକଣ୍ଠରେ କହିଲା – କ'ଣ କଇବି ସେବୁ କଥା କକା । ବାବା ବୋଉ ତାକୁ ଅତି ଗେହ୍ଲା କରୁଥିଲେ । ସେବତୀ ଘୃଣା କରୁଥିଲା । ଏମିତି ଏକ ପିଲାର ଭାଗ୍ୟ ଯାହାହୁଏ । ସେ ଭଲ ପଢୁନଥିଲା । ସ୍କୁଲକୁ ବି ଯାଉନଥିଲା । ବହିବସ୍ତାନୀ ଧରି ଘରୁ ଯାଉଥିଲା, ଆଉ ବାଟରେ ଖେଳାଖେଳି କରି ଫେରୁଥିଲା ପିଲାଂକ ସହିତ । ତାର ପଢ଼ାପଢ଼ିର ଖବର ବି କେହି ରଖୁନଥିଲେ । ମାଟ୍ରିକ୍ ପଢୁଥିଲାବେଳେ ତାର ଆଉ ଏକ ରୋଗ ବାହାରିଲା । ମଝିରେ ମଝିରେ କୁଆଡ଼େ ଦିନେ ଦିଇଦିନ ବାହାରେ ରହିଯାଉଥିଲା ଘରକୁ ଫେରୁନଥିଲା । ଦିନେ ଦିଇଦିନ, ମାସେ, ଦି'ମାସକୁ ବଢ଼ିଲା । ପଢ଼ା ଛାଡ଼ିଦେଲା । କୁଆଡ଼େ ନାଇଁ କୁଆଡ଼େ ଚାଲିଯାଉଥିଲା । ଫେରୁଥିଲା ଅନେକ ଦିନ ପରେ । ବାପା, ବୋଉ, ସେବତୀ ଆଉ ୟାଂକଠାରୁ କମ୍ ଗାଳିମାଡ଼ ଖାଉନଥିଲା । ପିଲାଟାର ଦୋଷ ନୁହେଁ କକା, ଦୋଷ ତାଂକ ବୁନିୟାଦିର, ରକ୍ତର ।

ଏକଥା କହିଲାବେଳେ କେତୀର ସ୍ୱରରେ ମୁଁ ଅନୁଭବ କରୁଥିଲି ଅଦ୍ଭୁତ ଦୃଢ଼ତା । ଅନ୍ତରର କୋହ ଯେପରି ରୂପାନ୍ତରିତ ହୋଇଯାଇଥିଲା ଗଭୀର ଆତ୍ମବିଶ୍ୱାସ ଓ ପ୍ରଚଣ୍ଡ ପ୍ରତିକ୍ରିୟାଶୀଳତାର ଲାଲ ହସରେ ।

ଛେପ ଢୋକି ସେ ପୁଣି କହିଲା – ସେତେବେଳେ ବୋଉ କ'ଣ କରୁଥିଲେ ଜାଣିଚ ? ଠାକୁର ପୂଜା କରୁଥିଲେ । ଠାକୁର ପୂଜା । ସେତିକି ଯେପରି ତାଙ୍କର କର୍ତ୍ତବ୍ୟ । ଏ ବାବାଂକ ପାଖରୁ ସେ ବାବା, ଏ ହୁକୁମଠାରୁ ସେ ହୁକୁମ, ଏ ମନ୍ଦିରରୁ ସେ ମଂଦିରକୁ ଯିବା ତାଂକର କାମ ଥିଲା । ଜାତକ ଦେଖାଇ ଗ୍ରହଶାନ୍ତି ହୋମ କରୁଥିଲେ ।

ଜିତୁ କୁଆଡ଼େ ଯାଉଥିଲା ଜାଣିଚ କକା ? ସେ ଯେପରି କାହାକୁ ଖୋଜୁଥିଲା । ଏବେ ବି ଖୋଜୁଚି । କାହାକୁ ଖୋଜୁଥିବ କହିଲ ? ମତେ, ତା ବୋଉ, ପୋଡ଼ାମୁହାଁ କେତୀକୁ । ନୁହେଁ ? ଏଥର ଯିବି ସିଧା ତା'ପାଖକୁ । କାହାକୁ ଡରିବିନି । ସେ, ପରୀକ୍ଷିତ କି ସେବତୀ, କେହି ମୋର କିଛି କରିପାରିବେନି । ଏଥର କିଛି କହିଲେ – ଛାଡ଼ିବିନି । ଜିତୁ ବି ମୋ କଥା ମାନିବ । କାଇଁକି ମାନିବନି ? ସେ ମୋରି ପେଟରୁ ଜନମ ହୋଇନି କି ? ତମେ ଖାଲି ଟିକିଏ...

ଟିକିଏ ପରେ ଅଟକି ଗଲା ଉଦଣ୍ଡୀ କେତୀର ତୁଣ୍ଡ ।

ସାହସ ଦେଇ ପଚାରିଲି – ମୁଁ କଣ କରିବି ?

ସେ କଣ କହିବାକୁ ଚାହୁଁଥିଲା କେଜାଣି ? କଥା ବଦଳେଇ କହିଲା – ନାଇଁ କିଛି ନାଇଁ କକା । କଥା କଣ କି – ଏବେ ସେ ଗୋଟାଏ ମଠରେ ଅଛି । କଉଟି ବାବାଜୀ ହବ । ଭାରି ବାବାଜୀ ହେଲାବାଲା । ତା' ବାବାଜୀ ଫାବାଜୀ ହବା ଖୋଇ ଛଡ଼େଇ ଦେବି । କେତକୀର ତାପ ସେ ଜାଣିନି । ତା ଦାଢ଼ି, ଆଉ ତା' ଗୁରୁଙ୍କ ଦାଢ଼ି ସବୁ ଓପାଡ଼ି ସଫାକରିଦେବି । ତାକୁ ଆଣିବି, ଆଣିବି, ଆଣିବି । ମୋ ପାଖରେ ଏବେ

Digitized by PPRACHIN, SOA

ନା, ବହୁତ ପଇସା ଅଛି । ତାକୁ ଆଣିବିତ, ବାହା କରିଦେବି । କନିଆ ବି ଠିକ୍ କରିଚି । ଭାରି ସୁଂଦରୀ । ଯୌତୁକ ଫୌତୁକ କିଛି ଆଣିବିନି । ତମେ ଆଉ ଖୁଡ଼ୀ ବାହାଘରକୁ ଯିବ । ମତେ ସେ ଖାଲି ବୋଉ ବୋଲି ଡାକୁ, ତା ପରେ ଯାଇଁ ଦେଖିବ ।

କକା, ଜିତୁ ମତେ କଣ ବୋଉ ବୋଲି ଡାକିବନି ? ତମେ ଜାଣିଚନା, ପିଲାବେଳେ ସେ ଖନେଇ ଖନେଇ ମୋତେ କଣ ବୋଲି ଡାକୁଥିଲା - ପୋଡ଼ାମୁହାଁ କେତୀ । ସେ ପୋଡ଼ାମୁହାଁ ଫୁଲେଇ ବୁଢ଼ୀ ପରା ତାକୁ ଶିଖେଇଥିଲା । ଆଉ ମୁଁ ତାକୁ ମାରିବାକୁ ଗୋଡ଼େଇଲେ - ହସି ହସି କୁଣ୍ଢେଇ ପକଉଥିଲା । କକା, ମୁଁ ସତରେ ପୋଡ଼ାମୁହାଁ, ଜିତୁ ପାଖରେ ବି !

ମାତ୍ର ଟିକିଏ ପୂର୍ବରୁ ଚମତ୍କାର ସ୍ୱପ୍ନରେ ପୁଲକିତ ହୋଇ ପଡୁଥିବା କେତୀର ହଠାତ୍ କ'ଣ ହେଲା କେଜାଣି, କଇଁ କଇଁ ହୋଇ କାନ୍ଦିଉଠିଲା । ତାର ମାତୃତ୍ୱ ପବିତ୍ର ଅଭିମାନରେ, ସମ୍ଭବତଃ, ଗଭୀର ଆତ୍ମବିଶ୍ୱାସରେ ଛଳ ଛଳ ହୋଇଉଠୁଥିଲା ।

ତାକୁ ଅଧିକ କିଛି କହିବାର ସୁଯୋଗ ନ ଦେଇ କହିଲି - ଚାଲ, ଯିବା । ସକାଳୁ ସକାଳୁ ବାହାରିଯିବାକୁ ପଡ଼ିବ ଯେ ।...

॥ ପାଞ୍ଚ ॥

ତା'ପରଦିନ ବଡ଼ିଭୋରୁ କେତକୀ ସାଂଗରେ ମୁଁ ବାହାରି ପଡ଼ିଥିଲି ତୁଳସୀପୁର । ପାଲଲହଡ଼ା ପରି ଏକ ଜଂଗଲୀ ରାଇଜରୁ ତୁଳସୀପୁର ବସ୍‌ରେ ପ୍ରାୟ ଆଠ ଘଂଟାର ରାସ୍ତା । ସେଠି ପହଂଚିଲା ବେଳକୁ ମୁହଁସଞ୍ଜ । ଏଣେ ବସ୍‌ଷ୍ଟାଣ୍ଡରୁ ପ୍ରଶାନ୍ତି ଆଶ୍ରମର ଦୂରତା ଦୁଇ କିଲୋମିଟରରୁ ଅଧିକ । ଆଶ୍ରମ ସହିତ କେତକୀର ସଂପର୍କ ଥିଲା ବହୁଦିନର ଏବଂ ସମ୍ଭବତଃ ଜିତୁଇ ଥିଲା ଏ ସଂପର୍କର ସୂତ୍ରଧର । ଏ ସଂପର୍କ ଘୃଣା, ଭକ୍ତି କି ଭୟର– ଏକଥା ଜାଣିବାର ସୁଯୋଗ ନଥିଲା ମୋର । ଏପରିକି ଏତେ ଲଂବା ରାସ୍ତା ଆସିବା ଭିତରେ ସେ ମୋତେ ଏ ସଂପର୍କରେ ସୂଚନା ବି ଦେଇନଥିଲା । ସନ୍ତାନକୁ କୋଳେଇ ନେବାର ଆନନ୍ଦ ସମ୍ଭବତଃ ତାକୁ ନିର୍ବାକ କରିଦେଇଥିଲା ସେତିକିବେଳୁ ।

ଆଶ୍ରମରେ ଆମେ ପହଁଚିଲାବେଳକୁ ସଂଜ ଆଳତୀ ଶେଷ ହୋଇଥିଲା । ସବୁଆଡ଼େ ରାଜୁତି କରୁଥିଲା ଘନ ଅଂଧାର ଓ ଅସ୍ୱାଭାବିକ ନିରବତା । ସେଇ ଅଂଧାର ଭିତରେ, କେଉଁ ଏକ ଗଛତଳର ମଣ୍ଡପ ଉପରେ ବସିଥିଲେ ଜଟାଜୁଟ ଓ ଗେରୁଆ ବସ୍ତ୍ରଧାରୀ ଜଣେ ସୁଦର୍ଶନ ସନ୍ନ୍ୟାସୀ; ମଧ୍ୟବୟସ୍କ । ତାଂକୁ ଘେରି ରହିଥିଲେ ଅଳପ କେତେକ ଭକ୍ତ । ସମ୍ଭବତଃ ଅଂଗଲାଗି । ସେମାନଂକ ମଝିରେ ଶିଖା ଟେକି ଜଳୁଥିଲା ଏକ ଲଂଠନ । ସେମାନେ କଣ କଥା ହେଉଥିଲେ କେଜାଣି, କିଛି ଶୁଭୁନଥିଲା । ମାତ୍ର ମୁହଁମାନେ ସ୍ତିମିତ ଆଲୁଅ ଭିତରେ ଦୁଶୁଥିଲେ ସଂଶୟାଛନ୍ନ ।

Digitized by PPRACHIN, SOA

ମୁଁ ଧୀରେ ଧୀରେ ସେମାନଙ୍କ ନିକଟତର ହେଲି । ସନ୍ନ୍ୟାସୀଙ୍କୁ ନମସ୍କାର କଲି । ଏବଂ ହାତଯୋଡ଼ି ଠିଆ ହୋଇରହିଲି ମଣ୍ଡପ ତଳେ । ସେମାନଙ୍କ ମୁହଁରୁ ମୋ ପରି ଜଣେ ଅପରିଚିତର ବର୍ତ୍ତମାନକୁ ସହ୍ୟ କରି ନପାରିବାର ମାନସିକତା ବେଶ୍ ସ୍ପଷ୍ଟ ବାରି ହୋଇପଡୁଥିଲା ।

ମାତ୍ର ଲଂଠନର ସେଇ ଝାପ୍‌ସା ଆଲୁଅରେ ମୁଁ ଆବିଷ୍କାର କଲି ପରୀକ୍ଷିତକୁ । ବେଶ୍ ବୟସ୍କ ଦିଶୁଥିଲା ସେ । ଦାଢ଼ି ଭର୍ତ୍ତି ମୁହଁ, ଦେହରେ ଗେରୁଆ ଲୁଗା ।

ଆମ ଆଖିମାନେ ଏକାଠି ହୋଇଗଲା ପରେ, ମୋତେ ଚିହ୍ନିବାକୁ ତାକୁ ହୁଏତ କୌଣସି ସମସ୍ୟା ନ ଥିଲା । ଚାନ୍ଦିନି ଉପରୁ ସେ ଓହ୍ଲେଇ ଆସିଲା ତଳକୁ । ମୋତେ ନମସ୍କାର କଲା । ଏବଂ, ମୋର ଆକସ୍ମିକ ଉପସ୍ଥିତିକୁ ତଥାପି ବିଶ୍ୱାସ କରି ନପାରି ପଚାରିଲା – କକା, ତୁମେ ଏଠି ! ଏତେଦିନ ପରେ !!

ଏକ ସମୟରେ, ଏତେ ଗୁଡ଼ିଏ ପ୍ରଶ୍ନର ଉତ୍ତର ଦେବାକୁ ସମୟ ନ ଥିଲା ମୋପାଖରେ । ମାତ୍ର ହଠାତ୍ ମୋ ତୁଣ୍ଡରୁ ବାହାରି ଆସିଲା – ଆସିଥିଲି ତୋ ପାଖକୁ, ବାବାଙ୍କ ପାଖକୁ । ଘରୁ ଶୁଣିଲି ତୁ ଏଠି । ବୋହୂ ଅଟକୋଉଥିଲା । ମାତ୍ର ଏକ ସମୟରେ ଉଭୟଂକ ସହ ଦେଖା ହେବ ବୋଲି ସଙ୍ଗେସଙ୍ଗେ ଚାଲିଆସିଲି । ବଡ଼ି ସକାଳୁ ମତେ ଫେରିଯିବାକୁ ପଡ଼ିବ – ଏଥିପାଇଁ । ତାପରେ ଏକ ପବିତ୍ର ଭୂମିରେ ସାଧକଙ୍କର ସାନ୍ନିଧ- ଏକ ପବିତ୍ର ସଂଯୋଗ ନୁହେଁ କି ?

ଏତେ ସ୍ୱାଭାବିକ ଭାବରେ ଡାହାମିଛ କେମିତି ବକି ଯାଉଥିଲି, ସେକଥା ନିଜେ ବି ବିଶ୍ୱାସ କରିପାରୁ ନ ଥିଲି ।

ମୋ ସମ୍ପର୍କରେ ବାବାଙ୍କ ମାନସିକତାକୁ ଜାଣିବାପାଇଁ ତାଙ୍କ ଆଡ଼କୁ କଣେଇ ଚାହିଁଲି ଏବଂ ପରୀକ୍ଷିତକୁ ପୁଣି ପଚାରିଲି – ଜିତୁ କଥା ବୋହୂକୁ ପଚାରୁଥିଲି । ସେ କିଛି କହିଲାନି । ସେ କୋଉଠି ଏବେ ?

ମୋ ପ୍ରଶ୍ନରେ ଠୋ ଠୋ ହେଇ ହସିଉଠିଲା ପରୀକ୍ଷିତ । ହସ ନୁହେଁ ତ, ପାଗଳର ପ୍ରଳାପ । ହସର ଲହର ଭିତରେ କହିଲା, – "ଜିତୁ ! କୋଉ ଜିତୁ ? ପୋଡ଼ାମୁହାଁ କେତୀର ଗର୍ଭସମ୍ଭୂତ, ନା ପରୀକ୍ଷିତର ଔରସ ସନ୍ତାନ – ଜନ୍ମେଜୟ ? କିଏ ସେ ? ଜଣେ ପୋଡ଼ାମୁହାଁର ପେଟରୁ କେବଳ ତାରି ପରି ଜନ୍ତୁମାନେ ଜନ୍ମନିଅନ୍ତି । କୁଳାଂଗାର ।"

ପୁଣି ପଚାରିଲି – ସେମିତି କ'ଣ କହୁଚୁ ? କହୁନୁ, ସେ କୋଉଠି । ତାକୁ ଦେଖିବାର, ତା ବିଷୟରେ ଜାଣିବାର ଅଧିକାର କ'ଣ ମୋର ନାହିଁ ?

ମୋ କଥା ପରୀକ୍ଷିତକୁ କେମିତି ଲାଗିଲା କେଜାଣି, ସେ ପୁଣି ହସିବାକୁ ଆରମ୍ଭ କଲା ଏବଂ ତାର ଏ ହସ ଅଦ୍ଭୁତ ଭାବରେ ରୂପାନ୍ତରିତ ହୋଇଯାଉଥିଲା ଅବ୍ୟକ୍ତ କୋହରେ ।

Digitized by PPRACHIN, SOA

କହିଲା - କକା, ମୁଁ ତାକୁ ଇ ଖୋଜିବାକୁ ଆସିଛି । ସ୍ୱାମୀ ଅରୂପାନଂଦ ହିଁ ତା'ର ତ୍ରାଣକର୍ତ୍ତା । ତାଂକରି ସୁଦୟାରୁ, ପ୍ରାୟ ପାଂଚ ଛମାସର ଅଜ୍ଞାତବାସ ପରେ ଏଇ କିଛି ଦିନ ତଳେ ଏଠାକୁ ଆସିଥିଲା । ମୋର ବି ଦେଖାହୋଇଥିଲା ତା ସହିତ । ହେଲେ ଏଇ ଦି'ଦିନ ତଳେ ଏ ଜାଗା ଛାଡ଼ି କୁଆଡ଼େ ଚୋରଂକ ପରି ଚାଲିଯାଇଚି । ତା ବିରୋଧରେ ପୋଲିସର କେତେ ଅଭିଯୋଗ । ସେ କାଳେ ସନ୍ତ୍ରାସବାଦୀ, ଅବକାରୀ ପଦାର୍ଥର ବେପାରୀମାନଙ୍କର ହାତବାରିସି । କେତେ ହତ୍ୟା, ଧର୍ଷଣ ସହିତ ସେ କାଳେ ସଂପୃକ୍ତ । ତାରି ଯୋଗୁ ପୋଲିସ ଆଶ୍ରମକୁ ଖାନ୍‌ତଲାସ କରିଛି । ପୋଲିସ୍‌ର ବଜ୍ରାତ୍ ଆଖି ବାବାଂକୁ ସନ୍ଦେହ କରିଛି । ଆଶ୍ରମର ସବୁଥିରେ ସେ ହିଁ ଆଂଚ ଆଣିଚି । ସେ ମଣିଷ ନୁହେଁ କକା, ପାପୀ, ଆତ୍ମଘାତୀ, ଗୁରୁଦ୍ରୋହୀ, ପିତୃଦ୍ରୋହୀ । ସେ ନାହିଁ, ସେ ନଥିଲା କି ଆଉ ଆସିବନି । ସେ–

ସେଇଠି, ସେଇ ସେ– ପାଖରେ ଅଟକି ଗଲା ପରୀକ୍ଷିତ । ଜିତୁ ବିରୋଧରେ ତାର ଯାବତୀୟ ଅଭିଯୋଗ ସେଇଠୁ ଯେମିତି ଆରମ୍ଭ ହେବାକୁ ଯାଉଛି ।

ବିଚରା ଜିତୁର ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ମୁଁ କିଛି ଥଳକୂଳ ପାଉନଥିଲି । ତାର ଏ ଆକସ୍ମିକ ଆତ୍ମଗୋପନର କ'ଣ ବା କାରଣ ହୋଇପାରେ ? ଅନେକ ସରଳବିଶ୍ୱାସୀଙ୍କ ପରି ଜନ୍ମେଜୟଂକ ବାବାବେଶୀ ଏଇ ସ୍ୱାମୀ ଅରୂପାନଂଦ ନାମଧାରୀ ମାଫିଆ ସମ୍ରାଟଂକ ଦୀର୍ଘକାଳର ସଯତ୍ନ-ପାଳିତ ମୂଢ଼ ଯଜ୍ଞ-ପଶୁଟିଏ ହୋଇଯାଇନିତ !

ମୁଁ ପଛକୁ ଚାହିଁଲି । ଗଛ ଉହାଡ଼ରେ ନିଜର ବର୍ତ୍ତମାନକୁ ଲୁଚେଇ ରଖି ଜିତୁର ବୋଉ ଡାକର ସ୍ୱପ୍ନରେ ଆହ୍ଲାଦିତା କେତକୀ ଆଡ଼କୁ । ମାତ୍ର ବିଶ୍ୱାସ କରି ପାରିଲିନି ନିଜ ଆଖିକୁ ।

ଆଖିରୁ ଚଷମା ଖୋଲି ଲୁଗାକାନିରେ ମୋଟାକାଚକୁ ରଗଡ଼ି ପୋଛିଲି । କେତକୀର ଧଳା ଛାଇ ତଥାପି ମୋ ଆଖିରେ ଧରାଦେଲାନି । ମୋତେ ଏମିତି ଏକା ଛାଡ଼ିଦେଇ କୁଆଡ଼େ ତାହେଲେ ଅଦୃଶ୍ୟ ହେଇଗଲା କେତୀ ପାଗଳୀ ! ସତରେ କ'ଣ ସେ ଚାଲିଗଲା !!

ସ୍ୱାମୀ ଅରୂପାନଂଦ ଓ ପରୀକ୍ଷିତ ବସିଥିବା ଆସ୍ଥାନ ଆଡ଼କୁ ମୁହଁ ଫେରାଇଲି । ଅଶୋକ ଗଛ । ମାର୍ବଲ ପଥରରେ ତିଆରି ମଣ୍ଡପ । ଆସ୍ଥାନ । ସବୁଆଡ଼ - ମୋତେ ଅଂଧାର ଦୁଶିଲା କ୍ରମଶଃ ।

ଅନୁଭବ କଲି ସମଗ୍ର ସଂସାର ଯେପରି ଉଛୁଳି ଉଠୁଥିଲା ଦୁଇଟି ଶଢର ମହାମିଳନରେ - କେବଳ ଦୁଇଟି ଶଢ, ବୋଉଲୋ ଏବଂ ଜିତୁରେ ।

●●●

Digitized by PPRACHIN, SOA

ଅଳ୍ପ ଅଭିଧାରେ ଅନେକ ଅଭିବ୍ୟକ୍ତିର ଅନସ୍ୱୀକୃତ ଅନୁଚିନ୍ତକ : ଶ୍ରୀ ଗୌରାଙ୍ଗ ଚରଣ ଦାଶ ।

ଦୂରଦୃଷ୍ଟିର ଦ୍ରାଘିମାରେ ତାଙ୍କ ଗଦ୍ୟପୁରୁଷ ଏକ ସର୍ତ୍ତରହିତ ସତ୍‌ପୁରୁଷ, ମାତ୍ର ଅଂତର୍ଦୃଷ୍ଟିର ଅକ୍ଷାଂଶରେ ତାଙ୍କ ଗଳ୍ପପୁରୁଷ ଏକ ଆପୋଷଧର୍ମୀ ଆତ୍ମପୁରୁଷ ! ଏ ଆପୋଷ - ଘାସ ସହିତ ଫୁଲର, ପଉଷ ସହିତ ପତ୍ରର, ପାଉଁଶ ସହିତ ପ୍ରେମର ! ଅଜସ୍ର ରଂଗ, ସହସ୍ର ସଂଗ ମଧ୍ୟରେ ସେ ସେଇ ଶୂନ୍ୟକାଳର ଶୁନଃଶେଫ, ଯିଏ ନିଜ ଅନାକାଂକ୍ଷିତ ଅଦୃଷ୍ଟ ଓ ଅନାବିଷ୍କୃତ ଅନାଗତର ମଧ୍ୟବିଂଦୁରେ ମାତ୍ରାତିରିକ୍ତ ଜୀବନ-ଜର୍ଜର !

ଶ୍ରୀ ଦାଶ ସୃଜ୍ୟମାଣ ଓଡ଼ିଆ ଗଳ୍ପକ୍ଷେତ୍ରରେ ଯେତିକି ଆଧୁନିକ, ସେତିକି ବି ଅପାରଂପରିକ ।

'ଷଷ୍ଠସତୀ ଓ ଅନ୍ୟମାନେ' - ଶ୍ରୀ ଗୌରାଙ୍ଗ ଚରଣ ଦାଶଙ୍କ କାରୁଣିକ କଥାପୁରୁଷର କାଳୋତ୍ତୀର୍ଣ୍ଣ କାରୁକାର୍ଯ୍ୟ ।

Digitized by PPRACHIN, SOA